
# ପ୍ରସଙ୍ଗ

ଓ

ଅପରାଧ ନିବାରଣ ସପ୍ତାହ ବିଶେଷାଙ୍କ

ଅକ୍ଟୋବର, ୧୯୬୧






ଅପରାଧ ନିବାରଣ କରନ୍ତୁ
ଆଇନ୍ ପାଳନ କରନ୍ତୁ

# ଉତ୍କଳ ପ୍ରସଙ୍ଗ

ଅକ୍ଟୋବର ୧୯୭୧—କାର୍ତ୍ତିକ ୧୮୯୩
୨୮ଶ ଭାଗ—୩ୟ ସଂଖ୍ୟା

ସମ୍ପାଦକ: ପୂର୍ଣ୍ଣଚନ୍ଦ୍ର ହୋତା, ଆଇ. ଏ. ଏସ.,
ଲୋକସମ୍ପର୍କ ଓ ପର୍ଯ୍ୟଟନ ନିର୍ଦ୍ଦେଶକ, ଓଡ଼ିଶା

ସହକାରୀ ସମ୍ପାଦକ: ସମର ବିଳାସ ପଟ୍ଟନାୟକ, ସୂଚନା ଅଧିକାରୀ

ପ୍ରକାଶକ: ସ୍ୱରାଷ୍ଟ୍ର ବିଭାଗ, ଓଡ଼ିଶା ସରକାର

* * * * *


ଏ ସଂଖ୍ୟାରେ ପଢ଼ିବାକୁ ପାଇବେ:

୧ ବାପୁଜୀଙ୍କ ପ୍ରିୟତମ ଭଜନ
୩ ଜ୍ଞାନଦୀପ୍ତ ପଥପ୍ରଦର୍ଶକ
୭ ଗାନ୍ଧୀ ପରମ୍ପରା
୧୦ ଅନ୍ଧାରର ଗର୍ଭରେ
୧୫ ଅହିଂସା ଓ ବିଶ୍ୱଶାନ୍ତି
୧୮ ଅହିଂସାର ବାସ୍ତବ ରୂପ
୨୧ ବନ୍ଦୀର ବିଭାଗ ଓ ଅପରାଧ ନିବାରଣ
୨୫ ଅପରାଧ ନିବାରଣ
୨୭ ଆତ୍ମ ନିରୀକ୍ଷଣ ସପ୍ତାହ
୨୯ ଅପରାଧର ହେତୁ
୩୨ ଅପରାଧ ନିବାରଣରେ ଜନତାର ସହଯୋଗ
୩୫ ଓଡ଼ିଶାରେ ମୋଟର ଦୁର୍ଘଟଣା ଓ ସମାଜର ଆତ୍ମରକ୍ଷା
୩୮ ଲୋକ-ପ୍ରତ୍ୟୟ
୪୧ ଅପରାଧ ନିବାରଣ ଓ ସାମାଜିକ ବିଜ୍ଞାନ
୪୫ ଅପରାଧ ଓ ଦଣ୍ଡର ଅନ୍ତର୍ଦ୍ୱନ୍ଦ୍ୱ
୪୮ ଅପରାଧ ନିବାରଣ—ଏକ ସମୀକ୍ଷା
୫୧ ସମାଜବାଦୀ ଲାଲବାହାଦୂର
୫୫ ଓଡ଼ିଶାରେ ଆରକ୍ଷୀ ତାଲିମକେନ୍ଦ୍ର
୫୭ ଓଡ଼ିଶାରେ ଅପରାଧ
୬୨ ଗଣତାନ୍ତ୍ରିକ ବ୍ୟବସ୍ଥାରେ ସାମାଜିକ ପ୍ରତିରକ୍ଷା
୬୮ ପରୀକ୍ଷଣ ପରିକଳ୍ପନା ଓ ପରିବୀକ୍ଷା ଅଧିକାରୀଙ୍କ ଭୂମିକା
୭୨ ଅବେକ୍ଷା (ପ୍ରୋବେସନ) କ'ଣ ଓ କାହିଁକି ?
୭୭ ଅପରାଧ ନିବାରଣ ସପ୍ତାହର ଲକ୍ଷ୍ୟ
୭୯ ଗାନ୍ଧୀ ଦର୍ଶନ
୮୩ ବିଶ୍ୱନାଗରିକ ଗାନ୍ଧୀଜୀ
୮୭ ସର୍ବୋଦୟ ଓ ସାମ୍ୟବାଦ
୯୧ ସ୍ୱାସ୍ଥ୍ୟ ବିଭାଗ
୧୦୩ ସମ୍ବାଦପତ୍ର ସଂପାଦକଙ୍କ ପାଖକୁ
୧୦୫ ଜାତୀୟ ଅପରାଧ ନିବାରଣ ସପ୍ତାହ

ଓଡ଼ିଶା ସରକାରଙ୍କ ବିଭିନ୍ନ କାର୍ଯ୍ୟ, ସରକାରୀ ଘୋଷଣା ଓ ଅନ୍ୟାନ୍ୟ ଦରକାରୀ ତଥ୍ୟର ସଂକ୍ଷିପ୍ତ ବିବରଣ 'ଉତ୍କଳ ପ୍ରସଙ୍ଗ'ରେ ପ୍ରକାଶିତ ହୋଇଥାଏ । ଏହା ବ୍ୟତୀତ ଅନେକ ବିଷୟ ସଂକ୍ଷିପ୍ତ ଆକାରରେ ମଧ୍ୟ ଏହି ପତ୍ରିକାରେ ପ୍ରକାଶ କରାଯାଇଥାଏ । ସେଭଳି ବିଷୟକୁ ସଂପୂର୍ଣ୍ଣ ଓ ଅନୁମୋଦିତ ମୂଳ ପାଠ ବୋଲି ଭାବିବା ଉଚିତ ନୁହେଁ ।

'ଉତ୍କଳ ପ୍ରସଙ୍ଗ' ଓଡ଼ିଶା ସରକାରଙ୍କ ସ୍ୱରାଷ୍ଟ୍ର ବିଭାଗ ତରଫରୁ ପ୍ରକାଶ ପାଉଥିଲେ ସୁଦ୍ଧା ଏହି ପତ୍ରିକାରେ ପ୍ରକାଶିତ ମତାମତ ଓ ଚିନ୍ତାଧାରା ସବୁ ସବରେ ଓଡ଼ିଶା ସରକାରଙ୍କର ବୋଲି ବୁଝିବାକୁ ହେବ ନାହିଁ ।

ବାର୍ଷିକ ଗ୍ରାହକ
ପ୍ରତିଖଣ୍ଡର
ପ୍ରକାଶନ—



କାତର କନକ



# ଭାରତର ରାଷ୍ଟ୍ରପତିଙ୍କ
# ବାର୍ତ୍ତା

ରାଷ୍ଟ୍ରପତି ଭବନ
ନୂଆଦିଲ୍ଲୀ-୪
ଅଗଷ୍ଟ ୧୯, ୧୯୭୧

କେନ୍ଦ୍ର ତଦନ୍ତ ସଂସ୍ଥା, ୧୯୭୧ ଅକ୍ଟୋବର ମାସ ୧୦ ତାରିଖଠାରୁ ଜାତୀୟ ଅପରାଧ ନିବାରଣ ସପ୍ତାହ ପାଳନ କରୁଥିବାରୁ ମୁଁ ବିଶେଷ ଆନନ୍ଦିତ । ଯଦି ଆମେ ଏହି ସିଦ୍ଧାନ୍ତ ଗ୍ରହଣ କରୁଁ ଯେ, ଅପରାଧ ସାଧାରଣତଃ ଏକ ସାମାଜିକ ବ୍ୟାଧି, ତାହାହେଲେ ତାହାର ନିବାରଣ ବୃହତ୍ ତାତ୍ପର୍ଯ୍ୟ ଓ ଉଦ୍ଦେଶ୍ୟ ଧାରଣ କରିବ । ମୋର ଆଶା, ଏହି ଗୁରୁତ୍ୱପୂର୍ଣ୍ଣ ଦିଗ ପ୍ରତି ଶକ୍ତି ସଞ୍ଚାଳନ କରିବା ଛଡ଼ା ଏହି ସପ୍ତାହ ପାଳନ ସମାଜର ସୁରକ୍ଷା ନିମନ୍ତେ ଏକ ଫଳପ୍ରଦ ସ୍ୱୀକୃତ ଭାବରେ ସତର୍କତା ଉପରେ ଅଧିକତର ଛାପ ପକାଇବାରେ ସାହାଯ୍ୟ କରିବ । ମୁଁ ଏହି ଜାତୀୟ ଅପରାଧ ନିବାରଣ ସପ୍ତାହର ସାଫଲ୍ୟ କାମନା କରୁଛି ।

ଭି. ଭି. ଗିରି



## ଓଡ଼ିଶାବାସୀଙ୍କ ଉଦ୍ଦେଶ୍ୟରେ

# ନୂତନ ରାଜ୍ୟପାଳ
# ସର୍ଦ୍ଦାର ଯୋଗେନ୍ଦ୍ର ସିଂହଙ୍କ
# ବାର୍ତ୍ତା

ଆଜ (ତା ୨୦-୯-୧୯୭୧) ମୁଁ ଓଡ଼ିଶାର ରାଜ୍ୟପାଳ ରୂପେ ଶପଥ ନେଇ ମୋର ନୂତନ ଦାୟିତ୍ୱ ଗ୍ରହଣ କରିଛି । ମୋର ପୂର୍ବତନ ବନ୍ଧୁ ଡ. ଅନସାରି ଅସୁସ୍ଥତାବଶତଃ ଦୀର୍ଘ ୬ ମାସ ପାଇଁ ଛୁଟିରେ ଯାଉଥିବାରୁ ମୁଁ ଦୁଃଖିତ । ସେ ଦ୍ରୁତ ଆରୋଗ୍ୟ ଲାଭ କରନ୍ତୁ—ଏହାହିଁ ମୋର କାମନା ।

ବାସ୍ତବିକ ବଡ଼ ଦୁର୍ଭାଗ୍ୟର ବିଷୟ ଯେ ଆମ ଦେଶ ବନ୍ୟା ଓ ମରୁଡ଼ି ଭଳି ପ୍ରାକୃତିକ ଦୁର୍ବିପାକଦ୍ୱାରା ପୀଡ଼ିତ ହୋଇଛି ଏବଂ ତାହା ସାଙ୍ଗକୁ ବଙ୍ଗଳା ଦେଶରୁ ବହୁ ସଂଖ୍ୟକ ଆଶ୍ରୟପ୍ରାର୍ଥୀ ଆମ ଦେଶକୁ ଆସିଛନ୍ତି । ଓଡ଼ିଶା ମଧ୍ୟ ଏସବୁ ଅସୁବିଧାରୁ ରକ୍ଷା ପାଇନାହିଁ ଏବଂ ବନ୍ୟା ଫଳରେ କେତେକ ଅଞ୍ଚଳରେ ଫସଲ ପୂର୍ଣ୍ଣମାତ୍ରାରେ ନଷ୍ଟ ହୋଇଯାଇଛି । ମରୁଡ଼ି ଯୋଗୁଁ ଆଉ କେତେକ ଅଞ୍ଚଳରେ ମଧ୍ୟ ଫସଲ ନଷ୍ଟ ହୋଇଛି । କ୍ଷୟ-କ୍ଷତିର ପରିମାଣ ସ୍ୱଚକ୍ଷୁରେ ଦେଖିଆସିବା ପାଇଁ ମୁଁ ଖୁବ୍ ଶୀଘ୍ର ଏହିସବୁ ଅଞ୍ଚଳ ପରିଦର୍ଶନରେ ଯିବି ।

ମୁଁ ଯେଉଁ ରାଜ୍ୟକୁ ଆସିଛି, ତାହାର କଳା ଓ ସଂସ୍କୃତିର ପରମ୍ପରା ଅତ୍ୟନ୍ତ ଉନ୍ନତ । ଏଠାରେ ଭାସ୍କର୍ଯ୍ୟପୂର୍ଣ୍ଣ ବିଶାଳ ମନ୍ଦିରମାନ ଦେଶର ଶୋଭାବର୍ଦ୍ଧନ କରୁଛି ଏବଂ ଯେଉଁ ଚଣ୍ଡାଶୋକ ଏଠାରେ ଧର୍ମାଶୋକରେ ପରିଣତ ହୋଇଥିଲେ ତାଙ୍କର ବାଣୀ ବହୁ ଯୁଗବ୍ୟାପୀ ଆମମାନଙ୍କୁ ଉଦ୍‌ବୁଦ୍ଧ କରିଆସୁଛି । ଏହି ରାଜ୍ୟର ଅଧିବାସୀମାନେ ସାହସିକତାର ଗୌରବମୟ ପରମ୍ପରାର ଅଧିକାରୀ । ସେମାନଙ୍କର ଏହି ସାହସିକ ପ୍ରବୃତ୍ତି ବର୍ତ୍ତମାନ ରଚନାତ୍ମକ ତଥା ଦେଶ ଗଠନକାରୀ କାର୍ଯ୍ୟକଳାପରେ ପ୍ରକଟିତ ହେବା ବିଶେଷ ଆବଶ୍ୟକ ।



# ଓଡ଼ିଶାର ରାଜ୍ୟପାଳଙ୍କ ବାର୍ତ୍ତା

ରାଜଭବନ
ଭୁବନେଶ୍ୱର
ସେପ୍ଟେମ୍ବର ୪, ୧୯

ଅକ୍ଟୋବର ୧୦ ତାରିଖଠାରୁ ୧୬ ତାରିଖ ପର୍ଯ୍ୟନ୍ତ ଭାରତବର୍ଷରେ ଜାତୀୟ ଅପରାଧ ନିବାରଣ ସପ୍ତା ପାଳିତ ହେଉଅଛି । ସେହି ଉପଲକ୍ଷେ ଲୋକସମ୍ପର୍କ ନିର୍ଦ୍ଦେଶକ "ଉତ୍କଳ ପ୍ରସଙ୍ଗ"ର ଏକ ବିଶେଷ ସଂଖ୍ ପ୍ରକାଶ କରୁଥିବା ଜାଣି ମୁଁ ଖୁସି ହେଲି ।

ଏହି ସପ୍ତାହର ମୂଳ ଲକ୍ଷ୍ୟ ହେଉଛି, 'ପୋଲିସ କଳର ଗତି ଓ ପଦ୍ଧତି ଜନସାଧାରଣଙ୍କୁ ଦେଖାଇବା, କିପରି ଏହା ଅପରାଧ ବିରୁଦ୍ଧରେ ଲଢ଼ୁଛି ଏବଂ ଆସାମୀମାନଙ୍କୁ ନ୍ୟାୟ ବିଚାର ପାଇଁ ପଠାଉଛି, ତା ଜଣାଇବା ଏବଂ ତାହାଁ ସଙ୍ଗେ ସଙ୍ଗେ ଏହା କାହିଁକି ବେଳେ ବେଳେ ବିଫଳ ହେଉଛି, ସେସବୁର କାର ବୁଝାଇବା । ଏହା ଆଶା କରାଯାଉଛି ଯେ, ଏହି ସପ୍ତାହ ପାଳନରୁ ଜନସାଧାରଣ ପୋଲିସ ଓ ପୋଲିସ କ ସମ୍ବନ୍ଧରେ କିଛି ଧାରଣା ଲାଭ କରିବେ । ଏହା ପୋଲିସ ଓ ଜନସାଧାରଣଙ୍କୁ ନିକଟତର କରିବ ଏବଂ ଅପ ପ୍ରତିରୋଧର ଏକ ସମ୍ମିଳିତ ଯୋଜନା ପ୍ରଣୟନରେ ସହାୟକ ହେବ । ଲୋକଙ୍କ ପାଇଁ ପୋଲିସ, ଲୋକଙ୍କ ପୋଲିସ, ଇତ୍ୟାଦି ମନ୍ତବ୍ୟ ପ୍ରତି ଜନସାଧାରଣଙ୍କର ବିଶ୍ୱାସ ବୃଦ୍ଧି କରିବାରେ ମଧ୍ୟ ଏହା ସାହା କରିବ ।

ଓଡ଼ିଶାରେ ଏହି ସପ୍ତାହର ସୁବ୍ୟବସ୍ଥିତ ପାଳନ ନିମନ୍ତେ ମୁଁ ଆନ୍ତରିକ କାମନା କରୁଛି ।

ଏସ୍. ଏସ୍. ଆନ୍ସାରୀ



# ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା

ସମଗ୍ର ଦେଶରେ ୧୯୭୧ ଅକ୍ଟୋବର ଦଶ ତାରିଖ ଠାରୁ ଅକ୍ଟୋବର ଷୋହଳ ତାରିଖ ପର୍ଯ୍ୟନ୍ତ ଅପରାଧ ନିବାରଣ ସପ୍ତାହ ପାଳିତ ହେଉଥିବା ଜାଣି ମୁଁ ଆନନ୍ଦିତ । ରାଜ୍ୟସରକାରଙ୍କ ସ୍ୱରାଷ୍ଟ୍ର ବିଭାଗ ଓ ଆରକ୍ଷୀ ମହାନିରୀକ୍ଷକ ଆମ ରାଜ୍ୟରେ ଏହି ସପ୍ତାହ ପାଳନ କରିବାପାଇଁ ସମସ୍ତ ଆୟୋଜନ କରିଛନ୍ତି ।

ଅପରାଧୀଙ୍କୁ ଧରିବା ଅପେକ୍ଷା ଅପରାଧ ନିବାରଣ କରିବା ଅଧିକ ଗୁରୁତ୍ୱପୂର୍ଣ୍ଣ । ସମାଜରେ ଅପରାଧ ଯେପରି କମ୍ ହେବ, ସେଥିପାଇଁ ଅନୁକୂଳ ପରିସ୍ଥିତି ସୃଷ୍ଟି କରିବା ଆମର ଶାସକ ଗୋଷ୍ଠୀ, ଆମର ଯୋଜନା ଦାୟିତ୍ୱରେ ଥିବା ବ୍ୟକ୍ତିବିଶେଷ ଓ ଆଇନ ଶୃଙ୍ଖଳା ରକ୍ଷାକରିବା ଦାୟିତ୍ୱରେ ଥିବା କର୍ମଚାରୀମାନଙ୍କର ଅବଶ୍ୟ କର୍ତ୍ତବ୍ୟ । ମଣିଷର ଚରିତ୍ର ଯେପରି ଭାବରେ ଗଠିତ ହୋଇଛି, ସେଥିରେ ସମାଜରୁ ଅପରାଧ ସମ୍ପୂର୍ଣ୍ଣରୂପେ ମୂଳପୋଛ କରିବା ହୁଏତ ଅସମ୍ଭବ । ବ୍ୟକ୍ତିବିଶେଷଙ୍କ ଦାୟିତ୍ୱ-ବୋଧ ତଥା ନାଗରିକମାନଙ୍କ ଜନମାନର କର୍ତ୍ତବ୍ୟବୋଧ ଥିବା ଶୃଙ୍ଖଳିତ ସମାଜରେ ମଧ୍ୟ ଅପରାଧ ସଂପୂର୍ଣ୍ଣରୂପେ ନିବାରଣ କରାଯାଇ ପାରିନାହିଁ ।

ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ଅପରାଧ ନିବାରଣ ପୋଲିସ୍ ଓ ମାଜିଷ୍ଟ୍ରେଟ୍‌ମାନଙ୍କର ସରକାରୀ ଦାୟିତ୍ୱ ହୋଇପାରେ ; କିନ୍ତୁ ପ୍ରକୃତରେ ଏହା ପ୍ରତ୍ୟେକ ନାଗରିକର କର୍ତ୍ତବ୍ୟ । ଗଣତାନ୍ତ୍ରିକ ଶାସନ ଶକ୍ତି ଉପରେ ପ୍ରତିଷ୍ଠିତ ନୁହେଁ ; ଏହା ଲୋକମତ ଉପରେ ପ୍ରତିଷ୍ଠିତ । ନାଗରିକଗଣ ଯେପରି ଭାବରେ ଅପରାଧ ନିବାରଣପାଇଁ ସେମାନଙ୍କର ଦାୟିତ୍ୱ ହୃଦୟଙ୍ଗମ କରିବେ, ସେପରି ଭାବରେ ଅପରାଧ ନିବାରଣ ସମ୍ଭବପର ହୋଇପାରିବ । ଆଇନ୍ ଶୃଙ୍ଖଳା ଦାୟିତ୍ୱରେ ଥିବା ସରକାରୀ କର୍ମଚାରୀଗଣ ଅପରାଧ ନିବାରଣ ପାଇଁ ସାଧାରଣ ନାଗରିକର ସାହାଯ୍ୟ ଓ ସହଯୋଗ କାମନା କରିବା ଦରକାର । ଆସନ୍ତୁ ଅପରାଧ ନିବାରଣ ସପ୍ତାହରେ ସାମାଜିକ ସୁରକ୍ଷାର ଏହି ଦିଗ ପ୍ରତି ମୁଁ ଆପଣମାନଙ୍କ ଦୃଷ୍ଟି ଆକର୍ଷଣ କରୁଛି ।

ଜୟହିନ୍ଦ୍

ବିଶ୍ୱନାଥ ଦାସ

କେନ୍ଦ୍ର ସରକାର ତଥା ଆମର ମହୀୟସୀ ପ୍ରଧାନ ମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଯେଉଁ ପ୍ରଧାନ ନୀତିକୁ ଭିତ୍ତି କରି କାର୍ଯ୍ୟ କରୁଛନ୍ତି ତାହା ହେଉଛି 'ଗରିବୀ ହଟାଓ' । ମୁଁ ମଧ୍ୟ ଏହି ନୀତିର ଜଣେ ଦୃଢ଼ ସମର୍ଥକ । ଯଦି ଯୋଜନା ପ୍ରଣୟନ କରି ଓ ଦୃଢ଼ ଉଦ୍ୟମ କରି ଆମେ ଆମ୍ଭମାନଙ୍କ ମଧ୍ୟରୁ ଦାରିଦ୍ର୍ୟ ଦୂର ନ କରୁ, ତାହାହେଲେ ଆଜି ଯାହା କିଛି ହାସଲ କରିବା ତାହା ମୂଲ୍ୟହୀନ ହୋଇ ଯାଇପାରେ ।

ଆଧୁନିକ ବୈଜ୍ଞାନିକ ପଦ୍ଧତି ଅବଲମ୍ବନ କରି ବିଭିନ୍ନ ପର୍ଯ୍ୟାୟରେ କୃଷିର ଉନ୍ନତିବିଧାନ କରିବାକୁ ହେବ ଏବଂ ସେଥି ସଙ୍ଗେ ସଙ୍ଗେ କୃଷିର ସହାୟକ ହେବାଭଳି ବିଭିନ୍ନ ପ୍ରକାରର କ୍ଷୁଦ୍ର ଶିଳ୍ପର ବ୍ୟାପକ ପ୍ରସାର ଘଟାଇବାକୁ ପଡ଼ିବ । ତାହାହେଲେ ବୈଜ୍ଞାନିକ ପଦ୍ଧତିରେ ହେଉଥିବା କୃଷି ଓ ଶିଳ୍ପ ଏବଂ କ୍ଷୁଦ୍ର ଶିଳ୍ପର ସମ୍ମିଶ୍ରଣରେ ଏ ରାଜ୍ୟର ରୂପ ବଦଳିଯିବ । ଏହା ଅର୍ଥ ନୁହେଁ ଯେ ଶିଳ୍ପ ଓ ବ୍ୟବସାୟଗତ ବିରାଟ ଉଦ୍ୟୋଗଗୁଡ଼ିକ ପ୍ରତି ଗୁରୁତ୍ୱ କମାଇ ଦେବା । କିନ୍ତୁ ଜନସାଧାରଣଙ୍କ ଜୀବନଯାପନ ପ୍ରଣାଳୀକୁ ପ୍ରତ୍ୟେକ ପ୍ରସଙ୍ଗରେ ଉନ୍ନତ କରିବା ପାଇଁ ଆମର ଗାଁଗଣ୍ଡା ଓ ସହରମାନଙ୍କରେ ବ୍ୟାପକଭାବରେ ଶିଳ୍ପ ପ୍ରସାରର ପ୍ରବୃତ୍ତି ସୃଷ୍ଟି କରିବାକୁ ହେବ । ଓଡ଼ିଶା ଏ ଦିଗରେ ଅଗ୍ରଗତି କରିଛି । ମୋର ବିଶ୍ୱାସ, ରାଜ୍ୟ ଅର୍ଥନୀତିକୁ ଉନ୍ନତ କରିବା ନିମନ୍ତେ ଭବିଷ୍ୟତ ପାଇଁ ଏ ସବୁ କାର୍ଯ୍ୟକୁ ଅଧିକ ଜୋରସୋରରେ ଚାଲୁ ରଖିବାକୁ ହେବ ।

ବୈଜ୍ଞାନିକ ପଦ୍ଧତି ଅନୁସରଣ କରି କୃଷି ଓ ଶିଳ୍ପ କ୍ଷେତ୍ରରେ ଦେଶର ରୂପ ବଦଳାଇ ଦେବା ପାଇଁ ଆମ୍ଭେମାନେ ଯେଉଁ ଲକ୍ଷ୍ୟ ରଖିଛୁ ତାହା ହାସଲ କରିବାରେ ଓଡ଼ିଶାର ଜନସାଧାରଣ ତଥା ମୋର ମନ୍ତ୍ରୀପରିଷଦ ମୋତେ ସର୍ବପ୍ରକାର ସାହାଯ୍ୟ-ସହଯୋଗ ଦେବେ ବୋଲି ମୋର ଦୃଢ଼ ବିଶ୍ୱାସ ।

ମୁଁ ଏ ରାଜ୍ୟ ତଥା ରାଜ୍ୟ ଅଧିବାସୀମାନଙ୍କ ମଙ୍ଗଳ କାମନା କରୁଛି ।

ଜୟହିନ୍ଦ୍



# ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା

ସମଗ୍ର ଦେଶରେ ୧୯୭୧ ଅକ୍ଟୋବର ଦଶ ତାରିଖ ଠାରୁ ଅକ୍ଟୋବର ଷୋହଳ ତାରିଖ ପର୍ଯ୍ୟନ୍ତ ଅପରାଧ ନିବାରଣ ସପ୍ତାହ ପାଳିତ ହେଉଥିବା ଜାଣି ମୁଁ ଆନନ୍ଦିତ । ରାଜ୍ୟସରକାରଙ୍କ ସ୍ୱରାଷ୍ଟ୍ର ବିଭାଗ ଓ ଆରକ୍ଷୀ ମହାନିରୀକ୍ଷକ ଆମ ରାଜ୍ୟରେ ଏହି ସପ୍ତାହ ପାଳନ କରିବାପାଇଁ ସମସ୍ତ ଆୟୋଜନ କରିଛନ୍ତି ।

ଅପରାଧୀକୁ ଧରିବା ଅପେକ୍ଷା ଅପରାଧ ନିବାରଣ କରିବା ଅଧିକ ଗୁରୁତ୍ୱପୂର୍ଣ୍ଣ । ସମାଜରେ ଅପରାଧ ଯେପରି କମ୍ ହେବ, ସେଥିପାଇଁ ଅନୁକୂଳ ପରିସ୍ଥିତି ସୃଷ୍ଟି କରିବା ଆମର ଶାସକ ଗୋଷ୍ଠୀ, ଆମର ଯୋଜନା ଦାୟିତ୍ୱରେ ଥିବା ବ୍ୟକ୍ତିବିଶେଷ ଓ ଆଇନ ଶୃଙ୍ଖଳା ରକ୍ଷାକରିବା ଦାୟିତ୍ୱରେ ଥିବା କର୍ମକର୍ତ୍ତାମାନଙ୍କର ଅବଶ୍ୟ କର୍ତ୍ତବ୍ୟ । ମଣିଷର ଚରିତ୍ର ଯେପରି ଭାବରେ ଗଠିତ ହୋଇଛି, ସେଥିରେ ସମାଜରୁ ଅପରାଧ ସମ୍ପୂର୍ଣ୍ଣରୂପେ ମୂଳପୋଛ କରିବା ପ୍ରାୟତ ଅସମ୍ଭବ । ବ୍ୟକ୍ତିବିଶେଷଙ୍କ ଦାୟିତ୍ୱବୋଧ ତଥା ନାଗରିକମାନଙ୍କ ଭିତରେ କର୍ତ୍ତବ୍ୟବୋଧ ଥିବା ଶୃଙ୍ଖଳିତ ସମାଜରେ ମଧ୍ୟ ଅପରାଧ ସମ୍ପୂର୍ଣ୍ଣରୂପେ ନିବାରଣ କରାଯାଇ ପାରିନାହିଁ ।

ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ଅପରାଧ ନିବାରଣ ପୋଲିସ୍ ଓ ମାଜିଷ୍ଟ୍ରେଟ୍‌ମାନଙ୍କର ସରକାରୀ ଦାୟିତ୍ୱ ହୋଇପାରେ ; କିନ୍ତୁ ପ୍ରକୃତରେ ଏହା ପ୍ରତ୍ୟେକ ନାଗରିକର କର୍ତ୍ତବ୍ୟ । ଗଣତାନ୍ତ୍ରିକ ଶାସନ ଶକ୍ତି ଉପରେ ପ୍ରତିଷ୍ଠିତ ନୁହେଁ ; ଏହା ଲୋକମତ ଉପରେ ପ୍ରତିଷ୍ଠିତ । ନାଗରିକଗଣ ଯେପରି ଭାବରେ ଅପରାଧ ନିବାରଣପାଇଁ ସେମାନଙ୍କର ଦାୟିତ୍ୱ ହୃଦୟଙ୍ଗମ କରିବେ, ସେପରି ଭାବରେ ଅପରାଧ ନିବାରଣ ସମ୍ଭବପର ହୋଇପାରିବ । ଆଇନ୍ ଶୃଙ୍ଖଳା ଦାୟିତ୍ୱରେ ଥିବା ସରକାରୀ କର୍ମକର୍ତ୍ତାଗଣ ଅପରାଧ ନିବାରଣ ପାଇଁ ସାଧାରଣ ନାଗରିକର ସାହାଯ୍ୟ ଓ ସହଯୋଗ କାମନା କରିବା ଦରକାର । ଆଗାମୀ ଅପରାଧ ନିବାରଣ ସପ୍ତାହରେ ସାମାଜିକ ସୁରକ୍ଷାର ଏହି ଦିଗ ପ୍ରତି ମୁଁ ଆପଣମାନଙ୍କ ଦୃଷ୍ଟି ଆକର୍ଷଣ କରୁଛି ।

ଜୟହିନ୍ଦ୍

ବିଶ୍ୱନାଥ ଦାସ

ଭାରତ ସରକାର ତଥା ଆମର ମନସ୍ୱିନୀ ପ୍ରଧାନ ମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଯେଉଁ ପ୍ରଧାନ ନୀତିକୁ ଭିତ୍ତି କରି କାର୍ଯ୍ୟ କରୁଛନ୍ତି ତାହା ହେଉଛି 'ଗରିବୀ ହଟାଓ' । ମୁଁ ମଧ୍ୟ ଏହି ନୀତିର ଜଣେ ଦୃଢ଼ ସମର୍ଥକ । ଯଦି ଯୋଜନା ପ୍ରଣୟନ କରି ଓ ଦୃଢ଼ ଉଦ୍ୟମ କରି ଆମେ ଆମମାନଙ୍କ ମଧ୍ୟରୁ ଦାରିଦ୍ର୍ୟ ଦୂର ନ କରୁ, ତାହାହେଲେ ଆମେ ଆଜି ଯାହା କିଛି ହାସଲ କରିବା ତାହା ମୂଲ୍ୟହୀନ ହୋଇ ଯାଇପାରେ ।

ଆଧୁନିକ ବୈଜ୍ଞାନିକ ପଦ୍ଧତି ଅବଲମ୍ବନ କରି ବିଭିନ୍ନ ପର୍ଯ୍ୟାୟରେ କୃଷିର ଉନ୍ନତିବିଧାନ କରିବାକୁ ହେବ ଏବଂ ସେଥି ସଙ୍ଗେ ସଙ୍ଗେ କୃଷିର ସହାୟକ ହେବାଭଳି ବିଭିନ୍ନ ପ୍ରକାରର କ୍ଷୁଦ୍ର ଶିଳ୍ପର ବ୍ୟାପକ ପ୍ରସାର ଘଟାଇବାକୁ ପଡ଼ିବ । ତାହାହେଲେ ବୈଜ୍ଞାନିକ ପଦ୍ଧତିରେ ହେଉଥିବା କୃଷି ଓ ଶିଳ୍ପ ଏବଂ କ୍ଷୁଦ୍ର ଶିଳ୍ପର ସମ୍ମିଶ୍ରଣରେ ଏ ରାଜ୍ୟର ରୂପ ବଦଳିଯିବ । ଏହା ଅର୍ଥ ନୁହେଁ ଯେ ଶିଳ୍ପ ଓ ବ୍ୟବସାୟଗତ ବଡ଼ବଡ଼ ଉଦ୍ୟୋଗଗୁଡ଼ିକ ପ୍ରତି ଗୁରୁତ୍ୱ କମାଇ ଦେବା । କିନ୍ତୁ ଜନସାଧାରଣଙ୍କ ଜୀବନଯାପନ ପ୍ରଣାଳୀକୁ ପ୍ରତ୍ୟେକ ପ୍ରଦେଶରେ ଉନ୍ନତ କରିବା ପାଇଁ ଆମର ଗାଁଗଣ୍ଡା ଓ ସହରମାନଙ୍କରେ ବ୍ୟାପକଭାବରେ ଶିଳ୍ପ ପ୍ରସାରର ଉନ୍ନତି ଉଦ୍ୟମ କରିବାକୁ ହେବ । ଓଡ଼ିଶା ଏ ଦିଗରେ ଅଗ୍ରଗତି କରିଛି । ମୋର ବିଶ୍ୱାସ, ରାଜ୍ୟ ଅର୍ଥନୀତିକୁ ଉନ୍ନତ କରିବା ନିମନ୍ତେ ଉଦ୍ଦିଷ୍ଟ ପାଇଁ ଏ ସବୁ କାର୍ଯ୍ୟକୁ ଅଧିକ ଜୋରସୋରରେ ଚାଲୁ ରଖିବାକୁ ହେବ ।

ବୈଜ୍ଞାନିକ ପଦ୍ଧତି ଅନୁସରଣ କରି କୃଷି ଓ ଶିଳ୍ପ କ୍ଷେତ୍ରରେ ଦେଶର ରୂପ ବଦଳାଇ ଦେବା ପାଇଁ ଆମ୍ଭେମାନେ ଯେଉଁ ଲକ୍ଷ୍ୟ ରଖିଛୁ ତାହା ହାସଲ କରିବାରେ ଓଡ଼ିଶାର ଜନସାଧାରଣ ତଥା ମୋର ମନ୍ତ୍ରୀ ପରିଷଦ ମୋତେ ସର୍ବପ୍ରକାର ସାହାଯ୍ୟ-ସହଯୋଗ ଦେବେ ବୋଲି ମୋର ଦୃଢ଼ ବିଶ୍ୱାସ ।

ମୁଁ ଏ ରାଜ୍ୟ ତଥା ରାଜ୍ୟ ଅଧିବାସୀମାନଙ୍କ ମଙ୍ଗଳ କାମନା କରୁଛି ।

ଜୟହିନ୍ଦ୍

## ସ୍ୱାସ୍ଥ୍ୟ, ଯୋଗାଣ, ଖଣି ଓ ଭୂତତ୍ତ୍ୱ ବିଭାଗ ମନ୍ତ୍ରୀ

# ଶ୍ରୀ ନୀଳମଣି ରାଉତରାୟଙ୍କ ବାର୍ତ୍ତା



ଆଗାମୀ ଅକ୍ଟୋବର ୧୦ ତାରିଖରୁ ୧୬ ତାରିଖ ପର୍ଯ୍ୟନ୍ତ ସମଗ୍ର ଦେଶରେ ଅପରାଧ ନିରୋଧ ସପ୍ତାହ ପାଳନ ଉପଲକ୍ଷେ 'ଉତ୍କଳ ପ୍ରସଙ୍ଗ'ର ଏକ ବିଶେଷ ସଂଖ୍ୟା ପ୍ରକାଶିତ ହେଉଥିବାର ଜାଣି ମୁଁ ବିଶେଷ ଆନନ୍ଦିତ ।

ଗଣତାନ୍ତ୍ରିକ ରାଷ୍ଟ୍ର ହେଉ ବା ଏକଛତ୍ରବାଦୀ ରାଷ୍ଟ୍ର ହେଉ, ଯେ କୌଣସି ରାଷ୍ଟ୍ରର ଅପରାଧ ନିବାରଣ ଦିଗରେ ଉପଯୁକ୍ତ ପ୍ରଚେଷ୍ଟା ନ ହେଲେ ପରିଣାମରେ ଜନସମାଜର ହିଁ କ୍ଷତି ଘଟିଥାଏ । ତେଣୁ ପ୍ରଶ୍ନ ହେଉଛି, ରାଷ୍ଟ୍ର କିପରି ଭାବରେ ଅପରାଧ ନିରୋଧ କରିବ ? ଏକଛତ୍ରବାଦୀ ସାମରିକ ଶାସନରେ ସମ୍ଭବତଃ ବନ୍ଧୁକ ମୁନରେ ଲୋକଙ୍କ ସ୍ୱାତନ୍ତ୍ର୍ୟ କରି ଅପରାଧ ନିରୋଧ କରିବା ଅପେକ୍ଷାକୃତ ସହଜ ହୋଇପାରେ । କିନ୍ତୁ ଆମ ଦେଶ ଭଳି ଏକ ଜନମଙ୍ଗଳ ରାଷ୍ଟ୍ରରେ ଏହା ସହଜ କଥା ନୁହେଁ । ପୋଲିସକୁ ସାଧାରଣତଃ ଆଇନ୍ ଓ ଶୃଙ୍ଖଳାର ରକ୍ଷାକର୍ତ୍ତା ବୋଲି କୁହାଯାଉଥିଲେ ସୁଦ୍ଧା ଜନମଙ୍ଗଳ ରାଷ୍ଟ୍ରରେ ଅପରାଧ ନିବାରଣ ଦିଗରେ ପୋଲିସର ଆଭିମୁଖ୍ୟ ପ୍ରଧାନତଃ ମାନବିକ ବିଚାରବୋଧଦ୍ୱାରା ହିଁ ପରିଚାଳିତ ହୋଇଥାଏ । ଏହାର ଅର୍ଥ ହେଉଛି, ବ୍ୟକ୍ତି ବିଶେଷ, ସମାଜ ଏବଂ ସର୍ବୋପରି ଜାତି ଅପରାଧର କୁପରିଣାମ ସମ୍ପର୍କରେ ସଚେତନ ନ ହେବା ପର୍ଯ୍ୟନ୍ତ ପୋଲିସ ପକ୍ଷରେ ଫଳପ୍ରଦଭାବରେ ଅପରାଧ ନିରୋଧ ନିମନ୍ତେ ଉଦ୍ୟମ କରିବା ସମ୍ଭବ ହେବ ନାହିଁ । ସୁତରାଂ, ଅପରାଧର ମୂଳ କାରଣ ଯାହା ହୋଇଥାଉ ନା କାହିଁକି, ଅପରାଧ ପ୍ରବଣତା ନିର୍ମୂଳ କରି ତାହାର ମୁକାବିଲା କରିବା କ୍ଷେତ୍ରରେ ସଦାବେଳେ ପୋଲିସ ଏବଂ ଜନସାଧାରଣଙ୍କ ମଧ୍ୟରେ ପାରସ୍ପରିକ ବୁଝାମଣା ତଥା ସହଯୋଗ ରହିଥିବା ଉଚିତ ।

ଅପରାଧ ନିରୋଧ ସପ୍ତାହ ପାଳିତ ହେବା ସଙ୍ଗେ ସଙ୍ଗେ ଏହି ଉପଲକ୍ଷେ ପ୍ରକାଶିତ ହେଉଥିବା 'ଉତ୍କଳ ପ୍ରସଙ୍ଗ'ର ବିଶେଷ ସଂଖ୍ୟାଦ୍ୱାରା ଏ ସମସ୍ୟାଟି ଜନସାଧାରଣଙ୍କ ମନରେ ଉପଯୁକ୍ତ ଭାବରେ ରେଖାପାତ କରିପାରିବ ବୋଲି ମୋର ଆଶା ।



### ରାଜନୈତିକ ଓ ଶାସନ ସଂସ୍ଥା, ଶିଳ୍ପ ଓ ସୂଚନା (ଲୋକସମ୍ପର୍କ ଓ ପର୍ଯ୍ୟଟନ) ବିଭାଗ ମନ୍ତ୍ରୀ

## ଶ୍ରୀ ରାଜେନ୍ଦ୍ର ନାରାୟଣ ସିଂହଦେଓଙ୍କ ବାର୍ତ୍ତା

ଅପରାଧ ତଥା ଅପରାଧୀମାନଙ୍କ ବିରୁଦ୍ଧରେ ସାମାଜିକ ଚେତନା ଜାଗ୍ରତ କରିବାର ମୁଖ୍ୟ ଉଦ୍ଦେଶ୍ୟ ନେଇ ସର୍ବଭାରତୀୟ ସ୍ତରରେ ଓଡ଼ିଶା ପୋଲିସ ଅକ୍ଟୋବର ୧୦ ତାରିଖଠାରୁ ୧୬ ତାରିଖ ପର୍ଯ୍ୟନ୍ତ ଅପରାଧ ନିବାରଣ ସପ୍ତାହ ପାଳନ କରୁଛି ଜାଣି ମୁଁ ଖୁସି ହେଲି । ଅପରାଧ ଏକ ସମାଜ-ବିରୋଧୀ କାର୍ଯ୍ୟ । ରାଜନୈତିକ ବିଶ୍ୱାସ ଓ ସାମାଜିକ ପ୍ରତିଷ୍ଠା ନିର୍ବିଶେଷରେ ପ୍ରତ୍ୟେକ ନାଗରିକର ଏକ ନୈତିକ କର୍ତ୍ତବ୍ୟ ହେଉଛି, ଅପରାଧ ନିର୍ଣ୍ଣୟରେ ଓ ଅପରାଧୀମାନଙ୍କୁ ଧରିବାରେ ପୋଲିସ ସହିତ ସକ୍ରିୟ ସହଯୋଗ କରିବା । ଅପରାଧ ତଥା ଅପରାଧ-ଜନିତ କାର୍ଯ୍ୟର ଅନୁପାତର କ୍ରମବୃଦ୍ଧି ଏକ ପ୍ରଗତିଶୀଳ ସମାଜର ସୂଚନା ପ୍ରଦାନ କରେ ନାହିଁ ।

ପ୍ରାୟ ଦୁଇ ଦଶନ୍ଧିରୁ ଅଧିକ କାଳ ହେଲା ପ୍ରମାଦମୂଳକ ଯୋଜନାରୁ ଉପୁଜିଥିବା ବେକାରୀ ଓ ଗରିବୀକୁ ଅପରାଧ ହାରର ବୃଦ୍ଧିର ପ୍ରଧାନ କାରଣ ରୂପେ ଧରି ନିଆଯାଉଅଛି । ତହିଁ ସଙ୍ଗେ ସଙ୍ଗେ ଯେଉଁମାନେ ଧନୀ ଓ ଗରିବ ଭିତରର ଫାଙ୍କକୁ ବନ୍ଦ କରିବାପାଇଁ ହିଂସା ସପକ୍ଷରେ ଖୋଲାଖୋଲି ପ୍ରଚାର ଚଳାଇବାଦ୍ୱାରା ଉକ୍ତ ଘଟଣାଗୁଡ଼ିକୁ ଅତିରଞ୍ଜିତ କରୁଛନ୍ତି ଆମ୍ଭେମାନେ ସେମାନଙ୍କୁ ଉପେକ୍ଷା କରି ନ ପାରୁଁ । ଅରାଜକତା ଓ ଉଚ୍ଛୃଙ୍ଖଳତା ବିପ୍ଳବ ନୁହେଁ । ଆମ ଆଇନର ତତ୍ତ୍ୱାବଧାରକମାନେ ଏହାର ଉପଦ୍ରବକୁ ଦମନ କରିବା ନିମନ୍ତେ ତତ୍ପର ହେବା ଉଚିତ ଏବଂ ତହିଁ ସଙ୍ଗେ ସଙ୍ଗେ ଜନସାଧାରଣ ଏହାର ମୁକାବିଲା କରିବାପାଇଁ ନିଜେ ରାଜନୈତିକ ଉପାୟରେ ପ୍ରସ୍ତୁତ ହେବା ଆବଶ୍ୟକ ।

ଲୋକସଂପର୍କ ଓ ପର୍ଯ୍ୟଟନ ନିର୍ଦ୍ଦେଶକ



## ଶ୍ରୀ ପୂର୍ଣ୍ଣଚନ୍ଦ୍ର ହୋତାଙ୍କ

## ବାର୍ତ୍ତା ।

ଅପରାଧ ନିବାରଣ ସପ୍ତାହ ୧୯୭୧ ଅକ୍ଟୋବର ୧୦ ତାରିଖରୁ ପାଳିତ ହେଉଥିବାରୁ ତଦୁପଲକ୍ଷେ ଏକ ବାର୍ତ୍ତା ଦେବାପାଇଁ ମୋତେ ଅନୁରୋଧ କରାଯାଇଛି । ମୁଁ ଭାବୁଛି ଯେ ଏପରି ଏକ ସପ୍ତାହରେ ବାର୍ତ୍ତା ଦେବାପାଇଁ ମୋର ପ୍ରଜ୍ଞା କିମ୍ବା ସ୍ଥିତି ନାହିଁ, ତଥାପି ରାଜ୍ୟ ସରକାରଙ୍କର ପ୍ରତ୍ୟେକ ବିଭାଗୀୟ ମୁଖ୍ୟଙ୍କୁ ବାର୍ତ୍ତା ପାଇଁ ଅନୁରୋଧ କରାଯାଇ ଥିବାରୁ, ମୁଁ ମଧ୍ୟ ଏକ ବାର୍ତ୍ତା ଦେବାକୁ ବାଧ୍ୟ ହେଉଛି ।

ପ୍ରତ୍ୟେକ ଗଣତାନ୍ତ୍ରିକ ରାଷ୍ଟ୍ରରେ ଦକ୍ଷ, ଉତ୍ତମ ଓ ନ୍ୟାୟପରାୟଣ ଶାସନ ପାଇଁ ଜନସାଧାରଣଙ୍କର ଦାୟିତ୍ୱ ରହିଛି । ଆଇନ୍‌ର ଶାସନ ପ୍ରତି ସମ୍ମାନ ଓ ଅପରାଧର ସଂଖ୍ୟାହ୍ରାସ, ଗୋଟିଏ ସୁଶାସିତ ରାଷ୍ଟ୍ରର ବୈଶିଷ୍ଟ୍ୟ । ଗଣତାନ୍ତ୍ରିକ ରାଷ୍ଟ୍ରରେ ଆଇନ୍ ପ୍ରତି ସମ୍ମାନ ଓ ବ୍ୟକ୍ତିର ସଚେତନତା ମଧ୍ୟରେ ଏକ ଗଭୀର ସଂପର୍କ ଅଛି ।

ଏହି ଅପରାଧ ନିବାରଣ ସପ୍ତାହରେ ଆମେ ସମସ୍ତେ ନିଜ ନିଜର ଦାୟିତ୍ୱ ଉପଲବ୍ଧି କରି ଅପରାଧର ପ୍ରତିରୋଧ ପାଇଁ ସଦାସର୍ବଦା ସଚେତନ ରହିବା ସକାଶେ ସଂକଳ୍ପବଦ୍ଧ ହେବା ଆବଶ୍ୟକ ।



### ଇନ୍‌ସ୍‌ପେକ୍ଟର୍ ଜେନେରାଲ୍ ଅଫ୍ ପୋଲିସ୍, ଓଡ଼ିଶା

# ଶ୍ରୀ ବ୍ରଜବିହାରୀ ମିଶ୍ର, ଆଇ ପି ଙ୍କ ବାର୍ତ୍ତା

ଜାତୀୟ ଅପରାଧ ନିବାରଣ ସପ୍ତାହ ଅକ୍ଟୋବର ୧୦ ତାରିଖରୁ ୧୬ ତାରିଖ ପର୍ଯ୍ୟନ୍ତ ଦ୍ୱିତୀୟ ଥର ପାଇଁ ଓଡ଼ିଶାରେ ପାଳିତ ହେଉଅଛି । ସବୁ ରାଜ୍ୟ ଭଳି ଓଡ଼ିଶାରେ ମଧ୍ୟ ବାଣିଜ୍ୟ, ଶିଳ୍ପ, ସାମାଜିକ ଓ ସାଂସ୍କୃତିକ ପ୍ରଗତି ସଙ୍ଗେ ସଙ୍ଗେ ତତ୍ ସଂକ୍ରାନ୍ତ ସମସ୍ତ ପ୍ରକାର ଅପବ୍ୟବହାର ଓ ଅପରାଧ ଅତି ଭୟଙ୍କର ଭାବରେ ବୃଦ୍ଧି ପାଉଛି । ଜନସାଧାରଣଙ୍କ ସହଯୋଗ ବିନା ଅପରାଧ ନିବାରଣ ପୋଲିସ ପକ୍ଷରେ ସମ୍ଭବ ନୁହେଁ । ସରକାରୀ ଅନୁଷ୍ଠାନମାନଙ୍କ ସହଯୋଗରେ ଆଇନ, ଶୃଙ୍ଖଳା ଓ ଶାନ୍ତିର ସୁରକ୍ଷା ପ୍ରାଚୀନ କାଳରୁ ସମାଜର ଦାୟିତ୍ୱ ହୋଇ ରହିଛି । କେବଳ ବିଦେଶୀ ଶାସନ କାଳରେ ପୋଲିସ ଓ ଜନସାଧାରଣଙ୍କ ମଧ୍ୟରେ ଗୋଟାଏ ଭେଦାଭେଦ ସୃଷ୍ଟି ହୋଇଛି । ବର୍ତ୍ତମାନ ସ୍ୱାଧୀନ ଭାରତରେ ଏହି ଦୁଇ ଗୋଷ୍ଠୀ ଭିନ୍ନ ଏହି ଅସୁବିଧା ହୃଦୟଙ୍ଗମ କରି ଉଭୟେ ସମ୍ମିଳିତ ଭାବରେ ହିଂସାତ୍ମକ, ଉଦ୍ରଦେଶୀ, ନାରୀ ଓ ଶିଶୁ ଜନିତ ଅପରାଧ ତଥା ସବୁପ୍ରକାର ଅସାମାଜିକ କାର୍ଯ୍ୟ ନିବାରଣରେ ବ୍ରତୀ ହେବା ଉଚିତ । ସୁତରାଂ ଜନସାଧାରଣଙ୍କର ସହଯୋଗ ଓ ସହାନୁଭୂତି କାମନା କରି ସମାଜର ସବୁ ସ୍ତରର ଲୋକଙ୍କ ସମ୍ମୁଖରେ ଅପରାଧ ନିବାରଣର ବିଭିନ୍ନ ଦିଗ ଚିତ୍ରଣ କରିବା ନିମିତ୍ତ ସମସ୍ତ ପ୍ରକାର ଚେଷ୍ଟା ହେବା ବିଧେୟ । ଉଦାସୀନ ଓ ନିର୍ଲିପ୍ତ ମନୋଭାବର ସାମୂହିକ ପରିବର୍ତ୍ତନ ଜରିଆରେ ସମାଜରେ ଶାନ୍ତି, ପ୍ରଗତି ଓ ପ୍ରାଚୁର୍ଯ୍ୟ ଅଣା ଯାଇପାରେ । ଏହି ଜନକଲ୍ୟାଣ ବ୍ରତର ମୁଖ୍ୟ ଉଦ୍ଦେଶ୍ୟ ।

ମୋର ଦୃଢ଼ ବିଶ୍ୱାସ ଯେ ଓଡ଼ିଶା ପୋଲିସ ସଂସ୍ଥା ଏଭଳି ଉଚ୍ଚ ସ୍ତରକୁ ଉଠିବ ଏବଂ ଏପରି ଦକ୍ଷତା ଦେଖାଇବ, ଯଦ୍ଦ୍ୱାରା ଜନସାଧାରଣଙ୍କର ଅଭୂତପୂର୍ବ ସାହାଯ୍ୟ ଲାଭ କରି ପାରିବ । ଏହି ସପ୍ତାହ ପାଳନରେ ସକଳ ସାଫଲ୍ୟ ଲାଭ ହେଉ ।

## ଏ ସଂଖ୍ୟାରେ ଲେଖିଛନ୍ତି:

* ଶ୍ରୀ କେ. ସୁବାରାଓ,
  ଭାରତର ପୂର୍ବତନ ପ୍ରଧାନ ବିଚାରପତି
* ଡକ୍ଟର ହରେକୃଷ୍ଣ ମହତାବ
* ପଦ୍ମଭୂଷଣ ଶ୍ରୀ କାଳନ୍ଦୀ ଚରଣ ପାଣିଗ୍ରାହୀ
* ଡକଟର ରାଧାନାଥ ରଥ,
  ଉତ୍କଳ ବିଶ୍ୱବିଦ୍ୟାଳୟ ମନସ୍ତତ୍ତ୍ୱ ବିଭାଗର ମୁଖ୍ୟ
* ଶ୍ରୀ ଶ୍ୟାମସୁନ୍ଦର ମିଶ୍ର,
  ଲୋକ ସେବକ ମଣ୍ଡଳ ସଦସ୍ୟ
* ଶ୍ରୀ ବିମଳକୃଷ୍ଣ ପାଲ,
  ଆଡ୍‌ଭୋକେଟ, କଟକ
* ଶ୍ରୀ ବି. ଏନ୍. ମଲ୍ଲିକ, ଆଇ. ପି. (ଅବସରପ୍ରାପ୍ତ)
* ଶ୍ରୀ ଏ. ଏସ୍. ଆର୍. ଚାରି,
  ସିନିୟର ଆଡ୍‌ଭୋକେଟ, ଭାରତର ସର୍ବୋଚ୍ଚ ନ୍ୟାୟାଳୟ
* ଶ୍ରୀ କେ. ସାନ୍ତାନମ,
  ଇଂରାଜୀ ସାପ୍ତାହିକ 'ସ୍ୱରାଜ୍ୟ'ର ସଂପାଦକ
* ଶ୍ରୀ ବ୍ରଜ ବିହାରୀ ମିଶ୍ର, ଆଇ. ପି.,
  ପୋଲିସ ଇନ୍‌ସପେକ୍ଟର ଜେନେରାଲ୍, ଓଡ଼ିଶା
* ଶ୍ରୀ ପୂର୍ଣ୍ଣଚନ୍ଦ୍ର ହୋତା, ଆଇ. ଏ. ଏସ୍.,
  ଲୋକସମ୍ପର୍କ ଓ ପର୍ଯ୍ୟଟନ ନିର୍ଦ୍ଦେଶକ, ଓଡ଼ିଶା
* ଶ୍ରୀ ଦଣ୍ଡପାଣି ବେହେରା,
  ଅଧ୍ୟାପକ, ରାଜଧାନୀ କଲେଜ
* ଶ୍ରୀ ଗୋପିନାଥ ଦାଶ,
  ଉପାଧ୍ୟକ୍ଷ, ପୋଲିସ ଟ୍ରେନିଂ କଲେଜ, ଅନୁଗୋଳ
* ଶ୍ରୀ ସୁଦର୍ଶନ ସିଂହ,
  ସୁପରିଣ୍ଟେଣ୍ଡେଣ୍ଟ, କେନ୍ଦ୍ର-ଉତ୍ତର ପରିଚର୍ଯ୍ୟା ଭବନ, ବାରିପଦା
* ଶ୍ରୀ କୁଳମଣି ବେହେରା,
  ଜିଲ୍ଲା ପ୍ରଶିକ୍ଷଣ ଅଧିକାରୀ, ବାରିପଦା
* ଶ୍ରୀ ବାସୁଦେବ ମିଶ୍ର,
  ଜିଲ୍ଲା ପ୍ରୋବେସନ ଅଫିସର, ପୁରୀ

---

ଆମ ପ୍ରଚ୍ଛଦପଟ : ପୋଲିସ ଜନସହଯୋଗର ଏକ ପ୍ରତୀକ

# ବାପୁଜୀଙ୍କ ପ୍ରିୟତମ ଭଜନ

## (ଆଶ୍ରମ ପ୍ରାର୍ଥନା ସଙ୍ଗୀତ)

### (ଏକ)

ବୈଷ୍ଣବ ଜନ ତୋ ତେନେ କହିଏ
ଯେ ପୀଡ଼ ପରାଇ ଜାଣେ ରେ
ପରଦୁଃଖେ ଉପକାର କରେ ତୋ ଯେ
ମନ ଅଭିମାନ ନ ଆଣେ ରେ ।
ସକଳ ଲୋକ ମାଂ ସହୁନେ ବନ୍ଦେ
ନିନ୍ଦା ନ କରେ କେନୀ ରେ
ବାଚ କାଛ ମନ ନିଶ୍ଚଲ ରାଖେ
ଧନ ଧନ ଜନନୀ ତେନୀ ରେ ।
ସମଦୃଷ୍ଟି ନେ ତୃଷ୍ଣା ତ୍ୟାଗୀ
ପର ସ୍ତ୍ରୀ ଜେନେ ମାତ ରେ
ଜିହ୍ୱାଥକୀ ଅସତ୍ୟ ନ ବୋଲେ
ପରଧନ ନବ ଝାଲେ ହାଥରେ ।

ଶ୍ରୀ ଭି. ଭି. ଗିରି

# ଜ୍ଞାନଦୀପ୍ତ ପଥପ୍ରଦର୍ଶକ

ଇତିହାସର ଦୋଛକିରେ ମାନବ ସମାଜର ଅଦୃଷ୍ଟ ଯେତେବେଳେ ଭବିଷ୍ୟତକୁ ଚାହିଁ ଅନିଶ୍ଚିତ ଅବସ୍ଥାରେ ପଡ଼ିରହିଥିଲା, ଠିକ୍ ସେତିକିବେଳେ ଆମେ ପ୍ରିୟ ବାପୁଜୀଙ୍କର ଶତବାର୍ଷିକୀ ପାଳନ କରୁଛୁ। ବିଶ୍ୱ ଭ୍ରାତୃତ୍ୱ ଓ ଚିରନ୍ତନ ଶାନ୍ତିପ୍ରିୟ ମଣିଷ ଯେଉଁ ବିପଦସଂକୁଳ ଘଟଣାକୁ ଅତିକ୍ରମ କରିବାକୁ ଉଦ୍ୟମ କରିଆସିଛି, ଗାନ୍ଧିଜୀ ତା'ର ଥିଲେ ପଥପ୍ରଦର୍ଶକ। ତାଙ୍କର ସାଧାରଣ ଜୀବନଯାତ୍ରା ଓ ଚରିତ୍ରବଳ ଏବଂ ନିସ୍ୱାର୍ଥସେବା ସମସ୍ତଙ୍କୁ ଆଲୋକ ଦେଖାଇଛି।

ଯୁଗଯୁଗର ଆବର୍ଜନା ଓ ଧୂଳିରେ ଯେଉଁ ଦେଶ ଶ୍ୱାସରୁଦ୍ଧ ହୋଇ ରହିଥିଲା, କୌଣସି ଲକ୍ଷ୍ୟ ନ ଥିବାରୁ ସେ ପୁଣି ଶୁଷ୍କ ମରୁଭୂମିରେ ପରିଣତ ହୋଇଥିଲା ଏହିଭଳି ଗୋଟାଏ ଦେଶକୁ ଗାନ୍ଧିଜୀ ଆଣିଥିଲେ ନୂତନ କର୍ମ ପ୍ରେରଣାର ଉନ୍ମାଦନା। ନିଜ ଦେଶର ଜନସାଧାରଣଙ୍କୁ ସେ ଏମିତି ଭଲ ଭାବରେ ଚିହ୍ନିଥିଲେ ଯେ ସେ ସେମାନଙ୍କ ଜୀବନର ଅତି ଉପାଦେୟ ଅଂଶରେ ପରିଣତ ହୋଇଗଲେ। ଦେଶର ଅତି ନଗଣ୍ୟ ସାଧାରଣ ଲୋକ କ'ଣ ଚିନ୍ତା କରୁଛି, ତାହା ଗାନ୍ଧିଜୀ ଅତି ସ୍ପଷ୍ଟ ଭାବରେ ପ୍ରକାଶ କରିପାରୁଥିଲେ। ଯେ କୌଣସି କାର୍ଯ୍ୟ ପାଇଁ ଦେଶର ଅଗଣିତ ଜନତାକୁ ଉଦ୍‌ବୁଦ୍ଧ କରିବାର ଶକ୍ତି ଏବଂ ଆନ୍ତରିକ ପ୍ରଚେଷ୍ଟା ତାଙ୍କଠାରେ ଲକ୍ଷ୍ୟ କରିବାର କଥା।

ପୂର୍ବରୁ ସଭ୍ୟମାନବର ଇତିହାସରେ କେବେହେଲେ ଏପରି ଜଣେ ଲୋକ, ପରମ୍ପରା ଓ ପ୍ରଥାରେ ବାନ୍ଧିହୋଇ ରହିଥିବା ଲକ୍ଷ ଲକ୍ଷ ଲୋକଙ୍କର ଜୀବନକୁ ନୂଆକରି ଗଢ଼ିବାରେ ସଫଳ ହୋଇ ନ ଥିଲେ। ଗାନ୍ଧିଜୀ ଭାରତର ଉପଯୁକ୍ତ ପ୍ରତିନିଧିତ୍ୱ କରିଥିଲେ ଏବଂ ଅନ୍ୟ ସମସ୍ତଙ୍କଠାରୁ ତାଙ୍କର ଚିନ୍ତା ଓ ଦୃଷ୍ଟି କୋଣ ଅତ୍ୟନ୍ତ ଉଦାର ଥିଲା। ତାଙ୍କରି ଭିତରେ ଭାରତର ଆତ୍ମାକୁ ସହଜରେ ଚିହ୍ନି ହେଉଥିଲା। ମାକ୍ସମୁଲର କହିଥିଲେ ଭାରତରେ ଜଣେ ନିଜର ଛିଡ଼ିକୁ ସବୁଠାରୁ ପୁରାତନ ଅତୀତ ଓ ସମ୍ଭାବନାମୟ ଭବିଷ୍ୟତରେହିଁ ଦେଖିବାକୁ ପାଇବ। ପୁରାତନ ଅତୀତ ଏବଂ ସମ୍ଭାବନାମୟ ଭବିଷ୍ୟତ ଭିତରେ ଥିବା ଦୀର୍ଘ ବ୍ୟବଧାନ କେବଳ ଗାନ୍ଧିଜୀଙ୍କ ଦ୍ୱାରାହିଁ ପୂର୍ଣ୍ଣ କରାଯାଇ ପାରିବ।

ଅର୍ଦ୍ଧ ଶତାବ୍ଦୀରୁ ଅଧିକ ସମୟଧରି ବାପୁଜୀ ଆମର ଜୀବନ-ଯାତ୍ରାକୁ ପ୍ରଭାବିତ କରିଆସିଥିଲେ ଏବଂ ଭବିଷ୍ୟତରେ ଆମ ଦେଶର ଅଦୃଷ୍ଟକୁ ମଧ୍ୟ ନିୟନ୍ତ୍ରିତ କରିବେ। ମୋର ବିଶ୍ୱାସ ଗାନ୍ଧିଜୀଙ୍କ ଦ୍ୱାରା ପ୍ରତିଷ୍ଠିତ ମୂଳ ନୀତିଗୁଡ଼ିକ ଦିନେ ପୃଥିବୀର ମାନବ ସମାଜର ଜୀବନଯାତ୍ରାକୁ ମଧ୍ୟ ନିୟନ୍ତ୍ରିତ କରିବ। ମହାତ୍ମା ହେବାର ବହୁ ପୂର୍ବରୁ ଜୁଲାଇ ୧୯୧୪ ରେ ଇଂଲଣ୍ଡରେ ମୁଁ ଗାନ୍ଧିଜୀଙ୍କ ସହିତ ସାକ୍ଷାତ-କରି ତାଙ୍କର ଶିଷ୍ୟ ହୋଇଥିଲି। ଆଜି ତାଙ୍କର ବିରାଟ ସଫଳତା ଏବଂ ମହନୀୟ ଗୁଣାବଳୀ ସଂପର୍କରେ ଲେଖିଲାବେଳେ ମୁଁ ଗର୍ବ ଅନୁଭବ କରୁଛି।

ମୋହମାୟା ବ୍ୟାପେ ନହିଁ ଜେନେ

ଦୃଢ଼ ବୈରାଗ୍ୟ ଜେନା ମନମାଂ ରେ

ରାମ ନାମଶୁଂ ତାଲୀ ଲାଗୀ

ସକଲ ତୀରଥ ତେନା ତନମାଂ ରେ ।

ବଣ ଲୋଭୀ ନେ କପଟ ରହିତ ଛେ

କାମ କ୍ରୋଧ ନିବାର୍ଯାରେ

ଭଣେ ନରସୈୟା ତେନୁଂ ଦରଶନ କରତାଂ

କୁଲ ଏ କୋତେର ତାର୍ୟା ରେ ।

---

ଗୁଜୁରାଟର ପ୍ରସିଦ୍ଧ ସନ୍ଥକବି ଶ୍ରୀ ନରସୈୟାଙ୍କ ରଚିତ ଉକ୍ତ "ବୈଷ୍ଣବ ଜନତୋ ତେନ କହିଏ" କବିତାର ଅର୍ଥ ହେଉଛି—[illegible] ବ୍ୟକ୍ତି ପରଦୁଃଖ ଜାଣେ, ପରୋପକାର କରି ମଧ୍ୟ ଅଭିମାନ କରେନାହିଁ, ସମସ୍ତଙ୍କୁ ପ୍ରଶଂସା କରେ ଓ କାହାରି ନିନ୍ଦା କରେ ନାହିଁ, [illegible] ମନ୍ତ୍ର ବାକ୍ୟ ନିଷ୍ଠା ଭଣେ ତାକୁ ବୈଷ୍ଣବ ଜନ କୁହାଯାଏ । ତାର ମାତା ଧନ୍ୟ । ସେ ସମଦର୍ଶୀ ଓ ତୃଷ୍ଣାତ୍ୟାଗୀ ପୁରୁଷ । ପର [illegible] ମାତୃବତ୍ ଜ୍ଞାନ କରେ । କଦାପି ମିଥ୍ୟା କହେ ନାହିଁ କି ପରଧନ ସ୍ପର୍ଶ କରେନାହିଁ । ତାକୁ ମାୟାମୋହ ବଶ କରି ନ ପାରେ ଏବଂ [illegible] ମନରେ ଦୃଢ଼ ବୈରାଗ୍ୟ ଥାଏ । ତାର ଶରୀରରେ ସକଳ ତୀର୍ଥ ଅଛି ଓ ତହିଁରେ ରାମନାମ ରୂପକ ସ୍ମୃତି ଲାଗିଛି । ସେ ନିର୍ଲୋଭୀ [illegible] ନିଷ୍କପଟ ଓ କାମ କ୍ରୋଧ ନିବାରକ ଅଟେ ଏବଂ ତାକୁ ଦର୍ଶନ କଲେ ଏକସ୍ତରୀ ପୁରୁଷ ତରି ଯାନ୍ତି ।

## (ଦୁଇ)

ଇସ ତନ ଧନ କୀ କୌନ୍ ବଡ଼ାଇ
ଦେଖତ୍ ନୈନୋଁ ମେଁ ମାଟୀ ମିଲାଇ ।
ଅପନେ ଖାତିର ମହଲ ବନାୟା
ଆପହିଁ ଜାକର ଜଙ୍ଗଲ ସୋୟା ।
ହାଡ଼ ଜଲେ ଜୈସେ ଲକଡ଼ୀ କୀ ମୋଲୀ
ବାଲ ଜଲେ ଜୈସେ ଘାସ କୀ ପୋଲୀ ।
କହତ କବୀର, ଶୁନ୍ ମେରେ ଗୁନିୟାଁ ।
ଆପ ମୁଏ ପୀଛେ ଡୁବ ଗଇ ଦୁନିୟାଁ ।

---

ପରମଭକ୍ତ କବି କବୀରଙ୍କ ରଚିତ ଉକ୍ତ ହିନ୍ଦୀ କବିତାର ଅର୍ଥ ହେଉଛି :

ଏ ଶରୀର ଓ ଧନର ବଡ଼ାଇକରି କିଛି ଲାଭ ନାହିଁ । ଦେଖ ଏହା କିପରି ମାଟିରେ ମିଶିଯାଏ । ଯେ ନିଜ ରହିବା ପାଇଁ ପ୍ରାସାଦ ନିର୍ମାଣ କରେ, ସେ ଶେଷରେ ଯାଇ ଜଙ୍ଗଲରେ ଶୁଏ । ତାର ହାଡ଼ କାଠପରି ଓ ବାଳ ଘାସବିଡ଼ାପରି ଜଳିଯାଏ । ତେଣୁ କବୀର କହୁଛି, [illegible] ଜ୍ଞାନୀଜନମାନେ, ମନୁଷ୍ୟର ମୃତ୍ୟୁପରେ ତା'ର ସଂସାର ବୁଡ଼ିଯାଏ ।

ମୂଳଭିତ୍ତି ଥିଲା। ମାନବିକ ପ୍ରଚେଷ୍ଟାର ପ୍ରତ୍ୟେକ ଦିଗରେ ଏହାକୁ ସୁବିଧାରେ ପ୍ରୟୋଗ କରିହେବ। ଏଥିରେ ସମସ୍ତେ ଉପକୃତ ହୋଇପାରିବେ। ସେ କେବଳ ରାଜନୈତିକ କ୍ରୀଡ଼ାଭୂମିରେ ଅଦ୍ୱିତୀୟ ଥିଲେ ତାହାନୁହେଁ, ସରଳ, ସାବଲୀଳ ଓ ଅର୍ଥପୂର୍ଣ୍ଣ ଭାଷାରେ ନିଜର ଭାବ ବ୍ୟକ୍ତ କରିପାରୁଥିଲେ। ନିଜର ଲେଖା, ଚିଠି ଓ ବକ୍ତୃତାରେ ସେ ପୃଥିବୀପାଇଁ ନିଜର ସ୍ୱପ୍ନ, କାର୍ଯ୍ୟ ଓ ଚିନ୍ତାଧାରାର ବିବରଣୀ ଦେଇ ଯାଇଛନ୍ତି।

ଗାନ୍ଧିଜୀ ଥିଲେ ମାନବ ପ୍ରେମୀ, କେବଳ ଆଦର୍ଶକୁ ନେଇ ସେ କାର୍ଯ୍ୟ କରୁ ନ ଥିଲେ। ନିଜର ଆଦର୍ଶକୁ ବାରମ୍ବାର ପରୀକ୍ଷାକରି ସେ ତା'ର ଉପଯୋଗିତା ଓ ଆବଶ୍ୟକତା ସଂପର୍କରେ ସେ ନିଜକୁ ନିଜେ ଆଗ ବୁଝାଉଥିଲେ। ଏହି ଭାବରେ ସେ ନିଜକୁ ଓ ନିଜର ସହକର୍ମୀମାନଙ୍କୁ ମାନବିକ ଗବେଷଣା ଗାରରେ ପରିଣତ କରି ଦେଇଥିଲେ। ଉଦାହରଣ ସ୍ୱରୂପ ତାଙ୍କର "ନଇତାଲିମ" ଶିକ୍ଷା ବ୍ୟବସ୍ଥାର ମୂଳ ଲକ୍ଷ୍ୟଥିଲା ଆତ୍ମନିର୍ଭରଶୀଳ ନାଗରିକ ଗଠନ କରିବା। ଏଥିପାଇଁ ଶିକ୍ଷା ବ୍ୟବସ୍ଥାରେ ହସ୍ତଶିଳ୍ପ ପ୍ରଭୃତି ଶିକ୍ଷା ଦେବାର ବ୍ୟବସ୍ଥା ଥିଲା। ଏହି ଶିକ୍ଷା ଶେଷ କରିଥିବା ବ୍ୟକ୍ତି ନିଜ ପରିଶ୍ରମରେ ଜୀବିକା ନିର୍ବାହ କରିପାରିବେ। ଗାନ୍ଧୀ ଦର୍ଶନର ପ୍ରଧାନ ଅଂଶ ଥିଲା ରୁଟି ପାଇଁ ପରିଶ୍ରମ।

ଅର୍ଥନୀତି, ସମାଜନୀତି, ରାଜନୀତି, ଧର୍ମ, ସଂସ୍କୃତି ଓ ଶିକ୍ଷା ପ୍ରଭୃତି ମାନବ ଜୀବନର ବିଭିନ୍ନ ବିଭାବ ଗାନ୍ଧିଜୀଙ୍କର ଆକର୍ଷଣକାରୀ ବ୍ୟକ୍ତିତ୍ୱ ଦ୍ୱାରା ପ୍ରଭାବିତ ହୋଇଛି। ସାମାଜିକ ଓ ଅର୍ଥନୈତିକ ମୁକ୍ତି, ନୈତିକ ବିକାଶ ଓ ଆଧ୍ୟାତ୍ମିକ ପୁନର୍ଜାଗରଣ ତାଙ୍କ ଜୀବନର ବ୍ରତ ଥିଲା। ଗାନ୍ଧିଜୀଙ୍କ ଜୀବନ ଆମକୁ ନୀତି ତତ୍ତ୍ୱର ମୂଳସୂତ୍ର ସଂପର୍କରେ ମନେ ପକାଇ ଦିଏ। ସେଗୁଡ଼ିକ ହେଲା ଘୃଣାଠାରୁ ପ୍ରେମ ମହାନ, ଯୁଦ୍ଧଠାରୁ ଶାନ୍ତି ସର୍ବଦା କାମ୍ୟ, ବିଭେଦ ଅପେକ୍ଷା ସହଯୋଗ ହେଉଛି ମହତ୍ତର ଏବଂ ବଳ ପ୍ରୟୋଗ ଅପେକ୍ଷା ପ୍ରରୋଚନା ହେଉଛି ଭଲ।

("ମହାତ୍ମା ଗାନ୍ଧୀ: ଏକଶତ ବର୍ଷ"
ପୁସ୍ତକରୁ ସଂଗୃହୀତ)

— — —

ଏକାଦଶ ବ୍ରତ

ଅହିଂସା, ସତ୍ୟ, ଅସ୍ତେୟ, ବ୍ରହ୍ମଚର୍ଯ୍ୟ, ଅସଂଗ୍ରହ ।
ଶରୀରଶ୍ରମ, ଅସ୍ୱାଦ, ସର୍ବତ୍ର ଭୟ ବର୍ଜନ ।
ସର୍ବ ଧର୍ମ ସମାନତ୍ୱ, ସ୍ୱଦେଶୀ, ସ୍ପର୍ଶ ଭାବନା ।
ବିନମ୍ର ବ୍ରତନିଷ୍ଠା ସେ ଯେ ଏକାଦଶ ସେବ୍ୟ ହେଁ ।

"ଏକ ବିଶ୍ୱ ସଂଘର ଭିତ୍ତି ହେଉଛି ଅହିଂସା । ବିଶ୍ୱ ବ୍ୟାପାରରେ ହିଂସାକୁ ସଂପୂର୍ଣ୍ଣ ରୂପେ ବର୍ଜନ କରିବାକୁ ପଡ଼ିବ" ।

—ଗାନ୍ଧିଜୀ

ଆଜି ଗାନ୍ଧିଜୀଙ୍କର ଆଦର୍ଶ ଓ ମତବାଦର ପ୍ରଚଳନ ପାଇଁ ଯେତେ ଆବଶ୍ୟକତା ଦେଖାଦେଇଛି ବୋଧହୁଏ ପୂର୍ବରୁ ଏପରି କେବେ ହୋଇ ନ ଥିଲା । ଦେଶର ବିଭିନ୍ନ ଶିକ୍ଷାନୁଷ୍ଠାନମାନଙ୍କରେ ଓ ଅନ୍ୟତ୍ରରେ ଥିବା ଯୁବକମାନେ ବାପୁଜୀଙ୍କ ବାଣୀ ଓ ଚିନ୍ତାଧାରାକୁ ବୁଝିବାପାଇଁ ଉଦ୍ୟମ କରିବା ଉଚିତ ବୋଲି ମୁଁ ଆନ୍ତରିକତାର ସହିତ ଅନୁଭବ କରୁଛି । ଫଳରେ ସେମାନେ ଦେଶର ଅଗ୍ରଗତି ଓ ଉନ୍ନୟନ ପାଇଁ ଗଠନମୂଳକ ଭୂମିକାରେ ଅବତୀର୍ଣ୍ଣ ହୋଇ ନିଜ ଜୀବନର ଅର୍ଥ ଓ ଲକ୍ଷ୍ୟ ଖୋଜି ପାଇବେ ।

ଯେତେବେଳେ ପାପରେ ଧରଣୀ ଭାରାକ୍ରାନ୍ତ ହୋଇଯାଏ, ଦେଶ ଦେଶ ମଧ୍ୟରେ ଅନ୍ୟାୟ ଅନୀତି ବୃଦ୍ଧି ପାଇ ହିଂସା ଓ ରକ୍ତପାତ ଦୈନନ୍ଦିନ ଘଟଣାରେ ପର୍ଯ୍ୟବସିତ ହୁଏ, ସେତେବେଳେ ବହୁ ଶତାବ୍ଦୀ ବା ଯୁଗରେ ଜଣେ ଜଣେ ମହାମାନବ ଜନ୍ମଗ୍ରହଣ କରନ୍ତି ବୋଲି ସମଗ୍ର ପୃଥିବୀରେ ଲୋକ ବିଶ୍ୱାସ କରନ୍ତି । ଏହି ମହାମାନବ ତ୍ରାଣକର୍ତ୍ତା ରୂପେ ଆସି ନୂତନ କରି ଆଧ୍ୟାତ୍ମିକତା ଉପରେ ଲୋକଙ୍କର ବିଶ୍ୱାସକୁ ଦୃଢ଼ ଭାବରେ ପ୍ରତିଷ୍ଠିତ କରାଇ, ଶାନ୍ତି ଓ ନ୍ୟାୟ ପ୍ରତିଷ୍ଠା କରିବା ସାଙ୍ଗେ ସାଙ୍ଗେ ମାନବ ଜୀବନକୁ ପରିଶୃଙ୍ଖଳାକରି ସମସ୍ତଙ୍କୁ ସାନ୍ତ୍ୱନା ଦେଇ ପାରନ୍ତି ।ଗାନ୍ଧିଜୀ ଏହିପରି ଜଣେ ତ୍ରାଣକର୍ତ୍ତା ଥିଲେ ।

ଗାନ୍ଧିଜୀ ଯାହା ବିଶ୍ୱାସ କରୁ ନ ଥିଲେ ସେଭଳି ବିଷୟକୁ ସେ ସ୍ପର୍ଶ ପର୍ଯ୍ୟନ୍ତ କରୁ ନ ଥିଲେ । ତାଙ୍କ ପାଇଁ ସାମାଜିକ ଜୀବନ ଏକ ସ୍ୱୟଂସଂପୂର୍ଣ୍ଣ ସମନ୍ୱୟକାରୀ ଜୀବନଯାତ୍ରା ଥିଲା । ସାମାଜିକ ଜୀବନର ପ୍ରତ୍ୟେକ ଅଂଶ ତାଙ୍କର ଗତିଶୀଳ ପ୍ରଭାବଶାଳୀ ବ୍ୟକ୍ତିତ୍ୱର ସ୍ପର୍ଶରେ ପରିବର୍ତ୍ତିତ ହୋଇଥିଲା । ଜଣେ ଲେଖକ ଯଥାର୍ଥରେ କହିଥିଲେ ଯେ ପ୍ରତ୍ୟେକ ସାମାଜିକ ଉଦ୍ୟମରେ ତାଙ୍କ ପ୍ରଚେଷ୍ଟା, ମାନବିକତା ଓ ଐଶ୍ୱରିକ ସତ୍ତାର ସ୍ପର୍ଶ ବହନକରି ଆଣୁଥିଲା । ତାଙ୍କର ଉଦ୍ୟମ ଥିଲା ସମସ୍ତଙ୍କୁ ନେଇ କାର୍ଯ୍ୟ କରିବା । ଏପରିକି ଈଶ୍ୱରଙ୍କ ସୃଷ୍ଟିର କ୍ଷୁଦ୍ରତମ ଜୀବନର ମଧ୍ୟ ସେଥିରେ ସ୍ଥାନ ଥିଲା । ମାନବିକ ଜୀବନର ଅଂଶ ବା ଭଗ୍ନାଂଶ ନେଇ ସେ ବିଚାର କରୁ ନ ଥିଲେ । ଏହାହିଁ ସଂକ୍ଷେପରେ ଗାନ୍ଧୀବାଦ ।

ଗାନ୍ଧିଜୀ ଏକାଧାରରେ ରାଜନୀତିଜ୍ଞ, ସମାଜ ସଂସ୍କାରକ, ବକ୍ତା, ଲେଖକ, ଶିକ୍ଷକ, ସାଧୁ, ଋଷି, ଭବିଷ୍ୟଦ୍ରଷ୍ଟା, ମାନବିକତାର ପୂଜାରୀ ଓ ସତ୍ୟସନ୍ଧାନୀ ଥିଲେ । ସେ ଯାହା ବିଶ୍ୱାସ କରୁଥିଲେ ତାହା ନିର୍ଭୟରେ ପ୍ରକାଶ କରୁଥିଲେ । ବିବେକ ଯାହା କରିବାକୁ ନିର୍ଦ୍ଦେଶ ଦେଉଥିଲା ତାହା ଅବିଚଳିତ ଭାବରେ କରିଯାଉଥିଲେ । ଏଥିପାଇଁ ଏହି ସନ୍ଧାନୀଙ୍କୁ ଏକୁଟିଆ ସମଗ୍ର ବିଶ୍ୱ ବିରୁଦ୍ଧରେ ନିର୍ଭୟରେ ଅନେକ ଥର ଠିଆ ହେବାକୁ ପଡ଼ିଛି । ଆମର ଦେଶବାସୀଙ୍କୁ ସ୍ୱା... ଓ ମୁକ୍ତି ପାଇଁ ସାଗର ଜଗିଦେଇ ସେ ପଚିଶ ବର୍ଷର ଅହିଂସା ଆ... କରିଥାରେ ରାଜନୈତିକ ସ୍ୱାଧୀନତା ଆଣିଥିଲେ । ଯେଉଁ... ଓ ବିଶ୍ୱାସକୁ ସେ କାର୍ଯ୍ୟରେ ପରିଣତ କରିପାରୁ ନ ଥିଲେ ... କେବେହେଲେ ଦେଶବାସୀଙ୍କ ଆଗରେ ଉପସ୍ଥାପିତ କରୁ ନ ... ଏହାହିଁ ଥିଲା ତାଙ୍କ ସଫଳ ଜୟଯାତ୍ରାର ମୂଳମନ୍ତ୍ର ।

ମାନବ ସମାଜର ସମସ୍ୟା ସବୁକୁ ସେ ଭବିଷ୍ୟତ ଦ୍ରଷ୍ଟା... ଆଗରୁ ଜାଣି ପାରୁଥିଲେ ଏବଂ ଏହାର ସମାଧାନ ପାଇଁ ପ୍ରେର... ଓ ଦିଗ ନିର୍ଦ୍ଦେଶ କରିବାକୁ ତାଙ୍କର ଅସମ୍ଭବ ଦକ୍ଷତା ଥିଲା ... ତାଙ୍କର ସାଧାରଣ ବିଚାର କ୍ଷମତା ଅସୀମ ଥିଲା । ସେ ... ଏକାନ୍ତ ଭାବରେ ବିଶ୍ୱାସ କରୁଥିଲେ ତାକୁ ସେ ରାଜନୈତିକ ... ସାର୍ଥକରୂପ ଦେଇଥିଲେ । ଏହି ବିଶ୍ୱାସ, ତାଙ୍କ ରଚିତ ... ଆନ୍ଦୋଳନର ମୂଳଦୁଆ ଥିଲା ଏବଂ ସେହିଠାରେ ହିଁ ସତ୍ୟା... ଗ୍ରହଗଛ ରୋପିତ ହୋଇଥିଲା । ନିଜ ଦେଶର ନେତୃତ୍ୱ ନେବା... ସେଠାରେ ସେ ନିଜକୁ ନିଜେ ତାଲିମ ଦେଇଥିଲେ ଏବଂ ନିଜ ଦେ... ରାଜନୈତିକ ପରାଧୀନତାରୁ ମୁକ୍ତ କରିଥିଲେ । ତାଙ୍କ ... ଭିତର ଦେଇ ସେ ଆମକୁ ଅନେକ ବିଷୟ ଶିଖାଇ ଯାଇଛନ୍ତି । ... ସବୁର ସବୁଠାରୁ ବେଶି ଗୁରୁତ୍ୱ ଅଛି । ସେ ନିଜର ଶିକ୍ଷା... ନିର୍ଭୟ ହୋଇ ଘୃଣାଭାବକୁ ଜୟ କରିବାକୁ ଶିଖାଇଥି... ଜନସାଧାରଣଙ୍କ ମନରେ ଭ୍ରାତୃତ୍ୱ ଓ ଐକ୍ୟ ଦୁର୍ନିବାର ଜାଗ୍ରତ କରି... ଉଦ୍ୟମ କରିଥିଲେ । ସମାଜର ଅବ୍ୟାଶ୍ରିତ ଓ ଅବହେ... ହରିଜନମାନଙ୍କର ଅବସ୍ଥାର ଉନ୍ନତି ପାଇଁ ଗାନ୍ଧିଜୀ ଅକ୍ଳାନ୍ତ ପ୍ର... ମଧ୍ୟ କରିଥିଲେ । ଆଜି ହରିଜନମାନେ ବାହବ ଓ ... ସମାଜର ଅନ୍ୟ ଶ୍ରେଣୀମାନଙ୍କ ସହିତ ସମାନ ସ୍ଥାନ ଅଧିକାର କରି...

ଜାତିର ପିତାଙ୍କ ସହିତ ୧୯୧୪ ରେ ଇଂଲଣ୍ଡରେ ଦେଖା... ଦିନଠାରୁ ମୁଁ ତାଙ୍କର କର୍ତ୍ତବ୍ୟ ପରାୟଣତା, ସ୍ପଷ୍ଟବାଦିତା, ... ସମାଜ ସେବାପାଇଁ ଆନ୍ତରିକତା ଏବଂ ପ୍ରାଣ ପ୍ରାଚୁର୍ଯ୍ୟରେ ମୁ... ହୋଇଥିଲି । ରେଡକ୍ରସ୍ ଆନ୍ଦୋଳନରେ ଆମେ ଦୁହେଁ ... ହୋଇଥିଲୁ । ରେଡକ୍ରସ୍‌ର ଉଦ୍ଦେଶ୍ୟ ଶାନ୍ତି, ସଦିଚ୍ଛା, ସହଯୋ... ପରୋପକାରର ସେ ଥିଲେ ଜୀବନ୍ତ ପ୍ରତିମୂର୍ତ୍ତୀ ।

ବାପୁଜୀ ଧାରାବାହିକ ରୂପେ ତାଙ୍କର ଜୀବନ ଦର୍ଶନ ପ୍ର... କରିନଥିଲେ । ତାଙ୍କର ଜୀବନ ଥିଲା କେବଳ ସତ୍ୟ ସହିତ ଧାରା... ପରୀକ୍ଷା ନୀରିକ୍ଷାର ଉଦ୍ୟମ, ତାଙ୍କ ଜୀବନ ହିଁ ... ବାର୍ତ୍ତା । ସତ୍ୟ, ଅହିଂସା ଓ ଗଣତନ୍ତ୍ର ହିଁ ତାଙ୍କ ଜୀବନ ...

ସମସ୍ୟା ଉପରେ ଲେଖିବାକୁ ଆରମ୍ଭ କରେ। ମୋ ପିତାମହଙ୍କ ସମେତ ଆମ ପୁରା ପରିବାର ଗାନ୍ଧିଜୀଙ୍କ ପରିସରଭୁକ୍ତ ହୋଇ ଗଲିୁ। ଆମ ଜୀବନରେ ପରିବର୍ତ୍ତନ ଦେଖା ଦେଲା। ସାରା ଦେଶର ମନୋଭାବରେ ପରିବର୍ତ୍ତନ ଆସିଲା। ସେହି ବର୍ଷ ଗାନ୍ଧିଜୀ ଆମ ରାଜନୈତିକ ଆନ୍ଦୋଳନରେ ଚରମ ଅଂଶ ଗ୍ରହଣ କଲେ। ଏହି ଅର୍ଦ୍ଧ ଶତାବ୍ଦୀ ଉପରେ ସିଂହାବଲୋକନ କଲେ ତାଙ୍କର ବ୍ୟକ୍ତିତ୍ୱ ଓ ଶିକ୍ଷା ସଂପର୍କରେ ଯଥାର୍ଥ ଧାରଣା କରିବାକୁ ଆମେ ସକ୍ଷମ ହେବା। ତେଣୁ ଏ ସଂପର୍କରେ ଏକ ପୂର୍ଣ୍ଣାଙ୍ଗ କଳ୍ପନା ଆମ କ୍ଷମତାର ବାହାରେ। ଆମେ ତାଙ୍କର ଅତି ନିକଟରେ କିନ୍ତୁ ଏକ ପରିବର୍ତ୍ତନ ଭିତରେ। ଭାରତ ପାଇଁ ଏବଂ ସମସ୍ତ ମାନବ ସମାଜ ପାଇଁ ତାଙ୍କର କାର୍ଯ୍ୟ ପରିସରର କଳ୍ପନା କରିବାକୁ କେତୋଟି ଦଶନ୍ଧି ବିତାଇଲେ ମଧ୍ୟ ଆମେ ସକ୍ଷମ ହେବା ନାହିଁ। ତଥାପି ଗାନ୍ଧିଜୀ ଆମ ଇତିହାସରେ ସେହି ବର୍ଷକ ଭିତରେ ଯେଉଁ ପରିବର୍ତ୍ତନ ଆଣିଲେ ସେଥିରେ ଯେ କେହି ଆଶ୍ଚର୍ଯ୍ୟାନ୍ୱିତ ହେବ। ଯେପରିକି ନିଜର ଦୁଇ ହାତରେ ସେ ଗୋଟିଏ ଜାତିର ଅଭ୍ୟୁଦୟ କରି ପାରିଥିଲେ। ଦେଶର ବହୁସଂଖ୍ୟକ ଜନସାଧାରଣଙ୍କ ଜୀବନରେ ସେ ଯେଉଁ ପରିବର୍ତ୍ତନ ଆଣିଲେ, ଖ୍ୟାତନାମା ବ୍ୟକ୍ତିଙ୍କଠାରୁ ସାଧାରଣ ନାଗରିକ ପର୍ଯ୍ୟନ୍ତ କେହି ଏଥିରୁ ବାଦ ପଡ଼ିନେନି। ଜନସାଧାରଣଙ୍କର ଜୀବନରେ ପ୍ରଭାବ ପକାଇବା, ରାଜନୈତିକ ମୂଳଦୁଆ ପକାଇବାଠାରୁ ଯଥେଷ୍ଟ ଗୁରୁତ୍ୱପୂର୍ଣ୍ଣ। ଜାତୀୟ ଇତିହାସରେ ଗାନ୍ଧିଜୀ ତାଙ୍କର ପୂର୍ବଜମାନଙ୍କଠାରୁ ସଂପୂର୍ଣ୍ଣ ଭିନ୍ନ। ଜନ ଆନ୍ଦୋଳନରେ ତାଙ୍କର ଦୃଢ଼ ଆସ୍ଥା ଥିଲା। ସେ ବାସ୍ତବରେ ଜଣେ ନେତା। ଜନତା ସହିତ ସେ ସମଭାବରେ ଚାଲି ପାରୁଥିଲେ। ଜନତାର ମନୋଭାବକୁ ଭାଷା ଦେଇ ପାରୁଥିଲେ ଏବଂ ତାହାକୁ ରୂପ ଦେଇ ପାରୁଥିଲେ।

ଗାନ୍ଧିଜୀ ଆମର ଭୟ ଦୂର କରିପାରିଥିଲେ। ଏହି ଭୟ ଦୂର ହେବାର ପରିଣତି ସ୍ୱରୂପ ଦେଶ ସ୍ୱାଧୀନ ହୋଇଥିଲା। ଭାରତର ସାମାଜିକ ଜୀବନରେ ସେ ଯେଉଁ ପରିବର୍ତ୍ତନ ଆଣିଲେ, ତାହା ମଧ୍ୟ ବିଶେଷ ପ୍ରଣିଧାନ ଯୋଗ୍ୟ। ଆମର ସାମାଜିକ ପରମ୍ପରାରୁ ମଧ୍ୟ ସେ ଆମକୁ ମୁକ୍ତ କରିଥିଲେ। ନାରୀ ଓ ପୁରୁଷ ମଧ୍ୟରେ, ଉଚ୍ଚ ଓ ନୀଚ ବଂଶଜ ମଧ୍ୟରେ ଏବଂ ଗ୍ରାମ ଓ ସହରବାସୀ ମଧ୍ୟରେ ସମତା ଓ ସମଅଧିକାରର ଯେଉଁ ସୂତ୍ରପାତ ସେ କଲେ, ତାରି ଫଳରେ ଜନସାଧାରଣ ଗାନ୍ଧିଜୀଙ୍କ ଆନ୍ଦୋଳନରେ ମନପ୍ରାଣ ଢାଳି ଦେଲେ। ଭାରତର ଅତି ଦୀର୍ଘ ଇତିହାସ ପର୍ଯ୍ୟାଲୋଚନା କଲେ ଦେଖାଯିବ ଯେ ପ୍ରତ୍ୟେକ ସମାଜ ସଂସ୍କାରକ ଜାତିଭେଦ ଦୂର କରିବାକୁ ଏବଂ ନାରୀର ଅଧିକାର ସାବ୍ୟସ୍ତ କରିବାକୁ ଉଦ୍ୟମଶୀଳ ହୋଇଛନ୍ତି। କିନ୍ତୁ ଏହି ଭେଦ ବିଭେଦ ଦୂର କରିବାରେ ଗାନ୍ଧିଜୀଙ୍କ ଭଳି ସଫଳତା କେହି ହାସଲ କରିପାରି ନ ଥିଲେ। ଭାରତୀୟ ମହିଳାମାନେ ତାଙ୍କ ପାଖରେ ବିଶେଷ ଭାବରେ କୃତଜ୍ଞ ରହିବାର କଥା। ସେହିଭଳି ଯେଉଁ ଶ୍ରେଣୀର ଲୋକେ ପରମ୍ପରାକ୍ରମେ ଅସୁବିଧା ଓ କୁସଂସ୍କାରର ସମ୍ମୁଖୀନ ହୋଇଥିଲେ ସେମାନେ ମଧ୍ୟ କୃତଜ୍ଞ ରହିବେ।

ମହାତ୍ମା ଗାନ୍ଧୀ ଥରେ ଲେଖିଥିଲେ :

"ଗାନ୍ଧୀଙ୍କର ଅନୁଗାମୀ ବୋଲି କେହି ନକହ। କାରଣ ମୁଁ ନିଜେ ମୋ ନିଜର ଅନୁଗାମୀ ହୋଇ ପାରିଲେ ଯଥେଷ୍ଟ ହେବ। ମୋ ନିଜର ଅନୁଗାମୀ ହେବାରେ ମୁଁ କିପରି ଯଥାଯଥ ଭାବରେ ସଫଳତା ହାସଲ କରି ପାରୁନାହିଁ ତାହା ମୁଁ ଜାଣେ। ଯେଉଁ ଦୃଢ଼ ବିଶ୍ୱାସର ମୁଁ ପ୍ରତୀକ ବୋଲି କହୁଛି ସେଇଆଡ଼କୁ ନେଇ ଚାଲିବା ମୋ ପକ୍ଷରେ କଷ୍ଟକର"।

ଗାନ୍ଧୀବାଦୀମାନେ ଆମ ମନରେ ବିଶ୍ୱାସ ଜନ୍ମାଇବାକୁ ଚାହାଁନ୍ତି ଯେ ଗାନ୍ଧିଜୀ ଏକ ସାଧାରଣ ଦର୍ଶନ ସୃଷ୍ଟି କରିଥିଲେ। ସେ ପ୍ରତ୍ୟେକ ବିଷୟ ବିଶ୍ଳେଷଣ କରିଥିଲେ, ସାମଞ୍ଜସ୍ୟ ପ୍ରତିପାଦନ କରିଥିଲେ ଏବଂ ସବୁ ସମସ୍ୟାର ସମାଧାନ ପାଇଁ ବାଟ ଦେଖାଇ ଥିଲେ। ନିଜକୁ ସର୍ବଜ୍ଞ ମନେ କରୁ ନଥିବା ଏବଂ ସତ୍ୟର ସନ୍ଧାନରେ ବ୍ରତୀ ହେବାରୁ କେବେ ବିରତ ହୋଇ ନଥିବା ଜଣେ ବ୍ୟକ୍ତି ପକ୍ଷରେ ଏହା କେତେ କଷ୍ଟ ସାଧ୍ୟ! ତାଙ୍କଭଳି ଆଦର୍ଶବାଦୀ ପ୍ରାୟ କେହି ନାହିଁ। କିନ୍ତୁ ସେ କୌଣସି କାର୍ଯ୍ୟ କଲାବେଳେ ସେ ଭାବୁଥିଲେ "ଗୋଟିଏ ପଦକ୍ଷେପ ମୋ ପାଇଁ ଯଥେଷ୍ଟ"।

ତାଙ୍କ ଜୀବନକାଳର ଶେଷ ଦଶନ୍ଧି ଦୁଇଟି ଭିତରେ ସେ ଯେଉଁ ସୁପରିକଳ୍ପିତ ଶିଳ୍ପ ଉନ୍ନୟନ ପରିକଳ୍ପନା ନୀତି ବୟାନ କରିଥିଲେ, ତାହାକୁ ସମାଲୋଚନା କରି ଅନେକ ସମୟରେ କୁହା ଯାଇଛି ଯେ ଗାନ୍ଧୀବାଦର ଏହା ବିରୋଧୀ। ଯେଉଁମାନେ ଏହି ସମାଲୋଚନା ବାଢ଼ନ୍ତି ଏବଂ କୁଟୀରଶିଳ୍ପ ସପକ୍ଷରେ କହନ୍ତି ସେମାନେ ବିମାନ, ମୋଟର ଗାଡ଼ି ଓ ଟେଲିଫୋନ ଭଳି ବଡ଼ ଧରଣର ଶିଳ୍ପଜାତଦ୍ରବ୍ୟ ବିନିଯୋଗରୁ ବଞ୍ଚିତ ନୁହଁନ୍ତି। ଗାନ୍ଧିଜୀ ରେଳଗାଡ଼ି ବର୍ଜ୍ଜନ କରିନଥିଲେ। ସେ ନିୟମିତ ଭାବରେ ଘଣ୍ଟା ବ୍ୟବହାର କରୁଥିଲେ। ଯଦି ଆମେ ରେଳଗାଡ଼ି ଓ ଘଣ୍ଟା ବ୍ୟବହାର କରିବା ତାହାହେଲେ ସେ ସବୁ ନିର୍ମାଣ ବିରୁଦ୍ଧରେ କହିବାର ଅର୍ଥ ଥାଇପାରେ କି ? ଗାନ୍ଧିଜୀ କୁଟୀର ଶିଳ୍ପ ସଂପର୍କରେ ଯେଉଁ ମତ ଦେଇଛନ୍ତି ତାକୁ ସଠିକ୍ ଭାବରେ ହୃଦୟଙ୍ଗମ କରିବା ଉଚିତ୍।

ଶ୍ରୀମତୀ ଇନ୍ଦିରା ଗାନ୍ଧୀ

# ଗାନ୍ଧୀ ପରମ୍ପରା

ଗାନ୍ଧିଜୀଙ୍କ ସଂପର୍କରେ ପ୍ରତ୍ୟେକ ବ୍ୟକ୍ତିର ଧାରଣା ଭିନ୍ନ । ଗାନ୍ଧିଜୀଙ୍କର ଜୀବିତାବସ୍ଥାରେ ମୋର ସମସାମୟିକ ଅନେକେ ତାଙ୍କ ସଂପର୍କରେ ଠିକ୍ ଧାରଣା କରିବା କଷ୍ଟସାଧ୍ୟ ମନେ କରିଥିଲେ । ଆମ ଭିତରୁ କେତେକ ତାଙ୍କର ନୀତି ବାକ୍ୟ ବୁଝିବାକୁ ଅକ୍ଷମ ହୋଇଥିଲେ । ତାଙ୍କର ମହାତ୍ମ୍ୟକୁ ଆମେ ଗ୍ରହଣ କରିଥିଲୁ । କିନ୍ତୁ ରାଜନୀତି ଭିତରେ ସେ ସୁଦୃଢ଼ ସ୍ଥାନଟିକୁ ପୂରାଇ ଥିବାରୁ ତାଙ୍କ ସହିତ ଅନେକ କଥାରେ ଆମେ ଯୁକ୍ତି କରୁଥିଲୁ ।

କେବଳ ମୋରି ସମସାମୟିକମାନେ ଯେ ଏକଥା କହିଛନ୍ତି ତା ନୁହେଁ । ମୋର ପିତା ତାଙ୍କର ଆତ୍ମଜୀବନୀରେ ପରିଷ୍କାର ଉଲ୍ଲେଖ କରିଛନ୍ତି ଯେ ତାଙ୍କର ସମସାମୟିକ ଅନେକେ ଏବଂ ସେ ନିଜେ ସେମାନଙ୍କ ଚିନ୍ତାଧାରାରେ ଗାନ୍ଧିଜୀଙ୍କ ଦୃଷ୍ଟିଭଙ୍ଗିକୁ ସଂଶ୍ଳିଷ୍ଟ କରିବାକୁ ଯାଇ ଅସୁବିଧାର ସମ୍ମୁଖୀନ ହେଉଥିଲେ । କିନ୍ତୁ କ୍ରମେ କ୍ରମେ ଆମର ଜାତୀୟ ଆନ୍ଦୋଳନ ସାଙ୍ଗରେ ତାଙ୍କ ମିଳାଇ ଯିବା ଫଳରେ ମୋର ପିତା ଗାନ୍ଧିଜୀଙ୍କୁ ପୂର୍ଣ୍ଣଭାବରେ ବୁଝିବାକୁ ସକ୍ଷମ ହେଲେ ଏବଂ ଗାନ୍ଧିଜୀଙ୍କ ଚିନ୍ତାଧାରା ସହିତ ତାଙ୍କର ଚିନ୍ତାଧାରା ସଂଶ୍ଳିଷ୍ଟ ହୋଇ ପଡ଼ିଲା । ସେ ତାଙ୍କୁ ଏକ ଯାଦୁକର ବୋଲି କହିଛନ୍ତି ଏବଂ ଯୁବ ସଂପ୍ରଦାୟ ଓ ବୁଦ୍ଧିଜୀବୀମାନଙ୍କ ପାଇଁ ଗାନ୍ଧିଜୀଙ୍କ ଚିନ୍ତାଧାରାକୁ ସମସାମୟିକ ପରିପ୍ରେକ୍ଷୀରେ ପ୍ରକାଶ କରିଛନ୍ତି ।

କେହି ବ୍ୟକ୍ତି ତାଙ୍କର ଚିନ୍ତାଧାରାକୁ ପ୍ରଶ୍ନ ନକରି ଗ୍ରହଣ କରିଥାଉ, ଏହା ଗାନ୍ଧିଜୀ ନିଜେ ମଧ୍ୟ ଚାହୁଁ ନଥିଲେ । ଆଲୋଚନା କରିବାକୁ ସେ ବହୁତ ଉତ୍ସାହିତ କରୁଥିଲେ । ବାଳିକା ଅବସ୍ଥାରେ ମଧ୍ୟ ମୁଁ ତାଙ୍କ ସହିତ କେତେଥର ଯୁକ୍ତି ନ କରିଛି ? କୌଣସି ମତବାଦକୁ ସେ ସର୍ବବାଦୀସମ୍ମତ ମନେ କରୁ ନଥିଲେ । ତାଙ୍କ ସହିତ ଏକମତ ହୋଇ ନଥିବା ବ୍ୟକ୍ତିଙ୍କ ପାଇଁ ସେ କିଛି ସମୟ ଦେଉଥିଲେ । ଅନ୍ୟ ଦେଶର ଏପରିକି ପୃଥିବୀର ଅନ୍ୟ ଯେକୌଣସି ସ୍ଥାନର ପ୍ରସିଦ୍ଧଜ-ମାନଙ୍କଠାରେ ମଧ୍ୟ ଏ ଗୁଣ ଦେଖିବାକୁ ମିଳେ ନାହିଁ । ତାଙ୍କୁ ଏ ଦୃଷ୍ଟିରୁ ଅଦ୍ୱିତୀୟ କୁହାଯାଇପାରେ । ପ୍ରଚାର ତାଙ୍କର ଉଦ୍ଦେଶ୍ୟ ନ ଥିଲା । ପୁରସ୍କୃତ ହେବା ଆଶାରେ ସେ ଉଲ୍ଲସିତ ହେଉ ନଥିଲେ କିମ୍ବା ଦଣ୍ଡଭୋଗ ଭୟରେ ଭୟଭୀତ ହେଉ ନଥିଲେ । ତାଙ୍କର ଆଦର୍ଶର ଧାରରେ ସେ କେବେହେଲେ ନଇଁ ପଡ଼ିନାହାନ୍ତି । ସେ ବାସ୍ତବରେ ଜଣେ ସର୍ବଦା ହାସ୍ୟଚତୁର ସାଧକ ।

ଗାନ୍ଧୀ ଜନ୍ମ ଶତବାର୍ଷିକୀ ବର୍ଷଟି ହେଉଛି ଜାଲିଆନାୱାଲାବାଗ ଘଟଣାର ପଞ୍ଚାଶତମ ବାର୍ଷିକୀ । କ୍ୱଚିତ୍ ଏଭଳି ଏକ ଘଟଣା ଏକ ଜାତିକୁ ଦୋହଲାଇ ଦେଇଛି । ମୋତିଲାଲ ନେହେରୁ ଓ କବି ରବୀନ୍ଦ୍ର ନାଥ ଠାକୁରଙ୍କ ଭଳି ବ୍ୟକ୍ତିଙ୍କ ଉପରେ ମଧ୍ୟ ଏହା ପ୍ରଭୂତ ପ୍ରଭାବ ପକାଇ ଥିଲା । ଏହା ଫଳରେ ରବୀନ୍ଦ୍ରନାଥ ଉପନିବେଶବାଦ ସଂକ୍ରାନ୍ତ ଚିନ୍ତା

ପ୍ରକୃତିରେ ବାଲ୍‌ଯୁକ୍ତ କରିବା ମୋର ସ୍ୱଭାବଗତ ନୁହେଁ । ମୁଁ ସବୁବେଳେ ଏହି ମତ ପୋଷଣ କରିଥାଏ ଯେ ଆମ୍ଭେମାନେ ଅବଶ୍ୟ ଅଳ୍ପ କଥା କହିବୁ ଏବଂ ବେଶି କାର୍ଯ୍ୟ କରିବୁ । ତେଣୁ ମୋର ଓ ଗାନ୍ଧିଜୀଙ୍କ ମଧ୍ୟରେ କ୍ୱଚିତ୍ ବୈଶିଷ୍ଟ୍ୟ ଆଲୋଚନା ବା ସମାଲୋଚନାମୂଳକ କଥାବାର୍ତ୍ତା ହୁଏ । କାରଣ ଆମ୍ଭମାନଙ୍କ ଦୃଷ୍ଟିଭଙ୍ଗୀ ବା ମତାମତରେ କୌଣସି ପାର୍ଥକ୍ୟ ନ ଥାଏ । ଆମ ଦୁହିଙ୍କ ମଧ୍ୟରେ ଗୋଟିଏ ସମାନ କଥା ହେଲା, ଭଗବାନଙ୍କର ସନ୍ତାନମାନଙ୍କ ପ୍ରତି ସେବାରେ ମମତା । ଆମ୍ଭେମାନେ ଏହି ଦୃଷ୍ଟି-କୋଣରୁ ସବୁ କଥା ଦେଖୁ ।

ମୋର ଓ୍ୟାର୍ଦ୍ଧାରେ ରହିଥିବାବେଳେ ଗାନ୍ଧିଜୀଙ୍କର ସବୁ ବିଷୟରେ ନିୟମାନୁବର୍ତ୍ତିତା ମୋତେ ଅତ୍ୟଧିକ ଆଶ୍ଚର୍ଯ୍ୟାନ୍ୱିତ କରିଥିଲା । ଖାଇବା, ବୁଲିବା, ଶୋଇବା ଓ ପ୍ରାର୍ଥନା ସବୁ ଠିକ୍ ଠିକ୍ ସମୟରେ ହେଉଥିଲା ।

ଆଉ ଗୋଟିଏ କଥା ଦେଖିଲି ଯେ ଗାନ୍ଧିଜୀଙ୍କର ଦୃଷ୍ଟିଭଙ୍ଗୀରେ କୌଣସି ପ୍ରକାର ଧର୍ମାନ୍ଧତା ଓ ଜିଦ୍‌ଖୋରିଆଭାବ ନ ଥିଲା । ଏହିପରି ଏକ ଉଦାହରଣ ମୋର ମନେ ଅଛି । ମୁଁ ଓ୍ୟାର୍ଦ୍ଧାରେ ଗାନ୍ଧିଜୀଙ୍କ ନିକଟକୁ ଗଲାବେଳେ ମୋ ସହିତ ମୋର ପିଲାମାନେ ମଧ୍ୟ ଯାଆନ୍ତି । ଦିନେ ଗାନ୍ଧିଜୀଙ୍କର ଜନ୍ମଦିନ ପଡ଼ିଲା । ଆମ୍ଭେ-ମାନେ ସମସ୍ତେ ଯାଇ ସେଠାରେ ଖାଇବାକୁ ବସିଲୁ । ମୋର ଝିଅ 'ରନି' ଗାନ୍ଧିଜୀଙ୍କୁ କହିଲା "ମୁଁ ଏଠାକୁ ଆସିଥିବାରୁ ରାଜି ହୁଏଁ । ମୁଁ ଭାବିଥିଲି ଆଜି ଗାନ୍ଧିଜୀଙ୍କର ଜନ୍ମଦିନ । ତେଣୁ ଆମ୍ଭେମାନେ କେକ୍, ପଲଉ, ମୁର୍ଗି ଇତ୍ୟାଦି ଅତି ଆନନ୍ଦର ସହିତ ଭୋଜନ କରିବୁ । ମାତ୍ର ଆଜି ମଧ୍ୟ ସେହି 'କଦ୍‌ଦୂ" (କଖାରୁ), ପ୍ରତିଦିନ ଖାଲି 'କଦ୍‌ଦୂ (କଖାରୁ) । ଏହାଶୁଣି ଗାନ୍ଧିଜୀ ହସ ହସରେ ମୋତେ ଅନ୍ୟ ଆଡ଼େ ଡାକି ନେଇ କହିଲେ "ଦେଖ, ସେମାନେ ପିଲା, ସେମାନେ ଯାହା ଚାହାନ୍ତି ତାହା ଦେବାକୁ ହେବ । ସେମାନଙ୍କୁ ମାଂସ, ଅଣ୍ଡା ପ୍ରଭୃତି ଦେବାପାଇଁ ଆୟୋଜନ କରିବା ଉଚିତ" । ମୁଁ ଉତ୍ତରରେ କହିଲି "ସେମାନେ କେବଳ ପରିହାସ କରୁଛନ୍ତି । ଆମ୍ଭେମାନେ ଯେଉଁଠାକୁ ଯାଉ ସେଠାରେ ଗୃହସ୍ୱାମୀ-ମାନେ ଯାହା ଦିଅନ୍ତି ଏବଂ ନିଜେ ଯାହା ଖାଆନ୍ତି ଆମ୍ଭେମାନେ ତାହାହିଁ ଖାଉ । ଏପରି କି ଯଦି ଆପଣ ସେମାନଙ୍କୁ ଅନ୍ୟ କିଛି ଦେବେ ସେମାନେ ଖାଇବେ ନାହିଁ । ତେଣୁ ମୁଁ ଏଥିରେ ସହମତ ହୋଇଥିଲି । ମୋର ପିଲାମାନେ ମଧ୍ୟ । କିନ୍ତୁ ତାଙ୍କ ପରକୁ ଗାନ୍ଧିଜୀ ଅନ୍ୟର ରୁଚି ଅନୁଯାୟୀ ଖୋଇବାପାଇଁ ପ୍ରସ୍ତୁତ ଥିଲେ ।

ତୃତୀୟରେ ତାଙ୍କର ଯେଉଁ କଥା ମୋ ମଧ୍ୟରେ ଗଭୀର ରେଖାପାତ କରିଥିଲା, ତା ହେଉଛି ତାଙ୍କର ହାସ୍ୟରସାତ୍ମକ ମାନସିକଧାରା । ପୁଅହିଅ, ଯୁବକ ବା ବୃଦ୍ଧ ସମସ୍ତଙ୍କ ସହିତ ସେ ହସୁଥିଲେ । ହାସ୍ୟରସ ତାଙ୍କର ଏକ ମହତ ଗୁଣ ଥିଲା । ଭଗବାନଙ୍କର ସନ୍ତାନମାନଙ୍କ ସମ୍ବନ୍ଧରେ ତାଙ୍କର ହୃଦୟ ପରିପୂର୍ଣ୍ଣ ଥିଲା ।

ଥରେ ଏପରି ଘଟିଲା ଯେ ଓ୍ୟାର୍ଦ୍ଧାର ଭଙ୍ଗି (ମେହେନ୍ତରାଣୀ) ତା'ର କାର୍ଯ୍ୟ ଛାଡ଼ି ପଳାଇ ଗଲା । ଏହି କଥା ଗାନ୍ଧିଜୀଙ୍କ ପାଖରେ ପହଞ୍ଚିଲାକ୍ଷଣି ସେ କହିଲେ "ଦେଖ, ଝାଡୁ ଓ ବାଲ୍‌ଟି ଧରି ଚାଲ, ସେ ସ୍ଥାନକୁ ଆମ୍ଭେମାନେ ପରିଷ୍କାର କରିଦେବା" ଏବଂ ଆମ୍ଭେମାନେ ଯାଇ ଉକ୍ତ କାର୍ଯ୍ୟ ସଂପାଦନ କଲୁ ।

୧୯୩୮ ସାଲରେ ଗାନ୍ଧିଜୀ ସୀମାନ୍ତ ପ୍ରଦେଶକୁ ୨ୟ ଥରପାଇଁ ଯାଇଥିଲେ । ଗୁରଣାବଦ୍‌ରେ ରାତ୍ରିରେ ବିଶ୍ରାମସ୍ଥଳରେ ଆମ୍ଭେମାନେ ସଶସ୍ତ୍ର ଜଗୁଆଳି ନିଯୁକ୍ତ କରିଥିଲୁ । ଏହା କେବଳ ତାଙ୍କର ନିରାପତ୍ତା ପାଇଁ । ଗାନ୍ଧିଜୀ ଏହା ଦେଖି ପଚାରିଲେ, "ଏଠାରେ ସଶସ୍ତ୍ର ଲୋକ କାହିଁକି ? ମୁଁ କହିଲି, "ବାପୁ, ସେମାନେ କେବଳ କୌଣସି ଅନୁପ୍ରବେଶକାରୀଙ୍କୁ ଘଉଡ଼ାଇବା ପାଇଁ ଏଠାରେ ଅଛନ୍ତି "। ମାତ୍ର ଗାନ୍ଧିଜୀ ଏଥିରେ ରାଜି ହେଲେ ନାହିଁ । ସେ ସରଳ ଓ ଦୃଢ଼ତାରସହ କହିଲେ "ମୋର ଆବଶ୍ୟକ ନାହିଁ ।" ଜଗୁଆଳୀଙ୍କ ପାଖରୁ ବନ୍ଧୁକ କାଢି ନିଆ ହୋଇଥିଲା । ଫଳତଃ ଏହି ଘଟଣାର ପ୍ରଭାବ ଲୋକମାନଙ୍କ ଉପରେ ଯଥେଷ୍ଟ ପରିମାଣରେ ପଡ଼ିଥିଲା । ସେମାନେ କୁହାକୁହି ହେଲେ, "ଏହି ଅଦ୍ଭୁତ ଲୋକଟିକୁ ଦେଖ, ଭଗବାନଙ୍କ ଉପରେ ତାଙ୍କର ଏତେ ବିଶ୍ୱାସ ଯେ ସେ ଅସ୍ତ୍ର ଦରକାର କରୁ ନାହାନ୍ତି ।"

ସୀମାନ୍ତ ପ୍ରଦେଶରେ ପ୍ରଥମେ ପ୍ରଥମେ ଅତ୍ୟଧିକ ହିଂସାକାଣ୍ଡ ଦେଖା ଦେଉଥିଲା । ମୁଁ କହିପାରେ ଯେ ଏହି ହିଂସାକାଣ୍ଡର ନୃଶଂସତା ଯୋଗୁ ଇଂରେଜମାନଙ୍କର ଦମନ ନୀତି ଏପରି କଠୋର ଆକାର ଧାରଣ କରିଥିଲା । ଏପରି କି ସାହାସୀ ଲୋକ ମଧ୍ୟ ଭୀରୁ ପାଲଟି ଗଲେ । ମାତ୍ର ଅହିଂସା ନୀତିର ପ୍ରଭାବରେ ଅତି ଭୀରୁ ପଠାଣ ମଧ୍ୟ ସାହାସୀ ହୋଇ ଉଠିଲା । ଏଥି ପୂର୍ବରୁ ପଠାଣମାନେ ସୈନ୍ୟ ଓ ଜେଲ୍‌କୁ ଏପରି ଭୟ କରୁଥିଲେ ଯେ ସେମାନଙ୍କର ସିପାହୀମାନଙ୍କ ସହିତ କଥାବାର୍ତ୍ତା କରିବାକୁ ମଧ୍ୟ ସାହାସ ନ ଥିଲା । କିନ୍ତୁ ଅହିଂସା ସେମାନଙ୍କୁ ଆବଶ୍ୟକୀୟ ସାହସିକତା ଓ ଭାତୃଭାବର ଶିକ୍ଷାଦାନ କରିଥିଲା । ପିଲାମାନେ ହସି ହସି ଜେଲ ବରଣ କରିଥିଲେ ।

ଖାନ୍ ଅବଦୁଲ ଗଫର୍ ଖାନ୍

# ଅତୀତର ଗର୍ଭରେ

ଗାନ୍ଧିଜୀଙ୍କ ସହିତ ମୋର ସମ୍ବନ୍ଧ ଯେପରି ସ୍ନେହ ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ ଥିଲା, ଜବାହାରଲାଲ ନେହେରୁ ଓ ରାଜେନ୍ଦ୍ର ପ୍ରସାଦଙ୍କ ସହ ମଧ୍ୟ ସେହିପରି ଥିଲା ।

୧୯୨୦ ସାଲରେ ଦିଲ୍ଲୀରେ ବସିଥିବା ଖିଲଫତ୍ ସମ୍ମିଳନୀରେ ଗାନ୍ଧିଜୀଙ୍କ ସହିତ ମୋର ପ୍ରଥମ ସାକ୍ଷାତ ଘଟିଥିଲା । ତାଙ୍କ ସହିତ ନେହେରୁ, ମୌଲନା ଆଜାଦ ଏବଂ ଅନ୍ୟମାନେ ଥିଲେ । ସେମାନଙ୍କ ସହିତ ସାକ୍ଷାତ କରିବାର ସୁଯୋଗ ପାଇ ନଥିଲି, ମାତ୍ର ମୁଁ ଉପଲବ୍ଧି କରିଥିଲି ଯେ ଏହିମାନେ ହିଁ ଦେଶକୁ ସ୍ୱାଧୀନ, ସ୍ୱଚ୍ଛଳ ଓ ସମୃଦ୍ଧିଶାଳୀ କରିବା କାର୍ଯ୍ୟରେ ଆତ୍ମୋତ୍ସର୍ଗ କରିବେ ।

୧୯୨୮ ସାଲରେ ଦ୍ୱିତୀୟଥର ପାଇଁ ଗାନ୍ଧିଜୀଙ୍କ ସହିତ ସାକ୍ଷାତ ହୋଇଥିଲା । ସେତେବେଳେ କଲିକତାରେ ଉଭୟ କଂଗ୍ରେସ ଓ ଖିଲଫତ୍ ସମ୍ମିଳନୀ ବସିଥିଲା । କଂଗ୍ରେସ ସଭାରେ ଆମେମାନେ ଗାନ୍ଧିଜୀଙ୍କ ଭାଷଣ ଶୁଣୁଥିଲୁ । ଜଣେକ ରାଗାନ୍ୱିତ ଯୁବକ ମଞ୍ଚ ଉପରକୁ ଚଢିଯାଇ ଚିତ୍କାର କରି କହିଲା—"ମହାତ୍ମାଜୀ, ଆପଣ ଭୀରୁ, ଆପଣ ଭୀରୁ" । ଗାନ୍ଧିଜୀ ଅତିମାତ୍ରାରେ ହସି ଉଠିଥିଲେ ଏବଂ ଅବିଚଳିତ କଣ୍ଠରେ ବକ୍ତୃତା ଦେବାକୁ ଲାଗିଥିଲେ । ଏତାଦୃଶ ମାନସିକ ସମତା ଦେଖି ମୁଁ ଚମତ୍କୃତ ହୋଇଥିଲି । ଏହା ତାଙ୍କର ମହତ୍ତ୍ୱର ପରିଚୟ ଦେଇଥିଲା ।

୧୯୩୪ ସାଲ ଅଗଷ୍ଟ ମାସରେ ମୁଁ ହଜାରୀବାଗ ଜେଲରୁ ମୁକ୍ତ ହୋଇଥିଲି । ମୋ ଉପରେ ଆଦେଶ ଥିଲା ଯେ ମୁଁ ପଞ୍ଜାବ ଓ ଉତ୍ତର-ପଶ୍ଚିମ ସୀମାନ୍ତ ପ୍ରଦେଶ ଛଡ଼ା ଅନ୍ୟ ଯେ କୌଣସି ସ୍ଥାନକୁ ଯାଇପାରେ । ଗାନ୍ଧିଜୀଙ୍କ ଠାରୁ ତାରବାର୍ତ୍ତା ପାଇଲି ଓ୍ୱାର୍ଦ୍ଧା ଯାଇ ସେଠାରେ ତାଙ୍କ ସହିତ ରହିବାପାଇଁ । ମୁଁ ଗଲି । ପ୍ରତିଦିନ ଆମ୍ଭେମାନେ ତାଙ୍କ ନିକଟକୁ ଯାଇ ତାଙ୍କର ପ୍ରାର୍ଥନା ସଭାରେ ଯୋଗ ଦେଉଥିଲୁ । ପ୍ରାୟ ସଦାସର୍ବଦା ମୁଁ ଉକ୍ତ ପ୍ରାର୍ଥନା ସଭାରେ ଅଂଶ ଗ୍ରହଣ କରେ । ଥରେ ଗାନ୍ଧିଜୀ ମୋତେ କହିଲେ, "ଆପଣ ଜାଣନ୍ତି ଯେ ସୌକତ୍ ଅଲି ଓ ମହମ୍ମଦ୍ ଅଲିଙ୍କ ସହିତ ସୌହାର୍ଦ୍ଦ୍ୟ-ପୂର୍ଣ୍ଣ ସମ୍ବନ୍ଧରେ ମୁଁ ଅତ୍ୟନ୍ତ ଖୁସି ଥିଲି, ମାତ୍ର କଣ ଘଟିଲା କେଜାଣି ସେମାନେ ମୋ ଉପରେ ରାଗି ଗଲେ । ମୁଁ ସେମାନଙ୍କୁ ବିରକ୍ତ ବୋଧ ହେଲି ଏବଂ ସେମାନେ ମୋଠାରୁ ଅଲଗା ହୋଇଗଲେ । ଆପଣ ଏ ବିଷୟରେ କଣ ଭାବୁଛନ୍ତି ? ଆପଣ ମୋ ସହିତ କିପରି ଚଳିବେ" ? ମୁଁ ଗାନ୍ଧିଜୀଙ୍କ କଥାର ମର୍ମ ବୁଝି ଉତ୍ତର ଦେଲି "ଏହା ସ୍ନେହାନୁରାଗର କଥା । ଦୁଇଟି ବ୍ୟକ୍ତି ମଧ୍ୟରେ ସମ୍ପର୍କ ନିର୍ଭର କରେ, ସେମାନଙ୍କର ମନୋଭାବ ଓ ମତାମତ ଉପରେ । ଆପଣଙ୍କର ମନୋଭାବ ଓ ମତାମତ ଯାହା ମୋର ମଧ୍ୟ ସେହା । ଭଗବାନଙ୍କର ସନ୍ତାନମାନଙ୍କ ପ୍ରତି ସେବା, ପ୍ରେମ ଓ ମହାନୁଭବତା ହିଁ ଆପଣଙ୍କର ଲକ୍ଷ୍ୟ । ମୋର ମଧ୍ୟ ସେହି ଲକ୍ଷ୍ୟ । ଯେତେକ୍ଷଣ ଆପଣ ଓ ମୋର ମନୋଭାବ ଏହିପରି ରହିଥିବ ଆମ-ମାନଙ୍କୁ କେହି ବିଚ୍ଛିନ୍ନ କରିପାରିବେ ନାହିଁ । ଏହା ଧ୍ରୁବ, ଲୋକେ ପରସ୍ପରଠାରୁ ବିଚ୍ଛିନ୍ନ ହୁଅନ୍ତି ଯେତେବେଳେ ସେମାନଙ୍କ ମଧ୍ୟରେ ମତାନ୍ତର ଘଟେ ।"

ସେଠାରେ ବାସଚ୍ୟୁତ ମୁସଲମାନ ଗାନ୍ଧିଜୀଙ୍କ ନିକଟକୁ ଆସି କହିଲେ "ଗାନ୍ଧିଜୀ, ଆମ୍ଭେମାନେ କ'ଣ କରିବୁ ? ଏ ସ୍ଥାନ ତ ଅତିମାତ୍ରାରେ ଦଙ୍ଗା, ହତ୍ୟା ଓ ବିପଦସଂକୁଳ ହୋଇ ଉଠିଛି" । ଗାନ୍ଧିଜୀ ଉତ୍ତର ଦେଇ କହିଲେ "ମୁଁ କେବଳ ସାହସିକତାର ଶିକ୍ଷା ଦେଇପାରେ । ଆପଣମାନେ ଆପଣମାନଙ୍କର ବାସଭୂମିକୁ ଫେରିଯିବା ବିଧେୟ ।" ସେମାନେ ପ୍ରଶ୍ନ କଲେ, "ଆମ୍ଭେମାନେ କିପରି ଏହା କରିପାରୁ ? ଆମ୍ଭେମାନେ ମଧ୍ୟ ଯେ ଉଚ୍ଛନ୍ନ ନ ହେବୁ ଏହାର ନିଶ୍ଚୟତା କେଉଁଠି" ? ଗାନ୍ଧିଜୀ କହିଲେ, ମୁଁ "ଆପଣମାନଙ୍କୁ କି ନିର୍ଭରତା ଦେଇପାରେ ? ଥିଲା । ସେ ସେବା, ପ୍ରେମ ଓ ଭଗବତ୍ ପ୍ରେମବଳରେ ହିଁ ଅଗଣିତ ଲୋକଙ୍କ ଉପରେ ପ୍ରଭାବ ବିସ୍ତାର କରିଥିଲେ ।

ମୁଁ ଗୋଟିଏ କ୍ଷୁଦ୍ର ଗ୍ରାମରେ ଭୋଜନକଲାବେଳେ ରେଡ଼ିଓରୁ ସମ୍ବାଦ ପ୍ରଚାରିତ ହେଲା ଯେ ଗାନ୍ଧିଜୀଙ୍କୁ ହତ୍ୟା କରାହୋଇଛି । ଏହା ଶୁଣି ମୁଁ ଓ ଅନ୍ୟମାନେ ଏପରି ଦୁଃଖାଭିଭୂତ ହୋଇପଡ଼ିଲୁ ଯେ ଆମ୍ଭେମାନେ ଖାଇବା ବନ୍ଦ କରିଦେଲୁ । ଆମ୍ଭେମାନେ ଆଦୌ ଆଉ ଖାଇପାରିଲୁ ନାହିଁ । ଆମ୍ଭେମାନେ ଶୁଦ୍ଧାଇ ଶିବିରସ୍ଥ ନଗରର

## ସର୍ବ-ଧର୍ମ-ପ୍ରାର୍ଥନା

ଭଲ ବାଟ ମୋତେ ଦେଖାଅ ତୁମେ ଉଦ୍ଧାରେ ଥାଇ
ବାଉ ଧକ୍କା ଯେତେ ଆସିବ ସବୁ ଯିବି ଏଡ଼ାଇ ।

ସତ ମିଠା ବୋଲି ଦିଅ ହେ ସଦା ତୁଣ୍ଡରେ ମୋର
ଦେଶ ଦୁନିଆର କାମେ ନ ମଣେ ଆପଣା ପର ।

ଦୁଃଖୀ ରଙ୍କୀ ଶୋଷୀ ସକାଶେ ଝରୁ ଆଖିରୁ ପାଣି
ତାଙ୍କ ସେବା ଲାଗି ସାହସ ବଳ ଦିଅ ହେ ଆଣି ।

ସମ୍ପଦେ ନ ହୁଏ ବିଭୋର ବିପଦରେ ଅଧୀର
ସତ ଲାଗି ଛାତି ପାତେ ମୁଁ କଟୁ ପଛେ ମୋ ଶିର ।

ଟଙ୍କା ସୁନା ପଇସକୁ ମନ ନ ବଳୁ ତିଳେ
ନତ କର ସଦା ମୋ ମଥା ତୁମ ଚରଣ ତଳେ ।

ଯଦି ଆପଣମାନଙ୍କ ମଧ୍ୟରୁ କେହି ହେଲେ ଜଣେ ମରନ୍ତି ତେବେ ହିନ୍ଦୁମାନଙ୍କୁ ମୋର ଜୀବନପାତର ମୂଲ୍ୟ ଦେବାକୁ ପଡ଼ିବ । ଏହି ନିର୍ଭରତାହିଁ ମୁଁ ଆପଣମାନଙ୍କୁ ଦେଇପାରେ" । ଏହା ଶୁଣି ମୁସଲମାନମାନେ ସାହସ ସଞ୍ଚାର କରି ଘରକୁ ଫେରିଗଲେ । ସେହିଦିନ ଏକ ସଂଧ୍ୟାକାଳୀନ ପ୍ରାର୍ଥନା ସଭାରେ ଗାନ୍ଧିଜୀ କହିଲେ "ମୁଁ ବିହାରର ମୁସଲମାନମାନଙ୍କୁ ଏହି ନିର୍ଭରତା ଦେଇଛି ଯେ ଯଦି ସେମାନଙ୍କ ମଧ୍ୟରୁ ଜଣେ କେହି ମରନ୍ତି ତେବେ ହିନ୍ଦୁମାନେ ମୋର ଜୀବନପାତରେ ତାର ମୂଲ୍ୟ ଦେବେ" ।

ଗାନ୍ଧିଜୀଙ୍କର ବାକ୍ୟ, ପ୍ରେମ ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ ଥିଲା । ଏଥିପାଇଁ ଲୋକମାନଙ୍କ ଉପରେ ତାଙ୍କର ପ୍ରଭାବ ଅତ୍ୟଧିକ ସ୍ୱେଚ୍ଛା ସେବକମାନଙ୍କୁ ଏକତ୍ରିତ କରିବା ପାଇଁ ବାହାରି ପଡ଼ିଲୁ । ଗାନ୍ଧିଜୀଙ୍କର ହତ୍ୟା ସମ୍ବାଦ ସମସ୍ତଙ୍କ ମଧ୍ୟରେ ଦାରୁଣ ଆଘାତର ସ୍ପନ୍ଦନ ସୃଷ୍ଟି କରିଥିଲା । ସମସ୍ତେ ବୋଧକରି ଥିଲେ ଯେ ସେମାନଙ୍କର ଜଣେ ଯଥାର୍ଥ ପ୍ରେମାସ୍ପଦ, ସାହାଯ୍ୟକାରୀ ଏବଂ ବନ୍ଧୁ ସେମାନଙ୍କୁ ଛାଡ଼ି ଚାଲିଗଲେ ।

ଗାନ୍ଧିଜୀଙ୍କ ହତ୍ୟା ଭଗବାନଙ୍କ ନିକଟରେ ଏକ ଘୋର ଅପରାଧ । ଯେଉଁ ବ୍ୟକ୍ତି ଜୀବନରେ ସବୁକିଛି ଉତ୍ସର୍ଗ କରିଦେଇଛନ୍ତି, ଜେଲ ବରଣ କରି ଦୁଃଖ ଭୋଗ କରିଛନ୍ତି ଏବଂ ଦେଶ ସେବା କରିଛନ୍ତି ତାଙ୍କୁ ହତ୍ୟା କରିବା ଏକ ନୃଶଂସ ଅପରାଧ । ଏହି ଅନ୍ୟାୟ

ସେମାନଙ୍କର ସାହାସ ଏତେ ବଢ଼ିଯାଇଥିଲା ଯେ ସେମାନେ ସର୍ବୋଚ୍ଚ ବାହିନୀମାନଙ୍କର ମଧ୍ୟ ସମ୍ମୁଖୀନ ହୋଇପାରୁଥିଲେ । ତୁମେ ମନେକର ଯେ ପଠାଣର ସାହସିକତା କେବଳ ମାଡ଼ ବଦଳରେ ମାଡ଼ ଚଢ଼ାଇବାରେ ପ୍ରକାଶ ପାଏ । କିନ୍ତୁ ପ୍ରକୃତପକ୍ଷେ ଏହା ଭୀରୁତା । ପ୍ରକୃତ ସାହସିକତା ହେଉଛି ସେହି ଅବସ୍ଥା ଯାହା କି ମାଡ଼ ବଦଳରେ ମାଡ଼କୁ ପ୍ରତ୍ୟାଖ୍ୟାନ କରେ । ଏହାହିଁ ମନୁଷ୍ୟର ସର୍ବୋତ୍ତମ ଗୁଣ । ଅସ୍ମମାନଙ୍କର ହିଂସାତ୍ମକ ଇଂରେଜମାନଙ୍କଦ୍ୱାରା ଖୁବ୍ ଶୀଘ୍ର ଓ ନିର୍ଦ୍ଦିଷ୍ଟଭାବରେ ଚପା ପଡ଼ିଯାଇଥିଲା । କିନ୍ତୁ ଆମର ଅହିଂସା ନୀତିକୁ ଇଂରେଜ ବା ପାକିସ୍ତାନ କେହି ହେଲେ ଚପି ଦେଇପାରି ନ ଥିଲେ ।

ମୁଁ ଜଣେ ଅହିଂସା ପ୍ରକୃତିର ଲୋକ । ଅସ୍ମମାନଙ୍କ ମଧ୍ୟରେ କେତେକଙ୍କର ମତ ଯେ କେବଳ ହିଂସାଦ୍ୱାରା କାର୍ଯ୍ୟ ସାଧିତ ହୋଇ ପାରିବ । ମୁଁ ଏହା ଗ୍ରହଣ କରିବାକୁ ନାରାଜ । ମୁଁ ଲୋକଙ୍କର ସେବା କରିବାକୁ ଚାହେଁ ଏବଂ କେବଳ ଅହିଂସାଦ୍ୱାରା ହିଁ ଏହା କରିପାରେ । ଯେଉଁମାନେ ହିଂସାନୀତିରେ ବିଶ୍ୱାସ କରନ୍ତି ସେମାନଙ୍କ ବିରୁଦ୍ଧରେ ମୋର କିଛି କହିବାର ନାହିଁ । ମାତ୍ର ଆମର ଧାରା ଭିନ୍ନ । ଏପରିକି ସେମାନଙ୍କର ଦେଶପ୍ରେମ ଓ ଦେଶାତ୍ମବୋଧକୁ ଆମେ ସମ୍ମାନ ପ୍ରଦାନ କରୁ ।

ଅହିଂସା ହିଁ ପ୍ରେମ । ହିଂସାନୀତି ଘୃଣାର ଆଗାର । ହିଂସାନୀତି କଦାପି ସମସ୍ୟାର ସମାଧାନ ଆଣିଦେଇ ପାରେ ନା, କିମ୍ବା ସଂସାରରେ ଶାନ୍ତି ପ୍ରତିଷ୍ଠା କରି ପାରେ ନା । ତାହାହେଲେ ପ୍ରଥମ ମହାଯୁଦ୍ଧପରେ ହିଁ ତ ଶାନ୍ତି ପ୍ରତିଷ୍ଠିତ ହୋଇପାରି ଥାଆନ୍ତା । କାହିଁ, ଶାନ୍ତି ଆସିଲା କି ? ନା, ତା'ପରେ ଦ୍ୱିତୀୟ ମହାଯୁଦ୍ଧ ଦେଖାଦେଲା । ଏହାପରେ ମଧ୍ୟ ଶାନ୍ତି ଦେଖାଦେଲା କି ? ଆଦୌ ନୁହେଁ । ହିଂସା ଏପରି ଏକ ଜିନିଷ ଯାହା ଥରେ କ୍ରିୟାଶୀଳ ହେଲେ ଅନ୍ୟ ଏକ ବୃହତ୍ତର ହିଂସାକାଣ୍ଡ ପାଇଁ ଅବସ୍ଥା ସୃଷ୍ଟି କରେ । ପ୍ରତ୍ୟେକ ଯୁଦ୍ଧ ତା'ର ପୂର୍ବବର୍ତ୍ତୀ ଯୁଦ୍ଧଠାରୁ ଅଧିକ ଭୀଷଣ । ପୁଣି ଏକ ଯୁଦ୍ଧ ହେଲେ ତାହା ବ୍ୟାପକଭାବରେ ଧ୍ୱଂସକାରୀ ହୋଇପାରେ । ଗୋଟିଏ କଥା ଧ୍ରୁବ, ଯଦି ସଂସାର ସ୍ୱତେ ତେବେ ଶାନ୍ତି ପ୍ରତି... ହେବ, ମାତ୍ର ତାହା ଅହିଂସା ମାର୍ଗରେ । ନଚେତ୍, ଏପରି ... ଯୁଦ୍ଧ ହେବ ଯାହାର ତୁଳନା ଇତିହାସରେ ନ ଥିବ । ଆଣବିକ ... ଅଣୁଅସ୍ତ୍ରର ପ୍ରୟୋଗ ଏବଂ ଏହା ପୃଥିବୀକୁ ସମ୍ପୂର୍ଣ୍ଣ ଧ୍ୱଂସ କରିଦେବ ।

ମୁଁ ୧୯୪୫ ସାଲରେ ଜେଲମୁକ୍ତ ହେଲାବେଳେ ପାକିସ୍ତାନ ... ଗାନ୍ଧିଜୀ ବମ୍ବେରେ ବିରଳା ଭବନରେ ରହୁଥିଲେ । ସେ ମୋତେ ... ଲେଖି ବମ୍ବେକୁ ଡାକି ପଠାଇଲେ, ମୁଁ ଗଲି । ଦିନେ ସେ ହିଂସା ... ବିଷୟରେ କହିଲେ । ମୁଁ କହିଲି "ଗାନ୍ଧିଜୀ, ଆପଣ ଲୋକମାନଙ୍କୁ ଅହିଂସାନୀତି ସମ୍ବନ୍ଧରେ କିପରି ଉତ୍ସାହପୂର୍ଣ୍ଣ ଶିକ୍ଷା ଦ ଦେଉଛନ୍ତି କିନ୍ତୁ ଆପଣଙ୍କ ସହିତ ଆପଣଙ୍କର କର୍ମୀମାନେ ଅଛନ୍ତି । ଧନୀଲୋକ ଆପଣଙ୍କୁ ଯଥେଷ୍ଟ ଆର୍ଥିକ ସାହାଯ୍ୟ ଦେଉଛନ୍ତି, ଏହା ସତ୍ତ୍ୱେ ବି ଭାରତର ବହୁ ଅଂଶରେ ବହୁଳ ପରିମାଣରେ ହିଂସାକାଣ୍ଡ ଘଟିଯାଉଛି । ଆମ ପ୍ରଦେଶରେ ମଧ୍ୟ ଧନୀଲୋକ ଅଛନ୍ତି । ସେମାନେ ଜଣକୁ ଯଥେଷ୍ଟ ପରିମାଣରେ ଖାଦ୍ୟ ଯୋଗାଉଦେଉ ଥା... ମାତ୍ର ଦେଶ ଓ ଜନପାଇଁ ସେମାନେ ଯଥେଷ୍ଟ ଅର୍ଥଦାନ କରି... ନାହିଁ । ପୁଣି, ଆମ୍ଭେମାନଙ୍କର ଯଥେଷ୍ଟ ମାରଣାସ୍ତ୍ର ଅଛି, ... ଆପଣଙ୍କର ନାହିଁ । ତଥାପି ଆମ ପ୍ରଦେଶରେ ହିଂସାକାଣ୍ଡ ଘଟେ ନାହିଁ, ମାତ୍ର ଆପଣଙ୍କର ଏଠାରେ ତାହା ଅତି ମାତ୍ରାରେ ଘଟୁଛି । ଏହା କିପରି ହେଉଛି ? " ଗାନ୍ଧିଜୀ ମୋ ପ୍ରଶ୍ନରେ ହସି ଉଠିଲେ । ସେ କହିଲେ "ଲୋକେ କହନ୍ତି ଯେ ଅହିଂସା ଦୁର୍ବଳ ବ୍ୟକ୍ତିଙ୍କପାଇଁ, ମାତ୍ର ପ୍ରକୃତପକ୍ଷେ ଏହା ସାହସୀଙ୍କପାଇଁ । ପଠାଣ ଦେଶରେ ହିଂସାକାଣ୍ଡ ଘଟେ ନାହିଁ, କାରଣ ସେଠାକାର ଲୋକ ଯଥାର୍ଥରେ ସାହସୀ" ।

ଭାରତ ବିଭାଗବେଳେ ବିହାରରେ ଯେଉଁ ହିଂସାକାଣ୍ଡ ଘଟି... ସେତେବେଳେ ଆମ୍ଭେମାନେ ଗ୍ରାମକୁ ଗ୍ରାମ ପରିକ୍ରମଣ କରି...

"ଏକ ଧର୍ମ କେନ୍ଦ୍ରିକ ରାଷ୍ଟ୍ର ହେଲେ ଭାରତୀୟ ଇଉନିୟନ ଆଶା ଓ ଭରସାର ଭୂମି ହୋଇ ରହିବ ନାହିଁ । ଏସିଆ, ଆଫ୍ରିକା, ଓ ସାରା ପୃଥିବୀ ଭାରତକୁ ଅନାଇ ବସି ରହିଛନ୍ତି । ପୃଥିବୀ ଭାରତ ନିକଟରୁ କୌଣସି ନୀତି ଓ ସଂକୀର୍ଣ୍ଣ ... ଆଶା କରେ ନାହିଁ । ସାଧୁତା ଓ ମହତ୍ ଆଦର୍ଶ ଭାରତ ନିକଟରୁ ଆଶା କରାଯାଉଛି । ସମଗ୍ର ପୃଥିବୀ ଏଥିପ୍ର ଏକ ଶିକ୍ଷା ପାଇବ । ଯାହାର ଏଇ ଅନ୍ଧକାରରେ ଆଲୋକର ସନ୍ଧାନ ମିଳିବ" ।

—ଗାନ୍ଧିଜୀ

ୟୁ. ଥାଣ୍ଟ

# ଅହିଂସା ଓ ବିଶ୍ୱଶାନ୍ତି

ଗାନ୍ଧିଜୀଙ୍କର ଚିନ୍ତା ଓ ଆଦର୍ଶ ଆମେରିକାର ନାଗରିକ ଅଧିକାର ଆନ୍ଦୋଳନଠାରୁ ଆରମ୍ଭକରି ବିଦେଶରେ ବହୁ ଆନ୍ଦୋଳନର ସୃଷ୍ଟି କରିଛି । ଜାତିସଂଘର ସନନ୍ଦରେ ଥିବା ବହୁ ବ୍ୟବସ୍ଥା ସହିତ ଗାନ୍ଧିଜୀଙ୍କ ଆଦର୍ଶର ବହୁତ ଐକ୍ୟ ଓ ସାମଞ୍ଜସ୍ୟ ରହିଛି ।

ଜାତିସଂଘ ସନନ୍ଦରେ ଅବାଧ ସ୍ୱାଧୀନତା, ଜୀବନଧାରଣର ମାନ ବୃଦ୍ଧି ଏବଂ ସାମାଜିକ ପ୍ରଗତି ପାଇଁ ଆହ୍ୱାନ ଦିଆଯାଇଛି । ଏହି ସନନ୍ଦରେ ମାନବିକ ଅଧିକାର ଉପରେ ବିଶ୍ୱାସ ରଖିବା ପାଇଁ, ପ୍ରତ୍ୟେକ ମଣିଷ ସମାନ ଏବଂ ତାକୁ ତାର ସମ୍ମାନ ଓ ମୂଲ୍ୟ ଦେବା ପାଇଁ ଏବଂ ଛୋଟ ବଡ଼ ସବୁ ଦେଶ ଉପରେ ପ୍ରଭୁତ୍ୱ ବିସ୍ତାର କରି ତାକୁ କରଦ ରାଜ୍ୟ ନ କରିବା ଏବଂ ଆକ୍ରମଣ ନ କରିବା ପାଇଁ ସଭ୍ୟରାଷ୍ଟ୍ରମାନଙ୍କୁ ଆହ୍ୱାନ କରାଯାଇଛି ।

ମଣିଷର ସମ୍ମାନ ଓ ମୂଲ୍ୟବୋଧର ପୁନଃ ପ୍ରତିଷ୍ଠା ପାଇଁ ଗାନ୍ଧିଜୀ ତାଙ୍କର, ସତ୍ୟାଗ୍ରହ ଆନ୍ଦୋଳନ ଚଳିତ ଶତାବ୍ଦୀର, ଆରମ୍ଭରେ ଦକ୍ଷିଣ ଆଫ୍ରିକାରେ ଆରମ୍ଭ କରିଥିଲେ । ଗାନ୍ଧିଜୀ ଭଲଭାବରେ ଜାଣିଥିଲେ ଯେ, ସତ୍ୟ ନାମକ ପ୍ରଭାବଶାଳୀ ଅସ୍ତ୍ରକୁ ପ୍ରକୃତଭାବରେ ଯଦି ଯଦି ଉପଯୁକ୍ତ ଭାବରେ ବ୍ୟବହାର କରାଯାଏ, ତେବେ ବିନା ରକ୍ତପାତରେ ପ୍ରକୃତ ପରିବର୍ତ୍ତନ ସଂଗଠିତ ହୋଇପାରିବ । ଏହି ଶତାବ୍ଦୀର ଏହାହିଁ ହେଉଛି ଅନ୍ୟତମ ବିଶିଷ୍ଟ ଆଦର୍ଶ ।

ନବ ପ୍ରବନ୍ଧ, ଅକ୍ଟୋବର—୧୯୬୧



ପ୍ରତ୍ୟେକ ମହତ୍ ଧର୍ମରେ ପ୍ରଚାର କରାଯାଇଥିବା ଅହିଂସାର ଗାନ୍ଧିଜୀ ଥିଲେ ଜୀବନ୍ତ ପ୍ରତିମୂର୍ତ୍ତୀ । ମୋର ନିଜ ଧର୍ମ ବୌଦ୍ଧଧର୍ମରେ ଏହା ହେଉଛି ଏକ ପ୍ରାଥମିକ ନୀତି । ଅସହିଷ୍ଣୁତା, ହିଂସା ଓ ଅତ୍ୟାଚାର ହେଉଛି ବୌଦ୍ଧଧର୍ମର ବିରୋଧୀ । ସେହି ଦିନଠାରୁ ବୁଦ୍ଧ ତାଙ୍କର ଏହି ମହତ୍ ଧର୍ମ ପ୍ରଚାରରେ ବିଶ୍ୱଜନମତକୁ ଦୀକ୍ଷିତ କରିବାକୁ

ଯୋଗୁ ଭାରତ ଯଦି ଦୁଃଖ କଷ୍ଟ ଭୋଗ କରେ ତାହା ଭଗବାନଙ୍କର ଅଭିଶାପରେ ଫଳ ସ୍ୱରୂପ ବୋଲି ବୁଝିବାକୁ ହେବ ।

ଗାନ୍ଧିଜୀଙ୍କର ସର୍ବୋତ୍ତମ ଦାନ କଣ ? ଏହା ଏକାଧିକ, ତେଣୁ କୌଣସି ଗୋଟିକୁ ବାଛିବା ସହଜ ନୁହେଁ । ପ୍ରଥମତଃ ସେ ଭାରତବାସୀଙ୍କର ହୃଦୟରୁ ଭୀରୁତା ଦୂରୀକରଣ କରି ଏପରି ସାହସ ସଂଗ୍ରହ କରାଇଥିଲେ ଯାହା ବଳରେ କି ସେମାନେ ସ୍ୱାଧୀନତା ଦାବୀ କରିପାରି ଥିଲେ ଏବଂ ସର୍ବାପେକ୍ଷା ବଡ଼ କଥା ହେଉଛି ଯେ କେବଳ ଭାରତ ନୁହେଁ ସମଗ୍ର ଜଗତକୁ ସେ ଅହିଂସାସ୍ତ୍ର ଶିକ୍ଷା ଦେଇଥିଲେ । ତାଙ୍କର ମାଧ୍ୟମରେ ସ୍ୱାଧୀନତା ଆସିଲା । ଗାନ୍ଧିଜୀଙ୍କର ଅହିଂସା ନୀତ ଦୁର୍ବଳର ନୁହେଁ ମାତ୍ର ସାହାସୀର । ଯାହା କିଛି ଦୁର୍ଘଟଣା ଘଟି ଯାଉଛି ତାହା ଅହିଂସା ନୀତି ଯୋଗୁ ନୁହେଁ, ତାହା ଲୋକମାନେ ପୂର୍ଣ୍ଣମାତ୍ରାରେ ଉକ୍ତ ନୀତିକୁ ହଜମ କରି ନ ପାରିଥିବା ହେତୁ । ମୁଁ ନିଶ୍ଚିତ କହିପାରେ ଯେ ଭାରତ ସ୍ୱାଧୀନତା ଆସିଲା କେବଳ ଗାନ୍ଧିଜୀଙ୍କର ନୀତି ଯୋଗୁ । ନିଃସନ୍ଦେହ ାର କ୍ଷମତାର ହସ୍ତାନ୍ତରପାଇଁ ଯେଉଁ ସୁସ୍ଥ ବାତାବରଣ କ୍ରମେ କ୍ରମେ ସୃଷ୍ଟି ହେବାକୁ ଲାଗିଲା ତାହାର ଯଥାର୍ଥତା ଗାନ୍ଧିଜୀଙ୍କ ବ୍ୟତୀତ କିଏ ବୁଝିବାପାଇଁ ପ୍ରସ୍ତୁତ ଥିଲେ ?

ଯଦି ଲୋକେ ଗାନ୍ଧିଜୀଙ୍କୁ ସମାଲୋଚନା କରନ୍ତି କିମ୍ବା ତାଙ୍କୁ ଲୋକ ଚକ୍ଷୁରେ ନ୍ୟୁନ ଦେଖନ୍ତି, କରନ୍ତୁ, ଏହା ଦୁନିଆର ନିୟମ । ସବୁ ମହତ୍ ବ୍ୟକ୍ତିଙ୍କର ଜୀବନରେ ଏହିପରି ଘଟିଅଛି । ସେ ଦେଶ ଓ ଜନସାଧାରଣପାଇଁ କେତେ କାମ ନ କରିଛନ୍ତି, ସେମାନଙ୍କ ସେବାପାଇଁ ସେ କି ପ୍ରକାର କଠୋରତା, ଦୁଃଖ କଷ୍ଟ ନ ଭୋଗିଛନ୍ତି ? ତାଙ୍କର ସ୍ଥାନ ସୁନିର୍ଦ୍ଦିଷ୍ଟ । ଆମ୍ଭେମାନେ ପ୍ରଶଂସାଦ୍ୱାରା ତାଙ୍କର ଅଭିବୃଦ୍ଧି ଘଟାଇପାରିବୁ ନାହିଁ କି ନିନ୍ଦାଦ୍ୱାରା ଲୋକଚକ୍ଷୁରେ ତାଙ୍କୁ ନ୍ୟୁନ କରିପାରିବୁ ନାହିଁ । ସେ ଥିଲେ ଏବଂ ଥିବେ, ସବୁ କାଳପାଇଁ ମହତ ।

ଏପରି ଏକ ବ୍ୟକ୍ତିଙ୍କୁ କିପରି ସର୍ବାଙ୍ଗୀନଭାବରେ ସମ୍ମାନ ଦେଖାଇପାରୁ ? ଗାନ୍ଧିଜୀ ଯାହା ଚାହୁଁଥିଲେ ତାହା ହେଉଛି ଲୋକମାନେ ଜୀବନର ଅତ୍ୟାବଶ୍ୟକୀୟ ଜିନିଷ ପାଆନ୍ତୁ । ତାଙ୍କର ଦର୍ଶନକୁ କୌଣସି ଗ୍ରାମବାସୀ ଆଗରେ ଉପସ୍ଥାପନ କଲେ ସେ ଅସମ୍ମାନକୁ କହିପାରେ :

"ମୁଁ କ୍ଷୁଧିତ । ପ୍ରଥମେ ମୋତେ ଖାଦ୍ୟ ଯୋଗାଅ । ମୁଁ ଉଲଗ୍ନ । ମୋତେ ବସ୍ତ୍ର ଦିଅ । ମୋର ପିଲାମାନଙ୍କପାଇଁ ବିଦ୍ୟାଳୟ ନାହିଁ । ସେମାନଙ୍କୁ ଗୋଟିଏ ବିଦ୍ୟାଳୟ ଦିଅ । ମୁଁ ପୀଡ଼ିତ ଏବଂ ମୁଁ ଡାକ୍ତର ବା ଔଷଧ ପାଉନାହିଁ । ମୋର ଯତ୍ନ ନିଅ ।"

ତେଣୁ, ମୁଁ କହୁଛି, ଗାନ୍ଧିଜୀଙ୍କର ଶତବାର୍ଷିକ ଉତ୍ସବ ପାଳନରେ ଲୋକମାନଙ୍କର ଅତ୍ୟାବଶ୍ୟକୀୟ ଅଭାବ ପୂରଣ କରାହେଉ ।

('ମହାତ୍ମାଗାନ୍ଧୀ ଏକଶତବର୍ଷ' ପୁସ୍ତକରୁ ସଂଗୃହୀତ)

## ହିନ୍ଦୁଧର୍ମ ମନ୍ତ୍ର

ଯଂ ବ୍ରହ୍ମାବରୁଣେନ୍ଦ୍ର ରୁଦ୍ର ମରୁତଃ ସ୍ତୁନ୍ୱନ୍ତି ଦିବ୍ୟୈଃସ୍ତବୈଃ
ବେଦୈଃସାଙ୍ଗପଦକ୍ରମୋପନିଷଦୈର୍ ଗାୟନ୍ତି ଯଂ ସାମଗାଃ ।
ଧ୍ୟାନାବସ୍ଥିତ ତଦ୍‌ଗତେନ ମନସା ପଶ୍ୟନ୍ତି ଯଂ ଯୋଗିନୋ
ଯସ୍ୟାନ୍ତଂ ନ ବିଦୁଃ ସୁରାସୁରଗଣା ଦେବାୟ ତସ୍ମୈ ନମଃ ।

ଅର୍ଥ—ବ୍ରହ୍ମା, ବରୁଣ, ଇନ୍ଦ୍ର, ରୁଦ୍ର ଓ ମରୁତ ଦିବ୍ୟସ୍ତୋତ୍ରରେ ଯାହାଙ୍କର ସ୍ତୁତି କରନ୍ତି; ସାମବେଦଗାନକାରୀ ମୁନିମାନେ ଅଙ୍ଗ, ପଦ ଓ ଉପନିଷଦ ସହିତ ବେଦ ସାହାଯ୍ୟରେ ଯେଉଁ ପରମାତ୍ମାଙ୍କର ସ୍ତୁତିଗାନ କରନ୍ତି, ଧ୍ୟାନାବସ୍ଥିତ ଓ ତଲ୍ଲୀନ ହୋଇ ଯୋଗୀମାନେ ଯାହାଙ୍କ ଦର୍ଶନ୍ ପାଆନ୍ତି, ସୁରାସୁରମାନେ ଯାହାଙ୍କର ଅନ୍ତ ଜାଣନ୍ତି ନାହିଁ, ସେହି ଦେବତାଙ୍କୁ (ପରମାତ୍ମାଙ୍କୁ) ନମସ୍କାର କରେଁ ।

...ମାନେ ଭବିଷ୍ୟତକୁ ବୁଝି ନ ପାରି ପରିବର୍ତ୍ତନର ଆବଶ୍ୟକତା ...ସୁଯୋଗ ନ ଦିଅନ୍ତି, ତେବେ ପରିବର୍ତ୍ତନ ହିଂସାର ଆଶ୍ରୟ ନେବ। ...ର ବିଶ୍ୱାସ ଜାତିସଂଘ ସନନ୍ଦରେ ଶାନ୍ତିପୂର୍ଣ୍ଣ ପରିବର୍ତ୍ତନ ପାଇଁ ...ଇଁ ବ୍ୟବସ୍ଥା କରାଯାଇଛି, ତାହା କେବଳ କାମ୍ୟ ନୁହେଁ ତାହାହିଁ ...ଦିର୍ଘ ସମୟ ପାଇଁ ସ୍ଥାୟୀ।

ମୋ ମତରେ ଗାନ୍ଧିଜୀଙ୍କ ଜୀବନ ଦର୍ଶନ କେବଳ ତାଙ୍କ ଦେଶପାଇଁ ନୁହେ, ତା ଠାରୁ ଅଧିକ ସମୟ ଓ ସୀମା ପାଇଁ ତାତ୍ପର୍ଯ୍ୟପୂର୍ଣ୍ଣ। ତାଙ୍କ ନୀତିର ବ୍ୟାପକତା ଓ ସର୍ବଜନୀନତା ଅଛି। ସମୟହିଁ ଏହା ପ୍ରମାଣ କରିବ।

("ମହାତ୍ମାଗାନ୍ଧୀ-ଏକଶତ ବର୍ଷ" ପୁସ୍ତକରୁ ସଂଗୃହୀତ)

ଆମ ବୁକରେ ଅଟଳ ବିଶ୍ୱାସ ରହୁ, ଧୈର୍ଯ୍ୟ ରହୁ, ଗ୍ରାମ ଗଠନ କାର୍ଯ୍ୟରେ ଆମେ ମଧ୍ୟ ଅନଭିଜ୍ଞ। ଆମକୁ ଏକ ପୁରାତନ ...ବ୍ୟାଧିସହ ଲାଗିବାକୁ ପଡ଼ିବ ଏବଂ ଧୈର୍ଯ୍ୟ ଓ ଅଧ୍ୟବସାୟ ବିରାଟ ପ୍ରତିବନ୍ଧକକୁ ଅତିକ୍ରମ କରିପାରିବ।

ସୁତରାଂ ଯୁବକମାନଙ୍କୁ ସେମାନଙ୍କ ଉଦ୍ୟମ ଗ୍ରାମରୁ ରଖିବାପାଇଁ ମୁଁ ନିବେଦନ କରୁଛି। ସେମାନେ ଗ୍ରାମଗୁଡ଼ିକୁ ଅଧିକ ...ବାସଯୋଗ୍ୟ ଓ ମନୋରମ କରନ୍ତୁ। ଗ୍ରାମବାସୀମାନଙ୍କୁ ଗ୍ରହଣଯୋଗ୍ୟ ହେଲାଭଳି ଉପାୟରେ ଗ୍ରାମ ସେବାଦ୍ୱାରା ଏହା କରିହେବ। ...ଗ୍ରାମ ବାଡରେ ଗ୍ରାମଗୁଡ଼ିକୁ ଅଧିକ ପରିଷ୍କାର କରି ଏବଂ ସେମାନଙ୍କର ସାମର୍ଥ୍ୟ ଅନୁସାରେ ନିରକ୍ଷରତା ଦୂର କରି ପ୍ରତ୍ୟେକେ ... କାମ ଆରମ୍ଭ କରିପାରିବେ।

ଆମ ଗ୍ରାମ ପୂର୍ଣ୍ଣ ବିକାଶଲାଭ କରିପାରିଲେ ଉଚ୍ଚକୋଟୀର କୁଶଳୀ ଓ କଳା ପ୍ରତିଭାସମ୍ପନ୍ନ ବ୍ୟକ୍ତିଙ୍କ ଅଭାବ ରହିବ ନାହିଁ। ...ଗ୍ରାମରେ କବି, କଳାକାର, ସ୍ଥପତି, ଭାଷାବିତ୍ ଓ ଗବେଷକ ସବୁ ମିଳିବେ। ସଂକ୍ଷେପରେ ଜୀବନର ସର୍ବଶ୍ରେଷ୍ଠ ଜିନିଷ ଗ୍ରାମରେ ...ମିଳିପାରିବ।

ଆଜି ଗ୍ରାମଗୁଡ଼ିକ ଗୋବର ଗଦା, ଛୋଟ କାଲି ସେଗୁଡ଼ିକ ଭଗବାନ୍‌ର ଛୋଟ ଛୋଟ ଉଦ୍ୟାନ ପରି ହେବ। ଅତି ଉଚ୍ଚକୋଟୀର ...ବୁଦ୍ଧ ଲୋକ ସେଠାରେ ବାସ କରିବେ। କୌଣସି ବ୍ୟକ୍ତି ସେମାନଙ୍କୁ ଶୋଷଣ କିମ୍ବା ଠକି ପାରିବେ ନାହିଁ। ଏହି ଧାରାରେ ...ମ ପୁନର୍ଗଠନ ଏଇ ମୁହୂର୍ତ୍ତରୁ ଆରମ୍ଭ ହେବା ଉଚିତ। ଗ୍ରାମ ପୁନର୍ଗଠନ ଅସ୍ଥାୟୀ ଭାବେ ନ ହୋଇ ସ୍ଥାୟୀ ଭିତ୍ତିରେ ସଂଗଠିତ ...ହେବା ଉଚିତ।

ଗାନ୍ଧିଜୀ—

ଦାବାଗିଲେ, ସେହିଦିନଠାରୁ ତାଙ୍କପାଇଁ କେଉଁଠାରେ ହେଲେ ଉତ୍ପାତ ହୋଇନାହିଁ । ବୁଦ୍ଧ ତାଙ୍କର ଶିଷ୍ୟମାନଙ୍କୁ ନ ରାଗିବାକୁ ଉପଦେଶ ଦେଇ କହିଥିଲେ ଯେ, ଅନ୍ୟମାନେ ତାଙ୍କ ବିରୁଦ୍ଧରେ କହିଲେ ମଧ୍ୟ ସେମାନେ ତାଙ୍କ ବିରୁଦ୍ଧରେ ହିଂସାକୁ ପ୍ରଶ୍ରୟ ଦେବା ଉଚିତ ନୁହେଁ । ଯାହାହେଉ ଅହିଂସା କେବଳ ନୀତିମୂଳକ ଆଦର୍ଶ ନୁହେଁ । ଗାନ୍ଧିଜୀ ବିଶ୍ୱାସ କରୁଥିଲେ ଯେ ସବୁଠାରୁ ସଙ୍କଟଜନକ ପରିସ୍ଥିତିରେ ହିଂସା ଅପେକ୍ଷା ଅହିଂସା ଆଚରଣଦ୍ୱାରା ଭଲ ଫଳ ମିଳିଥାଏ । କାରଣ ସେ ଜାଣିଥିଲେ ଯେ, ଉପଯୁକ୍ତ ଫଳ ପାଇବାକୁ ହେଲେ ଶାନ୍ତି ପୂର୍ଣ୍ଣ ପନ୍ଥାର ଆଶ୍ରୟ ନେବାକୁ ହେବ । ଗାନ୍ଧିଜୀ ଫଳାଫଳ ଅପେକ୍ଷା ସାଧନା ଉପରେ ବିଶେଷ ଗୁରୁତ୍ୱ ଦେଉଥିଲେ ।

ସାଧାରଣତଃ ଶୁଣାଯାଏ ଯେ, ଫଳାଫଳର ସଫଳତା କିମ୍ବା ଅସଫଳତା ଉପରେ ସାଧନାର ଉପଯୁକ୍ତ ମୂଲ୍ୟାଙ୍କନ ହୁଏ । କିନ୍ତୁ ଖରାପ ପନ୍ଥା ଦ୍ୱାରା ମହତ ଫଳ ହାସଲ କରାଯାଇ ପାରିବ ବୋଲି ଗାନ୍ଧିଜୀ ବିଶ୍ୱାସ କରୁ ନ ଥିଲେ । ଉପଯୁକ୍ତ ଓ ମହନୀୟ ସାଧନାଦ୍ୱାରା ଫଳାଫଳ ଅହୁରି ମହାନ୍ ହୁଏ । ଆମେ ଯେଉଁମାନେ ଜାତିସଂଘର ସନନ୍ଦକୁ ମାନି ଆସେଉଛୁ, ସେମାନେ ଏଥିରୁ ଶିକ୍ଷା କରିବା ଉଚିତ ।

ବ୍ରିଟିଶ ସାମ୍ରାଜ୍ୟବାଦ କବଳରୁ ଭାରତକୁ ସ୍ୱାଧୀନ କରିବାପାଇଁ ଗାନ୍ଧିଜୀ ସତ୍ୟାଗ୍ରହ ଓ ଅହିଂସାକୁ ସଫଳତାର ସହିତ ବ୍ୟବହାର କରିଥିଲେ । କିନ୍ତୁ ସେ ଭାରତର ସ୍ୱାଧୀନତା ପରି ସାମାଜିକ ଅନ୍ୟାୟ ଦୂର କରିବାପାଇଁ ବିଶେଷ ଗୁରୁତ୍ୱ ଦେଇଥିଲେ । ଦକ୍ଷିଣ ଭାରତର ଗୋଟିଏ ଗ୍ରାମରେ ଅସ୍ପୃଶ୍ୟତା ଦୂରୀକରଣ ପାଇଁ ସେ ସର୍ବପ୍ରଥମେ ସତ୍ୟାଗ୍ରହ ଆନ୍ଦୋଳନ ଆରମ୍ଭ କରିଥିଲେ । ଧର୍ମ ଓ ଜାତି ନିର୍ବିଶେଷରେ ପ୍ରତ୍ୟେକ ମଣିଷ ସମାନ ଏବଂ ସମସ୍ତ ମଣିଷଙ୍କର ସମ୍ମାନ ଓ ମର୍ଯ୍ୟାଦା ଅଲଙ୍ଘନୀୟ ବୋଲି ସେ ଦୃଢ଼ସ୍ୱର ଉଠାଇଥିଲେ । ସାମାଜିକ ନ୍ୟାୟ ହାସଲପାଇଁ ଗାନ୍ଧିଜୀ ଭାରତରେ ନିରବଚ୍ଛିନ୍ନ ଆନ୍ଦୋଳନ ଚଳାଇଥିଲେ ।

ଅହିଂସା ହେଉଛି ଜାତିସଂଘ ସନନ୍ଦର ଅନ୍ୟତମ ମୂଳମନ୍ତ୍ର । ଆନ୍ତର୍ଜାତିକ ସମସ୍ୟାର ସମାଧାନ ପାଇଁ ହିଂସା ଓ ବଳ ପ୍ରୟୋଗ ନ କରିବାକୁ ଜାତିସଂଘର ପ୍ରତ୍ୟେକ ସଦସ୍ୟରାଷ୍ଟ୍ର ଏକମତ ହୋଇଛନ୍ତି । କୌଣସି ପ୍ରକାର ମାନବିକ ସମସ୍ୟାର ସମାଧାନ ପ୍ରବର୍ତ୍ତନା ଓ ଶାନ୍ତିପୂର୍ଣ୍ଣଭାବରେ ହେବା ବ୍ୟତୀତ ଅନ୍ୟ କୌଣସି ପ୍ରକାରରେ ହୋଇପାରିବ ନାହିଁ ବୋଲି ଇତିହାସ ବାରମ୍ବାର ପ୍ରମାଣ କରିଛି । ହିଂସାଦ୍ୱାରା ସମସ୍ୟାର ସମାଧାନ ହେବା ଦୂରେ ଥାଉ ତଦ୍ୱାରା ହିଂସା ଅଧିକ ବ୍ୟାପକ ହୁଏ । ଏହାର ବହୁ ପୂର୍ବରୁ ଜଙ୍ଗଲ ଆଇନ ବଦଳରେ ଆଇନର ଶାସନ ପ୍ରତିଷ୍ଠିତ ହୋଇଥିଲା । ଆନ୍ତର୍ଜାତିକ ସମ୍ପର୍କ ରକ୍ଷା କ୍ଷେତ୍ରରେ ଆମକୁ ଜାତିସଂଘ ସନନ୍ଦ ଅନୁଯାୟୀ କାର୍ଯ୍ୟ କରିବା ବ୍ୟତୀତ ଅନ୍ୟ ପନ୍ଥା ନାହିଁ ।

ସବୁଠାରୁ ବିସ୍ମୟକର ଘଟଣା ହେଉଛି ଯେ, ଅହିଂସାର ପ୍ରତିମୂର୍ତ୍ତି ନିଜେ ଜଣେ ଆତତାୟୀର ଗୁଳିରେ ୭୦ ବର୍ଷ ବୟସରେ ମୃତ୍ୟୁ ବରଣ କଲେ । ଶାନ୍ତି ପ୍ରତିଷ୍ଠା ପାଇଁ ଉଦ୍ୟମ କରିଥିବା ବ୍ୟକ୍ତି ଯେ ପ୍ରଥମଥର ପାଇଁ ଏପରି ହିଂସାର କବଳିତ ହେଲେ ତା ନୁହେଁ । କିନ୍ତୁ ଏହାଦ୍ୱାରା ଯେ ଅହିଂସା ଓ ଶାନ୍ତି ପୂର୍ଣ୍ଣ ପରିବର୍ତ୍ତନର ଉଦ୍ୟମ ମିଥ୍ୟା ବୋଲି ପ୍ରମାଣିତ ହୋଇଗଲା ତା ନୁହେଁ, ଅନ୍ୟ ପକ୍ଷରେ ପ୍ରମାଣିତ ହୋଇଗଲା ଯେ, ହିଂସା କେତେ ଦୁର୍ବଳ । ଲୋକଙ୍କ ମନକୁ ଜୟ କରି ନ ପାରି ଅହିଂସା ଓ ଶାନ୍ତିର ପ୍ରଚାରକଙ୍କୁ ଶେଷ କରିଦେଲେ ଯେ ଏହାର ସମାପ୍ତି ହେବ, ଏହା ଭାବିବା ମସ୍ତବଡ଼ ଭୁଲ । ନିକଟରେ ମାର୍ଟିନ୍ ଲୁଥର କିଙ୍ଗଙ୍କର ହତ୍ୟାକାଣ୍ଡ ପୁଣି ମତେ ଏହି ବିଷୟ ସ୍ମରଣ କରାଇ ଦେଉଛି । କିନ୍ତୁ ହିଂସାକାଣ୍ଡ ଯେତିକି ବ୍ୟାପକ ହେବ ଅହିଂସା ଉପରେ ଲୋକମାନଙ୍କର ବିଶ୍ୱାସ ସେତିକି ବୃଦ୍ଧି ପାଇବ ।

ଆଜି ଆମେମାନେ ଏକ ଅଶାନ୍ତ ପୃଥିବୀରେ ବସବାସ କରୁଛୁ । ପ୍ରାୟ ସମସ୍ତ ସ୍ଥାନରେ ପରିବର୍ତ୍ତନ ପାଇଁ ଇଚ୍ଛା ପ୍ରକାଶ ପାଉଛି ସଙ୍ଗେ ସଙ୍ଗେ ଅଶାନ୍ତ ମନୋଭାବ ଦେଖା ଦେଉଛି । ଯଦି ବିଶ୍ୱରେ

> "ଭାରତର ବିଫଳତା ହେଉଛି ଏସିଆର ମୃତ୍ୟୁ । ଭାରତ ଯଥାର୍ଥରେ ବିବିଧ ସଂସ୍କୃତି ଓ ସଭ୍ୟତାର ଜନ୍ମଭୂମି । ଏସିଆ, ଆଫ୍ରିକା ଓ ପୃଥିବୀର ଯେ କୌଣସି ଅଞ୍ଚଳରେ, ଭାରତ ଶୋଷିତ ନରନାରୀଙ୍କ ଆଶାଭରସା ହୋଇ ରହୁ" ।
>
> —ଗାନ୍ଧିଜୀ

ସମ୍ଭବ ନୁହେଁ । ହୃଦୟରେ ଘୃଣାଭାବ ଓ ହିଂସା ଭରି ରହିଥିଲ- ...ନେ କେବଳ ଅସ୍ତ୍ର ବର୍ଜନ କରି ଗାନ୍ଧୀଜୀଙ୍କ ଅହିଂସା ମାର୍ଗର ପଥିକ ହେବା ସମ୍ଭବ ନୁହେଁ । ଘୃଣା, ଅସତ୍ୟ ଓ ହିଂସାର ପ୍ରତିରୋଧପାଇଁ ଗାନ୍ଧୀଜୀ ଆମକୁ ସତ୍ୟ ଓ ପ୍ରେମକୁ ଅସ୍ତ୍ର ସ୍ୱରୂପ ଦେଇଥିଲେ ବୋଲି କହିବା ଅତି ସହଜ । ପ୍ରେମ ଓ ସତ୍ୟର ଏହି ଅସ୍ତ୍ର ବଳରେ ଆର୍ଥିକ, ରାଜନୈତିକ, ବର୍ଣ୍ଣଗତ ଭେଦଭାବ ଭଳି ସମସ୍ୟାଗୁଡ଼ିକ ସମାଧାନ ହୋଇଯିବ ବୋଲି କହିବା ମଧ୍ୟ ସହଜ । କିନ୍ତୁ ଅହିଂସାର ବାସ୍ତବ ରୂପ ଯେଉଁ ବ୍ୟକ୍ତି ନବୁଝିଛି, ତାପକ୍ଷରେ ଏହା କାର୍ଯ୍ୟରେ ପରିଣତ କରିବା ଅତି କଷ୍ଟକର । ଯେ ମୋତେ ଘୃଣା କରେ ତାହାକୁ ମୁଁ ପ୍ରେମ କରିବି କିପରି ? ଜଣେ ନିଗ୍ରୋ ଜଣେ ଗୋରା ଲୋକକୁ ଭଲ ପାଇବ କିପରି ? ଜଣେ ପାକିସ୍ତାନୀ ଦେଶପ୍ରେମୀ ଭାରତୀୟଙ୍କୁ ...ଜଣ ପ୍ରେମ କରିପାରେ ? ଜଣେ ଭାରତୀୟ ଦେଶପ୍ରେମୀ ପାକିସ୍ତାନୀମାନଙ୍କ ସହିତ ପ୍ରେମ କରିବା କଣ ସମ୍ଭବ ? ପ୍ରେମର ...ରେ ପ୍ରେମ ମିଳିବା ସମ୍ଭବ । କିନ୍ତୁ ପ୍ରେମର ବିପରୀତ କୌଣସି ...ର ଭଣ୍ଡାରକୁ ପ୍ରେମ ମିଳିବ ନାହିଁ । ଗାନ୍ଧୀଜୀଙ୍କ ପ୍ରଦର୍ଶିତ ...ଏକ ମାର୍ଗ ବା ପଦ୍ଧତି ହୋଇ ନରହୁ ଏହା ଆମେ ଚାହୁଁ । ତେଣୁ ଗାନ୍ଧୀଙ୍କ ପ୍ରଦର୍ଶିତ ମାର୍ଗ ଅନୁଯାୟୀ ଉପରୋକ୍ତ କ୍ଷେତ୍ରରେ ମଧ୍ୟ ପ୍ରେମ ସମ୍ଭବ ହେବ । ଈଶ୍ୱରଙ୍କ ଉପରେ ଏବଂ ଈଶ୍ୱରଙ୍କ ସାର୍ବଭୌମତ୍ୱ ଉପରେ ପ୍ରଗାଢ଼ ବିଶ୍ୱାସ ଫଳରେ ଏଇ ପ୍ରେମର ସ୍ରୋତସ୍ୱିନୀ ପ୍ରବାହିତ ହେବ ।

ଭଗବଦ ଗୀତାରେ କୁହାଯାଇଛି—

ଈଶ୍ୱରଃ ସର୍ବଭୂତାନାଂ ହୃଦ୍ଦେଶେଽର୍ଜୁନ ତିଷ୍ଠତି
ଭ୍ରାମୟନ୍ ସର୍ବ ଭୂତାନି ଯନ୍ତ୍ରାରୂଢ଼ାନି ମାୟୟା ।
(ଭଗବତ୍ ଗୀତା ୧୮ ଅଧ୍ୟାୟ ୬୧ ଶ୍ଳୋକ)

ଏହି ଶ୍ଳୋକରେ କୁହାଯାଇଛି "ହେ ଅର୍ଜୁନ, ସର୍ବକର୍ତ୍ତା, ସର୍ବନିୟନ୍ତା ଈଶ୍ୱର ଆଧ୍ୟାତ୍ମ ସ୍ୱଭାବ ରୂପେ ସବୁ ପ୍ରାଣୀଙ୍କ ହୃଦୟରେ ଅଛନ୍ତି ଏବଂ ଯନ୍ତ୍ରରେ ଚଢ଼ାଇ ବୁଲାଇଲା ପରି ସବୁ ପ୍ରାଣୀକୁ ମାୟାରେ ବୁଲାଉଛନ୍ତି ।"

ମାନବର ହୃଦୟରେ ଈଶ୍ୱରଙ୍କର ଉପସ୍ଥିତି ହେଉଛି ସତ୍ୟାଗ୍ରହର ଗୂଢ଼ତତ୍ତ୍ୱ । ତେଣୁ ଏହା ନୂତନ ପଦ୍ଧତି ନୁହେଁ । ପ୍ରାଚୀନ ଆଧ୍ୟାତ୍ମିକ ଶିକ୍ଷା ଏବଂ ସତ୍ୟ ଉପରେ ପ୍ରଗାଢ଼ ବିଶ୍ୱାସର ସମଷ୍ଟି । ସଂଶୟଶୀଳ ବ୍ୟକ୍ତିପାଇଁ ସତ୍ୟାଗ୍ରହ ଉଦ୍ଦିଷ୍ଟ ନୁହେଁ । ବୈଜ୍ଞାନିକ ଅଭିବୃଦ୍ଧିରେ ମୁଗ୍ଧ ବ୍ୟକ୍ତିପାଇଁ ମଧ୍ୟ ସତ୍ୟାଗ୍ରହ ଉଦ୍ଦିଷ୍ଟ ନୁହେଁ । କାରଣ ସେଥିରେ ସେ ସନ୍ତୁଷ୍ଟ । ଆପଣଙ୍କ ପାଖରେ ଗୋଟିଏ ଭଲ ଫାଉଣ୍ଟେନ କଲମ ଥାଇପାରେ । କିନ୍ତୁ ସେଥିରେ କାଳି ନଥିଲେ କିମ୍ବା ଆପଣ ସେଥିରେ କାଳି ପରିବର୍ତ୍ତେ ପାଣି ଭରିଲେ ଲେଖି ହେବକି ? ଠିକ୍ ସେହିପରି ଗାନ୍ଧୀଜୀଙ୍କୁ କୌଣସି ଏକ କୌଶଳ ବା 'ପଦ୍ଧତି'ର ଉଦ୍ଭାବକ ବୋଲି ମନେକରିବା ଉଚିତ ହେବ ନାହିଁ । ଗାନ୍ଧୀଜୀଙ୍କ ଶିକ୍ଷାର ଗୂଢ଼ତତ୍ତ୍ୱ ଏବଂ ତାଙ୍କ କାର୍ଯ୍ୟର ବିଶେଷତ୍ୱ ଉପଲବ୍ଧି କରିବା ଉଚିତ । ଗାନ୍ଧୀଜୀ ଜଣେ ଉଦ୍ଭାବକ ନଥିଲେ । ତାଙ୍କଠାରେ ଐଶୀ ଶକ୍ତି ନିହିତ ଥିଲା ଏବଂ ସେଇଥିପାଇଁ ସେ ମହାତ୍ମା ପଦବାଚ୍ୟ ।

"ମାନ ମହତ ରକ୍ଷି ସଂସାରରେ ରହିବା ନିମନ୍ତେ ଯେତିକି ଜମିବାଡ଼ି ଦରକାର, ତାଠାରୁ ବେଶୀ ଜମିବାଡ଼ିର କେହି ମାଲିକ ହେବା ଉଚିତ ନୁହେଁ" ।

—ଗାନ୍ଧିଜୀ


ଚକ୍ରବର୍ତ୍ତୀ ରାଜଗୋପାଳାଚାରୀ

# ଅହିଂସାର ବାସ୍ତବରୂପ

ଗାନ୍ଧୀଜୀଙ୍କର ଘନିଷ୍ଠ ସଂସର୍ଗରେ ଆସିଥିଲେ ମଧ୍ୟ ତାଙ୍କ ବିଷୟରେ ଲେଖିଲାବେଳକୁ ମୁଁ ଭାଷା ପାଉନାହିଁ—ନିଜକୁ ଅସହାୟ ମନେ କରୁଛି। ଏହା ବାସ୍ତବିକ ଏକ ବିରୋଧାଭାସପରି ମନେ ହେଉଛି। ହିଂସାତ୍ମକ ଆଚରଣ ନକରି ସତ୍ୟ ଓ ପ୍ରେମ ଜରିଆରେ ସମସ୍ୟାର ସମାଧାନପାଇଁ ଏକ ନୂତନ ବାଟ ଦେଖାଇଥିବାରୁ ସାଂସାରିକ ପ୍ରଶଂସାକାରୀମାନେ ଗାନ୍ଧୀଜୀଙ୍କର ଅଜସ୍ର ପ୍ରଶଂସା କରିଛନ୍ତି। ଗାନ୍ଧୀଜୀଙ୍କ ପ୍ରଦର୍ଶିତ ଏହି ବାଟକୁ ସେମାନେ ଏକ 'ପଦ୍ଧତି' ବୋଲି କହିଛନ୍ତି। ମୋର ମତ ହେଉଛି ଯେ ଆମେ ପ୍ରେମ ଓ ସତ୍ୟର ବାସ୍ତବ ରୂପ ଉପଲବ୍ଧି କରିବା ଉଚିତ। ଗାନ୍ଧୀଜୀଙ୍କ ପ୍ରଦର୍ଶିତ ମାର୍ଗ କିପରି ବାସ୍ତବ ଓ ଉପଯୋଗୀ ହୋଇପାରିବ ସେ ସଂପର୍କରେ ଅଧ୍ୟୟନ କରିବା ଉଚିତ।

ଅନ୍ୟାୟ ବିରୁଦ୍ଧରେ ସଂଘର୍ଷପାଇଁ ଅହିଂସା ନୀତି ଉପରେ ଆଧାରିତ ଏକ 'ପଦ୍ଧତି'ର ବିକାଶ ସାଧନ କରିଥିବାରୁ ବିଦେଶର ନେତାମାନେ ଗାନ୍ଧୀଜୀଙ୍କର ଭୂୟସୀ ପ୍ରଶଂସା କରିଛନ୍ତି। ଗାନ୍ଧୀଜୀ ଯାହା ଶିକ୍ଷା ଦେଇଥିଲେ ତାହାକୁ ଏକ ପଦ୍ଧତି ବୋଲି ଧରି ନେବାହିଁ ଏକ ଭୁଲ ଧାରଣା ସୃଷ୍ଟି କରିଛି ଏବଂ ଏହା ଫଳରେ ନୈରାଶ୍ୟ ଦେଖା ଦେଉଛି। ଅହିଂସା ଏକ ଉପକରଣ ନୁହେଁ। ଅନ୍ୟାୟ ଆଚରଣ ବିରୁଦ୍ଧରେ ପ୍ରେମ ଓ ସତ୍ୟ ମାର୍ଗରେ ପ୍ରତିରୋଧ କରିବା ଅବଶ୍ୟ ମହାତ୍ମା ଗାନ୍ଧୀଙ୍କର ବିଶେଷତ୍ୱ। କିନ୍ତୁ ପ୍ରେମ ଓ ସତ୍ୟ ବଜାରରେ କିଣିବାକୁ ମିଳେନାହିଁ। ଭାଇଟମିନ୍ ଓ ପିଲ ବଜା[ରରୁ] କିଣି ଆଣିଲା ଭଳି ଆମେ ସତ୍ୟ ଓ ପ୍ରେମ ବଜାରରୁ କିଣିବାକୁ ପା[ଉ] ନାହିଁ। ଏଥିପାଇଁ ଈଶ୍ୱର ବିଶ୍ୱାସ ଆବଶ୍ୟକ।


ପ୍ରଥମେ ଆମେ ପଶୁ-ଶକ୍ତି ବ୍ୟବହାର କରୁଥିଲୁ। ... ପଶୁ-ଶକ୍ତିରୁ ବାଷ୍ପ, ବାଷ୍ପରୁ ତୈଳ ଇନ୍ଧନ ଏବଂ ତୈଳରୁ ... ବ୍ୟବହାର କଲୁ। କିନ୍ତୁ ମହାତ୍ମା ଗାନ୍ଧୀଙ୍କ 'ପଦ୍ଧତି' ବୁଝିବାକୁ ... ପରିବର୍ତ୍ତନ ଆମକୁ ସାହାଯ୍ୟ କରିବ ନାହିଁ। ଏଥିପାଇଁ ... ବଳ ଆବଶ୍ୟକ। ଏହି ନୈତିକବଳକୁ ଗାନ୍ଧୀଜୀ ଆତ୍ମବଳ ... କହୁଥିଲେ। ଏହା ବିଶ୍ୱାସ ଓ ବାସ୍ତବ ଧର୍ମନିଷ୍ଠାରୁ ମିଳେ। ... ପର୍ଯ୍ୟନ୍ତ ଗାନ୍ଧୀଜୀ ଏହି ଶକ୍ତି ଉପରେ ଜୋର ଦେଉଥିଲେ। ... ପ୍ରଣୋଦିତ ସମର ଏଡ଼ାଇବାପାଇଁ ଅଥବା ନିଜର ସୁବିଧାପାଇଁ ... ଯେଉଁମାନେ ଗାନ୍ଧୀଜୀଙ୍କର ଶିକ୍ଷା ଅନୁଯାୟୀ ଚଳିବାକୁ ଚେଷ୍ଟା ... ସେମାନେ କେବଳ ହିଂସାତ୍ମକ ନୀତିର ପରିବର୍ତ୍ତନ ... ଅହିଂସାର ବାସ୍ତବ ରୂପ ବୁଝିବାକୁ ଏବେ ବି ସଫଳ ହୋଇ ... ଈଶ୍ୱରଙ୍କର ସାର୍ବଭୌମତ୍ୱ ଉପରେ ପ୍ରଗାଢ଼ ବିଶ୍ୱାସ ହେଉଛି ଅହିଂସା ... ଏହା ଯେଉଁଠାରେ ସ୍ୱୀକୃତ ହୋଇନାହିଁ ସେଠାରେ ଅହିଂସା ... ହେବ। ସାଧାରଣତଃ ଲୋକେ ଭାବନ୍ତି ଯେ ଅସ୍ତ୍ରଶସ୍ତ୍ର ... ବର୍ଜନ କଲେ ଗାନ୍ଧୀଜୀଙ୍କ ପ୍ରଦର୍ଶିତ ଅହିଂସା ମାର୍ଗ ... କିନ୍ତୁ ଗାନ୍ଧୀଜୀ ଅହିଂସା କହିଲେ ଯାହା ବୁଝୁଥିଲେ ତାହା ...




କଟକ ନିକଟ କାଜିପାଟଣା ଗ୍ରାମରେ ବାପୁଜୀ

## ଓଡ଼ିଶାରେ ଗାନ୍ଧୀଜୀ

କାଠଯୋଡ଼ି ନଦୀ ବାଲିରେ ବାପୁଜୀଙ୍କ ସାଧାରଣ ସଭା (୧୯୨୧) । ସମ୍ମୁଖଭାଗରେ ପଣ୍ଡିତ ଗୋପବନ୍ଧୁ ହରିଜନ କଲ୍ୟାଣ ପାଇଁ ପାଣ୍ଠି ସଂଗ୍ରହ କରୁଛନ୍ତି






ଗ୍ରୀଷ୍ମ କ୍ଳାନ୍ତି ଦୂର କରେ

# ପି.ଆଇ.ଓ. କମଳା ସ୍କ୍ୱାସ୍

ଏହା ସୁସ୍ୱାଦୁ
ଗଛ ପାଚିଲା ତାଜା ଫଳରୁ ତିଆରି
ପୁଷ୍ଟିକର
ପ୍ରାକୃତିକ ଫଳଜ ଭିଟାମିନ୍‌ରେ ଭରପୁର
ଓ ସୁଲଭ

ଏଥିରେ କୌଣସି ପ୍ରକାର କୃତ୍ରିମ ଉପାଦାନ ନା



କଟକ ଜିଲ୍ଲାର ଇନ୍ଦୁପୁରରେ ଗାନ୍ଧୀଜୀ

## ଓଡ଼ିଶାରେ ଗାନ୍ଧୀଜୀଙ୍କ ପଦଯାତ୍ରା

ଉଦୁଖରେ ରମା ଦେବୀ ଓ ସୁରୁବାଳଙ୍କ ସହଣରେ ଗାନ୍ଧୀଜୀ





ଲେଙ୍ଗନ ଗ୍ରାମରେ (କଟକ ଜିଲ୍ଲା) ଏକ ହରିଜନ କୁଟୀରରେ ଗାନ୍ଧୀଜୀ (୧୯୩୪)

## ଓଡ଼ିଶାରେ ଗାନ୍ଧୀଜୀ



ହରିଜନ ପାଣ୍ଠିପାଇଁ ଅର୍ଥ ସଂଗ୍ରହ ସକାଶେ ଗାନ୍ଧୀଜୀ ଗୋଟିଏ ବିଞ୍ଚଣା ନିଲାମ କରୁଛନ୍ତି ।

କେ ସୁବାରାଓ

# ବିଚାର ବିଭାଗ ଓ ଅପରାଧ ନିବାରଣ

ଅପରାଧ ଜନିତ ନ୍ୟାୟର ଉଦ୍ଦେଶ୍ୟ ଓ ପ୍ରଭାବ ଅଛି । ସମାଜର ପ୍ରତିନିଧିତ୍ୱ କରୁଥିବା ରାଷ୍ଟ୍ର ଏବଂ ଅପରାଧୀଙ୍କ ମଧ୍ୟରେ ବିଚାରପତି ପ୍ରଧାନତଃ ଆଇନ ଅନୁସାରେ ନ୍ୟାୟ ବିଚାର କରିଥାନ୍ତି । କିନ୍ତୁ କାର୍ଯ୍ୟତଃ, ନ୍ୟାୟହିଁ ଅପରାଧ ନିବାରଣ କରିବାରେ ସାହାଯ୍ୟ କରେ । ନିରପେକ୍ଷ ରାୟ ଅପରାଧ ନିବାରଣ କରିଥାଏ, କିନ୍ତୁ ପକ୍ଷପାତ ରାୟ ଅପରାଧ ବଢ଼ାଏ । ନ୍ୟାୟ ଶବ୍ଦର ଅର୍ଥ ବୋଲରେ ବୁଝାଏ :— ସତ୍ୟ, ସାମ୍ୟ, ମାନବିକତା ଏବଂ ବାସ୍ତବତା, ଯାହାକି ଜନମତକୁ ରୂପାନ୍ତରିତ କରେ, ସାମାଜିକ କାର୍ଯ୍ୟାବଳୀକୁ ପରିପୋଷଣ କରେ, ଅପରାଧୀମାନଙ୍କ ଭିତରେ ଆତ୍ମବିଶ୍ୱାସ ଆଣିଦିଏ ଏବଂ କେତେକ ଅପରାଧୀଙ୍କ ମନରେ ଗ୍ଲାନି ଓ ଆଉ କେତେକଙ୍କର ସଂସ୍କାର ଆଣି ଦେଇଥାଏ । ଯଦିବା ନ୍ୟାୟର ଚରମ ଲକ୍ଷ୍ୟ ହେଉ ଅପରାଧ ନିବାରଣରେ ସାହାଯ୍ୟ କରିବା, ତଥାପି ପ୍ରତ୍ୟେକ କ୍ଷେତ୍ରରେ ନ୍ୟାୟ ଦେବାଟା ଏହାର ପୂର୍ବ ମୀମାଂସା ହେବା ଉଚିତ ।

ଦଣ୍ଡନୀୟ ଏବଂ ଦଣ୍ଡ ହେଉଛି ନ୍ୟାୟର ଦୁଇଟି ବିଭାଗ । ପ୍ରଥମଟି ଆଇନାନୁମୋଦିତ ସାକ୍ଷ୍ୟପ୍ରମାଣର ଆତ୍ମିକ ଅବଧାରଣା ଏବଂ ଦ୍ୱିତୀୟଟି ଅପରାଧୀର ବ୍ୟକ୍ତିତ୍ୱ ତଥା ସମାଜର ପାରିପାର୍ଶ୍ୱିକ ଅବସ୍ଥା ଉପରେ ପ୍ରତିଷ୍ଠିତ ।


ଅପରାଧଶାସ୍ତ୍ରର ମୌଳିକ ତଥ୍ୟଗୁଡ଼ିକ; ଯଥା :—ନିବୃତ୍ତି, ନିର୍ଯାତନ ଓ ସଂସ୍କାର ମଧ୍ୟରେ ସଂଘର୍ଷ ସୁସ୍ପଷ୍ଟ । ବାସ୍ତବିକ ଉଚିତ ସମାସ୍ୟାର ଏହି ତିନୋଟି ହେଉଛି ମୁଖ୍ୟ ବିଭାଗ । ଏହି ତିନୋଟି ଯାକ ମୌଳିକ ଉପାଦାନ ବସ୍ତୁ ମଧ୍ୟରେ ବର୍ତ୍ତମାନ କୌଣସି ଏକ ନିର୍ଦ୍ଦିଷ୍ଟ ବିଭାଗ ଉପରେ ଗୁରୁତ୍ୱ ଆରୋପ କରିବା ନିର୍ଭର କରେ ଅପରାଧୀ ଓ ଆଉ ଯେଉଁମାନେ ଅପରାଧ କରିବା ସମ୍ଭବ, ସେମାନଙ୍କର ଚରିତ୍ର ଉପରେ । ଯେଉଁମାନେ ଅବସ୍ଥାର ବଶବର୍ତ୍ତୀ ହୋଇ ଅପରାଧ କରିଥାନ୍ତି, ସେପରି ଅପରାଧୀମାନଙ୍କୁ ଅନେକ ସମୟରେ ମାନବୋଚିତ ଦଣ୍ଡାଦେଶ ଅପରାଧ କରିବାରୁ ନିବୃତ୍ତ କରିଥାଏ । କଠିନ ଦଣ୍ଡାଦେଶ ଫଳରେ ହୁଏତ ପ୍ରକୃତ ଅପରାଧଗୁଡ଼ିକର ହ୍ରାସ ଘଟିପାରେ । ନିର୍ମମ ଦଣ୍ଡାଦେଶ ହୁଏତ ଅପରାଧୀମାନଙ୍କର ମନୋବୃତ୍ତିକୁ କଠିନ କରିଦେଇ ପାରେ ଏବଂ ସେମାନଙ୍କୁ ଆହୁରି ବେପରୱାୟ କରିଦେଇ ପାରେ । ଯେଉଁ ଅପରାଧୀମାନେ ପାରିପାର୍ଶ୍ୱିକ ଅବସ୍ଥା ଓ ସାମାଜିକ ନିର୍ଯାତନା ଯୋଗୁଁ ବାଧ୍ୟ ହୋଇ ଅପରାଧୀର ଜୀବନ ଯାପନ କରନ୍ତି, ଶିକ୍ଷା ମାଧ୍ୟମରେ ସେହିମାନଙ୍କର ସଂସ୍କାର କରାଯାଇ ପାରେ । କିନ୍ତୁ ବୃହତ୍ତର ଦୃଷ୍ଟିରୁ ଦେଖିଲେ, କୌଣସି ମନୁଷ୍ୟ ସ୍ୱୟଂ ସମ୍ପୂର୍ଣ୍ଣ ନୁହେଁ । ଭଲ ଓ ଖରାପର ସଂମିଶ୍ରଣରେ ସେ ମୂର୍ତ୍ତିମାନ । ଏଥି ମଧ୍ୟରୁ କୌଣସି ଗୋଟିଏ ଗୁଣର ଆଧିକ୍ୟ ଘଟିଲେ, ସେ ଭଲ ବା ଖରାପ ଶ୍ରେଣୀର ଅନ୍ତର୍ଭୁକ୍ତ ହୁଏ ।

ମନୁଷ୍ୟର ଆଚରବ୍ୟବହାର ଉପରେ ବିଜ୍ଞାନସମ୍ମତ ମନସ୍ତାତ୍ତ୍ୱିକ ବିଶ୍ଳେଷଣ ଯେପରି ଭାବରେ ଅଗ୍ରସରି ଚାଲିଛି, ସେହି ଦୃଷ୍ଟିରୁ



୧୯୭୧ ରାଜ୍ୟ ସ୍ତରୀୟ ସ୍ୱାଧୀନତା ଦିବସ ପାଳନ ଉତ୍ସବରେ ମୁଖ୍ୟମନ୍ତ୍ରୀଙ୍କୁ ସ୍ୱରାଷ୍ଟ୍ର ବିଭାଗ ଶାସନ ସଚିବ ଶ୍ରୀ ବିପିନ ବିହାରୀ ରଥ ଓ ପୋଲିସ ଇନ୍‌ସ୍‌ପେକ୍‌ଟରଜେନେରାଲ ଶ୍ରୀ ବଟ ବିହାରୀ ମିଶ୍ର ପାଛୋଟି ଆଣୁଛନ୍ତି ।

୧୯୭୧ ସ୍ୱାଧୀନତା ଦିବସ ଉତ୍ସବରେ ଭୁବନେଶ୍ୱର ଠାରେ ମୁଖ୍ୟମନ୍ତ୍ରୀ ଭାଷଣ ଦେଉଛନ୍ତି ।



ଡକ୍ଟର ହରେକୃଷ୍ଣ ମହତାବ

# ଅପରାଧ ନିବାରଣ

ପ୍ରତିବର୍ଷ ଦେଶ ସାରା ଅପରାଧ ନିବାରଣ ସପ୍ତାହ ପାଳନ କରିବା ଗୋଟିଏ ମାମୁଲି କଥା । ମଣିଷର ଜୀବନ ବୃଷ୍ଟିରୁ ଶିଷ୍ଟକୁ ପରିବର୍ତ୍ତିତ ହୋଇଛି ଏବଂ ସାମୂହିକ ଭାବରେ ମଣିଷର ଜୀବନକୁ ପ୍ରଭାବିତ କରୁଥିବା କାରିଗରି ବିଦ୍ୟାର ବିକାଶ ହୋଇଛି । ତାହା ସଙ୍ଗରେ ଏହି ଗତ କେତେବର୍ଷ ଭିତରେ ଅପରାଧର ପ୍ରକୃତି ତଥା ଅପରାଧ ବିଜ୍ଞାନ ସଂପୂର୍ଣ୍ଣ ଭାବରେ ପରିବର୍ତ୍ତିତ ହୋଇଛି ବୋଲି ଭାରତରେ କେହି କେଉଁଠି ମନେ କଲେଣି କି ନା ମୋତେ ଜଣାନାହିଁ । ଅପରାଧର ପ୍ରକାର ଓ ଏହିସବୁ ଅପରାଧ କରିବାପାଇଁ ଦରକାର ହେଉଥିବା ପଦ୍ଧତି ସବୁ ଗତ କେତେବର୍ଷ ତଳେ ଯାହାଥିଲା ବର୍ତ୍ତମାନ ଆଉ ତାହା ନାହିଁ । ସେହିପରି ଅପରାଧୀମାନଙ୍କର ଶ୍ରେଣୀ ବିଭାଗ ମଧ୍ୟ ଆଉରହି ନାହିଁ ।

ଅପରାଧର ଚିନ୍ତା ମଧ୍ୟ ବଦଳି ଯାଇଛି । ଏହାର କାରଣ ବିଚାର କରିବାକୁ ହେବ । ଅଭିଧାନ ଅନୁସାରେ ଅପରାଧର ସଂଜ୍ଞା ହେଉଛି " ଆଇନ୍ ଦ୍ୱାରା ନିଷିଦ୍ଧ କୌଣସି କାର୍ଯ୍ୟ କରିବା କିମ୍ବା ଆଇନ୍‌ରେ ନିର୍ଦ୍ଧାରିତ କୌଣସି କାର୍ଯ୍ୟକୁ ନ କରିବା ହିଁ ଅପରାଧ । ଦୋଷୀକୁ ଦଣ୍ଡ ଦେବା ଏହି ଅପରାଧର ପ୍ରତିକାର" । ଏହି ସଂଜ୍ଞାରୁ ପରିଷ୍କାର ଜଣାପଡୁଛି ଯେ ଆଇନରେ ନିଷିଦ୍ଧ ଥିବା କାର୍ଯ୍ୟ କରିବା ଯେତିକି ମନ୍ଦ, ଆଇନ ଅନୁମୋଦିତ କାର୍ଯ୍ୟ ନ କରିବା ମଧ୍ୟ ତତୋଧିକ ଦୂଷଣୀୟ । ଅପରାଧ କରିବା ହେତୁ ଅପରାଧୀକୁ ଦଣ୍ଡ ଦେବା ନିମନ୍ତେ ସବୁ-ପ୍ରକାର ବ୍ୟବସ୍ଥା ହୋଇଥିବାବେଳେ, ଆଇନାନୁମୋଦିତ କାର୍ଯ୍ୟ ନ କଲେ ଦଣ୍ଡ ପାଇଁ କିଛି ବ୍ୟବସ୍ଥା ନାହିଁ । ଏହି ଗୁରୁତର ବିଷୟରେ ଆଇନର ବିଫଳତା ଯୋଗୁଁ ଅଧିକାରୀ ଅପରାଧ କରିବାଟା ଗୋଟାଏ ବଡ଼ ସାଂଘାତିକ କଥା ବୋଲି ଧରାଯାଉନାହିଁ । ତାପରେ ଆଇନ ସମ୍ବନ୍ଧୀୟ ସମସ୍ୟା କଥା ଦେଖାଯାଉ । ବର୍ତ୍ତମାନ ସାଧାରଣ ଆଇନକୁ ବହୁସଂଖ୍ୟକ ଲୋକେ 'ଅଗଣତାନ୍ତ୍ରିକ, ବୋଲି ଆପତ୍ତି କରୁଛନ୍ତି । ଏହି ମତ ଅନୁସାରେ, ସମାଜରେ ବହୁସଂଖ୍ୟକ ଲୋକଙ୍କ ପରିବର୍ତ୍ତେ କେତେକ ମୁଷ୍ଟିମେୟ ଲୋକଙ୍କୁ ରକ୍ଷାକରିବା ପାଇଁ ବର୍ତ୍ତମାନର ଆଇନ ପ୍ରଣୀତ ହୋଇଛି । ଦିନକୁଦିନ ଏହି ମତ ଅବିଚଳିତ ଭାବରେ ବଢ଼ିବାକୁ ଲାଗିଥିବାରୁ ଆଇନ ପ୍ରତି ଲୋକଙ୍କର ସମ୍ମାନ କ୍ରମଶଃ କମି ଯାଉଛି । ତୃତୀୟ ସମସ୍ୟା ହେଉଛି ଆଇନର ଶାସନ । ଆଇନର ଶାସନର ଗଣତାନ୍ତ୍ରିକ ଉପାୟ ହେଉଛି ଯେ ଶାସନ ବିଭାଗ ଆଇନ ପ୍ରବର୍ତ୍ତନ କରିବ ଏବଂ ବିଚାର ବିଭାଗ ଦେଖିବ ଆଇନ ଠିକ୍ ଭାବରେ ପ୍ରବର୍ତ୍ତିତ ହେଉଛି କି ନା । ସୁତରାଂ ବିଚାର ବିଭାଗର ମତାମତ ଅନୁସାରେ ଶାସନ ବିଭାଗ ନିଜକୁ ପରିଚାଳନା କରିବ । ଏହି ସଂପର୍କରେ ନିଶ୍ଚୟ ସ୍ପଷ୍ଟଭାବରେ କୁହାଯାଇ ପାରେ ଯେ ଦଣ୍ଡ କିମ୍ବା ଅପରାଧ ନିବାରଣ ଦିଗରେ ବିଚାର ବିଭାଗ ଠାରୁ ଯଥାର୍ଥ ପରାମର୍ଶ ଶାସନ ବିଭାଗ ପାଏନାହିଁ । ବିଚାର ବିଭାଗ ଅସାର ବିଚାର ସବୁ

କିନ୍ତୁ ଏଗୁଡ଼ିକ ଆଇନକୁ କାର୍ଯ୍ୟକରୀ କରାଇବା ଯଥାର୍ଥ ଅନୁଷ୍ଠାନ ନୁହନ୍ତି। ଯଦି ସମସ୍ତ ଅପରାଧଗତ ଆଇନଗୁଡ଼ିକ ସଂଶୋଧିତ ହୁଏ, ତେବେ ବିଚାର ବିଭାଗ ନିଶ୍ଚୟ ସୁଧାରିବା ପ୍ରଣାଳୀକୁ ଅଧିକରୁ ଅଧିକତର କାମରେ ଲଗାଇପାରିବ। ଯଦି ଅପରାଧୀମାନେ ବାଳକ କିମ୍ବା ବାଳିକା ହୁଅନ୍ତି, ତେବେ ସେମାନଙ୍କର ବଢ଼ିବା ସମୟରେ ବିଦ୍ୟାଳୟଗୁଡ଼ିକ ଉପରୋକ୍ତ ବିଶେଷଜ୍ଞ ସଂସ୍ଥାମାନଙ୍କ ଜରିଆରେ ଅପରାଧୀମାନଙ୍କୁ ସଂସ୍କାର କରିବାରେ ସାହାଯ୍ୟ କରିପାରନ୍ତି ଏବଂ ଅପରାଧ ନିବାରଣ କରିପାରନ୍ତି।

ତଥାପି ନ୍ୟାୟର ପରିସରକୁ ବିଚ୍ୟୁତି ନାହିଁ। ଏହାର ଅର୍ଥ ହେଉଛି ଯେ, ଯେତେବେଳେ ବିଚାରପତି ନିଜର ବିଚାର କାର୍ଯ୍ୟର ଦ୍ୱିତୀୟ ପର୍ଯ୍ୟାୟ ଅର୍ଥାତ୍ ଦଣ୍ଡବିଧାନ କରନ୍ତି, ସେତେବେଳେ ସେ ବିଶେଷଜ୍ଞଙ୍କ ମତ ଓ ପରାମର୍ଶ ଗ୍ରହଣ କରି ଦଣ୍ଡ ଦିଅନ୍ତି। ତାହା ଅପରାଧୀର ସଂସ୍କାର ଆଣିବାରେ ସାହାଯ୍ୟ କରେ।

ଶେଷ କଥା ହେଲା, ନିରପେକ୍ଷ ନ୍ୟାୟ କେତେକାଂଶରେ ଅପରାଧ ନିବାରଣ କରେ। ଯଦିବା ଏହାର ସେଭଳି ପ୍ରଭାବ ପଡ଼େ, ତଥାପି ନ୍ୟାୟର ଉଦ୍ଦେଶ୍ୟ ନିବାରଣ ନୁହେଁ। ନ୍ୟାୟର [illegible] ଉଦ୍ଦେଶ୍ୟ ଥାଇପାରେ। ତଥାପି ନ୍ୟାୟର ମୁଖ୍ୟ କାର୍ଯ୍ୟ ହେଉଛି ସତ୍ୟର ଉଦ୍‌ଘାଟନ ଓ ଦୋଷୀକୁ ଉଚିତ ଦଣ୍ଡପ୍ରଦାନ। [illegible] ସମାଜର ଏକ ସାଧନ ହୋଇଥିବାରୁ ସମାଜରେ "ଉଚିତ ଦଣ୍ଡ ବିଧାନର" ଏକ ନୂଆ ଧାରଣା ସୃଷ୍ଟି ହେଉଛି। ନ୍ୟାୟକୁ [illegible] ଗ୍ରହଣ କରିବାକୁ ପଡ଼ିବ। ଯାହାହେଉ ପକ୍ଷରେ [illegible] ପ୍ରାଥମିକ କାର୍ଯ୍ୟ ସେମିତି ରହିଛି, ଏହାର ନିରପେକ୍ଷ ଚାରିତ୍ରକୁ [illegible] ସେଭଳି ନୈତିକ ଶକ୍ତି ପ୍ରକଟିତ ହେଉଛି, ତାହା ଅପରାଧ ନିବାରଣ କିମ୍ବା ଅପରାଧୀର ସଂସ୍କାର କରିପାରେ।

(ଇଂରାଜୀରୁ ଅନୁବାଦ)

ଓଡ଼ିଆ ଦୈନିକ **ମାତୃଭୂମି** କଟକ—୧, ଓଡ଼ିଶା

ଏକମାତ୍ର ସ୍ୱାଧୀନ ଓ ନିରପେକ୍ଷ ପତ୍ରିକା : ଜନପ୍ରିୟ ଓ ବହୁଳ ପ୍ରଶଂସିତ ପତ୍ରିକା

*Matrubhumi*

ONLY INDEPENDENT ORIYA DAILY

CUTTACK-1, ORISSA

**Phone - 277, 349 & 1981** Telegram : MATRUBHUMI

* A popular and widely circulated Daily of Orissa
* Most reliable medium to carry your business messages to your respective clients.

ଶ୍ରୀ କାଳନ୍ଦୀଚରଣ ପାଣିଗ୍ରାହୀ

# ଆତ୍ମ-ନିରୀକ୍ଷଣ ସପ୍ତାହ

ଜାତୀୟ ଅପରାଧ ନିରୋଧ ସପ୍ତାହରେ ଆମ୍ଭମାନଙ୍କର ହିସାବ ନେବାର କଥା ଯେ, ପ୍ରଥମ ଜାତୀୟ ଅପରାଧ ନିରୋଧ ସପ୍ତାହ ପାଳନ ସମୟରୁ ଆଜି ସୁଦ୍ଧା ଏହି ବ୍ୟବଧାନ ଭିତରେ ଏହି ସଂସ୍କାର କାର୍ଯ୍ୟ କେତେଦୂର ଅଗ୍ରସର ହୋଇପାରିଛି, ପୁଣି ତାହାର ଫଳାଫଳ କ'ଣ ହୋଇଛି।

ପ୍ରତ୍ୟେକ ଅପରାଧ ଜାତିର ଗୋଟିଏ ଗୋଟିଏ ପ୍ରଧାନ ରୋଗ ସ୍ୱରୂପ, ଏ ରୋଗ ଯେତିକି ବର୍ଦ୍ଧିତ ଆମର ଜାତୀୟ ଜୀବନ ଅଗ୍ରଗତି ସେତିକି ବାଧାପ୍ରାପ୍ତ ହେବ। ସେହିପରି ତାହା ଯେଉଁ ପରିମାଣରେ କମିବ, ସେଇ ପରିମାଣରେ ଆମର ଜାତୀୟ ଜୀବନ ବିକାଶରେ ଉନ୍ନତି ଘଟିବ, ଏହା ଜଳ ଜଳ ହୋଇ ଦିଶୁଛି।

ଦେଶବାସୀଙ୍କୁ ଉପଦେଶ ଦେଇ ପାଣ୍ଡିତ୍ୟ ପ୍ରକାଶ କରିବା ଖୁବ୍ ସହଜ, କିନ୍ତୁ ସେଭଳି ପାଣ୍ଡିତ୍ୟ ପ୍ରକାଶ କରିବାକୁ ଯିବା ଆଗରୁ ମୋତେ ନିଜକୁ ଆଗ ମହାଅପରାଧୀ ଭଳି ବୋଧ ହେଉଛି।

ଘରେ ବାହାରେ, ସାହି ସମାଜରେ ପୁଣି ସରକାରୀ କିମ୍ବା ବେସରକାରୀ ସଂସ୍ଥାରେ କେଉଁଠି ଆମେ ଯେ ଅପରାଧୀ ନୋହୁଁ ତାହା ବୁଝିବା ମୋ ପକ୍ଷରେ ମୁସ୍କିଲ। ସେପରି ଅବସ୍ଥାରେ ମୁଁ କେଉଁ ମୁହଁରେ ଅନ୍ୟକୁ ସ୍ୱେରି ଡ଼ାକୁଅଛି, ଅନ୍ୟାୟ ନକରି ଓ ତାହ। ଫଳରେ ବନ୍ଧୁଦ୍ରୋହୀ, ପରିବାର ଦ୍ରୋହୀ, ସମାଜଦ୍ରୋହୀ, ଦେଶଦ୍ରୋହୀ ନହେବା ପାଇଁ ଚିଆରିବି ଆଜି ।

ଆଜି ସୁଦ୍ଧା ମୁଁ ବୁଝିବାକୁ ଅସମର୍ଥ ଯେ, ଆମ ପଡ଼ିଶା ବଙ୍ଗଳା ଦେଶରେ ଯେଉଁ ଆନ୍ତର୍ଜାତୀୟ ଅପରାଧର ତାଣ୍ଡବଲୀଳା ଦୁନିଆର ଆଖିକୁ ଅନ୍ଧକରି ଦେଇ ଅହରହ ଘଟିଛି, ପୁଣି ସେଇ ଅପରାଧର ତୁଳନା କରିବାକୁ ଗଲେ ଆମକୁ ହଜାର ହଜାର ବର୍ଷ ତଳର ଅସଭ୍ୟ ବର୍ବର ଇତିହାସର କଳଙ୍କିତ ଘଟଣାଗୁଡ଼ିକ ଉପରେ ଆଖି ପକାଇବାକୁ ହୋଇଥାଏ, ତାହାର ପ୍ରତିକାର ଅଛି କେଉଁଠାରେ ? ତାହାଠୁ ବଳି ଦୁନିଆଁ ଆଖିରେ ଧୂଳି ପକେଇ ଡ଼କେଇତ୍ କରିବାର ଉଦାହରଣ ଆଉ ବେଶୀ କେଉଁଠି ଅଛି ?

ଆଜି ସୁଦ୍ଧା ମୁଁ ବୁଝିବାକୁ ଅସମର୍ଥ ଯେ, ମୋର ସାଇ ପଡ଼ିଶାର ଗରିବଗୁରୁବାଙ୍କ ଠାରୁ ଆରମ୍ଭ କରି ସମାଜର ସରା ଉପରେ ରହିଥିବା ମଣିଷମାନଙ୍କ ଭିତରେ ଯେଉଁସବୁ ଅପରାଧ ଦେଖାଦେଇଥାଏ, ତାହାର ପ୍ରତିକାର ପ୍ରକୃତରେ କେଉଁଠାରେ ଅଛି ?

କେଉଁ ଦୂର ଅତୀତରୁ—ମଣିଷଜାତିର ଆଦିମତମ ଭାଷା ବେଦ ଯେତେବେଳେ ଦୁନିଆଁ ଉପରେ ଦେଖାଦିଏ—ସେତେବେଳେ ତା'ର ଅମରବାଣୀ "ସଂ ଗଚ୍ଛ ଧ୍ୱଂ ସ ବଦ ଧ୍ୱଂ"—ସମାନ ଗତିରେ

ପ୍ରଦର୍ଶନ କରି ବସିଲେ ଅବାସ୍ତବ ମତପୋଷଣ କଲେ, ଶାସନ ବିଭାଗ ଏକା ସମସ୍ତ ଦାୟିତ୍ୱ ନିଜ ଉପରକୁ ନେବାକୁ ସ୍ୱତଃ ଉତସ୍ତତଃ କରିବ। ଭାରତରେ ସଂସଦୀୟ ଗଣତନ୍ତ୍ରର ପ୍ରାଥମିକ ସ୍ତରରେ ଆଇନର ଧାରଣା ସମକ୍ଷୀୟ ଉପଯୁକ୍ତ ଭିନୋଟିଯାକ ସମସ୍ୟା ତୀବ୍ର ଭାବରେ ଦେଖିବାକୁ ମିଳେ।

କାରିଗରି ବିଜ୍ଞାନ ଓ ଶିଳ୍ପ-ସଭ୍ୟତାର ବିକାଶ ମଣିଷର ପ୍ରକୃତି ଓ ସ୍ୱଭାବକୁ ମଧ୍ୟ ଯେ ବଦଳାଇ ଦେଇଛି ଏହା ହୃଦବୋଧ ହେଉନାହିଁ। ବହୁ ପଣ୍ଡିତଙ୍କର ମତ ଯେ ଏହି ଶତାବ୍ଦୀର ଶେଷ ବେଳକୁ ମଣିଷ ଆଜି ଯାହାଅଛି ସେହିପରି ରହିବନାହିଁ। ସେତେବେଳେ ସେ ଏକ ସଂପୂର୍ଣ୍ଣ ପୃଥକ ବ୍ୟକ୍ତି ହୋଇଯିବ। ମଣିଷର ପ୍ରକୃତିରେ ଘଟୁଥିବା ବିଭିନ୍ନ ବିକାଶର ପରିବର୍ତ୍ତନ ପ୍ରତି ଦୃଷ୍ଟି ନଦେଇ ସ୍ୱଗିଥାଡ଼େ ଅପରାଧ ଅନୁସନ୍ଧାନର ଚିରାନୁଚରିତ ପଦ୍ଧତି ସ୍ୱଭିଲେ ଅପରାଧର ସଂଖ୍ୟା କମିଯିବ କିମ୍ବା ଅପରାଧର କିଛି ଫଳପ୍ରଦ ନିବାରଣ ହେବ ଏହା ଆଶା କରିବା ବିଡ଼ମ୍ବନା ମାତ୍ର। ଗୋଟିଏ ଅତି ସରଳ ଉଦାହରଣରୁ ଏହା ବୋଧଗମ୍ୟ ହେବ। ପରିବହନ ପ୍ରଣାଳୀର ବିକାଶ ସଙ୍ଗେ ସଙ୍ଗେ ଜାତୀୟ ଓ ପ୍ରାଦେଶିକ ରାଜପଥଗୁଡ଼ିକର ବିକାଶ ସାଧିତ ହୋଇଛି। କିନ୍ତୁ ଏହିସବୁ ବିକାଶ ହୋଇ ନଥିଲାବେଳେ ପୋଲିସ ଯେପରି ଅବସ୍ଥାରେ ଯେଉଁ ଉପକରଣ ନେଇ ରହିଥିଲା ଆଜି ଠିକ୍ ସେମିତି ରହିଛି। ରାଜପଥଗୁଡ଼ିକର ବିକାଶ ସଙ୍ଗେ ସଙ୍ଗେ ରାଜପଥ ପୋଲିସ ମଧ୍ୟ ଗଠନ କରାଯିବା ଉଚିତ। ଏହା ବିସ୍ତାର କରାଗଲା ନାହିଁ। ଅତଏବ ଜଣେ ସାମାନ୍ୟ ଚତୁର ଲୋକ ପକ୍ଷରେ ଭୁବନେଶ୍ୱରର ଗ୍ୟାରେଜରୁ ଗୋଟିଏ ମଟରଗାଡ଼ି ନେଇଯାଇ ପୋଲିସ ତରଫରୁ ବିନା ବାଧାରେ କେତେ ଘଣ୍ଟା ଭିତରେ କଲିକତା କିମ୍ବା ବିଶାଖା-ପାଟଣା ଠାରେ ପହଞ୍ଚିଯିବା ଅତି ସହଜ ହୋଇଛି। ପୋଲିସ ଥାନା ସବୁରେ ମଟରଗାଡ଼ି ନାହିଁ କି ଟେଲିଫୋନ ମଧ୍ୟ ନାହିଁ। ତଥାପି ସେମାନଙ୍କ ଠାରୁ ରାଜପଥ ରାହାଜାନୀର ଅନୁସନ୍ଧାନ କିମ୍ବା ନିବାରଣ ଆଶା କରାଯାଉଛି। ଭାରତ ତୁଳନାରେ ବହୁ ପାଶ୍ଚାତ୍ୟ ଦେଶରେ ଅପରାଧର ନିର୍ଣ୍ଣୟ ଓ ନିବାରଣର ପଦ୍ଧତି କଳ୍ପନାତୀତ ଭାବରେ ବିକଶିତ ହୋଇଥିଲେ ମଧ୍ୟ କାରିଗରି କୌଶଳର ବିକାଶ ଯୋଗୁଁ ଅପରାଧର ନିବାରଣ କ୍ରମେ କ୍ରମେ ଅଧିକରୁ ଅଧିକ କଷ୍ଟକର ହେଉଅଛି।

ବର୍ତ୍ତମାନ "ଭିକ୍‌ଟିମିଓଲଜି" ନାମରେ ଗୋଟିଏ ନୂତନ ବିଜ୍ଞାନର ଗବେଷଣା ଚାଲିଛି। ଆମେରିକାର ବହୁ ବିଶ୍ୱ ବିଦ୍ୟାଳୟ ଏହି ସମସ୍ୟା ଅନୁଧ୍ୟାନ କରୁଛନ୍ତି। ଏହି ବିଷୟରେ କେତେଗୁଡ଼ିଏ ପ୍ରବନ୍ଧ ମଧ୍ୟ ପ୍ରକାଶିତ ହୋଇଛି। ଏହି ବିଜ୍ଞାନରେ ଗବେଷଣାର ବିଷୟ ହେଉଛି କାହିଁକି କେତେକ ନିର୍ଦ୍ଦିଷ୍ଟ ଧରଣର ଲୋକେ ଅପରାଧୀମାନଙ୍କୁ ସେମାନଙ୍କ ଆଡ଼କୁ ଟାଣିନେଉଛନ୍ତି। ଯେଉଁମାନଙ୍କ ପ୍ରତି ଅପରାଧସବୁ କରାଯାଉଛି ସେହି ଲୋକମାନଙ୍କଠାରେ କିଛି ବିଶେଷ ଗୁଣ ଅଛି କି ନା, ସେମାନେ ତାହା ବାହାର କରିବାକୁ ଚେଷ୍ଟା କରୁଛନ୍ତି। ଉଦାହରଣସ୍ୱରୂପ ସଂପତ୍ତିର ବାହ୍ୟ ଆଡ଼ମ୍ବର ଚୋର ଓ ଡକାୟତମାନଙ୍କୁ ଆକର୍ଷଣ କରେ, ଯୁବତୀ ମହିଳାମାନଙ୍କର ବିଳାସର ପ୍ରକଟନରେ ଅପରାଧୀମାନେ ଆକୃଷ୍ଟ ହୁଅନ୍ତି, ଅତ୍ୟାଗ୍ରହୀ ବ୍ୟକ୍ତିମାନେ ଖୁନୀମାନଙ୍କୁ ଆକର୍ଷଣ କରନ୍ତି ଇତ୍ୟାଦି। ଏହି ବିଜ୍ଞାନ ବିକାଶ ଲାଭ କଲେ, ବୋଧହୁଏ ଏହା ଅପରାଧ ନିବାରଣ ଦିଗରେ ମହାଯାନ ହେବ। ଏଠାରେ ଏହାର ମଧ୍ୟ ଗବେଷଣା କରାଯାଇ ପାରେ।

ଅପରାଧ ସମ୍ବନ୍ଧରେ ପୋଲିସକୁ କିମ୍ବା ସାଧାରଣ ନାଗରିକଙ୍କୁ କିଛି ପରାମର୍ଶ ଦେଲାବେଳେ ଏହି ବିଷୟ ସବୁ ଦୃଷ୍ଟିରେ ରଖିବାକୁ ହେବ। ଲୋକମାନଙ୍କୁ ଅପରାଧ ନ କରିବା ପାଇଁ ପରାମର୍ଶ ଦେବା ବହୁସଂଖ୍ୟକ ଲୋକଙ୍କ ଦ୍ୱାରା ଏକ ଅପରାଧ ବୋଲି ଧରାଯିବ, କାରଣ ସେମାନେ ବର୍ତ୍ତମାନର ଆଇନକୁ ସାଧାରଣ ଲୋକର ଆଇନ ବୋଲି ସ୍ୱୀକାର କରନ୍ତି ନାହିଁ। ପୋଲିସକୁ କେତେକ କାମ କରିବାକୁ ନିର୍ଦ୍ଦେଶ ଦେବା ମଧ୍ୟ ଅବାସ୍ତବ ହେବ, କାରଣ ଅପରାଧର ଆଧୁନିକ ସମସ୍ୟାକୁ ମୁକାବିଲା କରିବାଲାଗି ସେମାନଙ୍କ-ଠାରେ ଆଦୌ ଉପକରଣ ନାହିଁ। ଏହିସବୁ ପରିସ୍ଥିତିରେ ଜଣେ ବାଧ୍ୟହୋଇ ଖାଲି ସାଧୁ ଆଶା ପୋଷଣ କରିବାକୁ ବାଧ୍ୟହେବ ଯେ ଲୋକମାନଙ୍କର ଆଇନ ଲଙ୍ଘନ ଓ ଅପରାଧ କରିବା ଉଚିତ ନୁହେଁ, କର୍ତ୍ତୃପକ୍ଷଙ୍କର ଆଇନରେ ରହିଥିବା କାର୍ଯ୍ୟର ଖିଲାପ କରିବା ଉଚିତ ନୁହେଁ ଏବଂ ଏତାଦୃଶ ପରିସ୍ଥିତିରେ ପୋଲିସ ଯଥାସମ୍ଭବ ଦକ୍ଷ ହେବା ବିଧେୟ।

(ଇଂରାଜୀରୁ ଅନୁବାଦ)

ଡକ୍ଟର ରାଧାନାଥ ରଥ

# ଅପରାଧର ହେତୁ

ପ୍ରାକୃତିକ ଜଗତରେ ବା ସାମାଜିକ କ୍ଷେତ୍ରରେ କିମ୍ବା ବ୍ୟକ୍ତିଗତ ଜୀବନରେ ଯେଉଁ ଯେଉଁ ସବୁ ଘଟଣା ଘଟେ ତା ପଛରେ ନିଶ୍ଚୟ କିଛି ନା କିଛି କାରଣ ରହିଥାଏ । ଯଥାଯଥ କାରଣ ନ ଥାଇ କୌଣସି କ୍ରିୟା ପ୍ରକ୍ରିୟା ସମ୍ଭବ ହେବ ନାହିଁ । ଏହି ଦୃଢ଼ ବିଶ୍ୱାସ ଉପରେ ସତ୍ୟାନୁସନ୍ଧାନ ପାଇଁ ଆମର ସମସ୍ତ ପ୍ରକାର ଧାରାବାହିକ ଉଦ୍ୟମ ପ୍ରତିଷ୍ଠିତ । ଯୁଗ ଯୁଗ ଧରି ଆମେ ଏହି ଚିରନ୍ତନ ଅନୁସନ୍ଧାନରେ ଲାଗି ରହିଛୁ ଏବଂ ଆମର ଅଗାଧ ପରିଶ୍ରମ ଫଳରେ ଆମର ଜ୍ଞାନର ପରିସର କ୍ରମେ କ୍ରମେ ବଢ଼ି ଚାଲିଛି । ଅନେକ ସମୟରେ ପ୍ରାକୃତିକ ଘଟଣା ଜାଣିବା ଯେତେ ସହଜ ହୁଏ ସାମାଜିକ ତଥା ମାନସିକ କ୍ରିୟା ପ୍ରକ୍ରିୟା ବିଷୟରେ ପ୍ରକୃତ ତଥ୍ୟ ଆହରଣ କରିବା ସେତେ ସହଜ ହୁଏ ନାହିଁ । କି ଗତ ଅର୍ଦ୍ଧ ଶତାବ୍ଦୀ ଭିତରେ ମାନସିକ ତଥା ସାମାଜିକ ଘଟଣାବଳୀର କାର୍ଯ୍ୟ-କାରଣ ସମ୍ପର୍କରେ ଆମେ ବହୁ ଜ୍ଞାନ ଅର୍ଜନ କରି ପାରିଛୁ । ସେଥି ଭିତରୁ ଅପରାଧୀ ମନୋବୃତ୍ତିର ମନସ୍ତାତ୍ତ୍ୱିକ ବିଶ୍ଳେଷଣ ଗୋଟିଏ ବିଶିଷ୍ଟ ଅବଦାନ ।


ଜଣେ ଲୋକର ଯଦି କୌଣସି ଗୋଟିଏ ରୋଗ ହୁଏ ତାହା କେଉଁ କାରଣରୁ ଘଟିଲା ବୋଲି ଜାଣିବା ପରେ ସିନା ଚିକିତ୍ସା ସମ୍ଭବ ହୁଏ । ସେହିପରି ଜଣେ ଯେତେବେଳେ କୌଣସି ଅପରାଧ କରୁଛି ସେ ତାହା କାହିଁକି କରୁଛି ଜାଣିବା ପାଇଁ ମନୋବିଜ୍ଞାନୀମାନେ ଲାଗି ପଡ଼ିଲେ ଏବଂ କ୍ରମେ କ୍ରମେ ଅପରାଧ ପ୍ରବଣତାର କାର୍ଯ୍ୟ-କାରଣ ବିଷୟରେ ବହୁ ତଥ୍ୟ ଉଦ୍‌ଘାଟିତ ହୋଇ ପାରିଲା । ଅପରାଧର ଯେ କାରଣ ଅଛି ସେ ବିଷୟରେ ମନୋବିଜ୍ଞାନୀ ତଥା ସମାଜ ବିଜ୍ଞାନୀମାନଙ୍କର କୌଣସି ସନ୍ଦେହ ନ ଥିଲେ ସୁଦ୍ଧା ସାଧାରଣ ଲୋକଙ୍କଠାରେ ସେ ବିଷୟରେ ଦୃଢ଼ ପ୍ରତ୍ୟୟ ଜନ୍ମି ପାରି ନାହିଁ । ତେଣୁ ଏ ସମ୍ବନ୍ଧରେ ନାନା ପ୍ରକାର କୁସଂସ୍କାରଗତ ଧାରଣା ସାଧାରଣଙ୍କଠାରେ ଆହୁରି ରହି ଯାଇଛି । କିଏ ଯଦି ଭାବେ ଅପରାଧ-ପ୍ରବଣତା ଜନ୍ମଗତ ଆଉ କିଏ ହୁଏତ କହେ ଏହା ଦୈବୀ ସମ୍ଭୂତ । ଏହାର ନିରାକରଣରେ ସେମାନଙ୍କର ପୂର୍ଣ୍ଣ ବିଶ୍ୱାସ ନ ଥିବାରୁ କେବଳ ଦଣ୍ଡ ବିଧାନ ଛଡ଼ା ସେମାନେ ଏ ବିଷୟରେ ଆଉ କିଛି ଭାବି ପାରନ୍ତି ନାହିଁ । ବର୍ତ୍ତମାନ ସୁଦ୍ଧା ଆମ ଦେଶରେ ଏ ବିଷୟରେ ନୂତନ ଚିନ୍ତାଧାରା ଦୃଢ଼ ଭାବରେ ପ୍ରତିଷ୍ଠିତ ହୋଇ ପାରିନାହିଁ । ତେଣୁ ଜେଲ, ଜୋରିମାନା, ବେତମାଡ଼ ଛଡ଼ା ଆମେ ଅନ୍ୟ ପନ୍ଥା ଭାବି ପାରୁ ନାହୁଁ ।

ଅପରାଧ-ପ୍ରବଣତାର ହେତୁ ବିଷୟରେ ଜାଣିବାକୁ ହେଲେ ଅପରାଧୀର ଅତୀତ ଜୀବନ-କାଳର ଘଟଣାବଳୀକୁ ଅନୁଧ୍ୟାନ କରିବା ଦରକାର । ମନୁଷ୍ୟର ବ୍ୟକ୍ତିତ୍ୱ ଗଠନ ଲାଗି ତାର ପିଲାଦିନର ଅନୁଭୂତିର ମୂଲ୍ୟ ବହୁତ ବେଶି । ପିଲାର ସରଳ

ପାଦ ପକେଇବା, ସମାନ ସ୍ୱରରେ କଥା କହିବା ଅର୍ଥାତ୍ ଏକଜୁଟ୍ ହୋଇ ଏକମନରେ ଚଳଚଞ୍ଚଳ ହେବାର ସେଇଁ ପୁରୁଣା କଥାଟା ରହିଆସିଛି ତାକୁ ଆମ ରାଜ୍ୟର ଲୋକେ ଥିବା ଆମ ରାଜ୍ୟର ରାଜନୀତି, ଅର୍ଥନୀତି ଓ ଧର୍ମନୀତି ପଣ୍ଡିତମାନେ କେଉଁ ପରିମାଣରେ କେତେ ଭାବରୁ ଭାବେ ଚିନ୍ତା କରନ୍ତି—କାମରେ ପରିଣତ କରିବା ତ ଦୂରର କଥା ।

କେଉଁ ରାଜନୀତି, କେଉଁ ସମାଜ ନୀତିରେ ଆମେ ଚଳିତ ଥାଉ ! ଯାହାକୁ କହନ୍ତି—"ମାଛି ଠକ ଠକ ଭୋଜନ ଟାଣ"—ଅର୍ଥାତ କୁସ କୁସ ବିସ୍ତୁ ବିସ୍ତୁ କହି ମାଛି ଗଢ଼େଇବା, ତେଣେ ଭୋଜନ ଆଡ଼କୁ ସୁହିଁବା—କ'ଣ ସବୁ ଅନ୍ନ ବ୍ୟଞ୍ଜନ ବଢ଼ାହୋଇଛି—ଏମିତି ଗୋଟେ ଦୋରସ ଫାଙ୍କିବାର ଧର୍ମନୀତି, ଅର୍ଥନୀତି, ଶିକ୍ଷାନୀତି ଓ ରାଜନୀତିର ଅନୁକରି ଆମେ ପ୍ରତ୍ୟେକ ଗୋଟିପଣେ ଆପଣାକୁ ତୁଳସୀ ବିସ୍ତୁରିଲ୍ଲ ଦେଖେ ଅସଲ ବିଲୁଆଟି ହୋଇ ଭାଗନ୍ତୁ କୁସ କୁସ ବିସ୍ତୁ ବିସ୍ତୁ ଧ୍ୟାନକରି ମାଛି ସଢ଼ାଉଥିବେବେ ... ପ୍ରତି ବୈରଭାବ ରଖି ବା ଅନ୍ୟକୁ ଗାଳିଗୁଲଜ କରି ତା'ର ଧନ ... ଅପହରଣ ପାଇଁ ଉପାୟ ଖୋଜିବାର ନବାକରଣ ତ ଘଟିଥିବ ... ଘୋଟିରହିଛି ।

ଏଇଭଳି ଏକ ଦୁଃସ୍ଥ, କ୍ଲୀବ, ପଙ୍ଗୁ ସମାଜରେ ଅପରାଧ ନିରୋଧ କରିବାର ଅବକାଶ ଅଛି କେଉଁଠାରେ । ଆମେ ଯେଉଁମାନେ ଅପରାଧ ନିରୋଧ କରିବାର କଥା କହୁଁ ଆଗ ନିଜେ ବ୍ୟକ୍ତିଗତ ଭାବରେ ପୁଣି ସାମାଜିକ ଜୀବନରେ କି ପରିମାଣରେ ନିରପରାଧ ରହିବା ଚେଷ୍ଟା କରୁଛୁ, ତାହାହିଁ ଆଜି ଆମର ଆତ୍ମନିରୀକ୍ଷଣ ସପ୍ତାହ ରୂପେ ପାଳିତ ହେବା ଉଚିତ ।



ସେତେ ଟଙ୍କା ହେଲେ ମଧ୍ୟ ମୋତେ ଗୋଟିଏ ସିନେମା ଟିକେଟ ଦିଅ ।

ଏହାର କଣ ପ୍ରତିକାର ନାହିଁ ?

ପ୍ରଧାନ ଭାବରେ ଦାୟୀ । ଏହା ଜଣା ଯାଇଛି ଯେ ବଡ଼ ବଡ଼ ଅପରାଧୀମାନଙ୍କର ପାରିବାରିକ ଜୀବନ ଅତ୍ୟନ୍ତ ଅପ୍ରୀତିକର ହୋଇଥାଏ ।

ଗୋଟିଏ ପିଲାର ପରିବର୍ଦ୍ଧିଷ୍ଣୁ ବ୍ୟକ୍ତିତ୍ୱ ଲାଗି ପାରିବାରିକ ସୁଖ-ଶାନ୍ତି ତଥା ସ୍ୱାଭାବିକ ପରିବେଶର ଆବଶ୍ୟକତା ରହିଛି ସତ, କିନ୍ତୁ ସେତିକି ଯଥେଷ୍ଟ ନୁହେଁ । ଏଥିଲାଗି ତାର ପାରିପାର୍ଶ୍ୱିକ ପରିସ୍ଥିତିର ଅବଦାନ କମ୍ ନୁହେଁ । ବିଶେଷତଃ ପାଠ ପଢ଼ା ପିଲା ପକ୍ଷରେ ସ୍କୁଲ ପରିବେଶ ତଥା ଶିକ୍ଷକମାନଙ୍କର ବ୍ୟବହାର ଅତ୍ୟନ୍ତ ମୂଲ୍ୟବାନ । ଶିକ୍ଷକମାନେ ଯଦି ସ୍ନେହଶୀଳ ନ ହୁଅନ୍ତି ସ୍କୁଲ ପରିବେଶ ଭିତରେ ଯଦି ନିଷ୍ଠୁରତା ତଥା ସହାନୁଭୂତିହୀନତା ଦେଖାଦିଏ ତାହାହେଲେ ପିଲାମାନେ ମଧ୍ୟ ବିଦ୍ରୋହୀ ହୋଇ ଉଠନ୍ତି । ଶିକ୍ଷକମାନେ ବାପମାଆଙ୍କ ପରି ଆଉ ଗୋଟିଏ ମୁଖ୍ୟ ସାମାଜିକ ପ୍ରତିନିଧି । ତେଣୁ ସେମାନଙ୍କ ବିରୁଦ୍ଧରେ ଯେଉଁ ତୀବ୍ର ଅଭିଯୋଗ ପ୍ରକାଶ ପାଏ ତାହା କ୍ରମେ ଅସାମାଜିକ କାର୍ଯ୍ୟ-ପ୍ରବଣତାରେ ପରିଣତ ହୁଏ । ଆମ ଦେଶରେ ଅନେକ ଶିକ୍ଷକ ଏପରି ନିର୍ଦ୍ଦୟ ଭାବରେ ପିଲାଙ୍କୁ ମାରନ୍ତି ଯେ ପିଲାଠାରେ କ୍ରମେ କ୍ରମେ ସେ ପ୍ରକାର ନିର୍ଦ୍ଦୟତା ଚରିତ୍ରଗତ ହୋଇ ପଡ଼େ । ସେମାନେ ଶିକ୍ଷକମାନଙ୍କ ପ୍ରତି ନିର୍ଦ୍ଦୟତା ପ୍ରକାଶ କରି ନ ପାରି ଭବିଷ୍ୟତରେ ସମାଜର ଅନ୍ୟାନ୍ୟ ଅନୁଷ୍ଠାନ ବିରୁଦ୍ଧରେ ସେମାନଙ୍କର ଏହି ଅବଦମିତ ନିଷ୍ଠୁରତା ପ୍ରୟୋଗ କରନ୍ତି । ଯେଉଁ ଶିକ୍ଷକମାନେ ଏପରି ନିର୍ଦ୍ଦୟ ଭାବରେ ପିଲାଙ୍କୁ ଦଣ୍ଡ ଦିଅନ୍ତି ସେମାନଙ୍କଠାରେ ଯେ ଅପରାଧ-ପ୍ରବଣତା ଲୁକ୍କାୟିତ ଭାବରେ କାମ କରୁଥାଏ, ଏଥିରେ ସନ୍ଦେହ ନାହିଁ । ସେମାନେ ନାନା କାରଣରୁ ସେମାନଙ୍କର ଅସାମାଜିକ ବିଦ୍ରୋହ ଅନ୍ୟଠାରେ ପ୍ରକାଶ କରି ନ ପାରି ଅସହାୟ ଶିଶୁ ଉପରେ ଢାଳି ଦିଅନ୍ତି । ତେଣୁ ଏ ପ୍ରକାର ଅସାମାଜିକ କ୍ରିୟା-ପ୍ରବଣ ଶିକ୍ଷକ ଭବିଷ୍ୟତ ଅପରାଧ ସୃଷ୍ଟି କରିବାରେ ମୁଖ୍ୟ ଅଂଶ ଗ୍ରହଣ କରିଥାଏ ।

ବାପ, ମାଆ ଓ ଶିକ୍ଷକମାନଙ୍କ ଛଡ଼ା ସମାଜରେ ଅନ୍ୟାନ୍ୟ ବ୍ୟକ୍ତିମାନଙ୍କର ପିଲା ସହିତ ସମ୍ପର୍କ ଉପରେ ପିଲାର ଭବିଷ୍ୟତ ବ୍ୟକ୍ତିତ୍ୱର ବୈଶିଷ୍ଟ୍ୟ ନିର୍ଭର କରିଥାଏ । ତେଣୁ ଅପରାଧ-ପ୍ରବଣତାର ନିରାକରଣ ଲାଗି ଅପରାଧର ମୂଳ କାରଣଗୁଡ଼ିକୁ ପ୍ରଥମେ ଆବିଷ୍କାର କରିବା ଉଚିତ । ତାପରେ ସେହି ହେତୁଗୁଡ଼ିକର ନିରାକରଣ ଫଳରେ ଅପରାଧୀର ମନୋବୃତ୍ତିକୁ ବଦଳାଇବା ସହଜ ହୁଏ । ଆଜିକାଲି ଡିଶା ରାଜ୍ୟରେ ରୋଗର ଚିକିତ୍ସା ଅପେକ୍ଷା ରୋଗର ପ୍ରତିରୋଧ ପାଇଁ ଯେପରି ବ୍ୟାପକ ବ୍ୟବସ୍ଥା କରା ଯାଉଛି ସେହିପରି ବୟସ୍କ ଅପରାଧୀର ଚିକିତ୍ସା ଅପେକ୍ଷା ସାଧାରଣ ପିଲାମାନେ ଭବିଷ୍ୟତରେ ଯେପରି ଅପରାଧୀ ନ ହେବେ ସେଥିପ୍ରତି ତୀକ୍ଷ୍ଣ ଦୃଷ୍ଟି ଦେବା ଉଚିତ । ସେଥିଲାଗି ବାପ, ମାଆ, ଶିକ୍ଷକ ଓ ଅନ୍ୟାନ୍ୟ ଅଭିଭାବକମାନଙ୍କର ଅପରାଧ ପ୍ରବଣତାର ମୂଳ କାରଣ ବିଷୟରେ ସଠିକ ଜ୍ଞାନ ହେବା ଉଚିତ । କେହି ବାପ ମାଆ ଜାଣି ଶୁଣି ନିଜ ପିଲାଙ୍କଠାରେ ଅପରାଧପ୍ରବଣତା ସୃଷ୍ଟି କରିବାକୁ ଚାହାନ୍ତି ନାହିଁ । ତେଣୁ ଏ ବିଷୟରେ ପ୍ରକୃତ ବୈଜ୍ଞାନିକ ଧାରଣା ହେଲେ ସେମାନଙ୍କର ଲାଳନପାଳନ ପ୍ରଣାଳୀ ବଦଳି ଯିବ ଏବଂ ବାପମାଆମାନେ ଏ ବିଷୟରେ ଚିନ୍ତାର ସହିତ କାମ କରି ପାରିଲେ ଶିକ୍ଷକମାନଙ୍କର ବ୍ୟବହାରରେ ମଧ୍ୟ ନିଶ୍ଚୟ ପରିବର୍ତ୍ତନ ଦେଖାଯିବ । କାରଣ ବାପମାଆ-ମାନେ ହିଁ ସ୍କୁଲ କଲେଜର ଶିକ୍ଷକ ଗୋଷ୍ଠୀ । ଏ ବିଷୟରେ ସାଧାରଣଙ୍କ-ଠାରେ ଗୋଟିଏ ପ୍ରକାର ବୈପ୍ଳବିକ ଚିନ୍ତାଧାରା ସୃଷ୍ଟି ହେବା ଦରକାର ଏବଂ ସମାଜରେ ଗୋଟିଏ ପ୍ରକାର ବ୍ୟାପକ ଗଠନଶୀଳ ଆନ୍ଦୋଳନ ଦେଖା ଦେବା ଉଚିତ ।


(ଆକାଶ ବାଣୀ, କଟକଙ୍କ ସୌଜନ୍ୟରୁ)

ମନ ଭିତରେ ଅନୁଭୂତିଗୁଡ଼ିକର ଯେଉଁ ଛାପ ପଡ଼େ ତାହା ତାର ପରବର୍ତ୍ତୀ ଜୀବନକୁ ବହୁତ ବେଶି ପ୍ରଭାବିତ କରେ । ଜଣେ ଅପରାଧୀର ଅପରାଧ-ପ୍ରବଣତାର କାରଣ ଜାଣିବାକୁ ହେଲେ ତାର ବାଲ୍ୟକାଳର ଗଭୀର ଅନୁଭୂତିଗୁଡ଼ିକର ବିଶ୍ଳେଷଣ କରା-ହୁଏ ଏବଂ ଏହି ଅନୁଭୂତି ଯୋଗୁଁ ଯେଉଁ ଅସ୍ୱାଭାବୀ ମନୋବୃତ୍ତି ସବୁ ତା ଠାରେ ଦେଖା ଦେଇଛି ତାର ନିରାକରଣ ଲାଗି ଚେଷ୍ଟା କରାଯାଏ । ଅର୍ଥାତ୍ ଏହା ଧରି ନିଆଯାଇଛି ଯେ ଅପରାଧ- ପ୍ରବଣତା ଗୋଟିଏ ପ୍ରକାର ମାନସିକ ବ୍ୟାଧି । ତେଣୁ ସେହି ଦୃଷ୍ଟିରୁ ଅପରାଧୀକୁ ଚିକିତ୍ସା କଲେ ତାର ଅପରାଧ-ପ୍ରବଣତା କମିଯାଏ ଏହା ଅପରାଧ-ପ୍ରବଣତାର ଗୋଟିଏ ମୂଳ ସତ୍ୟ ବୋଲି ନିର୍ଦ୍ଧାରିତ ହୋଇଛି ।

ଅପରାଧର କେତେଗୁଡ଼ିଏ ସାମାଜିକ ତଥା ବ୍ୟକ୍ତିଗତ ଦିଗ ରହିଛି । ସାମାଜିକ ନିୟମ ଉଲ୍ଲଂଘନ କରି ଅନ୍ୟର ଅସୁବିଧା ସୃଷ୍ଟି କରିବା ହେଉଛି ଅପରାଧର ଗୋଟିଏ ପ୍ରଧାନ ମନସ୍ତାତ୍ତ୍ୱିକ ଦିଗ । କେତେକ ଅପରାଧୀ ଅବଶ୍ୟ ସାଧାରଣ ଅଭାବ ଯୋଗୁଁ ବାଧ୍ୟ ହୋଇ ଅନ୍ୟମାନଙ୍କର ଜିନିଷକୁ ନେଇ ଯାଆନ୍ତି । ଏହା ପ୍ରକୃତରେ ଅପରାଧ-ପ୍ରବଣତାର ଫଳ ବୋଲି କୁହା ଯାଇ ନ ପାରେ । ଖାଇବା, ପିନ୍ଧିବା, ଘରେ ରହିବା ପ୍ରଭୃତି କେତୋଟି ମୌଳିକ ଅତ୍ୟାବଶ୍ୟକ ଅଭାବ ଯୋଗୁଁ ଅନେକ ଅପରାଧ ଘଟିଥାଏ । ସେଗୁଡ଼ିକ ପ୍ରକୃତରେ ଅତି ସାଧାରଣ ଘଟଣା । ପ୍ରଥମ ଅବସ୍ଥାରେ ଏହି ଅଭାବଗୁଡ଼ିକର ନିରାକରଣ କରି ଦେଲେ ସେ ପ୍ରକାର ଅପରାଧ ଦେଖା ଦେବାର ସମ୍ଭାବନା ବହୁତ କମିଯାଏ । କିନ୍ତୁ ଏହି କାରଣରୁ ଯଦି ଅପରାଧୀ ଘନ ଘନ ଜେଲ ଯାଏ ଏବଂ ତା ପ୍ରତି ଅତ୍ୟାଚାର ହୁଏ ତା ହେଲେ ତାହାଠାରେ କ୍ରମେ କ୍ରମେ ସମାଜ ପ୍ରତି ତୀବ୍ର ବିଦ୍ରୋହ ଦେଖାଦିଏ ଏବଂ ତାହା କ୍ରମେ ଅନିବାର୍ଯ୍ୟ ଅପରାଧ-ପ୍ରବଣତାରେ ପରିଣତ ହୁଏ । କିନ୍ତୁ ଆଉ କେତେକ ଅପରାଧୀ ଅଛନ୍ତି ଯେଉଁମାନଙ୍କର ସେପରି କୌଣସି ଗୁରୁତର ପାର୍ଥିବ ଅଭାବ ନାହିଁ । ତଥାପି ସେମାନେ ଅପରାଧ କରିବାରେ ଆନନ୍ଦ ପାଆନ୍ତି । ସମାଜ ପ୍ରତି ସେମାନଙ୍କର ଅବଚେତନ ମନରେ ତୀବ୍ର ଘୃଣା ଓ ବିଦ୍ୱେଷ ରହିଥିବାରୁ ସେମାନେ ସମାଜର କ୍ଷତି ଘଟାଇ ପ୍ରତିଶୋଧ ନିଅନ୍ତି । ରାସ୍ତାରେ ଯାଉଥିବା ବେଳେ ଆଲୁଅକୁ ଢେଲା ପକାଇ ଭାଙ୍ଗି ଦେବା, ଧଳେଇ ହୋଇଥିବା ପରିଷ୍କାର ପାଚେରୀରେ ଅଙ୍ଗାର ଗାର ପକାଇବା ପ୍ରଭୃତି ନିଜ ଉପକାରରେ ଆସୁ ନ ଥିବା ଏପରି କେତେଗୁଡ଼ିଏ ଅସାମାଜିକ କାର୍ଯ୍ୟରେ ଆନନ୍ଦ ପାଇବା ପଛରେ ଏହି ଅପଥା ବିଦ୍ରୋହ କାମ କରୁଥାଏ । ଏ ପ୍ରକାର ଅକାରଣ ବିଦ୍ରୋହ ଏମାନଙ୍କଠାରେ କାହିଁକି ଦେଖାଯାଏ ?

ପିଲାମାନେ ନାନା କାରଣରୁ ବାପ, ମାଆ ଓ ଅନ୍ୟାନ୍ୟ ବୟସ୍କ ଅଭିଭାବକଙ୍କ ଉପରେ ବିରକ୍ତ ହୋଇ ଥାଆନ୍ତି । ଏହା ଗୋଟିଏ ସାଧାରଣ କଥା । ପିଲାର ସବୁ ବିଷୟରେ ଅବାଧ ସ୍ୱାଧୀନତା ପାଇବା ଠିକ୍ ନୁହେଁ । ସେ କ୍ରମେ କ୍ରମେ ବାପ ମାଆଙ୍କଠାରୁ ନାନା ବିଷୟରେ ଶିକ୍ଷାଲାଭ କରିଥାଏ ଏବଂ ନାନା ପରିସ୍ଥିତିରେ ତାର ସ୍ୱାଧୀନତାରେ ବାଧା ଆସିଲେ ସେ ବିରକ୍ତ ହୋଇ ପଡ଼େ । ଏହା ହେଲା ପିଲା ଓ ବଡ଼ମାନଙ୍କର ସ୍ୱାଭାବିକ କ୍ରିୟା ପ୍ରତିକ୍ରିୟା । କିନ୍ତୁ ପିଲାକୁ କେତେକ ବାପମାଆ ବହୁତ ବେଶି କଷ୍ଟ ଦିଅନ୍ତି—ନାନା ଭାବରେ ତାର ସାମାନ୍ୟ ସାମାନ୍ୟ ସ୍ୱାଧୀନତାରେ ବାଧା ସୃଷ୍ଟି କରନ୍ତି—ଅଯୌକ୍ତିକ ଭାବରେ ତାକୁ ଗାଳି ଦିଅନ୍ତି—କଥାକଥାରେ ମାରନ୍ତି । କେତେକ ବାପମାଆ ଅତି ନିଷ୍ଠୁର ଭାବରେ ପିଲାମାନଙ୍କୁ ଶାସନ କରନ୍ତି । ଏପରି ପରିସ୍ଥିତିରେ ପିଲାଠାରେ ବାପମାଆଙ୍କ ପ୍ରତି ଅଶ୍ରଦ୍ଧା ତଥା ବିଦ୍ରୋହ ଦେଖା ଦେବା ସ୍ୱାଭାବିକ । କିନ୍ତୁ ସେ ଅତି ଛୋଟ ହୋଇ ଥିବାରୁ ସେମାନଙ୍କ ପ୍ରତି ପ୍ରତିଶୋଧ ନେଇ ପାରେ ନାହିଁ କି ନିଜକୁ ସେମାନଙ୍କ ଅତ୍ୟାଚାରରୁ ରକ୍ଷା କରିପାରେ ନାହିଁ । କିନ୍ତୁ ତା ମନରେ ଗୋଟିଏ ପ୍ରକାର ଅସ୍ୱାଭାବିକ ମନୋବୃତ୍ତି ବଢ଼ି ବଢ଼ି ଯାଇଥାଏ । ବଡ଼ ହେଲେ ଏ ପ୍ରକାର ଅସ୍ୱାଭାବିକ ବିଦ୍ରୋହ ଅସାମାଜିକ କାର୍ଯ୍ୟରେ ପରିଣତ ହୁଏ । ବାପମାଆଙ୍କ ପ୍ରତି ଦେଖା ଦେଇଥିବା ବିଦ୍ରୋହ ସମାଜ ପ୍ରତି ନିର୍ଦ୍ଦେଶିତ ହୁଏ । ଯେପରି ସମାଜର ସବୁ ଶ୍ରେଣୀର ଅଭିଭାବକମାନଙ୍କ ବିରୁଦ୍ଧରେ ସେ ଯୁଦ୍ଧ ଘୋଷଣା କରେ । ପିଲାଦିନେ ମଧ୍ୟ ଏ ପ୍ରକାର ବିଦ୍ରୋହାତ୍ମକ ମନୋବୃତ୍ତିର ପରିଚୟ ମିଳିଥାଏ । ଛୋଟ ଛୋଟ ଜିନିଷ ଚୋରି କରିବା—ଅକାରଣ ମିଛ କହିବା—-ଅଯୌକ୍ତିକ କାମରେ ଅପଥା ଜିଦ୍ ଧରିବା—ଗାଳି ଫଜିତ କରିବା ପ୍ରଭୃତି ବହୁ ପ୍ରକାର ପିଲାଳିଆ ଅସାମାଜିକ କାର୍ଯ୍ୟ ତାଠାରେ ଦେଖା ଦିଏ; ବହୁ କ୍ଷେତ୍ରରେ ପରବର୍ତ୍ତୀକାଳରେ ଗୁରୁତର ଅପରାଧରେ ପରିଣତ ହୁଏ । ଏପରି ପିଲାଏ ଘରେ ରହିବାକୁ ଚାହାନ୍ତି ନାହିଁ । କାରଣ ଘରର ପରିବେଶ ବିରୁଦ୍ଧରେ ସେମାନଙ୍କର ଚରମ ଅଭିଯୋଗ । ଯେଉଁ ପିଲାଙ୍କର ଘର ପ୍ରତି ବିଦ୍ରୋହ, ସେମାନଙ୍କର ଯେ ପରେ ସମାଜ ପ୍ରତି ବିଦ୍ରୋହ ହେବ ଏଥିରେ ସନ୍ଦେହ ନାହିଁ । ତେଣୁ ଏ କ୍ଷେତ୍ରରେ ବାପ-ମାଆମାନେ ପିଲାଠାରେ ଅପରାଧ-ପ୍ରବଣତା ସୃଷ୍ଟି କରିବାରେ

ଅତ୍ୟାଚାରୀ ଏବଂ ଶୋଷକର ପ୍ରତୀକ ରୂପେ ଆଖ୍ୟା ଦିଅନ୍ତି । ଏହା ଯଦି ସତ୍ୟ ହୋଇ ଥାଏ ଏବଂ ଏହାର ଆଶୁ ସଂଶୋଧନର ବ୍ୟବସ୍ଥା କରା ନ ଯାଏ ତାହା ହେଲେ ଆମ ରାଜ୍ୟର ପୋଲିସ ଅପରାଧ ନିବାରଣ କିମ୍ବା ଯେ କୌଣସି ଉଚ୍ଛୃଙ୍ଖଳତା ପ୍ରତିରୋଧ କରିବାରେ ଜନତାର ସହଯୋଗ କାମନା କରିବା ବୃଥା । ସୁତରାଂ ଉଦ୍ୟମଶୀଳ ଏବଂ ଦୃଢ଼ ପଦକ୍ଷେପ ଦ୍ୱାରା କେବଳ ଯେ ଜନ ସାଧାରଣ ପୋଲିସକୁ ବନ୍ଧୁ ଭାବରେ ଗ୍ରହଣ କରିବାକୁ ଶିକ୍ଷା ଦେଲେ ହେବ ତା' ନୁହେଁ ତାହା ସଙ୍ଗେ ସଙ୍ଗେ ଆମ ଦେଶର ପୋଲିସ ବାହିନୀ ମଧ୍ୟରେ ଗୋଟିଏ ସ୍ପଷ୍ଟ ଧାରଣା ଜାଗ୍ରତ କରାଇବାକୁ ହେବ ଯେ ସେମାନେ ତାଂକର ବ୍ୟବହାର ମାର୍ଗକୁ ଏପରି ଭାବରେ ପରିବର୍ତ୍ତନ କରିବେ ଯଦ୍ଦ୍ୱାରା ଲୋକେ ଅନୁଭବ କରିବେ ଯେ ପୋଲିସ ସେମାନଙ୍କର ପ୍ରକୃତ ବନ୍ଧୁ, କିନ୍ତୁ ହାକିମ ନୁହେଁ ।



ଅନ୍ୟମନସ୍କ ହେଲେ ରାସ୍ତା ଅବରୋଧ ଓ ଦୁର୍ଘଟଣା ଅନିବାର୍ଯ୍ୟ

ଶ୍ୟାମସୁନ୍ଦର ମିଶ୍ର

# ଅପରାଧ ନିବାରଣରେ ଜନତାର ସହଯୋଗ

“କୁଣ୍ଡିଦିନ ଡକେ ସଂପାଦକଙ୍କୁ ପତ୍ର” ଶିରୋନାମାରେ ଷ୍ଟେଟସ୍‌ମ୍ୟାନ୍ ଖବର କାଗଜରେ ଗୋଟିଏ ପ୍ରବନ୍ଧ ପ୍ରକାଶ ପାଇ ଥିଲା । ଲେଖକ ଜାପାନର ଶିଳ୍ପ ଉଦ୍ୟୋଗ ବୁଲି ଦେଖିବାର ସୁଯୋଗ ଲାଭ କରି ଥିଲେ । ସେ ସେଠାରେ ଦେଖିଲେ ଯେ କାରଖାନା ଗୁଡ଼ିକରେ ସମସ୍ତ କର୍ମଚାରୀ କଳା ଟୋପି ବ୍ୟବହାର କରୁଛନ୍ତି । ସେ ପଚାରି ବୁଝିଲେ ମଜୁରୀ ସର୍ତ୍ତର ଉନ୍ନତି ଦାବୀକୁ ମୁଖ୍ୟ ସ୍ଥାନ ଦେବା ପାଇଁ ସେମାନେ କଳା ଟୋପି ପିନ୍ଧି ଥିଲେ । କିନ୍ତୁ ଦାବୀ ହାସଲ ପାଇଁ ସେମାନେ ଧର୍ମଘଟ କିମ୍ବା ଉତ୍ପାଦନ ବନ୍ଦ କରିବାକୁ ଚେଷ୍ଟା କରୁ ନ ଥିଲେ । ବରଂ ଅନ୍ୟ ପକ୍ଷରେ ସେମାନେ ଅଧିକ ଉତ୍ସାହ ସହକାରେ କାର୍ଯ୍ୟ କରି ସେମାନଙ୍କର କାର୍ଯ୍ୟଦକ୍ଷତା ମାଲିକଙ୍କୁ ଉପଲବ୍ଧି କରାଉ ଥିଲେ ଏବଂ ଆଶା କରୁ ଥିଲେ ଯେ ତଦ୍ଦ୍ୱାରା ମାଲିକ ଦାବୀ ଗ୍ରହଣ କରିବା ସମୀଚୀନ ବୋଲି ବିଚାର କରିବେ । ସୁତରାଂ ଜନତାର ମନୋବୃତ୍ତି ଅପରାଧ ନିବାରଣରେ ପ୍ରଧାନ ସହାୟକ । ଏହା ସତ୍ୟ ଯେ ଏକ ସମୟରେ ଆମ ଦେଶରେ ଆଇନ ଉଲ୍ଲଂଘନ ଦେଶ ଭକ୍ତିର ପରିଚାୟକ ବୋଲି ଧରା ଯାଉ ଥିଲା । ଆମ ଜାତିର ପିତା ମହାତ୍ମା ଗାନ୍ଧୀ ଲବଣ ଆଇନକୁ ଭାଙ୍ଗିବା ପାଇଁ ଉତ୍ସାହ ଦେଇଥିଲେ । କାରଣ ତାହା ଆଇନ ବିରୁଦ୍ଧ ଆଇନ ବୋଲି ସେ ବିଶ୍ୱସ୍ତ ଥିଲେ । ବିଦେଶୀ ଶାସନ କାଳରେ ଉକ୍ତ ପନ୍ଥା ସମୟୋପଯୋଗୀ ଥିଲା । ସେତେବେଳର ଆଇନ ଆମ ଲୋକଙ୍କ ଦ୍ୱାରା ପ୍ରଣୀତ ହୋଇ ନ ଥିଲା । କିନ୍ତୁ ବର୍ତ୍ତମାନ ଅବସ୍ଥାର ସମ୍ପୂର୍ଣ୍ଣ ପରିବର୍ତ୍ତନ ହୋଇଛି । ଆମେ ଆମ ଦେଶର କର୍ତ୍ତା ଏବଂ ଆଇନ ଆମ ପ୍ରତିନିଧିଙ୍କ ଦ୍ୱାରା ପ୍ରଣୀତ । ଏ ଭଳି ପରିସ୍ଥିତିରେ ଆମ ପକ୍ଷରେ ଆଇନକୁ ଉପେକ୍ଷା କରି କିମ୍ବା କୌଣସି ଉଚ୍ଛୃଙ୍ଖଳତାରେ ଲିପ୍ତ ହେବା ନ୍ୟାୟ ସଂଗତ ନୁହେଁ । କିନ୍ତୁ ଦୁର୍ଭାଗ୍ୟର ବିଷୟ ଆମେ ସ୍ୱାଧୀନ ହେଲେ ସୁଦ୍ଧା ସେହି ସ୍ୱାଧୀନତା ପୂର୍ବ ମନୋବୃତ୍ତିର ପ୍ରଭାବ ଦୂର ହୋଇ ନାହିଁ । ଆଜିକାଲି ମଧ୍ୟ ଅନେକ ଲୋକେ ଆଇନ ଅମାନ୍ୟ କରିବା ବୀରତ୍ୱର ପରିଚୟ ବୋଲି ମନେ କରନ୍ତି ଏବଂ ସର୍ବ ସାଧାରଣ ସଂପତ୍ତି ନଷ୍ଟ କରନ୍ତି । ଆଶ୍ଚର୍ଯ୍ୟର ଏ ଏଭଳି କର୍ମରେ ଲିପ୍ତ ଥିବା ଲୋକେ ଜନସାଧାରଣଙ୍କଠାରୁ କୌଣସି ବାଧାପ୍ରାପ୍ତ ହୁଅନ୍ତି ନାହିଁ କିମ୍ବା ନିନ୍ଦିତ ହୁଅନ୍ତି ନାହିଁ । ପୋଲିସ ଆମ ବନ୍ଧୁ ହେଲେ ମଧ୍ୟ ଆମେ ସବୁବେଳେ ତାଙ୍କୁ ସନ୍ଦେହ ଚକ୍ଷୁରେ ଦେଖୁଁ । ଅନ୍ୟ ଶିକ୍ଷିତ ଦେଶ ଭଳି ଆମେ ପୋଲିସକୁ ସାହାଯ୍ୟ କରୁ ନାହିଁ । ମୋ ମତରେ ଏହା ଆମର ଗୋଟିଏ ମୌଳିକ ତ୍ରୁଟି । ଲୋକମାନଙ୍କର ମନୋବୃତ୍ତି ପରିବର୍ତ୍ତିତ ନ ହେଲେ ଅପରାଧ ସଂଖ୍ୟା ହ୍ରାସ ପାଇ ପାରିବ ନାହିଁ । ତେବେ ପ୍ରଶ୍ନ ହେଉଛି କିଭଳି ଭାବରେ ଏ ମନୋବୃତ୍ତି ପରିବର୍ତ୍ତନ କରା ଯିବ । ସମସ୍ତେ ଏକ ମତ ହେବେ ଯେ ଏକ ପକ୍ଷୀୟ କାର୍ଯ୍ୟ ଦ୍ୱାରା ଏହା ସମ୍ଭବ ନୁହେଁ । ଏ କଥା ସତ ଯେ ଜନ ସାଧାରଣ ପୋଲିସକୁ ବନ୍ଧୁ ଭାବେ ଗ୍ରହଣ କରିବାକୁ ଆଗ୍ରହୀ ହେବେ ଏବଂ ପୋଲିସ ମଧ୍ୟ ତାଙ୍କର ଦୃଷ୍ଟି କୋଣ ପରିବର୍ତ୍ତନ କରି ପ୍ରକୃତ ଜନ-ସ୍ୱାର୍ଥ ରକ୍ଷକ ଭାବରେ କାର୍ଯ୍ୟ କରିବେ । ଗଭୀର ଦୁଃଖର ବିଷୟ ଯେ କେତେକ ପାର୍ବତ୍ୟ ଅଞ୍ଚଳରେ ପୋଲିସର ଦମନ ଲୀଳା ବିଷୟରେ ଧାରାବାହିକ ଭାବରେ ଅଭିଯୋଗ ହେଉଛି । ସ୍ଥାନୀୟ ସାଧୁ ନେତା ମାନେ ପୋଲିସ

କମଳକୃଷ୍ଣ ପାଲ

# ଓଡ଼ିଶାରେ ମୋଟର ଦୁର୍ଘଟଣା ଓ ସମାଜର ଆତ୍ମରକ୍ଷା

ଭାରତୀୟ ସାମାଜିକ ତଥା ପାରିବାରିକ ନିରାପତ୍ତା ସମ୍ବନ୍ଧରେ ଭାବିବା ମାତ୍ରେ ସମ୍ବାଦ ପତ୍ରାଦିରେ ପ୍ରତ୍ୟହ ବାହାରୁଥିବା ଭୟାବହ ମୋଟର ଦୁର୍ଘଟଣାର କରୁଣ ବାର୍ତ୍ତା ଗୁଡ଼ିକ ଚିତ୍ତକୁ ଆଚ୍ଛନ୍ନ କରି ରଖେ। ପ୍ରଗତିଶୀଳ ମାନବସମାଜ ଗୋଟିଏ ଗୋଟିଏ ଜାତୀୟ ସମସ୍ୟାକୁ କେନ୍ଦ୍ର କରି ସେହି ସମସ୍ୟାର ମୂଳୀଭୂତ କାରଣକୁ ଏଡ଼ିବା ସକାଶେ ସଚେଷ୍ଟ ହୁଏ। ଏହି ଚେଷ୍ଟାର ସଫଳତାରେ ଜାତୀୟ ପ୍ରଗତି—ଅଭାବରେ ଅଧୋଗତି।

ସମ୍ପ୍ରତି ମୋଟର ଦୁର୍ଘଟଣା ମାନବସମାଜର ଗୋଟିଏ ପ୍ରଧାନ ବଞ୍ଚି ରହିବାର ସମସ୍ୟା ରୂପରେ ପରିଗଣିତ ହେଲଣି। ଅନ୍ୟ ସବୁ ଦେଶରେ ଏ ସମସ୍ୟା ଅଛି; ସୁତରାଂ ଆମର ଆତଙ୍କିତ ହେବାର କିଛି ନାହିଁ—ଏପରି ଭାବିବା ଆତ୍ମ-ପ୍ରତାରଣା ମାତ୍ର। କାରଣ ପାଶ୍ଚାତ୍ୟରେ ସମସ୍ୟାର ଅନୁରୂପ ସମାଧାନର ପ୍ରଚେଷ୍ଟା ରହିଛି। ମାତ୍ର ଭାରତରେ କାର୍ଯ୍ୟକାରୀ ସମାଧାନ ପ୍ରଚେଷ୍ଟା ନାହିଁ କହିଲେ ଚଳେ। ସମାଧାନ ପ୍ରଚେଷ୍ଟାର ଅବ୍ୟାହତି ଲାଭ କରିବା ନିମନ୍ତେ ଆମେ ସମସ୍ୟାର ଅସ୍ତିତ୍ୱକୁ ମଧ୍ୟ ଅସ୍ୱୀକାର କରୁ। ମୋଟର ଦୁର୍ଘଟଣା ଏହିପରି ଗୋଟିଏ ଉପେକ୍ଷିତ ସମସ୍ୟା।

ଆମେରିକାର ସାଧାରଣ ସ୍ୱାସ୍ଥ୍ୟ ବିଭାଗର ଅଧ୍ୟାପକ ଡ଼ଃ ରିଚାର୍ଡ ଓ୍ୱାଇନରମ୍ୟାନ୍ କହିଛନ୍ତି, "ମଣିଷ ବଞ୍ଚି ରହିବା ସକାଶେ ମଣିଷକୁ ନିଜ ତିଆରି ଯନ୍ତ୍ର ବିପର୍ଯ୍ୟୟକୁ ଆୟତ୍ତ କରିବାକୁ ପଡ଼ିବ—ଏପରି ସମସ୍ୟା ଏଥି ପୂର୍ବେ ପୃଥିବୀ ଇତିହାସରେ ଦେଖା ଯାଇ ନ ଥିଲା"।

କୌଣସି ଦୁର୍ଘଟଣାକୁ ଆକସ୍ମିକ ଦୈବ-ଦୁର୍ବିପାକ ବୋଲି କୁହାଯାଇ ନ ପାରେ। ପ୍ରତ୍ୟେକ ଦୁର୍ଘଟଣା ପଛରୁ ପ୍ରତ୍ୟକ୍ଷ ବା ପରୋକ୍ଷ କାରଣ ଅଛି। ବିଭିନ୍ନ ଦେଶର ବୈଜ୍ଞାନିକ, ଡାକ୍ତର, ଅଧ୍ୟାପକ ଓ ଦେଶପ୍ରେମୀଙ୍କର ପୋଲିସର ଗଭୀର ଗବେଷଣା ସଂପର୍କରେ ଯେଉଁ ତଥ୍ୟ ପ୍ରବନ୍ଧାଦିରେ ପ୍ରକାଶ ପାଉଛି ତାହା ପ୍ରତି ଆମର ନଜର ପଡ଼ିବା ଉଚିତ। ଗବେଷକମାନେ ନିମ୍ନଲିଖିତ ଭାବରେ ମୋଟର ଦୁର୍ଘଟଣାର ସାମାଜିକ କାରଣ ନିର୍ଦ୍ଦେଶ କରିଛନ୍ତି।

(୧) ଶତକଡ଼ା ୮୦ ଉପରେ ଦୁର୍ଘଟଣା ନିମନ୍ତେ ଡ୍ରାଇଭର ଦାୟୀ। ଦୁର୍ଘଟଣା ସକାଶେ ଗାଡ଼ି, ରାସ୍ତା, ଜଳବାୟୁଜନିତ ପରିସ୍ଥିତି ଏକାନ୍ତ ଭାବରେ ଦାୟୀ ନୁହେଁ। ଡ୍ରାଇଭର ସଚେତ ଥିଲେ ଏଗୁଡ଼ିକ ଏଡ଼ା ଯାଇ ପାରିବ।

(୨) ଜାତୀୟ ରାଜ ପଥରେ ପ୍ରଥମ ସମସ୍ୟା ମଦ୍ୟପାୟୀ ଚାଳକ। ଦଶ ବର୍ଷ ଧରି ରାଜପଥର ନିରାପତ୍ତା କାର୍ଯ୍ୟରେ ବ୍ରତୀ ଥିବା ଡ଼ଃ ଉଇଲିୟମ୍ ହେଡ଼େନ୍ ବଡ଼ ମତ ପ୍ରକାଶ କରନ୍ତି ଯେ—"ଯଦି ତୁମେ ମଦ ଖାଅ ତେବେ ମୋଟର ଚଳାଅ ନାହିଁ—ଯଦି ମୋଟର ଚଳାଇବାକୁ ଇଚ୍ଛା, ତେବେ ମଦ ଛାଡ଼"।

ପ୍ରତି ମୋଟର ଦୁର୍ଘଟଣାକୁ ବିଶ୍ଳେଷଣ କଲେ ଦେଖାଯିବ ଯେ—କୌଣସି ନା କୌଣସି ଆଇନକୁ ଲଙ୍ଘନ କରାଯାଇଛି। ମୋଟର

ଓଡ଼ିଶାର କୃଷକ ଏବଂ କ୍ଷୁଦ୍ରଶିଳ୍ପ ଉଦ୍ୟୋଗକାରୀମାନଙ୍କ
ସେବାରେ ନିୟୋଜିତ

# ଓଡ଼ିଶା ଏଗ୍ରୋ ଆଣ୍ଡ ସ୍ମଲ୍ ଇଣ୍ଡଷ୍ଟ୍ରିଜ୍ କର୍ପୋରେସନ୍ ଲିଃ

(ଓଡ଼ିଶା ସରକାରଙ୍କ ସଂସ୍ଥା)
କଲ୍ଲା ମଇଦାନ, କଟକ-୧

* ଆମ୍ଭେ ନିମ୍ନଲିଖିତ କୃଷି ଯନ୍ତ୍ରପାତିଗୁଡ଼ିକର ମହଜୁଦକାରୀ ଅଟୁଁ :—
  - ୧। ଜାପାନ ଦେଶର କୁବୋଟା ପାୱାର ଟିଲର।
  - ୨। ଚେକୋସ୍ଲୋଭାକିଆ ଦେଶର ଜେଟର—୨୦୧୧ ଟ୍ରାକ୍ଟର।
  - ୩। ରୁଷିଆ ଦେଶର ବାଇଲରସ୍ ଟ୍ରାକ୍ଟର।
  - ୪। ରୁଷିଆ ଦେଶର ଟି-୨୫ ଟ୍ରାକ୍ଟର।
* ଆମ୍ଭେ ଓଡ଼ିଶା ପାଇଁ ନିମ୍ନଲିଖିତ ଟ୍ରାକ୍ଟର ଗୁଡ଼ିକର ପରିବେଷକ ଅଟୁଁ :—
  - ୧। ଇଂଲଣ୍ଡ ଦେଶର ଫୋର୍ଡ—୩୦୦୦ ଟ୍ରାକ୍ଟର
  - ୨। ପୋଲଣ୍ଡ ଦେଶର ଅର୍ସସ୍. ସି—୩୨୮ (URSUS. C—328) ଟ୍ରାକ୍ଟର।
  - ୩। ଯୁଗୋସ୍ଲାଭିଆ ଦେଶର ଆଇ. ଏମ୍. ଟି. ୫୫୫ ଏବଂ ଆଇ. ଏମ୍. ଟି. ୫୩୩ (I. M. T. 555 & I. M.T. 328) ଟ୍ରାକ୍ଟର ପ୍ରଭୃତି।
  - ୪। ଇଂଲଣ୍ଡ ଦେଶର ଫର୍ଗୁସନ ଏମ୍. ଏଫ୍. ୧୩୫ (M. F. 135) ଟ୍ରାକ୍ଟର।
* ଆମ୍ଭେ କୃଷୀମାନଙ୍କୁ ଟ୍ରାକ୍ଟର ଏବଂ ବୁଲ୍‌ଡୋଜର ଭଡ଼ାରେ ଯୋଗାଇ ଥାଉଁ।
* ଆମ୍ଭେ ଆମ୍ଭର ଗ୍ରାମାଞ୍ଚଳରେ ପ୍ରତିଷ୍ଠିତ ସର୍ଭିସ ଷ୍ଟେସନମାନଙ୍କ ଦ୍ୱାରା ଟ୍ରାକ୍ଟର, ପାୱାରଟିଲର, ପାଣିପମ୍ପ ତଥା ଅନ୍ୟ ସମସ୍ତ ପ୍ରକାର କୃଷି ଯନ୍ତ୍ରପାତି ମରାମତି କରୁ।
* ଆମ୍ଭେ ରାଜ୍ୟର କ୍ଷୁଦ୍ରଶିଳ୍ପ ଉଦ୍ୟୋଗକାରୀମାନଙ୍କୁ ଭାରତରୁ ତଥା ବିଦେଶରୁ ଆମଦାନୀ ହେଉଥିବା ଲୌହ ଏବଂ ଅନ୍ୟାନ୍ୟ କଞ୍ଚାମାଲ ଯୋଗାଇ ଥାଉଁ।

## ❋ ଆମ୍ଭର ଶାଖା ଅଫିସ ❋

| ଫାଟକରୋଡ଼ | ବ୍ରହ୍ମପୁର | ସୁନାବେଡ଼ା |
|---|---|---|
| ସମ୍ବଲପୁର | ଗଞ୍ଜାମ | କୋରାପୁଟ |

ଭିତରେ ଦାଖଲ କରିପାରନ୍ତି ବୋଲି ଆଶଙ୍କା ମଧ୍ୟ କରାଯାଉଛି । ଏହ ବଳ ଥିଲେ କଣ ନ ହୋଇ ପାରେ ?

(୮) ପଥଚାରୀ ଓ ଆରୋହୀମାନେ ମୋଟର ବା ଟ୍ରକ୍ ଚାଳନାର ଭୟାବହ ସମ୍ଭାବନା ସମ୍ବନ୍ଧରେ ଅଜ୍ଞ ଅଟନ୍ତି । ଅସ୍ୱାଭାବିକ ପରିସ୍ଥିତିକୁ ସଚେତ କରିବାର ଅଭିଜ୍ଞତା ସେମାନଙ୍କର ନାହିଁ । ମୋଟର ଚାଳନାର ପ୍ରତିରକ୍ଷା ବିଧି ତାଙ୍କୁ ଅଜଣା ।

(୯) ଗ୍ରାମବାସୀମାନେ ରାଜମାର୍ଗକୁ ଧାନ ଶୁଖାଇବା, ଗାଈ ବାନ୍ଧିବା, ଖଳି ପାରିବା, ତାସ୍ ଖେଳିବା ପ୍ରଭୃତି କାର୍ଯ୍ୟ ନିମନ୍ତେ ବ୍ୟବହାର କରି ମାର୍ଗର ଓସାରକୁ କମାଇ ଦେଉଛନ୍ତି ଏବଂ ରାଜନୈତିକ କର୍ମୀ-ମାନେ ଭୋଟ ହରାଇବା ଆଶଙ୍କାରେ ଗ୍ରାମବାସୀମାନଙ୍କୁ ଅପ୍ରିୟ ସତ୍ୟ କଥା କହି ପାରୁ ନାହାନ୍ତି ।

(୧୦) ନିର୍ବାଚନ ବେଳେ ଟ୍ରକ୍ ଓ ବସ୍ ବାଲାମାନେ କାମ ଦେବେ ଏହି ଭରସାରେ ରାଜନୈତିକ ପକ୍ଷମାନେ ଟ୍ରକ୍-ବସ୍ ଚାଳନା ସମ୍ବନ୍ଧରେ କୌଣସି ବୈଧାନିକ ସଂସ୍କାରରେ ବ୍ରତୀ ହେଉ ନାହାନ୍ତି ।

ଏହି ଉପଲକ୍ଷରେ କୁହାଯାଇ ପାରେ—"ସମସ୍ତେ ନିଜ ନିଜର ସ୍ୱାର୍ଥ ରକ୍ଷା କର—ପଛରେ ପଡ଼ିଥିବା ବ୍ୟକ୍ତିକୁ ବାଘ ଖାଉ ।"

କ୍ରମ-ବର୍ଦ୍ଧମାନ ଟ୍ରକ୍-ବସ ଦୁର୍ଘଟଣା ନିମନ୍ତେ ନିମ୍ନଲିଖିତ-ମତେ ସାମାଜିକ ପ୍ରତିରକ୍ଷାବଳୀ ଆଇନ ଓ ରୁଲ ଜାରି ହୋଇପାରେ ।

୧ । ମୋଟର ଆଇନର ୧୧୦ (କ) (୩) ଦଫାରେ ଉଲ୍ଲିଖିତ ୬ ମାସରୁ ୩ ବର୍ଷରେ ପରିବର୍ତ୍ତିତ କରି ଦୁର୍ଘଟଣା ସଂକ୍ରାନ୍ତ ଦାବୀ ଦୁର୍ଘଟଣାର ୩ ବର୍ଷ ମଧ୍ୟରେ କରା ଯିବାର ସୀମା ଧାର୍ଯ୍ୟ କରା ଯାଉ ।

୨ । ଟ୍ରକ୍ ଓ ବସ୍ ଡ୍ରାଇଭରମାନଙ୍କୁ ଲାଇସେନ୍ସ ଦେବା ସମୟରେ ଦୁର୍ଘଟଣା ହେଲେ କୋର୍ଟରେ ହାଜର କରାଇବା ନିମନ୍ତେ ସ୍ଥାନୀୟ ପରିଚିତ ଲୋକଙ୍କ ଠାରୁ ବ୍ୟକ୍ତିଗତ ଓ ସ୍ଥାବର ସଂପତ୍ତିର ଜାମିନ ନେବାର ରୁଲ କରାଯାଉ । ବହିରାଗତ ଡ୍ରାଇଭରମାନଙ୍କ ପକ୍ଷରେ ଏହି ନିୟମ କୋହଳ ନ କରି ବିଧିବଦ୍ଧ କରାଯାଉ ।

୩ । ଓଡ଼ିଶା ବାହାରୁ ଟ୍ରକ୍ ଓ ବସ୍ ଓଡ଼ିଶାକୁ ଆସିବା ମାତ୍ରେ ନିକଟତମ ପାଟୀରେ ସ୍ଥାପିତ ପୋଲିସ ଥାନାରେ ଡ୍ରାଇଭର ବିବରଣୀ ଦାଖଲ ପାଇଁ ଗୋଟିଏ ରେଜିଷ୍ଟର ରଖା ଯାଉ । ରାଜ୍ୟର ବିଭିନ୍ନ ପାଟୀରେ ତହିଁର ଯାଞ୍ଚ କରାଯାଉ ।

୪ । ଓଡ଼ିଶାର ବିଭିନ୍ନ ରୁଟ୍‌ରେ ଗାଡ଼ି ଛାଡ଼ିବା ଓ ଗନ୍ତବ୍ୟ ସ୍ଥଳରେ ଆସିପହଞ୍ଚିବା ମାତ୍ରେ ସଂପୃକ୍ତ ଟ୍ରକ୍ ଓ ବସ୍‌ଡ୍ରାଇଭରଙ୍କୁ ବିବୃତ୍ତ ଦେବାର ବିଧି କରି ସେ ବିଷୟରେ ରେଜିଷ୍ଟର ରଖାଯିବାର ବିଧିକୁ ମଧ୍ୟ ସ୍ଥିର କରାଯାଉ ।

୫ । ଦୁର୍ଘଟଣା ହେବା ପକ୍ଷେ ସଂପୃକ୍ତ ଡ୍ରାଇଭର ଟ୍ରକ୍ ଓ ଇନସୁରାନ୍ସ କମ୍ପାନୀର ନାମ, ଠିକଣା ଆଦି କେବଳ ପୋଲିସ ଥାନାରେ ଦାଖଲ ନ କରି ସଂପୃକ୍ତ ଫୌଜଦାରୀ କୋର୍ଟ ଓ ମୋଟର ଆଇନରେ ସ୍ଥାପିତ ହୋଇ ଥିବା କ୍ଲେମ୍ ଟ୍ରିବ୍ୟୁନାଲଙ୍କ ଅଫିସରେ ମଧ୍ୟ ଦାଖଲ କରାଯିବାର ବିଧି ହେଉ । (ଏହିପରି ନିୟମ ଜେଲବାଇ ଦୁର୍ଘଟଣା ପାଇଁ ଜାରୀ କରାହୋଇଛି ।)

୬ । ଆହତ ବା ନିହତ ବ୍ୟକ୍ତିଙ୍କ ଆତ୍ମୀୟ-ସ୍ୱଜନଙ୍କୁ ଦାବୀ ଦାଖଲ ନିମନ୍ତେ ପୋଲିସ ପକ୍ଷରୁ ସାହାଯ୍ୟ କରିବାର ବିଧି କରାଯାଉ । ରେଳବାଇ ଦୁର୍ଘଟଣା ପକ୍ଷେ ଯେପରି ବିଧି ଅଛି, ଦୁର୍ଘଟଣାର ରିପୋର୍ଟ ଓ ଡ୍ରାଇଭର ମାଲିକ, ଇନସୁରାନ୍ସ କମ୍ପାନୀର ନାମ ସ୍ଥାନୀୟ କ୍ଲେମ୍ ଟ୍ରିବ୍ୟୁନାଲଙ୍କ ନିକଟରେ ଦାଖଲ ହୋଇଥିଲେ ଦାବୀଦାରମାନଙ୍କୁ ପୋଲିସ ଅଫିସରେ ଖୁଆଁ ବୁଲିବାର ପ୍ରୟୋଜନ ହେବ ନାହିଁ ।

୭ । ମଟର ଆଇନ ବା ରୁଲରେ ଯେଉଁ ବିଧି ବିଧାନ ଅଛି ତାହା ପାଳିତ ହେଉଛି କି ନାହିଁ ତାହା ପ୍ରତି ରୁଟ୍‌ରେ ଟ୍ରକ୍-ବସ ଯାଉଥିବା ବେଳେ ରାସ୍ତା ପାର୍ଶ୍ୱବର୍ତ୍ତୀ ପୋଲିସ ଥାନାମାନଙ୍କରେ ଯାଞ୍ଚ କରା-ଯିବାର ବିଧିକୁ ଶକ୍ତ କରାଯାଉ ।

(ସୌରଭ ଏବଂ ଓ ନବଜୀବନ ମାସିକ ପତ୍ରିକା ସୌଜନ୍ୟରୁ)

ସ୍ଥଳନାରେ ଟ୍ରାଫିକ ଆଇନ, ମୋଟର ଆଇନ ଓ ରୁଲ, ପଦାର୍ଥ ବିଦ୍ୟାର ଗତି ଆଇନ, ମାଧ୍ୟାକର୍ଷଣ ଆଇନ, ଇଲେକ୍ଟ୍ରିସିଟି ଆଇନ, ପୋଲିସ ଆଇନ ଇତ୍ୟାଦି ସଂପୃକ୍ତ। ପ୍ରାଚୀନ ଭାରତୀୟ ଭାଷାରେ ନିର୍ଦ୍ଦେଶ ଆଇନ ଇତ୍ୟାଦି ସଂପୃକ୍ତ। ପ୍ରାଚୀନ ଭାରତୀୟ ଭାଷାରେ ଏହି ବ୍ୟାପକ ଅର୍ଥରେ ଆଇନର ନାମ ଧର୍ମ ବା କର୍ତ୍ତବ୍ୟବୋଧ। 'ଧର୍ମୋ ରକ୍ଷତି ଧାର୍ମିକଂ।'' ଯେଉଁ ଦେଶରେ ବା ଗୋଷ୍ଠୀରେ ପୋଲିସର ସତର୍କ ବାଣୀକୁ ଅମାନ୍ୟ କରିବା ଗୋଟିଏ ବାହାଦୁରୀ ବୋଲି ଗଣ୍ୟ କରାଯାଏ ସେହି ସମାଜରେ ମୋଟର ଦୁର୍ଘଟଣା ଅତି ଅଧିକ।

ଓଡ଼ିଶାରେ ସଂଘଟିତ ମୋଟର ଦୁର୍ଘଟଣାକୁ ମୋଟର ଦୁର୍ଘଟଣା ନାମ ନ ଦେଇ ବସ-ଟ୍ରକ୍-ଦୁର୍ଘଟଣା କହିବା ଅଧିକ ସମୀଚୀନ। ଏକାଧାରରେ ଆରୋହୀ, ପଥଚାରୀ, ବ୍ୟକ୍ତିଗତ ମୋଟର ଅଧିକାରୀ-ମାନେ ଯୁଗପତ୍ ଏହି ଟ୍ରକ୍-ବସ ଦାନବ ଦ୍ୱାରା ଆକ୍ରାନ୍ତ। ସଂଘବଦ୍ଧ ହୋଇ ଏମାନେ ଯେ କୌଣସି ମୋଟର ଆଇନ ବା ରୁଲକୁ ଉପେକ୍ଷା କରିପାରନ୍ତି। ଟ୍ରକ୍ ଚାଳକମାନେ ବହିରାଗତ ହୋଇଥିବାରୁ ଦୁର୍ଘଟଣା ତଦନ୍ତ ହେବା ପୂର୍ବରୁ ଆତ୍ମଗୋପନ ବା ପଳାୟନ କରିପାରନ୍ତି। ଟ୍ରିକ ନିଜର ପ୍ରକୃତ ନାମ ଗୋପନ କରି, ଦୁର୍ଘଟଣା ସ୍ଥଳରେ ଟାଉଟର-ମାନଙ୍କ ସାହାଯ୍ୟରେ ପୋଲିସକୁ ମଧ୍ୟ ପ୍ରତାରିତ କରିପାରନ୍ତି। ପୋଲିସ ନିଷ୍ପାପର ଭାବରେ ଅନୁସନ୍ଧାନ କଲେ ମଧ୍ୟ ବହୁ କ୍ଷେତ୍ରରେ ପ୍ରତ୍ୟକ୍ଷ ସାକ୍ଷୀର ଅଭାବ ବୋଧ କରନ୍ତି। ବହୁ କ୍ଷେତ୍ରରେ ଇନସ୍ୟୁରାନ୍ସ କମ୍ପାନୀମାନଙ୍କ ସହିତ ଏମାନଙ୍କର ସନ୍ଦେହପୂର୍ଣ୍ଣ ସହଯୋଗ ରହିଥିବାର ସନ୍ଦେହ ମଧ୍ୟ କରା ଯାଏ। ଅନ୍ୟାନ୍ୟ ଦେଶରେ ଦୁର୍ଘଟଣା ହେବା ମାତ୍ରେ ଇନସ୍ୟୁରାନ୍ସ କମ୍ପାନୀମାନେ ସ୍ୱତଃ-ପ୍ରଣୋଦିତ ହୋଇ ନିଜ ନିଜର ସୁନାମ ବଜାୟ ରଖିବା ନିମନ୍ତେ ଦାବୀ ପୂରଣ କରନ୍ତି। ମାତ୍ର ହତଭାଗ୍ୟ ଭାରତରେ ପୋଲିସ କୋର୍ଟ-କଚେରୀ ବିନା ସାହାଯ୍ୟରେ କିଛି ପାଇବାର ଆଶା ନାହିଁ।

କୌଣସି ବିଷୟରେ ଅପରାଧ-ପ୍ରବଣତାକୁ ବନ୍ଦ କରିବାକୁ ହେଲେ ଯେଉଁ ନୀତି ଅବଲମ୍ବନ କରିବା ଉଚିତ ବୋଲି ଆନ୍ତର୍ଜାତିକ ସ୍ତରରେ ସ୍ୱୀକୃତ ହୋଇଛି ଫରାସୀ ଆଇନଜ୍ଞ ଜେରେମୀ ବେନ୍ଥାମ୍ ତାକୁ ସରଳ ଭାଷାରେ ୧୨ଟି ସୂତ୍ରରେ ଗ୍ରଥିତ କରିଛନ୍ତି। ସେଥିରୁ ନିମ୍ନ-ଲିଖିତ ୪ ଗୋଟି ସୂତ୍ର ଓଡ଼ିଶାର ଟ୍ରକ୍‌ବସ ଦୁର୍ଘଟଣା ଅପରାଧ-ପ୍ରବଣତାର ପ୍ରତିଷେଧକ-ରୂପେ ବ୍ୟବହୃତ ହୋଇପାରେ—

୧। ଅପରାଧ ନିବାରଣ ହେଲେ ସମସ୍ତେ ଲାଭବାନ ହେବେ—ଜନ ସାଧାରଣଙ୍କ ମଧ୍ୟରେ ଏହି ଧାରଣା ଜନ୍ମାଇବାକୁ ହେବ।

୨। ଅପରାଧ କରି ଅପରାଧୀ ଯେପରି ପଳାଇ ନ ପାରନ୍ତି, ଏ ବିଷୟରେ ଅପରାଧୀ ବିରୁଦ୍ଧରେ ବାଧା ସୃଷ୍ଟି କରିବାକୁ ହେବ।

୩। ଅପରାଧ ହେବା ମାତ୍ରେ ବୈଜ୍ଞାନିକ ପ୍ରଣାଳୀରେ ଫଟୋ ପ୍ରଭୃତି ଦ୍ୱାରା ଅପରାଧୀକୁ ଚିହ୍ନଟ କରି ରଖିବାକୁ ହେବ।

୪। ଅପରାଧୀଙ୍କ ମନରେ ଏ ଧାରଣା ବଦ୍ଧ କରିବାକୁ ହେବ ଯେ ଅପରାଧ କଲେ ତାକୁ ଶାସ୍ତି ପାଇବାକୁ ହେବ।

୧୯୫୯ ଠାରୁ ୧୯୬୯ ମସିହା ମଧ୍ୟରେ ଓଡ଼ିଶାରେ ମୋଟର ଦୁର୍ଘଟଣା ସଂପର୍କରେ ମିଳିଥିବା ପରିସଂଖ୍ୟାନରୁ ସ୍ପଷ୍ଟ ପ୍ରତୀୟମାନ ହୁଏ ଯେ ଦୁର୍ଘଟଣା ବୃଦ୍ଧି ପାଇବା ସଂଗେ ସଂଗେ ମୃତ୍ୟୁ ସଂଖ୍ୟା ମଧ୍ୟ ବଢ଼ିଛି। ଉଦାହରଣ ସ୍ୱରୂପ ୧୯୫୯ରେ ଦୁର୍ଘଟଣା ଓ ମୃତ୍ୟୁ ସଂଖ୍ୟା ଯଥା କ୍ରମେ ୧୮୬ ଓ ୧୧୩ ଥିବା ସ୍ଥଳେ ୧୯୬୯ରେ ୨,୦୨୬ ଓ ୨୭୪ ହୋଇ ଥିଲା। ସର୍ବାଧିକ ସଂଖ୍ୟକ ଦୁର୍ଘଟଣା ମୋଟର ଚାଳକର ଦୋଷରୁ ହୋଇ ଥିଲା ବୋଲି ପୋଲିସ ଅନୁସନ୍ଧାନ ରିପୋର୍ଟରୁ ପ୍ରକାଶ।

ଓଡ଼ିଶାର କ୍ରମବର୍ଦ୍ଧମାନ ବସ୍, ଟ୍ରକ୍ ଦୁର୍ଘଟଣାମାନ ବିଶ୍ଳେଷଣ କଲେ ନିମ୍ନଲିଖିତ ପରିସ୍ଥିତି ପରିଲକ୍ଷିତ ହେବ—

(୧) ଟ୍ରକ୍ ଚାଳନା ବଢ଼ିବା ଅନୁପାତରେ ଦୁର୍ଘଟଣାର ସଂଖ୍ୟା ବଢ଼ିଛି।

(୨) ଟ୍ରକ୍‌ଚାଳକମାନେ ବହିରାଗତ ହୋଇଥିବାରୁ ଅପରିଚିତ ସୁଦୂର ଲୋକ-ବିରଳ ବସତିରେ ତାଙ୍କର କାର୍ଯ୍ୟକଳାପ ଉପରେ ଜନମତ ବା ପୋଲିସର କର୍ତ୍ତୃତ୍ୱ ରହିବା ସମ୍ଭବ ନୁହେଁ।

(୩) ସ୍ଥାନୀୟ ଲୋକମତକୁ ଉପେକ୍ଷା କରିବା ଭଳି ଏମାନଙ୍କର ସଂଗଠନ ଶକ୍ତି ଅଛି ଓ ଦୁର୍ଘଟଣା ହେବା ମାତ୍ରେ ଏମାନଙ୍କ ପକ୍ଷରେ ଅଜ୍ଞାତ ରହି ଯିବାର ଆଶଂକା ରହିଛି।

(୪) ସ୍ଥାନୀୟ ପଥଚାରୀ ବା ଅନ୍ୟ ମୋଟର ଆରୋହୀଙ୍କ ପ୍ରତି ତାଙ୍କର ସହାନୁଭୂତି ନାହିଁ।

(୫) ମୋଟର ଆଇନର ଦୁର୍ବଳତାର ସୁବିଧା ନେବାରେ ଏମାନେ ଅତ୍ୟନ୍ତ ପାରଦର୍ଶୀ ଅଟନ୍ତି।

(୬) ମୋଟର ଆଇନର ୧୧୦ (କ) (୩) ଧାରା ଅନୁସାରେ ୬ ମାସ ମଧ୍ୟରେ ନିହତ ବା ଆହତ ବ୍ୟକ୍ତିଙ୍କ ପକ୍ଷରେ କ୍ଷତି ପୂରଣ ଦରଖାସ୍ତ କରିବା ସମ୍ଭବ ନ ଥିବାରୁ ବହୁ ଅଜ୍ଞାତ ଦୁର୍ଘଟଣା କୋର୍ଟକୁ ଆସୁ ନାହିଁ।

(୭) ଦୁର୍ଘଟଣାର ଅବ୍ୟବହିତ ପରେ ସଂପୃକ୍ତ ବହିରାଗତ ଟ୍ରକ୍ ଡ୍ରାଇଭର ରାଜ୍ୟ ବାହାରକୁ ପଳାୟନ କରେ ସ୍ଥାନୀୟ ଟାଉଟର-ମାନେ, ଅନୁମେୟ ଅଜ୍ଞାତ କାରଣ ଯୋଗେ ସ୍ଥାନୀୟ ଲୋକମାନଙ୍କ ଆଖି ଧୂଳି ଦେବା ଉଦ୍ଦେଶ୍ୟରେ କାଳ୍ପନିକ ଆସାମୀର ନାମ ଠିକଣା ଦେଇ

ସେମାନେ ଜନତାର ଆସ୍ଥା ଲାଭ କରି ନାହାନ୍ତି । ପୋଲିସ ବିଶ୍ୱସ୍ତ ନହେଲେ ଲୋକେ ସହଯୋଗ କରିବେ ନାହିଁ । ଲୋକ-ପ୍ରତ୍ୟୟ ହିଁ ସମସ୍ତ ପୋଲିସ କାର୍ଯ୍ୟର ମୂଳଭିତ୍ତି ।

ଯେତେବେଳେ ଲୋକମାନେ ଦେଖନ୍ତି ଯେ ସମାଜ-ପ୍ରଦତ୍ତ ସମସ୍ତ କାର୍ଯ୍ୟ ପୋଲିସ ଆଇନାନୁସାରେ କଠୋର ଭାବରେ ସମ୍ପନ୍ନ କରୁଛି ଏବଂ ସୁଫଳ ଲାଭ କରୁଛି, ସେତେବେଳେ ଯାଇ ଲୋକଙ୍କର ପୋଲିସ ଉପରେ ଆସ୍ଥା ଆସିବ । ତେଣୁ ଦୁଇଟି କଥା ହେଉଛି— ଗୃହୀତ ପନ୍ଥା ଓ ପରିଣତି । ଯଦି ଅନୁସୃତ ପନ୍ଥା ନୀତିହୀନ, ବେଆଇନ, ଉତ୍ପୀଡ଼କ କିମ୍ବା ସମାଜ ଅନୁମୋଦିତ ନୁହେଁ, ତାହାହେଲେ ପୋଲିସ ଘୃଣିତ, ଅନାଦୃତ, ଏବଂ ଶଙ୍କିତ ହେବ ଏବଂ ଜନସାଧାରଣ ତାହାକୁ ସାହାଯ୍ୟ କରିବେ ନାହିଁ । ଅନ୍ୟ ପକ୍ଷରେ ଯଦି ପୋଲିସ କୌଣସି କାର୍ଯ୍ୟ ସଫଳ ଭାବରେ କରି ନପାରେ, ତେବେ ଲୋକେ ତାହାର ଦକ୍ଷତାରେ ସନ୍ଦେହ ଆରୋପ କରିବେ ଏବଂ ତାହାକୁ ବିଶ୍ୱାସ କରିବେ ନାହିଁ । ଜନସାଧାରଣ ପୋଲିସକୁ କେତେକ କାର୍ଯ୍ୟ କରିବା ପାଇଁ ନିଯୁକ୍ତ କରିଥିବାରୁ, ତାହାଠାରୁ ଫଳ ଲାଭର ଆଶା କରନ୍ତି । ମାତ୍ର ପୋଲିସର ବାରମ୍ବାର ବିଫଳତା ହେତୁ ଲୋକେ ସାଧାରଣତଃ ତାହାକୁ ଘୃଣା କରନ୍ତି । ତେଣୁ ଅସତ୍ ପନ୍ଥା ଅନାସ୍ଥା ଜାତ କରାଏ ଏବଂ ବାରମ୍ବାର ବିଫଳତା ଘୃଣା ଉଦ୍ରେକ କରେ । ଏପରି ପରିସ୍ଥିତିରେ, ଉତ୍ସାହଜନକ ଜନସମର୍ଥନ ଲାଭ କରିବା ଏକ ଅରଣ୍ୟ ରୋଦନ ଭଳି ହୁଏ । ପୋଲିସବାହିନୀ ଜନ-ସମର୍ଥନ ହରାଇଲେ ଅପାରଗ ହୋଇଯାଏ । ଅପାରଗ ହେଲେ ପୋଲିସ ଅଧିକ ଜନ-ସମର୍ଥନ ହରାଏ । ଏହିପରି ଭାବରେ ପୋଲିସ ଅନ୍ୟାୟ ଓ ଉତ୍ପୀଡ଼କ କାର୍ଯ୍ୟର ଆଶ୍ରୟ ନେବାକୁ ବାଧ୍ୟ ହୁଏ ।

ସମାଜସ୍ଥ ସମସ୍ତ ସଦ୍‌ଗୁଣର ସଙ୍କେତ ସ୍ୱରୂପ ଯଦି ପୋଲିସ ନିଜକୁ ଲୋକଚକ୍ଷୁରେ ରଖିପାରିବ, ସେ ନିଜ କାର୍ଯ୍ୟରେ ସଫଳତା ଲାଭ କରିପାରିବ । ଏପରି ପରିବେଶ ସୃଷ୍ଟି କରିନପାରିଲେ, ସେ ଲୋକଙ୍କର ଆସ୍ଥାଭାଜନ ହୋଇପାରିବ ନାହିଁ । ଏପରି ଏକ ପରିବେଶ ସୃଷ୍ଟି କରିବା ପାଇଁ ସବୁଠାରୁ ବେଶି ଦରକାରୀ ଗୁଣ ହେଉଛି ସାଧୁତା । ସାଧୁତାରୁହିଁ ଅନ୍ୟସବୁ ଗୁଣ ଉଦ୍ଭବ ହୁଏ ।

ପୋଲିସ ଅପେକ୍ଷା ଅନ୍ୟ କୌଣସି ସ୍ୱକୀୟ ସଂସ୍ଥା ସରକାର ପାଇଁ ସୁନାମ ଅର୍ଜନ କରାଇ ପାରେନାହିଁ । ପୋଲିସ ଅପେକ୍ଷା ଅନ୍ୟ କୌଣସି ସଂସ୍ଥା ମଧ୍ୟ ଦେଶରେ ଏତେ କୁଖ୍ୟାତି ଆଣି ପାରେନାହିଁ । ପ୍ରକୃତରେ ଗଣତନ୍ତ୍ରର ସମସ୍ତ ମୂଳଭିତ୍ତି ପୋଲିସ ଉପରେ ନିର୍ଭର କରେ । ତେଣୁ ପୋଲିସ ଗଣତାନ୍ତ୍ରିକ ପନ୍ଥାରେ କାମ କରିବା ଉଚିତ । କଠୋର ଭାବରେ ନ୍ୟାୟ, ନିଷ୍ଠା, ନମନୀୟତା ଓ ନିରପେକ୍ଷ ପନ୍ଥା ଅନୁସରଣ କଲେ ଜନତାର ଆସ୍ଥାଭାଜନ ହୋଇ ପୋଲିସ ସାଧାରଣଙ୍କର ସମର୍ଥନ ଯେତିକି ପରିମାଣରେ ଲାଭ କରେ, ତାହା ଉପରେ ସେତିକି ଗଣତାନ୍ତ୍ରିକ ପଦ୍ଧତି ନିର୍ଭର କରେ । ସାଧାରଣଙ୍କର ଆସ୍ଥା ଅର୍ଜନ ପାଇଁ ସାଧୁତା ନିତାନ୍ତ ଦରକାର । ଜନସମର୍ଥନ ପାଇବା ପାଇଁ ଏହା ପ୍ରଥମେ ଆବଶ୍ୟକ ।

ତା ପରେ ଆସିଲା ଫଳର ପ୍ରଶ୍ନ । ଲକ୍ଷ୍ୟ ସ୍ଥଳରେ ପହଞ୍ଚିବା ପାଇଁ ଜନ-ସମର୍ଥନ ପୋଲିସକୁ ବହୁତ ବାଟ ଆଗେଇ ନେଇଯାଏ । ତଥାପି ନିଜେ ପୋଲିସକୁ ଏଥିପାଇଁ ବହୁତ ଶ୍ରମ ସ୍ୱୀକାର କରିବାକୁ ହୁଏ । ଏହା ତାହାର ଶିକ୍ଷା ଉପରେ ନିର୍ଭର କରେ—କିପରି ଭାବରେ ସେ ତାହାର କାର୍ଯ୍ୟ ପାଇଁ ନିଜକୁ ପ୍ରସ୍ତୁତ କରିଛି, ସେ ନିଜେ କେତେଦୂର ଶିକ୍ଷିତ ହୋଇଛି, ଅପରାଧ ଓ ଅଶାନ୍ତିକୁ ଦମନ କରିବା ପାଇଁ ତାହାର ବିଭାଗ ତଥା ସରକାର କି ପ୍ରକାର ସୁବିଧା ଦେଇଛନ୍ତି ଇତ୍ୟାଦି । ଅପରାଧ, ଅନୀତି, ଓ ଅଶାନ୍ତି ଦମନରେ ତାହାର ବିଫଳତା ସମସ୍ତ ସାମାଜିକ ଭାରସାମ୍ୟକୁ ବିପର୍ଯ୍ୟସ୍ତ କରିଦିଏ ଏବଂ ସମସ୍ତ ନିରାପତ୍ତା-ବୋଧକୁ ଧ୍ୱଂସ କରେ । ଏପରିକି ଏହା ଦେଶର ଅସ୍ତିତ୍ୱରେ ଆଞ୍ଚ ଆଣେ । ଲୋକେ ଭୟାତୁର ହୋଇଗଲେ କେତେବେଳେ କେଉଁ ଅବସ୍ଥା ଘଟିବ, ତାହା କଳ୍ପନା କରିବା କଠିନ । ତେଣୁ ନିଜର ମୌଳିକ କର୍ତ୍ତବ୍ୟ ଶାନ୍ତି-ଶୃଙ୍ଖଳା ରକ୍ଷା ଏବଂ ଅପରାଧ ନିବାରଣ ଆଇନାନୁସାରେ ଓ ଦକ୍ଷତାର ସହିତ ସମ୍ପନ୍ନ କରି ପୋଲିସ ସମାଜକୁ ରକ୍ଷା କରିବା ଉଚିତ ।

ସ୍ୱାଧୀନତା ପରଠାରୁ ପୋଲିସ କଳାକୌଶଳର ଉନ୍ନତି ପାଇଁ, ନୂତନ ପ୍ରଣାଳୀରେ ଶିକ୍ଷା ପ୍ରଚଳନ ପାଇଁ ଏବଂ ଅପରାଧର ପ୍ରତିରୋଧ ନିମନ୍ତେ ବୈଧ ବିଜ୍ଞାନର ସାହାଯ୍ୟ ଯୋଗାଇବା ଦିଗରେ ବହୁତ କିଛି କରାଯାଇଛି । ଅଶାନ୍ତିକୁ ଦମନ କରିବା ପାଇଁ ପୋଲିସ-ବାହିନୀକୁ ବହୁଗୁଣ ବଢ଼ାଇ ଦିଆଯାଇଛି, ବହୁତ ଆଧୁନିକ ବୈଜ୍ଞାନିକ ଯନ୍ତ୍ରପାତି ଯୋଗାଇ ଦିଆଯାଇଛି ଯାହା ସ୍ୱାଧୀନତା-ପୂର୍ବ ସମୟରେ ପୋଲିସ କେବେହେଲେ ଦେଖିନଥିଲା କି ଉନ୍ନତ ଧରଣର ଶିକ୍ଷା ମଧ୍ୟ ପାଇ ନଥିଲା ।

କିନ୍ତୁ ଏସବୁ ସତ୍ତ୍ୱେ ପୋଲିସର ଦକ୍ଷତା ବା ଲୋକପ୍ରିୟତାରେ ଉନ୍ନତି ହେଲାଭଳି ମନେ ହେଉନାହିଁ । କାରଣ ପୋଲିସ ଲୋକ-ପ୍ରତ୍ୟୟ ଅର୍ଜନ କରିବା ପାଇଁ ସମର୍ଥ ହୋଇ ପାରିନାହିଁ । ଯାହା ଫଳରେ ଏ ସମସ୍ତ ସାଧନ ଅକାମୀ ହୋଇଯାଉଛି । ମାତ୍ର ଏକା-ଧାରରେ ଉଚ୍ଚକୋଟୀର ସାଧୁତା ଓ ନିଖୁଣ ଯାନ୍ତ୍ରିକ ଦକ୍ଷତା ପ୍ରଦର୍ଶନ

ବ୍ର. ଏନ୍. ମଲ୍ଲିକ

# ଲୋକ-ପ୍ରତ୍ୟୟ

ଆଇନକାନୁନକୁ ଠିକ୍ ଭାବରେ ପ୍ରୟୋଗ କରି ସମାଜରେ ସଜ୍ଜନଙ୍କର ସଂରକ୍ଷଣ ଓ ଅସାଧୁଙ୍କର ଦମନ ହେଉଛି ପୋଲିସ ସଂସ୍ଥାର ପ୍ରଧାନ ଲକ୍ଷ୍ୟ । ସମାଜରେ ବୈଷୟିକ ଓ ନୈତିକ ବିକାଶ ସାଧନ ନିମନ୍ତେ ମଣିଷ ନିଜେ ନିଜ ପାଇଁ ଏହି ଆଇନକାନୁନଗୁଡ଼ିକ ପ୍ରଣୟନ କରିଛି । ପୋଲିସ-କର୍ମଚାରୀ ଏହି ଆଇନଗୁଡ଼ିକର ପ୍ରତିନିଧି ହୋଇ ଥିବାରୁ, ସେ ନିଜର ବ୍ୟକ୍ତିଗତ ଓ ସର୍ବସାଧାରଣ କ୍ଷେତ୍ରରେ ଏସବୁକୁ ନିଖୁଣ ଭାବରେ ପାଳନ କରିବା ଉଚିତ । ସମାଜର ପ୍ରତ୍ୟେକ ଲୋକ ପାଖରେ ଯେଉଁ ସମସ୍ତ ସଦ୍‌ଗୁଣ ରହିବାର କଥା, ସେସବୁ ପୋଲିସ ପାଖରେ ରହୁ, ଏହା ଚାହିଁବା ସମାଜ ପକ୍ଷରେ ସ୍ୱାଭାବିକ । ଜନସାଧାରଣ ପୋଲିସ ପାଖରୁ ସାଧାରଣ ନାଗରିକଙ୍କ ଅପେକ୍ଷା ଅତ୍ୟନ୍ତ ଉଚ୍ଚ ଧରଣର ଚରିତ୍ର ଓ ସାଧୁତା ଆଶା କରନ୍ତି । ବାସ୍ତବିକ ପୋଲିସ ବିଶ୍ୱସ୍ତ ଓ ସଦ୍‌ଗୁଣସମ୍ପନ୍ନ ନହୋଇ ପାରିଲେ, ଜନସାଧାରଣ ସେମାନଙ୍କର ଧନ, ଜୀବନ ଓ ସମ୍ମାନର ରକ୍ଷଣାବେକ୍ଷଣର ଭାର ପୋଲିସ ହାତରେ ନ୍ୟସ୍ତ କରିବେ ନାହିଁ ।

ନିଜର କାର୍ଯ୍ୟକଳାପ ଯାହା, ସେଥିରେ ପୋଲିସକୁ ସଦାବେଳେ ଲୋକଚକ୍ଷୁରେ ରହି କାର୍ଯ୍ୟ କରିବାକୁ ହେବ । ନ୍ୟାୟ ହେଉ ବା ଅନ୍ୟାୟ ହେଉ, ନିଜର କାର୍ଯ୍ୟକଳାପକୁ କଦାପି ଲୋକଚକ୍ଷୁର ଅନ୍ତରାଳରେ ଲୁଚାଇ ରଖିବା ସେମାନଙ୍କ ପକ୍ଷରେ ସମ୍ଭବ ନୁହେଁ । ସେମାନଙ୍କ ଚରିତ୍ରର ଯେ କୌଣସି ଦୋଷ-ଦୁର୍ବଳତା ଲୋକଙ୍କର ମାନସପଟରେ ଚିରଦିନ ଦରଜ ହୋଇ ରହିବ । ଏହି ଧାରଣାର ବଶବର୍ତ୍ତୀ ହୋଇ ଜନସାଧାରଣ ପୋଲିସକୁ ବିଚାର କରିବେ ଏବଂ ତଦନୁଯାୟୀ ସେମାନଙ୍କର ପ୍ରତ୍ୟୟ ତାହା ଉପରେ ନିର୍ଭର କରିବ ।

ଜନ-ସମର୍ଥନ ହେଉଛି ଗଣତାନ୍ତ୍ରିକ ସରକାରର ମୂଳଭିତ୍ତି । ସେହି ସମର୍ଥନ ବିନା କୌଣସି ସରକାର ଚାଲିପାରେନାହିଁ । ତାହାହେଲେ ସରକାର ଉତ୍ସାହଜନକ ଜନସମର୍ଥନ ମଧ୍ୟ ଲାଭ କରିବା ବିଧେୟ । ପୋଲିସ ଓ ଜନସାଧାରଣଙ୍କ ମଧ୍ୟରେ ସମ୍ପର୍କ ପ୍ରତି ଏହି ନୀତି ପ୍ରଯୁଜ୍ୟ । କୌଣସି ପୋଲିସ ଉତ୍ସାହଜନକ ଜନସମର୍ଥନ ବିନା କୃତକାର୍ଯ୍ୟ ହୋଇ ପାରିବନାହିଁ । ହୁଏତ ଜନସାଧାରଣଙ୍କ ମନୋବୃତ୍ତି ପୋଲିସ ପ୍ରତି ଅନୁକୂଳ, ଉଦାସୀନ ବା ପ୍ରତିରୋଧକ ହୋଇପାରେ । କିନ୍ତୁ କୃତକାର୍ଯ୍ୟ ହେବାପାଇଁ ଅନୁକୂଳ ଜନସମର୍ଥନ ଲାଭ କରିବା ଆବଶ୍ୟକ । ଜନସାଧାରଣ ପୋଲିସ ପ୍ରତି ଉଦାସୀନ ବା ପ୍ରତିରୋଧକ ହେଲେ, କୌଣସି ପୋଲିସ ଦକ୍ଷତା ସହକାରେ କାର୍ଯ୍ୟ କରିପାରିବ ନାହିଁ ।

ସଚ୍ଚୋଟ ଭାବରେ ଓ ଆଇନାନୁସାରେ ହେଉଥିବା ପ୍ରତ୍ୟେକ ପୋଲିସର କାର୍ଯ୍ୟ ଜନ-ସମର୍ଥନ ଲାଭ କରିବା ଆବଶ୍ୟକ, କାରଣ କାର୍ଯ୍ୟଟି ଜନତାର ସ୍ୱାର୍ଥପାଇଁ ହୁଏ । ତେଣୁ ନିବାରକ ଓ ତଦନ୍ତ କାର୍ଯ୍ୟରେ ପୋଲିସ ସମ୍ପୂର୍ଣ୍ଣ ଜନ-ସମର୍ଥନ ଲାଭ କରିବା ଗୋଟାଏ ମାମୁଲି କଥା ହେବା ଉଚିତ । କିନ୍ତୁ ସେମାନେ ଯଦି ତାହା ନ ପାଆନ୍ତି, ତେବେ ସେମାନେ ନିଜକୁ ଦୋଷୀ ମଣିବା ଉଚିତ । କାରଣ

ଏ. ଏସ୍. ଆର. ଗୁରୁ

# ଅପରାଧ ନିବାରଣ ଓ ସାମାଜିକ ବିଧାନ

ଅପରାଧ ନିବାରଣ ସମସ୍ୟା କୁ ଦୁଇଟି ଦିଗରୁ ବିଚାର କରାଯାଇ ପାରେ—ପ୍ରଥମତଃ ସାମାଜିକ ଓ ଆର୍ଥିକ ଅବସ୍ଥା ଏବଂ ଦ୍ୱିତୀୟତଃ ବ୍ୟକ୍ତି ବିଶେଷର ମାନସିକ ପ୍ରବୃତ୍ତି ଓ ଶାରୀରିକ ଅକ୍ଷମତା ।

ଅପରାଧର ବ୍ୟାଖ୍ୟା ଅତି ସହଜ ନ ହେଲେ ମଧ୍ୟ ଗୁଣା ଅଧିକେ ସମସ୍ତେ ଏହାର ଅର୍ଥ ବୁଝନ୍ତି । କୌଣସି ଦୁଷ୍କର୍ମଦ୍ୱାରା ବିପଦ ସୃଷ୍ଟି, ମାନସିକ ବିକୃତି ଯୋଗୁଁ କୌଣସି ନିନ୍ଦନୀୟ ଅପକର୍ମ ଓ ସମାଜ ପ୍ରତି କୌଣସି ଗୁରୁତର ଅପରାଧ ପ୍ରଭୃତି ଏହାର ଲକ୍ଷଣ । ଏହି ଅସାମାଜିକ କାର୍ଯ୍ୟ ବିଭିନ୍ନ ପର୍ଯ୍ୟାୟରେ ଦଣ୍ଡନୀୟ । ଅପରାଧର ଗୁରୁତ୍ୱ ପ୍ରତି ଦୃଷ୍ଟିଦେଇ ଦଣ୍ଡ ବିଧାନ କରାଯାଏ ।

ଆଦିମ ଯୁଗରେ ଯେତେବେଳେ ବ୍ୟକ୍ତିଗତ ସମ୍ପତ୍ତି ଓ ରାଜ୍ୟର ଉଦ୍ଭବ ହୋଇ ନ ଥିଲା ଏବଂ ସମାଜରେ ଜାତି ବା ଶ୍ରେଣୀ ବିଭାଗ ପ୍ରଚଳିତ ନ ଥିଲା, ସେତେବେଳେ ସାଧାରଣ ଅସ୍ପଷ୍ଟ ବ୍ୟବହାର ଓ ପରମ୍ପରା ଉପରେ ଆଇନ ପ୍ରତିଷ୍ଠିତ ଥିଲା । ସେତେବେଳେ ଆଇନ ପ୍ରଣୟନକାରୀ କିମ୍ବା ଆଇନ ଅଧିକାରୀ ନ ଥିଲେ । ନରହତ୍ୟା ଗୋଟିଏ ଘୃଣ୍ୟ ଅପରାଧ ବୋଲି ବିବେଚିତ ହେଉ ନ ଥିଲା । ନିହତ ବ୍ୟକ୍ତିର ଆତ୍ମୀୟବର୍ଗ ଏଭଳି ଅପରାଧକୁ ସହ୍ୟ କରୁଥିଲେ ଏବଂ କ୍ଷେତ୍ର ବିଶେଷରେ କ୍ଷତି ପୂରଣ ଗ୍ରହଣ କରି ଅପରାଧର ଆପୋଷ ଫଇସଲା କରୁଥିଲେ । ପରବର୍ତ୍ତୀ କାଳରେ ସମାଜ ବିଭିନ୍ନ ଶ୍ରେଣୀରେ ବିଭକ୍ତ ହେବା ପରେ ଦାସ ପ୍ରଥା ସୃଷ୍ଟି ହେଲା । ଏହି ପ୍ରଥା କାଳକ୍ରମେ ସାମନ୍ତବାଦ ଓ ପୁଞ୍ଜିବାଦରେ ପର୍ଯ୍ୟବସିତ ହୋଇ ଆଇନର ମୂଳଭିତ୍ତି ସ୍ଥାପନ କଲା ।


ପ୍ରାଚୀନ ସମାଜରେ ପ୍ରଚଳିତ ଆଇନର ମୌଳିକ ଭିତ୍ତି ସହଜରେ ଅନୁମାନ କରାଯାଏ । ସେତେବେଳେ ଆଇନ ଘର ବିଶେଷରେ ଯାତର ଅନ୍ତର ଭିତ୍ତିରେ ପ୍ରୟୋଗ କରାଯାଉଥିଲା । ଆମ ଦେଶରେ ମନୁ ଏବଂ କୌଟିଲ୍ୟ ଜାତିଭେଦ ପ୍ରଥା ଉପରେ ନିର୍ଭର କରି ଦଣ୍ଡର ବିଭିନ୍ନ ସ୍ତର ଲିପିବଦ୍ଧ କରିଥିଲେ । ଉଦାହରଣ ସ୍ୱରୂପ—କୌଟିଲ୍ୟଙ୍କର ଅର୍ଥଶାସ୍ତ୍ର ଅନୁସାରେ ଯଦି ଜଣେ କ୍ଷତ୍ରିୟ ବ୍ରାହ୍ମଣ କନ୍ୟା ଅପହରଣ କରେ ୧୦୦୦ ପଣ ଜୋରି-ମାନାରେ ଦଣ୍ଡିତ ହେବ, ବୈଶ୍ୟ ତାର ସମସ୍ତ ସମ୍ପତ୍ତିରୁ ଉଚ୍ଛେଦ ହେବ ଏବଂ ଶୂଦ୍ର ଜୀବିତାବସ୍ଥାରେ ଦାହ ହେବ । ଭାରତର ଜାତି ଭେଦ ପ୍ରଥା ପ୍ରଚଳିତ ଥିବାରୁ ସେ ସମୟରେ ଦଣ୍ଡର ଏଭଳି ବିଭିନ୍ନ ସ୍ତର ଭିନ୍ନ ଭିନ୍ନ ଜାତିପାଇଁ ନିର୍ଦ୍ଦିଷ୍ଟ ଥିଲା କହିବା ମଧ୍ୟ ଠିକ୍ ନୁହେଁ । ଦଣ୍ଡ ବିଧାନ ସମୟରେ ବ୍ୟକ୍ତିଗତ, ସାମାଜିକ ଅବସ୍ଥା ପ୍ରତି ଗୁରୁତ୍ୱ ଦିଆ ଯାଉ ଏଭଳି ବିଭିନ୍ନ ବିଧାନ ଅନ୍ୟ ଦେଶରେ ମଧ୍ୟ ପ୍ରଚଳିତ ଥିଲା । ଇଂଲଣ୍ଡରେ ଶାନ୍ତି ଭଙ୍ଗରେ ଆକ୍ରାନ୍ତ ହେଉଥିବା ବ୍ୟକ୍ତିର ସାମାଜିକ ଅବସ୍ଥା ଦୃଷ୍ଟେ ଶାନ୍ତି ଭଙ୍ଗକାରୀର ଦଣ୍ଡ ବିଚାର କରାଯାଉଥିଲା । ଜଣେ ସାଧାରଣ ନାଗରିକ ତୁଳନାରେ ରାଜବଂଶଜର ସ୍ଥାନ ବହୁ ଉଚ୍ଚରେ

ଦ୍ୱାରା ହିଁ ଲୋକ-ପ୍ରତ୍ୟୟ ଅର୍ଜନ କରାଯାଇ ପାରିବ। ଦକ୍ଷତାରୁ ସାଧୁତାକୁ ବିଚ୍ଛିନ୍ନ କରିବା ଗୋଟାଏ ଭ୍ରମ ଧାରଣା। ଜଣେ ଅସାଧୁ ଅଫିସର ଯାନ୍ତ୍ରିକ କଳାକୌଶଳରେ ଦକ୍ଷ ହୋଇପାରେ। କିନ୍ତୁ ସେ ଯେତିକି ଯେତିକି ଲୋକଙ୍କର ଆସ୍ଥା ହରାଉଥିବ, ତାହାର ଦକ୍ଷତା ଅଧିକରୁ ଅଧିକ ଅନ୍ୟାୟ କର୍ମ ସମ୍ପାଦନ କରିବା ଉପରେ ନିର୍ଭର କରୁଥିବ। ତଦ୍ୱାରା ସେ ଲୋକଙ୍କଠାରୁ ଦୂରେଇଯିବ ଏବଂ ସେମାନଙ୍କର ବିରାଗଭାଜନ ହେବ। ଏଭଳି ପ୍ରତିକୂଳ ପରିସ୍ଥିତିରେ ତାହାର ଯାନ୍ତ୍ରିକ କଳାକୌଶଳ କିଛି କାମରେ ଆସିବ ନାହିଁ। ତେଣୁ ଲୋକ-ପ୍ରତ୍ୟୟ ନିହାତି ଆବଶ୍ୟକ। ଏହି ଲୋକ-ପ୍ରତ୍ୟୟ ସୃଷ୍ଟି ନହେଲେ ଗଣତନ୍ତ୍ରର ସମସ୍ତ ମୂଳଭିତ୍ତି ବିପଦାପନ୍ନ ହେବ, ସାଧୁତା ଓ ଦକ୍ଷତା—ଏଇ ଦୁଇଟି ପଥ ଦେଇ ଲୋକ-ପ୍ରତ୍ୟୟରେ ପହଞ୍ଚିବାକୁ ପଡ଼ିବ। ଜୀବନର ଲକ୍ଷ୍ୟ ସ୍ଥିର ରଖି ପୋଲିସକୁ ଏକା ସାଙ୍ଗରେ ଏହି ଉଭୟ ପଥ ଦେଇ ଗତିକରିବାକୁ ପଡ଼ିବ ଏବଂ ଦେଶବାସୀଙ୍କର ସ୍ୱାତନ୍ତ୍ର୍ୟ, ନିରାପତ୍ତା ଓ ସୁଖକୁ ସୁରକ୍ଷିତ କରିବାକୁ ହେବ।

ତେଣୁ ଚରିତ୍ର ଉନ୍ନତି କରିବା ପୋଲିସ ପକ୍ଷରେ ଏକାନ୍ତ ଆବଶ୍ୟକ। ଗତ କୋଡ଼ି ବର୍ଷଭିତରେ ପୋଲିସର ଯାନ୍ତ୍ରିକ କଳା-କୌଶଳର ଦକ୍ଷତା ବୃଦ୍ଧି ଦିଗରେ ବହୁତ କିଛି କରାଯାଇଛି, କିନ୍ତୁ ପୋଲିସର ବ୍ୟକ୍ତିଗତ ଚରିତ୍ରର ଉନ୍ନତି ପାଇଁ ବିଶେଷ କିଛି ଉଦ୍ୟମ ହୋଇ ନାହିଁ। ପ୍ରକୃତରେ ଯଦି ସ୍ୱାଧୀନତା ପରବର୍ତ୍ତୀକାଳ ଠାରୁ କିଛି ଆଖିଦୃଶିଆ ପରିବର୍ତ୍ତନ ହୋଇଥାଏ, ତାହାହେଲେ ତାହା ଅବନତି ଦିଗରେ ହୋଇଛି। ଅତଏବ ଶାସନ ପକ୍ଷରେ ଆବଶ୍ୟକ ହେଉଛି, ପୋଲିସ ମନରେ ପ୍ରକୃତ ମୂଲ୍ୟ-ବୋଧ, ଉଚ୍ଚକୋଟୀର ଶିକ୍ଷାଗୁରୁ ଓ ନୈତିକତା, ଗଣତନ୍ତ୍ରର ଅବଶ୍ୟମ୍ଭାବୀ ଉପାଦାନର ସମ୍ପୂର୍ଣ୍ଣ ଅବଧାରଣା ଏବଂ ସଦାସର୍ବଦା ସାଧୁତାର ଅତ୍ୟାବଶ୍ୟକୀୟତା ଅଭିବୃଦ୍ଧି କରିବା। ମୋଟ ଉପରେ କହିବାକୁ ଗଲେ, ନୈତିକ ଚରିତ୍ରର ଉନ୍ନତି କରିବା। ତାହାହେଲେ ଯାଇ ସେ ଲୋକଚକ୍ଷୁରେ ନିଜର ପ୍ରକୃତ ସ୍ୱରୂପ ସୃଷ୍ଟି କରିପାରିବ, ଲୋକସମ୍ପର୍କ ପାଇଁ ନିଜର ଦକ୍ଷତା ବଢ଼ାଇ ପାରିବ, ଯଦ୍ୱାରା ଲୋକଙ୍କର ସୁଖସ୍ୱାଚ୍ଛନ୍ଦ୍ୟ ପାଇଁ ସେ ଯଥାଶକ୍ତି କାର୍ଯ୍ୟ କରି ପାରିବ।




ଟ୍ରାଫିକ୍ ପୋଲିସ ସଂକେତ ନ ମାନିଲେ ଦୁର୍ଘଟଣା ପଦେ ପଦେ।




ଏହା କ'ଣ ଗାଡ଼ି ରଖିବା ସ୍ଥାନ ?

ଶୋଷଣ ସୁଖରେ ରହିବେ ଏବଂ ସେମାନେ ସୁଖରୁ ବଞ୍ଚିତ ହେବେ, ଏହି ଭାବନାରେ ତାଡ଼ିତ ହୋଇ ପ୍ରଥମାବସ୍ଥାରେ ହୁଏତ ସେମାନେ ଏହି ପଥ ଅନୁସରଣ କରେ। ୧୯୩୦ ମସିହାରେ ସ୍ୱାଧୀନତା ଆନ୍ଦୋଳନରେ ସଂପୃକ୍ତ ଥିବାରୁ ମୁଁ ନାସିକ ଜେଲରେ ରାଜନୈତିକ ବନ୍ଦୀରୂପେ ଥିଲି। ହଇଦର ନାମକ ଜଣେ ଚୋର ବନ୍ଦୀ ଭାବରେ ସେହି ଜେଲରେ ଥିଲା। ସେ ମୋର ବାଳ କାଟେ, ଦିନେ ମୁଁ କହିଲି, "ହଇଦର, ତୁ ତ ବେଶ ଚାଲାକ ଓ ବୁଦ୍ଧିମାନ ଲୋକ। ଜୀବିକା ଉପାର୍ଜନର କୌଣସି ସୁଗମ ପନ୍ଥା ନ ଧରି କାହିଁକି ଚୋରି କରୁଛୁ ? ସେ ହସି ହସି ଉତ୍ତର ଦେଲା, "ସାହେବ" ଏଇ ଜେଲରେ ଥିବା ଜଣେ ବଡ଼ ଶିଳ୍ପ ମାଲିକ ମୋତେ ମାସିକ ଟ୧୫୦ଙ୍କା ଦରମାରେ ନିଯୁକ୍ତ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ମୁଁ ଦେଖିଲି ସାରା ମାସଟା ଖଟି ଖଟି ମାତ୍ର ଟ ୧୫୦ ଙ୍କା ପାଇବି। କିନ୍ତୁ ଚୋରି କଲେ ଏକା ଥରକେ ୫।୭ ହଜାର ଟଙ୍କା ପାଇଯିବି ତଦ୍ୱାରା କିଛି ଦିନ ବେଶ ଆରାମରେ ଚଳି ପାରିବି। ଅବଶ୍ୟ ଧରାପଡ଼ି ବନ୍ଦୀ ହେବାର ଆଶଙ୍କା ରହିଛି। କିନ୍ତୁ ତା କଣ ସବୁବେଳେ ଘଟିବ ? ୫।୧୦ ଥର ଚୋରି କଲେ ଥରେ ଅଧେ ଧରା ପଡ଼ିବି।" ଏଥିରୁ ସ୍ପଷ୍ଟ ଜଣାଗଲା ହଇଦର ଗୋଟିଏ ପେଶାଦାର ଚୋର।

ଅତି କ୍ଷୁଦ୍ର ସଂଖ୍ୟାରେ ହେଲେ ମଧ୍ୟ ଆଉ ଗୋଟିଏ ପ୍ରକାର ଅପରାଧୀ ଅଛନ୍ତି। ସେମାନେ ଅଭାବବଶତଃ ନ ହେଲେ ମଧ୍ୟ ନିଜ ଶରୀରର ଅକ୍ଷମତା ହେତୁ ଚୌର୍ଯ୍ୟ ବୃତ୍ତି ଅବଲମ୍ବନ କରନ୍ତି। ସେମାନଙ୍କର ମାନସିକ ବିକୃତି ହେତୁ ଭଲ ମନ୍ଦ ବିଚାର କରିବାର ଶକ୍ତି ନ ଥାଏ। ତେଣୁ ମୋ ମତରେ ସାମାଜିକ ଓ ଅର୍ଥନୈତିକ ଅବସ୍ଥାର ପରିବର୍ତ୍ତନ ହେଲେ ଅପରାଧ ସଂଖ୍ୟା ବହୁ ପରିମାଣରେ ହ୍ରାସ ପାଇବ। ଭ୍ରଷ୍ଟାଚାର ବା ଅପରାଧ ସମାଜର ଗୋଟିଏ ଦିଗରୁ ନିର୍ଗତ ହୁଏ। ଉପରିସ୍ଥ ଅଧିକାରୀ ଭ୍ରଷ୍ଟାଚାରୀ ହେଲେ ଅଧସ୍ତନ କର୍ମଚାରୀମାନେ ଧନ ପଦବୀ ଲାଳସାରେ ନିଶ୍ଚୟ ଭ୍ରଷ୍ଟାଚାରର ଆଶ୍ରୟ ଗ୍ରହଣ କରିବେ। ମୋ ମତରେ ପୁଞ୍ଜୀଭୂତ ଧନର ସମବଣ୍ଟନ ଦ୍ୱାରା ଧନୀ ଦରିଦ୍ର ଭେଦଭାବ ଦୂର ହେଲେ ସାମାଜିକ ଓ ଅର୍ଥନୈତିକ ଅବସ୍ଥାର ପରିବର୍ତ୍ତନ ହେବ ଏବଂ ତଦ୍ୱାରା ଅପରାଧ ସଂଖ୍ୟା ଅନେକାଂଶରେ କମିଯିବ। ଶ୍ରମିକର ଶାରୀରିକ ପରିଶ୍ରମରେ ଶିଳ୍ପର ଅଭିବୃଦ୍ଧି ହେଲେ ସୁଦ୍ଧା ଲାଭର ବୃହତ୍ ଅଂଶ ମୁଷ୍ଟିମେୟ ମାଲିକଙ୍କ ହାତକୁ ଯାଏ। ଶ୍ରମିକର ଦୁରବସ୍ଥା ସୁଧୁରେ ନାହିଁ। ଶିଳ୍ପ ଗୁଡ଼ିକ ରାଷ୍ଟ୍ରାୟତ୍ତ ହେଲେ ଲାଭ ସମାଜର ଧନ ହେବ ଏବଂ ଶ୍ରମିକ ତଥା ସମାଜର ଉନ୍ନତି ବିଧାନରେ ଖର୍ଚ୍ଚ ହେବ।

ଧନିକ ଗୋଷ୍ଠୀଙ୍କ ମତରେ ଜଣେ ଲୋକ ଧନୀ ହେଉ ବା ଦରିଦ୍ର ହେଉ ତାର ଶକ୍ତି ଓ ସାମର୍ଥ୍ୟ ଥିଲେ ସୁଗମ ଉପାର୍ଜନ କରିବାରେ କୌଣସି ପ୍ରତିବନ୍ଧକ ରହିବ ନାହିଁ। ଶାନ୍ତିପୂର୍ଣ୍ଣ ବିଦ୍ରୋହର ମାଧ୍ୟମରେ ସାମାଜିକ ଆଇନରେ ପ୍ରବର୍ତ୍ତନ ଦ୍ୱାରା ଅର୍ଥନୈତିକ ପରିବର୍ତ୍ତନ ଆଣାଯାଇପାରେ। ରାଷ୍ଟ୍ର ଓ ଶାସନକର୍ତ୍ତା ଏହି ପରିବର୍ତ୍ତନର ଆବଶ୍ୟକତା ସର୍ବାଦୌ ଅନୁଭବ କରିବା ଉଚିତ। ସେମାନେ ଧନୀ ଓ ଦରିଦ୍ରର ବୈଷମ୍ୟ ଦୂର କରିବା ଏକାନ୍ତ ବାଞ୍ଛନୀୟ ବୋଲି ଗ୍ରହଣ କରିବେ। ତଦ୍ୱାରା ସମାଜ ଓ ଅର୍ଥନୈତିକ ଭିତ୍ତି ଉପରେ ପର୍ଯ୍ୟବସିତ ଅପରାଧ ସଂଖ୍ୟା କ୍ରମଶଃ ଲୋପ ପାଇବ। ଏହି ପରିବର୍ତ୍ତନ ପରେ ନାନାପ୍ରକାର ଲୋକ ସହାୟକ ଆଇନ ପ୍ରଣୟନ କରାଯାଇ ପାରେ। ଅସ୍ୱାସ୍ଥ୍ୟକର ବସ୍ତି ଅଞ୍ଚଳ ପରିବର୍ତ୍ତେ ଉପଯୁକ୍ତ ବାସଗୃହ ନିର୍ମାଣର ବ୍ୟବସ୍ଥା ପ୍ରଥମ କାର୍ଯ୍ୟ ହେବା ଉଚିତ। କିନ୍ତୁ ଭାରତର କରାଳ ଦାରିଦ୍ର୍ୟକୁ ଅନ୍ତରାଳରେ ରଖିବା ନିମିତ୍ତ ଦିଲ୍ଲୀ ସହରରୁ ବିଶିଷ୍ଟ ବିଦେଶୀ ଅତିଥିର ଆଗମନ ପୂର୍ବରୁ ଯେଉଁଳି ପୋଲିସ ସାହାଯ୍ୟରେ ରାସ୍ତାକଡ଼ରେ ଅଖା କିମ୍ବା ଟିଣ ପତ୍ରରେ ଘେରା ଶହ ଶହ କୁଡ଼ିଆଗୁଡ଼ିକ ଭାଙ୍ଗିଦିଆ ଯାଇ ସେଥିରେ ଆଶ୍ରୟ ନେଇଥିବା ନିଃସହାୟ ଲୋକଙ୍କୁ ବାସଚ୍ୟୁତ କରାଗଲା, ସେଉଳି ନିନ୍ଦନୀୟ ବା ଲଜ୍ଜାକର ପନ୍ଥା ଆଦୌ ଗ୍ରହଣୀୟ ନୁହେଁ। ନିରୀହ ଲୋକଗୁଡ଼ିକ ବିତାଡ଼ିତ ହେଲେ ସତ, କିନ୍ତୁ ଦୂର ଯାଗାରେ ପୁଣି ସେହି କୁଡ଼ିଆ ତିଆରି କରି ରହିବା ଛଡ଼ା ତାଙ୍କର ଅନ୍ୟ ଉପାୟ ନାହିଁ। କାରଣ ତାଙ୍କ ପାଇଁ ବାସସ୍ଥାନର ଅଭାବ। ଏଭଳି ପନ୍ଥା ଗ୍ରହଣ କଲେ ସେହି ଲୋକଙ୍କର ଅବସ୍ଥା ବଦଳିବ ନାହିଁ, ବରଂ ଏହା ଲୋକଙ୍କୁ ଅଧିକ କ୍ଷୁବ୍ଧ କରିବ ଏବଂ ଅସାମାଜିକ କାର୍ଯ୍ୟ ପାଇଁ ଅଧିକ ଉତ୍ସାହ ଦେବ।

ଲୋକଙ୍କୁ କାର୍ଯ୍ୟ ଯୋଗାଇ ବେକାର ସମସ୍ୟାର ସମାଧାନ ରାଷ୍ଟ୍ରର ପ୍ରଧାନ କାର୍ଯ୍ୟ ହେବା ଉଚିତ। ସୀମା ଧାର୍ଯ୍ୟ କରି ଉଦ୍ବୃତ୍ତ ସମ୍ପତ୍ତି ସମବଣ୍ଟନ କରିବା ସଙ୍ଗେ ସଙ୍ଗେ ଏହା ଘୋଷଣା କରିବା ଉଚିତ ଯେ କାମ ନ କରି ଅନ୍ୟର ଉପାର୍ଜନରେ ନିର୍ଭର କରୁଥିବା ବ୍ୟକ୍ତିର ବଂଚି ରହିବାର ଅଧିକାର ନାହିଁ। ଶିଶୁମାନଙ୍କୁ ବାଧ୍ୟତାମୂଳକ ଅବୈତନିକ ଶିକ୍ଷା, ଶିକ୍ଷାନୁଷ୍ଠାନରେ ଦୁଗ୍ଧ ଓ ଅନ୍ୟାନ୍ୟ

ଥିବାରୁ ଏଭଳି ପୃଥକ ବ୍ୟବସ୍ଥା ଆଇନରେ ସ୍ଥାନ ପାଇଥିଲା । ସେତେବେଳେ ଶାସ୍ତିରେ ଦାସ କରିବା କେବଳ ରାଜବଂଶଜ-ମାନଙ୍କର ଅଧିକାର ଥିଲା । କାଳକ୍ରମେ ଏହା ତାଙ୍କର କର୍ମଚାରୀ ଏବଂ ସାଧାରଣ ନାଗରିକଙ୍କ ପ୍ରତି ପ୍ରୟୋଗ କରାଗଲା । ପ୍ରତ୍ୟେକ ନାଗରିକଙ୍କୁ ନିଜର ଶାନ୍ତି ପ୍ରତିଷ୍ଠା ପାଇଁ ଅଧିକାର ଦିଆଗଲା । ତଦ୍ଦ୍ୱାରା ପ୍ରତ୍ୟେକ ବ୍ୟକ୍ତି ନିଜ ଇଚ୍ଛାଧୀନ ହେବା ସଙ୍ଗେ ସଙ୍ଗେ ନିଜର ଆତ୍ମରକ୍ଷା କରିବାକୁ ମଧ୍ୟ ସମର୍ଥ ହେଲା ।

ପ୍ରାଚୀନକାଳରେ ରୋମରେ ଜଣେ ନାଗରିକ ଋଣ ପରିଶୋଧ କରି ନ ପାରିଲେ ମହାଜନ ତାକୁ ଗୋଟିଏ ପର୍ବତ ଉପରକୁ ନେଇ ପ୍ରାଣରେ ମାରି ଦେଉଥିଲା । ଭାରତରେ ଋଣ ପରିଶୋଧ କରି ନ ପାରିବା ବ୍ୟକ୍ତି ଓ ତାର ପରିବାର ବର୍ଗଙ୍କୁ ଦାସ ରୂପେ ବ୍ୟବହାର କରି ଋଣ ଅସୁଲ କରାଯାଉଥିଲା । ଇଂଲଣ୍ଡରେ ସାମାନ୍ୟ ଶ୍ରେଣି ଅପରାଧ ପାଇଁ ମଧ୍ୟ ପ୍ରାଣଦଣ୍ଡର ବିଧାନ ଥିଲା । ଏହି ବିଧାନ ୧୮୬୧ ମସିହା ପର୍ଯ୍ୟନ୍ତ ବଳବତ୍ତର ଥିଲା । ଥରେ ୧୮୩୩ ମସିହାରେ ଗୋଟିଏ ୯ ବର୍ଷର ବାଳକ ସାମାନ୍ୟ ଚୋରି ଘଟଣାରେ ମୃତ୍ୟୁଦଣ୍ଡ ପାଇଥିଲା । ୧୮୧୦ ରୁ ୧୮୨୦ ମସିହା ପର୍ଯ୍ୟନ୍ତ ଅତି ସାମାନ୍ୟ ଅପରାଧ ଯୋଗୁଁ ପ୍ରଚଳିତ ମୃତ୍ୟୁଦଣ୍ଡ ପ୍ରଥା ଉଠାଇ ଦେବା ପାଇଁ ଲୋକସଭା ୬ଥର ବିଲ ପାସ୍ କଲା, କିନ୍ତୁ ପ୍ରତିଥର ରାଜ୍ୟ ସଭା ତାହା ନାକଚ କରି ଦେଲା । ହେରାଲଡ଼ ଗାର୍ଡନର ତାଙ୍କର "କାପିଟାଲ ପନିଶମେଣ୍ଟ" ବହିରେ ଉଲ୍ଲେଖ କରିଛନ୍ତି ଯେ ଉକ୍ତ ବିଲ ଆଲୋଚନା ବେଳେ ରାଜ୍ୟ ସଭାରେ କେତେକ ନ୍ୟାୟାଧୀଶ ଓ ଧର୍ମଯାଜକ ସଭ୍ୟ ରୂପେ ଥିଲେ । ନ୍ୟାୟାଧୀଶମାନେ ସାମାନ୍ୟ ଶ୍ରେଣି ଅପରାଧରେ ମୃତ୍ୟୁଦଣ୍ଡ ଦେବାକୁ କୁଣ୍ଠାବୋଧ କଲେ । ସେମାନେ ଯୁକ୍ତି କଲେ ଯେ ସ୍ୱଳ୍ପ ମୂଲ୍ୟର ପଦାର୍ଥ ଚୋରି କଲେ ମୃତ୍ୟୁ ଦଣ୍ଡ ଦେବାର କୌଣସି ଯଥାର୍ଥତା ନାହିଁ । ପରିଶେଷରେ ୧୮୬୧ ମସିହାରେ ମୃତ୍ୟୁଦଣ୍ଡ ଆଇନ କୋହଳ ହେଲା ।

ସଭ୍ୟ ଜଗତ ଆରମ୍ଭ ହେବା ଦିନୁ ଅର୍ଥାତ୍ ଦାସ ପ୍ରଥା ପ୍ରଚଳନ ଠାରୁ ଆଇନର କ୍ରମ ପରିବର୍ତ୍ତନ ଦେଖାଗଲା । ସଂଖ୍ୟାଲଘୁ ସମ୍ପ୍ରଦାୟଙ୍କ ଉପରେ ରାଜତ୍ୱ କରୁଥିବା ଗୋଷ୍ଠୀ ନିଜର ସ୍ଥିତି ଦୃଢ଼ କରି ପାରିଲେ । ସଂଖ୍ୟାଲଘୁ ଗୋଷ୍ଠୀ କ୍ରମେ ବିଦ୍ରୋହ ପରାୟଣ ହେଲେ । କୃଷିପ୍ରଧାନ ଦେଶରେ ମରୁଡ଼ି ଓ ଦୁର୍ଭିକ୍ଷ ହେବା ଫଳରେ କୃଷକମାନେ ମହାଜନମାନଙ୍କ କବଳରେ ପଡ଼ି ଶୋଷିତ ହେଲେ ଏବଂ ନିଜ ସମ୍ପତ୍ତିରୁ ଉଚ୍ଛେଦ ହେଲେ । ସେମାନଙ୍କ ମଧ୍ୟରୁ କେତେକ ଚୌର୍ଯ୍ୟ ବୃତ୍ତି ଅବଲମ୍ବନ କଲେ । ଏଥିରୁ ସ୍ପଷ୍ଟ ପ୍ରତିପାଦିତ ହୁଏ ଯେ ଆର୍ଥିକ ଦୁରବସ୍ଥା ଅପରାଧ ବୃଦ୍ଧି ସକାଶେ ଅନେକାଂଶରେ ଦାୟୀ ।

ମନୁ ଲେଖିଛନ୍ତି—ବାଲ୍ୟାବସ୍ଥାରୁ ଅସାମର୍ଥ୍ୟ, ଉନ୍ମାଦ ଓ ମାତାଲ ଅବସ୍ଥା ଅପରାଧ ପାଇଁ ଗୋଟିଏ ଯୁକ୍ତିଯୁକ୍ତ କାରଣ ହୋଇ ପାରେ । କିନ୍ତୁ ଅର୍ଥାଭାବ ଯେ ମନୁଷ୍ୟକୁ ଚୌର୍ଯ୍ୟବୃତ୍ତି ଅବଲମ୍ବନ କରିବାକୁ ପ୍ରବର୍ତ୍ତାଇବ, ଏଥିରେ ତିଳେ ମାତ୍ର ସନ୍ଦେହ ନାହିଁ । ମନୁଙ୍କ ମତରେ ଜଣେ କ୍ଷୁଧାର୍ତ୍ତ ଅନ୍ୟର ଖାଦ୍ୟ ଅପହରଣ କଲେ ସେ କ୍ଷମଣୀୟ । ବଞ୍ଚି ରହିବାର ଅଧିକାର ତାର ଅଛି । ସେଥିପାଇଁ ଖାଦ୍ୟ ପ୍ରୟୋଜନ । ତାର ନାହିଁ ବୋଲି ସେ ଅନ୍ୟର ଖାଦ୍ୟ ନେଇ ବଞ୍ଚିଗଲା । ତେଣୁ ଖାଦ୍ୟ ଚୋରି ଏ କ୍ଷେତ୍ରରେ ଅପରାଧ ନୁହେଁ । ପୂର୍ବକାଳରେ ଗରିବ ଲୋକଙ୍କୁ ବଞ୍ଚାଇ ରଖିବାର ଦାୟିତ୍ୱ ସମାଜ ଗ୍ରହଣ କରୁଥିଲା । ତେଣୁ ଭାରତରେ ଦରିଦ୍ର ଭୋଜନର ପ୍ରଥା ଥିଲା । କାଳକ୍ରମେ ଏହା ଲୋପ ପାଇବାକୁ ବସିଲାଣି ।

ଆଜିକାଲି ପୁଂଜି ବାଦର ଯୁଗ ଚାଲିଛି । ବର୍ତ୍ତମାନର ସାମାଜିକ ଓ ଅର୍ଥନୈତିକ ଅବସ୍ଥାରେ ବଡ଼ ବଡ଼ ଶିଳ୍ପ ପ୍ରତିଷ୍ଠିତ ହୋଇଛି । ଜନବହୁଳ ବଡ଼ ବଡ଼ ସହର ଗଢି ଉଠିଛି । ଏହି ପ୍ରାଚୁର୍ଯ୍ୟ ମଧ୍ୟରେ ବିରାଟ ଧନୀକ ଗୋଷ୍ଠୀ ପୁଞ୍ଜୀଭୂତ, ଅନ୍ୟପକ୍ଷରେ ସହର ଉପକଣ୍ଠରେ ଦାରିଦ୍ର୍ୟର ତାଣ୍ଡବ ଲୀଳା । ବହୁ ଶ୍ରମଜୀବୀ ଅସାସ୍ଥ୍ୟକର ପରିବେଶ ମଧ୍ୟରେ, ନାଳ ନର୍ଦ୍ଦମା ଉପରେ କୁଡ଼ିଆ ଘର କରି ପଡ଼ିଛନ୍ତି । ଅନେକ କର୍ମବିହୀନ ହୋଇ ବେକାର ଅବସ୍ଥାରେ ବୁଲୁଛନ୍ତି । ସେମାନଙ୍କର କାମ ହେଲା ଯେ କୌଣସି ଉପାୟରେ ନିଜର ଜୀବିକା ଉପାର୍ଜନ । ସେଥିପାଇଁ ଯେ କୌଣସି କାମ କରା ଯାଇପାରେ । ଶେଷରେ ସବୁ କ୍ଷେତ୍ରରେ ବିଫଳ ହେଲେ ଚୌର୍ଯ୍ୟ ବୃତ୍ତି ଅବଲମ୍ବନ ସହଜସାଧ୍ୟ ଉପାୟ ହୋଇ ଅନେକ କ୍ଷେତ୍ରରେ ପରିଲକ୍ଷିତ ହେଲା । ଏହି ପରିବେଶ ବିଶେଷ ସହର ଗୁଡ଼ିକରେ ଅପରାଧର ପ୍ରଧାନ କ୍ଷେତ୍ର ହେଲା । ଦରିଦ୍ର ଓ ବେକାର ଲୋକମନରେ ଧନିକ ଗୋଷ୍ଠୀଙ୍କ ପରି ସୁଖରେ ଚଳିବାର ବାସନା ଜାଗ୍ରତ ହେଲା । ଖାଇପିଇ ସୁଖରେ ବଞ୍ଚିବା ପାଇଁ ପୁରୁଷମାନେ ଚୋରି ଏବଂ ନାରୀମାନେ ବେଶ୍ୟାବୃତ୍ତି ଆଶ୍ରୟ ନେଲେ । ସମସ୍ତ ଅପରାଧୀ ଅଭାବବଶତଃ ଚୌର୍ଯ୍ୟ ବୃତ୍ତି ଅବଲମ୍ବନ କଲେ କିମ୍ବା ନାରୀମାନେ ବେଶ୍ୟାବୃତ୍ତି ଆଶ୍ରୟ କଲେ କହିବା ସତ୍ୟର ଅପଳାପ ମାତ୍ର । ମୁଷ୍ଟିମେ...




ପୁରୀ ରଥଯାତ୍ରାରେ ପୋଲିସ ବାହିନୀର ସେବାକାର୍ଯ୍ୟ

ଅନୁସନ୍ଧାନରେ ସାହାଯ୍ୟକାରୀ କୁକୁର ବାହିନୀ



ଖାଦ୍ୟ ବିତରଣ, ନାରୀମାନଙ୍କୁ ପୁରୁଷମାନଙ୍କ ଭଳି ଉପଯୁକ୍ତ ନିଯୁକ୍ତି ଓ ପାରିଶ୍ରମିକ ପ୍ରଦାନ, ବେଶ୍ୟାବୃତ୍ତି କରୁଥିବା ନାରୀମାନଙ୍କୁ ଉପଯୁକ୍ତ ଶିକ୍ଷା ମାଧ୍ୟମରେ ସେମାନଙ୍କ ଜୀବିକାର ପରିବର୍ତ୍ତନ ଇତ୍ୟାଦି ଦ୍ୱାରା ସାମାଜିକ ପରିବର୍ତ୍ତନ ଅଣା ଯାଇ ପାରିବ ଓ ତଦ୍ୱାରା ବହୁ ସଂଖ୍ୟାରେ ଅପରାଧ ହ୍ରାସ ପାଇବ।

(ଇଂରାଜୀରୁ ଅନୁବାଦ)





ଦୁର୍ଘଟଣାର ତଦନ୍ତରେ ବିମୁଖ ହୁଅନ୍ତୁ ନାହିଁ



ଓଡ଼ିଶା ପୋଲିସ ବାହିନୀର ପ୍ରାଥମିକ ଚିକିତ୍ସା ପ୍ରତିଯୋଗିତା, ୧୯୬୮


ରାଜ୍ୟସ୍ତରୀୟ ପ୍ରାଥମିକ ଚିକିତ୍ସା ପ୍ରତିଯୋଗିତାର ଏକ ଦୃଶ୍ୟ






ଦୁଇଟି ଟ୍ରକର ମୁହାଁ ମୁହିଁ ସଂଘର୍ଷ

ଟ୍ରକ ସାଇକେଲ ଦୁର୍ଘଟଣା



କେ. ଶାନ୍ତନମ୍

# ଅପରାଧ ଓ ଦଣ୍ଡର ଅନ୍ତର୍ଦୃଷ୍ଟି

ସମାଜର ଗଠନ ଓ ଲୋକମାନଙ୍କର ପ୍ରବୃତ୍ତି ଓ ମନୋବୃତ୍ତି ପରିବର୍ତ୍ତନଶୀଳ । ସେହିପରି ଅପରାଧର ପ୍ରେରଣା, ଚିନ୍ତାଧାରା, ଦଣ୍ଡବିଧି, ନିରାକରଣ ଓ ଦଣ୍ଡ ମଧ୍ୟ ସେହି ପରିମାଣରେ ପରିବର୍ତ୍ତିତ ହୋଇ ଥାଏ । ଦଣ୍ଡବିଧିର କୌଣସି ବଡ଼ ଧରଣର ସଂସ୍କାର କରାଗଲେ ସାଧାରଣତଃ ଆଇନଜୀବୀ, ପୋଲିସ ଏବଂ ରାଜନୀତିଜ୍ଞମାନେ ପ୍ରତିରୋଧ କରିବା ଦେଖାଯାଏ । ଆଇନକୁ କାର୍ଯ୍ୟରେ ପରିଣତ କରିବା ଲୋକେ ମଧ୍ୟ ତାକୁ ନିଜ ସ୍ୱାର୍ଥରେ ପରିଶୁଦ୍ଧିତ କରିବା ଚେଷ୍ଟା କରନ୍ତି । ସମାଜରେ ଯେ କୌଣସି ଗୁରୁତର ପରିବର୍ତ୍ତନ ହେଲେ ମଧ୍ୟ କେତେ ଗୁଡ଼ିଏ ପ୍ରାଥମିକ ଅପରାଧ ଯଥା ନରହତ୍ୟା, ମାରାତ୍ମକ ଆଘାତ, ନାରୀ-ହରଣ ଓ ଡକାୟତି ପ୍ରଭୃତି ସର୍ବଦା ଦଣ୍ଡବିଧିର ପରିସରଭୁକ୍ତ ହୋଇ ରହିବ ।


ହିଂସାତ୍ମକ କାର୍ଯ୍ୟ ଗୋଟିଏ ଅସାମାଜିକ ପନ୍ଥା । ଏହା ସମସ୍ତେ ସ୍ୱୀକାର କରିବେ ଏବଂ ଏହାର ଦୃଢ଼ ପ୍ରତିରୋଧ ପାଇଁ ଏକମତ ହେବେ ; କିନ୍ତୁ ଏହି ପ୍ରତିରୋଧ ଅନେକ ସମୟରେ କଷ୍ଟସାଧ୍ୟ ହୁଏ । ବ୍ୟକ୍ତିଗତ ବା ସଂଘବଦ୍ଧ ଭାବରେ ଲୋକ-ହିତକର ସାମାଜିକ ପରିବର୍ତ୍ତନ ଉଦ୍ଦେଶ୍ୟରେ କୌଣସି ହିଂସାତ୍ମକ କାର୍ଯ୍ୟ କଲେ, ପ୍ରତିରୋଧ ବ୍ୟବସ୍ଥା ଦୁରୂହ ହୋଇପଡ଼େ । ଉଗ୍ରପନ୍ଥୀ ନକ୍ସାଲାଇଟ୍‌ମାନଙ୍କର ହିଂସାତ୍ମକ କାର୍ଯ୍ୟର ଦୃଢ଼ ପ୍ରତିରୋଧ ଏବଂ ଅପରାଧୀକୁ କଠିନ ଦଣ୍ଡରେ ଦଣ୍ଡିତ କରିବା ସର୍ବଦା ବାଞ୍ଛନୀୟ ; କିନ୍ତୁ କମ୍ୟୁନିଷ୍ଟ କିମ୍ବା ଅନ୍ୟ ବିପ୍ଳବୀ ଗୋଷ୍ଠୀ ତାଙ୍କର ସଙ୍ଗଠନକୁ ଶକ୍ତ କରିବା ପାଇଁ ଯଦି କୌଣସି ହିଂସାତ୍ମକ ବୈପ୍ଳବିକ ପନ୍ଥାର ପ୍ରୟାସ ବା ଯୋଜନା କରନ୍ତି ସେ କ୍ଷେତ୍ରରେ ପ୍ରତିରୋଧ ପାଇଁ କିଭଳି ଉପାୟ ଅବଲମ୍ବନ କରିବାକୁ ହେବ, ତାହା ଚିନ୍ତାର ବିଷୟ ହୋଇଉଠେ । ଭବିଷ୍ୟତରେ ସାମାଜିକ ପୁନର୍ଗଠନ ନାମରେ ହିଂସାମାର୍ଗର ଅନୁସରଣ ଓ ଗୁପ୍ତ କିମ୍ବା ଦଳୀୟ ସ୍ୱାର୍ଥ ଦୃଷ୍ଟିରୁ ଯେ କୌଣସି କ୍ଷେତ୍ରରେ ହିଂସାତ୍ମକ କାର୍ଯ୍ୟକଳାପର ପରିକଳ୍ପନାକୁ ପ୍ରଶ୍ରୟ ଦେବା ଦେଶ ଓ ଜାତି ପକ୍ଷରେ ମାରାତ୍ମକ ।

ବିପ୍ଳବର ଧାରା ଏବଂ ଅପରାଧ ଉଭୟେ ଓତପ୍ରୋତ ଭାବରେ ଜଡ଼ିତ । ପ୍ରତ୍ୟେକ ଦେଶର ଏହାର ଆଇନଗତ ସମାଧାନ ଗୋଟିଏ ଗୁରୁତର ସମସ୍ୟା ରୂପେ ଦେଖାଦିଏ । ତେଣୁ ପ୍ରକାଶ୍ୟରେ କିମ୍ବା ଗୁପ୍ତ ଭାବରେ କାର୍ଯ୍ୟ କରୁଥିବା ଅନୁଷ୍ଠାନଗୁଡ଼ିକୁ ଭିନ୍ନ ଭିନ୍ନ ଦୃଷ୍ଟିରେ ଦେଖିବାକୁ ହେବ । କୌଣସି ହିଂସା ମାର୍ଗର ସମର୍ଥନ କିମ୍ବା କଳ୍ପନା ନ କରିବା ପର୍ଯ୍ୟନ୍ତ ଯେ କୌଣସି ଗୋଷ୍ଠୀକୁ ବେଆଇନ ଘୋଷଣା କରିବା ଅନୁଚିତ । ଏହି ପାର୍ଥକ୍ୟର ସ୍ଥିତିରକ୍ଷା ନିମନ୍ତେ ପ୍ରତ୍ୟେକ ରାଜନୈତିକ ଦଳ, ଧର୍ମ ପ୍ରତିଷ୍ଠାନ, ସାଂସ୍କୃତିକ କିମ୍ବା ଅନ୍ୟାନ୍ୟ ଅନୁଷ୍ଠାନଗୁଡ଼ିକୁ ରେଜିଷ୍ଟ୍ରିଭୁକ୍ତ କରିବା ଆବଶ୍ୟକ । ଯଦି ଏଭଳି ଅନୁଷ୍ଠାନଗୁଡ଼ିକ ତାଙ୍କର କାର୍ଯ୍ୟକଳାପ ଗୁପ୍ତ ନ ରଖି ପ୍ରକାଶ୍ୟ ଭାବରେ ଅଗ୍ରସର ହୁଅନ୍ତି, ତାହାହେଲେ ତାଙ୍କ ପ୍ରତି କୋହଳ ନୀତି ପ୍ରୟୋଗ କରାଯାଇପାରେ । ପୁନଶ୍ଚ, ସେହି ଅନୁଷ୍ଠାନଗୁଡ଼ିକ କେତେକ




ଅନୁଗୁଳ ପୋଲିସ ତାଲିମ କେନ୍ଦ୍ରରେ କ୍ୟାଡେଟ୍ ଇନସ୍ପେକ୍ଟରମାନଙ୍କ ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ ।


ପୋଲିସ୍ ବାହିନୀର ସର୍ବସ୍ତରୀୟ ପ୍ରାଥମିକ ଚିକିତ୍ସା ପ୍ରତିଯୋଗିତା



ଅପରାଧୀ ଥିବେ ସେମାନଙ୍କୁ ସମାଜ ଗ୍ରହଣ କରିବାକୁ କୁଣ୍ଠିତ ହେବ। ବ୍ରିଟିଶ ଶାସନ କାଳରେ ଅତି ଗୁରୁତର ଅପରାଧୀଙ୍କ ପାଇଁ ଆଣ୍ଡାମାନ ଦ୍ୱୀପରେ ନିର୍ଜନ କାରାବାସ ବ୍ୟବସ୍ଥା ଥିଲା। ଏ ବ୍ୟବସ୍ଥା ମନ୍ଦ ନଥିଲା, କାରଣ ଦୀର୍ଘକାଳ କାରାଦଣ୍ଡରେ ଦଣ୍ଡିତ ଅପରାଧୀମାନଙ୍କୁ ସ୍ୱଳ୍ପକାଳ ବନ୍ଦୀମାନଙ୍କ ସହିତ ଏକାଠି ରଖିବା କେବଳ ଅବାଞ୍ଛନୀୟ ନୁହେଁ, ନୀତିଭ୍ରଷ୍ଟକାରୀ ମଧ୍ୟ।



ଜାତୀୟ କ୍ଷତି । ରେଳ ୱାଗନ ଲୁଟି



ବାଲ୍ୟାବସ୍ଥାରେ ଭିକ୍ଷାବୃତ୍ତିରୁ ଚୌର୍ଯ୍ୟବୃତ୍ତି

ପରିମାଣରେ ପ୍ରକାଶ୍ୟରେ ଏବଂ ଗୁପ୍ତରେ କାର୍ଯ୍ୟ କରିବେ, ସେମାନଙ୍କର ରେଜିଷ୍ଟ୍ରେସନ ରଦ୍ଦ କରାଯିବ ଏବଂ ଗୁପ୍ତ ଅନୁଷ୍ଠାନ ଭାବରେ ପରିଗଣିତ ହେବ ।

ଚୋରି, ଅର୍ଥ ତୋସରପାତ, ବିଶ୍ୱାସଘାତକତା ଏବଂ ସେହି ଶ୍ରେଣୀର ଅପରାଧ ତୁଳନାରେ ସାମାଜିକ ଅପରାଧର ଗୁରୁତ୍ୱ ଅତି ଅଧିକ । ଆଜିକାଲି ଯୁଗରେ କୌଣସି କାରଖାନାରେ ପରିଚାଳକଙ୍କ ଅବହେଳାରୁ ଯନ୍ତ୍ରପାତି ଜନିତ ତ୍ରୁଟି ଯୋଗୁଁ ଯଦି କୌଣସି ଶ୍ରମିକର ମୃତ୍ୟୁ ହୁଏ, ତାହା ପକେଟମାର କିମ୍ବା ସେହି ଧରଣର ଅପରାଧ ଠାରୁ ବହୁଗୁଣରେ ଗୁରୁତ୍ୱପୂର୍ଣ୍ଣ ବୋଲି ବିଚାର କରାଯାଏ । ବଡ଼ ବଡ଼ ସହରରେ ଯନ୍ତ୍ରଚାଳିତ ଯାନବାହନର ଚଳାଚଳ ଖୁବ ବେଶି । ଏହି ଯାନବାହନର ଉଚିତ ରକ୍ଷଣାବେକ୍ଷଣ-ଜନିତ ତ୍ରୁଟିରୁ ହେଉ କିମ୍ବା ଚାଳକର ଅବହେଳାରୁ ଯାନବାହନ ନିୟମ ଲଙ୍ଘନ ହେତୁ କୌଣସି ଦୁର୍ଘଟଣା ଘଟିଲେ ଏହା ଗୋଟିଏ ଗୁରୁତର ଅପରାଧ ବୋଲି ଧରାଯାଉଛି । ସେହିଭଳି ରେଳଷ୍ଟେସନ ଓ ଡାକଘର ଭଳି ଜାତୀୟ ସମ୍ପତ୍ତିର ଧ୍ୱଂସ କିମ୍ବା ଟେଲିଗ୍ରାଫ୍ ଓ ଟେଲିଫୋନ୍ ତାର ଚୋରି ସାଧାରଣ ସମ୍ପତ୍ତି ଚୋରି ଅପେକ୍ଷା ଅଧିକ ଗୁରୁତର । ଚୋରା ଚାଲାଣ, ଟିକସ ଫାଙ୍କି ଏବଂ ଅନ୍ୟାନ୍ୟ ଭାବରେ ବିଦେଶୀ ଧନ ସଞ୍ଚୟ ସାମାଜିକ ଅପରାଧ ଭାବରେ ପରିଗଣିତ ହେବ ଏବଂ ଅପରାଧୀକୁ ଠକେଇ, ଜାଲିଆତି ପ୍ରଭୃତି ଦୋଷୀ ଠାରୁ ଅଧିକ କଠିନ ଦଣ୍ଡରେ ଦଣ୍ଡିତ କରିବା ଉଚିତ ।

ରାଜନୈତିକ, ସାମାଜିକ ଓ ଶିଳ୍ପ ସଂକ୍ରାନ୍ତ ଏବଂ ବହୁଲୋକ ସଂପୃକ୍ତ ଅପରାଧଗୁଡ଼ିକ ଉପରେ ଗୁରୁତ୍ୱ ଦେଇ ସମସ୍ତ ଦଣ୍ଡବିଧି ନୂତନ ଧାରାରେ ପୁନର୍ଗଠିତ ହେବା ଉଚିତ । ଅପରାଧର ଗୁରୁତ୍ୱ ଦୃଷ୍ଟେ ଦଣ୍ଡବିଧାନର ସମୀକ୍ଷା ଓ ପରିବର୍ତ୍ତନ ମଧ୍ୟ ହେବା ଏକାନ୍ତ ଆବଶ୍ୟକ । କୌଣସି ଲୋକ ପ୍ରତି ଶାରୀରିକ ଆଘାତ କିମ୍ବା ଅପମାନସୂଚକ ବ୍ୟବହାର ବର୍ତ୍ତମାନ ସମାଜରେ ଅସଙ୍ଗତ ରୂପେ ବିବେଚିତ ହେଉଛି । ଆଜିକାଲିକାର ବର୍ବର ପ୍ରଥା ଅଚଳ ଅବସ୍ଥାରେ ଉପନୀତ ହେଲଣି । ପୂର୍ବେ ଅପରାଧୀକୁ ଜେଲ ଦେଇ ଶାରୀରିକ ପରିଶ୍ରମରେ ଆବଦ୍ଧ କରାଯାଉଥିଲା । ତଦ୍ୱାରା ତାକୁ ନିଜର ଦୁଷ୍କର୍ମ ସକାଶେ ବହୁ ଶାରୀରିକ ଦୁଃଖ ଭୋଗ କରିବାକୁ ପଡୁଥିଲା ; କିନ୍ତୁ ଧୀରେ ଧୀରେ ଶାରୀରିକ ଶ୍ରମର ହ୍ରାସ ହେଲଣି । ପ୍ରତିଶୋଧମୂଳକ କଠିନ ଦଣ୍ଡର ବ୍ୟବସ୍ଥା ମଧ୍ୟ କୋହଳ ହେଲଣି । ବର୍ତ୍ତମାନ ଅନୁଭବ କରାଯାଉଛି ଯେ ଅପରାଧ ସଂଖ୍ୟା ଏବଂ ଗୁରୁତ୍ୱ ନ୍ୟୁନ କରିବା ପାଇଁ ଅପରାଧୀର ଚରିତ୍ର ସଂସ୍କାର ସର୍ବାଦୌ ପ୍ରୟୋଜନ ।

ତଦ୍ୱାରା ବନ୍ଦୀଶାଳାରୁ ମୁକ୍ତହେଲେ ଅପରାଧୀ ପୁଣି ଥରେ ନୂଆ ଅପରାଧ କରିବାର ପ୍ରୟାସ କରିବନାହିଁ ବୋଲି ବିବେଚିତ ହେଉ... ବନ୍ଦୀଶାଳାର ପ୍ରଚଳିତ ସଂସ୍କାର ସମସ୍ୟାର ସମାଧାନ କରିପାରି... ନାହିଁ । ମୁଁ ଦଣ୍ଡବିଧିର ସଂସ୍କାର ତିନି ସଂପର୍କରେ ତିନୋଟି ସୂତ୍ର... ଦେଉଛି—

(୧) ପ୍ରାୟଶ୍ଚିତ୍ତ, (୨) କ୍ଷତିପୂରଣ ଓ (୩) ଦୋଷ... ନିରାକରଣ ।

ଅପରାଧୀକୁ ତା'ର କୁକର୍ମର ଅନୁତାପ ପାଇଁ ଯଥେଷ୍ଟ ସୁଯୋଗ... ଦେବା ଉଚିତ । ପୂର୍ବେ ଋଷିମାନେ କହିଛନ୍ତି ଉପବାସ, ମୁଣ୍ଡ... ଚଳଣି, କ୍ଷୁଧା ନିବାରକ ଖାଦ୍ୟ ଇତ୍ୟାଦି ଅପରାଧ ଜନିତ ଅପରାଧ... ଓ ଅନୁରାଗ ପ୍ରତିକାରର ଉତ୍କୃଷ୍ଟ ପନ୍ଥା । ମୁଁ ଭାବେଁ ପ୍ରତ୍ୟେକ... ବନ୍ଦୀ ଅନ୍ତତଃ ୨ ରୁ ୭ଦିନ ପର୍ଯ୍ୟନ୍ତ କେବଳ ଜଳଗ୍ରହଣ କରି ଉପବାସ... କଟାଇବେ ଏବଂ ଏକ ବା ଦୁଇମାସ କ୍ଷୁଧା ନିବାରଣ ପାଇଁ କେବଳ... ଭାତ ବା ରୁଟି ସହିତ ଲୁଣ ପାଣି ଖାଇବେ । ଅଶ୍ରମ କାରା... ଦଣ୍ଡରେ ଦଣ୍ଡିତ ଅପରାଧୀଙ୍କ ପକ୍ଷରେ ଉପରୋକ୍ତ ପ୍ରାୟଶ୍ଚିତ୍ତ ହିଁ... ଯଥେଷ୍ଟ ହେବ । ଏହା ବ୍ୟତୀତ ଅପରାଧ ଜନିତ କ୍ଷତିଗ୍ରସ୍ତ ବ୍ୟକ୍ତି... ବା ସମାଜର କ୍ଷତିପୂରଣ ନିମିତ୍ତ ଅପରାଧୀକୁ ଜରିମାନା ଦଣ୍ଡରେ... ଦଣ୍ଡିତ କରିବା ଉଚିତ । ଚୋରିମାନ ଏକକାଳୀନ ଦେଇ ପାରିଲେ... କାରାଦଣ୍ଡ ବୃଦ୍ଧିର ବ୍ୟବସ୍ଥା ଅଛି । ଏ ବ୍ୟବସ୍ଥାର ପରିବର୍ତ୍ତନ କରି... ଜୋରିମାନା ସୁବିଧା କିସ୍ତିରେ ଧାର୍ଯ୍ୟ କରାଯିବ କିମ୍ବା ବନ୍ଦୀଶାଳା... ମୁକ୍ତ ହେବାପରେ କୌଣସି ଉପାର୍ଜନର ଆଂଶିକ ଭାବେ ଆଦାୟ... କରାହେବ । ଉପାର୍ଜନର ଶତକଡ଼ା ୨୫ ଭାଗ ଆଦାୟ ହେଲେ... ଅପରାଧୀକୁ କଷ୍ଟ ସ୍ୱୀକାର କରିବାକୁ ହେବନାହିଁ । ଦଣ୍ଡ ଏ... କଠିନ ହେଲେ ମଧ୍ୟ ମାନବିକତା ଦୃଷ୍ଟିରୁ ଉପାଦେୟ ହେବ...

ଯେଉଁମାନେ ଗୁରୁତର ଦୋଷରେ ଅପରାଧୀ, ସେମାନଙ୍କ ପାଇଁ... ବର୍ତ୍ତମାନ ପ୍ରଚଳିତ କାରାଗାରଗୁଡ଼ିକ ସରକାରୀ କୃଷିକ୍ଷେତ୍ର କିମ୍ବା... ଶିଳ୍ପ ଉଦ୍ୟୋଗରେ ପରିଣତ କରାହେବ । ସେଠାରେ ଅପରାଧୀ... ସାଧାରଣ ମଜୁରୀ ପାଇବ ଏବଂ ତାହାର କେତେକ ଅଂଶ କ୍ଷତିପୂରଣ... ନିମିତ୍ତ ନିର୍ଦ୍ଧିତ ହେବ । ଅବଶ୍ୟ ଏଭଳି କ୍ଷେତ୍ରରେ ଦୋଷୀକୁ... ଦୃଷ୍ଟିରେ ରଖାଯିବ । ବନ୍ଦୀ କୃଷିକ୍ଷେତ୍ର ବା ଶିଳ୍ପ ଉଦ୍ୟୋଗରେ... ଆତ୍ମ-ସମ୍ମାନର ସହିତ କାର୍ଯ୍ୟ କରିବାର ସୁଯୋଗ ପାଇବେ । ... ସମଶ୍ରେଣୀୟ ଅପରାଧର ସଂପୃକ୍ତ ପୁରୁଷ ବା ନାରୀମାନଙ୍କୁ ... ବ୍ୟବସ୍ଥାର ଉପଦେଶ ଦିଆଯିବ । ଅବଶ୍ୟ ଏପରି କେତେ...

ଆଇନ୍‌କୁ ସ୍ୱତଃ ପ୍ରବୃତ୍ତ ହୋଇ ମାନିବା ପରିବର୍ତ୍ତେ କଠୋର ଦଣ୍ଡକୁ ମୁକ୍ତି ପାଇବା ପାଇଁ ବିଭିନ୍ନ ଅବୈଧାନିକ ପନ୍ଥାର ଆଶ୍ରୟ ନେଲେ । ସେତେ ନିଷ୍ଠୁର ହୋଇଗଲେ । ଫାଶି ପାଉଥିବା ଅସାମୀକୁ ଦେଖିବାପାଇଁ ହଜାର ହଜାର ସଂଖ୍ୟାରେ ଦର୍ଶକ ରୁଣ ହେଲେ ଏବଂ ଯେଉଁଦିନ କାହାକୁ ଫାଶି ହେବ, ସେ ଦିନ ଗୋଟିଏ ପର୍ବ-ପର୍ବାଣି ଭଳି ପାଳନ କରାଗଲା । ଶିଶୁ, ଯୁବା, ପ୍ରୌଢ଼ ଓ ବୃଦ୍ଧ ସମସ୍ତେ ନିଜର ଭଲ ଭଲ ଲୁଗାପଟା ପିନ୍ଧି ଫାଶି ଆସାମୀର ଅନ୍ତ-ହୁହା କିପରି କଟାହୋଇ ତାଙ୍କ ସାମନାରେ ପୋଡ଼ା ହେବ ଏବଂ ତାପରେ ତାର କିପରି ଶିରଚ୍ଛେଦ ହେବ ତାକୁ ଦେଖିବାକୁ ଗଲେ । ସେ ଦିନ ଫେରିବାଲା ଓ ଦୋକାନୀ ପ୍ରଚୁର ପରିମାଣରେ ଚିନ୍ ମଦ ଓ ଚିତ୍ତରଞ୍ଜି ବିକ୍ରୀ କଲେ । ସମସ୍ତେ ତାକୁ ଆନନ୍ଦରେ ଖାଇ ବର୍ବର ନୃଶଂସତାର ଦୃଶ୍ୟକୁ ଆମୋଦ ପ୍ରମୋଦ ଭଳି ଉପଭୋଗ କଲେ । ଏଥିରେ ଲୋକ ଚରିତ୍ର ଖରାପ ହେଲା । ଏଥିରୁ ଶିକ୍ଷା ମିଳିଲା ଯେ ଆଇନ୍‌କୁ ମାନିବା ପାଇଁ ସର୍ବସାଧାରଣଙ୍କର ଆଇନ୍ ପ୍ରତି ଶ୍ରଦ୍ଧା ଥିବା ଦରକାର । ଖାଲି କଠୋର ଦଣ୍ଡ ଦେଲେ ଆଇନ୍-ମର୍ଯ୍ୟାଦା ବଢ଼ିବ ନାହିଁ ଏବଂ ଅପରାଧ ମଧ୍ୟ କମିବ ନାହିଁ ।

ଆଇନ୍‌ର ଶାସନ ପାଇଁ ସମସ୍ତେ ଆଇନର ପରିସର ଭିତରେ ରହିବା ଦରକାର । ଆଇନ୍ ଶାସନରେ ଉଚ୍ଚ, ନୀଚ ଭେଦାଭେଦର ଚିହ୍ନର ନାହିଁ । ସମସ୍ତେ ଆଇନ୍ କଣ ଜାଣିବା ପାଇଁ ଆଇନ୍ ଲିପି-ବଦ୍ଧ ହେବା ଦରକାର । ପ୍ରତ୍ୟେକ ଅପରାଧର ବିଚାର ନିରପେକ୍ଷ ନ୍ୟାୟାଳୟରେ ହେବା ଆବଶ୍ୟକ । କୌଣସି ନ୍ୟାୟାଳୟର ବିଚାରରେ ଅଭିଯୁକ୍ତ ବ୍ୟକ୍ତି ସନ୍ତୁଷ୍ଟ ନହେଲେ, ସେ ଉଚ୍ଚତର ନ୍ୟାୟାଳୟକୁ ଅପିଲ କରିବାର ବନ୍ଦୋବସ୍ତ ଥିବା ଦରକାର । ଦେଶର ଆଇନ୍‌କୁ ବ୍ୟାଖ୍ୟା କରିବାର କ୍ଷମତା ସର୍ବୋଚ୍ଚ ଅଦାଲତଙ୍କର ଥିବା ଦରକାର ।

ତେବେ ମୁଖ୍ୟ ପ୍ରଶ୍ନ ହେଉଛି, ଆଇନ୍‌କୁ ପ୍ରୟୋଗ କରିବା କ୍ଷମତା ଓ ଆଇନର ଶାସନ କରିବାର କ୍ଷମତା କାହା ହାତରେ ରହିବା ଦରକାର । ପ୍ରତ୍ୟେକ ଗଣତନ୍ତ୍ରରେ, ସମସ୍ତ ନାଗରିକଙ୍କର ମୌଳିକ ଅଧିକାର ରହିଛି । ଆମ ସଂବିଧାନର ୧୯ ଦଫାରେ ବ୍ୟକ୍ତି-ସ୍ୱାଧୀନତାର ମୌଳିକ ଅଧିକାରକୁ ଲିପିବଦ୍ଧ କରା ହୋଇଛି । ପ୍ରତ୍ୟେକ ନାଗରିକଙ୍କର ସ୍ୱାଧୀନ ଭାବରେ ମତ ବ୍ୟକ୍ତ କରିବା, ଶାନ୍ତିପୂର୍ଣ୍ଣ ଭାବରେ ଏକତ୍ରିତ ହେବା, ଦେଶ ଭିତରେ ସ୍ୱଚ୍ଛନ୍ଦରେ ଗମନାଗମନ କରିବା ଏବଂ ନିଜର ୟୁନିଅନ୍ ବା ଆସୋସିଏସନ ଗଠନ କରିବାର ମୌଳିକ ଅଧିକାର ଅଛି । ଯଦି ଆଇନ୍ ପ୍ରୟୋଗ କରୁଥିବା ପୁଲିସ୍ କର୍ମଚାରୀ ନିଜର କ୍ଷମତା ବଳରେ କୌଣସି ନାଗରିକକୁ ଅପରାଧ କରିଥିବା ସନ୍ଦେହରେ ଗିରଫ କରନ୍ତି ଏବଂ ସେ ନାଗରିକ ଯଦି ନିରପରାଧ ହୋଇଥାଏ, ତେବେ ତାପାଇଁ ଏସବୁ ମୌଳିକ ଅଧିକାରର କିଛି ଅର୍ଥ ନାହିଁ ।

ଆଧୁନିକ ରାଷ୍ଟ୍ରମାନଙ୍କରେ ଅପରାଧ କରିଥିବା ସନ୍ଦେହରେ ଗିରଫ କରିବା କ୍ଷମତା, ଅପରାଧ କରି ଜିନିଷ ଲୁଚାଇଥିବା ସନ୍ଦେହରେ ବାସଗୃହ ଖାନତଲାସ୍ କରିବାର କ୍ଷମତା ଏବଂ ଅପରାଧୀ ବିରୁଦ୍ଧରେ ଅଭିଯୋଗପତ୍ର ଦାଖଲ କରିବାର କ୍ଷମତା ପୁଲିସ୍ କର୍ମଚାରୀମାନଙ୍କର ନାହିଁ । ମୁଁ କେତେଗୁଡ଼ିଏ ଉଦାହରଣ ଦେଉଛି । ଯୁକ୍ତରାଷ୍ଟ୍ର ଆମେରିକାରେ କୌଣସି ବ୍ୟକ୍ତି ଅପରାଧ କରିଥିବା ସନ୍ଦେହ ହେଲେ, କିମ୍ବା କାହାର ଘର ଖାନ୍‌ତଲାସ ପାଇଁ ଦରକାର ପଡ଼ିଲେ, ପୁଲିସ କର୍ମଚାରୀ ନିଜ କ୍ଷମତା ବଳରେ ତା କରି ପାରିବେ ନାହିଁ । ଏସବୁ କରିବାପାଇଁ ପୁଲିସ୍‌କୁ ଡିଷ୍ଟ୍ରିକ୍ଟ ଆଟର୍ଣ୍ଣିଙ୍କର (District Attorney) ଓ୍ୱାରେଣ୍ଟ୍ ଆଣିବାକୁ ହେବ । ଏପରିକି ପୃଥିବୀର ଏକ ଦକ୍ଷ ଓ ସବୁଠାରୁ ଅଧିକ ଦରମା ପାଉଥିବା ପୁଲିସ୍ ବାହିନୀ ପ୍ରସିଦ୍ଧ ଫେଡ଼େରାଲ୍ ବ୍ୟୁରୋ ଅଫ୍ ଇନ୍‌ଭେଷ୍ଟିଗେସନ୍ (Federal Bureau of Investigation) ନିଜର କ୍ଷମତା ବଳରେ କାହାକୁ ଅପରାଧ କରିଥିବା ସନ୍ଦେହରେ ଗିରଫ କରି ପାରିବେ ନାହିଁ କିମ୍ବା କାହାର ବାସଗୃହ ଖାନତଲାସ କରି ପାରିବେ ନାହିଁ କିମ୍ବା କେଉଁ ଅଭିଯୁକ୍ତ ବ୍ୟକ୍ତିଙ୍କ ବିରୁଦ୍ଧରେ କୋର୍ଟରେ ଅଭିଯୋଗପତ୍ର ଦାଖଲ କରି ପାରିବେ ନାହିଁ । ସେମାନଙ୍କୁ ମଧ୍ୟ ଆଟର୍ଣ୍ଣିଙ୍କର ଆଦେଶନାମା ଆଣିବାକୁ ହେବ । ଫେଡେରାଲ୍ ବ୍ୟୁରୋ ଅଫ୍ ଇନ୍‌ଭେଷ୍ଟିଗେସନ୍‌ର ଏଜେଣ୍ଟ୍ କେବଳ ଅପରାଧୀ ବିରୁଦ୍ଧରେ ଅନୁସନ୍ଧାନ କରି ତଥ୍ୟ-ସମ୍ବଳିତ ପ୍ରମାଣ ଯୋଗାଡ଼ କରିବେ ।

କେବଳ ଯୁକ୍ତରାଷ୍ଟ୍ର ଆମେରିକାରେ ନୁହେଁ, ସୋଭିଏତ୍ ୟୁନିଅନ୍‌ରେ ମଧ୍ୟ ସେଇ ବ୍ୟବସ୍ଥା । "ମିଲିସିଆ" ପୋଲିସ୍ ସନ୍ଦେହରେ ଅପରାଧୀକୁ ଗିରଫ କରି ପାରିବେ ନାହିଁ । ପ୍ରକ୍ୟୁରେଟରଙ୍କଠାରୁ ଓ୍ୱାରେଣ୍ଟ୍ ଆଣିବାକୁ ହେବ ।

ଏଠିରେ କୌଣସି ନାଗରିକ ବିନା ଦୋଷରେ ଅପରାଧୀ ବୋଲି ଅଭିଯୁକ୍ତ ହେବାର ବିପଦ କମ୍ । ଗୋଟିଏ ସଂସ୍ଥା ଅପରାଧ କରିଥିବା ସନ୍ଦେହରେ ଅଭିଯୁକ୍ତ ବ୍ୟକ୍ତି ବିଶେଷଙ୍କ ବିରୁଦ୍ଧରେ ଅନୁସନ୍ଧାନ କରି ପ୍ରାମାଣିକ ତଥ୍ୟ ସଂଗ୍ରହ କରିବ ।

ପୂର୍ଣ୍ଣଚନ୍ଦ୍ର ହୋତା

# ଅପରାଧ ନିବାରଣ—ଏକ ସମୀକ୍ଷା

ସାମାଜିକ ଶୃଙ୍ଖଳାକୁ ଅବମାନନା କରି, ଅସାମାଜିକ କାମ କରିବା ହୁଏତ ମାନବର ଏକ ଆଦିମ ପ୍ରବୃତ୍ତି । ଏହି ପ୍ରବୃତ୍ତିରୁ ମଣିଷକୁ ନିବୃତ୍ତ କରିବାପାଇଁ ସାମାଜିକ ନୀତି-ନିୟମର ସୃଷ୍ଟି । ଏହି ପ୍ରବୃତ୍ତି ସମୟ ସମୟରେ ଆଇନ୍‌ର ପରିସର ଅତିକ୍ରମ କରିଥାଏ । ମଣିଷର ଯେଉଁ କାର୍ଯ୍ୟ ଆଇନ୍‌ର ପରିସର ଅତିକ୍ରମ କରେ ତାକୁ ଅପରାଧ କୁହାଯାଏ । ସେ ଅପରାଧ ନିବାରଣ କରିବା ଦାୟିତ୍ୱ ଯେ କୌଣସି ଶୃଙ୍ଖଳିତ ରାଷ୍ଟ୍ରରେ ସାଧାରଣ ନାଗରିକର । ନାଗରିକର ଏହା ଅନ୍ତିମ ଦାୟିତ୍ୱ ହୋଇଥିଲେ ହେଁ, ପ୍ରତ୍ୟେକ ଆଧୁନିକ ରାଷ୍ଟ୍ରରେ ଅପରାଧ ନିବାରଣ ପାଇଁ ପୋଲିସ୍ ଅଛନ୍ତି ଓ ଅପରାଧୀକୁ ଦଣ୍ଡ ଦେବା ପାଇଁ କୋର୍ଟ କଚେରୀ, ମାଜିଷ୍ଟ୍ରେଟ ଓ ଜଜ୍ ଅଛନ୍ତି ।

ଇତିହାସ ପର୍ଯ୍ୟାଲୋଚନା କଲେ ଦେଖାଯାଏ ଯେ ମାନବ ସଭ୍ୟତାର ସୃଷ୍ଟି ସମୟରୁ ହିଁ ଅପରାଧ ରହି ଆସିଛି ଏବଂ ଅପରାଧ ନିବାରଣ ପାଇଁ ସଂସ୍ଥା ରହି ଆସିଛି । ପ୍ରାୟ ଖ୍ରୀ. ପୂ. ୩୦୦୦ ବର୍ଷରେ ଏଥେନ୍ସର ଜଣେ କବି ଲେଖିଥିଲେ ଯେ କେତେକ ଲୋକ ଆଇନ ଶୃଙ୍ଖଳାକୁ ନମାନି ଚୋରି କରନ୍ତି । ରାତିରେ ଘର ଭାଙ୍ଗି ପଶି ଧନ ସମ୍ପତ୍ତି ଲୁଟ୍ ତରାଜ କରନ୍ତି ଏବଂ ନରହତ୍ୟା କରନ୍ତି ଏବଂ ଏସବୁ କରୁଥିବା ସତ୍ତ୍ୱେ, ସେମାନେ ଶାନ୍ତ ଓ ଧର୍ମଭୀରୁ ଲୋକମାନଙ୍କଠାରୁ ଅଧିକ ଆନନ୍ଦରେ ରହନ୍ତି । ଖ୍ରୀ. ପୂ. ୩୦୦୦ ବର୍ଷରେ ଏଥେନ୍ସରେ ଜୀବନ ଧାରଣର ପ୍ରଣାଳୀ ସ
ଥିଲେ ହେଁ ଏବଂ ଏଥେନ୍ସରେ ପ୍ରତ୍ୟକ୍ଷ ଗଣତନ୍ତ୍ର ଶାସ
(direct democracy) ଥିଲେ ହେଁ ଏବଂ ଅପରାଧ ପ୍ର
କଠିନ ଦଣ୍ଡର ବ୍ୟବସ୍ଥା ଥିଲେ ହେଁ ଛୋଟ ଛୋଟ ଅପରାଧର ପ୍ରବୃ
ବିରଳ ନ ଥିଲା ।

ଇଂଲଣ୍ଡ ଭଳି ଏକ ସଭ୍ୟ ଗଣତାନ୍ତ୍ରିକ ଦେଶରେ ମଧ
୧୭୯୦ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଏକ ଆଇନ ଥିଲା ଯେ ଯେଉଁ ସ୍ତ୍ରୀ
ରାଷ୍ଟ୍ରଦ୍ରୋହ ଅପରାଧ କିମ୍ବା ନିଜର ପତିକୁ ହତ୍ୟା କରିବା
ଅପରାଧରେ ଦଣ୍ଡିତ ହେବ, ତାକୁ ସର୍ବସାଧାରଣଙ୍କ ଉପସ୍ଥିତି
ପୋଡ଼ି ମାରିଦିଆଯିବ । ସେ ଆଇନ୍‌ର ବ୍ୟବସ୍ଥା ଅନୁସା
କୌଣସି ପୁରୁଷ ଯେବେ ରାଷ୍ଟ୍ରଦ୍ରୋହ ଅପରାଧ କରେ, ତାର
ଚିରି ଅନ୍ତନାଳୀକୁ ସର୍ବସାଧାରଣଙ୍କ ସମ୍ମୁଖରେ ତାହାର
ପୋଡ଼ା ଯାଉଥିଲା ଏବଂ ତା'ପରେ ତାର ଶିରଚ୍ଛେଦ କରାଯାଉ
ଡେକୁଆ ଚୋରି କରିବା ଓ ଦୋକାନରୁ ଛୋଟ ଛୋଟ
ଚୋରି କରିବା ପାଇଁ ମଧ୍ୟ ପ୍ରାଣ ଦଣ୍ଡର ବିଧାନ ଥିଲା ।

ଏପରି କଠିନ ଆଇନ ଓ ଦଣ୍ଡ ସତ୍ତ୍ୱେ ଅପରାଧ କ
ପରିବର୍ତ୍ତେ ବଢ଼ିବାକୁ ଲାଗିଲା । ସର୍ବସାଧାରଣଙ୍କ ମନରେ
କଠୋର ଦଣ୍ଡ ଖରାପ ପ୍ରଭାବ ପକାଇଲା । ସାଧାରଣ

ଦଣ୍ଡପାଣି ବେହେରା

# ସମାଜବାଦୀ ଲାଲବାହାଦୁର

ଭାରତର ଦ୍ୱିତୀୟ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଲାଲବାହାଦୁର ଶାସ୍ତ୍ରୀ ଏକାଧାରରେ ଥିଲେ ଜଣେ ଶ୍ରେଷ୍ଠ ମୁକ୍ତିଯୋଦ୍ଧା, ନିଷ୍ଠାପର ପ୍ରଶାସକ, ଜନ୍ମୁଆ ସମାଜବାଦୀ କର୍ମବୀର । ଏଥି ସଙ୍ଗେ ସଙ୍ଗେ ସେ ଥିଲେ ଜଣେ ବିଚକ୍ଷଣ ରାଜନୀତିଜ୍ଞ, ଉଦାର ସମାଜସେବୀ ଓ ପ୍ରଜ୍ଞାଶୀଳ ଜନନାୟକ । ତାଙ୍କର ଜୀବନବ୍ୟାପୀ ଚିନ୍ତା ଓ କର୍ମର ଛତ୍ରେ ଛତ୍ରେ ତାଙ୍କର ସମାଜ-ମଙ୍ଗଳ ମନୋଭାବ ପ୍ରତିଭାତ । ଗଣତାନ୍ତ୍ରିକ ଓ ଶାନ୍ତିପୂର୍ଣ୍ଣ ଉପାୟରେ ସମାଜର ରୂପ ପରିବର୍ତ୍ତନ କରିବା ପାଇଁ ତାଙ୍କର ଏକନିଷ୍ଠ ଉଦ୍ୟମ ଓ ଲକ୍ଷ୍ୟକୁ ତାଙ୍କର "ସମାଜବାଦୀ ଚିନ୍ତାଦର୍ଶ" ଭାବେ ଉଲ୍ଲେଖ କରାଯାଉଅଛି ।

ତାତ୍ତ୍ୱିକ ଦୃଷ୍ଟିକୋଣରୁ ହୁଏତ ଶାସ୍ତ୍ରୀଜୀଙ୍କୁ ଜଣେ ଆଦର୍ଶବାଦୀ ସମାଜବାଦପନ୍ଥୀ ବୋଲି କୁହାଯାଇ ନପାରେ; କିନ୍ତୁ ତାଙ୍କର କାର୍ଯ୍ୟାବଳୀର ସମୀକ୍ଷା କରାଗଲେ ସମାଜବାଦ ପ୍ରତି ତାଙ୍କର ଅନୁରାଗର ପ୍ରମାଣ ମିଳେ । ତାଙ୍କୁ ଜଣେ ବାସ୍ତବବାଦୀ ସମାଜ-ସେବୀ ଓ ସମାଜବାଦୀ କର୍ମୀ କୁହାଯାଇପାରେ ।

ସେ ଥିଲେ ପ୍ରଧାନମନ୍ତ୍ରୀ ନେହରୁଙ୍କ ଅତ୍ୟନ୍ତ ବିଶ୍ୱସ୍ତ ଓ ଅନ୍ତରଙ୍ଗ ସହଚର । ତାଙ୍କ ଉପରେ ନେହରୁଙ୍କର ପ୍ରଗାଢ଼ ବିଶ୍ୱାସ ଥିଲା । ନେହରୁଙ୍କ ଜୀବଦ୍ଦଶାରେ ଶାସ୍ତ୍ରୀଜୀଙ୍କୁ ନେହରୁଙ୍କ ଉତ୍ତରାଧିକାରୀ ଭାବେ ରାଜନୈତିକ ପଣ୍ଡିତମାନେ ବର୍ଣ୍ଣନା କରିଥିଲେ । "ନେହରୁଙ୍କ ଉତ୍ତାରେ କିଏ ?" ପ୍ରଶ୍ନର ଉତ୍ତର ହେଲା "ଶାସ୍ତ୍ରୀ" । ସେହି ସମୟର ରାଜନୀତିର ପର୍ଯ୍ୟାଲୋଚନା ଓ ସମୀକ୍ଷାରୁ ଶାସ୍ତ୍ରୀ ହିଁ ନେହରୁଙ୍କ ରାଜନୈତିକ ଉତ୍ତରାଧିକାରୀ ହେବେ ବୋଲି ସ୍ପଷ୍ଟ ଜଣା ଯାଉଥିଲା ।

ନେହରୁଙ୍କ ସହ ଶାସ୍ତ୍ରୀଜୀଙ୍କର ବ୍ୟକ୍ତିଗତ ଘନିଷ୍ଠତା ଥିଲା; ଏଣୁ ନେହରୁଙ୍କ ମୃତ୍ୟୁ ପରେ ପ୍ରଧାନମନ୍ତ୍ରୀ ହେବାପାଇଁ ଚାଲିଥିବା କ୍ଷମତା–ଲଢ଼େଇରେ ଶାସ୍ତ୍ରୀଜୀ ଭାରତର ଦ୍ୱିତୀୟ ପ୍ରଧାନମନ୍ତ୍ରୀ ହେବାକୁ ଯୋଗ୍ୟ ବୋଲି କଂଗ୍ରେସର ଉଭୟ ବାମ ଓ କେନ୍ଦ୍ରପନ୍ଥୀ (centrists) ମାନେ ନିଷ୍ପତ୍ତି କରିଥିଲେ ଏବଂ ସେଥିପାଇଁ ସମସ୍ତ ପ୍ରଚେଷ୍ଟା କରିଥିଲେ । ନିଜେ ଶାସ୍ତ୍ରୀଜୀ ଥିଲେ ଜଣେ "କେନ୍ଦ୍ରପନ୍ଥୀ"; ତଥାପି ବାମପନ୍ଥୀମାନେ ଶାସ୍ତ୍ରୀଜୀଙ୍କର ସମାଜ-ବାଦୀ କର୍ମତତ୍ପରତା ନିମନ୍ତେ ତାଙ୍କୁ ହିଁ ଏକମାତ୍ର "ଗ୍ରହଣ ଯୋଗ୍ୟ ପ୍ରାର୍ଥୀ" ଭାବେ ସ୍ୱୀକାର କରିଥିଲେ । ଫଳତଃ, ଦକ୍ଷିଣପନ୍ଥୀ-ମାନଙ୍କର ସମସ୍ତ ବିରୋଧ ସତ୍ତ୍ୱେ ବାମ ଓ କେନ୍ଦ୍ର ପନ୍ଥୀଙ୍କର "ସାଧାରଣ ପ୍ରାର୍ଥୀ" ଶାସ୍ତ୍ରୀଜୀ କ୍ଷମତା-ଲଢ଼େଇରେ ଯଶସ୍ୱୀ ହେଲେ ଏବଂ ଭାରତର ଦ୍ୱିତୀୟ ପ୍ରଧାନମନ୍ତ୍ରୀ ହେବାର ଗୌରବ ହାସଲ କଲେ । ପରବର୍ତ୍ତୀ ସମୟରେ ଶାସ୍ତ୍ରୀଜୀ ଏବଂ ପ୍ରଗତିବାଦୀ ବାମପନ୍ଥୀଙ୍କ ମଧ୍ୟରେ ଆଦର୍ଶଗତ ଘନିଷ୍ଠତା ଲକ୍ଷ୍ୟ କରାଯାଇଥିଲା ।

ଜଣେ ବିଗ୍ରହକ ପାହ୍ୟାର ଲୋକ ସେହି ଅଭିଯୁକ୍ତ ବ୍ୟକ୍ତି ବିଶେଷ ବିରୁଦ୍ଧରେ ବିଶେଷ ପ୍ରମାଣ ଅଛି କି ନାହିଁ ଦେଖି, ତା ବିରୁଦ୍ଧରେ ୱାରେଣ୍ଟ ଜାରି କରିବ କିମ୍ବା ତା ବିରୁଦ୍ଧରେ ଅଭିଯୋଗପତ୍ର ଦାଖଲ କରିବ । ଏହାଦ୍ୱାରା ଲୋକଙ୍କର ଆଇନ୍ ପ୍ରୟୋଗ କରୁଥିବା ସଂସ୍ଥା ଉପରେ ବିଶ୍ୱାସ ଆସେ ଏବଂ ଆଇନ୍ ପ୍ରତି ଶ୍ରଦ୍ଧା ବଢ଼େ ।

ଗଣତାନ୍ତ୍ରିକ ରାଷ୍ଟ୍ରରେ ଜନସାଧାରଣଙ୍କ ସହଯୋଗ ନ ପାଇଲେ କୌଣସି ଆଇନ୍ ଶୃଂଖଳା ରକ୍ଷାକାରୀ ସଂସ୍ଥା ଦକ୍ଷତାର ସହିତ କାର୍ଯ୍ୟ କରି ପାରିବେ ନାହିଁ । ବିଲାତରେ ୧୯୨୯ ମସିହାରେ ଓ ୧୯୬୨ ମସିହାରେ ନିଯୁକ୍ତ ହୋଇଥିବା ପୁଲିସ୍ କମିସନ୍ ଏହା ମୁକ୍ତ କଣ୍ଠରେ ସ୍ୱୀକାର କରିଛନ୍ତି । ଜନସାଧାରଣଙ୍କ ସହଯୋଗପାଇଁ ବିଲାତରେ କାଉଣ୍ଟି (County) ଓ ବରୋରେ (Borough) ପୁଲିସ୍ ସଂସ୍ଥା ନିର୍ବାଚିତ ପ୍ରତିନିଧିମାନଙ୍କର ତତ୍ତ୍ୱାବଧାନରେ କାମ କରନ୍ତି । ସେମାନଙ୍କୁ କାଉଣ୍ଟି ଓ ବରୋର ନିର୍ବାଚିତ ପ୍ରତିନିଧିମାନଙ୍କର ପର୍ଯ୍ୟବେକ୍ଷଣ କମିଟି (Watch Committee) ନିଯୁକ୍ତି ଦିଅନ୍ତି ଓ ବରଖାସ୍ତ କରନ୍ତି । ଅବଶ୍ୟ ୧୯୬୪ ମସିହାର ପୁଲିସ୍ ଆଇନ୍ ଫଳରେ ବିଲାତରେ ଏ ପ୍ରକାର ନିଯୁକ୍ତି ଓ ବରଖାସ୍ତ ପାଇଁ ହୋମ୍ ସେକ୍ରେଟେରୀଙ୍କର ଅନୁମୋଦନ ଦରକାର । ... ପସନ୍ଦ କରିବେ ନାହିଁ ବୋଲି ବିଲାତରେ ପୁଲିସ୍ ... ଧରି ଅପରାଧ ନିବାରଣ କରନ୍ତି ନାହିଁ । ସେମାନେ ... କାଠର ବାଡ଼ି ଧରିଥାନ୍ତି । ତା ଛଡ଼ା ସେଠାକାର ପୁଲିସ୍ ... ଓ କାର୍ଯ୍ୟଦକ୍ଷ ବୋଲି ପରିଚୟ ଦେବାକୁ ପ୍ରତ୍ୟେକ ସଂସ୍ଥା ମଧ୍ୟ ... ଉଦ୍ୟମ କରିଥାନ୍ତି ।

ଗଣତାନ୍ତ୍ରିକ ରାଷ୍ଟ୍ରରେ ପ୍ରତ୍ୟେକ ଜନସାଧାରଣ ମନେ ... ଦରକାର ଯେ ସେମାନେ ରାଷ୍ଟ୍ରର ସାର୍ବଭୌମ ଶକ୍ତିର ... ସେମାନଙ୍କର ଲୋକପ୍ରତିନିଧିମାନେ ଆଇନ୍ ପ୍ରଣୟନ କରିଛନ୍ତି ... ତେଣୁ ସେ ଆଇନ୍ ଜନସାଧାରଣ ହିଁ କରିଛନ୍ତି ଏବଂ ସେମାନଙ୍କ ... ସହଯୋଗ ନ ହେଲେ ଅପରାଧ ନିବାରଣ ହୋଇ ପାରିବ ନାହିଁ ... ପୁଲିସ୍ ଆମର ବନ୍ଧୁ । ସେମାନେ ଅତି ଦକ୍ଷତା ଓ ଏକ... ନିଷ୍ଠାର ସହିତ ଅପରାଧ ନିବାରଣ ପାଇଁ ଚେଷ୍ଟା କରନ୍ତି ... ଆମେମାନେ ସେମାନଙ୍କୁ ସବୁ ପ୍ରକାର ସାହାଯ୍ୟ କରିବା ଦରକାର ... ପ୍ରତ୍ୟେକ ନାଗରିକ ମନେ ରଖିବା ଉଚିତ ଯେ ଅପରାଧ ନିବାରଣ ... ସେମାନଙ୍କର ବ୍ୟକ୍ତିଗତ ଦାୟିତ୍ୱ ।

ଯେତିକି ଆଗ୍ରହ ଥିଲ, ସେଥିରେ ଶାସ୍ତ୍ରୀଜୀଙ୍କର ମଧ୍ୟ ସେତିକି ଆକର୍ଷଣ ଥିଲ। ଶାସ୍ତ୍ରୀଜୀ ନିଜକୁ ଜଣେ ଗାନ୍ଧୀପନ୍ଥୀ ସମାଜବାଦୀ ବୋଲାଇବାକୁ ପସନ୍ଦ କରୁଥିଲେ। ଏଣୁ ଶାସ୍ତ୍ରୀଜୀଙ୍କର ଆଦର୍ଶଗତ ଚିନ୍ତାକୁ ଗାନ୍ଧୀବାଦ ଓ ଗଣତାନ୍ତ୍ରିକ ସମାଜବାଦର ଏକ ଅପୂର୍ବ ସମନ୍ୱୟ କହିଲେ ଯଥାର୍ଥ ହେବ।

ମାର୍କସ୍‌ବାଦୀ ସମାଜବାଦ ପ୍ରତି ତାଙ୍କର ବିତୃଷ୍ଣା ନଥିଲେ ମଧ୍ୟ ସେଥିପ୍ରତି ତାଙ୍କର ବିଶେଷ ଆଗ୍ରହ ନଥିଲ। କାର୍ଲମାର୍କସ୍‌ଙ୍କର "ଶ୍ରେଣୀ ସଂଘର୍ଷ" ସିଦ୍ଧାନ୍ତକୁ ସେ ତାତ୍ତ୍ୱିକ ଦୃଷ୍ଟିକୋଣରୁ ଗ୍ରହଣ କରିପାରି ନଥିଲେ ; କିନ୍ତୁ ନେହରୁଙ୍କ ଭଳି ସେ ମାର୍କସ୍‌ର "ଇତିହାସର ଦର୍ଶନ" ଏବଂ ସମାଜର "ବୈଜ୍ଞାନିକ ବିଶ୍ଲେଷଣ" ଭଳି ଦୃଷ୍ଟିକୁ ବୌଦ୍ଧିକ ଦୃଷ୍ଟିକୋଣରୁ ପସନ୍ଦ କରିଥିଲେ। ଭାରତରେ ମାର୍କସ୍‌ବାଦୀ ସମାଜବାଦର କାର୍ଯ୍ୟକାରିତା ସମ୍ପର୍କରେ ତାଙ୍କର ସନ୍ଦେହ ଜାତ ହୋଇଥିଲ।

ଲାଲ ବାହାଦୁରଙ୍କୁ ସମାଜବାଦର ଏକ [illegible] କୁହାଯାଇପାରେ। କାରଣ ସେ ତାଙ୍କର ଉଭୟ ଚିନ୍ତା ଓ କର୍ମରେ ତାଙ୍କର ଗଭୀର ସମାଜବାଦୀ ନିଷ୍ଠା ଓ ପରାକାଷ୍ଠା ପ୍ରକାଶ କରିଥିଲେ। ତାଙ୍କୁ ଯଥାର୍ଥରେ ଜଣେ "ସମାଜବାଦୀ ଭାବୁକ ଓ କର୍ମବୀର" କୁହାଯାଇପାରେ। ଗଣତନ୍ତ୍ର ଓ ମାନବିକତାର ଭିତ୍ତି ଭୂମିରେ ସମାଜବାଦର ନଭଚୁମ୍ବୀ ସୌଧ ତୋଳିବା ଥିଲ ତାଙ୍କର କଳ୍ପନା–ବିଳାସ। ମୋଟାମୋଟି ତାଙ୍କୁ ଜଣେ ମହାନ୍ ଆଦର୍ଶବାନ, ଗାନ୍ଧୀପନ୍ଥୀ, ଗଣତାନ୍ତ୍ରିକ–ସମାଜବାଦୀ ଭାବେ ବର୍ଣ୍ଣନା କରାଯାଇପାରେ। ଏତାଦୃଶ ବର୍ଣ୍ଣନା ଦ୍ୱାରା ତାଙ୍କର ସଂହତି ଓ ବଳିଷ୍ଠ ଐତିହାସିକ ବ୍ୟକ୍ତିତ୍ୱର ମୂଲ୍ୟ ପୂରା କରାଯାଇ ପାରିବ, ଏଥିରେ ସନ୍ଦେହର ଅବକାଶ ନାହିଁ।

MOVIE OR STILL...
...COLOUR OR BLACK & WHITE

FOR EVERYTHING IN PHOTOGRAPHY
UNDER ONE ROOF

Contact

P. K. S. Naidu
( Dealers in Photo-Cine-Sound )
Buxi Bazar, Cuttack-1.

Gram: NAIDUPHOTO

Phone—386

ସମାଜବାଦୀ . .

୧୯୬୪ ସାଲ ଜାନୁୟାରୀ ମାସରେ ଭୁବନେଶ୍ୱର ଠାରେ ଅନୁଷ୍ଠିତ ଭାରତୀୟ ଜାତୀୟ କଂଗ୍ରେସର ଅଧିବେଶନ ମଣ୍ଡପରେ ଶାସ୍ତ୍ରୀଜୀ ସମାଜବାଦର ଆବାଜ ଦେଇଥିଲେ । ସମାଜବାଦ ପ୍ରତି ତାଙ୍କର ଗଭୀର ଆଗ୍ରହ ଓ ଅନୁରାଗ ଥିବାରୁ ତାଙ୍କୁ "ସମାଜବାଦୀ ପ୍ରସ୍ତାବ" ଆଗତ କରିବାର ଗୌରବ ଦିଆଗଲା । ଏହି ଗୌରବ ତାଙ୍କର ସମାଜବାଦୀ ବ୍ୟକ୍ତିତ୍ୱକୁ ଅଧିକ ପୁଷ୍ଟ ଓ ଶାଣିତ କରିଥିଲା । ନେହରୁଙ୍କ ଆକସ୍ମିକ ଶାରୀରିକ ଅସୁସ୍ଥତା ଯୋଗୁଁ ଶାସ୍ତ୍ରୀଜୀଙ୍କୁ ଏହି ଗୁରୁଦାୟିତ୍ୱ ବହନ କରିବାକୁ ପଡ଼ିଥିଲା । ସଭା ମଣ୍ଡପରେ କଂଗ୍ରେସର ସବୁ ତୁଙ୍ଗନେତାମାନେ ଉପସ୍ଥିତ ଥିଲେ ମଧ୍ୟ ଶାସ୍ତ୍ରୀଜୀଙ୍କୁ "ସମାଜବାଦୀ ପ୍ରସ୍ତାବ" ଆଗତ କରିବା ପାଇଁ ସୁଯୋଗ ଦିଆଯିବା ଶାସ୍ତ୍ରୀଜୀଙ୍କ ପକ୍ଷେ କମ୍ ଗୌରବ ଓ ଗର୍ବର କଥା ନୁହେଁ । ଏଥିପାଇଁ ତାଙ୍କର ସଂହତିଶୀଳ ସମାଜବାଦୀ ବ୍ୟକ୍ତିତ୍ୱ ଓ ଅବ୍ୟାହତ କର୍ମୋଦ୍ୟମ ହିଁ ଏକାନ୍ତ ଦାୟୀ ।

"ସମାଜବାଦୀ ପ୍ରସ୍ତାବ" ଆଗତ କରିବା ଅବସରରେ ସେ ନିଜସ୍ୱ ସମାଜବାଦୀ ଭାବୋଚ୍ଛ୍ୱାସକୁ ବ୍ୟାଖ୍ୟା କରି କହିଥିଲେ— "India needs socialism in action. What we do for our masses to make them self-sufficient in regard to food, clothing, shelter, medical aid and employment is the important thing. The more we can do to bring these things to these people; the nearer we would be to the goal of socialism. The wide gap between the poor and the rich has to be removed. The standard of living of the common man must be raised. It is in this context that this resolution has to be viewed and suitable measures taken." ଅର୍ଥାତ୍ "ଭାରତ କାର୍ଯ୍ୟରେ ସମାଜବାଦ ଚାହେଁ । ସାଧାରଣଲୋକଙ୍କୁ ଖାଦ୍ୟ, ବସ୍ତ୍ର, ନିବାସ, ଔଷଧ ଓ କର୍ମ ସଂସ୍ଥାନରେ ଆତ୍ମନିର୍ଭରଶୀଳ କରିବା ହେଉଛି ଏକ ମହାନ ଦାୟିତ୍ୱ । ଯେତେ ଶୀଘ୍ର ଏଇ ମହାନ ଦାୟିତ୍ୱ ପାଳନ କରାଯିବ, ସେତେ ଶୀଘ୍ର ସମାଜବାଦର ଲକ୍ଷ୍ୟସ୍ଥଳ ନିକଟେଇ ଆସିବ । ଧନୀ ଓ ଗରିବଙ୍କ ମଧ୍ୟରେ ଥିବା ବ୍ୟବଧାନର ଦୂରୀକରଣ ଅତ୍ୟାବଶ୍ୟକ । ସାଧାରଣ ଲୋକଙ୍କର ଜୀବନ ନିର୍ବାହ ସ୍ତରରେ ଉନ୍ନତି ଦରକାର । ଏହିସବୁ ବିଷୟର ପ୍ରେକ୍ଷୀରେ ପ୍ରସ୍ତାବଟିର ଆଲୋଚନା ଦରକାର ଏବଂ ଉପଯୁକ୍ତ କର୍ମୋଦ୍ୟମ କରାଯିବା ଆବଶ୍ୟକ ।"

ତିନିହଜାର ଶବ୍ଦ ବିଶିଷ୍ଟ "ସମାଜବାଦୀ ପ୍ରସ୍ତାବ" ସର୍ବସମ୍ମତି କ୍ରମେ ଗୃହୀତ ହେଲା । ପ୍ରସ୍ତାବଟିକୁ ଏକ ଯୁଗାନ୍ତକାରୀ, ବୈପ୍ଳବିକ ଓ ଏକ ଐତିହାସିକ ଦଲିଲ ବୋଲି କୁହାଗଲା । ଶାସ୍ତ୍ରୀଜୀଙ୍କ ବିଚକ୍ଷଣ ରାଜନୈତିକ କୌଶଳ ପ୍ରୟୋଗ ଦ୍ୱାରା ପ୍ରସ୍ତାବଟି ସର୍ବସମ୍ମତି ସମର୍ଥିତ ହୋଇପାରିଲା । ପ୍ରସ୍ତାବଟି କଂଗ୍ରେସ ପାଇଁ ସ୍ପଷ୍ଟ ସମାଜବାଦୀ ଦିଗ୍‌ଦର୍ଶନ ଓ ରୂପରେଖ ଦେଲା । ସେହିଠାରୁ କଂଗ୍ରେସର ସମସ୍ତ ରାଜନୈତିକ କାର୍ଯ୍ୟକ୍ରମ ଏବଂ ଉଦ୍ଦେଶ୍ୟ ଲକ୍ଷ୍ୟ ଓ ଆଭିମୁଖ୍ୟ ନିର୍ଦ୍ଦିଷ୍ଟ ସମାଜବାଦ ଭିତ୍ତିରେ ପରିଚାଳିତ ହୋଇ ବୋଧହୁଏ ଅସଙ୍ଗତ ହେବନାହିଁ । ଏଥିପାଇଁ ଲାଲବାହାଦୁର ମୁଖ୍ୟତଃ ଦାୟୀ କହିଲେ ସତ୍ୟର ଆଦୌ ଅପଳାପ ହେବ

ଭାରତକୁ ସମସ୍ତ ଅର୍ଥନୈତିକ-ସାମାଜିକ ଗ୍ଳାନିରୁ ଓ ଦ୍ୱ ଗତିରୁ ମୁକ୍ତ କରିବା ଥିଲା ଲାଲ ବାହାଦୁରଙ୍କର ଜୀବନର ସମାଜସ୍ଥିତ ସକଳ ଅର୍ଥନୈତିକ ବୈଷମ୍ୟ ଏବଂ ସାମାଜିକ ଅସମତା ଓ ଅନ୍ୟାୟର ମୂଳୋତ୍ପାଟନ ଥିଲା ତାଙ୍କର ଅଭିଳାଷ ଦେଶ ଓ ସମାଜକୁ ବୈଷମ୍ୟ ଓ ଅନ୍ୟାୟର ଶୃଙ୍ଖଳରୁ ମୁକ୍ତ ଏକ ସୁସ୍ଥ, ବର୍ଦ୍ଧିଷ୍ଣୁ ଓ ଗତିଶୀଳ ସମାଜ—ସଂସ୍ଥାର ପ୍ରତିଷ୍ଠା ଥିଲା ତାଙ୍କର ଆକାଂକ୍ଷା । ପାର୍ଲାମେଣ୍ଟାରୀ ଗଣତନ୍ତ୍ର ଓ ସମ୍ବିଧାନ ପରିବେଶ ମଧ୍ୟରେ ଏକ ବିକାଶଶୀଳ ସମାଜ ସଂସ୍ଥାର ଗଠନ ଥିଲା ତାଙ୍କର ଅଭିପ୍ରାୟ । ପ୍ରତ୍ୟେକ ନାଗରିକ ଯେପରି ଖାଦ୍ୟ, ବସ୍ତ୍ର, ସେବା—ଶୁଶ୍ରୂଷାର ସୁବିଧା, ଶିକ୍ଷା ଓ ନିଯୁକ୍ତି ପାରିବ ସେଥିପ୍ରତି ଗଣତାନ୍ତ୍ରିକ ଜାତୀୟ ସରକାର ସଜାଗ ରହିବା ଦରକାର ବୋଲି ସେ ମତ ଦେଉଥିଲେ ଭାରତରେ ସମାଜବାଦ ଓ ଗଣତନ୍ତ୍ରର ସମାନ୍ତରାଳ ପାଇଁ ଶାସ୍ତ୍ରୀଜୀ ସକଳ ସମ୍ଭବପର ପଦକ୍ଷେପ ଗ୍ରହଣ କରିଥିଲେ

ଶାସ୍ତ୍ରୀଜୀ ଗାନ୍ଧୀଜୀଙ୍କର ପରମ ଭକ୍ତ ଥିଲେ । ଗାନ୍ଧୀଜୀଙ୍କ ଭଳି ଶାସ୍ତ୍ରୀଜୀ ଜଣେ ମହାନ୍ ମାନବ-ଧର୍ମୀ ଥିଲେ । ଶୋଷଣ ମୁକ୍ତ ଓ ଅନ୍ୟାୟହୀନ ସମାଜ—ସଂସ୍ଥା ଗଠନ ପାଇଁ ଗାନ୍ଧୀଜୀଙ୍କର ଯେତିକି କର୍ମ ତତ୍ପରତା ଥିଲା; ଶାସ୍ତ୍ରୀଜୀଙ୍କର ମଧ୍ୟ ସେହିପରି ଏକ ପ୍ରତିଷ୍ଠା ପାଇଁ ବଳିଷ୍ଠ ଚେତନା ଥିଲା । ସମାଜବାଦରେ ଗାନ୍ଧୀ

ଗଠିତ ହେବାରୁ ନୂତନ ଓଡ଼ିଶାପ୍ରଦେଶର ଦୀର୍ଘ ଦିନର ଗୋଟିଏ ଆବଶ୍ୟକତା ପୂର୍ଣ୍ଣ ହେଲା । ମାଉଣ୍ଟ ଆବୁରୁ ତାଲିମପ୍ରାପ୍ତ ହୋଇ ଫେରୁଥିବା ଆଇ. ପି. ଏସ୍. ଅଫିସରମାନଙ୍କୁ ଦୁଇମାସ ପାଇଁ ଓଡ଼ିଶାରେ ବାହିର୍ ହେଉଥିବା ଡି. ଏସ୍. ପି.ମାନଙ୍କୁ ଓ ଅବକାରୀ ବିଭାଗର ସବ୍-ଇନ୍ସପେକ୍ଟରମାନଙ୍କୁ ମଧ୍ୟ ଏହି କେନ୍ଦ୍ରରେ ତାଲିମ ଦିଆଯାଉଅଛି । ଏହା ବ୍ୟତୀତ ଓଡ଼ିଶାର ଆରକ୍ଷକ ବେତାରବିଭାଗରେ ବାହିର୍ ହେଉଥିବା କର୍ମଚାରୀ, ଆରକ୍ଷକ ବିଭାଗର ଆସିଷ୍ଟାଣ୍ଟ ସବ୍-ଇନ୍ସପେକ୍ଟର ଓ ମାଟ୍ରିକ୍ ପାସକରିଥିବା ଶିକ୍ଷିତ କନ୍‌ଷ୍ଟେବଲମାନେ ଏଠାରେ ତାଲିମ ପାଉଛନ୍ତି । ସର୍ବଭାରତୀୟ ଯୋଜନା ଅନୁସାରେ ୧୯୭୧ ମସିହାରୁ ସିପାହୀମାନଙ୍କର ତାଲିମ କାଳ ଛ' ମାସରୁ ନ' ମାସ ହେବାରୁ ୫୦ ବର୍ଷରୁ କମ ବୟସର ସିପାହୀମାନଙ୍କୁ ଆଉ ଅଧିକ ତିନିମାସ ତାଲିମ ଦିଆଯାଉଛି । ନଅମାସିଆ ତାଲିମ ପାଇଁ ବାହିର୍ ହେଉଥିବା ସିପାହୀମାନଙ୍କୁ ଏହି କେନ୍ଦ୍ରରେ ତଥା ନୟାଗଡ଼ସ୍ଥିତ ଆରକ୍ଷକ ବିଦ୍ୟାଳୟରେ ତାଲିମ ଦିଆଯାଉଅଛି । ନୟାଗଡ଼ ବିଦ୍ୟାଳୟଟି ମାତ୍ର କେତେ ବର୍ଷହେଲା ପରୀକ୍ଷାମୂଳକ ଭାବେ ଖୋଲିଛି ଓ ଏହା ଅନୁମୋଦିତ ପ୍ରଶିକ୍ଷଣ ମହା ବିଦ୍ୟାଳୟର ଗୋଟିଏ ଅବିଚ୍ଛିନ୍ନ ଅଙ୍ଗ । ଏହି ବିଦ୍ୟାଳୟରେ ଓଡ଼ିଶା ମିଲିଟାରୀ ପୋଲିସ ଇଉନିଟ-ମାନଙ୍କ ଛଡ଼ା ହାବିଲଦାରମାନଙ୍କୁ ବ୍ୟାୟାମ ଶିକ୍ଷା, ଉପଦେଷ୍ଟାମାନଙ୍କୁ ମଧ୍ୟ ତାଲିମ ଦିଆଯାଉଅଛି । ସିପାହୀମାନଙ୍କର ଦୀର୍ଘ ନଅମାସିଆ ତାଲିମର ପ୍ରଧାନ ଉଦ୍ଦେଶ୍ୟ ହେଲା ସେମାନଙ୍କ ମନରେ ଦେଶ, ଜାତି, ଇତିହାସ, ରାଜନୀତି, ଗଣତନ୍ତ୍ର, ପୋଲିସ ଦର୍ଶନ, ଜନତା ସହିତ ସୁସମ୍ପର୍କ, ଉତ୍ତମ ଆଚରଣ ପ୍ରଦର୍ଶନ, ନିରପେକ୍ଷ, ନିର୍ଭୀକ ଓ ସାଧୁ କର୍ତ୍ତବ୍ୟ ପାଳନ, ସମାଜ ସେବା ପ୍ରଭୃତି ବିଷୟରେ ସମ୍ୟକ୍ ଧାରଣା ଦେଇ ବ୍ୟକ୍ତିତ୍ୱର ନୂତନ ବିକାଶ ଓ ମାନସିକ ଆତ୍ମଚେତନ ସୃଷ୍ଟି କରିବା । ଏତଦ୍ ବ୍ୟତୀତ ଇନ୍ସପେକ୍ଟରମାନଙ୍କ ପାଇଁ ଉଚ୍ଚମାନର ଶିକ୍ଷା ଦେବାର ମଧ୍ୟ ବ୍ୟବସ୍ଥା ଅଛି । ବୈଜ୍ଞାନିକ ପ୍ରଣାଳୀରେ ତଦନ୍ତକୁ ଅଧିକ ଫଳବତୀ କରିବାପାଇଁ ପ୍ରତିଷ୍ଠିତ ବୈଜ୍ଞାନିକ ପରୀକ୍ଷାଗାର, ଏହି ଅନୁଷ୍ଠାନର ଅନ୍ୟ ଏକ ଉଲ୍ଲେଖନୀୟ ବିଷୟ । ମହା ବିଦ୍ୟାଳୟରେ ଶିକ୍ଷାର୍ଥୀ ତଥା ଶିକ୍ଷକମାନଙ୍କର ଅଧ୍ୟୟନ ପାଇଁ ବହୁ ଉପାଦେୟ ପୁସ୍ତକ ଓ ମାଗାଜିନ୍ ସହିତ ଗୋଟିଏ ପୁସ୍ତକାଗାର ଅଛି । ଏହି ପୁସ୍ତକାଗାରଟି ଜାତୀୟ ତଥା ଅନ୍ତର୍ଜାତୀୟ କ୍ଷେତ୍ରରେ ପୋଲିସର ପ୍ରକୃତି, ଦର୍ଶନ, ଆଚରଣ ପ୍ରଭୃତି ବିଷୟରେ ଶିକ୍ଷାର୍ଥୀ ତଥା ଶିକ୍ଷକ-ମାନଙ୍କ ମନରେ ନୂତନ ଆଲୋକପାତ କରିବା ଦିଗରେ ସହାୟକ ହୋଇଥାଏ ।

ମହାବିଦ୍ୟାଳୟରେ ଜଣେ ଅଧ୍ୟକ୍ଷ ଓ ଜଣେ ଉପାଧ୍ୟକ୍ଷଙ୍କୁ ଛାଡ଼ି ୧୬ ଜଣ ଇନ୍ସପେକ୍ଟର, ଜଣେ ଆର. ଆଇ. ଓ ଜଣେ ସର୍ଜେଣ୍ଟ, ୧୪ ଜଣ ସବ-ଇନ୍ସପେକ୍ଟର, ୩ ଜଣ ଆସିଷ୍ଟାଣ୍ଟ ସବ-ଇନ୍ସପେକ୍ଟର, ୩ ଜଣ ହାବିଲଦାର ମେଜର, ୩୦ ଜଣ ହାବିଲଦାର ଓ ଦୁଇଜଣ ଡ୍ରିଲ ସବ-ଇନ୍ସପେକ୍ଟର ଉପଦେଷ୍ଟା ରୂପେ ନିଯୁକ୍ତ ଅଛନ୍ତି । ଏହା ବ୍ୟତୀତ ନୟାଗଡ଼ ବିଦ୍ୟାଳୟରେ ଜଣେ ଆସିଷ୍ଟାଣ୍ଟ କମାଣ୍ଡେଣ୍ଟ, ୭ ଜଣ ସବ-ଇନ୍ସପେକ୍ଟର, ଜଣେ ଆସିଷ୍ଟାଣ୍ଟ ସବ-ଇନ୍ସପେକ୍ଟର ଓ ୧୨ ଜଣ ହାବିଲଦାର ଉପଦେଷ୍ଟା କାମ କରନ୍ତି । ୧୯୭୦-୭୧ ମସିହାରେ ନିର୍ବାଚିତ ସିପାହୀମାନେ ମଧ୍ୟ ମହା-ବିଦ୍ୟାଳୟରେ ତାଲିମ ପାଉଥିଲେ । ସମସ୍ତ ଶ୍ରେଣୀର ପୋଲିସ କର୍ମଚାରୀମାନଙ୍କୁ ତାଲିମ ଦେବାପାଇଁ ଉପକରଣ ସମ୍ଭାର, ବାସଗୃହ ଓ ପ୍ରବୀଣ ଉପଦେଷ୍ଟାର ଆବଶ୍ୟକତା ଯେତେ ଶୀଘ୍ର ପୂରଣ ହୋଇପାରିବ ସେତେ ଶୀଘ୍ର ଏହି ଅନୁଷ୍ଠାନ ଏହାର ଐତିହାସିକ ଲକ୍ଷ୍ୟ ହାସଲ କରି ଲୋକଙ୍କର ଆଶା ଓ ଆକାଂକ୍ଷା ପୂର୍ଣ୍ଣ କରିବାରେ ସମର୍ଥ ହେବ ।

ଏହି ମହାବିଦ୍ୟାଳୟର ଶିକ୍ଷାର ଆଭିମୁଖ୍ୟ ସର୍ବଭାରତୀୟ ଯୋଜନା ଅନୁସରଣରେ ପ୍ରବର୍ତ୍ତିତ ହେଉଛି । ଆଇନ, ଡ୍ରିଲ, ପ୍ୟାରେଡ୍ ପ୍ରଭୃତି ରୁଟିନ୍ ଶିକ୍ଷାର ପଦ୍ଧତି ଅକ୍ଷୁର୍ଣ୍ଣ ରହିବା ସଙ୍ଗେ ସଙ୍ଗେ ପୋଲିସ ଦର୍ଶନ, ପୋଲିସର ସମାଜ ସେବା, ଜନତା ଓ ପୋଲିସର ସୁସମ୍ପର୍କ ବୃଦ୍ଧି, ସାମାଜିକ ଆଇନ କାନୁନଗୁଡ଼ିକର ଯଥାର୍ଥ ପ୍ରୟୋଗ, ବ୍ୟକ୍ତିତ୍ୱର ବିକାଶ, ଗଣତନ୍ତ୍ରରେ ଲୋକ ଶକ୍ତି ପ୍ରତି ସମ୍ମାନ, ଜାତୀୟ ଚିନ୍ତା, ପ୍ରଶାସନିକ ସହଯୋଗ, ଦେଶର ଆର୍ଥିକ ତଥା ସାମାଜିକ ପ୍ରଗତି, ଦେଶବିଦେଶର ପ୍ରଗତି ଓ ସମ୍ପର୍କ, ଦେଶର ଆଭ୍ୟନ୍ତରୀଣ ଅବସ୍ଥା ଓ ପୋଲିସ ସଙ୍ଗଠନର ଦାୟିତ୍ୱ, ନାଗରିକ ଅଧିକାର ପ୍ରଭୃତି ବିଷୟରେ ଶିକ୍ଷାର୍ଥୀମାନଙ୍କୁ ସଚେତନ କରାଇବା ଏହି ଅନୁଷ୍ଠାନର ପ୍ରଧାନ ଲକ୍ଷ୍ୟ । ଉପରୋକ୍ତ ବିଷୟରେ ସମ୍ୟକ୍ ଆଲୋକପାତ କରାଇବା ପାଇଁ ପୋଲିସବିଭାଗର ତଥା ଅନ୍ୟାନ୍ୟ ବିଭାଗର ବରିଷ୍ଠ ଓ ଉଚ୍ଚପଦସ୍ଥ ଅଫିସରମାନଙ୍କୁ ଭାଷଣ ଦେବାପାଇଁ ଅନୁରୋଧ କରାଯାଇଥାଏ । ଉନ୍ନତ ଦେଶମାନଙ୍କରେ ପୋଲିସ ତଦନ୍ତ ପ୍ରଣାଳୀ, ଲୋକ ପ୍ରିୟତା, ସମାଜସେବା ପ୍ରଭୃତି ସମ୍ପର୍କରେ ଉପାଦେୟ ଚଳଚ୍ଚିତ୍ର ସବୁ ଶିକ୍ଷାର୍ଥୀମାନଙ୍କୁ ପ୍ରଦର୍ଶିତ ହୋଇଥାଏ ।

ଖେଳ, କସରତ, ସାଙ୍ଗଠନିକ ଶୃଙ୍ଖଳା, ମାନବିକତା, ପରିଚ୍ଛନ୍ନତା ଶିକ୍ଷା ଉପରେ ମଧ୍ୟ ସମ୍ୟକ୍ ଦୃଷ୍ଟି ଦିଆଯାଇଥାଏ । ସହର ଶିକ୍ଷାନ୍ତେ ଓ ଜଙ୍ଗଲ ପ୍ରଭୃତିକୁ ନିଆଯାଇ ଶିକ୍ଷାର୍ଥୀମାନଙ୍କୁ ବାସ୍ତବ ଜ୍ଞାନ ଓ ଅଭିଜ୍ଞତା ଅର୍ଜନ କରିବାପାଇଁ ସୁଯୋଗ ଦିଆଯାଏ ।

**ଗୋପୀନାଥ ଦାଶ**

# ଓଡ଼ିଶା ଆରକ୍ଷୀ ତାଲିମ କେନ୍ଦ୍ର

କଟକ-ସମ୍ବଲପୁର ପ୍ରଧାନ ରାସ୍ତାର ମଧ୍ୟସ୍ଥଳୀ ଅନୁଗୋଳର ସ୍ନିଗ୍ଧ ଓ ଶ୍ୟାମଳ ବୃକ୍ଷରାଜି ଘେରା ବିସ୍ତୃତ ଅଞ୍ଚଳରେ ଓଡ଼ିଶା ଆରକ୍ଷକ ପ୍ରଶିକ୍ଷଣ ମହାବିଦ୍ୟାଳୟଟି ଅବସ୍ଥିତ । ଶିକ୍ଷା କେନ୍ଦ୍ରଟିର ମୁଖ୍ୟ ଫାଟକ ସଂଲଗ୍ନ ସୁଶୋଭିତ ଉଦ୍ୟାନ ମଧ୍ୟରେ ସ୍ଥାପିତ ଜାତିର ପିତା ମହାତ୍ମା ଗାନ୍ଧୀଙ୍କର ପ୍ରତିକୃତି ସତ୍ୟ ଓ ଅହିଂସାର ପ୍ରତୀକ ରୂପେ ଶିକ୍ଷକ ତଥା ଶିକ୍ଷାର୍ଥୀମାନଙ୍କ ସ୍ମୃତିକୁ ଜାଗରୁକ କରଉଛି । ପ୍ରତ୍ୟହ ସକାଳ ଓ ଅପରାହ୍ନରେ ଶିକ୍ଷାର୍ଥୀମାନଙ୍କୁ ତାଲିମ ଦେଉଥିବା ସୁବେଦାର, ହାବିଲଦାର ମେଜର ଓ ହାବିଲଦାରମାନଙ୍କର ବଜ୍ର-ଗମ୍ଭୀର କଣ୍ଠ ଧ୍ୱନି କଟକ-ସମ୍ବଲପୁର ପ୍ରଧାନ ରାସ୍ତାରେ ଗମନାଗମନ କରୁଥିବା ଅସଂଖ୍ୟ ଯାତ୍ରୀଙ୍କର କର୍ଣ୍ଣରେ ପ୍ରତିଧ୍ୱନିତ ହେଉଥାଏ । ବେଳେ ବେଳେ କୌତୁହଳ ବଶତଃ ଯାତ୍ରୀବାହୀ ବସ୍ ରାସ୍ତା କଡ଼ରେ ଅଟକି ଯାଏ ଶିକ୍ଷାର୍ଥୀମାନଙ୍କର ପରେଡ୍ ଦେଖିବାପାଇଁ । ପ୍ରତି ସପ୍ତାହର ସୋମବାର ପ୍ରତ୍ୟୁଷରେ ହେଉଥିବା ବ୍ୟାଣ୍ଡବାଜା ସହ ଆନୁଷ୍ଠାନିକ ପରେଡ୍ ଦେଖିବା ପାଇଁ ବହୁ ନରନାରୀ ଓ ବାଳକବାଳିକା ପରେଡ୍ ପଡ଼ିଆ ସମ୍ମୁଖରେ ଭୁଣ୍ଡହୋଇ ଏହି ଶିକ୍ଷାକେନ୍ଦ୍ର ବିଷୟରେ କିଛି କିଛି ପ୍ରତ୍ୟକ୍ଷ ଅନୁଭୂତି ଲାଭ କରିଥାନ୍ତି ।

ଏହି ପ୍ରଶିକ୍ଷଣ ମହାବିଦ୍ୟାଳୟର ଐତିହାସିକ ଉତ୍ପତ୍ତି, ସ୍ଥିତି ଓ ପ୍ରଗତି ମାତ୍ର କେତୋଟି ବର୍ଷର କଥା । ସର୍ବଭାରତୀୟ ଓ ଆନ୍ତର୍ଜାତୀୟ କ୍ଷେତ୍ରରେ ଆରକ୍ଷକ ତାଲିମ କେନ୍ଦ୍ରମାନଙ୍କର ପ୍ରଗତି ତୁଳନାରେ ଏହା ଅସମାନ୍ତ କହିଲେ ଅତ୍ୟୁକ୍ତି ହେବନାହିଁ । ଆଧୁନିକ ଆବଶ୍ୟକତାକୁ ଦୃଷ୍ଟି ଏହି କେନ୍ଦ୍ରକୁ ସୁଦୂର ପ୍ରସାରୀ ପଦକ୍ଷେପ ନେବାକୁ ହେବ ଓ ଏଥିପାଇଁ ସମୟ ଓ ସମ୍ବଳ ଏକାନ୍ତ ଆବଶ୍ୟକ । ତଥାପି ପୋଲିସର ଦକ୍ଷତା ଉପରେ ଜନସାଧାରଣଙ୍କ ଯେଉଁ ଆଶା ଓ ଆକାଂକ୍ଷା ରହିଛି ତାହାକୁ ଆଖି ଆଗରେ ରଖି ଓ ଗଣତନ୍ତ୍ର ଶାସନ ... ଲୋକ ଓ ପୋଲିସ ମଧ୍ୟରେ ସୁସମ୍ପର୍କ ତଥା ସହାନୁଭୂତି ... ସହଯୋଗର ଆଶୁ ଅଭିବୃଦ୍ଧି ପାଇଁ ଏବଂ ସର୍ବୋପରି ପୋଲିସକୁ ଉତ୍ତରୋତ୍ତର ଜନପ୍ରିୟ ଓ ବିଶ୍ୱାସଭାଜନ କରିବାପାଇଁ ଏହି କେନ୍ଦ୍ର ... ଉପଯୁକ୍ତ ପଦକ୍ଷେପ ନେଉଅଛି ।

ତା ୧-୪-୧୯୩୬ ରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପୂର୍ବରୁ ... କନ୍‌ଷ୍ଟବଲ୍‌ମାନେ ବିହାରର ନାଥ ନଗରରେ ଓ ସବ-ଇନିସ୍‌ପେକ୍ଟର ... ମାନେ ବିହାରର ହଜାରିବାଗ ଠାରେ ତାଲିମ ପାଉଥିଲେ ... ତା ୧-୯-୧୯୩୭ ରିଖରେ ପ୍ରଥମେ ଅନୁଗୋଳରେ କନ୍‌ଷ୍ଟବଲ ... ମାନଙ୍କ ପାଇଁ ଗୋଟିଏ ତାଲିମ ବିଦ୍ୟାଳୟ ସ୍ଥାପିତ ହେଲା । ... ମସିହାରେ ଏହି କନ୍‌ଷ୍ଟବଲ-ତାଲିମ ବିଦ୍ୟାଳୟଟି ... ଆରକ୍ଷକ ତାଲିମ ବିଦ୍ୟାଳୟରେ ପରିଣତ ହେଲା ଓ ୧୯୪୧ ମସିହା ... ଏହି କେନ୍ଦ୍ରରୁ ପ୍ରଥମ ଥରପାଇଁ ଓଡ଼ିଶାରେ ବାହାରି ସେଉଠିକା ... ଇନ୍‌ସପେକ୍ଟରମାନେ ତାଲିମ ପ୍ରାପ୍ତ ହୋଇଥିଲେ । ... ମସିହାରେ ଏହି ଅନୁଷ୍ଠାନରେ ତ୍ରିପୁରାର ପାଞ୍ଚଜଣ ... ଇନ୍‌ସପେକ୍ଟର, ଓଡ଼ିଶାର ପୂର୍ବ ଗଡ଼ଜାତ ଅଞ୍ଚଳର ୧୬ ... ପୋଲିସ କର୍ମଚାରୀ ତଥା ଓଡ଼ିଶାପ୍ରଦେଶର ୧୪ ଜଣ ... ଇନ୍‌ସପେକ୍ଟରଙ୍କୁ ତାଲିମ ଦିଆଯାଇଥିଲା । ତା ୧-୧-୪୮ ... ଏହି ଆରକ୍ଷକ ବିଦ୍ୟାଳୟଟି ଗୋଟିଏ ପ୍ରଶିକ୍ଷଣ ମହା ବିଦ୍ୟାଳୟ...



୧୯୭୧ ସନ୍ଦ୍ୟ ସଗୀୟ ସ୍ୱାଧୀନତା ଦିବସ ଉତ୍ସବରେ ମୁଖ୍ୟମନ୍ତ୍ରୀ ଶ୍ରୀ ବିଶ୍ୱନାଥ ଦାସ ରାଉରକେଲା ଇସ୍ପାତ କାରଖାନାର ମୁଖ୍ୟ ନିରାପତ୍ତା ଅଧିକାରୀ ଶ୍ରୀ ବି. ସି. ସେନାପତିଙ୍କୁ ରାଷ୍ଟ୍ରପତି ପଦକ ପ୍ରଦାନ କରୁଛନ୍ତି ।

## ଚିତ୍ରେ ସମ୍ବାଦ



ସହକାରୀ ପୋଲିସ ଇନ୍ସପେକ୍ଟର ଜେନେରାଲ ଶ୍ରୀ ପି. ଯୋସେଫଙ୍କୁ ମୁଖ୍ୟମନ୍ତ୍ରୀ ରାଷ୍ଟ୍ରପତି ପଦକ ପ୍ରଦାନ କରୁଛନ୍ତି ।

ଏଣ୍ଡ ବ୍ୟତୀତ ବକ୍ତୃତା ପ୍ରତିଯୋଗିତା, ସାଂସ୍କୃତିକ କାର୍ଯ୍ୟକ୍ରମ, ବୃକ୍ଷ-ରୋପଣ, ଉଦ୍ୟାନ କାମ ପ୍ରଭୃତି ମାଧ୍ୟମରେ ଶିକ୍ଷାର୍ଥୀମାନଙ୍କର ଶାରୀରିକ ତଥା ମାନସିକ ବିକାଶର ବ୍ୟବସ୍ଥା କରାଯାଇଥାଏ । ଆତ୍ମ-ନିର୍ଭରଶୀଳ ଓ ପରିଚାଳନା ପଟୁ ହେବାପାଇଁ ମହାବିଦ୍ୟାଳୟ ତଥା ନୟାଗଡ଼ ବିଦ୍ୟାଳୟରେ ମାଛଚାଷ, କୁକୁଡ଼ା ପାଳନ,ଗୋପାଳନ, କ୍ୟାଣ୍ଟିନ୍ ତଥା ମେସ୍ ପରିଚାଳନା, କ୍ଲବ୍ ପରିଚାଳନା ପ୍ରଭୃତିର ସୁବିଧା-ସୁଯୋଗ ଶିକ୍ଷାର୍ଥୀମାନଙ୍କୁ ଦିଆଯାଇଥାଏ । ସଂକ୍ଷେପରେ ପୋଲିସକୁ ଜନମଙ୍ଗଳ ରାଷ୍ଟ୍ରର ସାମୂହିକ ନିରାପତ୍ତା, ଶାନ୍ତି ଏବଂ ସାମାଜିକ ସେବା କାର୍ଯ୍ୟରେ କିପରି ଉପଯୁକ୍ତଭାବରେ ନିୟୋଜିତ କରାଯାଇ ପାରିବ ସେ ଦିଗରେ ଏହି ଅନୁଷ୍ଠାନ ଅବିରାମ ଉଦ୍ୟମ କରିଆସୁଛି । ୧୯୩୭ ରୁ ୧୯୬୯ ମସିହା ମଧ୍ୟରେ ଏହି ଅନୁଷ୍ଠାନରୁ ନିମ୍ନଲିଖିତ ଶ୍ରେଣୀର ପୋଲିସ କର୍ମଚାରୀ ତାଲିମ ପାଇ ସାରିଛନ୍ତି ।


| | |
|---|---|
| 1. Assistant Superintendent of Police. | 55 |
| 2. Deputy Superintendent of Police | 32 |
| 3. Assistant Public Prosecutor .. | 3 |
| 4. Assistant Commandant .. | 1 |
| 5. Inspector (Direct .. | 4 |
| 6. Inspector in Select list .. | 30 |
| 7. Inspector in-Service .. | 119 |
| 8. Sergeant .. | 89 |
| 9. Sub-Inspectors Refresher's Course | 131 |
| 10. Woman Sub-Inspector .. | 2 |
| 11. Cadet Sub-Inspectors .. | 1,584 |
| 12. Excise Sub-Inspectors .. | 250 |
| 13. Drill Sub-Inspectors in Refresher's Course. | 31 |
| 14. Assistant Sub-Inspectors .. | 2,180 |
| 15. Head Constables (T. O. P.) .. | 47 |
| 16. Drill Instructors Course .. | 1,151 |
| 17. Writer Constables .. | 918 |
| 18. Constable in P. T. Course .. | 22 |
| 19. Recruit Constables .. | 12,363 |
| 20. W. T. Assistant Sub-Inspectors (Grade III Operators). | 113 |
| 21. W. T. Assistant Sub-Inspectors (Pre-promotional Course). | 21 |
| 22. Constable in two months (abridged) Course. | 400 |
| Total .. | 19,484 |



ସୁନାବେଡ଼ା ଆନ୍ତଃ ବାଟାଲିଅନ କ୍ରୀଡ଼ା ପ୍ରତିଯୋଗିତା ସମୟରେ ବିଚାର ଆଲୋଚନା

ଚନ୍ଦ୍ର ସମ୍ବାଦ

ସୁନାବେଡ଼ା ଠାରେ ଆନ୍ତଃ ବାଟାଲିଅନ କ୍ରୀଡ଼ା ପ୍ରତିଯୋଗିତା—୧୯୭୧





ପୋଲିସ ଇନସପେକ୍‌ଟର (ଭିଜିଲନସ୍) ଶ୍ରୀ କେ. ର. ଦୋରଙ୍କୁ ମୁଖ୍ୟମନ୍ତ୍ରୀ ୧୯୭୧ ଅଗଷ୍ଟ ୧୫ ତାରିଖ ସ୍ୱାଧୀନତା ଦିବସ ଉତ୍ସବରେ ରାଷ୍ଟ୍ରପତିଙ୍କ ପୋଲିସ ପଦକ ପ୍ରଦାନ କରୁଛନ୍ତି ।

## ଶେଷ ସମ୍ବାଦ

ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସ ଉତ୍ସବରେ ମୁଖ୍ୟମନ୍ତ୍ରୀ ପୋଲିସ୍ ଡେପୁଟି ସୁପରିଟେଣ୍ଡେଣ୍ଟ ଶ୍ରୀ ସାମୁଏଲ ମହାପାତ୍ରଙ୍କୁ ରାଷ୍ଟ୍ରପତିଙ୍କ ପୋଲିସ୍ ମେଡ଼ାଲ ପିନ୍ଧାଇ ଦେଉଛନ୍ତି ।





ସ୍ୱରାଷ୍ଟ୍ର ମନ୍ତ୍ରୀ ଶ୍ରୀ ନୀଳମଣି ରାଉତରାୟ ଭୁବନେଶ୍ୱରଠାରେ
ପୋଲିସ କଣ୍ଟ୍ରୋଲ ରୁମ ଉଦ୍‌ଘାଟନ କରୁଛନ୍ତି ।

## ଚିତ୍ରେ ସମ୍ବାଦ

ଓଡ଼ିଶା ପୋଲିସ ବାହିନୀ ଗଠନ ଦିବସ ପାଳନ ଉତ୍ସବରେ ଡାହାଣରୁ ବାମକୁ ପୋଲିସ ଆଇ. ଜି. ଶ୍ରୀ ବ୍ରଜ ବିହାରୀ ମିଶ୍ର, ମୁଖ୍ୟ ଶାସନ ସଚିବ ଶ୍ରୀ ଗୁରୁ ଚରଣ ମଲ ଗୋଏଙ୍କା ଓ ଗିଜିଇନସ୍ ଆଇ. ଜି. ଶ୍ରୀ ଆର. କେ. ପାଢ଼ୀ ।






ସୁନାବେଡ଼ା ଆନ୍ତଃ ବାଟାଲିଅନ୍ ପ୍ରତିଯୋଗିତାରେ
ଦଉଡ଼ି ଚଢ଼ା ପ୍ରତିଯୋଗିତା

## ଚନ୍ଦେ ସମ୍ବାଦ

ଓଡ଼ିଶା ପୋଲିସ ତ୍ରିଂଶ ଭଲିବଲ ପ୍ରତିଯୋଗିତା





ସ୍ୱାଧୀନତା ଦିବସ ଅବସରରେ ବନ୍ଧୁ ମିଳନ ।
ଚିତ୍ରରେ—ଶ୍ରୀ ପି. ସି. ରଥ, ସି. ବି. ଆଇ., ଏସ୍. ପି.,
ଓ ଶ୍ରୀ ଦୁର୍ଗା ମାଧବ ମିଶ୍ର, ଏସ୍. ପି., ବାଇମ୍ ବ୍ରାଞ୍ଚ

## ଚିତ୍ରେ ସମ୍ବାଦ

ପୁରୀ ରଥ ଯାତ୍ରାରେ ପୋଲିସ ବାହିନୀଦ୍ୱାରା ଶାନ୍ତି ଶୃଙ୍ଖଳା ରକ୍ଷା






ରାଧ ଅନୁସନ୍ଧାନରେ ବୈଜ୍ଞାନିକ ପଦ୍ଧତି ପ୍ରୟୋଗ ପାଇଁ ରାଜ୍ୟ ସ୍ତରୀୟ ଆଲୋଚନା ଚକ୍ରରେ
ଯୋଗ ଦେଇଥିବା ପୋଲିସ କର୍ମଚାରୀବୃନ୍ଦ ।

## ଅନ୍ୟ ସମ୍ବାଦ

ଗୃହରକ୍ଷୀମାନଙ୍କ ନିଆଁ ଲିଭା କୌଶଳ ପ୍ରଦର୍ଶନ




# ଓଡ଼ିଶାରେ ଅପରାଧ

୧୯୩୬ ମସିହା ଏପ୍ରିଲ ପହିଲରେ ଛ ଗୋଟି ଜିଲ୍ଲାକୁ ନେଇ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠିତ ହେଲା । ଏହା ପୂର୍ବରୁ ଓଡ଼ିଶା ବିହାର ସହିତ ଏକ ଶାସନାଧୀନ ଥିଲା । ୧୯୪୭ ମସିହା ଅଗଷ୍ଟ ପନ୍ଦର ତାରିଖ ଦିନ ଭାରତ ସ୍ୱାଧୀନତା ଲାଭ କଲା । ୧୯୪୮ ମସିହାରେ ଓଡ଼ିଶାରେ ଥିବା ୨୪ ଗୋଟି ଦେଶୀୟ ରାଜ୍ୟର ଓଡ଼ିଶା ସହିତ ମିଶ୍ରଣ ହେଲାପରେ, ଓଡ଼ିଶାର କଳେବର ବୃଦ୍ଧି ପାଇଲା । ବର୍ତ୍ତମାନ ଓଡ଼ିଶା ରାଜ୍ୟ ୧୩ ଗୋଟି ଜିଲ୍ଲାରେ ବିଭକ୍ତ । କିନ୍ତୁ ପୋଲିସ ବିଭାଗର ଶାସନଗତ ସୁବିଧା ଦୃଷ୍ଟିରୁ ରାଉରକେଲା ନଗର ଓ ରେଳବାଇକୁ ଗୋଟିଏ ଗୋଟିଏ ସ୍ୱତନ୍ତ୍ର ଜିଲ୍ଲାରୂପେ ଗ୍ରହଣ କରାଯାଇଛି । ତେଣୁ ଓଡ଼ିଶାରେ ପୋଲିସ ବିଭାଗ ପାଇଁ ୧୫ ଗୋଟି ଜିଲ୍ଲା ଅଛି ବୋଲି ଧରାଯାଏ ।

ଓଡ଼ିଶାର କ୍ଷେତ୍ରଫଳ ୬୦ ହଜାର ବର୍ଗ ମାଇଲରୁ କିଛି ଅଧିକ । ୧୯୬୧ ଜନଗଣନା ଅନୁସାରେ ସମସ୍ତ ଓଡ଼ିଶାର ଜନ ସଂଖ୍ୟା ଥିଲା ୧୭,୫୪୮,୮୪୬ । ୧୯୭୧ରେ ଜନଗଣନା ଅନୁସାରେ ଓଡ଼ିଶାର ଜନସଂଖ୍ୟା ୨୧,୯୩୪,୮୨୭କୁ ବୃଦ୍ଧି ପାଇଛି । ଭାରତ ବର୍ଷର ଅନ୍ୟାନ୍ୟ ରାଜ୍ୟମାନଙ୍କର ଠିକ୍ ଏଇ ଅବସ୍ଥା ।

ଜନସଂଖ୍ୟା ବୃଦ୍ଧି ସଙ୍ଗେ ସଙ୍ଗେ ଜନସାଧାରଣଙ୍କର ଦୈନନ୍ଦିନ ଜୀବନ ଯାପନ ପ୍ରଣାଳୀ ଜଟିଳରୁ ଜଟିଳତର ହେଉଛି । ନାନା ପ୍ରକାର ଯାନବାହାନର ପ୍ରଚଳନ ଯୋଗୁଁ ଲୋକମାନେ ନାନାସ୍ଥାନକୁ ଗମନାଗମନର ସୁବିଧା ପାଉଛନ୍ତି, ସହରାଞ୍ଚଳର ଲୋକେ ଗାଁ ଗଣ୍ଡାକୁ ଓ ଗାଁ ଗଣ୍ଡାର ଲୋକେ ସହରାଞ୍ଚଳକୁ ଯା ଆସ କରିବା-ଦ୍ୱାରା ଅସାମାଜିକ ଲୋକମାନଙ୍କ ମଧ୍ୟରେ ସଂଯୋଗ ସ୍ଥାପନ କରିବାରେ ସୁବିଧା ହେଉଛି । ଏହା ବ୍ୟତୀତ ମରୁଡ଼ି, ବନ୍ୟା, ବେକାର ସମସ୍ୟା ଅପରାଧ ଉପରେ ଗୁରୁତର ପ୍ରଭାବ ପକାଉଛି, ଏହି ସବୁ ଆନୁସଙ୍ଗିକ ଘଟଣାକୁ ଦୃଷ୍ଟିରେ ରଖି ରାଜ୍ୟର ପୋଲିସ ବାହିନୀ ଅପରାଧ ନିରାକରଣ କରିବା ଲାଗି ଅନବରତ ଚେଷ୍ଟା



ଗ୍ନି ନିରୋଧ ସପ୍ତାହ ଉପଲକ୍ଷେ ଓଡ଼ିଶା ନିଆ ଲିଭାଳୀ ଦଳଙ୍କ ନିଆଁ ଲିଭା କୌଶଳ ପ୍ରଦର୍ଶନ

## ଚିତ୍ରେ ସମ୍ବାଦ

ଅଗ୍ନି ନିର୍ବାପନ ପାଇଁ ପ୍ରସ୍ତୁତି



କେଉଁ ଶ୍ରେଣୀର ଅପରାଧ ଶତକଡ଼ା କେତେ ସଂଖ୍ୟାରେ ସଂଘଟିତ ହୋଇଛି ୧୯୬୫ ଠାରୁ ୧୯୬୯ ମସିହା ପର୍ଯ୍ୟନ୍ତ ତାର ଗୋଟିଏ ହିସାବ ନିମ୍ନରେ ପ୍ରଦତ୍ତ ହେଲ :—

| କ୍ରମିକ ନମ୍ବର | ଅପରାଧର ଶ୍ରେଣୀ ବିଭାଗ | | ୧୯୬୫ | ୧୯୬୬ | ୧୯୬୭ | ୧୯୬୮ | ୧୯୬୯ |
|---|---|---|---|---|---|---|---|
| ୧ | ହତ୍ୟା | .. | ୧·୪ | ୧·୩ | ୧·୧ | ୧·୨ | ୧·୩ |
| ୨ | ହରଣଚାଳ | .. | ୦·୪ | ୦·୩ | ୦·୩ | ୦·୩ | ୦·୪ |
| ୩ | ଡକାୟତି | .. | ୦·୩ | ୦·୨ | ୦·୩ | ୦·୩ | ୦·୩ |
| ୪ | ଦସ୍ୟୁତା (Robbery) | .. | ୦·୬ | ୦·୬ | ୦·୮ | ୦·୬ | ୦·୮ |
| ୫ | ସିଂଧି ଚୋରି | .. | ୧୬·୯ | ୨୧·୪ | ୨୨·୫ | ୨୨·୧ | ୨୦·୬ |
| ୬ | ଗୃହପାଳିତ ପଶୁ ଚୋରି | .. | ୨·୫ | ୩·୩ | ୩·୦ | ୩·୦ | ୨·୫ |
| ୭ | ସାଧାରଣ ଚୋରି | .. | ୩୩·୮ | ୩୬·୬ | ୩୬·୦ | ୩୬·୮ | ୩୬·୦ |
| ୮ | ଦଙ୍ଗା ହେଙ୍ଗାମା | .. | ୩·୯ | ୪·୨ | ୪·୬ | ୫·୬ | ୬·୪ |
| ୯ | ତୋଷାରପ୍ | .. | ୨·୬ | ୨·୬ | ୨·୬ | ୨·୩ | ୨·୦ |
| ୧୦ | ଠକେଇ | .. | ୨·୯ | ୧·୪ | ୧·୩ | ୧·୪ | ୧·୨ |
| ୧୧ | ଜାଲ ନୋଟ ଇତ୍ୟାଦି | .. | ୦୦·୫ | ୦·୦୫ | ୦·୦୫ | ୦·୧ | ୦·୦୫ |
| ୧୨ | ଅନ୍ୟାନ୍ୟ | .. | ୩୩·୧ | ୨୬·୩ | ୨୫·୬ | ୨୬·୧ | ୨୬·୩୫ |
| | ମୋଟ | .. | ୧୦୦% | ୧୦୦% | ୧୦୦% | ୧୦୦% | ୧୦୦% |

ଉପରୋକ୍ତ ହିସାବରୁ କେଉଁ ବର୍ଷ କେଉଁ ଶ୍ରେଣୀର ଅପରାଧ ଶତକଡ଼ା କେତେ ସଂଖ୍ୟାରେ ଘଟିଥିଲା, ତାହା ବୃଦ୍ଧି ପାଇଛି କି ହ୍ରାସ ପାଇଛି ଏହା ସ୍ପଷ୍ଟ ଭାବରେ ଜଣା ଯାଉଛି । ତଥାପି ପାଞ୍ଚ ବର୍ଷ ମଧ୍ୟରେ ଘଟିଥିବା ଗୋଟିଏ ଅପରାଧକୁ ବିଚାରକୁ ନେଇ ବିଶେଷ ତାରତମ୍ୟ ପରିଲକ୍ଷିତ ହୁଏ ନାହିଁ ।

୧୯୭୦ ମସିହାରେ ଘଟିଥିବା ପ୍ରଧାନ ପ୍ରଧାନ ପୋଲିସ ଧର୍ତ୍ତବ୍ୟ ଅପରାଧର ହିସାବ ତଳେ ଦିଆଗଲା :—

| | | |
|---|---|---|
| ହତ୍ୟା | – | ୩୭୩ |
| ଡକାୟତି | – | ୯୪ |
| ଦସ୍ୟୁବୃତ୍ତି | – | ୨୨୭ |
| ସିନ୍ଧିଚୋରି | .. | ୬,୮୨୧ |
| ଚୋରି | .. | ୧୨,୪୨୯ |
| ଦଙ୍ଗା | .. | ୨,୦୫୫ |
| ଠକେଇ | – | ୨୮୨ |
| ତୋଷାରପ୍ | – | ୪୮୦ |
| ମୋଟ | – | ୨୨,୭୬୧ |

ରହୁଛନ୍ତି । ଏହା ବ୍ୟତୀତ ଦେଶର ଉପାନ୍ତ ଅଞ୍ଚଳମାନଙ୍କରେ ନକ୍ସଲପନ୍ଥୀମାନଙ୍କର ଉପଦ୍ରବ ପୋଲିସ ବାହିନୀକୁ ସର୍ବଦା କାର୍ଯ୍ୟବ୍ୟସ୍ତ କରି ରଖିଛି ।

୧୯୬୪ ମସିହାରୁ ୧୯୬୯ ମସିହା ପର୍ଯ୍ୟନ୍ତ ଛ ବର୍ଷର ଓଡ଼ିଶାରେ ସଂଘଟିତ ହୋଇଥିବା ପୋଲିସ୍ ଧର୍ତ୍ତବ୍ୟ ଅପରାଧର ଏକ ତୁଳନାତ୍ମକ ହିସାବ ତଳେ ଦିଆଗଲା :—

| ବର୍ଷ | | ଜନ ସଂଖ୍ୟା | ମୋଟ ପୋଲିସ୍ ଧର୍ତ୍ତବ୍ୟ ଅପରାଧ | ଏକଲକ୍ଷ ଲୋକଙ୍କ ପ୍ରତି ଅପରାଧର ଆନୁପାତିକ ହିସାବ |
|---|---|---|---|---|
| ୧୯୬୪ | .. | ୧୮,୮୮୨,୬୦୦ | ୨୫,୮୯୯ | ୧୩୭.୨ |
| ୧୯୬୫ | .. | ୧୯,୩୦୧,୦୦୦ | ୨୭,୨୨୮ | ୧୪୧.୦ |
| ୧୯୬୬ | .. | ୧୯,୭୩୮,୫୦୦ | ୨୮,୪୯୯ | ୧୪୪.୬ |
| ୧୯୬୭ | .. | ୨୦,୨୦୨,୨୦୦ | ୩୦,୨୦୯ | ୧୫୨.୦ |
| ୧୯୬୮ | .. | ୨୦,୬୭୪,୦୦୦ | ୩୩,୫୩୭ | ୧୬୨.୮ |
| ୧୯୬୯ | .. | ୨୧,୧୫୯,୦୦୦ | ୩୧,୩୯୫ | ୧୪୮.୭ |

ଉପରୋକ୍ତ ହିସାବରୁ ଜଣା ପଡୁଛି ଯେ ରାଜ୍ୟରେ ପ୍ରତିବର୍ଷ ଜନସଂଖ୍ୟା ବୃଦ୍ଧି ପାଇବା ସଙ୍ଗେ ସଙ୍ଗେ, ସମତାଳରେ ଅପରାଧ ସଂଖ୍ୟା ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି । କିନ୍ତୁ ୧୯୬୯ରେ ସଂଘଟିତ ହୋଇଥିବା ଅପରାଧ ପୂର୍ବ ବର୍ଷର ଅପରାଧ ତୁଳନାରେ ସାମାନ୍ୟ ହ୍ରାସ ପାଇଛି । ପ୍ରତି ଏକ ଲକ୍ଷ ଲୋକଙ୍କ ପାଇଁ କେତେ ସଂଖ୍ୟାରେ ଅପରାଧ ଘଟିଛି ତାହାର ଆନୁପାତିକ ହିସାବ ଚତୁର୍ଥ ସ୍ତମ୍ଭରେ ଦର୍ଶାଇ ଦିଆଯାଇଛି । ମୋଟା ମୋଟି ଜନସଂଖ୍ୟାର ଅଭିବୃଦ୍ଧି ଘଟୁଥିବାରୁ, ସେହି ଅନୁପାତରେ ଅପରାଧ ବୃଦ୍ଧି ପାଇବା ବିଶେଷ ଉଲ୍ଲେଖ୍ୟଯୋଗ୍ୟ ବୋଲି ମନେ ହୁଏ ନାହିଁ ।

ଗୋଟିଏ ମକଦ୍ଦମାରେ କେତେଜଣ ଅପରାଧୀ ଗିରଫ ହୋଇଥିଲେ, ୧୯୬୪ ମସିହାଠାରୁ ୧୯୬୯ ମସିହା ପର୍ଯ୍ୟନ୍ତ ତାର ଗୋଟିଏ ହିସାବ ନିମ୍ନରେ ଦିଆଗଲା :—

| ବର୍ଷ | | ଗିରଫ ହୋଇଥିବା ବ୍ୟକ୍ତିଙ୍କ ସଂଖ୍ୟା | ଗୋଟିଏ ମକଦ୍ଦମା ପାଇଁ ଗିରଫ ହୋଇଥିବା ଆନୁପାତିକ ହିସାବ |
|---|---|---|---|
| ୧୯୬୪ | .. | ୨୯,୬୯୮ | ୧.୧ |
| ୧୯୬୫ | .. | ୨୯,୪୯୧ | ୧.୦ |
| ୧୯୬୬ | .. | ୩୩,୭୨୭ | ୧.୧ |
| ୧୯୬୭ | .. | ୩୩,୬୫୬ | ୧.୧ |
| ୧୯୬୮ | .. | ୩୯,୪୬୭ | ୧.୧ |
| ୧୯୬୯ | .. | ୪୧,୮୦୧ | ୧.୩ |

ସାବ୍ୟସ୍ତ ହୋଇ ପାରିଛନ୍ତି । ଏହି ଅନୁପାତ ବହୁତ ହୋଇଛି ବୋଲି କୁହାଯାଇ ପାରିବ ନାହିଁ ।

ପ୍ରଥମଥର ପାଇଁ ୧୯୬୮ ମସିହାରେ ସର୍ବଭାରତୀୟ ସ୍ତରରେ "ଜାତୀୟ ଅପରାଧ ନିରାକରଣ ସପ୍ତାହ" ପାଳନ କରାଯାଇ ଥିଲା । ଚଳିତ ବର୍ଷ ଅକ୍ଟୋବର ମାସରେ ଦ୍ୱିତୀୟ "ଜାତୀୟ ଅପରାଧ ନିବାରଣ ସପ୍ତାହ" ପାଳନ କରାଯିବାର ଆୟୋଜନ ଚାଲିଛି । ପୋଲିସ ବିଭାଗର ସ୍ଥିତି, ପ୍ରୟୋଜନୀୟତା ଓ ଲୋକମାନଙ୍କର ଅପରାଧ ନିରୋଧ ଲାଗି କ'ଣ କରିବାର କଥା ସେ ସମ୍ବନ୍ଧରେ ସେମାନଙ୍କୁ ସମ୍ୟକ୍ ଧାରଣା ଦେବା ଏହି ସପ୍ତାହ ପାଳନର ଉଦ୍ଦେଶ୍ୟ । ଏହିପରି ସପ୍ତାହ ପାଳନ କରାଗଲେ କ୍ରମେ କ୍ରମେ ଜନସାଧାରଣ ଯେ ପୋଲିସ ବିଭାଗର ଆବଶ୍ୟକତା ଓ ସେମାନଙ୍କ କର୍ତ୍ତବ୍ୟ ସଂବନ୍ଧରେ ଅବଗତ ହେବେ ଏଥିରେ ସନ୍ଦେହ କରିବାର କିଛି ନାହିଁ ।

ଓଡ଼ିଶା ପୋଲିସ ବିଭାଗ ଆନୁକୂଲ୍ୟରୁ ତ୍ରୈମାସିକ ଓଡ଼ିଶା ପୋଲିସ ମୁଖ୍ୟ ପତ୍ରିକା ପ୍ରକାଶ ପାଉଛି । ଏଥିରେ ବହୁ ତଥ୍ୟ-ସଂବଳିତ ପ୍ରବନ୍ଧ ପ୍ରକାଶିତ ହେଉଛି । ଜନସାଧାରଣ ପତ୍ରିକାଟିକୁ ପଢ଼ିଲେ, ପୋଲିସ ବିଭାଗର କାର୍ଯ୍ୟ ସମ୍ବନ୍ଧରେ ଆହୁରି ଜାଣିବାକୁ ସେମାନେ ଆକୃଷ୍ଟ ହେବେ ବୋଲି ଆଶା କରାଯାଏ ।

ବାଳ ଅପରାଧୀଙ୍କ ସଂଖ୍ୟା ଅନ୍ୟାନ୍ୟ ରାଜ୍ୟ ତୁଳନାରେ ଯଦିବା ଆମ ରାଜ୍ୟରେ କମ୍, ତେବେ ସହରାଞ୍ଚଳମାନଙ୍କରେ ଏହା ଅପେକ୍ଷାକୃତ ବେଶି ବୋଲି ଜଣାପଡ଼େ । ଏହାର ନିର୍ଦ୍ଦିଷ୍ଟ କାରଣ ଜାଣିବା ପାଇଁ ୧୯୬୯ ମସିହାରେ ବ୍ରହ୍ମପୁର ସହରରେ ଓ ଏହିବର୍ଷ (୧୯୭୧) ରାଉରକେଲା ସହରରେ ସି: ଆଇ: ଡି: ବାଳ ଅପରାଧ ନିବାରଣ ସଂସ୍ଥା ତରଫରୁ କର୍ମଚାରୀମାନେ ସ୍ୱତନ୍ତ୍ର ଭାବେ ଏହି ବିଷୟରେ କାରଣ ଜାଣିବାକୁ ମନୋଯୋଗ ହୋଇଛନ୍ତି । ଏହାର ବିବରଣୀ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରକାଶ ପାଇବ । ମୋଟାମୋଟି, ଦରିଦ୍ରତା, ଶିକ୍ଷାଭାବ, ପାରିପାର୍ଶ୍ୱିକ ପରିସ୍ଥିତିର କୁପ୍ରଭାବ ଓ ପିତାମାତାଙ୍କର ଯତ୍ନର ଅଭାବ ଯୋଗୁଁ ବାଳକବାଳିକାମାନେ ବିପଥଗାମୀ ହୋଇ ପଡ଼ୁଛନ୍ତି । ଆଧୁନିକ ସିନେମାର ଅବଦାନ ମଧ୍ୟ କମ୍ ନୁହେଁ । ଏଥିପାଇଁ ସମାଜ, ଅଭିଭାବକ, ଶିକ୍ଷକମାନଙ୍କର ତଥା ସରକାରର ଦାୟିତ୍ୱ ଅସ୍ୱୀକାର୍ଯ୍ୟ ନୁହେଁ । ଏହା ଏକ ଜାତୀୟ ତଥା ସାମାଜିକ ସମସ୍ୟା ରୂପେ ଦେଖା ଦେଉଛି ।

---

ବାଟ ନ ଜାଣି ଯେ ଉଭଟରେ ଧାଏଁ,
ଭାଳ ନ ଜାଣି ସେ ଉଭଟର ଖାଏ,
ସ୍ୱାଦୁ ନ ଜାଣି ସେ ଉଭଟର ଖାଏ,
କହରେ ମନୁଆଁ ଏ କୁଆଡ଼କୁ ଯାଏ ;

ଓଡ଼ିଶାରେ ଗତବର୍ଷ ସର୍ବମୋଟ ୨୨,୭୬୧ ଗୋଟି ପୋଲିସ ଧର୍ତ୍ତବ୍ୟ ଅପରାଧ ଘଟିଥିବା ବିଷୟ ହିସାବରୁ ଜଣାପଡୁଛି । ଏଭଳି ଅପରାଧ ପୂର୍ବ ବର୍ଷ ତୁଳନାରେ ହ୍ରାସ ପାଇଛି । ପୋଲିସର ତତ୍ପରତା, ଦାଗୀ ଓ ଅସାମାଜିକ ଲୋକଙ୍କ ଉପରେ ତୀକ୍ଷ୍ଣ ଦୃଷ୍ଟି ଓ ଲୋକଙ୍କର ସାବଧାନତା ଯୋଗୁଁ, ସମ୍ଭବତଃ ଏହା ହ୍ରାସ ପାଇଛି ।

ଭାରତୀୟ ଦଣ୍ଡବିଧି ଆଇନରେ ଉଲ୍ଲିଖିତ ହୋଇଥିବା ଅଧିକାଂଶ ଅପରାଧ ପୋଲିସ କ୍ଷମତାର ପରିସରଭୁକ୍ତ । ଏହି ଆଇନ ବ୍ୟତୀତ ଅନ୍ୟାନ୍ୟ ଆଇନବଳରେ ମକଦ୍ଦମା ରୁଜୁ କରି ତଦନ୍ତ କରିବା କ୍ଷମତା ମଧ୍ୟ ପୋଲିସର ଅଛି । ଗୁରୁତ୍ୱ ଦୃଷ୍ଟିରୁ ହତ୍ୟା, ଡକାୟତି, ହରଣଚାଳ, ସିଂଧିଚୋରି, ଦଙ୍ଗା, ତୋଷାରପ ଶ୍ରେଣୀର ଅପରାଧଗୁଡ଼ିକୁ ଗୁରୁତର ଅପରାଧ ହିସାବରେ ଧରାଯାଏ । ତେଣୁ ଏହି ମକଦ୍ଦମା ଉପରେ ବିଶେଷ ଗୁରୁତ୍ୱ ଆରୋପ କରାଯାଏ । ଜଟିଳ ଅପରାଧଗୁଡ଼ିକର ତଦନ୍ତ ଭାର ରାଜ୍ୟର ଗୋଇନ୍ଦା ସଂସ୍ଥା ବହନ କରିଥାନ୍ତି । ସିଃ ଆଇଃ ଡିଃ ବିଭାଗର ଡିଃ ଆଇଃ ଜି. ଓ ଏସ୍ଃ ପିଙ୍କ ତତ୍ତ୍ୱାବଧାନରେ ଜଟିଳ ମକଦ୍ଦମାଗୁଡ଼ିକର ତଦନ୍ତ କରାଯାଏ ।

ଭୁବନେଶ୍ୱରସ୍ଥିତ ରସୁଲଗଡ଼ଠାରେ ରାଜ୍ୟର ଫୋରେନ୍‌ସିକ୍ ସାଇନ୍‌ସ ଲାବରେଟୋରୀ ଅବସ୍ଥିତ । ଏହି ସଂସ୍ଥା ମକଦ୍ଦମା ତଦନ୍ତ କରିବାରେ ତଦନ୍ତକାରୀ ଅଫିସରଙ୍କୁ ସାହାଯ୍ୟ କରେ । ଏହା ବ୍ୟତୀତ ରାଜ୍ୟର ଟିପଚିହ୍ନ, ପାଦଚିହ୍ନ, ହସ୍ତାକ୍ଷର ସଂସ୍ଥା ବୈଜ୍ଞାନିକ ପ୍ରଣାଳୀରେ ମକଦ୍ଦମା ତଦନ୍ତ କରିବାରେ ବିଶେଷ ସହାୟକ । ବୈଜ୍ଞାନିକ ପ୍ରଣାଳୀରେ କିପରି ତଦନ୍ତ କରିବାକୁ ହେବ ପୋଲିସ ଅଫିସରମାନଙ୍କୁ ସେ ବିଷୟରେ ତାଲିମ ଦିଆଯାଏ । ପ୍ରତିବର୍ଷ କଲିକତା ଓ ହାଇଦ୍ରାବାଦକୁ, ବୈଜ୍ଞାନିକ ପ୍ରଣାଳୀରେ ତଦନ୍ତ କରିବା ବିଷୟରେ ଜ୍ଞାନ ହାସଲ କରିବା ପାଇଁ, ଅଫିସରମାନଙ୍କୁ ପଠାଯାଏ । କ୍ରମେ କ୍ରମେ ଏହି ସବୁ ସଂସ୍ଥାଗୁଡ଼ିକର ସଂପ୍ରସାରଣ କରାଯାଉଛି । ବର୍ତ୍ତମାନ ତାଲିମପ୍ରାପ୍ତ କୁକୁର ତଦନ୍ତକାରୀ ଅଫିସରଙ୍କୁ ଗୁରୁତର ମକଦ୍ଦମା ତଦନ୍ତ କରିବାରେ ବିଶେଷ ସାହାଯ୍ୟ କରୁଛି ।

ଗତବର୍ଷର ୩୭୩ ଗୋଟି ହତ୍ୟା ପଛରେ ଅନେକ କାରଣ ନିହିତ ଅଛି । କେତେକ ହତ୍ୟା ଜମିବାଡ଼ି ସଂକ୍ରାନ୍ତ ଗଣ୍ଡଗୋଳରୁ, କେତେକ ପ୍ରେମଜନିତ ବ୍ୟାପାରରୁ କେତେକ ପ୍ରତିଶୋଧ ମନୋବୃତ୍ତିରୁ, କେତେକ ଅନ୍ଧ ବିଶ୍ୱାସରୁ, କେତେକ ଉତ୍ତେଜନାରୁ କେତେକ ସ୍ୱାର୍ଥ ଯୋଗୁଁ ଘଟିଥିବାର ହିସାବରୁ ଜଣାଯାଏ ।

ଦଙ୍ଗା ଘଟିବାର କାରଣ ମଧ୍ୟ ସେହିପରି ଅନେକ । ଅନେକ କ୍ଷେତ୍ରରେ ପୋଲିସ୍ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିଥାଏ, ତଥାପି ସବୁ କ୍ଷେତ୍ରରେ ପ୍ରତିଷେଧକ ବ୍ୟବସ୍ଥା ଫଳବତୀ ହୁଏ ନାହିଁ । ଗାଁ ବିବାଦ, ଦଳଗତ ବିବାଦର ଇତିହାସ ପ୍ରତି ଥାନାରେ ଲିପିବଦ୍ଧ ହୋଇରହେ । ଏହି ଲେଖା ଥାନାର ଭାରପ୍ରାପ୍ତ କର୍ମଚାରୀଙ୍କୁ ଭବିଷ୍ୟତରେ କ'ଣ ଘଟିବ କି ନ ଘଟିବ ସେ ବିଷୟ ସୂଚନା ଦେଇଥାଏ । ଅନ୍ୟାନ୍ୟ ଅପରାଧ ତୁଳନାରେ ଚୋରିର ସଂଖ୍ୟା ସର୍ବାଧିକ । ଅନେକ ଛୋଟ ଛୋଟ ଚୋରି ଘଟିବା ଯୋଗୁଁ ଏହାର ସଂଖ୍ୟା ଅନ୍ୟାନ୍ୟ ଅପରାଧ ତୁଳନାରେ ବୃଦ୍ଧି ପାଇବା ସ୍ୱାଭାବିକ । ଥାନାର କର୍ମଚାରୀଗଣ ସ୍ଥାନୀୟ ଓ ବାହାରର ଦାଗୀମାନଙ୍କ ଉପରେ ସର୍ବଦା ସତର୍କ ଦୃଷ୍ଟି ରଖିଥାନ୍ତି । ସେମାନଙ୍କର ଗତିବିଧି ମଧ୍ୟ ଥାନାରେ ଲିପିବଦ୍ଧ ହୋଇ ରହେ ।

ତଳ କୋର୍ଟମାନଙ୍କରେ ମକଦ୍ଦମା ଚଳାଇବାର ଭାର ପୋଲିସ ଅଫିସରଙ୍କ ଉପରେ ନ୍ୟସ୍ତ ଅଛି । ଏମାନଙ୍କୁ ସାହାଯ୍ୟ କରିବା ପାଇଁ ସହକାରୀ ସରକାରୀ ଓକିଲ (ଏ. ପି. ପି.) ମାନଙ୍କୁ ନିଯୁକ୍ତ ଦିଆଯାଏ । ସାଧାରଣତଃ ଏମାନେ ଜଟିଳ ଅପରାଧଗୁଡ଼ିକର ଭାର ବହନ କରିଥାନ୍ତି ।

ଯେଉଁ ଶହେ ଜଣ ଲୋକଙ୍କର ମକଦ୍ଦମା ବିଚାରାଳୟରେ ବିଚାର କରାଯାଇଥିଲା ସେମାନଙ୍କ ମଧ୍ୟରୁ କେତେଜଣ ବିଚାରରେ ଦୋଷୀ ସାବ୍ୟସ୍ତ ହୋଇ ଦଣ୍ଡ ପାଇଥିଲେ ତାହାର ହିସାବ ନିମ୍ନରେ ପ୍ରଦତ୍ତ ହେଲା :—

| | | |
|---|---|---|
| ୧୯୬୫ | .. | ୩୮·୦ |
| ୧୯୬୬ | – | ୪୦·୬ |
| ୧୯୬୭ | – | ୪୦·୬ |
| ୧୯୬୮ | – | ୩୪·୮ |
| ୧୯୬୯ | – | ୩୮·୪ |

ଉପରୋକ୍ତ ହିସାବରୁ ଜଣାଯାଉଛି ଯେ, ପ୍ରତି ୧୦୦ ଜଣ ଅପରାଧୀଙ୍କ ମଧ୍ୟରୁ ପ୍ରାୟ ୩୮।୩୯ ଜଣ ଦୋଷୀ ରୂପେ

ବ୍ୟବସ୍ଥା ପୁନର୍ବସତି ସେବା ପରି ମହତ୍ତ୍ୱପୂର୍ଣ୍ଣ । ବାସ୍ତବରେ ପ୍ରତିଷେଧକ ସେବା ସମାଜକଲ୍ୟାଣ ନୀତିର ଏକ ପ୍ରଧାନ ଲକ୍ଷ୍ୟ ହେବା ଉଚିତ ।

୧୯୭୧ ମସିହାରୁ କେନ୍ଦ୍ରସମାଜ କଲ୍ୟାଣ ସଂସ୍ଥା ପ୍ରୋବେଶନ ବର୍ଷ ରୂପେ ସାରା ଦେଶରେ ପାଳନ କରୁଅଛନ୍ତି । ପ୍ରୋବେଶନ ଆଇନର ବହୁଳ ପ୍ରସାର ଏବଂ ପ୍ରସ୍ତୁର ଏହାର ମୁଖ୍ୟ ଉଦ୍ଦେଶ୍ୟ ।

## ପ୍ରୋବେଶନ (Probation)

ପ୍ରୋବେଶନ ଶବ୍ଦ ଲାଟିନ୍ "ପ୍ରୁବେଶିଓ" ରୁ ଉତ୍ପତ୍ତି । ପ୍ରୋବେଶନ ବ୍ୟବସ୍ଥା ସାମାଜିକ ପ୍ରତିରକ୍ଷା କାର୍ଯ୍ୟକ୍ରମରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଅଛି । ପ୍ରୋବେଶନ କାର୍ଯ୍ୟକ୍ରମକୁ ସାମାଜିକ ଆଇନରେ ପରିଣତ କରାଯାଇ ସାରା ଦେଶରେ ଏହାର ପ୍ରବର୍ତ୍ତନ କରାଯାଇଅଛି । ବିଚାରାଳୟ ଦ୍ୱାରା ନିର୍ଦ୍ଦିଷ୍ଟ ସର୍ତ୍ତ ଆରୋପପୂର୍ବକ, ଆସାମୀର ଦଣ୍ଡାଦେଶକୁ ସ୍ଥଗିତ ରଖି ଅପରାଧୀର ମାନସିକ ଓ ଚାରିତ୍ରିକ ସଂଶୋଧନ ବ୍ୟବସ୍ଥାକୁ "ପ୍ରୋବେଶନ" ବୋଲି କୁହାଯାଏ । ଗଣତାନ୍ତ୍ରିକ ପଦ୍ଧତିରେ ଯେଉଁସବୁ ଆଧୁନିକ ଅପରାଧ ସଂସ୍କାର-ମୂଳକ ଆଇନ ପ୍ରବର୍ତ୍ତିତ ହୋଇଅଛି, ତନ୍ମଧ୍ୟରେ ପ୍ରୋବେଶନ ଆଇନ (Probation Act) ସର୍ବାପେକ୍ଷା ବାସ୍ତବ ଓ ପ୍ରଗତିଶୀଳ । ପ୍ରୋବେଶନ ଆଇନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ସମାଜକୁ ଅପରାଧୀମାନଙ୍କ ସଂକ୍ରମଣରୁ ରକ୍ଷାକରିବା, ଅପରାଧୀକୁ ସମାଜରେ ଥଇଥାନ କରିବା ଏବଂ ସର୍ବୋପରି ଅପରାଧୀ-ମାନଙ୍କ ମନରେ ଆଇନ ଓ ଶୃଙ୍ଖଳା ଜ୍ଞାନ ଜାଗ୍ରତ କରାଇବା । ପ୍ରୋବେଶନ ଆଇନ ବଳରେ ମୁକ୍ତିଲାଭ କରିଥିବା ବ୍ୟକ୍ତି କାରାଗାରକୁ ନ ଯାଇ, ପ୍ରୋବେଶନ ଅଫିସରଙ୍କର ବା ନିଜ ଅଭିଭାବକଙ୍କର ତତ୍ତ୍ୱାବଧାନରେ ଆପଣା ଘରେ ରହିବାର ସୁଯୋଗ ପାଇଥାଏ । ଏହା ଫଳରେ ଶିକ୍ଷାନବିସ (Probationer) କାରାଗାର ମାନଙ୍କରେ ରହୁଥିବା ଅଭ୍ୟସ୍ତ ଅପରାଧୀ (Habitual Offender) ମାନଙ୍କର କୁ-ପ୍ରଭାବରୁ ରକ୍ଷା ପାଇବା ସଙ୍ଗେ ସଙ୍ଗେ କାରାବାସଜନିତ କଳଙ୍କରୁ ମୁକ୍ତିଲାଭ କରିଥାଏ । ଫଳରେ ଶିକ୍ଷାନବିସର ସାମାଜିକ ପ୍ରତିଷ୍ଠା ଅକ୍ଷୁର୍ଣ୍ଣ ରହେ ଏବଂ ଏହାର ଭରଣପୋଷଣ ବ୍ୟୟ ଭାର ସରକାରଙ୍କୁ ବହନ କରିବାକୁ ପଡେ ନାହିଁ

ପ୍ରୋବେଶନ ବ୍ୟବସ୍ଥାର ଇତିହାସ ପର୍ଯ୍ୟାଲୋଚନା କଲେ ଜଣାଯାଏ ଯେ ଆମେରିକାର ଜନ୍ ଅଗଷ୍ଟାସ ନାମକ ଜଣେ ବିଶିଷ୍ଟ ସମାଜସେବୀ ୧୮୪୧ ମସିହାରେ ବୋଷ୍ଟନ ଅଦାଲତରେ ବହୁ ଅପରାଧୀମାନଙ୍କୁ ଜାମିନରେ ଖଲାସ କରି ସେମାନଙ୍କର ସାମାଜିକ ପ୍ରତିଷ୍ଠା ଫେରାଇ ଆଣିବା ଦିଗରେ ସାହାଯ୍ୟ କରିଥିଲେ । ପରିଣାମରେ ଆମେରିକାବାସୀ ଏହାର ଉପାଦେୟତା ଓ ଜରୁରୀ ଆବଶ୍ୟକତା ଉପଲବ୍ଧି କରି ସମଗ୍ର ଆମେରିକାରେ ୧୮୭୮ ମସିହାରେ ଏହି ପ୍ରକ୍ରିୟାକୁ ଏକ ବିଧିବଦ୍ଧ ଆଇନରେ ପରିଣତ କରିଥିଲେ । ପୃଥିବୀର ଅନ୍ୟାନ୍ୟ ପ୍ରଗତିଶୀଳ ସଭ୍ୟ ଦେଶ-ମାନଙ୍କରେ ଏହି ଆଇନ କ୍ରମଶଃ ପ୍ରଚଳିତ ହେଲା । ଆମ ଦେଶରେ ମଧ୍ୟ ଫୌଜଦାରୀ ଆଇନର (Cr. P. C.) ୫୬୨ ଦଫାରେ, ଅଳ୍ପବୟସ୍କ ଅପରାଧୀମାନଙ୍କୁ କେତେକ ନିର୍ଦ୍ଦିଷ୍ଟ ଧରଣର ଅପରାଧ ପାଇଁ ତାଗିଦ୍ କରାଯାଇ ମୁକ୍ତିଦେବାର ବ୍ୟବସ୍ଥାଥିଲା । ମାତ୍ର ପ୍ରୋବେଶନ ଆଇନ ଭଳି "ତଦନ୍ତ" ଓ "ତତ୍ତ୍ୱାବଧାନ" ବ୍ୟବସ୍ଥା ସେହି ଆଇନର ପରିସର ମଧ୍ୟରେ ନ ଥିଲା । ଭାରତବର୍ଷର ମାନ୍ଦ୍ରାଜ, ବମ୍ବେ, ଉତ୍ତର ପ୍ରଦେଶ ପ୍ରଭୃତି କେତେକ ରାଜ୍ୟ ସରକାର ପ୍ରୋବେଶନ ଆଇନ୍ ପ୍ରଣୟନ କରିଥିଲେ । ସ୍ୱାଧୀନତା ପରେ ଆମର ଜାତୀୟ ସରକାର ପ୍ରୋବେଶନ ଆଇନର ଉପାଦେୟତା ଓ ଗୁରୁତ୍ୱ ଉପଲବ୍ଧି କରି ସାରା ଦେଶରେ ଏକପ୍ରକାର ପ୍ରୋବେଶନ ବ୍ୟବସ୍ଥା ପ୍ରଚଳନ କରିବା ଉଦ୍ଦେଶ୍ୟରେ ୧୯୫୮ ମସିହାରେ ପ୍ରୋବେଶନ ଆଇନ (Probation of Offenders' Act, 1958) ପାର୍ଲାମେଣ୍ଟରେ ଗୃହୀତ କରାଇ ଏହି ଆଇନକୁ କାର୍ଯ୍ୟକାରୀ କରାଇଲେ । ଏହା ଫଳରେ ଫୌଜ-ଦାରୀ ଆଇନର ୫୬୨ ଦଫାରେ ଥିବା ବ୍ୟବସ୍ଥାକୁ ପୁରାପୁରି ରଦ୍ଦ କରାଗଲା । ଓଡ଼ିଶା ସରକାର, ଆମ ରାଜ୍ୟରେ ୧୯୫୮

> "ଭୁଲ ବାଟ ଘରି ଆଡ଼କୁ ପଡ଼ିଥାଏ, ଠିକ୍ ବାଟ ଗୋଟିଏ ଆଡ଼କୁ. ସେହି କାରଣରୁ ଜୀବନରେ ବିଫଳତାଟା ସହଜଲଭ୍ୟ, ସଫଳତା ମିଳେ କଷ୍ଟରେ ।"
>
> —ଆରିଷ୍ଟୋଟ୍‌ଲ

ସୁଦର୍ଶନ ସିଂହ

# ଗଣତାନ୍ତ୍ରିକ ବ୍ୟବସ୍ଥାରେ ସାମାଜିକ ପ୍ରତିରକ୍ଷା

ଗଣତାନ୍ତ୍ରିକ ସମାଜରେ ଅପରାଧ ଓ ଅପରାଧୀ ସଂଖ୍ୟା ବୃଦ୍ଧି ଏକ ଉଦ୍‌ବେଗର କାରଣ । ଅପରାଧ ଆମର ଜାତୀୟ ଜୀବନକୁ ଭୟଙ୍କର ଭାବରେ ବିପନ୍ନ କରୁଅଛି । ସେଥିରେ ଆକ୍ରାନ୍ତ ବ୍ୟକ୍ତି ଯେଉଁ ଅକଥନୀୟ ଦୁଃଖ ଦୁର୍ଦ୍ଦଶା ଭୋଗ କରେ ଏବଂ ଆର୍ଥିକ ପାର୍ଥିବ ଏବଂ ଶ୍ରମ ଶକ୍ତିର ଅପଚୟ ଘଟେ ତାହା ସହଜରେ କଳନା କରିବା ବା ବୁଝିବା କଷ୍ଟକର । ଅପରାଧ ଏକ ବିଶ୍ୱବ୍ୟାପୀ ସମସ୍ୟା । ଏହାର କୌଣସି ଗୋତ୍ର ବା ଗୋଷ୍ଠୀ ନାହିଁ କି ଏହା କୌଣସି ସ୍ଥାନ ବା ରାଜ୍ୟର ସୀମା ମଧ୍ୟରେ ଆବଦ୍ଧ ନୁହେଁ । ଆମ୍ଭମାନଙ୍କ ମଧ୍ୟରୁ ଯେ କୌଣସି ଲୋକ ଯେ କୌଣସି ମୁହୂର୍ତ୍ତରେ ଏହାର କବଳରେ ପଡ଼ିପାରେ । ବିଜ୍ଞାନର ଦ୍ରୁତ ଅଗ୍ରଗତି, ଗମନାଗମନର ସୁବିଧା ଓ ସମ୍ବାଦ ସରବରାହର ଆଶୁ ଉନ୍ନତି ଅପରାଧୀମାନଙ୍କୁ ଯଥେଷ୍ଟ ପରିମାଣରେ ସାହାଯ୍ୟ କରୁଅଛି । ଏହା ଆମ ସମାଜର ମୂଳଦୁଆକୁ ଦୋହଲାଇ ଦେଉଛି । ସେଥିପାଇଁ ଏହାର ମୁକାବିଲା କରିବାକୁ ହେଲେ ଆମ୍ଭମାନଙ୍କୁ ଅପରାଧ ବିରୁଦ୍ଧରେ ଏକ ଅବିରାମ ସଂଗ୍ରାମ କରିବାକୁ ହେବ ।

ଗଣତାନ୍ତ୍ରିକ ସମାଜରେ ପ୍ରତ୍ୟେକ ନାଗରିକ ନିଜର ଶକ୍ତି ମୁତାବକ ଅପରାଧ ପ୍ରତିରୋଧ ଏବଂ ଆଇନ ରକ୍ଷା କରିବାରେ ସାହାଯ୍ୟ କରିବା ଉଚିତ । ସମସ୍ତେ ଯେପରି ଶାନ୍ତି ଓ ମର୍ଯ୍ୟାଦାରେ ବଞ୍ଚିରହିବେ ସେଥିପାଇଁ ଆମଦେଶରେ ଆଇନକାନୁନ ତିଆରି ହୋଇଅଛି । ଅବଶ୍ୟ କଠୋର ସାମାଜିକ ଆଇନ ପ୍ରବର୍ତ୍ତନ ଫଳରେ କେତେକାଂଶରେ ଏହାର ପ୍ରତିରୋଧ କରାଯାଇ ପାରେ । ମାତ୍ର ସମାଜରୁ ଏହାକୁ ଦୂର କରିବାକୁ ହେଲେ କେବଳ ତୀବ୍ର ସାମାଜିକ ଆଇନ ବଳରେ ଏହା କରିବା ସମ୍ଭବ ହେବ ନାହିଁ ବରଂ ଅପରାଧୀର ଚାରିତ୍ରିକ ଓ ମାନସିକ ସଂସ୍କାର ଉପରେ ଗୁରୁତ୍ୱ ଆରୋପ କରାଯିବା ଆବଶ୍ୟକ । କାରଣ ଭାରତୀୟ ସଂସ୍କୃତିରେ କେବଳ ଅପରାଧ ଘୃଣ୍ୟ ବୋଲି ବିବେଚିତ, ଅପରାଧୀ ନୁହେଁ । ଏଣୁ ଏହି ସମସ୍ୟାର ସମାଧାନ ବୈଜ୍ଞାନିକ ଉପାୟରେ କରିବା ଉଚିତ । ଅର୍ଥାତ୍ କ୍ଷମା ବା ଦଣ୍ଡ ଦୃଷ୍ଟିରେ ଏହାକୁ ନ ଦେଖି ଅପରାଧୀର ଅପରାଧ—ମନୋବୃତ୍ତିକୁ ସଂଶୋଧନ କରି, ଆଇନାନୁମୋଦିତ ପନ୍ଥାରେ ସାମାଜିକ ଓ ଅର୍ଥନୈତିକ ପୁନର୍ବସତି ଓ ପୁନଃଶିକ୍ଷା ସମସ୍ୟା ରୂପେ ଦେଖିବା ଉଚିତ । ଏହାହିଁ ଗଣତାନ୍ତ୍ରିକ ବ୍ୟବସ୍ଥାରେ ସାମାଜିକ ପ୍ରତିରକ୍ଷା କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ।

ସାମାଜିକ ପ୍ରତିରକ୍ଷା କାର୍ଯ୍ୟକ୍ରମରେ ଅପରାଧୀର ସଂସ୍କାର, ପ୍ରୋବେଶନ (Probation), କାରାମୁକ୍ତ ଓ ପରେ ପରିଚର୍ଯ୍ୟା କାର୍ଯ୍ୟକ୍ରମ (After-Care Programme) ଭିକ୍ଷା ବୃତ୍ତି ସମସ୍ୟା, ସାମାଜିକ ଓ ନୈତିକ ସ୍ୱାସ୍ଥ୍ୟ ରକ୍ଷା ଓ ବାଳ-ଅପରାଧ ଆଇନ ପ୍ରଭୃତି ଅନ୍ତର୍ଭୁକ୍ତ । ପ୍ରତିଷେଧକ ସେ

ବଡ଼ ବଡ଼ ଅପରାଧମାନଙ୍କ ମଧ୍ୟରୁ ପ୍ରାୟ ତିନିଭାଗ ଅପରାଧ ଅପ୍ରାପ୍ତବୟସ୍କ ଅପରାଧୀମାନଙ୍କ ଦ୍ୱାରା ହୋଇଥାଏ । ସମାଜବିରୋଧୀ କାର୍ଯ୍ୟକଳାପରେ ଜଡ଼ିତ ହେବା ଅଭ୍ୟାସ ଦିନକୁ ଦିନ ଅଧିକ ପରିମାଣରେ ଯୁବକ ଓ ଅପ୍ରାପ୍ତବୟସ୍କ ଲୋକମାନଙ୍କ ମଧ୍ୟରେ ବୃଦ୍ଧି ପାଉଥିବା ଲକ୍ଷ୍ୟ କରାଯାଉଅଛି । ଅଧାରୁ ଅଧିକ ଅପ୍ରାପ୍ତବୟସ୍କ ଅପରାଧୀମାନଙ୍କ ବୟସର ସୀମା ହେଉଛି ୧୬ ରୁ ୨୧ ବର୍ଷ । ତେଣୁ ବାଳଅପରାଧୀମାନଙ୍କର ସଂଶୋଧନ ନିମନ୍ତେ ବାଳ ଆଇନ (Children's Act) ତୁରନ୍ତ ପ୍ରଣୟନ କରି ଅପରାଧ ରୋକିବା, ପିଲାମାନଙ୍କୁ ରକ୍ଷାକରିବା, ଅପରାଧୀ ଓ ପ୍ରାକ୍ ଅପରାଧୀର ଚିକିତ୍ସା ବ୍ୟବସ୍ଥା କରିବା ଆବଶ୍ୟକ । ସାଧାରଣତଃ ପିଲାମାନେ ସ୍ନେହ, ନିରାପତ୍ତା, ଆଦର ଓ ସ୍ୱୀକୃତି ଚାହାନ୍ତି । ପିଲାମାନଙ୍କୁ ଏହି ଚାରୋଟି ଯଥେଷ୍ଟ ପରିମାଣରେ ଦେବାର ବ୍ୟବସ୍ଥା ଏହି ଆଇନରେ ରହିବା ଉଚିତ ଏବଂ ବାଳ–ଅପରାଧୀମାନଙ୍କୁ ଗୁରୁତର ଅପରାଧ ବ୍ୟତୀତ ଅନ୍ୟଥା ପ୍ରୋବେଶନ ଆଇନାନୁସାରେ ମୁକ୍ତି ଦେଇ ସେମାନଙ୍କ ସମସ୍ୟା ସମାଧାନରେ ସାହାଯ୍ୟ କରିବା ଦିଗରେ ପ୍ରୋବେଶନ ଅଫିସର ସେହିସବୁ ପିଲାମାନଙ୍କର ଅଭିଭାବକ ପରି କାର୍ଯ୍ୟ କରିବା ଆବଶ୍ୟକ । ତାହାହେଲେ ପ୍ରୋବେଶନ ଆଇନର ଯଥାର୍ଥତା ପ୍ରତିପାଦନ କରିବା ସଙ୍ଗେ ସଙ୍ଗେ ସମାଜରୁ ଅପରାଧୀ ସଂଖ୍ୟା ବହୁପରିମାଣରେ ହ୍ରାସ ପାଇବ । ତା ଛଡ଼ା ପ୍ରତ୍ୟେକ ପିଲାଙ୍କୁ ଅପରାଧ କବଳରୁ ରକ୍ଷା କରିବା ଉଚିତ । କାରଣ ସେମାନେ ହେଉଛନ୍ତି ଭାରତବର୍ଷର ଭାବିନାଗରିକ ।

ପ୍ରୋବେଶନ ଆଇନରେ ଥିବା ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବାକୁ ହେଲେ ବିଚାର ବିଭାଗ ଓ ପୋଲିସ ବିଭାଗ ଓ ଅନ୍ୟାନ୍ୟ ସରକାରୀ ଓ ବେସରକାରୀ ସଂସ୍ଥାଗୁଡ଼ିକ ସ୍ୱେଚ୍ଛାପ୍ରଣୋଦିତ ଅନୁଷ୍ଠାନମାନଙ୍କ ସହିତ ସମନ୍ୱୟ ରକ୍ଷା କରିବା ଆବଶ୍ୟକ । ଏଥିପାଇଁ ରାଜ୍ୟ ସ୍ତରରେ, ଜିଲ୍ଲାସ୍ତରରେ ଏବଂ ସବ୍‌ଡିଭିଜନ ସ୍ତରରେ ସରକାରୀ ଓ ବେସରକାରୀ ତଥା ସମାଜସେବୀ ବ୍ୟକ୍ତିମାନଙ୍କୁ ନେଇ ପରିଚାଳନା ସମିତି ଗଠନ କରାଯିବା ଦରକାର । ଏପରିକି ଗଣତାନ୍ତ୍ରିକ ବ୍ୟବସ୍ଥାର ମୂଳପୀଠ ଗ୍ରାମପଞ୍ଚାୟତ ସ୍ତରରେ ସରପଞ୍ଚ ଓ ଓ୍ୱାର୍ଡମେମ୍ବରମାନଙ୍କ ସହଯୋଗକ୍ରମେ ଶିକ୍ଷାନବିସମାନଙ୍କର ସାମାଜିକ ଓ ଅର୍ଥନୈତିକ ଉତ୍ଥାନ କରାଗଲେ ଏହି ବ୍ୟବସ୍ଥାର ସଫଳତା ଅତିରେ ହାସଲ କରାଯାଇ ପାରିବ । କେବଳ ଜିଲ୍ଲାସ୍ତରରେ ଜଣେ ପ୍ରୋବେଶନ ଅଫିସର ନାହିଁକି ପ୍ରତ୍ୟେକ ବିଚାରାଳୟମାନଙ୍କରେ ଜଣେ ଜଣେ ପ୍ରୋବେଶନ ଅଫିସରଙ୍କୁ ନିଯୁକ୍ତ କରାଗଲେ ବହୁ ଅପରାଧୀ ଏହି ଆଇନର ପରିସର ମାଧ୍ୟମରେ ଉପକୃତ ହୋଇ ପାରିବେ ।

ପ୍ରୋବେଶନ, କାରାମଙ୍ଗଳ (Prison Welfare Services) ଏବଂ ଉତ୍ତର ପରିଚର୍ଯ୍ୟା (After-Care Services) କାର୍ଯ୍ୟକ୍ରମ ପରସ୍ପରର ପରିପୂରକ ହୋଇ ଥିବାରୁ ଓ ସାମାଜିକ ପ୍ରତିରକ୍ଷା ବ୍ୟବସ୍ଥାରେ ଏଗୁଡ଼ିକର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ, ଏ ସଂପର୍କରେ ଏଠାରେ ସମ୍ୟକ ଅବତାରଣା ଦେବା ଆବଶ୍ୟକ ।

## କାରାମଙ୍ଗଳ କାର୍ଯ୍ୟକ୍ରମ (Prison Welfare Services)

ସମାଜରେ ଅନେକଙ୍କର ଧାରଣା ଯେ ଅପରାଧୀକୁ ଜେଲଖାନାର ଚାରି କାନ୍ଥ ମଧ୍ୟରେ ଆବଦ୍ଧ ରଖିଲେ ସମସ୍ୟାର ସମାଧାନ ହୋଇଯିବ । ଏହା ଦ୍ୱାରା, ଅପରାଧୀ ସମାଜ ପ୍ରତି ପ୍ରତିଶୋଧମୂଳକ ମନୋଭାବାପନ୍ନ ହୋଇ ଖଲାସ ହେବା ପରେ ନାନା ପ୍ରକାର ଦୁଷ୍କର୍ମରେ ସଂପୃକ୍ତ ହୁଏ । ତେଣୁ ସମାଜକୁ ଅପରାଧୀମାନଙ୍କ ହାତରୁ ରକ୍ଷା କରିବା ନିମନ୍ତେ ଅପରାଧୀକୁ ଜେଲଖାନାରେ ସଂଶୋଧନ କରି ତାହାର ପୁନର୍ଶିକ୍ଷା ଓ ପୁନର୍ବସତି ଦିଗରେ ଦୃଷ୍ଟି ଦେବା ଆବଶ୍ୟକ । ଏହି ସବୁ କାର୍ଯ୍ୟକ୍ରମର ପରିଚାଳନା ଦାୟିତ୍ୱ ପ୍ରତ୍ୟେକ କାରାଗାରରେ ଜଣେ ଜଣେ କାରାମଙ୍ଗଳ ଅଫିସରଙ୍କ ଉପରେ ନ୍ୟସ୍ତ କରାଯାଇଅଛି । ଜେଲଖାନାରେ ଦଣ୍ଡ ଭୋଗ କରୁଥିବା ସମୟରେ ବନ୍ଦୀର ଚାରିତ୍ରିକ ଓ ମାନସିକ ପରିବର୍ତ୍ତନ କରିବା ନିମନ୍ତେ କାରାମଙ୍ଗଳ ବ୍ୟବସ୍ଥାରେ

> "ମନୁଷ୍ୟଠାରେ ତ ଦୋଷ ଦୁର୍ବଳତା ରହିବ, ତା' ସତ୍ତ୍ୱେ ତୁମକୁ ସେ ମନୁଷ୍ୟକୁ ଭଲ ପାଇବାକୁ ହେବ"
>
> —ଗାନ୍ଧୀଜୀ

ମସିହାର ପ୍ରୋବେଶନ ଆଇନ ଓ ଏହାର ନିୟମାବଳୀ ୧୯୬୧ ସାଲରେ ପ୍ରଚଳନ ହେଲେ। ଏହି ଆଇନର ନିୟମାବଳୀ ଅନୁଯାୟୀ ପ୍ରତ୍ୟେକ ଜିଲ୍ଲାର ସଦର ମହକୁମାରେ ଜଣେ ଜଣେ ପ୍ରୋବେସନ ଅଫିସରଙ୍କୁ ନିଯୁକ୍ତ କରାଯାଇ ଉକ୍ତ ଆଇନକୁ କାର୍ଯ୍ୟକାରୀ କରିବା ନିମନ୍ତେ କ୍ଷମତା ଦିଆଗଲା।

୧୯୫୮ ମସିହା ପ୍ରୋବେଶନ ଆଇନରେ ଅପରାଧୀର ବୟସ ସୀମା କୋହଳ କରାଯାଇଅଛି। ଆଜୀବନ ଜେଲ ଓ ମୃତ୍ୟୁଦଣ୍ଡର ଦଣ୍ଡିତ ଅପରାଧୀମାନଙ୍କ ବ୍ୟତୀତ, ଅନ୍ୟ ଯେ କୌଣସି ଅପରାଧୀକୁ ଏହି ଆଇନର ପରିସରଭୁକ୍ତ କରାଯାଇ ସିଧାସଳଖ ଅଦାଲତରୁ ମୁକ୍ତିଦେବାର ବ୍ୟବସ୍ଥା ଅଛି। ଆହୁରି ମଧ୍ୟ ୨୧ ବର୍ଷରୁ କମ୍ ବୟସର ଅପରାଧୀମାନଙ୍କୁ କାରାଦଣ୍ଡ ଦେବା ବିଷୟରେ ଅଦାଲତର କ୍ଷମତା ସୀମିତ କରାଯାଇଅଛି। ବିଗ୍ଭର ବିଭାଗୀୟ ମାଜିଷ୍ଟ୍ରେଟ୍ ଆସାମୀକୁ ଦୋଷୀ ବୋଲି ସାବ୍ୟସ୍ତ କରି ପ୍ରୋବେଶନ ଆଇନ ବଳରେ ଜାମିନରେ ହେଉ ବା ବିନା ଜାମିନରେ ହେଉ କେତେକ ନିର୍ଦ୍ଦିଷ୍ଟ ସର୍ତ୍ତରେ ମୁକ୍ତି ଦିଅନ୍ତି। ମାଜିଷ୍ଟ୍ରେଟ୍ ଆସାମୀକୁ ଏହି ଆଇନ ବଳରେ ମୁକ୍ତି ଦେବା ନିମନ୍ତେ ରାୟ ପ୍ରକାଶ କରିବା ସମୟରେ, ପ୍ରୋବେଶନ ଅଫିସରଙ୍କ ଦ୍ୱାରା ପୂର୍ବରୁ ତଦନ୍ତ କରାଯାଇଥିବା ସାମାଜିକ, ପାରିପାର୍ଶ୍ୱିକ ଓ ଚରିତ୍ରିକ ବିବରଣୀକୁ ବିଗ୍ଭରକୁ ନେଇ. ପ୍ରୋବେଶନ ଅଫିସରଙ୍କ ତତ୍ତ୍ୱାବଧାନରେ ସାଧାରଣତଃ ଏକ ବର୍ଷରୁ ତିନିବର୍ଷ ପର୍ଯ୍ୟନ୍ତ ନିର୍ଦ୍ଦିଷ୍ଟ ସର୍ତ୍ତରେ ଚଳାଚଳ କରିବା ପାଇଁ ଆଦେଶ ଦେଇ ଥାଆନ୍ତି। ଅଦାଲତ ଦ୍ୱାରା ସ୍ଥିର ହୋଇଥିବା ପ୍ରୋବେଶନ ସମୟ ମଧ୍ୟରେ ପ୍ରତ୍ୟେକ ଶିକ୍ଷାନବିସର ଆଗ୍ରହ ବ୍ୟବହାର, ଚରିତ୍ରିକ ଓ ଚଳାଚଳ ରୀତି ସଂପର୍କରେ ଅନୁଧ୍ୟାନ କରି, ପ୍ରୋବେଶନ ଅଫିସର ବିଗ୍ଭରାଳୟକୁ ରିପୋର୍ଟ କରନ୍ତି। ଯଦି ଶିକ୍ଷାନବିସ, ଅଦାଲତଙ୍କ ଦ୍ୱାରା ନିର୍ଦ୍ଧାରିତ ସର୍ତ୍ତ ମଧ୍ୟରୁ କୌଣସି ଏକ ସର୍ତ୍ତ ଖିଲାପ କରିଥିବାର ପ୍ରମାଣିତ ତଥ୍ୟ ପ୍ରୋବେଶନ ଅଫିସର କୋର୍ଟକୁ ରିପୋର୍ଟ କରନ୍ତି, ତାହାହେଲେ ଅଦାଲତ ଏହି ଆଇନ ବଳରେ ଶିକ୍ଷାନବିସକୁ ପ୍ରତ୍ୟାହାର କରାଇ ପୁନରାୟ ବିଗ୍ଭରକରି ଆଇନାନୁମୋଦିତ ପନ୍ଥାରେ ଅପରାଧୀକୁ କାରାଗାରକୁ ଦଣ୍ଡଭୋଗ କରିବା ପାଇଁ ପଠାଇ ଦିଅନ୍ତି। ତେଣୁ ଶିକ୍ଷାନବିସ୍ ପରୀକ୍ଷାକାଳ ସମୟରେ ( Probation Period ) ଅଦାଲତଙ୍କ ଦ୍ୱାରା ଧାର୍ଯ୍ୟ କରାଯାଇଥିବା ସର୍ତ୍ତକୁ ଯଥାର୍ଥଭାବରେ ପାଳନ କରିବା ଉଚିତ।

ପ୍ରୋବେଶନ ବ୍ୟବସ୍ଥାରେ ଗୋଷ୍ଠୀ ଅପେକ୍ଷା ବ୍ୟକ୍ତିର ବିକାଶ ଉପରେ ବିଶେଷ ଗୁରୁତ୍ୱ ଆରୋପ କରାଯାଇଥାଏ। ଏହି ପରିପ୍ରେକ୍ଷୀରେ ପ୍ରୋବେଶନ ଅଫିସର ଶିକ୍ଷାନବିସର ପ୍ରକୃତି, ମାନସିକ, ସାମାଜିକ ଏବଂ ଅନ୍ୟାନ୍ୟ ଆନୁସଙ୍ଗିକ ସମସ୍ୟାକୁ ପୁଙ୍ଖାନୁପୁଙ୍ଖ ବିଶ୍ଳେଷଣ କରି ତାହାର ସାମାଜିକ ପ୍ରତିଷ୍ଠା ଅକ୍ଷୁର୍ଣ୍ଣ ରଖିବା ଦିଗରେ ବିହିତ ବ୍ୟବସ୍ଥା କରନ୍ତି। କାରଣ ପ୍ରୋବେଶନ ବ୍ୟବସ୍ଥାକୁ ମାନବିକତା ଦୃଷ୍ଟିକୋଣରୁ ବିଗ୍ଭର କରାଯାଏ। ଏତଦବ୍ୟତୀତ ଶିକ୍ଷାନବିସ୍‌ର ମନସ୍ତାତ୍ତ୍ୱିକ ବିଶ୍ଳେଷଣ କରାଯାଇ ବ୍ୟକ୍ତିତ୍ୱ ବିକାଶ ଓ ସାମାଜିକ ଥଇଥାନ ଉପରେ ଗୁରୁତ୍ୱ ଆରୋପ କରାଯାଇଥାଏ। ଫଳରେ ଶିକ୍ଷାନବିସର ପୁନରାୟ ଅପରାଧ କରିବାର ପ୍ରବୃତ୍ତି ରହେ ନାହିଁ ଏବଂ ସମାଜରେ ସେ ଜଣେ ସୁନାଗରିକ ହିସାବରେ ଚଳାଚଳ କରିବାର ସୁଯୋଗ ପାଏ। ପ୍ରୋବେଶନ ବ୍ୟବସ୍ଥାରେ ଶିକ୍ଷାନବିସ କାରାଗାରକୁ ନ ଯାଇ ନିଜ ଘରେ ରହିବାର ବ୍ୟବସ୍ଥା ଥିବାରୁ ଜେଲଖାନାରେ ଅପରାଧୀର ଭରଣପୋଷଣ ବାବଦ ବ୍ୟୟ ହ୍ରାସ ହୋଇଥାଏ। ତେଣୁ ଏହାର ଗୁରୁତ୍ୱ ଜନସାଧାରଣ ଉପଲବ୍ଧି କରି, ଏହି ଆଇନର ସଫଳତା ଦିଗରେ ସମୂହ ଉଦ୍ୟମ କରିବା ଆବଶ୍ୟକ। ପ୍ରତ୍ୟେକ ବିଗ୍ଭରାଳୟ ମଧ୍ୟ ପ୍ରୋବେଶନ ଆଇନର ଆବଶ୍ୟକତା ଓ ଗୁରୁତ୍ୱ ଉପଲବ୍ଧି କରି ଏହାର ବହୁଳ ପ୍ରୟୋଗ କଲେ ଅନେକ ଅପରାଧୀ ଉପକୃତ ହେବା ସଙ୍ଗେ ସଙ୍ଗେ ସରକାରଙ୍କର କାରାଗାରଜନିତ ବ୍ୟୟଭାର ଲାଘବ ହୁଅନ୍ତା ଏବଂ ଅପରାଧୀ ସମାଜରେ ପ୍ରତିଷ୍ଠାଲାଭ କରିବାରେ ସୁଯୋଗ ପାଇପାରନ୍ତା।

ଆମ ଦେଶରେ କାରାଗାରମାନଙ୍କରେ ଛଅମାସରୁ କମ ଦଣ୍ଡ ଭୋଗୁଥିବା ବନ୍ଦୀମାନଙ୍କର ସଂଖ୍ୟା ପ୍ରତିଶତରୁ ତିନିଭାଗ। ଫଳରେ ସେମାନଙ୍କର ଜେଲଖାନାରେ ସ୍ୱଳ୍ପ ସମୟ ରହିବାରୁ ମଧ୍ୟରେ କୌଣସି ପ୍ରକାର ସଂଶୋଧନ ବ୍ୟବସ୍ଥା କରାଯାଇ ପାରେ ନାହିଁ। ତେଣୁ ଏହି ଧରଣର କଏଦୀମାନେ କାରାଗାରମାନଙ୍କରେ ସଂଶୋଧିତ ହେବା ପରିବର୍ତ୍ତେ ସରକାରଙ୍କ ଉପରେ ବୋଝ ହୁଅନ୍ତି ଏବଂ ଜେଲଖାନା ମଧ୍ୟରେ ରହୁଥିବା ଅନ୍ୟ ଅପରାଧୀମାନଙ୍କ ସଂସର୍ଗରେ ଆସି ନୂତନ ଧରଣର ଅପରାଧ କୌଶଳ ଶିକ୍ଷା କରି, ଖଲାସ ହେବା ପରେ ସେହି ଜ୍ଞାନକୁ ପ୍ରୟୋଗ କରି ସମାଜକୁ ଅଧିକ ଦୂଷିତ କରନ୍ତି। ତେଣୁ ଛଅମାସରୁ କମ୍ ଦଣ୍ଡାଦେଶ ଅପରାଧୀମାନଙ୍କୁ ପ୍ରୋବେଶନ ଆଇନ ବଳରେ ମୁକ୍ତି ଦେବା ସର୍ବାଦୌ ବାଞ୍ଛନୀୟ।

ମାନଙ୍କରେ ଏକ ବର୍ଷରୁ ତିନିବର୍ଷ ପର୍ଯ୍ୟନ୍ତ ରହି ପାରିବାର ବ୍ୟବସ୍ଥା ଅଛି । କେନ୍ଦ୍ର ଭବନ ମଧ୍ୟରୁ ଗୋଟିଏ ପୁରୁଷ ଲୋକଙ୍କ ପାଇଁ ଏବଂ ଅନ୍ୟଟି ମହିଳାମାନଙ୍କ ପାଇଁ ଉଦ୍ଦିଷ୍ଟ । ମହିଳାମାନଙ୍କ ପାଇଁ ବ୍ୟବସ୍ଥା ଥିବା ଭବନରେ ମୁକ୍ତ ବନ୍ଦୀମାନଙ୍କୁ ଗ୍ରହଣ କରାଯିବା ସଂଗେ ସଂଗେ ସାମାଜିକ ଓ ନୈତିକ ସ୍ୱାସ୍ଥ୍ୟ ବ୍ୟବସ୍ଥାରେ ଅସୁଥିବା ମହିଳା, ବେଶ୍ୟା ବୃତ୍ତି ନିରୋଧ ଆଇନାନୁସାରେ ଗିରଫ ହୋଇ ଥିବା ସ୍ତ୍ରୀ ଲୋକ, ନିଃସ୍ୱ, ଦୁଃସ୍ଥ ବ୍ୟକ୍ତିମାନଙ୍କୁ ଗ୍ରହଣ କରାଯାଏ । ଉଭୟ କେନ୍ଦ୍ର ଭବନ ସହିତ ଉତ୍ପାଦନ କେନ୍ଦ୍ର ସଂଲଗ୍ନ କରାଯାଇଅଛି । କେନ୍ଦ୍ର ଭବନମାନଙ୍କରେ ରହୁ ଥିବା ଆବାସୀ (Inmate) ମାନଙ୍କୁ ଉତ୍ପାଦନ କେନ୍ଦ୍ରରେ ବୈଷୟିକ ତାଲିମ ଓ ଉତ୍ପାଦନ କରିବାର ବ୍ୟବସ୍ଥା ସଂପର୍କରେ ଶିକ୍ଷା ଦିଆଯାଏ । ଫଳରେ ଆବାସୀମାନଙ୍କର ସମାଜରେ ପୁନଃସ୍ଥାନ କରିବାର ପଥ ସୁଗମ ହୋଇଥାଏ ।

ଉକ୍ତ ପରିଚର୍ଯ୍ୟା ସଂସ୍ଥା ମାଧ୍ୟମରେ ଆବାସୀମାନଙ୍କର ସାମାଜିକ ଓ ବୈଷୟିକ ପୁନର୍ବସତିର ବ୍ୟବସ୍ଥା କରା ଯିବା ପରେ ଅନ୍ୟୂନ ଦୁଇ ବର୍ଷ ପର୍ଯ୍ୟନ୍ତ ପ୍ରତ୍ୟେକଙ୍କୁ ସେମାନଙ୍କର ପୁନଃସ୍ଥାନ କରା ଯାଇଥିବା ସ୍ଥାନମାନଙ୍କରେ ଅନୁସରଣ (Follow-up Contact) କରା ଯାଇ ସେମାନଙ୍କର ସୁବିଧା ଅସୁବିଧା ଦୂର କରାଯାଏ । ଏହା ଦ୍ୱାରା ମୁକ୍ତ ବନ୍ଦୀକୁ ଅପରାଧ ରୂପକ ଦୁଷ୍କର୍ମରୁ ମଧ୍ୟ ନିବର୍ତ୍ତାଇବାର ବ୍ୟବସ୍ଥା କରାଯାଏ ।

ଏହି କାର୍ଯ୍ୟକ୍ରମର ସଫଳତା ଲୋକ ସମର୍ଥନ ଓ ସହଯୋଗ ଉପରେ ପୁରାପୁରି ନିର୍ଭର କରେ । ପ୍ରତ୍ୟେକ ନାଗରିକ ନିଜର ଶକ୍ତି ମୁତାବକ ମୁକ୍ତ ବନ୍ଦୀମାନଙ୍କୁ ସମାଜରେ ପୁନଃସ୍ଥାନ କରିବାରେ ସାହାଯ୍ୟ କରିବା ଉଚିତ । କାରଣ ଅପରାଧ ଗୋଟିଏ ସାମାଜିକ ରୋଗ । ଏହି ଯୋଜନା ପ୍ରତି ଜନସାଧାରଣ ତଥା ସରକାରୀ ଓ ବେସରକାରୀ ଅନୁଷ୍ଠାନମାନଙ୍କର ସହଯୋଗ ସର୍ବାପେକ୍ଷା ଅଧିକ ରହିବା ଉଚିତ । ରାଜ୍ୟ ଓ ଜିଲ୍ଲା ସ୍ତରରେ ପରିଷ୍କାରନା କମିଟି ଗଠନ କରି ଏ ଯୋଜନାକୁ ବିଭିନ୍ନ ସରକାରୀ ଓ ବେସରକାରୀ ସଂସ୍ଥା ସହିତ ସମନ୍ୱୟ ସ୍ଥାପନ କରା ଗଲେ ଏହା ସୁଷ୍ଠୁ ରୂପେ କାର୍ଯ୍ୟକାରୀ କରାଯାଇ ପାରିବ । ଏଥିନିମନ୍ତେ ସର୍ବସାଧାରଣଙ୍କର ମିଳିତ ଉଦ୍ୟମ ଏହି ସମସ୍ୟାର ସମାଧାନ ଦିଗରେ ଯଥେଷ୍ଟ ସହାୟକ ହୋଇ ପାରିବ । ଅର୍ଥ ଓ ଉଦ୍ୟମ ଯେତେ ପରିମାଣରେ ବ୍ୟୟ ହେଉନା ପଛକେ, ଅପରାଧ ଦୂରୀକରଣ ଦ୍ୱାରା ସେହି ମାନବିକତା, ଗଣତନ୍ତ୍ରର ଆଧ୍ୟାତ୍ମିକ ଆଧାର, ସେହି ମାନବିକତାର ମର୍ଯ୍ୟାଦା ବୃଦ୍ଧି ହେବ ।

---

ବିବାହରେ ଯୌତୁକ-ସର୍ତ୍ତ ଯୁବକ ପକ୍ଷରେ ଶିକ୍ଷା ଓ ଦେଶ ପ୍ରତି ଅବମାନନା ଏବଂ ନାରୀ ପ୍ରତି ଅସମ୍ମାନଜନକ

—ମହାତ୍ମା ଗାନ୍ଧୀ

ପ୍ରୌଢ଼ ଶିକ୍ଷା, ସିନେମା, ଥିଏଟର, ସଙ୍ଗୀତ ଓ ଖେଳ କସରତ ଇତ୍ୟାଦି ଆମୋଦ ପ୍ରମୋଦ କାର୍ଯ୍ୟକ୍ରମର ବ୍ୟବସ୍ଥା କରାଯାଇଥାଏ । ଏହା କାରାଗାର ଜନିତ ନୀରସ ଜୀବନରେ ପରିବର୍ତ୍ତନ ଆଣି ବନ୍ଦୀ ଜୀବନକୁ ସରସ ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ କରିଥାଏ । କଏଦୀ ନିଜ ପାରିବାରିକ ସମସ୍ୟା ବିଶେଷ ଭାବରେ ଚିନ୍ତା କରିବା ଫଳରେ ମାନସିକ ବିକୃତି ଜନ୍ମିବାର ଯଥେଷ୍ଟ ସମ୍ଭାବନା ଥାଏ । ତେଣୁ କାରାମଙ୍ଗଳ ଅଫିସର କଏଦୀ ଓ ତାହାର ପରିବାର ବର୍ଗଙ୍କ ସହିତ ସଂଯୋଗ ସ୍ଥାପନ କରି ମାନସିକ ଅଶାନ୍ତି ଦୂର କରିବାରେ ସାହାଯ୍ୟ କରି ଥାଆନ୍ତି । ବନ୍ଦୀ ମାନଙ୍କୁ ସାମୟିକ ଛୁଟି ମଞ୍ଜୁର (Parole) କରାଇବାର ବ୍ୟବସ୍ଥା ଜେଲ ଅଫିସ ଏବଂ ସେମାନଙ୍କୁ ସେମାନଙ୍କର ଆତ୍ମୀୟମାନଙ୍କ ସହିତ ସାକ୍ଷାତର ସଯୋଗ ଦେବା, ନୈତିକ ଓ ଧର୍ମ ସମ୍ବନ୍ଧୀୟ ଶିକ୍ଷା ଦେବା ପ୍ରଭୃତି କାର୍ଯ୍ୟକ୍ରମ କାରା ମଙ୍ଗଳ ବ୍ୟବସ୍ଥାର ଅନ୍ତର୍ଭୁକ୍ତ । ଏତଦ୍ ବ୍ୟତୀତ ବନ୍ଦୀମାନଙ୍କ ମନରେ ଦୃଢ଼ ମନୋବଳ ସୃଷ୍ଟି କରିବାରେ ସାହାଯ୍ୟ କରିବା ସଂଗେ ସଂଗେ ସେମାନଙ୍କର ମାନସିକ ପ୍ରବୃତ୍ତିକୁ ବିଶ୍ଳେଷଣ କରି କୌଣସି ପ୍ରକାର ବୈଷୟିକ ଶିକ୍ଷା ଦେବା ଏବଂ କାରାଗାର-ମାନଙ୍କରେ ବନ୍ଦୀମାନଙ୍କର ବିଭିନ୍ନ ସମସ୍ୟା ଗଣତାନ୍ତ୍ରିକ ପଦ୍ଧତିରେ ସମାଧାନ କରିବା ଉଦ୍ଦେଶ୍ୟରେ ପଞ୍ଚାୟତ ପ୍ରଥାର ବ୍ୟବସ୍ଥା ମଧ୍ୟ ଏହି କାର୍ଯ୍ୟକ୍ରମର ପରିସରଭୁକ୍ତ ।

## ଉତ୍ତର ପରିଚର୍ଯ୍ୟା କାର୍ଯ୍ୟକ୍ରମ (After-Care Programme)

ଉତ୍ତର ପରିଚର୍ଯ୍ୟା ଯୋଜନା ମାଧ୍ୟମରେ ଜେଲଖାନା ବା ଅନ୍ୟାନ୍ୟ ଅନୁଷ୍ଠାନମାନଙ୍କରୁ ମୁକ୍ତ ହୋଇଥିବା ବ୍ୟକ୍ତିମାନଙ୍କର ସାମାଜିକ ଓ ଅର୍ଥନୈତିକ ଥଇଥାନ କାର୍ଯ୍ୟକାରୀ କରାଯାଏ । ଉତ୍ତର ପରିଚର୍ଯ୍ୟା ବ୍ୟବସ୍ଥା ଚିକିତ୍ସା ବିଜ୍ଞାନରୁ ଉତ୍ପତ୍ତି ଏବଂ ଏହାର ସଂପର୍କ ଚିକିତ୍ସା ବିଜ୍ଞାନ ସହିତ ଅତି ନିବିଡ଼ । ରୋଗୀର ଶେଷ ଅବସ୍ଥା କିମ୍ବା ଉଦ୍‌ବେଗ-ଜନକ ଅବସ୍ଥାରେ ଯେଉଁ ପ୍ରକାର ଚିକିତ୍ସା ବ୍ୟବସ୍ଥା କରାଯାଏ ତାହା ଉତ୍ତର ପରିଚର୍ଯ୍ୟା (After-Care) ନାମରେ ଅଭିହିତ । ଆକ୍ଷରିକ ଅର୍ଥରେ ଏହାକୁ ବୁଝିବାକୁ ହେଲେ ଆମକୁ ଦୁଇଟି ମାତ୍ର ଶବ୍ଦ ପ୍ରତି ଦୃଷ୍ଟି ଦେବାକୁ ପଡ଼େ । ଯଥା ପରବର୍ତ୍ତୀ (After) ଏବଂ ଯତ୍ନ (Care) ଏହି ଦୁଇଟି ଶବ୍ଦରୁ ଯୋଜନାର ଲକ୍ଷ୍ୟ ପରିଷ୍କାର ଭାବରେ ବୁଝା ପଡ଼େ । ମୋଟ ଉପରେ କାରାମୁକ୍ତ ବନ୍ଦୀ କିମ୍ବା ଯେ କୌଣସି ଅନୁଷ୍ଠାନରୁ ମୁକ୍ତି ଲାଭ କରିଥିବା ବ୍ୟକ୍ତିକୁ, ଶୃଂଖଳା-ଗତ, ଧାରାବାହିକ ଜୀବନ ନିର୍ବାହ ପ୍ରଣାଳୀରୁ ମୁକ୍ତି ଦେଇ ସମାଜରେ ସମ୍ମାନର ସହିତ ଜୀବନ ଯାତ୍ରା ପାଇଁ ରୋଜଗାର ପନ୍ଥା ଶିକ୍ଷା ଦେବା ହିଁ ଏହାର ପ୍ରଧାନ ଲକ୍ଷ୍ୟ ।

୧୯୫୪ ମସିହାରେ କେନ୍ଦ୍ର ସମାଜ ମଙ୍ଗଳ ବୋର୍ଡ ଏହି ଯୋଜନାକୁ କାର୍ଯ୍ୟକାରୀ କରିବା ନିମନ୍ତେ ଏକ ଉପଦେଷ୍ଟା କମିଟି ଗଠନ କ... ସେମାନଙ୍କର ସୁପାରିଶକୁ ସାରାଦେଶରେ କାର୍ଯ୍ୟକାରୀ କରାଗଲା । ଏହି କମିଟିଙ୍କ ମତରେ କେବଳ କାରାମୁକ୍ତ ବନ୍ଦୀ କିମ୍ବା ରିଫ୍ରେ... ସ୍କୁଲର ଦୋଷୀମାନଙ୍କ ପାଇଁ ଥଇଥାନ ବ୍ୟବସ୍ଥା କରିବା ଏହି ଯୋଜନାର ଏକମାତ୍ର ଲକ୍ଷ୍ୟ ନୁହେଁ । ଯେଉଁସବୁ କାର୍ଯ୍ୟପନ୍ଥା ଦ୍ୱାରା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ବ୍ୟକ୍ତି ବା ସେମାନଙ୍କର ସାମାଜିକ, ଶାରୀରିକ ଓ ମାନସିକ ବ୍ୟତିକ୍ରମର ସଂଶୋଧନ କରାଯାଇ ପାରେ ବା ସେମାନଙ୍କର ପୁନର୍ବସତି ବ୍ୟବସ୍ଥାର ପଥକୁ କ୍ରମଶଃ ସୁଗମ କରି ଦିଆଯାଏ, ସେ ସମସ୍ତ ଏହାର ଅନ୍ତର୍ଭୁକ୍ତ ।

ଏହି ଯୋଜନା ମାଧ୍ୟମରେ ସମାଜକୁ ଅପରାଧୀମାନଙ୍କ କବଳରୁ ମଧ୍ୟ ରକ୍ଷା କରାଯାଇଥାଏ । ଅପରାଧୀ ଜେଲଖାନାରୁ ମୁକ୍ତ ହେବା ପରେ, ସେ ବାହାର ଦୁନିଆଁରେ ସନ୍ଦେହୀ ଏବଂ ଶତ୍ରୁଭାବାପନ୍ନ ବ୍ୟକ୍ତିମାନଙ୍କର କ୍ରୁର କଟାକ୍ଷର ସମ୍ମୁଖୀନ ହୋଇଥାଏ । ବାହା... ଜଗତ ତା ପାଇଁ ଦୁର୍ବିସହ ହୋଇ ପଡ଼େ । କିନ୍ତୁ କାରାବାସ ସମୟରେ ଶିକ୍ଷା କରି ଥିବା ଧନ୍ଦା ଓ ସଦ୍ ବ୍ୟବହାରକୁ ପୁଞ୍ଜି କରି ଉତ୍ତର ପରିଚର୍ଯ୍ୟା ସଂସ୍ଥା ମାଧ୍ୟମରେ ମୁକ୍ତବନ୍ଦୀ ଆପଣା ମନରେ ନୂତନ ଆଶା ... ଆଲୋକର ସନ୍ଧାନ ପାଇଥାଏ । ଏହି କାର୍ଯ୍ୟକ୍ରମରେ ମୁକ୍ତ ଲୋକ... ଚାରିତ୍ରିକ, ସାମାଜିକ, ପାରିପାର୍ଶ୍ୱିକ ଓ ମନସ୍ତାତ୍ତ୍ୱିକ ବିଶ୍ଳେଷଣ ... ଉପଯୁକ୍ତ ଧନ୍ଦା ମାଧ୍ୟମରେ ସମାଜରେ ତାହାର ପୁନଃ ପ୍ରତି... କରାଯାଏ । ସଂକ୍ଷେପରେ ଉତ୍ତର ପରିଚର୍ଯ୍ୟା କାର୍ଯ୍ୟକ୍ରମ ନିମ୍ନ... ସ୍ତରୀୟ ପର୍ଯ୍ୟାୟରେ ବିଭକ୍ତ—

(୧) ନିଜକୁ ନିଜେ ବୁଝିବାର ଦାୟିତ୍ୱ,

(୨) ସାମାଜିକ ଥଇଥାନ,

(୩) ଅର୍ଥନୈତିକ ଥଇଥାନ,

(୪) ପୁନରାୟ ମୁକ୍ତବନ୍ଦୀକୁ ଅପରାଧମୂଳକ ... ନିବର୍ତ୍ତାଇବା ।

ଏହି ପରିପ୍ରେକ୍ଷୀରେ ଓଡ଼ିଶା ରାଜ୍ୟ ସରକାର କାରାମୁକ୍ତ... ମାନଙ୍କର ଥଇଥାନ ବ୍ୟବସ୍ଥା କରିବା ନିମନ୍ତେ ବିଭିନ୍ନ ଜିଲ୍ଲାରେ ... ଗୋଟି ଜିଲ୍ଲା ଆଶ୍ରୟ ସ୍ଥଳ ଓ ଦୁଇ ଗୋଟି କେନ୍ଦ୍ର ପରିଚର୍ଯ୍ୟା... ସ୍ଥାପନ କରି ଅଛନ୍ତି । ଜିଲ୍ଲା ଆଶ୍ରୟ ସ୍ଥଳମାନଙ୍କରେ ଜଣେ ... (Inmate) ତିନିମାସ ପର୍ଯ୍ୟନ୍ତ ରହି ପାରିବ । ମାତ୍ର କେନ୍ଦ୍ର...

ପ୍ରଣାଳୀ । ଏହି ପରିକଳ୍ପନା ମାଧ୍ୟମରେ ପରିବୀକ୍ଷା ଅଧିକାରୀମାନେ କିପରି ଅପରାଧ ନିୟନ୍ତ୍ରଣ କରିବା ସଙ୍ଗେ ସଙ୍ଗେ ଅପରାଧୀମାନଙ୍କର ସେବା କରିଥାନ୍ତି ତାହା ସଂଶିତ ପ୍ରବନ୍ଧଟିର ମୁଖ୍ୟ ଆଲୋଚ୍ୟ ବିଷୟ ।

ବର୍ତ୍ତମାନ ସମୟର ପରିବର୍ତ୍ତନ ସଙ୍ଗେସଙ୍ଗେ ମାନ୍ୟବର ବିଚାରପତିମାନଙ୍କର ଅପରାଧୀମାନଙ୍କ ପ୍ରତି ଦଣ୍ଡବିଧାନ ପ୍ରୟୋଗ କରିବାର ଚିନ୍ତାଧାରାରେ ମଧ୍ୟ ଦ୍ରୁତ ପରିବର୍ତ୍ତନ ଦେଖାଦେଇଛି । ମାନ୍ୟବର ବିଚାରପତିମାନେ ଆଜି ଉପଲବ୍ଧି କରି ପାରୁଛନ୍ତି, ଯେ ଅପରାଧୀଙ୍କୁ ଦଣ୍ଡ ଏପରି ହେବା ଦରକାର ଯାହା ସେମାନଙ୍କ ପ୍ରତି ତଥା ସେମାନଙ୍କର ଅପରାଧ ପ୍ରତି ଉପଯୁକ୍ତ ହେବ । ଫଳରେ ସେମାନେ ପୁନଃ ପୁନଃ ଉକ୍ତ ଅପରାଧ କରିବାରେ ବ୍ରତୀ ହେବେନାହିଁ ।

ସାମାଜିକ କ୍ଷେତ୍ରରେ ଅପରାଧ କ୍ରମଶଃ ବୃଦ୍ଧି ପାଇବାରେ ଲାଗିଛି । ତେଣୁ ତାର ନିରାକରଣପାଇଁ ବିଚାରପତି, ପୋଲିସ କର୍ମଚାରୀ, ଅପରାଧତତ୍ତ୍ୱବିତ୍, ମନସ୍ତତ୍ତ୍ୱବିତ୍, ସମାଜ ସଂସ୍କାରକ ଓ ଆଇନଜ୍ଞ ସମସ୍ତେ ଚିନ୍ତିତ ।

## ଅପରାଧର 'ସଂଜ୍ଞା'

ଅପରାଧ ଏକ ଅସାମାଜିକ କାର୍ଯ୍ୟ ଯାହାକି ସର୍ବଥା ଦଣ୍ଡନୀୟ । ଯେଉଁ କାର୍ଯ୍ୟ ସମାଜ ଦ୍ୱାରା ଅନୁମୋଦିତ ନୁହେଁ ତାହା ଅସାମାଜିକ । ଉକ୍ତ ଅସାମାଜିକ କାର୍ଯ୍ୟ ଯେତେବେଳେ ୧୬ ବର୍ଷ ବୟସରୁ କମ୍ ବାଳକମାନେ କରିଥାନ୍ତି ତାହା ବାଳ ଅପରାଧ" ବା Juvenile Delinquency" ବୋଲି ପରିଗଣିତ ହୁଏ । ୧୬ ବର୍ଷ ବୟସରୁ ବେଶି ଓ ୨୧ ବର୍ଷ ବୟସରୁ କମ୍ ଯୁବକମାନେ ଅସାମାଜିକ କାର୍ଯ୍ୟ କଲେ ସେମାନଙ୍କୁ "ଯୁବ ଅପରାଧୀ" ବା "Youthful offenders କହିଥାନ୍ତି ।

## ଅପରାଧ କରିବାର କାରଣ

ଅପରାଧୀମାନେ ବିଭିନ୍ନ କାରଣରୁ ଅପରାଧ କରିଥାନ୍ତି । ସେମାନଙ୍କ ମଧ୍ୟରୁ ପ୍ରଧାନ କାରଣ ଗୁଡ଼ିକ ହେଲା ଦରିଦ୍ରତା, ବାଲ୍ୟାବସ୍ଥାରେ ପିତାମାତାଙ୍କର ଉପଯୁକ୍ତ ଲାଳନପାଳନର ଅଭାବ, କୁସଙ୍ଗ, ମାନସିକ ଅସ୍ଥିରତା, ଅଜ୍ଞତା, ଗୃହର ଅପ୍ରୀତିକର ପରିବେଷ୍ଟନୀ, ସାମାଜିକ ପରିସ୍ଥିତି ସହିତ ଖାପ୍ ଖୁଆଇ ଚଳି ନ ପାରିବା ଏବଂ ଶାରୀରିକ ବିକଳାଙ୍ଗତା ଇତ୍ୟାଦି ଇତ୍ୟାଦି ।

## ଅପରାଧ ନସ୍ତକରଣ ଏବଂ ପରିବୀକ୍ଷା ଅଧିକାରୀଙ୍କ ଦାୟିତ୍ୱ

ଅପରାଧର ନିରାକରଣ ପାଇଁ ଅପରାଧ ତତ୍ତ୍ୱବିତ୍‌ମାନେ ବିଭିନ୍ନ ପନ୍ଥାମାନ ଦର୍ଶାଇଥାନ୍ତି । ସେମାନଙ୍କ ମଧ୍ୟରୁ ପ୍ରକୃଷ୍ଟ ପନ୍ଥା ହେଉଛି ଅପରାଧୀମାନଙ୍କୁ ଦୋଷୀ ସାବ୍ୟସ୍ତ ହେବା ପରେ କାରାଦଣ୍ଡାଦେଶକୁ ସ୍ଥଗିତ (Suspension) ରଖିବା ଏବଂ ସେମାନଙ୍କୁ "ପ୍ରୋବେସନ ବଣ୍ଡ" ବା "ପରିବୀକ୍ଷଣ ବଣ୍ଡପତ୍ର" ରେ ମୁକ୍ତି କରିବା । ଉକ୍ତ ପନ୍ଥା ଦ୍ୱାରା ଅପରାଧୀ ଅପେକ୍ଷାକାଳ ମଧ୍ୟରେ (Probation period) ପରିବୀକ୍ଷା ଅଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରହିବାକୁ ପଡ଼ିଥାଏ; ଯାହାକି ତତ୍ତ୍ୱାବଧାନ ଆଦେଶାନୁଯାୟୀ ହୋଇଥାଏ । ଅପରାଧୀମାନଙ୍କୁ କାରାଦଣ୍ଡାଦେଶ ସ୍ଥଗିତ ରଖି ବାହ୍ୟ ସେବା ଦ୍ୱାରା ସେମାନଙ୍କର ଚରିତ୍ର ସଂଶୋଧନ କରିବା ସଙ୍ଗେ ସଙ୍ଗେ ସାମାଜିକ ଥଇଥାନ କରାଯାଇ ସୁନାଗରିକଭାବରେ ସମାଜରେ ଚଳିବାର ସମସ୍ତ ସୁବିଧା ମଧ୍ୟ କରି ଦିଆଯାଏ । ଏ ସମସ୍ତ କାର୍ଯ୍ୟ ଜିଲ୍ଲା ପରିବୀକ୍ଷା ଅଧିକାରୀଙ୍କ ଉପରେ ପ୍ରତ୍ୟେକ ଜିଲ୍ଲାରେ ନ୍ୟସ୍ତ ହୋଇଥାଏ ।

ମାନ୍ୟବର ଅଦାଲତ କେତେକ ନିର୍ଦ୍ଦିଷ୍ଟ ଶ୍ରେଣୀର ଅପରାଧୀଙ୍କୁ ଦୋଷୀ ସାବ୍ୟସ୍ତ ହେଲପରେ "ଅପରାଧୀ ପରିବୀକ୍ଷଣ ଆଇନ, ୧୯୫୮"ର ତୃତୀୟ ଧାରା ଅନୁଯାୟୀ ସତର୍କ କରିଦେଇ ମୁକ୍ତି ଆଦେଶ ଦେଇଥାନ୍ତି । ଯେତେବେଳେ କୌଣସି ବ୍ୟକ୍ତି ଭାରତୀୟ ଦଣ୍ଡବିଧି ଆଇନର ୩୭୯ କିମ୍ବା ୩୮୦ କିମ୍ବା ୩୮୧ କିମ୍ବା ୪୦୪ କିମ୍ବା ୪୨୦ ଧାରା ଅନୁଯାୟୀ ଦୋଷୀ ସାବ୍ୟସ୍ତ ହୁଏ କିମ୍ବା ୨ ବର୍ଷରୁ ଉର୍ଦ୍ଧ୍ୱ କାରାଦଣ୍ଡରେ ଦଣ୍ଡିତ ହେଉଥିବା ଅପରାଧମାନ କରି ଦୋଷୀ ସାବ୍ୟସ୍ତ ହୁଏ କିମ୍ବା ଜୋରିମାନା ଦଣ୍ଡ ଅଥବା ଉଭୟ କାରା ଓ ଜୋରିମାନା ଦଣ୍ଡ ପାଏ ଏବଂ ତା ବିରୁଦ୍ଧରେ କୌଣସି ପୂର୍ବଦୋଷ ସାବ୍ୟସ୍ତର ପ୍ରମାଣ ହୁଏ ନାହିଁ ସେତେବେଳେ ମାନ୍ୟବର ଅଦାଲତ ସେ ସମସ୍ତ ଅପରାଧୀଙ୍କୁ ଦୋଷୀ ସାବ୍ୟସ୍ତ ହେବାପରେ ଘଟଣାର ବିଷୟବସ୍ତୁ ପୂର୍ବ ଚରିତ ତଥା ତାର ଚରିତ୍ରାଦି ସମସ୍ତ ବିଷୟ ବିଚାରକୁ ନେଇ ତତ୍‌କ୍ଷଣାତ୍ କାରାଦଣ୍ଡର ଆଦେଶ ନଦେଇ ସତର୍କ (Admonition) କରି ଛାଡ଼ି ଦିଅନ୍ତି । ଉକ୍ତ ଆଇନର ଚତୁର୍ଥ ଧାରାନୁସାରେ ଅପରାଧୀମାନଙ୍କୁ କେବଳ ମୃତ୍ୟୁଦଣ୍ଡ କିମ୍ବା ଯାବଜ୍ଜୀବନ କାରାଦଣ୍ଡରେ ଦଣ୍ଡିତ ହେଉଥିବା ଅପରାଧ ବ୍ୟତୀତ ଅନ୍ୟାନ୍ୟ ଅପରାଧ ପାଇଁ ଦୋଷୀ ସାବ୍ୟସ୍ତ ହେଲେ ମାନ୍ୟବର ଅଦାଲତ ସମାଜରେ ଉତ୍ତମ ବ୍ୟବହାରପାଇଁ ମୁକ୍ତ କରି ଦିଅନ୍ତି । ଉକ୍ତ ଧାରାନୁସାରେ ମାନ୍ୟବର ଅଦାଲତ ପରୀକ୍ଷ୍ୟମାଣ ଅପରାଧୀ Probationer କୁ ପରିବୀକ୍ଷା

କୁଳମଣି ବେହେରା

# ପରିବୀକ୍ଷ ପରିକଳ୍ପନା ଓ ପରିବୀକ୍ଷା ଅଧିକାରୀଙ୍କ ଭୂମିକା

"Probation" ବା "ପରିବୀକ୍ଷ" ଶବ୍ଦଟିର ପ୍ରଥମ ବ୍ୟବହାର ହୋଇଥିଲା Criminal Procedure Code, 1918 ବା ଫୌଜଦାରୀ କାର୍ଯ୍ୟବିଧି ଆଇନ, ୧୮୯୮ ର ୫୬୨ ଧାରାରେ । ସେଥିରେ ଦୁଇ ବର୍ଷରୁ କମ୍ କାରାଦଣ୍ଡ ପାଉଥିବା ଅପରାଧ ପାଇଁ କେତେକ ଦୋଷୀ ସାବ୍ୟସ୍ତ ଅପରାଧୀଙ୍କୁ ସମାଜରେ ଉତ୍ତମ ବ୍ୟବହାର ପାଇଁ ମୁକ୍ତ କରାଯିବାର ବ୍ୟବସ୍ଥା ଥିଲା । ଏହି ଆଇନର ପରିସର ପ୍ରସାରିତ ହୋଇଥିଲା । ୧୯୨୩ ମସିହାରେ ଯେତେବେଳେ ଏହାର ସଂଶୋଧନ ହୋଇଥିଲା ସେଥିରେ ଦୁଇବର୍ଷରୁ କମ୍ କାରାଦଣ୍ଡରେ ଦଣ୍ଡିତ ହେଉଥିବା ଅପରାଧୀମାନଙ୍କୁ ସେମାନଙ୍କର ଅପରାଧପାଇଁ ସତର୍କ କରି ଛଡ଼ାଯିବାର ବ୍ୟବସ୍ଥା ଥିଲା । ୨୧ ବର୍ଷ ବୟସରୁ କମ୍, ପ୍ରଥମ ଯୁବ ଅପରାଧୀମାନେ ଯଦି ମୃତ୍ୟୁ କିମ୍ବା ଯାବଜ୍ଜୀବନ କାରାଦଣ୍ଡରେ ଦଣ୍ଡିତ ହେଉଥିବା ଅପରାଧ କରି ନ ଥିବେ ଏବଂ ୨୧ ବର୍ଷ ବୟସରୁ ଅଧିକ ଯୁବକମାନେ ଯଦି ୭ ବର୍ଷରୁ ଊର୍ଦ୍ଧ୍ୱ କାରାଦଣ୍ଡରେ ଦଣ୍ଡିତ ଅପରାଧୀ ହୋଇ ନ ଥିବେ ତାହାହେଲେ ସେମାନଙ୍କୁ ସମାଜରେ ଉତ୍ତମ ବ୍ୟବହାର ପାଇଁ ଛଡ଼ା ଯାଉଥିଲା । କେତେକ ଶ୍ରେଣୀର ଅପରାଧୀଙ୍କୁ ସେମାନଙ୍କର ବୟସ, ଅପରାଧର ଗୁରୁତ୍ୱ ଓ ଅପରାଧକୁ ନିବର୍ତ୍ତାଇବା ଦୃଷ୍ଟି କୋଣରୁ ହାଲୁକା ଦଣ୍ଡ ଦେବା ଏହି ଆଇନର ଉଦ୍ଦେଶ୍ୟ ଥିଲା ।

ଉକ୍ତ ଆଇନରେ ଅପରାଧୀମାନଙ୍କର ବ୍ୟକ୍ତିତ୍ୱ, ଚରିତ୍ର, ସାମାଜିକ ପରିବେଷ୍ଟନୀ ଏବଂ ଉତ୍ଥାନ ଇତ୍ୟାଦି ସମ୍ବନ୍ଧରେ ଜାଣିବାପାଇଁ ମଧ୍ୟ ମାନ୍ୟବର ଅଦାଲତଙ୍କର କୌଣସି ସଂସ୍ଥା ନ ଥିଲା, ଯାହାଦ୍ୱାରା ସେମାନଙ୍କର ଐକିକ ସେବା (Individualised treatment) କରାଯାଇପାରିବ । ଆହୁରିମଧ୍ୟ ମୁକ୍ତ ଅପରାଧୀମାନଙ୍କ ପାଇଁ କୌଣସି ତତ୍ତ୍ୱାବଧାନ ଆଦେଶର (Supervision orders) ବ୍ୟବସ୍ଥା ନ ଥିଲା । କ୍ରମଶଃ ଅପରାଧୀମାନଙ୍କର ବ୍ୟକ୍ତିତ୍ୱ, ସାମାଜିକ ତଥା ଆର୍ଥିକ ଅବସ୍ଥା, ଚରିତ୍ର ଏବଂ ପାରିପାର୍ଶ୍ୱିକ ଅବସ୍ଥା ସମ୍ପର୍କୀୟ ସମ୍ବନ୍ଧୀୟ ବିବରଣୀର ଅଭାବ ଉପଲବ୍ଧି ହେଲା । ଏହାର ଦୂରୀକରଣ ପାଇଁ ପୂର୍ବତନ ଇଂରାଜ ସରକାର ଫୌଜଦାରୀ ବିଧାନର କେତେ ଧାରାକୁ "ପରିବୀକ୍ଷଣ ଆଇନ" ବା "Probation Act"ରେ ପରିଣତ କରିବାକୁ ଗ୍ରହିଥିଲେ ୧୯୩୧ ରେ । ମାତ୍ର ଏହା କେତେ ଅନିବାର୍ଯ୍ୟ କାରଣବଶତଃ ଆଇନରେ ପରିଣତ ହୋଇ ପାରିନଥି ଆମ ଓଡ଼ିଶାରେ ୧୯୬୨ ସାଲରେ "Orissa Probation of Offenders Rules, 1962" ନାମରେ ନିୟମ ପ୍ରଣୟନ ହୋଇଥିଲା ଏବଂ ସେହି ସମୟଠାରୁ ପ୍ରତ୍ୟେକ ଜିଲ୍ଲାରେ ଜଣେ ଲେଖାଏଁ ଏ District Probation Officer ବା "ଜିଲ୍ଲା ପରିବୀକ୍ଷ ଅଧିକାରୀ" ନିଯୁକ୍ତ ହୋଇ ଅଛନ୍ତି ।

"ପରିବୀକ୍ଷ ପରିକଳ୍ପନା" ବା " Probation Scheme ଅପରାଧ ନିରାକରଣ ତଥା ଅପରାଧୀମାନଙ୍କର କାନ୍ଥ ବାହାର (Extramural treatment) ଦିଗରେ ଏକ ପ୍ରଣାଳୀ

ଅପେକ୍ଷାକାଳ ମଧ୍ୟରେ ପରିବୀକ୍ଷା ଅଧିକାରୀ ପରୀକ୍ଷମାଣ ଅପରାଧୀଙ୍କ ସହିତ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ସାକ୍ଷାତ କରନ୍ତି ଏବଂ ତାର ବିଭିନ୍ନ ସମସ୍ୟାର ସମାଧାନ କରିଥାନ୍ତି । ପରୀକ୍ଷମାଣ ଶିଶୁ ଅପରାଧୀଙ୍କ ( Juvenile Probationers ) ସହିତ ସାକ୍ଷାତ ଅତି ଅଳ୍ପ ସମୟ ବ୍ୟବଧାନରେ ହୋଇଥାଏ । ଅପରାଧୀର monthly progress report ବା "ମାସିକ ପ୍ରଗତି ବିବରଣୀ" ମଧ୍ୟ ଉକ୍ତ ଅଧିକାରୀ ମାନ୍ୟବର ଅଦାଲତଙ୍କ ନିକଟକୁ ନିୟମିତ ଗୋପନୀୟ ଭାବରେ ଦେଇଥାନ୍ତି । ଫଳରେ ମାନ୍ୟବର ଅଦାଲତ ମଧ୍ୟ ପରୀକ୍ଷମାଣ ଅପରାଧୀଙ୍କ ମନୋବୃତ୍ତିର ବିକାଶ କିପରି ହେଉଛି ତାହା ଲକ୍ଷ୍ୟ କରୁଥାନ୍ତି । ବର୍ତ୍ତମାନ ଦେଖାଯାଉଛି ଉକ୍ତ ଆଇନ ଦ୍ୱାରା ଅପରାଧୀମାନଙ୍କୁ କାରାଗାରର ଚିନ୍ତ ବାୟୁମଣ୍ଡଳ ଭିତରେ ନ ରଖି ବାହ୍ୟ ସେବା ଦ୍ୱାରା ସେମାନଙ୍କର ବ୍ୟକ୍ତିତ୍ୱର ବିକାଶ ହେଉଛି ଏବଂ ସେମାନଙ୍କର ମନୋବୃତ୍ତିରେ ମଧ୍ୟ ଦ୍ରୁତ ପରିବର୍ତ୍ତନ ଦେଖାଦେଉଛି । ଫଳରେ ସେମାନେ ସହଜରେ ସମାଜର ସୁନାଗରିକଭାବରେ ଅପରାଧ ମନୋବୃତ୍ତି ତ୍ୟାଗକରି ଉତ୍ଥାନ ହୋଇପାରୁଛନ୍ତି । ଏହା କେବଳ ପରିବୀକ୍ଷା ଅଧିକାରୀଙ୍କର ପ୍ରଗାଢ଼ ଚେଷ୍ଟା ଏବଂ ସେବା ଯୋଗୁଁ ସମ୍ଭବ ହୋଇପାରିଛି । ସରକାର ମଧ୍ୟ ଏହି ପରିକଳ୍ପନା ଦ୍ୱାରା ଅର୍ଥନୈତିକ ଦୃଷ୍ଟିରୁ ଯଥେଷ୍ଟ ଲାଭବାନ ହେଉଛନ୍ତି ।

"ପରିବୀକ୍ଷଣ ପରିକଳ୍ପନା" ର ସାଫଲ୍ୟ କେବଳ ପରିବୀକ୍ଷା ଅଧିକାରୀଙ୍କ ଉପରେ ନିର୍ଭର କରେନାହିଁ । ଏହା କେବଳ ସବୁ ଶ୍ରେଣୀର ଲୋକଙ୍କର ଅପରାଧୀଙ୍କ ପ୍ରତି ଘୃଣା ମନୋଭାବର ପରିବର୍ତ୍ତନ ଓ ସହଯୋଗ ଯୋଗୁଁ ସମ୍ଭବ ହୋଇପାରେ । ସେଥିପାଇଁ ପରିବୀକ୍ଷା ଅଧିକାରୀ ସର୍ବଦା ମାନ୍ୟବର ଅଦାଲତ, ଆଇନଜୀବୀ, ସମାଜ ସଂସ୍କାରକ ଓ ପୋଲିସ କର୍ମଚାରୀ ଇତ୍ୟାଦି ସମାଜର ବିଭିନ୍ନ ଶ୍ରେଣୀ ସରକାରୀ ଓ ବେସରକାରୀ ଲୋକମାନଙ୍କର ସାହାଯ୍ୟ, ସଦିଚ୍ଛା ଓ ସଦୁପଦେଶ ଲୋଡ଼ିଥାନ୍ତି । ଆଜି ଏହି ପରିବୀକ୍ଷଣ ବର୍ଷ ପାଳନ ପରିପ୍ରେକ୍ଷୀରେ ମୁଁ ପୁଣି ସେମାନଙ୍କର ସଦିଚ୍ଛା ଏବଂ ସହଯୋଗ କାମନା କରୁଛି । ଏହି ଆଦର୍ଶ ପରିକଳ୍ପନାଟିର ଉତ୍ତରୋତ୍ତର ଉନ୍ନତି ହେଉ ଏବଂ ଏକ ସୁସ୍ଥ ସମାଜ ଗଠନ କରିବାରେ ସାହାଯ୍ୟ କରୁ ଏହା ମୋର କାମନା ।


## ସଦ୍ୟ ସମ୍ବାଦ ଜାଣିବା ପାଇଁ ପଢ଼ନ୍ତୁ

ଓଡ଼ିଆରେ ପ୍ରକାଶିତ ସର୍ବଶ୍ରେଷ୍ଠ ଓ ନିର୍ଭିକ ଜାତୀୟ ସମ୍ବାଦପତ୍ର

## ଦୈନିକ "ସ୍ୱରାଜ୍ୟ"

ସମ୍ପାଦକ—ଶ୍ରୀ ହରପ୍ରସାଦ ମହାପାତ୍ର

କେଦାରଗୌରୀ ରୋଡ଼, ପୋ: ଭୁବନେଶ୍ୱର—୨, ଓଡ଼ିଶା

ଆପଣଙ୍କ ବିଶେଷ ଆକର୍ଷଣ କରିବ : ଜାତୀୟ ଓ ଆନ୍ତର୍ଜାତୀୟ ଘଟଣାବଳୀ ଉପରେ ପ୍ରାଚ୍ୟ ଭୂଖଣ୍ଡର ପ୍ରବୀଣ ... ଚକ୍ରବର୍ତ୍ତୀ ରାଜଗୋପାଳାଚାରୀଙ୍କ ମତାମତ, ଧର୍ମ ଓ ବିଜ୍ଞାନ ସମ୍ବନ୍ଧୀୟ ଆଲୋଚନା, ଚଳଚ୍ଚିତ୍ର ସମୀକ୍ଷା, ରବିବାରୀୟ ସଂଖ୍ୟା, ପିଲାଙ୍କ ପୃଷ୍ଠା, ଗଳ୍ପ, ରଙ୍ଗ, ବ୍ୟଙ୍ଗ, ଚିତ୍ର, ଭଲ୍ଲା ଓ ଚଟଣୀ ପ୍ରଭୃତି ।

ଅଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରହିବାର ଆଦେଶ ଦେଇଥାନ୍ତି। ଏହାର ଉଦ୍ଦେଶ୍ୟ ହେଉଛି ପରୀକ୍ଷମାଣ ଅପରାଧୀର ଚରିତ୍ର ସଂଶୋଧନ କରାଇବା ସଂଗେ ସଂଗେ ତାର ସାମାଜିକ ଥଇଥାନରେ ସାହାଯ୍ୟ କରିବା।

ଉକ୍ତ ଆଇନର ଚତୁର୍ଥ ଧାରାନୁଯାୟୀ କୌଣସି ଅପରାଧୀକୁ ସମାଜରେ ଉତ୍ତମ ବ୍ୟବହାର ପାଇଁ ମୁକ୍ତିଦେବା ପୂର୍ବରୁ ମାନ୍ୟବର ଅଦାଲତ ଜିଲ୍ଲା ପରିବୀକ୍ଷ ଅଧୀକାରୀଙ୍କଠାରୁ ତା ବିଷୟରେ **Preliminary investigation Report** ବା "ପ୍ରାଥମିକ ତଦନ୍ତ ବିବରଣୀ" ମାଗିଥାନ୍ତି। ଉକ୍ତ ଆଦେଶାନୁସାରେ ପରିବୀକ୍ଷ ଅଧିକାରୀ ଅପରାଧୀ ତଥା ତାର ପରିବର୍ଗଙ୍କ ସହିତ ସାକ୍ଷାତ କରି ଅପରାଧୀର ଚରିତ୍ର, ପୂର୍ବଚରିତ, ବ୍ୟକ୍ତିଗତ ଇତିହାସ, ପରିବାରର ଅର୍ଥନୈତିକ ଏବଂ ସାମାଜିକ ଅବସ୍ଥା, କି ପରିସ୍ଥିତିରେ ସେ ଅପରାଧରେ ଲିପ୍ତ ହେଲା ଇତ୍ୟାଦି ଖବରମାନ ସଂଗ୍ରହ କରି ଏକ ଗୋପନୀୟ ତଦନ୍ତ ବିବରଣୀ ମାନ୍ୟବର ଅଦାଲତଙ୍କ ନିକଟକୁ ପଠାଇ ଦିଅନ୍ତି ଏବଂ ସେଥିରେ ସେ ସୁପାରିଶ କରିଥାନ୍ତି ଯେ ଉକ୍ତ ଅପରାଧୀକୁ ସତର୍କ କରି କିମ୍ବା 'ପରିବୀକ୍ଷ ଦଣ୍ଡ'ରେ ମୁକ୍ତ କରାଯିବା ଉଚିତ କି ନୁହେଁ। ଯଦି ପରିବୀକ୍ଷ ଅଧିକାରୀ ପରିବୀକ୍ଷଣ ଦଣ୍ଡରେ ଅପରାଧୀକୁ ମୁକ୍ତ କରାଯିବାର ସୁପାରିଶ କରିଥାନ୍ତି ତାହାହେଲେ ଉକ୍ତ ଅପରାଧୀଟି ମୁକ୍ତ ହୁଏ ଏବଂ ସେ ମାନ୍ୟବର ଅଦାଲତର ଆଦେଶାନୁଯାୟୀ ଅଧିକାରୀଙ୍କ ତତ୍ତ୍ୱାବଧାନରେ ମଧ୍ୟ ରହେ। ତତ୍ତ୍ୱାବଧାନର ସମୟ ଏକ ବର୍ଷରୁ ତିନି ବର୍ଷ ପର୍ଯ୍ୟନ୍ତ ଅପରାଧର ଗୁରୁତ୍ୱନେଇ ମାନ୍ୟବର ଅଦାଲତ ସ୍ଥିର ଧାର୍ଯ୍ୟ କରିଥାନ୍ତି। ତା ପରେ ପରିବୀକ୍ଷ ଅଧିକାରୀଙ୍କ ଦାୟିତ୍ୱ ବଢିଯାଏ ଏବଂ ସେ ସାଧାରଣତଃ ଦୁଇ ପ୍ରକାର ଦାୟିତ୍ୱ ସଂପାଦନ କରିଥାନ୍ତି। ପ୍ରଥମରେ ସାମାଜିକ ଏବଂ ଦ୍ୱିତୀୟରେ ମାନ୍ୟବର ଅଦାଲତଙ୍କ ପ୍ରତି ସାମାଜିକ ଦାୟିତ୍ୱ ହେଉଛି—

୧। ପ୍ରୋବେସନର ବା ପରୀକ୍ଷମାଣ ଅପରାଧୀ ଯେପରି କୌଣସି ବାଧାବିଘ୍ନର ସମ୍ମୁଖୀନ ନ ହୋଇ ସୁରୁଖୁରୁରେ ସୁନାଗରିକ ଭାବରେ ସମାଜରେ ଚଳେ ସେଥିପ୍ରତି ଦୃଷ୍ଟିଦେବା।

୨। ପରୀକ୍ଷମାଣ ଅପରାଧୀର ସମସ୍ୟା ପ୍ରତି ସହାନୁଭୂତି ଦେଇ ତାର ପ୍ରତିକାର କରିବା।

୩। ସମାଜରେ ତା ପ୍ରତି ଅନ୍ୟ ଲୋକମାନଙ୍କର ଯେପରି ଘୃଣାଭାବ ନ ରହେ ଏବଂ ଦୁଷ୍ଟ ପ୍ରକୃତିର ଲୋକମାନଙ୍କର କୁପ୍ରଭାବ ନ ପଡେ ସେଥିପ୍ରତି ଦୃଷ୍ଟିଦେବା।

୪। ତା ପାଇଁ କୌଣସି କର୍ମଧନ୍ଦାର ବ୍ୟବସ୍ଥା କରିବା ଯାହାର ଉଦ୍ଦେଶ୍ୟ ହେଲା ସେ ଉକ୍ତ କର୍ମରେ ନିୟୋଜିତ ହୋଇ ସୁସ୍ଥ ଉପାୟ ଅବଲମ୍ବନ କରି ନିଜର ଜୀବିକାନିର୍ବାହ କରିବ।

୫। ତାକୁ ଉପଦେଶାଦି ମାଧ୍ୟମରେ ସତ୍‌ପଥକୁ ଆଣିବା ଏବଂ ତାର ଚରିତ୍ର ସଂଶୋଧନ କରାଇବା।

୬। ସେ ଅପେକ୍ଷାକାଳ ମଧ୍ୟରେ ବଣ୍ଡର ଯେପରି ଭିଲ୍ଲପ ନକରେ ସେଥିପ୍ରତି ଦୃଷ୍ଟିଦେବା।

## ଅଦାଲତଙ୍କ ପ୍ରତି ଦାୟିତ୍ୱ

୧। ପରୀକ୍ଷମାଣ ଅପରାଧୀ ଯଦି ଅପେକ୍ଷାକାଳ (Probation period) ଭିତରେ ବଣ୍ଡର ଭିଲ୍ଲପ କରେ ତାହାହେଲେ ତୁରନ୍ତ ମାନ୍ୟବର ଅଦାଲତ ତଥା ସଂପୃକ୍ତ ଜିଲ୍ଲାପାଳଙ୍କୁ ବିହିତ କାର୍ଯ୍ୟାନୁଷ୍ଠାନପାଇଁ ସୁପାରିଶ କରିବା।

୨। ଯଦି ଉକ୍ତ ଅପରାଧୀ ଅପେକ୍ଷାକାଳ ମଧ୍ୟରେ ଉତ୍ତମ ବ୍ୟବହାର କରେ ଏବଂ ପରିବୀକ୍ଷ ଅଧିକାରୀ ଯଦି ତାର ଆଉ ତତ୍ତ୍ୱାବଧାନର ଆବଶ୍ୟକ ନାହିଁ ବୋଲି ସୁପାରିଶ କରନ୍ତି ତାହାହେଲେ ତାକୁ ଅପେକ୍ଷାକାଳର ନିର୍ଦ୍ଦିଷ୍ଟ ସମୟ ପୂର୍ବରୁ ମୁକ୍ତ କରିବାର ବନ୍ଦୋବସ୍ତ କରିବା।

୩। ଅପରାଧୀର ମାସିକ ପ୍ରଗତି ବିବରଣୀ ନିୟମିତଭାବେ ଅଦାଲତକୁ ଗୋପନୀୟଭାବରେ ପଠାଇବା।

> ତୁମେ ପକ୍ଷୀ ପରି ଶୂନ୍ୟରେ ଉଡ଼ିପାର, ମାଛ ପରି ପାଣିରେ ପହଁରିପାର, କିନ୍ତୁ ମଣିଷ ପରି ରାସ୍ତାରେ କିପରି ଚଳପ୍ରଚଳ ହେବ ଜାଣନାହିଁ।
>
> —ମାକ୍ସିମ୍ ଗର୍କୀ

ଜାମିନ ନ ରହନ୍ତି ତେବେ ଧର୍ମଯାଜକ ତାକୁ ଶିକ୍ଷା ଦେବେ ଏବଂ ସେ ପ୍ରତିଜ୍ଞାବଦ୍ଧ ରହିବ ଯେ ସେ ସକଳ ପ୍ରକାର ମଦାଚରଣ ପରିହାର କରିବ । କି ମହାନ ସେ ଚିନ୍ତା—କି ଆବେଗମୟୀ ସେ ବାଣୀ । ଏହାହିଁ ଅବେକ୍ଷା ବା ପ୍ରବୋସନ୍‌ର ପୃଷ୍ଠଭୂମି ।

ପ୍ରୋବେସନ୍‌ର ଅର୍ଥ ପରୀକ୍ଷା । ପ୍ରୋବେସନ୍ ଶବ୍ଦର ଓଡ଼ିଆ ପ୍ରତି-ଶବ୍ଦ ସରକାରୀ ଭାବରେ ଘୋଷିତ ହୋଇ ନ ଥିଲେ ମଧ୍ୟ ତାତ୍ତ୍ୱିକ ଦୃଷ୍ଟିରୁ "ଅବେକ୍ଷା" ଶବ୍ଦହିଁ ଏହି ଅର୍ଥ ଦ୍ୟୋତକ — ଅର୍ଥାତ୍ ଭଲଭାବରେ ଦେଖିବା, ପରୀକ୍ଷା କରିବା । ଅବେକ୍ଷା ଆଇନର ସବିଶେଷ ବିଶ୍ଳେଷଣ ଓ ପ୍ରୟୋଗ ପ୍ରଣାଳୀ ପରବର୍ତ୍ତୀ ପ୍ରବନ୍ଧରେ ଆଲୋଚନା କରିବି । ବର୍ତ୍ତମାନ ମୋଟା ମୋଟି କହିବାକୁ ଗଲେ, ଏହି ଆଇନ ଅନୁସାରେ ଅପରାଧୀକୁ ଦଣ୍ଡ ଦିଆ ନ ଯାଇ ପରୀକ୍ଷା ସ୍ୱରୂପ ଛାଡ଼ କରାଯାଏ ।

ଆମେ ଜାଣୁ ଯେ ପୋଲିସ ଧର୍ତ୍ତବ୍ୟ ଅପରାଧ କଲେ ଦୋଷୀକୁ ବିଚାରାଳୟର ସମ୍ମୁଖୀନ ହେବାକୁ ପଡ଼େ । ସେଠାରେ ଦୋଷୀ ସାବ୍ୟସ୍ତ ହେଲେ ତାକୁ ଅର୍ଥ ଦଣ୍ଡ, ବା ଜେଲ ଦଣ୍ଡ ବା ଉଭୟ ଦଣ୍ଡ ଭୋଗ କରିବାକୁ ହୁଏ । କିନ୍ତୁ ଏହି ଅବେକ୍ଷା ଆଇନ ଦ୍ୱାରା ଅପରାଧୀର ଦୋଷ ବିଚାରାଳୟରେ ସାବ୍ୟସ୍ତ ହେଲେ ମଧ୍ୟ ଉପଯୁକ୍ତ କ୍ଷେତ୍ରରେ ବିଚାରପତି ଇଚ୍ଛା କଲେ ଦୋଷୀକୁ ଦଣ୍ଡ ନ ଦେଇ ପରୀକ୍ଷା ସ୍ୱରୂପ କେତେକ ସର୍ତ୍ତରେ ମୁକ୍ତ କରି ଦେଇ ପାରନ୍ତି । ବିଚାରପତି ଏହି ନିୟମ ପାଳନ କରି ଚଳିବାକୁ ଗୋଟିଏ ସମୟ ନିର୍ଦ୍ଦିଷ୍ଟ କରି ଦିଅନ୍ତି । ସେହି ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସେ ଅବେକ୍ଷା ସର୍ତ୍ତ ଲଙ୍ଘନ କଲେ ବା ଅନ୍ୟ ଅପରାଧ କଲେ ବିଚାରପତି ତାହାକୁ ପୁନର୍ବାର ଡକାଇ ଦଣ୍ଡ ଦେଇ ପାରନ୍ତି ।

ଆମ ସମାଜରେ ଅହରହ ବହୁ ଅପରାଧ ଘଟୁଅଛି । ଅନେକ ଅପରାଧ ପୁଲିସ ଦୃଷ୍ଟିକୁ ଆସୁନାହିଁ । ସାଧାରଣତଃ ଛୋଟ ଛୋଟ ଘଟଣାରେ ଅପରାଧର ନ୍ୟୂନତା ଦୃଷ୍ଟିରୁ ସ୍ଥାନୀୟ ଲୋକେ ଅପରାଧୀକୁ ଗାଳିମନ୍ଦ ଦେଇ ତାଗିଦ୍ କରି ଦିଅନ୍ତି । ଅବେକ୍ଷା ଆଇନର ମଧ୍ୟ ଏହିପରି ଏକ ବ୍ୟବସ୍ଥା ରହିଅଛି । ଛୋଟ ଛୋଟ ଅପରାଧ ପାଇଁ ବିଶେଷତଃ ପ୍ରଥମ ଅପରାଧୀ ପକ୍ଷରେ ବିଚାରପତି ଉଚିତ ମନେ କଲେ ଦୋଷୀକୁ ଦଣ୍ଡ ନ ଦେଇ ଭର୍ତ୍ସନା କରି ମୁକ୍ତ କରି ଦେବାର ବ୍ୟବସ୍ଥା ଅଛି । ଭାରତୀୟ ଦଣ୍ଡ ବିଧି ଆଇନର (I. P. C.) ୩୭୯, ୩୮୦, ୩୮୧, ୪୦୪ ଓ ୪୨୦ ଏବଂ ଅନ୍ୟ ଯେଉଁ ଦଫାରେ ୨ ବର୍ଷରୁ ଅଧିକ ଜେଲ ଦଣ୍ଡର ବ୍ୟବସ୍ଥା ନାହିଁ ସେହି କ୍ଷେତ୍ରରେ ଏ ନିୟମ ଲାଗୁ ହୋଇ ପାରେ । ଏହା ଏକ କୋହଳ ନୀତି ବୋଲି ଅନେକ ମନେ କରି ପାରନ୍ତି । କିନ୍ତୁ ମୋର ମନେ ଅଛି ଥରେ ସାମାନ୍ୟ ପାଞ୍ଚଟି ଆମ ଚୋରି କରିବା ଅଭିଯୋଗରେ ଦୁଇଟି ପିଲାଙ୍କୁ ବିଚାରାଳୟର ସମ୍ମୁଖୀନ ହେବାକୁ ପଡ଼ିଲା । ବିଚାର ସରିଲା, ସେମାନେ ଦୋଷୀ ସାବ୍ୟସ୍ତ ହେଲେ । ଆଇନ୍‌ରେ ଏପରି ଭର୍ତ୍ସନା କରି ମୁକ୍ତ କରିବାର ବ୍ୟବସ୍ଥା ନ ଥିଲେ ସେମାନେ ସେ ଦିନ ଜେଲ ଯାଇ ଥାନ୍ତେ । ଜୀବନ-ପ୍ରଭାତରେ ଏ ଆଘାତ ତାଙ୍କ ମନରେ ହୁଏତ ବିଦ୍ରୋହ ସୃଷ୍ଟି କରିଥାନ୍ତା । ସାମାଜିକ ପରିବେଶରୁ ସେମାନେ ଦୂରେଇ ରହିବାକୁ ବାଧ୍ୟ ହୋଇଥାନ୍ତେ ଓ ତାପରେ—ତାପରେ ସେହିମାନେ ହୁଏତ ହୋଇଥାନ୍ତେ ଦୁର୍ଦ୍ଧର୍ଷ ଚୋର, ଡକାୟତ ବା ଚୋରମପଞ୍ଝା ।

ଆଜିର ଶିଶୁ, ଆସନ୍ତା କାଲିର ନାଗରିକ । ଶିଶୁକୁ ଉପଯୁକ୍ତ ଶିକ୍ଷାଦେଇ ଭଲବାଟରେ ବାଟୋଇ ନେବା ପିତାମାତା, ଅଭିଭାବକ ଓ ସମାଜର କର୍ତ୍ତବ୍ୟ । ଆମରି ଅବହେଳାରୁ ସେମାନେ କୁସଂସର୍ଗରେ ପଡ଼ି ସମୟ ସମୟରେ ଅପରାଧରେ ଲିପ୍ତ ହୋଇଯାନ୍ତି । କିନ୍ତୁ ସେମାନଙ୍କୁ ସେଥିରୁ କଣ ଉଦ୍ଧାର କରାଯାଇ ପାରିବ ନାହିଁ ? ନିଶ୍ଚୟ କରାଯାଇ ପାରିବ । ଆଉ ଦୁଇଟି ପିଲାଙ୍କ କଥା କହୁଛି । ସେମାନେ କଟକ ଜିଲ୍ଲାର ପଲ୍ଲୀ ଅଞ୍ଚଳର—୯ମ ଶ୍ରେଣୀରେ ଅଧ୍ୟୟନ କରୁଥିଲେ । ପୂର୍ବ ବର୍ଷ ପରୀକ୍ଷାରେ ଅକୃତକାର୍ଯ୍ୟ ହୋଇ, ସେମାନେ ବାର୍ଷିକ ପରୀକ୍ଷା ପରେ ସେ ଅଞ୍ଚଳର ଅଧିଷ୍ଠାତ୍ରୀ ଦେବୀ ମନ୍ଦିରରେ ଅଧିଆ ପଡ଼ିଲେ । କିନ୍ତୁ ମାଆଙ୍କର ଆଶୀର୍ବାଦ ସେମାନେ ଲାଭ କରି ପାରିଲେ ନାହିଁ—ପୁନର୍ବାର

> ଚରିତ୍ର, ଆଚାର, ବ୍ୟବହାର, ବେଶଭୂଷା ଇତ୍ୟାଦିରେ ସରଳତା ପ୍ରକାଶ ପାଇବା ଉଚିତ
>
> —ଲଙ୍ଗ୍ ଫେଲୋ

ବାସୁଦେବ ମିଶ୍ର

# ଅବେକ୍ଷା (ପ୍ରୋବେସନ) କ'ଣ ଓ କାହିଁକି ?

ମନୁଷ୍ୟ ସମାଜର ବିବର୍ତ୍ତନ ସଙ୍ଗେ ସଙ୍ଗେ ଅପରାଧ-ପ୍ରବଣତା ମଧ୍ୟ ବଢ଼ି ବଢ଼ି ଚାଲିଛି । ତେଣୁ ବହୁ ଚିନ୍ତାଶୀଳ ବ୍ୟକ୍ତି ଯୁଗ ଯୁଗ ଧରି ଅପରାଧ ନିରୋଧ ଓ ନିରାକରଣ ବିଷୟରେ ଅହରହ ଗବେଷଣା ଚଳାଇ ଆସିଛନ୍ତି । ଦଣ୍ଡ—ବିଧି ପ୍ରଣାଳୀ ପ୍ରଥମେ ଯେପରି ପ୍ରତିହିଂସା ପ୍ରଣୋଦିତ (Retributive) ଥିଲା, ତାହା ଆଜି ନାହିଁ । ଏହା ଆଜି ସଂସ୍କାର-ବାଦୀ (Reformative) । ପୂର୍ବେ ସାମାନ୍ୟତମ ଦୋଷ ପାଇଁ ଅପରାଧୀର ହସ୍ତ-ପଦ ଛେଦନ କରାଯାଉଥିଲା—ମୃତ୍ୟୁଦଣ୍ଡ ମଧ୍ୟ ଦିଆଯାଉଥିଲା । କିନ୍ତୁ ହେଲା କଣ ? ସେ ଏକ ଅଲୌକିକ କାହାଣୀ ! ଏହିପରି ଏକ ଦୋଷୀକୁ ସର୍ବସାଧାରଣଙ୍କ ସମକ୍ଷରେ ମୃତ୍ୟୁଦଣ୍ଡ ଦିଆଯାଉଥିଲାବେଳେ ବହୁ ଜନସମାବେଶର ସୁବିଧା ନେଇ ସେହିଠାରେ ମଧ୍ୟ ପକେଟମାରୁ ଆରମ୍ଭ ହୋଇଗଲା । ତେବେ ଭୟ ପ୍ରଦର୍ଶନର ପ୍ରଭାବ କଣ ପଡ଼ିଲା ? ଏହି ଘଟଣା ନୀତିବିତ୍‌ମାନଙ୍କର ଆଖି ଖୋଲିଦେଲା । ସେଥିପାଇଁ ଶୁକ୍ରାଚାର୍ଯ୍ୟଙ୍କ କନ୍ୟା ଦେବଯାନୀ ପ୍ରତି ଉପଦେଶ ଛଳରେ କବି ନନ୍ଦ କିଶୋର ବଳ ଗାଇଗଲେ —

" ଦୋଷ ପିପିଲିକା ଦଂଶନ ପରାଏ ଘଟିଥାଏ ଅନୁକ୍ଷଣ,
ଏକକୁ ମାରିଲେ ଅପର ଦଂଶଇ ଜୀବ ବଧ ଅକାରଣ "

ମନୁଷ୍ୟ ସୃଷ୍ଟିର ସର୍ବଶ୍ରେଷ୍ଠ ଜୀବ । ଆମେ ସିଂହ, ବାଘ, କୁକୁର ପ୍ରଭୃତି ହିଂସ୍ର ଜନ୍ତୁକୁ ଆପଣାର କରି ପାରୁଛୁ । ତାକୁ ଶିକ୍ଷା ଦେଇ କାମରେ ଲଗାଇ ପାରୁଛୁ, ତାର ସ୍ୱଭାବ ପରିବର୍ତ୍ତନ କରିପାରୁଛୁ—ମନୁଷ୍ୟର ସ୍ୱଭାବ ପରିବର୍ତ୍ତନ କରି ପାରିବା ନାହିଁ ! ଅପରାଧ-ପ୍ରବଣତା ମନୁଷ୍ୟର ସହଜାତ ଗୁଣ ନୁହେଁ । ଏହା ପାରି-ପାର୍ଶ୍ୱିକ ଅବସ୍ଥାର ପ୍ରଭାବରୁ ଘଟିଥାଏ । ତେଣୁ ପରବର୍ତ୍ତୀ ଯୁଗରେ ଅପରାଧୀର ଚରିତ୍ର ସଂଶୋଧନ କଥା ଚିନ୍ତା କରାଗଲା ।

ଆଜିକୁ ହଜାର ବର୍ଷ ତଳର କଥା । ଦଣ୍ଡବିଧି ସମ୍ବନ୍ଧରେ ଆଧୁନିକ ଯୁଗର ଗବେଷଣା ନ ଥିଲା । କିନ୍ତୁ ଥିଲା ଏକ କୋମଳ ହୃଦୟ । ଖ୍ରୀଷ୍ଟାବ୍ଦ ୮୯୫ରୁ ୯୩୯ ମଧ୍ୟରେ ଆଥେଲଷ୍ଟାନ ନାମରେ ଜଣେ ରାଜା ରାଜତ୍ୱ କରୁଥିଲେ । ଯୁବ ଅପରାଧୀକୁ ରାଜାଜ୍ଞାରେ ନିର୍ମମ ଭାବରେ ହତ୍ୟା କରାଯାଉଥିବା ଦେଖି ତାଙ୍କ ହୃଦୟ ଦୁଃଖରେ ବିଗଳିତ ହେଲା । ବଜ୍ର ନିର୍ଘୋଷରେ ସେ ଘୋଷଣା କଲେ—" Men shall slay none younger than fifteen winters'men" —ଅର୍ଥାତ୍ ପନ୍ଦର ବର୍ଷରୁ କମ୍ କୌଣସି ଅପରାଧୀକୁ ହତ୍ୟା କରାଯାଇ ପାରିବ ନାହିଁ । ସେ ଆହୁରି କହିଗଲେ—"If his kindred will not take him or be surety for him, then swear he, as the bishop shall teach him, that he will shun all evil and let him be in bondage for his price" —ଅର୍ଥାତ୍ ଯଦି ତାର ସ୍ୱଜନ କୁଟୁମ୍ବ ତାକୁ ନ ନିଅନ୍ତି କିମ୍ବା ତାପାଇଁ

ଅବେକ୍ଷିତ (probationer) ପାଇଁ ସେ ସର୍ତ୍ତ ପଡ଼େ ନାହିଁ ।

ଅବେକ୍ଷିତକୁ ରୋଜଗାର କରି ଆତ୍ମନିର୍ଭରଶୀଳ ହେବାର ସୁଯୋଗ ଓ ସୁପରାମର୍ଶ ଦିଆଯାଏ । ଏହାଦ୍ୱାରା ପରିବାରର ଆର୍ଥିକ ଅବସ୍ଥାର ଉନ୍ନତି ଘଟେ । ଅଭାବରୁ ସ୍ୱଭାବ ନଷ୍ଟ ହେବାର ଆଶଙ୍କା ବହୁ ପରିମାଣରେ ଦୂରୀଭୂତ ହୁଏ ।

ଅବେକ୍ଷିତ ତାର ରୁଗ୍ଣ, ଅସମର୍ଥ ଓ ବୃଦ୍ଧ ପିତାମାତାଙ୍କର ଯତ୍ନ ନେଇ ପାରେ । ସେହିମାନଙ୍କ ସଦୁପଦେଶ ଓ ଆଶୀର୍ବାଦରେ ଜୀବନ ପବିତ୍ରତର ହୁଏ । ପାରିବାରିକ ଜୀବନର ନିଗଡ଼ ବନ୍ଧନରେ ଅବେକ୍ଷିତ ତାର ଅସାମାଜିକ ଆଚରଣ ପରିହାର କରେ, ତେଣୁ ଏହାଠାରୁ ବଳି ଆଉ ମହତ୍ତର ଚିନ୍ତା କଣ ଥାଇପାରେ ?

ଅବେକ୍ଷା ଆଇନର ସର୍ବଶ୍ରେଷ୍ଠ ଉଦ୍ଦେଶ୍ୟ ହେଲା ମନୁଷ୍ୟକୁ ମନୁଷ୍ୟ ଭଳି ବ୍ୟବହାର କରି ଅପରାଧୀର ସ୍ୱଭାବ ପରିବର୍ତ୍ତନ କରିବା । କାରାଗାରର ରୁଦ୍ଧ ପରିବେଶ ବନ୍ଦୀ ମନରେ ଯେଉଁ ପ୍ରଭାବ ପକାଏ, ତଦ୍ୱାରା ସେ ସକଳ ସଦ୍‌ଗୁଣ ଓ ମାନବିକତା ହରାଇ ବସେ । କାରାମୁକ୍ତ ହେଲେ ମଧ୍ୟ ସମାଜ ତାକୁ ଘୃଣା କରେ, ପିତାମାତା ଭୟରେ ତାକୁ ଘରେ ରହିବାକୁ ମନା କରି ଦିଅନ୍ତି, ପୋଲିସ୍ ତାର ପିଛା ଧରେ, ସରକାରୀ କର୍ମରେ ପଶିବା ପାଇଁ ମଧ୍ୟ ବାରଣ—ପଛରେ ତାର କଳଙ୍କ (stigma of conviction) । ସେ କରିବ କ'ଣ ? ବାଧ୍ୟ ହୋଇ ନିଜକୁ ସମାଜଠାରୁ, ପରିବାରଠାରୁ ଦୂରେଇ ନେବାକୁ ଚେଷ୍ଟା କରେ । ପୁନଃ ପୁନଃ ଅପରାଧ କରି କାରାଗାରରେ ଆତ୍ମଗୋପନ କରେ । ଏହା ଅନୁଭବି ବିନା ବୁଝିବ କିଏ ? ପିଞ୍ଜରା--ରୁଦ୍ଧ ପକ୍ଷୀର ଦୁଃଖରେ ଦରଦୀ--କବି--କଲମରୁ ସେ ଦିନ ଝରି ପଡ଼ିଥିଲା—

" ପରାଧୀନା ବୋଲି କିଏ ଘୃଣା ତୋର ମନେ,
ସ୍ୱଚ୍ଛନ୍ଦ ବିହାର ! ପାଇଁ ବ୍ୟାକୁଳ ତୋ ପ୍ରାଣ,
ଲୁଚିନାହିଁ ସ୍ୱାଧୀନତା--ସୁଖ ; ସେ ଜୀବନେ
କେମନ୍ତେ ବୁଝିବ ତୋର ଅନ୍ତର କଷଣ !"

ଅବେକ୍ଷା ଆଇନ ଅପରାଧୀକୁ ଏହି ମାନସିକ ବ୍ୟାଧିରୁ ମୁକ୍ତ କରି ନିର୍ଦ୍ଦେଶ ଓ ଉପଦେଶ ଛଳରେ ତାକୁ ସୁନାଗରିକ କରିବାରେ ସାହାଯ୍ୟ କରେ, ଅବେକ୍ଷିତମାନଙ୍କ ମଧ୍ୟରୁ ଶତକଡ଼ା ୭୫ରୁ ୮୦ ଭାଗ ନିଶ୍ଚିତ ଭାବରେ ବାଟକୁ ଆସି ପାରୁଛନ୍ତି । ବିଶ୍ୱରପତି, ଆଇନଜୀବୀ ଓ ଜନସାଧାରଣଙ୍କ ମନରେ ଏଭଳି ଦୃଢ଼ ଧାରଣା ଦେଇ ପାରିଲେ ଏ ଜନହିତକର କାର୍ଯ୍ୟକ୍ରମ ଆହୁରି ପ୍ରସାରିତ ହେବ, ଏଥିରେ ସନ୍ଦେହ ନାହିଁ ।

---

> ସହସ୍ର ସଦ୍‌ଗୁଣରେ ଭୂଷିତ ହେବା ସହଜ, କିନ୍ତୁ ଗୋଟିଏ ଦୁର୍ଗୁଣ ସଂଶୋଧନ କରିବା କଷ୍ଟକର ।
>
> —ଜିନ୍ ବ୍ୟୁଗର

ପରୀକ୍ଷାରେ ଅକୃତକାର୍ଯ୍ୟ ହେଲେ । ବିଦ୍ରୋହୀ ହୋଇ ଉଠିଲେ ସେମାନେ । ନିର୍ଜନ ରାତିରେ ମନ୍ଦିରର ଦ୍ୱାର ଭାଙ୍ଗି ଶାବଳରେ ଦେବୀ ପ୍ରତିମାରେ ଆଘାତ କଲେ । ବହୁ ଅନୁସନ୍ଧାନ ପରେ ସେମାନେ ଦୋଷୀ ସାବ୍ୟସ୍ତ ହେଲେ । ସେ ଅଞ୍ଚଳର ସମସ୍ତଙ୍କର ଅସନ୍ତୋଷ ଓ ଘୃଣାର ବୋଝ ବହନ କରି ସେମାନେ ବିଚାରାଳୟର ସମ୍ମୁଖୀନ ହେଲେ । ବିଚାର ପତିଙ୍କ ନିର୍ଦ୍ଦେଶରେ ଅବେକ୍ଷାଧିକାରୀ ହିସାବରେ ମୋତେ ସେମାନଙ୍କ ଚରିତ୍ର ସଂଶୋଧନର ସମ୍ଭାବନା ସମ୍ପର୍କରେ ଏକ ବିବରଣୀ ଦେବାକୁ ହେଲା । ଗ୍ରାମବାସୀ, ସ୍ଥାନୀୟ ଲୋକେ ସମସ୍ତଙ୍କର ଇଚ୍ଛା, ସେମାନେ ଦଣ୍ଡ ପାନ୍ତୁ, ଠିକ୍ ହୋଇ ଯିବେ । ମାତ୍ର ଅବେକ୍ଷା ଆଇନରେ ୨୧ ବର୍ଷରୁ କମ୍ ଅପରାଧୀଙ୍କ ପାଇଁ ଏକ ରକ୍ଷା–କବଚ ରହିଛି । ଯାବତ୍-ଜୀବନ କାରାଦଣ୍ଡ ବା ମୃତ୍ୟୁଦଣ୍ଡ ପାଇବା ଭଳି ଅପରାଧ ଛଡ଼ା ଅନ୍ୟ ଅପରାଧରେ ଅଭିଯୁକ୍ତ ଯୁବ ଅପରାଧୀଙ୍କୁ ହଠାତ୍ କାରାଦଣ୍ଡରେ ଦଣ୍ଡିତ କରାଯାଇ ପାରିବ ନାହିଁ । ସେ ଭଳି ଅପରାଧୀର ଚରିତ୍ର ସଂଶୋଧନର ସମ୍ଭାବନା ବିଷୟରେ ସେ ଅବେକ୍ଷାଧିକାରୀଙ୍କ-- ଠାରୁ ଏକ ବିବରଣୀ ମଗାଇବେ । ଅପରାଧୀର ମାନସିକ, ଶାରୀରିକ, ଚାରିତ୍ରିକ ଓ ପାରିପାର୍ଶ୍ୱିକ ଅବସ୍ଥା ଅଧ୍ୟୟନ କରି ଯଦି ବିଚାରପତିଙ୍କର ହୃଦବୋଧ ହୁଏ ଯେ ଏଭଳି କୌଣସି ଯୁବ-- ଅପରାଧୀର ଚରିତ୍ର ସଂଶୋଧନର ସମ୍ଭାବନା ନାହିଁ—ତେବେ ସେ ସେହି କାରଣ ଗୁଡ଼ିକ ଲିପିବଦ୍ଧ କରି, ଅପରାଧୀକୁ କାରାଦଣ୍ଡ ଦେଇ ପାରନ୍ତି ।

ହଁ, ସେହି ପିଲା ଦୁଇଟିଙ୍କ କଥା କହୁଥିଲି । ସେମାନେ ନିଜର କୃତ କର୍ମ ପାଇଁ ଅତ୍ୟନ୍ତ ମର୍ମାହତ ଓ ଅନୁତପ୍ତ ଜଣା ପଡୁଥିଲେ । ଦଣ୍ଡ ହେଲା—ସେମାନେ ଅବେକ୍ଷା ଆଇନ ବଳରେ ଖଲାସ୍ ହେଲେ । ଆଉ ମଦାଚରଣ କରିବେ ନାହିଁ ବୋଲି ସେମାନେ ଚୁକ୍ତିବଦ୍ଧ ହେଲେ । ବର୍ଷେକାଳ ସେମାନେ ଅବେକ୍ଷାଧିକାରୀଙ୍କ ତତ୍ତ୍ୱା-- ବଧାନରେ ରହିବାର ଆଦେଶ ଥାଏ । ବହୁଥର ସେ ଗାଁ କୁ ଯାଇଛି, ଗାଁ ର ମୁଖିଆ ଲୋକଙ୍କୁ ବୁଝାଇଛି ଯେ ପିଲା ଦୁଇଟି ସେଇ ଗାଁ ର, ଗାଁ ଲୋକେ ଚେଷ୍ଟା କଲେ ସେମାନେ ଭଲ ମଣିଷ ହୋଇ ପାରିବେ, ଗାଁ ର ଟେକ ରଖିବେ, ନଚେତ୍ ସେହି ଗାଁ ର ନାଁ ପକାଇବେ । ସମସ୍ତେ ସହଯୋଗ କଲେ । ପିଲା ଦୁଇଟିଙ୍କର ଆଖି ଛଳ ଛଳ ହୋଇଗଲା, ସେମାନେ ସ୍ୱତଃପ୍ରବୃତ୍ତ ହୋଇ ନିଜ ଶ୍ରମରେ ମନ୍ଦିର ମରାମତରେ ସାହାଯ୍ୟ କରିବାକୁ ରାଜି ହେଲେ । ଗାଁ ର ଅନ୍ୟ ପିଲାମାନେ ସେମାନଙ୍କୁ ପଢ଼ିବାରେ ସାହାଯ୍ୟ କଲେ ସେମାନଙ୍କ ସ୍ୱଭାବ ଆଜ ସମ୍ପୂର୍ଣ୍ଣ ବଦଳି ଯାଇଛି ।

ଅବେକ୍ଷା ଆଇନ କେବଳ ଯୁବ--ଅପରାଧୀଙ୍କ ପାଇଁ ଉଦ୍ଦିଷ୍ଟ ନୁହେଁ । ଯୁବ--ଅପରାଧୀଙ୍କ ପାଇଁ କେତେକ ବିଶେଷ ସୁବିଧା ଥିଲେ ମଧ୍ୟ, ଅବେକ୍ଷା ଆଇନ ସବୁ ବୟସର ଅପରାଧୀଙ୍କ କ୍ଷେତ୍ରରେ ବ୍ୟବହାର କରାଯାଇପାରେ । କେବଳ ମୃତ୍ୟୁଦଣ୍ଡ ବା ଯାବତ୍ ଜୀବନ କାରାଦଣ୍ଡ ପାଇବା ଭଳି ଅପରାଧ ଛଡ଼ା ଦଣ୍ଡ ବିଧି ଆଇନର ଅନ୍ୟ ସମସ୍ତ ଦଫାରେ ବା ଅନ୍ୟ ଯେ କୌଣସି ଆଇନ ଦ୍ୱାରା ଅଭିଯୁକ୍ତ ବ୍ୟକ୍ତିଙ୍କୁ ଅବେକ୍ଷା ଆଇନ ଦ୍ୱାରା ମୁକ୍ତ କରାଯାଇ ପାରିବ । ବିଚାରପତି ମୋକଦ୍ଦମାର ପରିବେଶ, ଅପରାଧର ଗୁରୁତ୍ୱ ଓ ଅପରାଧୀର ସ୍ୱଭାବ ଅନୁଧ୍ୟାନ କରି ଯଦି ତାହାକୁ ଏଇ ଆଇନ ବଳରେ ମୁକ୍ତ କରିବାକୁ ସ୍ଥିର କରନ୍ତି ତେବେ ତାହାକୁ ହଠାତ୍ କୌଣସି ଦଣ୍ଡ ଦିଆଯାଏ ନାହିଁ, ମାତ୍ର ସେ ଭବିଷ୍ୟତରେ ଶାନ୍ତି ଭଙ୍ଗ କଲେ, ମଦାଚରଣ କଲେ ବା ଅନେକ ଅବେକ୍ଷା ସର୍ତ୍ତାବଳୀ ଲଂଘନ କଲେ ବିଚାରପତିଙ୍କ ନିର୍ଦ୍ଦେଶରେ ସେ ବିଚାରାଳୟରେ ଉପସ୍ଥିତ ହୋଇ ଦଣ୍ଡ ଭୋଗ କରିବା ପାଇଁ ଏକ ଚୁକ୍ତି ପତ୍ର (bond) ଲେଖିଦିଏ । ଖୁବ୍ ବେଶି ତିନି ବର୍ଷ ପର୍ଯ୍ୟନ୍ତ ତାକୁ ଏହି ନିୟମ ପାଳନ କରିବାକୁ ଆଦେଶ ଦିଆଯାଏ । ବିଚାରପତି ଉଚିତ ମନେ କଲେ ଏଥିପାଇଁ ଜାମିନ୍ ଦେବାକୁ ଓ ଜଣେ ଅବେକ୍ଷାଧିକାରୀଙ୍କ ତତ୍ତ୍ୱାବଧାନରେ ରହିବାକୁ ଆଦେଶ ଦିଅନ୍ତି ।

ଅବେକ୍ଷା ଆଇନରେ ମୂଳ ଉଦ୍ଦେଶ୍ୟ ହେଲା ଅପରାଧ ନିରୋଧ ଓ ଅପରାଧୀର ସ୍ୱଭାବ ପରିବର୍ତ୍ତନ । ତେଣୁ ଅପରାଧୀକୁ କେବଳ ଛାଡ଼ିଦିଆଯାଏ ନାହିଁ । ଦଣ୍ଡ ଭୋଗ ସେ କରେ—କିନ୍ତୁ ବନ୍ଦୀଶାଳାରେ ନରହି, ରହେ ନଜର–ବନ୍ଦୀରେ । ବନ୍ଦୀ ଶାଳାର କୁ-ପ୍ରଭାବ, କୁଖ୍ୟାତ ଅପରାଧୀଙ୍କ ପ୍ରରୋଚନାରୁ ସେ ମୁକ୍ତ ରହେ । ନିଜର ପରିବେଶ, ନିଜ ପିତାମାତାଙ୍କ ସୁପରାମର୍ଶରେ ମଣିଷ ହେବାର ସୁଯୋଗ ତାକୁ ଦିଆଯାଏ । ଅବେକ୍ଷା ସର୍ତ୍ତ ଲଂଘନ କଲେ ପୁନର୍ବାର ଜେଲ ଯିବାର ଭୟ ମଧ୍ୟ ଥାଏ । ଏହାଦ୍ୱାରା ଅପରାଧୀ ନିଜର ଚରିତ୍ର ସଂଶୋଧନ କରି ସୁନାଗରିକ ହେବାର ସୁଯୋଗ ଅଛି । କେବଳ ସେତିକି ନୁହେଁ, ଅନ୍ୟ ବହୁ ଦିଗରୁ ଏହା ଏକ ଉପଯୋଗୀ ଯୋଜନା, ଏଥିରେ ସନ୍ଦେହ ନାହିଁ ।

ଏହା ମଧ୍ୟ ଏକ ବ୍ୟୟ ସଂକୋଚମୂଳକ ଯୋଜନା । ଜେଲଖାନାକୁ ପଠାଇ ଦେଲେ ପ୍ରତ୍ୟେକ ଅପରାଧୀ ପାଇଁ ସରକାରଙ୍କୁ ବାର୍ଷିକ ଯାହା ଖର୍ଚ୍ଚ କରିବାକୁ ପଡ଼ିଥାଏ, ...

ମଧ୍ୟବିତ୍ତ ଓ ଦରିଦ୍ର ଶ୍ରେଣୀର ଲୋକେ କଷ୍ଟ ପାଉଛନ୍ତି । ଏହାଦ୍ୱାରା ଧନିକ ଶ୍ରେଣୀ ଲୋକମାନଙ୍କ ହାତରେ ସମସ୍ତ ଧନ ପୁଞ୍ଜି ହୋଇ ଯାଉଛି । ଜନସଂଖ୍ୟା ବୃଦ୍ଧି ପାଉଥିବାରୁ ୧୫ ରୁ ୨୫ ବର୍ଷ ବୟସ ଲୋକମାନେ ନିଜର ଭରଣପୋଷଣ ନିମନ୍ତେ କୌଣସି ପନ୍ଥା ଆବିଷ୍କାର କରି ପାରୁନାହାନ୍ତି ।

(୨) ମନୋବୈଜ୍ଞାନିକ କାରଣ—ଜୀବନ ଆଜିକାଲି ଆଶାତୀତ ଭାବରେ ରୋମାଞ୍ଚ ବିହୀନ ହୋଇ ଉଠିଲାଣି । ଯନ୍ତ୍ର ଯୁଗରେ ନିଜର ଶରୀର ଖଟାଇ ପରିଶ୍ରମ କରିବାକୁ ଦରକାର ପଡୁନାହିଁ । ଏହାଦ୍ୱାରା ଲୋକମାନେ ଆଳସ୍ୟପରାୟଣ ହୋଇ ଯାଉଛନ୍ତି । ତାହା ସହିତ, ଘନ ଜନବସତିପୂର୍ଣ୍ଣ ଅଞ୍ଚଳରେ ବାସ କରୁଥିବା ଶ୍ରମିକମାନେ ଅସୁସ୍ଥ ବାତାବରଣରେ ରହୁଛନ୍ତି । ନିଜ ନିଜ ଭିତରେ କଳି ତକରାଳ, ହିଂସା, ଘୃଣା, ପ୍ରଭୃତି ମୁଣ୍ଡ ଟେକିବାରେ ଲାଗିଛି । କିପରି ବିନା ପରିଶ୍ରମରେ ବେଶି ଟଙ୍କା ମିଳିବ, ସେଥିପାଇଁ ସମସ୍ତେ ବ୍ୟସ୍ତ । ରାଜନୈତିକ ଅସ୍ଥିରତା, ଉଚ୍ଚ ସ୍ତରରେ ଦୁର୍ନୀତି ଓ ଅମନୁଷ୍ୟତା ପ୍ରଭୃତି ଦ୍ୱାରା ମଣିଷ ମନର ଆସ୍ତିକ ଏବଂ ସୂକ୍ଷ୍ମ ମନୋବୃତ୍ତିଗୁଡ଼ିକ ଆସ୍ତେ ଆସ୍ତେ ଲୀନ ପାଇ ଯାଉଛି ।

(୩) ନୈତିକତାର ଅଭାବ—ଯେତେବେଳେ ଟଙ୍କାକୁ ପୂଜା କରା ଯାଉଛି ଏବଂ ଧନ ଦ୍ୱାରା ସାମାଜିକ ପ୍ରତିପତ୍ତି ମପା ଯାଉଛି ସେତେବେଳେ ମିଥ୍ୟା ବ୍ୟଭିଚାର, ଶଠତା ପରି ଦୁର୍ଗୁଣଯାକ ସମାଜ ଭିତରେ ମୁଣ୍ଡ ଟେକିବା ସ୍ୱାଭାବିକ । ଦଳ ନିୟନ୍ତ୍ରଣରେ, ତରୁଣମାନଙ୍କର ଶୃଙ୍ଖଳତାରେ, ରାଜନୈତିକ ବ୍ୟକ୍ତିମାନଙ୍କୁ ଲାଞ୍ଚ ଦେବାରେ, କ୍ଲାସରେ ଉଚ୍ଚଭାବରେ ନପଢ଼ାଇ ଠକିବାରେ, ଆୟକର ଫାଙ୍କିଦେବାରେ, ଭୋଟ ଦେବା ସମୟରେ ଦୁର୍ନୀତି କରିବାରେ ଏହି ସବୁ ଦୁର୍ଗୁଣ ରୂପ ପାଉଛି । ବନ୍ଧୁତା, ବିବାହ, ପାରିବାରିକ ବନ୍ଧନ ପ୍ରଭୃତି କ୍ରମଶଃ ଛିନ୍ନ ହୋଇ ଯାଉଛି । ଗୋଟିଏ ସମ୍ପ୍ରଦାୟ ଆଉ ଗୋଟିଏ ସମ୍ପ୍ରଦାୟ ଉପରେ ପ୍ରଭାବ ବିସ୍ତାର କରିବାରେ ଲାଗିଛି । ତେଣୁ ବୁଦ୍ଧିଜୀବୀର ମନ ଭିତରେ ଭରି ଯାଉଛି ଘୃଣା, ନୈରାଶ୍ୟ ଓ ସନ୍ଦେହ । ଏହାଦ୍ୱାରା ସାଧାରଣ ନାଗରିକ ମନରେ ଦେଶ ଓ ଶାସନ ପ୍ରତି କୌଣସି ବିଶ୍ୱାସ ରହୁନାହିଁ । ତେଣୁ ସବୁ ଦେଖି ଶୁଣି ନୀରବ ରହିବା ଶ୍ରେୟସ୍କର ବୋଲି ଲୋକେ ଭାବୁଛନ୍ତି ।

ଆମେରିକାର ଇତିହାସରେ ମଧ୍ୟ ଏହିପରି ଏକ ସମୟ ଆସିଥିଲା । ସ୍ୱାଧୀନତା ପାଇବାପାଇଁ ସେ ଦେଶରେ ହିଂସାତ୍ମକ ରାସ୍ତା ଅବଲମ୍ବନ କରିବାକୁ ପଡ଼ିଥିଲା । ତେଣୁ ସ୍ୱାଧୀନତା ପାଇଲେ ମଧ୍ୟ ସେଠାରେ ଆଇନ ପ୍ରତି ବିତୃଷ୍ଣା ଲାଗି ରହିଲା । ସେମାନଙ୍କର ସାମାଜିକ ସଂସ୍କାର, ଶିଳ୍ପ ଆନ୍ଦୋଳନ ଓ ରାଜନୈତିକ ପୁନର୍ଗଠନରେ ଏହା ପ୍ରକଟିତ ହୋଇଥିଲା । ତେଣୁ ଗତ ଦଶ ବର୍ଷ ଭିତରେ ଭାରତରେ ଯେଉଁ ବିଶୃଙ୍ଖଳା ଦେଖା ଦେଇଛି ସେଥିରେ ହତୋତ୍ସାହ ହେବାର କିଛି ନାହିଁ । ବରଂ ଏହି ସବୁ ଶକ୍ତିର ସଦ୍ ବିନିଯୋଗ କରି ଜନସାଧାରଣଙ୍କ ମତିଗତି ବଦଳାଇବା ପାଇଁ ପ୍ରଗାଢ଼ ଚେଷ୍ଟା ଆବଶ୍ୟକ । ଜନମତ ଏପରି ଗଠିତ ଏବଂ ପ୍ରବଳ ହେବା ଉଚିତ ଯାହାଦ୍ୱାରା କି, ସମାଜର ମୂଲ୍ୟାୟନ ସଦାସର୍ବଦା ନିର୍ଦ୍ଦିଷ୍ଟ ରହିବ, ଆଇନ ଭଙ୍ଗ ହେଲେ ପ୍ରତ୍ୟେକ ନାଗରିକ ମନରେ ଲଜ୍ଜାବୋଧ ଜାଗ୍ରତ ହେବ ଏବଂ ଆଇନ ଭଙ୍ଗକାରୀକୁ ଉପଯୁକ୍ତ ଦଣ୍ଡ ଦେବା ନିମନ୍ତେ ସାକ୍ଷ୍ୟ ପ୍ରମାଣ ଦେବାକୁ କେହି କୁଣ୍ଠିତ ହେବେନାହିଁ । ଏହି ଲକ୍ଷ୍ୟ ପୂରଣ ନିମନ୍ତେ ପୁଲିସ୍ ଓ ବିଚାରପତି, ରାଜନୈତିକ ଦଳ, ସାମାଜିକ ଦର୍ଶନବିତ୍, ପୁରୁଷ, ସ୍ତ୍ରୀ, ବୃଦ୍ଧ, ତରୁଣ ସମସ୍ତଙ୍କୁ ପ୍ରୟାସ କରିବାକୁ ପଡ଼ିବ ।

ଏହି ଉଦ୍ଦେଶ୍ୟ ସାଧନ ନିମନ୍ତେ ଯୋଜନାବଦ୍ଧ କାର୍ଯ୍ୟକ୍ରମ ପ୍ରସ୍ତୁତ କରି ତାହାର ପରି ପ୍ରସାର କରିବା ଆବଶ୍ୟକ । ଜାତୀୟ-ଅପରାଧ ନିରୋଧ ସପ୍ତାହ ପାଳନ ସେହି ଦିଗରେ ଏକ ବିନମ୍ର ପଦକ୍ଷେପ । ସମସ୍ତ ସମସ୍ୟାର ସମାଧାନର ଦିଗ୍‌ଦର୍ଶନ ଗୋଟିଏ ସପ୍ତାହ ଭିତରେ ସମ୍ଭବ ହୋଇ ପାରୁ ନଥିବାରୁ, ନିର୍ଦ୍ଦିଷ୍ଟ କେତୋଟି ବିଷୟ ପ୍ରତି ଏଥିରେ ଧ୍ୟାନ ଦିଆ ଯାଉଛି । ଏହାଦ୍ୱାରା ଦୃଢ଼ ଜନମତ ଜାଗ୍ରତ ହୋଇପାରିଲେ, ସପ୍ତାହ ପାଳନର ଉଦ୍ଦେଶ୍ୟ ସାଧିତ ହେବ । ଏହି କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିବା ନିମନ୍ତେ ପୁଲିସ୍ ଜନସାଧାରଣଙ୍କର ସହଯୋଗ ଭିକ୍ଷା କରେ । ଜନସାଧାରଣଙ୍କର ସହଯୋଗ ପାଇଲେ ପୁଲିସ୍‌ର କାର୍ଯ୍ୟ ଲଘୁ ହୋଇଯିବ ଏବଂ ସେମାନେ ଅଧିକ ଗୁରୁତର ଅପରାଧମାନଙ୍କର ସୁସ୍ଥ ତଦନ୍ତ କରିବା ପାଇଁ ସମୟ ପାଇବେ । ଏହା ସହିତ ଅପରାଧୀକୁ ତୁରନ୍ତ ଦଣ୍ଡ ମିଳିବା ଉଚିତ୍ ଏବଂ ତରୁଣ ଅପରାଧୀର ସଂସ୍କାର ନିମନ୍ତେ ବହୁ ଅନୁଷ୍ଠାନ ଗଢ଼ାଯିବା ଦରକାର ।

ଆମର ଲକ୍ଷ୍ୟସ୍ଥଳୀ ବହୁତ ଉଚ୍ଚରେ । ଅଳ୍ପ କେତୋଟି ଲକ୍ଷ୍ୟ ହାସଲ କରି ସନ୍ତୋଷ ଲାଭ କରିବା ନିମନ୍ତେ ଅବକାଶ ନାହିଁ । ନିର୍ଦ୍ଦିଷ୍ଟ ଲକ୍ଷ୍ୟ ଲାଭ ନିମନ୍ତେ ଆମର ସମସ୍ତ ଶକ୍ତି ସଞ୍ଚୟ କରି

ଜନ୍ତ୍ରବିହାରୀ ମିଶ୍ର

# ଅପରାଧ ନିବାରଣ ସପ୍ତାହର ଲକ୍ଷ୍ୟ

ପିତାମାତାଙ୍କୁ ଭକ୍ତି କରିବା, ପଡ଼ୋଶୀଙ୍କୁ ସ୍ନେହ କରିବା ପ୍ରଭୃତି ବାଲ୍ୟକାଳର ଯେତେ ଉପଦେଶ ତାହା ଜଣା ଅଧିକେ ଅନେକଙ୍କର ମନେଥିବ । ପୂର୍ବ କାଳରେ କୁହା ଯାଉଥିବା "ବସୁଧୈବ କୁଟୁମ୍ବକମ୍" ବାଣୀ ଆଜି ଏ ଯୁଗରେ କାହାର ମନକୁ ଛୁଇଁ ନାହିଁ । ସେହିପରି "ମାତୃବତ୍ ପରଦାରେଷୁ, ପରଦ୍ରବ୍ୟେଷୁ ଲୋଷ୍ଟ୍ରବତ୍" ମଧ୍ୟ ଆଜିର ଏ ସଭ୍ୟତାରେ ଫାଙ୍କା ଆବାଜ ପରି ମନେ ହେଉଛି ।

ଆଜି କାଲି ଯୁଗରେ, ଉଦାସୀନତା ଓ ସହାନୁଭୂତିର ଅଭାବ ଏକ ବିଶେଷ ଲକ୍ଷଣରୂପେ ଦେଖା ଦେଇଛି । ରାସ୍ତାକଡ଼ରେ ମାରପିଟ, ହତ୍ୟା, ଲୁଣ୍ଠନ ପ୍ରଭୃତି ଦେଖି ମଧ୍ୟ ନ ଦେଖିଲାପରି ଲୋକେ ଆଡ଼େଇ ହୋଇଯାଉଛନ୍ତି । ପୁଲିସକୁ ଡାକିବା ତ ଦୂରର କଥା, ପିତାମାତାଙ୍କର ସ୍ନେହର ଅଭାବରୁ ଓ ପାରିବାରିକ ସମ୍ପ୍ରୀତି ନ ଥିବା ହେତୁ, କେତେ ତରୁଣ ଶିଶୁ ଯେ ବିପଥଗାମୀ ହେଉଛନ୍ତି ତାହାର କଳନା ନାହିଁ । ଆଇନ କାନୁନ ପ୍ରତି ଅବହେଳା ପ୍ରାୟ ଦିନକୁଦିନ ବୃଦ୍ଧି ପାଇବାରେ ଲାଗିଛି । ଏଥିପାଇଁ ଜନସାଧାରଣଙ୍କ ଭିତରେ ବିତୃଷ୍ଣା ଅତି ଦୁଃଖର କଥା । ଯେଉଁ-ମାନଙ୍କ ପାଇଁ ଆଇନ ତିଆରି ହୋଇଛି ସେମାନେ ଆଇନ ଭାଙ୍ଗିବେ, ସେହି ଆଇନ ପ୍ରତି ଯଦି ସେମାନଙ୍କର ମମତା ନ ରହିବ, ତେବେ ସମାଜ ଯେ କ୍ଷୟ ପାଇବ ଏଥିରେ ସନ୍ଦେହ ନାହିଁ ।

ନିମ୍ନଲିଖିତ କାରଣ ଯୋଗୁଁ ଏହି ପ୍ରକାର ହତୋତ୍ସାହ ଓ ଅସାମାଜିକତା ଦେଖା ଦେଇଛି ବୋଲି ମନେ ହୁଏ:—

(୧) ଆର୍ଥନୀତିକ ଅନଟନ—ଘୋର ଅଭାବ, ଦାରିଦ୍ର୍ୟ, ବେକାରୀ ଏବଂ ମୂଲ୍ୟବୃଦ୍ଧି ହେତୁ ସମାଜର ମଧ୍ୟବିତ୍ତ, ନିମ୍ନ

ମୋର ମନେହୁଏ। ଜନନକ୍ରିୟା ଉପରେ ସୃଷ୍ଟିର ଅସ୍ତିତ୍ୱ ନିର୍ଭର କରେ; ଏ ସଂସାର ଈଶ୍ୱରଙ୍କର ଲୀଳାକ୍ଷେତ୍ର ଓ ତାଙ୍କ ମହିମାର ପ୍ରତିବିମ୍ବ ମାତ୍ର। ତାହାର ସୁବ୍ୟବସ୍ଥିତ ବିକାଶ ପାଇଁ ସେ ଜନନକ୍ରିୟା ସୃଷ୍ଟି କରିଛନ୍ତି। ଏହା ଯେ ବୁଝିଥିବେ, ସେ ନିଶ୍ଚୟ ଇନ୍ଦ୍ରିୟ ଲାଳସାକୁ ଦମନ କରିବେ ଏବଂ ସହବାସର ପରିଣାମ ସ୍ୱରୂପ ଯେଉଁ ସନ୍ତାନ ଜାତ ହେବେ, ସେମାନଙ୍କ ଶାରୀରିକ, ମାନସିକ, ଆଧ୍ୟାତ୍ମିକ ବିକାଶ ଲାଗି ଯେତେ ଯାହା ଜ୍ଞାନ ଆବଶ୍ୟକ ତାହା ନିଜେ ହାସଲ କରି ସେହି ଜ୍ଞାନକୁ ଆପଣା ପିଲାଙ୍କ କାମରେ ଲଗାଇବେ।

(୨) ଦୁଧ ପରିବର୍ତ୍ତେ ଏପରି କୌଣସି ଫଳାହାରର ସନ୍ଧାନ ମୁଁ ପାଇନାହିଁ, ଯାହାକି ସହଜରେ ଜୀର୍ଣ୍ଣ ହୋଇପାରିବ। ଡାକ୍ତର, ବୈଦ୍ୟ କି ହାକିମ୍ କେହି ଏପର୍ଯ୍ୟନ୍ତ ଏଥିର ଯଥାର୍ଥ ବ୍ୟବସ୍ଥା ଦେଇପାରି ନାହାନ୍ତି। ତେଣୁ ଦୁଧରେ ଟିକିଏ ଉତ୍ତେଜନା ଥିଲେ ସୁଦ୍ଧା ବର୍ତ୍ତମାନ ଦୁଗ୍ଧ ଖାଇବା ଅଭ୍ୟାସ ଛାଡ଼ିଦେବାକୁ ମୁଁ ପରାମର୍ଶ ଦେଇପାରୁ ନାହିଁ।

(୩) ଦୀର୍ଘ ଛଅ ବର୍ଷର ପରୀକ୍ଷା ପରେ ମୁଁ ଦେଖୁଛି ଯେ ବ୍ରହ୍ମଚାରୀର ଆଦର୍ଶ ଖାଦ୍ୟ ହେଉଛି ତଟକା ଫଳମୂଳ। ଏଭଳି ଖାଦ୍ୟ ଖାଉଥିବା ବେଳେ ମୁଁ ବରାବର ଇନ୍ଦ୍ରିୟବିକାରରୁ ରକ୍ଷା ପାଉଥିଲି। ପରେ ଅବଶ୍ୟ ୀ ଖାଦ୍ୟ ବଦଳି ଯିବାରେ ଆଉ ସେ କଥା ରହିଲା ନାହିଁ। ଦକ୍ଷିଣ ଆଫ୍ରିକାରେ ମୁଁ ଫଳ ଓ ପନିପରିବାକୁ ପ୍ରଧାନ ଖାଦ୍ୟରୂପେ ବ୍ୟବହାର କରୁଥିବା ବେଳେ ବ୍ରହ୍ମଚର୍ଯ୍ୟ ଧାରଣା ପାଇଁ ମୋର ବିଶେଷ ଉଦ୍ୟମ କରିବା ଦରକାର ପଡ଼ୁ ନ ଥିଲା। କିନ୍ତୁ ଯେଉଁ ଦିନଠାରୁ ଫଳଛାଡ଼ି ଦୁଗ୍ଧ ଖାଇଲି ସେହି ଦିନଠୁଁ ପଥିପାଇଁ ବିଶେଷ ସାଧନା କରିବା ଦରକାର ପଡ଼ିଲା। ଏତିକି କହିଲେ ଯଥେଷ୍ଟ ହେବ ଯେ ଦୁଗ୍ଧ ଖାଇ ବ୍ରହ୍ମଚର୍ଯ୍ୟ ଧାରଣ କରିବା ବଡ଼ କଷ୍ଟକର। ଏହା ବୋଲି, ସବୁ ବ୍ରହ୍ମଚାରୀଙ୍କୁ ଦୁଗ୍ଧ ଛାଡ଼ିବାକୁ ହେବ ଏ କଥା ଯେପରି କେହି ସେଥିରୁ ନ ବୁଝନ୍ତି।

## (୫) ସାଧାରଣ ଅନୁଷ୍ଠାନ

(୧) ସାଧାରଣ ଅନୁଷ୍ଠାନର ଅର୍ଥ ହେଲା—ତାହା ସବୁବେଳେ ସର୍ବସାଧାରଣଙ୍କ ସହଯୋଗିତା ଓ ଆର୍ଥିକ ସାହାଯ୍ୟରେ ଚଳୁଥିବ। ଏ ଅନୁଷ୍ଠାନକୁ ଯଦି ଜନସାଧାରଣଙ୍କ ସାହାଯ୍ୟ ସହଯୋଗ ନ ମିଳେ ତେବେ ତିଷ୍ଠି ରହିବା ପାଇଁ ତା'ର କୌଣସି ହକ୍ ନାହିଁ।

(୨) ପ୍ରକୃତି ଯେପରି ପ୍ରତିଦିନ ଉତ୍ପନ୍ନ କରି ପ୍ରତିଦିନ ବ୍ୟୟ କରୁଛି ସାଧାରଣ ଅନୁଷ୍ଠାନର ସେହି ଭଳି କରିବା ଉଚିତ। ମୁଁ ବିନା ଦ୍ୱିଧାରେ କହିବି ଯେ ଯେଉଁ ଅନୁଷ୍ଠାନକୁ ସାଧାରଣ ଲୋକେ ସାହାଯ୍ୟ କରିବାକୁ ପ୍ରସ୍ତୁତ ନୁହନ୍ତି, ସାଧାରଣ ଅନୁଷ୍ଠାନ ଭାବରେ ତିଷ୍ଠି ରହିବାର କୌଣସି ଅଧିକାର ତାର ନାହିଁ। ପ୍ରତିବର୍ଷ ନିୟମିତ ସାହାଯ୍ୟ-ପ୍ରାପ୍ତିହିଁ ଅନୁଷ୍ଠାନର ଲୋକପ୍ରିୟତା ଓ ପରିଚାଳକଙ୍କ ସଚ୍ଚୋଟ ପଣିଆର ମାପକାଠି। ପ୍ରତ୍ୟେକ ଅନୁଷ୍ଠାନ ଏ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ଉଚିତ ବୋଲି ମୋର ମତ।

## (୬) ସମାଜ ଓ ନୈତିକତା

(୧) ସତ୍ୟ-ଉପାସକର ମୌନ ଆଚରିବା ଉଚିତ। ଜାଣତ ବା ଅଜାଣତରେ ମଧ୍ୟ ମନୁଷ୍ୟ ଅନେକ ସମୟରେ ସତ୍ୟକୁ ବଢ଼ାଇ କରି କହିଥାଏ କିମ୍ବା ଯାହା କହିବା ଉଚିତ ତାକୁ ଲୁଚାଇ ବୁଲେଇ ବଙ୍କେଇ କହିଥାଏ। ଏସବୁ ବିପଦରୁ ରକ୍ଷା ପାଇବାକୁ ହେଲେ ସ୍ୱଳ୍ପଭାଷୀ ହେବା ଦରକାର। ଯେ ଅଳପ କହନ୍ତି, ସେ ନ ବିଚାରି କିଛି କହନ୍ତି ନାହିଁ—କହିବାବେଳେ ନିଜର ପ୍ରତ୍ୟେକ ଶବ୍ଦକୁ ତଉଲି ଥାନ୍ତି।

(୨) ସଭ୍ୟ ହେବା ପାଇଁ ଆମ ପ୍ରଚେଷ୍ଟା ଯଦି ଆମ ସଭ୍ୟତାକୁ ପବିତ୍ର ଓ ଦୃଢ଼ କରିବା ପାଇଁ ଉଦ୍ଦିଷ୍ଟ ନ ହୁଏ, ତେବେ ତାହା ମୂଲ୍ୟହୀନ। ଆମ ସଭ୍ୟତାର ଅସଲ କଥା ହେଉଛି ଯେ ସର୍ବସାଧାରଣ ଓ ଘରୋଇ ସବୁ ପ୍ରକାର କାର୍ଯ୍ୟରେ ଆମେ ନୈତିକତାକୁ ଉଚ୍ଚସ୍ଥାନ ଦେଉଥାଉଁ।

"ଭାରତ ପକ୍ଷେ ଦରିଦ୍ରତାର ଚରମ ସୀମାକୁ ଚାଲିଯାଉ ବରଂ ତାହା ସହ୍ୟ ହେବ ; କିନ୍ତୁ ଆମ୍ଭମାନଙ୍କ ମଧ୍ୟରେ ମୁଁ ହଜାର ହଜାର ମଦ୍ୟପ ରହିବା କଥାକୁ ସହ୍ୟ କରି ପାରିବି ନାହିଁ। ଭାରତରୁ ମଦ୍ୟପାନ ଲୋପ କରିବା ନିମନ୍ତେ ଯଦି ଭାରତକୁ ଶିକ୍ଷାଦାନ କରିବାକୁ ପଡ଼େ ବରଂ ତା' ମୋ ପକ୍ଷରେ କାମ୍ୟ"।

—ଗାନ୍ଧୀଜୀ

କଳ୍ପନାହିଁ । ମୁଁ ତ କେବଳ ନିଜର ଦୈନନ୍ଦିନ ଜୀବନ ଓ ସମସ୍ୟାଗୁଡ଼ିକରେ ନୈସର୍ଗିକ ସତ୍ୟର ପ୍ରୟୋଗ ପାଇଁ ମୋ ନିଜ ଢାଙ୍ଗରେ ଚେଷ୍ଟା କରିଅଛି ମାତ୍ର ।

ମୋର ଯେଉଁ ବିଶ୍ୱାସ ଗଢିଉଠିଛି ଏବଂ ଯେଉଁ ନିର୍ଣ୍ଣୟରେ ମୁଁ ପହଞ୍ଚିଛି ସେଗୁଡ଼ିକ ଚୂଡ଼ାନ୍ତ ନୁହେଁ । ମୁଁ ସେଗୁଡ଼ିକୁ କାଲି ବଦଳାଇ ଦେଇପାରେ ।

ସଂସାରକୁ ଶିଖାଇବାକୁ ମୋଠାରେ କୌଣସି ନୂଆ କଥା ନାହିଁ। ପର୍ବତ ଯେପରି ଚିରସ୍ଥାୟୀ, ସତ୍ୟ ଓ ଅହିଂସା ସେହିପରି ଶାଶ୍ୱତ ଅଟେ। ଯେତେ ଅଧିକରୁ ଅଧିକ ସେ ଦୁଇଟିର ପ୍ରୟୋଗ କରାଯାଇ ପାରେ, ତାହା ମୁଁ କରିଛି; ସେଥିରେ ମୁଁ କେବେ କେବେ ଭୁଲ ମଧ୍ୟ କରିଛି ଏବଂ ନିଜର ଭୁଲରୁ ମୁଁ ଶିକ୍ଷା ପାଇଛି।

ସବୁଠାରୁ ବଡ଼ ସମ୍ମାନ ଯାହା ମୋର ବନ୍ଧୁମାନେ ମୋତେ ଦେଇପାରନ୍ତି, ତାହା ହେଉଛି ଏହି ଯେ ମୁଁ ଯେଉଁ ଗୁଡ଼ିକ ମୋ ଜୀବନରେ ମାନି ନେଇଛି...........ସେଗୁଡ଼ିକୁ ସେମାନେ ନିଜ ଜୀବନରେ କାର୍ଯ୍ୟକାରୀ କରନ୍ତୁ କିମ୍ବା ଯଦି ସେମାନେ ସେଥିରେ ବିଶ୍ୱାସ ନ କରନ୍ତି ତେବେ ପୂର୍ଣ୍ଣ ଶକ୍ତିରେ ମୋର ବିରୋଧ କରନ୍ତୁ।

## (୩) ସ୍ୱରାଜ ଓ ଗ୍ରାମସ୍ୱରାଜ

(୧) ମୋର—ମୋର ଏକା କାହିଁକି, ଆମ ସମସ୍ତଙ୍କର— ସ୍ୱପ୍ନର ସ୍ୱରାଜରେ ଜାତି କିମ୍ବା ଧର୍ମଗତ ଭେଦଭାବ ରହିବ ନାହିଁ। ଏହା ଶିକ୍ଷିତ କିମ୍ବା ଧନୀମାନଙ୍କ ଏକଚାଟିଆ ଅଧିକାର ହୋଇ ରହିବ ନାହିଁ। ସ୍ୱରାଜ ହେଉଛି ସମସ୍ତଙ୍କର। ଏଥିରେ କୃଷକ, ଧନୀ, ନିର୍ଦ୍ଧନ, ଅନ୍ଧ ଓ କୋଟି କୋଟି ଶୋଷିତ ଜନତାର ସ୍ଥାନ ରହିଛି।

(୨) ଗ୍ରାମ ସ୍ୱରାଜ କହିଲେ ମୁଁ ବୁଝେ, ଗାଁ ଗୋଟିଏ ପୂର୍ଣ୍ଣାଂଗ ସାଧାରଣତନ୍ତ୍ର । ପ୍ରୟୋଜନୀୟ ଦ୍ରବ୍ୟଗୁଡ଼ିକ ପାଇଁ ଏହା ବାହାରର କାହାରି ଉପରେ ନିର୍ଭର କରିବାର ନାହିଁ। ଅବଶ୍ୟ ଅନ୍ୟ କେତେକ ଜିନିଷ ପାଇଁ ଅନ୍ୟମାନଙ୍କ ଉପରେ ନିର୍ଭର କରିବାକୁ ପଡ଼ିପାରେ। ତେଣୁ ପ୍ରତ୍ୟେକ ଗାଁ ନିଜର ଖାଦ୍ୟ ପାଇଁ ଫସଲ ଉତ୍ପାଦନ କରିବ, ଲୁଗାପଟା ପାଇଁ ତୁଳା ଉପଜ କରିବ। ଏହାର ସୁରକ୍ଷିତ ପଶୁ ପାଇଁ ଆଶ୍ରୟ ଗୃହ ଏବଂ ପିଲା ଓ ବଡ଼ଙ୍କ ପାଇଁ ଆମୋଦ ପ୍ରମୋଦ ଓ କ୍ରୀଡ଼ାକସରତ ଉପଯୋଗୀ ପଡ଼ିଆ ରଖିବ। ଅଧିକା ଜମିଗୁଡ଼ିକରେ ତହିଁରେ ପଣ୍ୟ ଫସଲ ଉତ୍ପାଦନ ହୋଇପାରିବ, କିନ୍ତୁ କେତେକରେ ଗଂଜେଇ, ଧୂଆଁପତ୍ର ଓ ଅଫିମ ପ୍ରଭୃତି ନିଶାଦ୍ରବ୍ୟ ଉତ୍ପାଦନ କରିବାକୁ ହେବନାହିଁ। ଗାଁର ଗୋଟିଏ ରଂଗମଂଚ ଏବଂ ସ୍କୁଲଘର ଓ ସଭାସମିତି ପାଇଁ ହଲ୍ ରହିବ। ପରିଷ୍କାର ପାନୀୟ ଜଳ ପାଇଁ ଗାଁର ସ୍ୱତନ୍ତ୍ର ବ୍ୟବସ୍ଥା ଥିବ। ମୌଳିକ ଶେଷ ଶ୍ରେଣୀ ପର୍ଯ୍ୟନ୍ତ ଗାଁରେ ଶିକ୍ଷା ବ୍ୟବସ୍ଥା ରହିବ। ଗାଁର ସବୁ କାର୍ଯ୍ୟ ଯଥାସମ୍ଭବ ସହଯୋଗ ନୀତିରେ ପରିଚାଳିତ ହେବ।

(୩) ଗ୍ରାମରାଜ ଗୋଟାଏ ଯୋଜନା ନୁହେଁ—ଏହା ଏକ ଚିନ୍ତାଧାରା, ଏକ ଧାରଣା ମାତ୍ର। ଜନମଂଗଳ ରାଷ୍ଟ୍ର ସହିତ ଏହି ଧାରଣାକୁ ଗୋଳେଇ ମିଶେଇ ଦିଆଯିବା ଅନୁଚିତ। ଗ୍ରାମରେ 'ସମସ୍ତେ ଏକ' ଏହି ଅନୁଭୂତି ଉପରେ ଗ୍ରାମରାଜ ପ୍ରତିଷ୍ଠିତ। ସ୍ୱେଚ୍ଛାକୃତ ଭାବରେ ଲୋକମାନେ ପରସ୍ପର ସୁଖଦୁଃଖରେ ଭାଗଦାର ହେବାଦ୍ୱାରାହିଁ ଏଭଳି ଏକତ୍ୱ-ବୋଧ ଆସିପାରେ। ଯଦି ପ୍ରତ୍ୟେକ ଗ୍ରାମ ସ୍ୱାବଲମ୍ବୀ ହୁଏ ଏବଂ ନିଜର ଶିକ୍ଷା ପ୍ରତିରକ୍ଷାର ଦାୟିତ୍ୱ ତୁଲାଏ, ଯଦି ପ୍ରତ୍ୟେକ ଗ୍ରାମର ଲୋକେ ସେଠିକାର ଦୈନନ୍ଦିନ କାର୍ଯ୍ୟକଳାପରେ ଅଂଶଗ୍ରହଣ କରନ୍ତି, ଯଦି ଗ୍ରାମରେ କୌଣସି ଜାତିଭେଦ ବା ଉଚ୍ଚନୀଚ ଭେଦଭାବ ନ ରହେ ଏବଂ ସହଯୋଗ ଓ ଭ୍ରାତୃଭାବର ଏକ ବାତାବରଣ ସୃଷ୍ଟି ରହିଥାଏ, ଯଦି ଜମିସବୁ ସମସ୍ତଙ୍କର ହୁଏ ଓ ସମସ୍ତେ ଗ୍ରାମ୍ୟ ଶିଳ୍ପରେ କାର୍ଯ୍ୟ ପାଇ ପାରନ୍ତି—ଅର୍ଥାତ୍, ମୋଟ ଉପରେ ଯଦି ସମଗ୍ର ଗ୍ରାମ ଗୋଟିଏ ପରିବାର ପରି ଚଳେ, ତେବେ ଆମେ ପ୍ରକୃତ ଗ୍ରାମରାଜ ପାଇପାରିବା।

## (୪) ବ୍ରହ୍ମଚର୍ଯ୍ୟ

(୧) ଖାଇବା ଶୋଇବା ପରି ସହବାସ ଯେ ଗୋଟିଏ ସ୍ୱତନ୍ତ୍ର ଆବଶ୍ୟକୀୟ କ୍ରିୟା, ଏପରି ମନେ କରିବା ଘୋର ମୂର୍ଖତା ହୋଇ

> "ଯେଉଁ ଯୁବକ ଯଥେଷ୍ଟ ଯୌତୁକ ପାଇଲେ ବିବାହ କରିବାକୁ ମଙ୍ଗେ, ସେ ତା ବିଶ୍ୱବିଦ୍ୟାଳୟ ଉପାଧିକୁ କଳଙ୍କିତ କରେ" ।
>
> —ଗାନ୍ଧୀଜୀ

ାଚାର୍ଯ୍ୟ ଜେ. ବି. କୃପାଲାନୀ

# ବିଶ୍ୱନାଗରିକ ଗାନ୍ଧୀଜୀ

ଗାନ୍ଧୀଜୀ ହିନ୍ଦୁ ବୈଷ୍ଣବ ପରିବାରରେ ବଢ଼ିଥିଲେ । ତାଙ୍କ ରର ବାତାବରଣ ଓ ସେହି ଘରେ ତାଙ୍କର ଜୀବନ ପାଳନ ାଙ୍କୁ ସହିଷ୍ଣୁତା ଓ ସମସ୍ତଙ୍କୁ ସମ୍ମାନ କରିବା କଥା ଶିଖାଇ ଥିଲା । ଇଂଲଣ୍ଡରେ ସେ ନିରାମିଷାହାରୀ ହୋଇ ରହିବାଲାଗି ବ୍ରତ ଗ୍ରହଣ କରିଥିଲେ । ଏହି ହେତୁ ସେ ସେ ସମୟରେ ଆଦର୍ଶ ନିରାମିଷାହାରୀ-ମାନଙ୍କ ସମ୍ପର୍କରେ ଆସିଥିଲେ । ଦକ୍ଷିଣ ଆଫ୍ରିକାରେ ତାଙ୍କୁ ବିଭିନ୍ନ ରାଷ୍ଟ୍ରବାଦୀ, ଜାତି ଓ ବର୍ଣ୍ଣର ଲୋକମାନଙ୍କ ସହିତ କାମ କରିବାକୁ ପଡ଼ିଥିଲା । ଏ କଥା ସମସ୍ତେ ଜାଣନ୍ତି ଯେ, ଟଲଷ୍ଟୟଙ୍କର ଜନହିତ-ମୂଳକ ବିଗ୍ରହ ଓ ତାଙ୍କ ଖ୍ରୀଷ୍ଟଧର୍ମର ଶିକ୍ଷାଗୁଡ଼ିକର ଗଭୀର ପ୍ରଭାବ ଗାନ୍ଧୀଜୀଙ୍କ ଉପରେ ପଡ଼ିଥିଲା । ଏସବୁ ବିଷୟ ଗାନ୍ଧୀଜୀଙ୍କୁ ଜ୍ଞାନ, ବିଶ୍ୱପ୍ରେମ, ସେବାଭାବ ଓ ଅହିଂସାତ୍ମକ ମାର୍ଗ ଗ୍ରହଣ କରିବାର ପ୍ରେରଣା ଦେଇଥିଲା । ଗାନ୍ଧୀଜୀଙ୍କ ମତରେ କୌଣସି ବିଗ୍ରହ ବା ସିଦ୍ଧାନ୍ତରେ ବିଶ୍ୱାସ କରିବାର ଅର୍ଥ—ନିଜେ ସେହି ବିଗ୍ରହ ବା ସିଦ୍ଧାନ୍ତକୁ ଗ୍ରହଣ କରି ତାହାକୁ କାର୍ଯ୍ୟରେ ପରିଣତ କରିବା । ଗାନ୍ଧୀଜୀଙ୍କ ଦୃଷ୍ଟିରେ ବ୍ୟକ୍ତିବିଶେଷ ଓ ବ୍ୟକ୍ତିସମୂହଙ୍କର ପରସ୍ପର ବ୍ୟବହାରର ପାର୍ଥକ୍ୟ ପାଇଁ ସ୍ଥାନ ନ ଥିଲା । ଉଭୟେ ନୈତିକତାର ଏକ ସିଦ୍ଧାନ୍ତ ଦ୍ୱାରା ଶାସିତ ହେବାର କଥା । ଏହି ସବୁର ଉପରେ ସାମାଜିକ ବା ରାଜନୈତିକ କୌଣସି କ୍ଷେତ୍ରରେ ହୁଏ ସେ ଯେ କୌଣସି ପ୍ରକାର ଉପାୟରେ ସିଦ୍ଧି ଲାଭ କରିବା କଥାକୁ ସମର୍ଥନ କରୁ ନ ଥିଲେ । ତାଙ୍କ ଦୃଷ୍ଟିରେ ସିଦ୍ଧିର ଯେତିକି ମହତ୍ତ୍ୱ, ଉପାୟର ମଧ୍ୟ ସେତିକି ମହତ୍ତ୍ୱ । ଯଦି ଉଦ୍ଦେଶ୍ୟ ମହତ୍ ହୁଏ, ଉଦ୍ଦେଶ୍ୟ ସିଦ୍ଧିର ଉପାୟ ମଧ୍ୟ ମହତ୍ ହେବା ଉଚିତ । ଏହି ମହତ୍ ଆଦର୍ଶ ଉପରେ ତାଙ୍କର ସତ୍ୟାଗ୍ରହ ଓ ମାନବର ସୁକ୍ଷଶକ୍ତିର ଅହିଂସାତ୍ମକ ଯୁଦ୍ଧର ଭିତ୍ତି ପ୍ରତିଷ୍ଠିତ ହୋଇଥିଲା ।

ମହାତ୍ମା ଗାନ୍ଧୀ ଅହିଂସା ବିଷୟରେ ଯେତେବେଳେ କିଛି କହନ୍ତି, ତାଙ୍କ କଥାର ତାତ୍ପର୍ଯ୍ୟ କେବଳ ସେ ଶାରୀରିକ ଅହିଂସା ଏହା ବୁଝିବା ଭୁଲ । ଶାରୀରିକ ଅହିଂସା ବଳରେ ଯେ ରକ୍ତପାତ ବନ୍ଦ ହୋଇ ପାରିବ, ଏଥିରେ କୌଣସି ସନ୍ଦେହ ନାହିଁ; କିନ୍ତୁ ଏପରି ହେଲେ ମଧ୍ୟ ହିଂସା ସଦୃଶ ଏ ଅହିଂସା ଦ୍ୱାରା ଦମନ ଓ ଅତ୍ୟାଚାର ହୋଇପାରେ । ସେ କାୟ, ମନ ଓ ବାକ୍ୟରେ ସର୍ବଦା ଅହିଂସା ନୀତି ଅବଲମ୍ବନ କରିବାକୁ ଉପଦେଶ ଦେଇଥିଲେ । ବିଶ୍ୱମୈତ୍ରୀମୂଳକ ମୂଳ ସିଦ୍ଧାନ୍ତରେ ବିଶ୍ୱାସ ରଖିଲେ ଏହା ସମ୍ଭବ ହୋଇପାରିବ । ଏପରି ଲୋକପାଇଁ ଜାତି, ରାଷ୍ଟ୍ର, ବର୍ଣ୍ଣ ଇତ୍ୟାଦିର ଭେଦଭାବ ସ୍ୱୀକାରର ସ୍ଥାନ ନାହିଁ ।

ଦକ୍ଷିଣ ଆଫ୍ରିକାରେ ଗାନ୍ଧୀଜୀ କୌଣସି ଭେଦଭାବ କଥା ନ ବିଚାରି ସମସ୍ତ ଭାରତୀୟଙ୍କୁ ସଂଗଠିତ କରାଇଥିଲେ ଓ ସେମାନଙ୍କ ସପକ୍ଷରେ କାର୍ଯ୍ୟ କରିଥିଲେ । ତାଙ୍କ ଉପରେ ଓ ତାଙ୍କ ଦେଶବାସୀମାନଙ୍କ ଉପରେ ଗୋରାମାନେ ଅକଥନୀୟ ଅତ୍ୟାଚାର କଲେ ସୁଦ୍ଧା ସେ ତହିଁରେ ବିଚଳିତ ନ ହୋଇ ନିଜର କର୍ତ୍ତବ୍ୟ ସାଧନ କରିଥିଲେ

(୩) ମୁଁ ଏପରି ଏକ ଭାରତ ପାଇଁ କାର୍ଯ୍ୟ କରିବି ଯେଉଁଠାରେ ଅତି ଦରିଦ୍ରତମ ବ୍ୟକ୍ତି ମଧ୍ୟ ଏ ଦେଶକୁ ନିଜର ବୋଲି ଉପଲବ୍ଧି କରିବେ ଓ ଦେଶଗଠନରେ ତାଙ୍କ ମତର ମୂଲ୍ୟ ରହିଛି ବୋଲି ଅନୁଭବ କରିବେ । ଭାରତ ଏଭଳି ଗୋଟିଏ ରାଷ୍ଟ୍ର ହେବ ଯେଉଁଠାରେ କି ଉଚ୍ଚନୀଚ ଭେଦଭାବ ରହିବ ନାହିଁ । ଭାରତରେ ସବୁ ସଂପ୍ରଦାୟର ଲୋକମାନେ ପୂରାପୂରି ସୁଖସ୍ୱାଚ୍ଛନ୍ଦ୍ୟରେ ବସବାସ କରିପାରିବେ । ଭାରତରେ ଅସ୍ପୃଶ୍ୟତାର ନାମଗନ୍ଧ ରହିବ ନାହିଁ କି ନିଶା ଦ୍ରବ୍ୟହିଁ ସେବନ କରାଯିବ ନାହିଁ । ଏଠାରେ ସ୍ତ୍ରୀମାନେ ମଧ୍ୟ ପୁରୁଷମାନଙ୍କ ସହ ସମାନ ଅଧିକାର ଉପଭୋଗ କରିପାରିବେ ।

## (୭) ସତ୍ୟାଗ୍ରହୀର ପଞ୍ଚ ଶପଥ

(୧) ସତ୍ୟର ଶପଥ, (୨) ଅହିଂସାର ଶପଥ, (୩) ସଂଯମର ଶପଥ, (୪) ସ୍ୱଦେଶୀ-ବ୍ରତର ଶପଥ, (୫) ନିର୍ଭୀକତାର ଶପଥ ।

## (୮) ରଚନାତ୍ମକ କାର୍ଯ୍ୟ

(କ) ରଚନାତ୍ମକ କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱ—ଗାନ୍ଧୀଜୀଙ୍କ ନିମ୍ନଲିଖିତ ୧୮ଟି ରଚନାତ୍ମକ କାର୍ଯ୍ୟକ୍ରମ ସର୍ବସାଧାରଣ ଅନୁସରଣ କରିବା ଉଚିତ :—

(୧) ସାଂପ୍ରଦାୟିକ ଏକତା, (୨) ଅସ୍ପୃଶ୍ୟତା ବର୍ଜନ, (୩) ନିଶାନିବାରଣ, (୪) ଖଦୀ ଓ ଗ୍ରାମୋଦ୍ୟୋଗର ବିକାଶ, (୫) ଗ୍ରାମ ସଫେଇ, (୬) ମୌଳିକ ଶିକ୍ଷା, (୭) ଛାତ୍ର ସମାଜର ସଂଗଠନ, (୮) ନାରୀ ଜାତିର ଉନ୍ନତି, (୯) ସ୍ୱାସ୍ଥ୍ୟ ଓ ସ୍ୱାସ୍ଥ୍ୟଶିକ୍ଷା, (୧୦) ଆଞ୍ଚଳିକ ଭାଷାର ବିକାଶ, (୧୧) ରାଷ୍ଟ୍ର ଭାଷାର ବିକାଶ, (୧୨) ଆର୍ଥିକ ସମାନତା, (୧୩) କୃଷକ କଲ୍ୟାଣ, (୧୪) ଶ୍ରମିକ କଲ୍ୟାଣ, (୧୫) ଆଦିବାସୀ କଲ୍ୟାଣ, (୧୬) କୁଷ୍ଠ ରୋଗ ଚିକିତ୍ସା, (୧୭) ପ୍ରୌଢ଼ ଶିକ୍ଷା, (୧୮) ଗୋ-ମେଷାଦି ପଶୁର ଉନ୍ନତିବିଧାନ--

## (୯) ଗାନ୍ଧୀଜୀଙ୍କର ଏକାଦଶ ବ୍ରତ

(୧) ଅହିଂସା, (୨) ସତ୍ୟ, (୩) ଅସ୍ତେୟ (ଚୋରି ନ କରିବା), (୪) ବ୍ରହ୍ମଚର୍ଯ୍ୟ, (୫) ଅସଂଗ୍ରହ, (୬) ଶରୀର ଶ୍ରମ, (୭) ଅସ୍ୱାଦ, (୮) ସର୍ବତ୍ର ଭୟ ବର୍ଜନ, (୯) ସର୍ବଧର୍ମ ସମାନତ୍ୱ, (୧୦) ସ୍ୱଦେଶୀ, (୧୧) ସ୍ପର୍ଶ ଭାବନା (ଅସ୍ପୃଶ୍ୟତା ଦୂରୀକରଣ) ।

---

"ସ୍ୱାଧୀନତା ଯେତେ ଉଚ୍ଚ କୋଟୀର ହେବ, ଶୃଙ୍ଖଳା-ବୋଧ ସେ ଦେଶରେ ସେତେ ଅଧିକ ହେବା ସ୍ୱାଭାବିକ । ଶୃଙ୍ଖଳା ଓ ନମ୍ରତା ଉପରେ ପ୍ରତିଷ୍ଠିତ ସ୍ୱାଧୀନତାକୁ ଏଡ଼ାଇ ଦିଆଯାଇ ନ ପାରେ । ଗଣତନ୍ତ୍ରବାଦୀ ହେବା ଯାହାର ଜନ୍ମଗତ ସ୍ୱଭାବ, ସେ ମଧ୍ୟ ନିଶ୍ଚିତ ଭାବରେ ଶୃଙ୍ଖଳା ଜ୍ଞାନରେ ମଣ୍ଡିତ । ମାନବକୃତ ତଥା ପ୍ରାକୃତିକ ନିୟମ ପାଖରେ ଯେଉଁ ବ୍ୟକ୍ତି ନତମସ୍ତକ, ସେହି ହେଉଛି ଗଣତାନ୍ତ୍ରିକ ଚିନ୍ତାଧାରାର ଅଧିକାରୀ । ଗଣତନ୍ତ୍ରର ସେବା କରିବାକୁ ଆଗ୍ରହୀ ହୋଇଥିବା ବ୍ୟକ୍ତି, ଏହି ଦୃଷ୍ଟିରୁ ଆତ୍ମପରୀକ୍ଷା କରିବା ଉଚିତ ।"

—ଗାନ୍ଧୀଜୀ

...ଭାବ ନ ରଖି ମୁଁ ପ୍ରତ୍ୟେକ ମାନବକୁ ପ୍ରେମ କରେ। ମୁଁ ... ଦେଶର ସେବା କରୁଛି କେବଳ, କାରଣ ଏହା ମୋ ପକ୍ଷରେ ... କିନ୍ତୁ ମୁଁ ସବୁବେଳେ ଚେଷ୍ଟା କରୁଥାଏ କିପରି ମୋ ...ଶବାସୀମାନେ ନିଜ ପାଦରେ ଠିଆ ହୋଇ ଶିଖନ୍ତୁ, ସ୍ୱାବଲମ୍ବୀ ...ନ୍ତୁ, ଯେପରି କି ମାନବର ସେବା କରିବାରେ ସେମାନେ ମୋ ...ତ ସହଯୋଗ କରିପାରିବେ।"

...ଯଦି ଗାନ୍ଧୀଜୀ କାହାପ୍ରତି ଅଧିକ ଭେଦଭାବ ପୋଷଣ କରୁଥିଲେ ...ହା କେବଳ ନିଜର ବିରୋଧ ଓ ସାଂପ୍ରଦାୟିକତା ମନୋଭାବଥିବା ...ାକ୍ତିମାନଙ୍କଠାରେ। ଗାନ୍ଧୀଜୀଙ୍କ ମତରେ ନୈତିକତା ଅନ୍ୟମାନଙ୍କ ...ଯରେ ଟୀକାଟିପ୍ପଣୀ କରିବାକୁ ଓ ସେମାନଙ୍କ ସମ୍ବନ୍ଧରେ ମତ ...ାଶ କରିବାକୁ କାହାକୁ ଶିକ୍ଷା ଦିଏନାହିଁ। ତାହା ବ୍ୟକ୍ତିକୁ ଆତ୍ମଚିନ୍ତନ ...ବାକୁ ଶିକ୍ଷା ଦେଇଥାଏ। ନୈତିକତା ମନୁଷ୍ୟକୁ ନିଜର ଅଭାବ ତ୍ରୁଟିଗୁଡ଼ିକୁ ଜାଣିବା ନିମିତ୍ତ ପ୍ରେରଣା ଦେଇଥାଏ। ଏ କଥା ...ଙ୍କ ଜୀବନରେ ଅନ୍ତିମ ଦିନମାନଙ୍କରେ ଓ ସାମ୍ପ୍ରଦାୟିକ ଗଣ୍ଡଗୋଳ ...ୟରେ ପ୍ରମାଣିତ ହୋଇଥିଲା। ହିନ୍ଦୁମାନେ ବିହାରରେ ଯେଉଁ ...ରୂ ଅତ୍ୟାଚାର କରିଥିଲେ, ସେଥିନିମନ୍ତେ ସେ ବିଶେଷ କ୍ଷୁବ୍ଧ ...ାଇ ପଡ଼ିଥିଲେ। ପକ୍ଷାନ୍ତରରେ ମୁସଲମାନଙ୍କର ନୃଆଖାଲି କାଣ୍ଡ ...ଙ୍କ ହୃଦୟକୁ ବିଦୀର୍ଣ୍ଣ କରି ପକାଇଥିଲା। ସାମ୍ପ୍ରଦାୟିକ ଗଣ୍ଡଗୋଳ ...ଗି ସେ ମୁସଲମାନମାନଙ୍କ ଅପେକ୍ଷା ହିନ୍ଦୁ ଓ ଶିଖମାନଙ୍କୁ ...ଧିକ ଦୋଷୀ ବୋଲି ଜ୍ଞାନ କରିଥିଲେ। ସବୁବେଳେ ତାଙ୍କର ...ଛା ଥିଲା, ଯେ, ମୁସଲମାନମାନଙ୍କର ଦୁର୍ବ୍ୟବହାର ପ୍ରତି ...ନ୍ତି ନ ଦେଇ ହିନ୍ଦୁ ଓ ଶିଖମାନେ ସତ୍‌ପଥ ଅନୁସରଣ କରନ୍ତୁ। ଏହି ...ରୁ ହିନ୍ଦୁ ଓ ଶିଖମାନେ ମହାତ୍ମାଜୀଙ୍କ ପ୍ରତି ଅସନ୍ତୁଷ୍ଟ ହୋଇ ...ଥିଲେ। ଏହି କାରଣରୁ ସେମାନେ ଗାନ୍ଧୀଜୀଙ୍କ ଶିକ୍ଷାକୁ ହୃଦୟଙ୍ଗମ ...ିପାରିଲେ ନାହିଁ। ସାମ୍ପ୍ରଦାୟିକ ଭାବ ଉଗ୍ର ରୂପ ଧାରଣ କରୁଥାଏ। ...ାଯୁକ୍ତ ହେବେବୋଲି ସାବଧାନ କରିଦିଆଗଲା। କିନ୍ତୁ କୌଣସି ...ପଦର ଭୟ ତାଙ୍କୁ ସତ୍‌ପଥରୁ ବିଚଳିତ କରି ପାରି ନ ଥିଲା। ...ବ ସ୍ୱରୂପ ମୁସଲମାନମାନଙ୍କର ମଙ୍ଗଳ ଓ ସେମାନଙ୍କର ସୁରକ୍ଷା ...ିମନ୍ତେ ସେ ନିଜର ଜୀବନ ମଧ୍ୟ ଉତ୍ସର୍ଗ କରିଦେଲେ।

ବାପୁ ଭାରତରେ ଜନ୍ମଗ୍ରହଣ କରିଥିଲେ ଓ ସେ ଏହି ଦେଶର ...ଶ୍ୱ ନାଗରିକ ଥିଲେ। କିନ୍ତୁ ପ୍ରକୃତରେ ଦେଖିବାକୁ ଗଲେ ସେ ...ିଶ୍ୱର ନାଗରିକ ଥିଲେ। ରାଷ୍ଟ୍ର ସ୍ୱାଧୀନ ହୋଇ ଅନ୍ୟାନ୍ୟ ଦେଶମାନଙ୍କୁ ...ରାଧୀନ କରିବାରେ ନିଜର ସ୍ୱାଧୀନତା ଓ ଶକ୍ତି ଉପଯୋଗ କରୁ— ...ଥା ସେ କେବେ ଇଚ୍ଛା କରି ନ ଥିଲେ। ତାଙ୍କର ଆନ୍ତରିକ ଇଚ୍ଛା ଥିଲା ସ୍ୱାଧୀନ ଭାରତ ପରାଧୀନ ଓ ପଦଦଳିତମାନଙ୍କର ସେବାରେ ନିଜର ସମସ୍ତ ଶକ୍ତି ନିୟୋଗ କରୁ। ତାଙ୍କର ଆଦର୍ଶରେ ସାମ୍ରାଜ୍ୟବାଦ ଓ ଆର୍ଥିକ ଶୋଷଣର ସ୍ଥାନ ନ ଥିଲା। ତାଙ୍କ ସ୍ୱପ୍ନର ଭାରତବର୍ଷ କିପରି ଗୋଟିଏ ଜାତିଭେଦହୀନ, ଶ୍ରେଣୀବିହୀନ ରାଷ୍ଟ୍ର ହୁଅନ୍ତା ଓ ତହିଁରେ କୌଣସି ପ୍ରକାର ଶୋଷଣର ପ୍ରଶ୍ନ ନ ଉଠନ୍ତା ଏଥିପାଇଁ ସେ ଅହରହ ଭଗବାନଙ୍କଠାରେ ପ୍ରାର୍ଥନା କରୁଥିଲେ। ଏହି କାରଣରୁ ଦେଶର ଦଳିତବର୍ଗ ତାଙ୍କୁ ନିଜର ସାଥୀ ଓ ରକ୍ଷକ ବୋଲି ମନେ କରୁଥିଲେ। ସେମାନେ ତାଙ୍କ ଜୀବନ ଓ ଆଦର୍ଶଦ୍ୱାରା ଉତ୍ସାହିତ ହେଉଥିଲେ। ବାପୁ କେବଳ ଯେ ସବୁ ଧର୍ମପ୍ରତି ସହିଷ୍ଣୁ ଥିଲେ ତାହା ନୁହେଁ, ସେ ଏକପ୍ରକାର ସବୁ ଧର୍ମ ଗ୍ରହଣ କରି ନେଇଥିଲେ। ସେ ସବୁ ଧର୍ମର ପ୍ରଧାନ ଶିକ୍ଷାଗୁଡ଼ିକୁ ଅଭ୍ୟାସ କରିବାକୁ ଚାହିଁ ନେଇଥିଲେ। ସେ କେବେହେଲେ ଶାସ୍ତ୍ରର ସୈନ୍ୟବଳ ଓ ଶକ୍ତିର ପ୍ରୟୋଗ ଦ୍ୱାରା ବିଶ୍ୱଶାନ୍ତିର କଳ୍ପନା କରୁ ନ ଥିଲେ। କିନ୍ତୁ କରୁଥିଲେ କାହାକୁ ଧରି ? ସେହି ବିଶ୍ୱଶାନ୍ତି ଏହି ଭୌତିକ ପଦାର୍ଥମାନଙ୍କଠାରୁ ଢେର ଉଚ୍ଚ ବସ୍ତୁ—ଅହିଂସା, ସତ୍ୟ, ନ୍ୟାୟ ଓ ପ୍ରେମ ପ୍ରଭୃତି ଉପରେ ପ୍ରତିଷ୍ଠିତ ଥିଲା। ତାହା କୌଣସି ସଂସ୍ଥା ବା ଭୌତିକ ସାଧନା ବଳରେ ହାସଲ କରାଯାଇ ନ ପାରେ। ତାହା ହାସଲ କରାଯାଇ ପାରିବ କେବଳ ଦୁଇଟି ସାଧନା—ସତ୍ୟ ଓ ଅହିଂସା ଦ୍ୱାରା।

ଆଜି ବିଶ୍ୱ ସମ୍ମୁଖରେ କେବଳ ଦୁଇଟି ମାର୍ଗ ଅଛି—ହିଂସା ଓ ଅହିଂସା। ଯେ କୌଣସି ମହତ୍ ଉଦ୍ଦେଶ୍ୟ ସିଦ୍ଧି ନିମନ୍ତେ ଯେ କୌଣସି ପ୍ରକାରର ହିଂସା ଉପଯୋଗ କରାଗଲେ ସୁଦ୍ଧା ତାହା ବିଶ୍ୱର ବର୍ତ୍ତମାନ ପରିସ୍ଥିତିରେ ବିଶ୍ୱକୁ ପରମାଣୁ ଯୁଦ୍ଧ ଓ ତାହାଠାରୁ ବି ଅଧିକ ସାଂଘାତିକ ଯୁଦ୍ଧ ଆଡ଼କୁ ଅତ୍ୟନ୍ତ ଦ୍ରୁତଗତିରେ ଅଗ୍ରସର କରାଇନେବ। ପରିଣାମ ସ୍ୱରୂପ ସଭ୍ୟତାର ଅସ୍ତିତ୍ୱ ଲୋପପାଇଯିବ। ସାମ୍ୟ, ପ୍ରଜାତନ୍ତ୍ର ଓ ବିଶ୍ୱଶାନ୍ତି ଧୂର୍ତ୍ତତା, ହିଂସା ଓ ଘୃଣା ଉପରେ ତିଷ୍ଠି ରହି ପାରିବ ନାହିଁ। ସମଗ୍ର ସଂସାର ଆଜି ପର୍ଯ୍ୟନ୍ତ ଘୃଣା ଓ ହିଂସା-ଦ୍ୱାରା ତାର ସମସ୍ୟାଗୁଡ଼ିକର ସମାଧାନ କରିବାକୁ ଚେଷ୍ଟା କରି ଆସିଛି। ପରିଣାମରେ ସମସ୍ୟାଗୁଡ଼ିକ ଆହୁରି ଭୟଙ୍କର ରୂପ ଧାରଣ କରିଅଛି। ଦ୍ୱିତୀୟ ମାର୍ଗ ହେଉଛି ଅହିଂସା ମାର୍ଗ। ଗାନ୍ଧୀଜୀ ଏହି ମାର୍ଗ ଅନୁସରଣକରି ଅଧିକାଂଶ କ୍ଷେତ୍ରରେ କୃତକାର୍ଯ୍ୟ ହୋଇ ଅଛନ୍ତି। ବାପୁ କହିଛନ୍ତି ଯେ ଏହି ଅହିଂସାମାର୍ଗ ଆତ୍ମୋତ୍କର୍ଷ କରିବା ମାର୍ଗ ଅଟେ। ବାପୁଜୀ ସ୍ୱୟଂ ଏହି ଆତ୍ମୋତ୍କର୍ଷର ଉଦାହରଣ ଲୋକମାନଙ୍କୁ ପ୍ରତ୍ୟକ୍ଷ ଭାବରେ ଦର୍ଶାଇ ଦେଇଅଛନ୍ତି। ତେବେ ବର୍ତ୍ତମାନ ପ୍ରଶ୍ନ ହେଉଛି—ମାନବର ନୈତିକସ୍ତର କ'ଣ ଏବେ

ଓ ନିଜର ଦେଶ ଭାଇମାନଙ୍କୁ ମଧ୍ୟ ସେହି ଉପଦେଶ ଦେଇଥିଲେ । ଗୋରାମାନଙ୍କ ମଧ୍ୟରୁ କେତେକ ତାଙ୍କର ମିତ୍ର ମଧ୍ୟ ଥିଲେ । ସେମାନେ ଯୁଦ୍ଧରେ ତାଙ୍କୁ ସାହାଯ୍ୟ କରିଥିଲେ । ନିଜର ବିଦ୍ରୋହୀ ବା ଶତ୍ରୁମାନଙ୍କୁ ସେ ସଙ୍ଗେ ସଙ୍ଗେ କ୍ଷମା କରି ଦେଉଥିଲେ । ନିଜ ପ୍ରତି ଶତ୍ରୁମାନଙ୍କ ଦ୍ୱାରା କରାଯାଉଥିବା ଅତ୍ୟାଚାରର ପ୍ରତିଶୋଧ ନେବାକୁ ସେ କେବେ ସୁଦ୍ଧା ଚେଷ୍ଟା କରି ନ ଥିଲେ । ସରକାର ତାଙ୍କର ପ୍ରାଣ ନେବାକୁ ଯତ୍ନ କରିଥିବା ଲୋକଙ୍କୁ ଦଣ୍ଡ ଦେବାକୁ ଇଚ୍ଛା କରୁଥିଲେ ସୁଦ୍ଧା ସେ ସେପରି ଇଚ୍ଛା କରି ନ ଥିଲେ ।

ଭାରତରେ ସେ ନିଜର ଅନୁଗାମୀମାନଙ୍କୁ ଗୋଟିଏ ପଦ୍ଧତି ବା ଅନୁଷ୍ଠାନ ଏବଂ ତା ଅଧୀନରେ କାମ କରୁଥିବା ଲୋକେ ଯେ ପରସ୍ପର ଠାରୁ ଭିନ୍ନ ସେ ଏହା ଦର୍ଶାଇ ଥିଲେ । ଗୋଟିଏ ଖରାପ ଅନୁଷ୍ଠାନକୁ ନଷ୍ଟ କରିବାପାଇଁ ସେ ନିଜର ପ୍ରାଣପର୍ଯ୍ୟନ୍ତ ଚେଷ୍ଟା କରିଥିଲେ । ତଦ୍ରୂପରି ମଧ୍ୟ ସେଥିରେ କାମ କରୁଥିବା ଲୋକମାନଙ୍କଠାରେ ଯେପରି କୌଣସି ଆଘାତ ନ ପହଞ୍ଚେ, ସେଥି ନିମିତ୍ତ ସେ ସର୍ବଦା ଯତ୍ନବାନ ଥିଲେ । ଏହା ସଙ୍ଗେ ସଙ୍ଗେ ସେ ପ୍ରେମ ଓ ସହିଷ୍ଣୁତା ବଳରେ ସେମାନଙ୍କ ହୃଦୟକୁ ଜିଣିବାକୁ ଚାହୁଁ ଥିଲେ । ଜାଲିଆନା ବାଗ ଓ ପଞ୍ଜାବରେ ହୋଇଥିବା ଅତ୍ୟାଚାର ଲାଗି ସେ କେବଳ ଏତିକି ଚାହିଁଥିଲେ ଯେ, ଭବିଷ୍ୟତରେ ଏପରି ବର୍ବରତାପୂର୍ଣ୍ଣ କାର୍ଯ୍ୟପାଇଁ ଶାସନର ଯେଉଁ ପ୍ରଧାନ ଅଧିକାରୀମାନେ ଦାୟୀ ହେବେ, ସେମାନଙ୍କୁ ଭାରତରେ ଚାକିରୀ କରିବାକୁ ଅନୁମତି ଦିଆଯାଇ ପାରିବ ନାହିଁ କି ଭାରତ ରାଜକୋଷରୁ ସେମାନଙ୍କୁ ପେନ୍‌ସନ୍ ମିଳିପାରିବ ନାହିଁ ।

ଲାଙ୍କାସାୟାରରେ ତିଆରି ହେଉଥିବା ବସ୍ତ୍ର ବହିଷ୍କରଣ ନିମିତ୍ତ ଗାନ୍ଧୀଜୀ ଯେଉଁ ଆନ୍ଦୋଳନ ଚଳାଇଥିଲେ ସେଥି ନିମନ୍ତେ କେତେକ ଲୋକ ତାଙ୍କ ଉପରେ ଦୋଷାରୋପ କରିଥିଲେ । ସେମାନେ କହୁଥିଲେ ଯେ ଏହିପରି ଭାବରେ ସେ ସେହି ମିଲ୍‌ମାନଙ୍କରେ କାମ କରୁଥିବା ଶ୍ରମିକ ଓ ସେମାନଙ୍କ ପରିବାରମାନଙ୍କୁ ଦୁର୍ଭିକ୍ଷ ପ୍ରପୀଡ଼ିତ କରାଇ ମୃତ୍ୟୁମୁଖରେ ପକାଇବାର ଚେଷ୍ଟା କରୁଅଛନ୍ତି । କିନ୍ତୁ ଗାନ୍ଧୀଜୀ ଏହି ଦୋଷକୁ ସାରହୀନ ବୋଲି ପ୍ରମାଣିତ କରାଇ କହୁଥିଲେ ଯେ, ନିଜ ନିଜ ବଜାରେ ସେ ବିକ୍ରି କରିବାକୁ ଭାରତୀୟ ଜନତାର ଅଧିକାର ଅଛି । ଭାରତୀୟ କୃଷକ ନିଜର ଜୀବିକା ନିର୍ବାହ କରିବା ଲାଗି କୃଷି ଉପରେ ନିର୍ଭର କରେ । ଏହି ହେତୁ ତାକୁ ଓ ତାର ପରିବାରକୁ କେବେ ଦୁଇ ଦିନରେ ଦୁଇବେଳ ପେଟପୂରା ଖାଇବାକୁ ମିଳେ ନାହିଁ । ତେଣୁ ଗାନ୍ଧୀଜୀ ପରାମର୍ଶ ଦେଉଥିଲେ ଯେ, ଭାରତୀୟ କୃଷକ ସୂତା ବୁଣି ମଧ୍ୟ ନିଜର ଆମଦାନୀ ବଢ଼ାଇବ । ଇଂଲଣ୍ଡରେ ଗୋଲଟେବୁଲ ବୈଠକ ବସିଥିବା ସମୟରେ ଲାଙ୍କାସାୟାରରେ ଶ୍ରମଜୀବୀମାନେ ଗାନ୍ଧୀଜୀଙ୍କୁ ନିମନ୍ତ୍ରଣ କରିଥିଲେ । ସେମାନେ ତାଙ୍କର ଦୃଷ୍ଟି କୋଣକୁ ବୁଝିବାକୁ ଇଚ୍ଛାକରୁଥିଲେ । ଏ କଥାରୁ ସ୍ପଷ୍ଟ ପ୍ରମାଣ ମିଳୁଛି ଯେ ଲାଙ୍କାସାୟାରର ଶ୍ରମଜୀବୀମାନଙ୍କ ସକାଶେ ଗାନ୍ଧୀଜୀଙ୍କ ହୃଦୟରେ କୌଣସି ଖରାପ ଭାବ ନ ଥିଲା ।

କେତେକ ଲୋକ କହୁଥିଲେ ଯେ, ଗାନ୍ଧୀଜୀଙ୍କ ସ୍ୱଦେଶୀ ଆନ୍ଦୋଳନ ସ୍ୱାର୍ଥପୂର୍ଣ୍ଣ ଓ ଅନ୍ୟ ରାଷ୍ଟ୍ରମାନଙ୍କ ପକ୍ଷରେ ଅହିତକର । ବାପୁଜୀ ବତାଇଲେ, ଯେ, ସ୍ୱଦେଶୀ ଆନ୍ଦୋଳନ ନିଜର ପଡ଼ୋଶୀ ଅଥବା ଦେଶବାସୀମାନଙ୍କର ସେବା ଅଟେ ଏବଂ ଏଥିରେ ମାନବର ସେବା ନିହିତ । କାରଣ ନିଜର ଦେଶବାସୀମାନଙ୍କର ସେବା କରିବାର ତାତ୍ପର୍ଯ୍ୟ ଏହା ଯେ, ଏହା ମାନବ ସେବାର ପ୍ରତ୍ୟକ୍ଷ ସୁବିଧା ଆଣିଦିଏ ।

ଥରେ ଜଣେ ଉଚ୍ଚପଦସ୍ଥ ବ୍ରିଟିଶ୍ କର୍ମଚାରୀ ବାପୁଜୀଙ୍କୁ କହିଲେ, "ଏକଥା ସ୍ୱାଭାବିକ ଯେ, ବିଦେଶୀମାନଙ୍କ ଅପେକ୍ଷା ଆପଣ ସ୍ୱଦେଶୀମାନଙ୍କୁ ବେଶି ପ୍ରେମ କରୁଥିଲେ ।" ସେ ଆଶା କରିଥିଲେ ଯେ ବାପୁଜୀ ତାଙ୍କ କଥାରେ ସମ୍ମତ ହୋଇଯିବେ । କିନ୍ତୁ ବାପୁଜୀ ଉତ୍ତର ଦେଲେ, "ମୋ ଦୃଷ୍ଟିରେ ମୋ ସ୍ୱଦେଶବାସୀ ଓ ପରଦେଶବାସୀମାନଙ୍କ ମଧ୍ୟରେ କୌଣସି ପାର୍ଥକ୍ୟ ନାହିଁ । କୌଣସି

"ଆମର ବୁଦ୍ଧିଜୀବୀମାନେ ଗ୍ରାମ ପ୍ରତି ଅବହେଳା କରୁଛନ୍ତି, ଗ୍ରାମ୍ୟ ଜୀବନ ସହର ଜୀବନର ଅନୁକରଣରେ ଗଢ଼ାଯିବା ଅନୁଚିତ । ସହରଗୁଡ଼ିକ ଗ୍ରାମ୍ୟ ଜୀବନର ଛାଞ୍ଚକୁ ଅନୁସରଣ କରନ୍ତୁ ଓ ଗ୍ରାମ ଗଠନରେ ସାହାଯ୍ୟ କରନ୍ତୁ । ଆଜି ସହର ଗ୍ରାମ ଉପରେ ଆଧିପତ୍ୟ ବିସ୍ତାର କରି ଗ୍ରାମକୁ ଧ୍ୱଂସ କରୁଛି । ସହର ଗ୍ରାମର ସେବାକରିବା ଉଚିତ ।"

—ଗାନ୍ଧୀଜୀ

# ସର୍ବୋଦୟ ଓ ସାମ୍ୟବାଦ

ମାନବ ସମାଜରୁ ଯେଉଁ ଅଶାନ୍ତିକୁ ଆମ୍ଭେମାନେ ଦୂର କରିବାକୁ ଚାହୁଁ, ସେହି ଅଶାନ୍ତିର ମୂଳ କାରଣ ହେଉଛି ବୈଷମ୍ୟ। ତାହାପାଇଁ ଦୁଇ ଗୋଟି ଉପାୟ ସ୍ଥିର କରାଯାଇଛି। ଗୋଟିଏ ହେଉଛି, 'ସାମ୍ୟବାଦ' ଓ ଅନ୍ୟଟି 'ସର୍ବୋଦୟ'। କାର୍ଲମାର୍କସ୍ 'ସାମ୍ୟବାଦ' ଅଥବା କମ୍ୟୁନିଜମ୍‌କୁ ବୈଜ୍ଞାନିକ ଓ ଶାସ୍ତ୍ରୀୟରୂପ ଦେଇଥିଲେ। ଶ୍ରେଣୀହୀନ ସମାଜ ସ୍ଥାପନ କରିବା ତାହାର ଆଦର୍ଶ ଅଟେ। ସର୍ବୋଦୟ ଶବ୍ଦର ଜନ୍ମଦାତା ଓ ପ୍ରଚାରକ ଅଟନ୍ତି ସ୍ୱୟଂ ମହାତ୍ମା ଗାନ୍ଧୀ। ସର୍ବୋଦୟ ଅର୍ଥ––ସମସ୍ତଙ୍କର ଉନ୍ନତି, ସମସ୍ତଙ୍କର ସମାନ ହିତ। ଶ୍ରେଣୀହୀନ ସମାଜର କଳ୍ପନା ମୂଳରେ ସମତାର ସିଦ୍ଧାନ୍ତ ଅଛି। ଯେଉଁ ଶ୍ରେଣୀର ଲୋକମାନେ ପରସ୍ପର ମଧ୍ୟରେ ବାଦ-ବିବାଦ କରନ୍ତି ଓ ଏକ ଅନ୍ୟକୁ ଶୋଷଣ କରନ୍ତି, ସେପରି ଶ୍ରେଣୀ ସମାଜରେ ରହିବା ଆଦୌ ଉଚିତ ନୁହେଁ। ସବୁ ଲୋକଙ୍କୁ ନେଇ ସମାଜରେ ଗୋଟିଏ ଶ୍ରେଣୀ ରହିବା ଉଚିତ ଓ ତାହା ହେବ ମାନବ ଶ୍ରେଣୀ। ସମ୍ପତ୍ତି ଉପରେ ବ୍ୟକ୍ତିଗତ ସ୍ୱତ୍ତ୍ୱ ରହିଲେ ପରସ୍ପର ମଧ୍ୟରେ ବାଦ-ବିବାଦ ଓ ଶୋଷଣ ପ୍ରବୃତ୍ତି ଜାଗ୍ରତ ହୁଏ ଓ ବଢ଼େ। ଏଣୁ ସମାଜରେ ସମ୍ପତ୍ତି ଉପରୁ ଅର୍ଥାତ୍ ଉତ୍ପାଦନ ଉପାୟଗୁଡ଼ିକ ଉପରୁ ବ୍ୟକ୍ତିଗତ ସ୍ୱତ୍ତ୍ୱ ରହିବାର ପ୍ରଥା ଉଠାଇ ଦିଆଯିବା ଉଚିତ। ଏହା ସାମ୍ୟବାଦୀମାନଙ୍କର ପ୍ରଧାନ ଲକ୍ଷ୍ୟ। ଏପରି ସମାଜ କିପରି ଗଠିତ ହେବ ? ସାମ୍ୟବାଦୀମାନେ ଏହାର ଉତ୍ତର ଏପରି ଭାବରେ ଦେଇଥାନ୍ତି–ପ୍ରଥମରେ ଯଥା ସମ୍ଭବ ସମସ୍ତଙ୍କୁ ରାଜନୈତିକ ଅଧିକାର ମିଳିବା ଉଚିତ। ଶ୍ରମଜୀବୀମାନଙ୍କର ଏକଛତ୍ରାଧିପତ୍ୟକୁ ଦୃଢ଼ୀଭୂତ କରି ପୁଣି ତାହାର ବଳରେ ଆଦର୍ଶ ସମାଜ ଗଠନ କରାଯିବା ଉଚିତ। ସେମାନଙ୍କ ବିଚାରରେ ରାଜନୈତିକ ଶକ୍ତି ପାଇବା ଲାଗି ହିଂସାତ୍ମକ ବଳ ପ୍ରୟୋଗ କରିବା ବିନା ଅନ୍ୟ କୌଣସି ଉପାୟ ନାହିଁ।

ସର୍ବୋଦୟ ଆଦର୍ଶରେ ମଧ୍ୟ ମୂଳ ଭାବନା ହେଲା, ଏହି ସମାଜରୁ ବୈଷମ୍ୟ ଓ ଶୋଷଣନୀତି ଲୋପପାଉ। କିନ୍ତୁ ତାହାର କାର୍ଯ୍ୟକ୍ରମରେ ପାର୍ଥକ୍ୟ ପରିଲକ୍ଷିତ ହୋଇଥାଏ। ଯଦି ଆମ୍ଭେମାନେ ସମାଜରୁ ସବୁ ପ୍ରକାର ଶୋଷଣକୁ ସମୂଳେ ଉତ୍ପାଟନ କରିବାକୁ ଆମର କର୍ତ୍ତବ୍ୟ ବୋଲି ମନେକରୁ, ତାହାହେଲେ ଆମମାନଙ୍କୁ ବ୍ୟକ୍ତିଗତ ଓ ସାମାଜିକ ଜୀବନରେ ଅହିଂସାକୁ ସର୍ବ ପ୍ରଥମ ଓ ସର୍ବୋଚ୍ଚ ସ୍ଥାନ ଦେବାକୁ ପଡ଼ିବ; ଏହା ଗାନ୍ଧୀଜୀଙ୍କ ଦୃଢ଼ ବିଶ୍ୱାସ। ହିଂସା ଅର୍ଥ ଅନ୍ୟକୁ ଦବେଇ କୌଣସି କାର୍ଯ୍ୟ କରିବା ସକାଶେ ତାହାକୁ ବାଧ୍ୟ କରାଇବା। ଅହିଂସାର ଉଦ୍ଦେଶ୍ୟ ହେଉଛି ନିଜର ସଦ୍‌ଭାବନା ଓ ପ୍ରେମଦ୍ୱାରା ଆବଶ୍ୟକତାନୁସାରେ ନିଜେ କଷ୍ଟ ସହି ସୁଦ୍ଧା ଅନ୍ୟର ହୃଦୟକୁ ଜୟ କରିବା ଓ ନିଜର ଅନୁକୂଳ କରାଇବା। ଶୋଷଣରେ ହିଁ ହିଂସାର ଅଭିପ୍ରାୟ ନିହିତ। କୌଣସି ପ୍ରକାର ହିଂସାର ଆଶ୍ରୟ ନ ନେଇ କେହି କାହାକୁ ଶୋଷଣ କରି ନ ପାରେ। ଶୋଷଣର ଅର୍ଥ ହେଉଛି, ନ୍ୟାୟ ଓ ଧର୍ମ ଅନୁସାରେ ଯେଉଁ ଜିନିଷ ପାଇବାକୁ ମୋର ଅଧିକାର ନାହିଁ ତାହାକୁ ଛଳେ ବଳେ, କୌଶଳେ ଅଧିକାର କରାଯିବା। ସିଧା ବାଟରେ, ଖୋଲା ଖୋଲି ଭାବରେ ଯେଉଁ ଜିନିଷ ମୋତେ ମିଳୁନାହିଁ, ତାହା ପାଇଁ ଯଦି ମୋତେ କୁଟଳିଆ, ଧୋକା ଓ ଅଦେଖା ବାଟ ଆଶ୍ରୟ କରିବାକୁ ପଡ଼େ, ତାହାହେଲେ ତାହା ଶୋଷଣ ଅଟେ ଏବଂ ତହିଁରେ

ଭରକୁ ଉଠିଯାଇ ପାରିବ, ଯେପରି କି କୌଣସି ଉଦ୍ଦେଶ୍ୟ ସିଦ୍ଧି ନିମନ୍ତେ ସେ ଶହୀଦ ହୋଇପାରିବେ ? ଏହା କେବଳ ଭବିଷ୍ୟତର ଇତିହାସହିଁ କହିବ । ତଥାପି ସୁଦ୍ଧା ଏହା ଏକ ନିର୍ବିବାଦ ସତ୍ୟ ଯେ ଅନ୍ୟାନ୍ୟ ଧର୍ମସଂସ୍ଥାପକମାନଙ୍କ ପରି ବାପୁ ମଧ୍ୟ ଆମ୍ଭମାନଙ୍କୁ ଗୋଟିଏ ସତ୍ ଆନ୍ଦୋଳନର ମାର୍ଗ ଦର୍ଶାଇ ସାରିଛନ୍ତି । ଏହା ହୋଇ ପାରେ ଯେ ବାପୁଙ୍କର ସିଦ୍ଧାନ୍ତ ତଥା ଶିକ୍ଷାସବୁକୁ ବୁଝିବା ଲାଗି ମନୁଷ୍ୟକୁ ଆହୁରି କିଛି ସମୟ ଲାଗିବ । କିନ୍ତୁ ମନୁଷ୍ୟ କ'ଣ ସେତିକି ସମୟ ପର୍ଯ୍ୟନ୍ତ ବାପୁଙ୍କର ଶିକ୍ଷାଗୁଡ଼ିକୁ ବୁଝିବାପାଇଁ ହାତ ବାନ୍ଧି ହୋଇ ରହି ପାରିବ ? ଅସନ୍ତୋଷ ଓ ଅଶାନ୍ତିର ଶକ୍ତିସବୁ ମନୁଷ୍ୟକୁ ନିଷ୍ଠୁର ରଖିବେ ବା କାହିଁକି ? ଏହା ନିଶ୍ଚୟ ଯେ ବାପୁଙ୍କ ପ୍ରଦର୍ଶିତ ମାର୍ଗ ଜୀବନ ଓ ଜ୍ୟୋତିର ମାର୍ଗ ଅଟେ । ହିଂସା ମନୁଷ୍ୟକୁ କେବଳ ଅଜ୍ଞାନ, ଅନ୍ଧକାର ଓ ମୃତ୍ୟୁ ଦିଗରେ ଅଗ୍ରସର କରାଇ ନେବ ।

(ମୂଳ ଲେଖାର ମର୍ମାନୁବାଦ)

---

"ପୁଞ୍ଜି ଓ ଶ୍ରମିକ ପରସ୍ପରର ପରିପୂରକ ଓ ସହାୟକ ହେବା ଉଚିତ । ଏକ ପରିବାର ଭଳି ଉଭୟ ବଞ୍ଚିବା ବିଧେୟ । ପୁଞ୍ଜି କେବଳ ସେମାନଙ୍କର ପାର୍ଥିବ କଲ୍ୟାଣର ଯତ୍ନ ନ ନେଇ ନୈତିକ କଲ୍ୟାଣର ଯତ୍ନ ନେଉ । ପୁଞ୍ଜିପତିମାନେ ସେମାନଙ୍କ ଅଧୀନରେ କାମ କରୁଥିବା ଶ୍ରମିକମାନଙ୍କର କଲ୍ୟାଣର ମାରଫତଦାର ହୁଅନ୍ତୁ ।

—ଗାନ୍ଧୀଜୀ

ହିଂସା ବଳରେ ହୋଇ ପାରିବ। କେବଳ ଏତିକି ନୁହେଁ, ହିଂସା
ପେକ୍ଷା ଆହୁରି ଭଲରୂପେ ଓ ଅଳ୍ପ ସମୟ ଭିତରେ ମଧ୍ୟ।

ଏହା ନିଶ୍ଚୟ ଯେ, ଅହିଂସାବାଦ ହିଂସାବାଦ ପରି ଆରମ୍ଭ ସମାତ୍ରେ ଫଳ ଫଳାଏ ନାହିଁ କିନ୍ତୁ ଯେଉଁଠି ଅହିଂସାର ଥରେ ଜୟ ଆରମ୍ଭ ହୋଇଛି ସେଠାରେ ଆମ୍ଭେମାନେ ଯେ ପର୍ଯ୍ୟନ୍ତ ସତ୍ୟର ଭିତ ଅହିଂସା ପଥରେ ଦୃଢ଼ ହୋଇ ରହିଥିବୁ, ସେ ପର୍ଯ୍ୟନ୍ତ ହିଂସାର ପରାଜୟରେ ଆଶଙ୍କା ନାହିଁ । ବର୍ଷ ବର୍ଷର ଅଭ୍ୟାସ ଫଳରେ ହିଂସାତ୍ମକ ଯୁଦ୍ଧଶାସ୍ତ୍ର ରଚିତ ହୋଇସାରିଛି । ତେଣୁ କଥା ସତ୍ୟ ଯେ, ହିଂସାତ୍ମକ ଯୁଦ୍ଧର ବିଧିବିଧାନ ପରି ଅହିଂସାତ୍ମକ ପ୍ରତିକାର ବା ସଂଗ୍ରାମର ବିଧିବିଧାନ ବର୍ତ୍ତମାନ ସେତେ ବ୍ୟାପକ ବିସ୍ତୃତ ହୋଇ ପାରିନାହିଁ ; କିନ୍ତୁ ନିତାନ୍ତ ପକ୍ଷରେ ଭାରତବର୍ଷରେ ଅନେକ ବୁଦ୍ଧିମାନ ଲୋକଙ୍କର ଗୋଟିଏ ବଡ଼ ଦଳ ଗଢ଼ାଯାଉଛି । ସେମାନଙ୍କର ଦୃଢ଼ ବିଶ୍ୱାସ ହୋଇସାରିଛି ଯେ ହିଂସାପରି ଅହିଂସାତ୍ମକ ପ୍ରତିରୋଧ ମଧ୍ୟ ସଫଳ ହୋଇପାରେ । ବସ୍ତୁତଃ ଏ କଥାରେ ଟିକିଏ ହେଲେ ମୁଖ୍ୟ ସନ୍ଦେହ ନାହିଁ । ପ୍ରସଙ୍ଗାନୁସାରେ ଆପଣମାନେ ଏହି ଅହିଂସାତ୍ମକ ଗୁଣକୁ ପ୍ରୟୋଗ କରନ୍ତୁ ଓ ତାହା ଅଭ୍ୟାସ କରନ୍ତୁ । ଦେଖିବେ, ଆପଣଙ୍କ ପ୍ରୟୋଗ ଓ ଅଭ୍ୟାସ ସଙ୍ଗେ ସଙ୍ଗେ ଅହିଂସାର ଶାସ୍ତ୍ର ମଧ୍ୟ ଆପେ ଆପେ ପ୍ରସ୍ତୁତ ହୋଇ ଯାଉଥିବ । ଆମ୍ଭେମାନେ ଏ ବିଷୟରେ ଯେତେ ବିସ୍ତର ଓ ଗଭୀର ଆଲୋଚନା କରିବୁ ଏଥିରେ ଏକ ଦିବ୍ୟ ଭବିଷ୍ୟତର ଆଭା ଆମ୍ଭମାନଙ୍କର ନୟନଗୋଚର ହେବ । ଯଦି ଆମ୍ଭେମାନେ ଆମ୍ଭ-ମାନଙ୍କର ବୁଦ୍ଧିବଳରେ ପ୍ରକୃତ ଅହିଂସାର ମହତ୍ତ୍ୱ ଓ ଉପଯୋଗିତାକୁ ଗ୍ରହଣ କରିନେଉ, ତାହା ହେଲେ ଆମ୍ଭେମାନେ ତାହା ପ୍ରୟୋଗକରି ନିତ୍ୟ ନୂତନ ବିସ୍ମୟ ଅନୁଭବ କରିବୁ । ସେହି ଅନୁଭବ ବଢ଼ିବା ସଙ୍ଗେ ସଙ୍ଗେ ଆମ୍ଭମାନଙ୍କର ଶ୍ରଦ୍ଧା ଆହୁରି ମଧ୍ୟ ଦୃଢ଼ ହୋଇ ଯାଉଥିବ । କେବଳ ନିୟମ ଦ୍ୱାରା ଅହିଂସା ସାଧନ କରାଯାଇ-ପାରେନା । ଏଥି ନିମିତ୍ତ ଚିତ୍ତବୃତ୍ତିର ନିର୍ମଳତା ଓ ନିଃସ୍ୱାର୍ଥପରତା, ନିରଭିମାନ ଓ ରାଗ-ଦ୍ୱେଷହୀନତା ବିଶେଷ ରୂପେ ଆବଶ୍ୟକ । ଏ ପ୍ରକାର ଚିତ୍ତବୃତ୍ତିଦ୍ୱାରା ଶରୀରରେ ଅମୋଘବଳ ଜାତ ହୋଇଥାଏ ଓ ଅହିଂସାର ପ୍ରୟୋଗପଥ ମଧ୍ୟ ଆଲୋକିତ ହୋଇଯାଇଥାଏ । କୌଣସି ବହି ପଢ଼ି ଯେ ଗାନ୍ଧୀଜୀ ଆମ୍ଭମାନଙ୍କୁ ଅହିଂସାତ୍ମକ ସଂଗ୍ରାମର ମାର୍ଗ ଦର୍ଶାଇଥିଲେ ତାହା ନୁହେଁ । ସେ ତାଙ୍କର ଚରିତ୍ରକୁ ଅହିଂସାମୟ କରି ପକାଇଥିଲେ । ଏଣୁ ସଙ୍ଗେ ସଙ୍ଗେ ତାଙ୍କୁ ଅହିଂସାର ସରଳ ମାର୍ଗ ଦୃଷ୍ଟିଗୋଚର ହେଉଥିଲା । ଯେତେବେଳେ ଆମ୍ଭେମାନେ ନିଜେ ନିଜେ ଅହିଂସାର ଏହି ଦିବ୍ୟ ପ୍ରଦେଶରେ ପହଞ୍ଚି ତାହାର କରାମତି ସଙ୍ଗେ ଜନତାକୁ ପରିଚିତ ଓ ତଦ୍ୱାରା ଜନତାକୁ ପ୍ରଭାବିତ କରାଇ ପାରିବୁ, ସେତେବେଳେହିଁ ଆମ୍ଭେମାନେ ଗାନ୍ଧୀଜୀଙ୍କ ପ୍ରକୃତ ଅନୁଗାମୀ ବୋଲି କଥିତ ହୋଇ ପାରିବୁ । ଏପରି ପ୍ରୟୋଗଦ୍ୱାରା ହିଁ ଅହିଂସା ଶାସ୍ତ୍ର ରଚିତ ହୋଇ ପାରିବ ।

ହିଂସାତ୍ମକ ଓ ଅହିଂସାତ୍ମକ ବଳ ଉପରେ ଭରସା ରଖୁଥିବା ଲୋକମାନଙ୍କ ବିଶ୍ୱାସରେ ଗୋଟାଏ ବଡ଼ ପାର୍ଥକ୍ୟ ପରିଲକ୍ଷିତ ହୋଇଥାଏ । ଜଣକର ମନୁଷ୍ୟ ପ୍ରକୃତିର ମୂଳଭୂତ ସତ୍ ପ୍ରବୃତ୍ତି ଉପରେ ବିଶ୍ୱାସ ତ ଅନ୍ୟର ତହିଁ ଉପରେ ଅବିଶ୍ୱାସ ବା ଆଶଙ୍କା । ଯାହାର ବିଶ୍ୱାସ ଅଛି ସେ ନିରାଶ ଓ ହତୋତ୍ସାହ ହେବା ସମୟରେ ମଧ୍ୟ ନିଜର ଅନ୍ତରସ୍ଥ ପ୍ରେମ ଉପରେ ଅତୁଟ ଭରସା ରଖି ଅହିଂସାତ୍ମକ ବଳପ୍ରୟୋଗ କରି ଚାଲିଥାଏ ଏବଂ ସେ ପରିଶେଷରେ ଦେଖିପାରେ ଯେ, ସମ୍ମୁଖସ୍ଥ ଲୋକର ହୃଦୟ ବଦଳିଯାଉଛି । କାରଣ ସେ ବ୍ୟକ୍ତି ସହିତ ଯୁଦ୍ଧ ନ କରି ବ୍ୟକ୍ତିର ଅବଗୁଣ ଓ କୁପ୍ରବୃତ୍ତିଗୁଡ଼ିକ ସହିତ ଯୁଦ୍ଧ କରିଥାଏ । ଏଣୁ ଲୋକର ପ୍ରାଣନାଶ ସେ ଆଦୌ ଇଚ୍ଛା କରେ ନାହିଁ । କାରଣ ସେପରି କଲେ ଲୋକର ଗୁଣ ଓ ଶକ୍ତି ସବୁ ମଧ୍ୟ ନାଶ ହୋଇଥାଏ । ଏହା ସମାଜର ଗୋଟିଏ ବଡ଼ କ୍ଷତି ଏବଂ ବଳବତୀ ହିଂସା । ପକ୍ଷାନ୍ତରରେ ଯେଉଁ ବ୍ୟକ୍ତି - ମନୁଷ୍ୟ ପ୍ରଧାନତଃ ସ୍ୱାର୍ଥପର ବୋଲି ମନେ କରି ଭୁଲିଛନ୍ତି କୌଣସି ଭଲ କାମରେ ପ୍ରବୃତ୍ତ ହୁଏ, ସେ ହଠାତ୍ ଅହିଂସାର ମହତ୍ତ୍ୱକୁ ବୁଝି ପାରିବ ନାହିଁ ଏବଂ ଅହିଂସାର ଉପଯୋଗିତା କଣ ତାହା ସେ ଅନୁଭବ କରିପାରିବ ନାହିଁ । କମ୍ୟୁନିଜମ୍ ଓ ଗାନ୍ଧୀବାଦୀର ବିଶ୍ୱାସରେ

"ଆତ୍ମାକୁ ଚିହ୍ନିଲେ, ତାହାର ଧ୍ୟାନ ଧାରଣା କଲେ ଏବଂ ତାର ଗୁଣର ଅନୁସରଣ କଲେ ମଣିଷର ମହତ୍ତ୍ୱ ବଢ଼େ । ଏହାର ବିପରୀତ ଆଚରଣ କଲେ ମଣିଷ ଅଧୋଗାମୀ ହୁଏ" ।

—ଗାନ୍ଧୀଜୀ

ହିଂସା ହିଁ ରହିଛି। ଏ ସମ୍ବନ୍ଧରେ ଗାନ୍ଧୀଜୀ ଯାହା କହିଛନ୍ତି ତାହା ବାସ୍ତବିକ୍ ସତ। ସେ କହିଛନ୍ତି—ଯଦି ଶୋଷଣ ନୀତିକୁ ଦୂର କରିବାକୁ ତୁମେମାନେ ଇଚ୍ଛାକର, ତାହାହେଲେ ପ୍ରଥମେ ହିଂସାକୁ ଦୂରକରି ପକାଅ। ଅର୍ଥାତ୍ କୌଣସି ପ୍ରକାରେ ଅତି ସୂକ୍ଷ୍ମ ରୂପରେ ସୁଦ୍ଧା ହିଂସାକୁ ଆଶ୍ରୟ କରନାହିଁ।" ଗାନ୍ଧୀଜୀଙ୍କ ଏହି ମତ ଯଥାର୍ଥ। ସାମ୍ୟବାଦୀମାନଙ୍କ ପକ୍ଷରେ ଆଦର୍ଶ ସମାଜ ଗଠନ କରିବା ଲାଗି ପ୍ରଥମେ ରାଜନୈତିକ ଅଧିକ୍ ଆବଶ୍ୟକ—ଯାହାର ମୂଳରେ କି ହିଂସା ରହିଛି। କିନ୍ତୁ ଗାନ୍ଧୀଜୀଙ୍କ ଉପାୟ ଅନୁସାରେ ସମାଜ ଗଠନ କରିବା-ଲାଗି ହିଂସାର ଆବଶ୍ୟକତା ଆଦୌ ନାହିଁ। ପୁଣି ରାଜନୈତିକ କ୍ଷେପ ବିନା ଯେଉଁ ରାଷ୍ଟ୍ର ନିର୍ମାଣ ବା ରଚନାତ୍ମକ କାମ ହେବ, ତାହା ଅଧିକ ଶୁଦ୍ଧ ଓ ସ୍ଥାୟୀ ହେବ। ରାମରାଜ୍ୟ ତାଙ୍କର ରାଜନୈତିକ ଆଦର୍ଶ ଅଟେ। ତାହା ନ୍ୟାୟୀ ସଜ୍ଜନମାନଙ୍କର ରାଜ୍ୟ ଅଟେ ବୋଲି ସେ କହିଅଛନ୍ତି। ଏକଚ୍ଛତ୍ରାଧିପତ୍ୟକୁ ସେ ପସନ୍ଦ କରୁ ନ ଥିଲେ। ତଦ୍ଦ୍ୱାରା ଜନତାର ସ୍ୱାଧୀନ ବିକାଶ ହୋଇ ପାରେ ନାହିଁ। ଏଣୁ ତାଙ୍କର କଳ୍ପନା ରାଜ୍ୟରେ ରାଜ୍ୟ ଶାସକମାନଙ୍କ ସେବା, ତ୍ୟାଗ ଓ ତପସ୍ୟା ଦ୍ୱାରା ଅର୍ଜିତ ଜନତାର ହାର୍ଦ୍ଦିକ ପ୍ରେମ ଓ ଆଦର ସେମାନଙ୍କ ଯୋଗ୍ୟତାର ମାନଦଣ୍ଡ ସ୍ୱରୂପ ହେବ। ସେ ଆଭ୍ୟନ୍ତରୀଣ ବିକାଶର ପକ୍ଷପାତୀ ଥିଲେ। ଏହା ହେଉଛି ବିକାଶର ପ୍ରକୃତ ପଥ ଓ ଏହା ଅହିଂସାଦ୍ୱାରା ହିଁ ସାଧିତ ହୋଇପାରେ।

ସାମ୍ୟବାଦୀମାନେ କହନ୍ତି ଯେ ପ୍ରଥମେ ସଂଗଠିତ ହିଂସାଦ୍ୱାରା ରାଜନୈତିକ ଅଧିକ୍ ମିଳିଯିବା ଉଚିତ। ପରେ ତାହାଦ୍ୱାରା ହିଂସା-ବୃତ୍ତିକୁ ପରିତ୍ୟାଗ କରାଯିବ। ସେମାନଙ୍କର ଏହି ନୀତି ବାସ୍ତବିକ ଦୃଷ୍ଟା ହୁଏ ନାହିଁ। ଟିକିଏ କଳ୍ପନା କରି ଦେଖନ୍ତୁ। କୌଣସି ହିଂସାବଳଦ୍ୱାରା ସୁରକ୍ଷିତ ରାଜ୍ୟ ଅଧିକାର କରିବାପାଇଁ ତାହାଠାରୁ ବଳି ହିଂସାବଳର ଆଶ୍ରୟ ନେବାକୁ ହେବ ଓ ତାହାକୁ ସୁସଂଗଠିତ କରିବାକୁ ହେବ। ପୁଣି ଆଖପାଖରେ ଥିବା ଅନ୍ୟାନ୍ୟ ରାଷ୍ଟ୍ରଗୁଡ଼ିକର ଆକ୍ରମଣରୁ ରକ୍ଷା ପାଇବା ସକାଶେ ସେହି ସୁସଂଗଠିତ ହିଂସାବଳକୁ ମଧ୍ୟ ଦୃଢ଼ୀଭୂତ କରିବାକୁ ହେବ। ଅହିଂସାଦ୍ୱାରା ଯେ ସମାଜ ଓ ରାଷ୍ଟ୍ରକୁ ରକ୍ଷା କରାଯାଇ ପାରିବ, ଏହା ବିଶ୍ୱାସ ନ କଲେ ଆମ୍ଭେମାନେ ହିଂସାବଳକୁ ଛାଡ଼ିପାରିବୁ ନାହିଁ କିମ୍ବା କମେଇ ପାରିବୁ ନାହିଁ କି ଆଖ ପାଖରେ ଥିବା ରାଷ୍ଟ୍ରମାନଙ୍କ ଉପରେ ପ୍ରଭାବ ମଧ୍ୟ ପକାଇ ପାରିବୁ ନାହିଁ। ଏହାର ପରିଣାମ ସ୍ୱରୂପ ଆମ୍ଭେମାନେ କେବେ ସୁଦ୍ଧା ବା ଦୀର୍ଘକାଳ ପର୍ଯ୍ୟନ୍ତ ହିଂସାବଳର ଆଶ୍ରୟରୁ ଅବ୍ୟାହତି ପାଇ ପାରିବୁ ନାହିଁ। ପୁଣି ଆମର ହିଁସାକାଣ୍ଡର ପ୍ରତିକ୍ରିୟା ସ୍ୱରୂପ ଆମର ବିରୋଧୀ ଓ ଆମଦ୍ୱାରା ହତାହତ ହୋଇଥିବା ଲୋକମାନଙ୍କର ସମବେଦନାନୁଭବୀମାନଙ୍କ ମନରେ ଯେଉଁ ପ୍ରତିହିଂସା ଭାବ ଜାଗ୍ରତ ହେବ ତାହା ଆମ୍ଭମାନଙ୍କୁ କଦାପି ହିଂସାବଳରୁ ମୁକ୍ତ କରାଇ ଦେବ ନାହିଁ। ଯେତେବେଳେ ଆମ୍ଭେମାନେ ବାସ୍ତବରେ ହିଂସା ଓ ଅହିଂସା ପଦ୍ଧତିଗୁଡ଼ିକର ଗୁଣଦୋଷ ପରୀକ୍ଷା କରି ପାରିବୁ ଓ ପରସ୍ପର ମଧ୍ୟରେ ତୁଳନା କରି ଏହି ସିଦ୍ଧାନ୍ତରେ ଉପନୀତ ହୋଇ ପାରିବୁ ଯେ, ବାସ୍ତବିକ୍ ହିଂସାବଳ, ହେୟ ଓ ପରିତ୍ୟାଜ୍ୟ ଏବଂ ଅହିଂସା ବଳ ଶ୍ରେୟ ଓ ଅଭି-ନନ୍ଦନୀୟ, ସେତେବେଳେ ହିଁ ହିଂସାବଳରୁ ମୁକ୍ତିଲଭିବା ପଥରେ ଆମ୍ଭେମାନେ ଅଗ୍ରସର ହୋଇ ପାରିବୁ। ମୋ ବୁଝିବାରେ ଅତି ଅଳ୍ପ ବୁଦ୍ଧିଆ ଲୋକ ମଧ୍ୟ ଅତି ସହଜରେ ଏହା ନିର୍ଣ୍ଣୟ କରିପାରିବ।

ହିଂସାଠାରୁ ଅହିଂସାର ଶ୍ରେଷ୍ଠତ୍ୱ ବେଶି, ହିଂସାଠାରୁ ଅହିଂସାର ନୈତିକ ଯୋଗ୍ୟତା ଉନ୍ନତତର——ଏହା ତ ପ୍ରତ୍ୟେକ ଲୋକ ସ୍ୱୀକାର କରିବେ। କିନ୍ତୁ ଆଉ ଗୋଟିଏ କଥା——ଯାହାକି କୌଣସି ଲୋକକୁ ଦ୍ୱିଧାରେ ପକାଇଦିଏ। ତାହା ହେଉଛି, ଅହିଂସା କଣ ହିଂସାଠାରୁ ଅଧିକ କାର୍ଯ୍ୟ-ସାଧକ, ସହଜସାଧ୍ୟ ଓ ବ୍ୟବହାରଯୋଗ୍ୟ ଅଟେ ? ହିଂସାବଳ ପ୍ରୟୋଗ କରି ମନୁଷ୍ୟ ଆଜି ଯେଉଁ ସବୁ କାମ କରିପାରୁଛି, ଅହିଂସାବଳ ଦ୍ୱାରା ସେ ସବୁ କରାଯାଇ ପାରିବ କି ? ଏ ପ୍ରଶ୍ନର ଉତ୍ତର ଗାନ୍ଧୀଜୀ ଏପରି ଦେଇଅଛନ୍ତି। "ଯଦ ସେ ସବୁ ଅହିଂସା ବଳଦ୍ୱାରା କରାଯାଇ ପାରିବ ନାହିଁ ତାହା ହେଲେ ତ ଅହିଂସାର ମୂଲ୍ୟ କିଛି ନାହିଁ।" ଗାନ୍ଧୀଜୀଙ୍କ ଦୃଢ଼ ବିଶ୍ୱାସ, ଅବଶ୍ୟ ସେ ସବୁ କାମ

> "ଯେଉଁ ଶିକ୍ଷାର ପ୍ରଭାବ ଆମ ଚରିତ୍ର ଉପରେ ନ ପଡ଼େ ତାହା ନିରର୍ଥକ ଶିକ୍ଷା" ।
>
> —ଗାନ୍ଧୀଜୀ

# ସ୍ୱାସ୍ଥ୍ୟ ବିଭାଗ

ସେଇ ବିଶେଷ ପାର୍ଥକ୍ୟ ପରିଲକ୍ଷିତ ହୋଇଥାଏ, ତାହା ହେଉଛି ଗାନ୍ଧୀବାଦୀ ମନୁଷ୍ୟ-ପ୍ରକୃତିର ମୂଳଭୂତ ସତ୍ ପ୍ରବୃତ୍ତିକୁ ମାନେ ଏବଂ କମ୍ୟୁନିଜ୍ମର ଏଥିରେ ଅବିଶ୍ୱାସ ଓ ସଂଶୟ ଥାଏ ।

ଏହାର କାରଣ ମୋତେ ଜଣା ପଡୁଛି ଯେ ଯେଉଁଠାରେ କମ୍ୟୁନିଷ୍ଟମାନଙ୍କର ଅନୁଭବ ଓ ଦୃଷ୍ଟିଭଙ୍ଗୀ ସୀମାବଦ୍ଧ, ସଂକୀର୍ଣ୍ଣ ଓ ଏକଦେଶୀୟ, ସେଠାରେ ଗାନ୍ଧୀବାଦର ମୂଳରେ ଗୋଟିଏ ବଡ଼ ଆଧ୍ୟାତ୍ମିକ ତତ୍ତ୍ୱ, ହଜାର ହଜାର ବର୍ଷର ସାଧନା ଓ ଅନୁଭବ ପୂର୍ଣ୍ଣ ହୋଇ ରହିଅଛି । ଏହା ସତ୍ୟ ଯେ ସାମାଜିକ ଓ ରାଷ୍ଟ୍ରୀୟ ମାନଦଣ୍ଡରେ ଅହିଂସାକୁ ଏକତ୍ର ଓ ଅସ୍ତ୍ରରୂପରେ ସଂଗଠିତ କରି ତାହାକୁ ପ୍ରୟୋଗ କରିବାର ଉପକ୍ରମ ସଂସାରର ଇତିହାସରେ ଗାନ୍ଧୀଜୀହିଁ ସର୍ବ ପ୍ରଥମେ କରିଅଛନ୍ତି । ଆଉ ମଧ୍ୟ ଏହାର ଗୌରବମୟ ସଫଳତା ସଂସାରକୁ ଦେଖାଇ ଦେଇଛି ଯେ, ରାଷ୍ଟ୍ରର ଅନ୍ତର୍ବିଦ୍ରୋହ ଓ ବହିର୍ବିଦ୍ରୋହ ପ୍ରଭୃତିକୁ ଦମନକରିବା ନିମନ୍ତେ ଅହିଂସା ହିଂସାଠାରୁ ନିଶ୍ଚୟ ଅଧିକ ସାମର୍ଥ୍ୟଶାଳୀ । ମନୁଷ୍ୟର ଚିତ୍ତଶକ୍ତି ଅହିଂସାର ବିଜୟର ଆଧାର ଅଟେ; କିନ୍ତୁ ହିଂସାବଳର ଆଧାର ଶରୀର ଅଟେ । ଆମେମାନେ ଚିତ୍ତଶକ୍ତିର ସାମ୍ରାଜ୍ୟରେ ଯେତେ ଭିତରକୁ ପ୍ରବେଶ କରୁଥିବା, ଆମେମାନେ ସେତେ ଅହିଂସାର ଚମତ୍କାରିତା ଓ ବଳକୁ ଅନୁଭବ କରିପାରୁଥିବା । କେବଳ ଆବଶ୍ୟକ, ଆମ୍ଭମାନଙ୍କ ଚିତ୍ତ-ଦେଶର ପବିତ୍ରତା । ଯଦି କମ୍ୟୁନିଷ୍ଟ ବା ସୋସାଲିଷ୍ଟମାନେ ଅହିଂସାର ନିଷ୍କଳଙ୍କ ଉପାଦେୟତାକୁ ହୃଦୟଙ୍ଗମ କରିପାରିବେ ତାହାହେଲେ "ସର୍ବୋଦୟ" ଓ "ସାମ୍ୟବାଦ"ର କୌଣସି ପାର୍ଥକ୍ୟ ପରିଲକ୍ଷିତ ହେବ ନାହିଁ । ପକ୍ଷାନ୍ତରରେ "ସାମ୍ୟବାଦ" ବା ଶ୍ରେଣୀହୀନ ସମାଜ ସ୍ଥାନରେ "ସର୍ବୋଦୟ" ଶବ୍ଦ ଅଧିକ ସାର୍ଥକ ଓ ଭାବାତ୍ମକ ବୋଲି ପ୍ରତୀତ ହେବ।

(ଶ୍ରୀ ହରିହର ଉପାଧ୍ୟାୟଙ୍କ
ମୂଳ ହିନ୍ଦୀ ଲେଖାରୁ ସଂଗୃହୀତ)

---

"ବ୍ରହ୍ମଚର୍ଯ୍ୟ, ଅସ୍ତେୟ, ଅପରିଗ୍ରହ, ଅଭୟ ସର୍ବଧର୍ମ ସମାନତ୍ୱ ଅସ୍ପୃଶ୍ୟତା ନିବାରଣ ଇତ୍ୟାଦି ବ୍ୟତୀତ ସତ୍ୟର ସଂଧାନ ଓ ଅହିଂସା ବ୍ରତର ପାଳନ ଅସମ୍ଭବ" ।

—ମହାତ୍ମାଗାନ୍ଧୀ

ଶ୍ରୀ ମଙ୍ଗଳୁ ଚରଣ ବିଶ୍ୱାଳ

# ଅଲୋଡ଼ା

କର୍ଣ୍ଣୀ ପଧାନ କଡ଼ ଲେଉଟାଇଲା । ଦଦରା କାଛ ଫାଙ୍କରୁ ଶେଷ କାର୍ତ୍ତିକର ଫାଳେ ଆକାଶ ଦିଶୁଛି । ତୁନି ତୁନି କ୍ଲାନ୍ତ କେତୋଟି ତାରା ମୁହଁ ଫୁଲେଇ ସତେ ଯେମିତି ନିରୋଳାରେ ଦୁହୁ ଦୁହୁ ଅନେଇଛନ୍ତି । କେଉଁଖଣ୍ଡ ଭିଣା ତୁଳା ଭଳି ଦଦରା ମେଘ ପାଣିଚିଆ ଅନ୍ଧାର ଭିତରେ ବତୁରି ଯାଉଛି । ସୁଲୁସୁଲିଆ ଥରିଲା ପବନ ସାଥିରେ ପାଖ ବିଲରୁ ଘର ଭିତରକୁ ପଶିଆସୁଛି ପାଚିଲା ଧାନର ତାଜା ମହକ । ଧୁଖୁ ସଢ଼ା ଲୋଳିତ ଦିହଟା ଉପରେ ଶୀତୁଆ ପବନ ସାଉଁଳି ସାଉଁଳି ଯାଉଛି । ଅସନା ଦରଚିରା ଗାମୁଛା ଖଣ୍ଡିକ ପାଦରେ ଲଦେଇ ଭିଡ଼ିଆଣିଲା ପଧାନ ବୁଢ଼ା ଦେହ ଉପରକୁ, ମୁହଁ କାନ ହାତ ଗୋଡ଼ ଘୋଡ଼େଇ ଦେଇ ଜାକିଜୁକି ସଙ୍କୁଚିତ ହୋଇ ସାମାନ୍ୟ ଆତ୍ମ ରକ୍ଷା କରିବାକୁ । କିନ୍ତୁ ଅମାନିଆଁ ବାତୁଳ ପବନ କଣ ମାନୁଛି ? ବଳରେ ପଶିଆସୁଛି ଚେନ୍ଥୁଆ ଗାମୁଛାର ଗଳିକନ୍ଦି ଭିତରକୁ । ପାହାଡ଼ିଆର ଛାଉନିଚଟା ଭାଙ୍ଗିଗଲା । କାହିଁକି କେଜାଣି କାଳ ରାତିଟା ବି ଦିନକୁଦିନ ବଢ଼ିବାରେ ଲାଗିଛି । ବୟସ ଖସିଗଲେ ନିଦ ବି କେଜାଣି କଉଠିକୁ ଦଉଡ଼ି ପଳାଏ । ଥକା ଅବଶ ଦିହଟାକୁ ଏପଟ ସେପଟ କରୁଡ଼ି ଛିଣା ଦଉଡ଼ିଆ ଖଟଟାରେ ଛଟପଟ ହେବା ଛଡ଼ା ଆଉ କଣ କରିବ ସେ ? ମସ୍ତକ ଉଳି ତୁନି ତୁନି ପଡ଼ିଛି । ବୁଢ଼ୀଟା ଥିବାଯାଏ ପଦେ ଦିପଦ ଦୁଃଖ ସୁଖ ହଉଥିଲା । ସେବି ତା ବାଟ ବ' ବର୍ଷ ହେଲା କାଟି ଦେଉଛି । ବୁଢ଼ୀ କଥା ସୁମରି ତା' ଆଖିରେ ଲୁହ ଢଳେଇ ଆସେ । ଗାମୁଛା କାନିରେ ଜମା ଲୁହତକ ଆଖି କୋଣରୁ ଆଙ୍ଗୁଠିରେ ଲୁଗା ପୁରେଇ ସ ଇଁଚି-ଆଣେ । ସେଇ ନିଛାଟିଆ ଅନ୍ଧାରର ଆଖି ଲୁହ କିଏ ବା ଦେଖିବ ? ତଥାପି ଛାତି ଭିତରର ଉଠିଲା କୋହକୁ ଢାବୁଡ଼ି ଦିଏ । କଡ଼ ଲେଉଟାଇ ଥକା ବାଉଳା ମନକୁ ବୁଝେଇବାକୁ ଚେଷ୍ଟା କରେ । ଏଇତ ସଂସାର ଯିବା ଆଉ ଆସିବା । କାହିଁକି କେଜାଣି ତା'ର ଯିବାବେଳ ହେଉନି ବୁଢ଼ା ନିଜକୁ ଅଦରକାରୀ ମନେକରେ । ତା' ମନ ଭିତରକୁ ବୁଢ଼ୀ ପଶିଆସେ ତରଳ ସଜ ସ୍ମୃତିକୁ ଆହୁରି ପ୍ରଖର କରି । ଜୀବନର ସାଥୀ ସେ । ହାତଧରି ବାହା ହୋଇଥିଲା ତାକୁନେଇ ଦୀର୍ଘଦିନ ସଂସାର ଗଢ଼ିଥିଲା । ପୁଅ ଝିଅ ନାତି ନାତୁଣୀରେ ଘର ହାଟ ହେଉଛି । ସେ ସବୁତ ତା'ରି ଦାନ । ହେଲେ କିଏ ତା' କଥା ହେଉଛି ? ଯିଏ ମଲା—ସିଏ ଗଲା । ସମୟ ଗଡ଼ିଗଲେ ତା'ରି ବାଟରେ ଖାଲି ଆଗକୁ ଆଗକୁ, ବୁଢ଼ାର କ୍ଲାନ୍ତ ଅବଶ ବୈରାଗୀ ମନ ଡାଡି ଉଠିଲା । ଅଭିଶାପ ଦିଅନ୍ତା କି ସବୁ ଧ୍ୱଂସ ହେବାକୁ ? ନା ନା' ! ଜିଭକୁ ଦାନ୍ତ ମଝିରେ ଢାବୁଡ଼ି ଧରିଲା । ତା'ରି ସୃଷ୍ଟି—ସେ କି ସେ ସବୁର ସର୍ବନାଶ କାମନା କରିବ ? ହେ ରାମ କହି ଦୀର୍ଘ ନିଶ୍ୱାସଟିଏ ଛାଡ଼ିଲା । ପାଖ ଆସବୋଟାରୁ ଚଢ଼େଇଙ୍କ କିଚିରି ମିଚିରି ଶବ୍ଦ ଶୁଭିଲାଣି । ରାତି ପାହିଲାଣି ବୋଧହୁଏ । ହଁ—ସତେତ ! ! ଘର ଭିତରୁ ବଡ଼ବୋହୂର ପାଟି ଶୁଭୁଛି । ସାନବୋହୂ ଦାଣ୍ଡଦୁଆରେ ଗୋବରପାଣି ଛିଞ୍ଚାଡୁଛି । ଶାନ୍ତ ସୁନ୍ଦର ପୁଣ୍ୟ ସକାଳ ବୁଢ଼ା ଅସ୍ତ ବ୍ୟସ୍ତ ଲୁଗା ସଜାଡ଼ି ଖଟରୁ ଉଠିଲା, ଉଠିବାକୁ କଷ୍ଟ କାହିଁ ? ତା' ଦିନେ କଷ୍ଟ କଷ୍ଟ ସୁରିହାଡ଼ିଆ ମରଦକୁ ସେ ଆଖି ପିଛୁଡ଼ାକେ ଉଠେଇ ଫିଙ୍ଗି ଦେଉଛି । ଆଜି ତା'ର ସେଇ ଦେହ

ହୁଚି ତ ଆଉ କିଏ ରହିବ ?" ଅନ୍ତରର ଉଦ୍‌ଗତ କୋହରେ ଆଉ ବେଶି କିଛି କହି ପାରିଲନି । ଶୁଖିଲା ପେଟୁଆ ଆଖି ଛଳ ଛଳ ହେଲା ।

"ବଡ଼କୁ ନୁଟେଇ ନୁଟେଇ ସବୁ ଦେଲୁ—ରାଉ ସିନା ଉଗାରି, ତୁ ବାପହୋଇ ଉଗାରି ଦେଲୁ—କେତେ ଧନ ଦରବ ଥିଲା— ସବୁ ଶୁଣା କଥା—ଏବେ କିଡି ଖଟିରେ ଯାଇ ପେଟକୁ ଦାନା ଛି । ବଡ଼କୁ ତ ସବୁ ଦେଲୁ, ତା' ଘରେ ଖାଉନୁ ?" ବିରକ୍ତି- ଭରେଇନାରେ ପ୍ରକାଶ କଲା ପୁରନ୍ଦର ।

"କାହିଁକି ବୁଢ଼ାଟା ସାଥିରେ ବକର ବକର ହେଉଛ—ଛୁଆଟା ହି କାନ୍ଦି ଲୁହ ମୁହଁ ଗୋଟେ କରିଦେଲଣି, କେଉଁନ ସଡ଼ିଏ ?" ଧାଦେଇ କାଖରୁ ଛୁଆଟାକୁ ଗେରସ୍ତ ହାତକୁ ଛିଣାଡ଼ିଦେଇ ଦମ୍ ଦମ୍ ଦ କରୁଡ଼ି କସୁଡ଼ି ବାହୁଡ଼ି ଗଲେ । ରାଧାଦେଈ, କର୍ଣ୍ଣ ପଧାନର ନବୋହୂ । ପଧାନ ଘରର ବୋହୂ ମୁଣ୍ଡରେ ଓଢ଼ଣା କାହିଁ ? ସଂଯତ କେରି କେରି କେଶ ବିଛେଇ ଦେଇ ଅଚିନ ଝଡ଼ ଭଳି ବୁଢ଼ାକୁ ବଖାଡିରି କରି ଗ୍ଲାଇଗଲେ । ଏସବୁ ବୁଢ଼ା ଆଗରେ ଆଉ ନୂଆ ନୁହେଁ—ସବୁ ଦେଖି ଶୁଣି ବୁଢ଼ାର ଦିହ ସୁହା ହେଲଣି ।

ବୁଢ଼ା ଆଉ କାହାକୁ କିଛି ନ କହି ତୁନି ରହିଲା । ଅତୀତର ହଜିଲା ଦିନଗୁଡ଼ିକୁ ହେଜି ବସିଲା । ମଲା ଅତୀତଟାକୁ ଅଣାକି ଅଣାକି କଣ ପାଇବ ସେ ? ତଥାପି ଅତୀତ ତାର ପ୍ରିୟ—ତା'ର ଅବହେଳିତ ଜୀବନର ଏକମାତ୍ର ସାଥୀ । ସେ ବଞ୍ଚିଛି ଭବିଷ୍ୟତ ପାଇଁ ନୁହେଁ—ଅତୀତ ପାଇଁ—ବର୍ତ୍ତମାନ ତା' ଆଗରେ ମୂଲ୍ୟହୀନ— ହଡ଼ା ବୁଢ଼ାଟାକୁ ବର୍ତ୍ତମାନ ଚେଖାଡିରି କରିଛି । କିନ୍ତୁ ନିଷ୍ଠୁର ଅପରିଣାମଦର୍ଶୀ ବର୍ତ୍ତମାନ ନିଜ ଉଦାମତାରେ ଅନ୍ଧ । ନିଜର ଉଦ୍ଧତ ବାସ୍ତବତାରେ ସ୍ୱେଚ୍ଛାଚାରୀ । ବୁଢ଼ା ନିଜ ଭିତରେ ନିଜେ ହଜିଯାଏ ।

ସବୁଠି ଚହଳ ପଡ଼ିଯାଇଛି । ଡାକବାଲା ଆସିଥିଲା ଫେରି ଯାଇଛି । କରୁଣାକର ପଧାନ ନାଆଁରେ ରେଜେଷ୍ଟ୍ରି ଚିଠି ଆଣିଥିଲା । ଡାକବାଲା ବୁଢ଼ାକୁ ପାଇଲାନି । ଚିଠି ନେଇ ଫେରିଯାଇଛି । ପୁଅ, ପୁଅମାନେ ବି ନଥିଲେ । ବୋହୂମାନେ ବା କଣ କରନ୍ତେ ? କିଏ କହିଲା, "ବୁଢ଼ା କରଜ ଫରଜ ଲଗିଥିବ" । ଆଉ କିଏ କହିଲା, "ବୁଢ଼ା ଲଟରୀ ପାଇଛି ।" ପୁଣି ଆଉ କିଏ ଅନ୍ଧାରେ କହିଲା, "ବୁଢ଼ା ପାଇଁ ଉପରୁ ଡାକିନି ଆସିଲଣି ।" ପୁଅମାନେ ଶୁଣିଲେ, ପାଖ ଗାଁ ଡାକଘରୁ ତୁନି ତୁନି ବୁଝି ଆସିଲେ । ବଡ଼ପୁଅ ପାଖ ଗାଁ ମାଇନର ସ୍କୁଲରେ ବର୍ଷେ ପଢ଼ିଥିଲା । ଏଣୁ କିଛି କିଛି ବୁଝେ । ଡାକବାବୁ ମୁହଁରୁ ଶୁଣିଲା—ଟା, ବାପ ପାଖ ପାଖି ଦଶହଜାର ଟଙ୍କା ପାଇବ । ଧରଣୀଧର ଡାକବାବୁଙ୍କ କଥାକୁ ସହଜରେ ବିଶ୍ୱାସ କଲାନାହିଁ । ସାନପୁଅ ପୁରନ୍ଦର ବି କିମିତି କେଉଁଠୁ ଖବର ଜାଣିଲା ଯେ ତା' ବାପ ଲୁଡ଼ାଏ ଟଙ୍କା ପାଇବ ।

ଦିନେ ବୁଢ଼ା ସଞ୍ଜବେଳକୁ ଯାଠୁ ତା'ଠୁ ମାଗେ ପଗେ ଧରି ଘରକୁ ଫେରିଛି । ଘରେ ପାଦ ପକେଇଛି କି ନାହିଁ ଅଣ୍ଟୁଆ ପୋଷରାକୁ ଚିଲ ଝାମ୍ପିଲା ଭଳି ପୁଅ ବୋହୂମାନେ ବୁଢ଼ା ପାଖକୁ ଧାଇଁଲେ ।

ବଡ଼ବୋହୂ କହୁଛି, "ହଇଗୋ ! କୁଆଡ଼େ ଯାଇଥିଲ ? ଆସ ତୁରାଣି ମଦେ ପିଇବ । ଝାଳନାଇ ହେଇ ଆସତ, ସକାଳ ପହରୁ ଯାଇଥିବ ନା' କଣ—ସଂଜ ହେଲଣି—ଆସୁନ—ଆସ ।

ବଡ଼ବୋହୂକୁ ଚୁହାଇ ଜଦେଇ ସାନବୋହୂ କହି ଗ୍ଲାଲିଛି । "ବୁଢ଼ାଙ୍କର ଆମ ଘରେ ଖାଇବା ପାଳି । ତମଘରେ ଛ' ମାସ ଖାଇଲେଣି, ଏବେ ଆମ ଘରେ ଖାଇବେ । ହଇଗୋ ଆସ, ଆମ ଘରେ ଖାଇବ ।"

ବୋହୂମାନଙ୍କର ଏ ଆକସ୍ମିକ ସରାଗ, ସ୍ନେହ, ଆଦର ଦେଖି ବୁଢ଼ା ଅବାକ୍ ହେଲା । ବୁଝି ପାରିଲାନି । ଭାବିଲା ଏମାନେ ବାଇଆଣୀ ହେଲେଣି ନା' କ'ଣ ? ଅବା କଣ ସରସ୍ୱତୀ ବୋହୂ- ମାନଙ୍କର କଣ୍ଠରେ ବିରାଜିଲେ । କର୍ଣ୍ଣ ପଧାନ କିଛି ବୁଝି ପାରିଲାନି । ଅବଲଗାରୀ ଏ ହଡ଼ା ବୁଢ଼ାଟାକୁ କାହିଁକି ଏମାନେ ସାହୁଲେଇ ଅଜିଅନ ପୁଅଭଳି ନିଜ କୋଳକୁ ଘିଡ଼ି ନେବାକୁ ଚାହୁଁଛନ୍ତି ? ସଞ୍ଜବେଳକୁ ନିଜ କାମ ଦାମରୁ ପୁଅମାନେ ଫେରିଲେ । ବାପ ପାଖକୁ ଆସି କେତେ କଣ ଦୁଃଖ ସୁଖ ହେଲେ । ଜାତି ଭାତି ପରାମର୍ଶ ମାଗିଲେ । ତେଲ ମାଲପା ନେଇ ବାପର ଗୋଡ଼ ଘଷିଲେ । ପୁଅମାନଙ୍କ ଯତ୍ନରେ ବୁଢ଼ା ଏବେ ବେଶ୍ ପାଣି ପାଣି ଦିଶିଲଣି । ପୁଅ ବୋହୂ- ମାନଙ୍କ ଏ ପରିବର୍ତ୍ତନର ହେତୁ କଣ ? ଏକ ପ୍ରବଳ ଜିଜ୍ଞାସା ବୁଢ଼ାକୁ ଆଲୋଡ଼ିତ କଲା । ତା' ନାଆଁରେ ଆସିଥିବା ଚିଠି କଥା ଅନେକ ବୁଢ଼ାକୁ କହିଥିଲେ । ନିଜ ଜର୍ଜରିତ ସ୍ଥିତିରେ ବୁଢ଼ା ସେଥିପ୍ରତି ମୋଟେ ଧ୍ୟାନ ଦେଇନି । ଦିନକୁ ଦିନ ଅବଶ ହେଲଣି । ସ୍ମୃତି ଶକ୍ତି ବି କମି ଆସୁଛି ।

ବିଛଣାରୁ ଉଠିବାକୁ ଅଛନ୍ତି। ଖଟ ପାଖରେ ଲାଗିଥିବା ବରପୋଡ଼ା ପିକାଖଣ୍ଡକ ଅଖାଡ଼ି ଗୋଟେଇଲେ। ଦୁଆର ଫିଟେଇ ଦେଖିଲେ— ସକାଳୁଆ ଉଠି ଉଠିଆ—ଆଖି ଝଲସେଇଗଲା ସାହୁଘର ଧାନଖଳା ଆଡ଼େ ମୁହେଁଇଲେ ସେ। ନିଦରୁ ଉଠି ପିକା ଟାଣିବା ତା'ର ଏକ ଅଭ୍ୟାସ, ତା' ବାପ ଥିବାଦିନରୁ ଲୁଚି ଲୁଚି ପିକା ଟାଣୁଥିଲା। ବାପ ମରିବା ପରେ ସେ ହେଲା ଘରର ମିଆଁଣା ମଣିଷ। ତା' ବାପ ଭଳି ତା'ରି ପିଲାକୁ ସେ ଧୂଆଁ ନ ଖାଇବାକୁ ଉପଦେଶ ଦେଉଛି। ବିଲବାଡ଼ିରୁ କାମଦାମ ସାରି ସଞ୍ଜ ପହରକୁ ହାତ ଗୋଡ଼ ଧୋଇ ଦଣ୍ଡି ପର୍ଯ୍ୟନ୍ତ କଂସାଏ ବି କଂସା ପୂରୁଥିଲା। ଆଉଣ୍ଟ ଖାଇବା ପରେ ପିକା ଟାଣିବାକୁ ମନ ସାଲୁବାଲୁ ହୁଏ। ଏମିତି ବାପର ଦେଖାଣିଆ ସେବି ଖଣ୍ଡିଏ ଖଣ୍ଡିଏ ଟାଣିଲା ଏମିତି କ୍ରମ ଉନ୍ନତ ତା'ର ଅଭ୍ୟାସ ହୋଇଯାଇଛି. ଢୁଲୁଢୁଲୁଥିବା ନିଆଁକୁ ଘେରି ପଞ୍ଚାଏ ବସିଛନ୍ତି ସାହୁଘର ଖଳାରେ। କର୍ତ୍ତା ପଧାନ ତାଙ୍କ ମଝିରେ ଜାକିଚୁକି ବସି ପଡ଼ିଲା। ବରପୋଡ଼ା ପିକା ଖଣ୍ଡିକ ନିଆଁ ଭିତରେ ଗୁଞ୍ଜିଦେଇ ଦେଖି ଦମେ ଟାଣିଦେଲା। ଗତ ରାତିର ବାରସ୍ତରିଆ ଭାବନା ମନ ଭିତରୁ କ୍ରମେ କ୍ରମେ ଅପସରି ଗଲା। ଠିକ ପୌଷ ସକାଳର ଖରାଖିଆ କୁହୁଡ଼ିପରି। ତା'ର ଥକିଲା ଆଖି କର୍ମଚଞ୍ଚଳ ପୃଥିବୀକୁ ଦେଖି ସତେ ଯିମିତି ଅବାକ୍ ହୋଇଗଲା "ବାବା ରାତିରେ ଖାଇ ନଥିଲ କି ? ପେଟ ହାତେ ପଶିଯାଇ ଉଳ ଉଳ କରୁଛି ?" ପଡ଼ୋଶୀ ନିତ୍ୟାନନ୍ଦ ବରଦୀ କଣ୍ଠରେ ପଚାରିଲା। ବୁଢ଼ା କିଛିକ୍ଷଣ ଉତ୍ତର ନ ଦେଇ ଗୁମ୍ମାରି ଏକ ଅସହାୟ ଚାହାଣୀରେ ଖାଲି ଅନେଇ ଦେଲା। "ମୁଁ ଜାଣେ ଦଦା ତୋ'ର ବୋହୂ ତୋତେ ଖାଇ ଦେଉନି", ନିତ୍ୟାନନ୍ଦର କଣ୍ଠରେ ବିଦ୍ରୋହର ସ୍ୱର।

"କଣ କରିବିରେ ବାବୁ ଏହା ମୋର ଭାଗ୍ୟ—ଏଇହାତ କେତେ କଣ ଦେଇଛି—ତୁମେମାନେତ ଜାଣିଛ—ଦେଖିଛ। ଆଉ କହି କି ଲାଭ ?" ହତାଶ କଣ୍ଠରେ ବୁଢ଼ା ସମବେତ ଆଲୋଚନାକୁ ସାମାନ୍ୟ ଶିଥିଳ କରିବାର ଚେଷ୍ଟା କଲା। ଯା ମୁହଁରୁ ଯାହା ଆସିଲା ସମସ୍ତେ ପଦେ ଦିପଦ କହିଲେ ବୁଢ଼ା ସବୁ ଶୁଣି ନ ଶୁଣିଲାପରି ରହେ, କଣ କହିବ ? ନିଜ ସୁନା ତ ଭେଣ୍ଡି, "ତୋ'ର ପୁଅ ମାଇକିନା ବୁଝିଆ ନହେଲେ ବୁଢ଼ାବାପକୁ ତୁରାଣି ପଣେ ଦିଅନ୍ତା ନାହିଁ ? ଆଜିକାଲି ଆଉ ଧର୍ମ ନାହିଁ ହେ", ଖମାରୀ ବୁଢ଼ା ତାଙ୍କ ବୋହୂର ଗୁଣଗ୍ରାମକୁ ପ୍ରସ୍ତାଏ ବଖାଣି ବଖାଣି ଏକ ମନ୍ତବ୍ୟ ଦେଲେ। ପଧାନ ବୁଢ଼ା ନାକ ପୁଡ଼ାରେ ହୁଲଏ ଧୂଆଁ ଛାଡ଼ୁ ଛାଡ଼ୁ ସମସ୍ତଙ୍କୁ ସାବଧାନ କରାଇଦେଲା ତା' ବଡ଼ ପୁଅର ଆସିବା ଦେଖି। ପୁଅ ଯଦି ଶୁଣେ ସାଇ ପଡ଼ିଶାରେ ବାପ ଫେରାଦି କରି ବୁଲୁଛି ତେବେ ତାକୁ ଘରେ ଆଉ ରଖେଇ ଦେବନି। ବେଳ ଅବେଳରେ ଯେଉଁ ତୁରାଣି ମଦାଏ ମିଳୁଛି, ସେତକ ବି ସପନ ହେବ। ବଡ଼ ପୁଅକୁ ବୁଢ଼ାର ଭାରି ଡର। ବୁଝିଥିଲେ ସେ ସୁନା, ନଇଲେ ଏକ ନିଆଁମୁହାଁ ହନୁ, ବୁଢ଼ା ବେଶି ଉଡ଼ ଉଡ଼ ହୁଏନା। ମନକଥା ମନରେ ମାରି ସେ ଖାଲି ଦିନ ଗଣୁଛି। କଗା କାଳିଆ କେବେ ତାକୁ ଡାକିନେବେ। କଷ୍ଟେ ମଷ୍ଟେ ବଡ଼ ପୁଅ ଧରଣୀ ବୁଢ଼ା ବାପକୁ ଖାଇବାକୁ ଦେବାପରେ ସାନ ପୁଅ ପୁରନ୍ଦର ପାଳି ପଡ଼ିଲା। ଦିନେ ଧରଣୀ ବାପକୁ ଶୁଣାଇ ଶୁଣାଇ ତା' ସ୍ତ୍ରୀ କନକକୁ ବଡ଼ ପାଟିରେ ଆଦେଶ କଲା—"ଦେଖ୍, କହୁଛି, ବୁଢ଼ାଟା ଆମ ଘରେ ଛ'ମାସ ଖାଇସାରିଲାଣି—ମଗୁଶିର ପହିଲରୁ, ସେ ସାନଟାର ଘରେ ଖାଇବ।"

"ମୋତେ କିଆଁ ଏତେ ଝାଡ଼ିଝୁଡ଼ି କରୁଛମ।" କନକ ଦେବୀଙ୍କ କଣ୍ଠରେ ସାମାନ୍ୟ ଉଲ୍ଲାସର ଧ୍ୱନି ପୂରି ରହିଥିଲା। "କହି ରଖୁଛି, ତୁମେ ତାକୁ ଆଉ ସେଦିନଠୁ ଖାଇବାକୁ ଦବନି"— ସାମାନ୍ୟ ଉତ୍ତେଜିତ ହୋଇ ନିର୍ଦ୍ଦେଶ ଦେଲା। "ତୁମର ବାପ— ତୁମେ କହୁଛ, ଖାଇବାକୁ ଦବନି—ମୁ କିଆଁ ଖାଇବାକୁ ଦେବି ?— ତୁମେ ଯା ହୁକୁମ କରିବ—ମୋର କଣ ଅଛି ?" କନକ ଦେବୀ ହାତ ଫିଙ୍ଗି ଫିଙ୍ଗି ରନ୍ଧାଘର ଭିତରକୁ ପଶିଗଲେ। କର୍ତ୍ତା ପଧାନ ସବୁ ଶୁଣିଛି। ପୁଅ ବୋହୂକୁ କହିନି—କହିଛି ତାକୁ, ବଡ଼ ପୁଅତ ବୁଝି ବିଚାରି କିଛି କିଛି ଦଉଥିଲା। ସାନପୁଅ ନିତା ବିଷ୍ଣୁ, ବୁଢ଼ାର ମୁହଁ ଉପରେ ବହୁ ଆଗରୁ କହିସାରିଛି—ସେ ବୁଢ଼ାକୁ ଥିରପାଣି ଛିଞ୍ଚି ଦେବନି। ନଦେଉ। ଧସେଇହୋଇ ନିଶ୍ୱାସ ମାରିଲା କର୍ତ୍ତା ପଧାନ, ପୋଡ଼ାବାଗ ଉଚ୍ଛି ତା'ର ସେ ସବୁ ବେଶ ମନେଅଛି।

"ଆରେ ପୁରନ୍ଦର, ଧରଣୀ କହୁଛି, ତୁମ ଦୁହିଁଙ୍କ ଘରେ ମାସେ ମାସେ କରି ଖାଇବି।" ଅନୁନୟଭରା ଉଦାସ କଣ୍ଠରେ ପଚାରିଥିଲା କର୍ତ୍ତା ପଧାନ। "ଧରଣୀ ସିନା କହୁଛି, ମୁଁ ତ କହୁନି"—ଚଟକଣା ମାଇଲା ଭଳି କହି ପକେଇଲା ପୁରନ୍ଦର।

"ତୋ'ର ମା ଥିବାଯାଏ ମାଣେ ପଣେ ଫୁଟାଇ ଚଳିଲୁ—ଏବେ ମୁଁ ହଡ଼ା ବୁଢ଼ାଟା ଆଉ କଣ ରୋଷେଇବାସ କରି ଚଳିପାରିବି ?" ବୁଝେଇଲାଭଳି ବୁଢ଼ା କହିଲା।

"ନ ଚଳି ପାରିଲେ ଓପାସ ରହ"—ମୁହେଁ ମୁହେଁ କହିଦେଲା ପୁରନ୍ଦର। "ସେଇଟା ଆଉ ନୂଆ କଥା ନୁହେଁରେ—ଗଡ଼ି ମୁଡ଼ି ପାଇଁ ପୁଅ—କେତେ ଦିଅଁ ମନାସି ପୁଅ ପାଇଥିଲି—ମୁଁ ଓପାସ

# ପୋଷ୍ଟ ଅଫିସ ( ରେକରିଂ ଡିପୋଜିଟ ) ପରିକଳ୍ପନା

ସ୍ୱଳ୍ପ ସଞ୍ଚୟର ବିଭିନ୍ନ ପରିକଳ୍ପନାଗୁଡ଼ିକ ମଧ୍ୟରେ ପୋଷ୍ଟ ଅଫିସ ରେକରିଂ ଡ଼ିପୋଜିଟ୍ ପରିକଳ୍ପନା ହେଉଛି ଅନ୍ୟତମ । ଏହା ଭାରତ ସରକାର ୧୯୭୦ ମସିହା ଅପ୍ରେଲ ୧ ତାରିଖ ଠାରୁ ପ୍ରବର୍ତ୍ତନ କରିଛନ୍ତି । ସଞ୍ଚୟ ବ୍ୟାଙ୍କ କାରବାର କରୁଥିବା ଯେ କୌଣସି ଡ଼ାକଘରେ ରେକରିଂ ଡ଼ିପୋଜିଟ ଏକାଉଣ୍ଟ ଖୋଲଯାଇ ପାରିବ ।

ଯେଉଁ ସଞ୍ଚୟକାରୀମାନେ ସାଧାରଣତଃ ଆୟକର ଦିଅନ୍ତି ନାହିଁ ସେମାନଙ୍କୁ ସୁବିଧା ଦେବା ହେଉଛି ଏହି ପରିକଳ୍ପନାର ଲକ୍ଷ୍ୟ । ଏହା ଠିକ୍ ସି. ଟି. ଡ଼ି. (କ୍ୟୁମୁଲେଟିଭ୍ ଟାଇମ ଡ଼ିପୋଜିଟ୍) ଭଳି ଏକ ଏକାଉଣ୍ଟ । କିନ୍ତୁ ଏଥିରେ ଅହୁରି ଅଧିକ ହାରରେ ସୁଧ ମିଳିଥାଏ । ମାସକୁ ୧୦ ଟଙ୍କା ଲେଖାଏଁ ନିୟମିତ ପାଞ୍ଚବର୍ଷ ଜମା ରଖୁଥିଲେ ମିଆଦ ଶେଷରେ ତାହା ୭୧୦ ଟଙ୍କା ହେବ ।

## କିଏ ଏକାଉଣ୍ଟ ଖୋଲି ପାରିବେ

ଜଣେ ବୟସ୍କ ବା ଦୁଇଜଣ ବୟସ୍କ ମିଳିତ ଭାବରେ, ଜଣେ ନାବାଳକ ନିଜ ନାମରେ ବା ଜଣେ ଅଭିଭାବକ ଜଣେ ନାବାଳକ ବା ବିକୃତ ମସ୍ତିଷ ବ୍ୟକ୍ତିଙ୍କ ତରଫରୁ ଏକ ଏକାଉଣ୍ଟ ଖୋଲି ପାରିବେ ।

## ଏକାଉଣ୍ଟରେ କେତେ ଓ କେତେଥର ଜମା କରାଯାଇ ପାରିବ

ଏକାଉଣ୍ଟ ଖୋଲିବା ପାଇଁ ନିର୍ଦ୍ଧାରିତ ଫର୍ମରେ ଦରଖାସ୍ତ କରିବାକୁ ପଡ଼େ । ଏହି ଫର୍ମ ଡାକଘରେ ବିନା ମୂଲ୍ୟରେ ମିଳେ । ଏଥିରେ କେତେ ଟଙ୍କା ଜମା ଦିଆଯାଇପାରିବ ଏଥିପାଇଁ ସୀମା ଧାର୍ଯ୍ୟ କରାଯାଇ ନାହିଁ ; କିନ୍ତୁ ଯାହା ଜମା ଦିଆଯିବ ତାହା ପାଞ୍ଚଟଙ୍କାର ଗୁଣିତକ ହୋଇଥିବା ଆବଶ୍ୟକ ଏବଂ ପ୍ରଥମେ ମାସିକ ଯାହା ଜମା ଦିଆଯିବ ତାହିଁର ପରିମାଣ ଏକାଉଣ୍ଟ ଚାଲୁଥିବା ଅବସ୍ଥାରେ ଆଉ ବଢ଼ାଇ ହେବନାହିଁ । ଯଦି କେହି ଅଧିକ ଟଙ୍କା ଜମା ଦେବାକୁ ଚାହାନ୍ତି ସେ ଏହି ପରିକଳ୍ପନାରେ ନୂଆ ଏକାଉଣ୍ଟ ଖୋଲି ଜମା ଦେଇ ପାରିବେ । ଏଥିରେ ପ୍ରତିମାସରେ ଥରେ ଜମା ଦେବାକୁ ହୁଏ ।

ଜମା ସବୁ ଆଗତୁରା ଦେଲେ ମଧ୍ୟ ଡାକଘର ତାହା ଗ୍ରହଣ କରେ ଏବଂ ଏଥିରେ ସଞ୍ଚୟକାରୀଙ୍କୁ କିଛି ରିହାତି ମଧ୍ୟ ମିଳେ । ପାଞ୍ଚଟଙ୍କିଆ ଏକାଉଣ୍ଟରେ ଜଣେ ଲୋକ ଯଦି ୧୨ ମାସର ମାସିକ ଜମା ଏକକାଳୀନ ଆଗତୁରା ଜମା ଦିଅନ୍ତି ତାହାହେଲେ ସେ ଟଙ୍କା ୪୦ ପଇସା ରିହାତି ପାଇବେ । ଛଅ ମାସର ମାସିକ ଜମା ଏକକାଳୀନ ଆଗତୁରା ଜମା ଦେଲେ ୩୫ ପଇସା ରିହାତି ପାଇବେ ।

## ପାସ ବହି

ପ୍ରତ୍ୟେକ ଏକାଉଣ୍ଟ ପାଇଁ ସଞ୍ଚୟକାରୀ ଡାକଘରୁ ଗୋଟିଏ ପାସବହି ପାଇବେ । ମାସିକ ଜମା ଦେବାବେଳେ ଓ ଏକାଉଣ୍ଟର ମିଆଦ ପୂରଣ ପରେ ଟଙ୍କା ପାଇବାବେଳେ ଡାକଘରେ ପାସ୍‌ବହି ଦାଖଲ କରିବାକୁ ହେବ ।

## ସୁଧର ହାର

ଏଥିରେ ବାର୍ଷିକ ଶତକଡ଼ା ୬'୭୫ ଟଙ୍କା ଚକ୍ରବୃଦ୍ଧି ହାରରେ ସୁଧ ଦିଆଯାଏ । ସୁଧ ଉପରେ ଆୟକର ଦେବାକୁ ପଡୁଥିଲେ ସୁଦ୍ଧା ମୂଳ ଜମାରୁ ଏହା କଟାଯାଏ ନାହିଁ ।

## ଏଥିରେ ଅନ୍ୟାନ୍ୟ କର-ରିହାତିର ସୁବିଧା

ବ୍ୟାଙ୍କ କାର୍ଯ୍ୟ କରୁଥିବା କମ୍ପାନୀ ଓ ସମବାୟ ବ୍ୟାଙ୍କମାନଙ୍କରେ ରହିତ ଥିବା ଅର୍ଥରୁ ମିଳୁଥିବା ସୁଧ, ଭାରତୀୟ କମ୍ପାନୀଗୁଡ଼ିକର ଅଂଶର ଲଭାଂଶ, ଭାରତର ୟୁନିଟ୍ ଟ୍ରଷ୍ଟ ୟୁନିଟଗୁଡ଼ିକରୁ ଆୟ, ଅନୁମୋଦିତ ଋଣ ଟ୍ରଷ୍ଟ ପତ୍ରଗୁଡ଼ିକର ସୁଧ, ସିକ୍ୟୁରିଟିଗୁଡ଼ିକରୁ ମିଳୁଥିବା ସୁଧ ସମେତ ଏହି ରେକରିଂ ଡ଼ିପୋଜିଟ ପରିକଳ୍ପନାରୁ ମିଳୁଥିବା ସର୍ବୋଚ୍ଚ ଟ ୩,୦୦୦ ଟଙ୍କା ପର୍ଯ୍ୟନ୍ତ ସୁଧ ଉପରେ ଟିକସ ଛାଡ଼ କରାଯିବ ।

## ସମ୍ପତ୍ତି କର

ସି. ଟି. ଡ଼ି. ଏକାଉଣ୍ଟରେ ଦିଆ ଯାଇଥିବା ଜମା ଓ ସାଧାରଣ ଭବିଷ୍ୟନିଧି ପାଣ୍ଠିରେ ଥିବା ଟଙ୍କା ପ୍ରତି ସମ୍ପତ୍ତି କର ପ୍ରଯୁକ୍ତ ହେବ ନାହିଁ ।

୫—ବର୍ଷିଆ ରେକରିଂ ଡିପୋଜିଟ୍, ୧—ବର୍ଷିଆ, ୩—ବର୍ଷିଆ ଓ ୫—ବର୍ଷିଆ ଟାଇମ୍ ଡ଼ିପୋଜିଟ, ୭—ବର୍ଷିଆ ନ୍ୟାସନାଲ ସେଭିଂସ୍

ଦିନେ ବୁଢ଼ାର ଘର ଆଗରେ ଜିପ୍‌ଗାଡ଼ିଟିଏ ଅଟକିଲା ଗାଆଁର ଲଙ୍ଗଳା ପିଲାଏ ଜୁଣ୍ଡ ହେଲେ। ବୁଢ଼ାର ମୁହଁକୁ ଝିଅ ବୋହୂଏ କଣେଇ କଣେଇ ଚାହିଁଲେ। ସବୁରି ଆଖିରେ ପ୍ରବଳ ଜିଜ୍ଞାସା— କେଉଁଠିକାର ଜିପ୍ ? ସଭିଙ୍କ ମନରେ ଏକ ଅଦମ୍ୟ କୌତୁହଳ।

ଗାଡ଼ିରେ ଆସିଥିବା ବାବୁଜଣକ ବୁଢ଼ାଙ୍କୁ ପରିଚୟ ପଚାରିଲେ। କେତେକ କାଗଜ ପତ୍ରରେ ଟିପଚିହ୍ନ ନେଲେ। କହିଲେ ଡାକଘରକୁ ଯାଇ ଆପଣଙ୍କର ନାଁରେ ଜମାଥିବା ଦଶହଜାର ଟଙ୍କା ନେଇ ଆସିବେ। ଅନେକ ଦିନ ହେଲା ପ୍ରତିବର୍ଷ ଫସଲ ଅମଳବେଳେ ଜଣେ ଏଜେଣ୍ଟ ଏଇ ଟଙ୍କା ନେଇ ଆପଣଙ୍କ ନାମରେ ଡାକଘରେ ଜମା ରଖୁଥିଲେ। ଆପଣଙ୍କର ମନେଥିବ ସେହି ଅଳ୍ପ ଅଳ୍ପ ଜମା କରିଥିବା ଆଜି ଏତେଗୁଡ଼ିଏ ଟଙ୍କା ହୋଇ ଯାଇଛି। ଏତକ କହି ବାବୁମାନେ ବିଦାୟ ନେଇ ଚାଲିଗଲେ। ବୁଢ଼ା ଦୀର୍ଘ ନିଶ୍ୱାସ ମାରିଲେ। ମନେ ମନେ ବୁଢ଼ୀକଥା ସୁମରୁଥିଲେ ବୋଧହୁଏ ! ଆଜି ବୁଢ଼ୀଟା ଥାଆନ୍ତାକି ! !

ପୁଅ ବୋହୂମାନେ ଖୁସିରେ କାହିଁ କଣ ହୋଇଗଲେ। ଅବହେଳିତ ହଡ଼ା ବୁଢ଼ାଟାକୁ ସେଦିନଠୁ ଆଉ ଦହଗଞ୍ଜ ହେବାକୁ ପଡ଼ିଲାନି।

## ଭାରତର ବୃହତ୍ ପାଞ୍ଚଟି ବେତନ ଭଞ୍ଜି ସଞ୍ଚୟ ଗୋଷ୍ଠୀ

| | | ସଭ୍ୟ ସଂଖ୍ୟା | ଶତକଡ଼ା କେତେ କର୍ମଚାରୀ ଅନ୍ତର୍ଭୁକ୍ତ | ମାସିକ ସଞ୍ଚୟ ପରିମାଣ (ଲକ୍ଷଟଙ୍କା) |
|---|---|---|---|---|
| (୧) | | (୨) | (୩) | (୪) |
| ଭିଲାଇ ଇସ୍ପାତ କାରଖାନା | .. | ୩୯,୪୧୧ | ୧୦୦ | ୪.୦୪ |
| ଦୁର୍ଗାପୁର ଇସ୍ପାତ କାରଖାନା | .. | ୧୨,୩୬୨ | ୫୬ | ୧.୧୩ |
| ଟିସ୍‌କୋ, ଜାମସେଦପୁର | .. | ୧୧,୪୪୫ | ୩୦ | ୧.୨୧ |
| ରାଉରକେଲା ଇସ୍ପାତ କାରଖାନା | .. | ୧୦,୨୩୦ | ୪୧ | ୧.୧୧ |
| ମହୀଶୁର ଲୁହା ଓ ଇସ୍ପାତ କମ୍ପାନୀ, ଭଦ୍ରାବତୀ | .. | ୯,୮୦୦ | ୧୦୦ | ୦.୫୪ |

# ଜାଣନ୍ତି କି?

## ସହରାଞ୍ଚଳ ଶ୍ରମିକମାନଙ୍କ ସଞ୍ଚୟ

ଆମ ଦେଶରେ ଏପରି ୩୭, ୨୬୯ ଟି ବେତନ ପଞ୍ଜି ସଞ୍ଚୟ ଗୋଷ୍ଠୀ ସଙ୍ଗଠିତ ହୋଇଛି ଯେଉଁଗୁଡ଼ିକ ପ୍ରତି ମାସ ୫ ଟଙ୍କାରୁ ଊର୍ଦ୍ଧ୍ୱ ପରିମାଣ ସଞ୍ଚୟ ଯୋଜନାରେ ବିନିଯୋଗ କରନ୍ତି । ଏହି ସଞ୍ଚୟ ଗୋଷ୍ଠୀଗୁଡ଼ିକର ସଭ୍ୟ ସଂଖ୍ୟା ହେଉଛି ୨୩ ଲକ୍ଷ ୮୫ ହଜାର ଏବଂ ଏମାନେ ହେଉଛନ୍ତି ସାରା ଦେଶରେ ଥିବା ସମସ୍ତ ସରକାରୀ ଓ ବେସରକାରୀ କଳ କାରଖାନାର ଶ୍ରମିକମାନଙ୍କର ଶତକଡ଼ା ୧୬ ଭାଗ । ଏହି ସଭ୍ୟମାନେ ୧୯୭୦-୭୧ ରେ ମୋଟ ୧୯ କୋଟି ୨୫ ଲକ୍ଷ ଟଙ୍କା ସଞ୍ଚୟ ଯୋଜନାରେ ବିନିଯୋଗ କରିଛନ୍ତି । ଦେଶରେ ୫,୦୦୦ରୁ ଅଧିକ ସଭ୍ୟ-ବିଶିଷ୍ଟ ପ୍ରାୟ ୧୮ ଟି ସଞ୍ଚୟ ଗୋଷ୍ଠୀ ରହିଛି ।

* * * * *

## ସେଭିଂସ୍ ସାର୍ଟିଫିକେଟରେ ଅଧିକ ଟଙ୍କା ବିନିଯୋଗର ସୁବିଧା

ନ୍ୟାସନାଲ ସେଭିଂସ୍ ସାର୍ଟିଫିକେଟ ସେକେଣ୍ଡ ଓ ଥାର୍ଡ ଇସୁ—ଏହି ଉଭୟ ସାର୍ଟିଫିକେଟ୍‌ରେ ଜଣେ ବ୍ୟକ୍ତି ୨୫,୦୦୦ ଟଙ୍କା ଏବଂ ଏକ ଯୁଗ୍ମ ଏକାଉଣ୍ଟରେ ୫୦,୦୦୦ ଟଙ୍କା ବିନିଯୋଗ କରିବା ପାଇଁ ସୀମାଧାର୍ଯ୍ୟ କରାଯାଇଥିଲା । କିନ୍ତୁ ୧୯୭୧ ମସିହା ଅଗଷ୍ଟ ୧ ତାରିଖରୁ ଏହି ସୀମାକୁ ବଢ଼ାଇ ଦିଆଯାଇଛି । ଏଣିକି ଉକ୍ତ ସାର୍ଟିଫିକେଟ୍‌ଗୁଡ଼ିକରେ ଜଣକିଆ ଏକାଉଣ୍ଟରେ ୫୦,୦୦୦ ଟଙ୍କା ଏବଂ ଏକ ଯୁଗ୍ମ ଏକାଉଣ୍ଟରେ ୧,୦୦,୦୦୦ ଟଙ୍କା ବିନିଯୋଗ କରାଯାଇ ପାରିବ ।

* * * * *

## ପବ୍ଲିକ୍ ପ୍ରୋଭିଡେଣ୍ଟ ଫଣ୍ଡ

ପବ୍ଲିକ ପ୍ରୋଭିଡେଣ୍ଟ ଫଣ୍ଡ ବର୍ତ୍ତମାନ ଜାତୀୟ ସଞ୍ଚୟ ଯୋଜନାର ଅନ୍ତର୍ଭୁକ୍ତ ହୋଇଛି । ଭାରତ ସରକାର ନିଷ୍ପତ୍ତି ଗ୍ରହଣ କରିଛନ୍ତି ଯେ ୧୯୭୧ ମସିହା ଏପ୍ରିଲ ୧ ତାରିଖରୁ ପବ୍ଲିକ ପ୍ରୋଭିଡେଣ୍ଟ ଫଣ୍ଡ ପରିକଳ୍ପନାରେ ବିନିଯୋଗ ହେଉଥିବା ଅର୍ଥ ଉପରେ ମଧ୍ୟ ରାଜ୍ୟ ସରକାରମାନଙ୍କୁ ଋଣ ମଞ୍ଜୁର କରିବେ । ଭାରତ ସରକାର ସ୍ୱଳ୍ପ ସଞ୍ଚୟ ଯୋଜନାଗୁଡ଼ିକରେ ସଂଗୃହୀତ ଅର୍ଥର ୨/୩ ଭାଗ ରାଜ୍ୟ ସରକାରଙ୍କୁ ଏକ ଦୀର୍ଘମିଆଦୀ ଋଣ ମଞ୍ଜୁର କରିଥାନ୍ତି ।

* * * * *

## ଗ୍ରାମାଞ୍ଚଳରେ ସଞ୍ଚୟ ପାଇଁ ବ୍ରାଞ୍ଚ ପୋଷ୍ଟ ମାଷ୍ଟରମାନଙ୍କୁ କମିଶନ ପ୍ରଦାନ

ସାରା ଦେଶର ଗ୍ରାମାଞ୍ଚଳରେ ପ୍ରାୟ ୮୦,୦୦୦ ବ୍ରାଞ୍ଚ ପୋଷ୍ଟମାଷ୍ଟର କାର୍ଯ୍ୟରତ ଅଛନ୍ତି । ଏହି ପୋଷ୍ଟମାଷ୍ଟରମାନେ ଆଗ୍ରହାନ୍ୱିତ ହୋଇ ସଂଚୟ ବୃଦ୍ଧି ପାଇଁ ଉଦ୍ୟମ କଲେ ସଂଚୟ ଯୋଜନାରେ ପରିମାଣର ଅର୍ଥ ସଂଗୃହୀତ ହୋଇ ପାରିବ । ତେଣୁ ଭାରତ ସରକାର ଏକ ନୂଆ ପରିକଳ୍ପନା ଘୋଷଣା କରିଛନ୍ତି । ଏହି ଘୋଷଣାନୁସାରେ ୧୯୭୧ ମସିହା ଅଗଷ୍ଟ ୧ ତାରିଖରୁ ଡାକଘରମାନଙ୍କରେ ୩-ବର୍ଷିଆ ଓ ୫-ବର୍ଷିଆ ଟାଇମ୍ ଡିପୋଜିଟରେ ଯେତିକି ଟଙ୍କା ସଂଗୃହୀତ ହୋଇପାରିବ ତହିଁ ଉପରେ ବ୍ରାଞ୍ଚ ପୋଷ୍ଟମାଷ୍ଟର ଶତକଡ଼ା ୧ ଭାଗ କମିଶନ ପାଇବେ । ଏଜେଣ୍ଟମାନଙ୍କ ରସିଦ୍ ବହି ଉପରେ ଯେଉଁ ଟଙ୍କା ସଂଗୃହୀତ ହୋଇଥିବ ତା' ଉପରେ ସେ କୌଣସି କମିଶନ ପାଇପାରିବେ ନାହିଁ ।

ଗ୍ରାମାଞ୍ଚଳରେ ଥିବା ବ୍ରାଞ୍ଚପୋଷ୍ଟମାଷ୍ଟରମାନଙ୍କ ପକ୍ଷରେ ଏହି ପରିକଳ୍ପନାଟି ନିଃସନ୍ଦେହରେ ଖୁବ୍ ଉତ୍ସାହପ୍ରଦ ହେବ ।

* * * * *

ପୂର୍ବରୁ ପ୍ରଚଳିତ ଥିବା ଫିକ୍ସଡ୍ ଡିପୋଜିଟ୍ ଏକାଉଣ୍ଟ ଓ ୧୫-ବର୍ଷିଆ ଆନୁଇଟି ସାର୍ଟିଫିକେଟକୁ ଭାରତ ସରକାର ଯଥାକ୍ରମେ ୧୯୭୧ ମସିହା ଅଗଷ୍ଟ ୧ ତାରିଖ ଓ ୧୯୭୧ ମସିହା ସେପ୍ଟେମ୍ବର ୧ ତାରିଖରୁ ରହିତ କରି ଦେଇଛନ୍ତି ।

* * * * *

ଆମ ରାଜ୍ୟର କେନ୍ଦୁଝର ଜିଲ୍ଲାରେ ସ୍ଥାପିତ ହୋଇଥିବା ମୋଟ ୨୮ ଟି ବେତନ ପଞ୍ଜି ସଞ୍ଚୟ ଗୋଷ୍ଠୀ ମଧ୍ୟରେ ବୋଲାଣୀ ଲୁହା ଖଣି କମ୍ପାନୀରେ ଥିବା ସଞ୍ଚୟ ଗୋଷ୍ଠୀ ସଫଳତାର ସହିତ ଆଗେଇ ଯାଉଛି । ଏହି ସଞ୍ଚୟ ଗୋଷ୍ଠୀର ସଭ୍ୟମାନେ ୧,୧୪୪ ଟି ସି. ଟି. ଡି. ଏକାଉଣ୍ଟ ଖୋଲିଛନ୍ତି ଓ ଏଥିରେ ମାସିକ ୨୩,୩୧୦ ଟଙ୍କା ଜମା ଦେଉଛନ୍ତି ।

ସାର୍ଟିଫିକେଟ, ସେଭେଣ୍ଡ, ଥାର୍ଡ ଓ ଫୋର୍ଥ ଇସ୍ୟୁ, ଭାରତୀୟ କମ୍ପାନୀମାନଙ୍କର ଅଂଶରେ ଓ ଭାରତ ୟୁନିଟ ଟ୍ରଷ୍ଟ ମାନଙ୍କର ୟୁନିଟରେ ବିନିଯୋଗ, ଅନୁମୋଦିତ ଋଣ–ପତ୍ର, ବ୍ୟାଙ୍କିଙ୍ଗ୍ କମ୍ପାନୀ ବା ସମବାୟ ବ୍ୟାଙ୍କ ଓ ସରକାରୀ ସିକ୍ୟୁରିଟିରେ ଜମା (୧୯୭୭ ଓ ୧୯୮୦ ଗୋଲ୍ଡ ବଣ୍ଡ ସିରିଜ ବ୍ୟତୀତ–ଯାହାକୁ ସଂପୂର୍ଣ୍ଣ ରୂପେ ଅବ୍ୟାହତି ଦିଆ ଯାଇଛି ଓ ଭବିଷ୍ୟତରେ ମଧ୍ୟ ଦିଆ ଯାଉଥିବ) ବୁଝିଣାର ସର୍ବୋଚ୍ଚ ୧,୫୦,୦୦୦ ଟଙ୍କା ସମଷ୍ଟି କରରୁ ଛାଡ଼ ପାଇବ।

## ଏକାଉଣ୍ଟରୁ ଟଙ୍କା ଉଠାଯାଇ ପାରିବ କି ?

ଏହି ଏକାଉଣ୍ଟରେ ଜମା ରଖାଯାଇଥିବା ଟଙ୍କାରୁ ଆବଶ୍ୟକ ପଡ଼ିଲେ କିଛି ଟଙ୍କା ଉଠାଇବା ପାଇଁ ମଧ୍ୟ ଅନୁମତି ଦିଆଯାଏ। ଜମାକାରୀ ତାଙ୍କ ଏକାଉଣ୍ଟରୁ ମୋଟ ଜମା ଟଙ୍କାର ମାତ୍ର ଶତକଡ଼ା ୫୦ ଭାଗ ପର୍ଯ୍ୟନ୍ତ ଟଙ୍କା କେବଳ ଥରେ ଉଠାଇବା ପାଇଁ ଅନୁମତି ପାଇବେ। ଉଠାଇ ନେଇ ଥିବା ଏହି ଟଙ୍କା ଏକାଉଣ୍ଟ ଖୋଲା ରହିଥିବା ସମୟ ମଧ୍ୟରେ ଜମାକାରୀ ଏକକାଳୀନ ଫେରସ୍ତ ଦେଇ ପାରିବେ କିମ୍ବା ସମାନ ମାସିକ କିସ୍ତିରେ ଫେରସ୍ତ ଦେଇ ପାରିବେ। କିନ୍ତୁ ଏକାଉଣ୍ଟର ମିଆଦ ପୂରଣ ହେବା ପୂର୍ବରୁ ୨୦ଟି କିସ୍ତି ମଧ୍ୟରେ ଟଙ୍କାତକ ଫେରସ୍ତ ହୋଇ ଯିବା ଉଚିତ।

ଯଦି ଉଠା ଯାଇ ଥିବା ଟଙ୍କା ଫେରସ୍ତ ଦେବା ଜମାକାରୀଙ୍କ ପକ୍ଷରେ ସମ୍ଭବ ନ ହୁଏ ବା ଅସୁବିଧାଜନକ ହୁଏ ତାହାହେଲେ ମିଆଦ ପୂରଣ ସମୟ ପରେ ଦିଆ ହେବାକୁ ଥିବା ଟଙ୍କାରୁ ଉଠାଇ ନେଇ ଥିବା ଟଙ୍କା କାଟି ରଖାଯିବ। ଉଠାଇ ନେଇ ଥିବା ଟଙ୍କା ଉପରେ ବାର୍ଷିକ ଶତକଡ଼ା ୮.୫୦ ସୁଧ ଦେବାକୁ ପଡ଼େ।

## ମିଆଦ ପୂରିବା ଆଗରୁ ଏକାଉଣ୍ଟକୁ ସ୍ଥଗିତ କରାଯାଇ ପାରିବ କି :

ହଁ, ଏକାଉଣ୍ଟ ଖୋଲା ରହିଥିବା ସମୟରେ ଏହାକୁ ସ୍ଥଗିତ କରାଯାଇ ପାରିବ। ସେ କ୍ଷେତ୍ରରେ ଆନୁପାତିକ ପରିମାଣ ଟଙ୍କା ଜମାକାରୀକୁ ଏକାଉଣ୍ଟର ମିଆଦ ପୂରିବା ପରେ ଅର୍ଥାତ୍ ୫ ବର୍ଷ ପରେ ମିଳି ପାରିବ।

## ଜମାକାରୀଙ୍କ ମୃତ୍ୟୁପରେ ଏକାଉଣ୍ଟ ଖୋଲା ରହି ପାରିବ କି ?

ହଁ, ଏକାଉଣ୍ଟ ଖୋଲା ରହିଥିବା ସମୟରେ ଯଦି ଜମାକାରୀଙ୍କର ମୃତ୍ୟୁ ହୁଏ ତାହାହେଲେ ତାଙ୍କର ଆଇନସଙ୍ଗତ ଅଧିକାରୀ ବା ମନୋନୀତ ବ୍ୟକ୍ତି ଏକାଉଣ୍ଟର ମିଆଦ ପୂରିବା ପର୍ଯ୍ୟନ୍ତ ଖୋଲା ରଖିବାକୁ ଇଚ୍ଛା କରି ପାରନ୍ତି। ଏକାଉଣ୍ଟକୁ ସ୍ଥଗିତ କରିବାକୁ ଚାହିଁଲେ ସେ ଏକ ଆନୁପାତିକ ପରିମାଣର ଟଙ୍କା ପାଇବେ।

## ନିୟମିତ ଟଙ୍କା ଦେଇ ନ ପାରିଲେ କ'ଣ ହୁଏ

କୌଣସି କାରଣରୁ ଜମାକାରୀ ଯଦି ନିୟମିତ ମାସିକ–ଜମା ଦେବାରେ ବ୍ୟତିକ୍ରମ କରନ୍ତି ତାହା ହେଲେ ନିମ୍ନଲିଖିତ ପନ୍ଥା ଅବଲମ୍ବନ କରି ପାରନ୍ତି :—

(କ) ଏକାଉଣ୍ଟ ଖୋଲା ରହିଥିବା ସମୟ ମଧ୍ୟରେ କୌଣସି ଦିନ ପୂରା ଟଙ୍କାତକ ପରିଶୋଧ କରି ପାରିବେ। ସେ କ୍ଷେତ୍ରରେ ତାଙ୍କୁ କିଛି ସୁଧ ଦେବାକୁ ପଡ଼ିବ। ୫–ଟଙ୍କିଆ ଏକାଉଣ୍ଟ ଉପରେ ତାଙ୍କୁ ମାସକୁ ୨ ପଇସା ସୁଧ ଦେବାକୁ ହେବ କିମ୍ବା,

(ଖ) ବ୍ୟତିକ୍ରମ କରାଯାଇଥିବା ସମୟ ଲାଗି ଏକାଉଣ୍ଟର ସମୟ ବୃଦ୍ଧି କରାଯାଇ ପାରିବ। ତାଙ୍କ ଜମା ଟଙ୍କା ସୁରକ୍ଷିତ ରହିବ। ଏ ଭଳି କ୍ଷେତ୍ରରେ ଜମାକାରୀ ଯେତିକି ଦିନ ଧରି ମାସିକ ଜମା ଦେବାରେ ବ୍ୟତିକ୍ରମ କରିଥିବେ ମୂଳ ମିଆଦ ପୂରିବା ଦିନ ଠାରୁ ସେତିକି ଦିନ ଏକାଉଣ୍ଟର ମିଆଦ ବୃଦ୍ଧି ପାଇବ ଓ ସେ ଟିକିଏ ଡେ଼ରିରେ ତାଙ୍କର ଜମା ଟଙ୍କା ଫେରସ୍ତ ପାଇବେ। ଏହି ଏକାଉଣ୍ଟରେ କେବଳ ୫ଟି ମାସିକ ବକେୟା ଜମା ଦେବା ପାଇଁ ଅନୁମତି ଦିଆଯିବ।

## ଏକାଉଣ୍ଟ ସ୍ଥାନାନ୍ତରିତ ହୋଇପାରିବ କି ?

ହଁ, ଗୋଟିଏ ଏକାଉଣ୍ଟକୁ ଏକ ଡାକଘରରୁ ଅନ୍ୟ ଡାକ ଘରକୁ ସ୍ଥାନାନ୍ତର କରାଯାଇ ପାରିବ।

## ଜମାକାରୀ ମନୋନୟନ କରି ପାରିବେ କି ?

ଜମାକାରୀ ତାଙ୍କର ମୃତ୍ୟୁବେଳେ ଟଙ୍କା ପାଇବା ଉଦ୍ଦେଶ୍ୟରେ ଏକ ବା ଏକାଧିକ ବ୍ୟକ୍ତିଙ୍କୁ ମନୋନୀତ କରି ପାରନ୍ତି। ତାଙ୍କର ମନୋନୀତ ବ୍ୟକ୍ତି ଯଦି ନାବାଳକ ହୋଇଥାନ୍ତି ତାହାହେଲେ ସେ ସେଥିଲାଗି ଜଣେ ଅଭିଭାବକଙ୍କୁ ମଧ୍ୟ ମନୋନୟନ କରି ପାରନ୍ତି। ସେ କ୍ଷେତ୍ରରେ ଅଭିଭାବକ ଜମାକାରୀଙ୍କ ସମସ୍ତ ଟଙ୍କା ନାବାଳକଙ୍କ ତରଫରୁ ପାଇବାକୁ ହକଦାର ହେବେ।

# କେନ୍ଦୁଝର ଜିଲ୍ଲାରେ ସଞ୍ଚୟ ଯୋଜନାର ଅଗ୍ରଗତି

କେନ୍ଦୁଝର ଜିଲ୍ଲାରେ ୧୯୭୦-୭୧ ରେ ସ୍ୱଳ୍ପ ସଞ୍ଚୟ ସୂତ୍ରରେ ଲକ୍ଷ ଟଙ୍କା ସଂଗ୍ରହ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା-ସ୍ଥଳେ ଉକ୍ତ ଜିଲ୍ଲାରେ ଉକ୍ତ ବର୍ଷ ୧୧ ଲକ୍ଷ ୯୯ ହଜାର ଟଙ୍କା ସଂଗୃହୀତ ହୋଇପାରିଛି । ଅର୍ଥାତ୍ ଲକ୍ଷ୍ୟ ଅପେକ୍ଷା ପ୍ରାୟ ୪ ଲକ୍ଷ ଟଙ୍କା ଅଧିକ ସଂଗ୍ରହ କରାଯାଇ ପାରିଛି ।

ବେତନ ପର୍ଯ୍ୟାୟ ସଞ୍ଚୟ ଗୋଷ୍ଠୀ ସଙ୍ଗଠନ କରିବା ଦିଗରେ ମଧ୍ୟ କେନ୍ଦୁଝର ଜିଲ୍ଲା ପ୍ରଶଂସାଜନକ ଭାବରେ ଆଗେଇ ଯାଇଛି । ଜିଲ୍ଲାରେ ଥିବା ମୋଟ ୨୮ ଟି ସଞ୍ଚୟ ଗୋଷ୍ଠୀର ସଭ୍ୟମାନେ ୧୯୬୯-୭୦ ରେ ମାସିକ ୪୩,୬୨୦ ଟଙ୍କା ଜମା ଦେଉଥିବା ସ୍ଥଳେ ୧୯୭୦-୭୧ ରେ ମାସିକ ୫୬,୪୫୦ ଟଙ୍କା ଜମା ଦେଉଛନ୍ତି । ଉକ୍ତ ୨୮ଟି ସଞ୍ଚୟ ଗୋଷ୍ଠୀ ମଧ୍ୟରୁ ବୋଲାଣି ଲୁହାଖଣି କମ୍ପାନୀରେ ସଙ୍ଗଠିତ ହୋଇଥିବା ସଞ୍ଚୟ ଗୋଷ୍ଠୀ ଖୁବ୍ ଆଗୁଆ ହୋଇ ପାରିଛି । ଏହି କମ୍ପାନୀର ୧,୦୬୪ ଜଣ କର୍ମଚାରୀ ଓ ଶ୍ରମିକ ମୋଟ ୧,୧୪୪ ଟି ସି.ଟି. ଡ଼ି. ଏକାଉଣ୍ଟ ଖୋଲିଛନ୍ତି ଏବଂ ଏହି ଏକାଉଣ୍ଟଗୁଡ଼ିକରେ ମାସିକ ୨୩,୩୧୦ ଟଙ୍କା ଜମା ଦେଉଛନ୍ତି ।

ଏହି ଜିଲ୍ଲାରେ ପୋଷ୍ଟ ଅଫିସ ସେଭିଂସ ବ୍ୟାଙ୍କ୍ ଦିନୁଦିନ ଅଧିକ ଲୋକପ୍ରିୟ ହେଉଛି । ୧୯୬୯-୭୦ ରେ ପୋଷ୍ଟ ଅଫିସ ସେଭିଂସ୍ ବ୍ୟାଙ୍କରେ ମୋଟ ସଂଚିତ ଅର୍ଥ ପରିମାଣ ଟ ୨,୨୩,୦୦୦ ହୋଇଥିବା ସ୍ଥଳେ ୧୯୭୦-୭୧ ରେ ଏହା ଟ ୫,୧୫,୭୧୧ରୁ ବୃଦ୍ଧି ପାଇଛି ।

୧୯୭୧-୭୨ ପାଇଁ ଉକ୍ତ ଜିଲ୍ଲାରେ ସ୍ୱଳ୍ପ ସଞ୍ଚୟ ଜରିଆରେ ୧୪ ଲକ୍ଷ ଟଙ୍କା ସଂଗ୍ରହ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ୧୯୭୧ ଜୁଲାଇ ମାସ ଶେଷ ସୁଦ୍ଧା ଜିଲ୍ଲାରେ ଟ ୬,୧୯,୨୧୬ ଙ୍କା ସଂଗୃହୀତ ହୋଇଛି । ଆଶା କରାଯାଉଛି ସ୍ଥାନୀୟ ଜନସାଧାରଣ ଓ ସରକାରୀ କର୍ମଚାରୀଙ୍କ ସାହାଯ୍ୟ ସହଯୋଗରେ ଜିଲ୍ଲା ପାଇଁ ଧାର୍ଯ୍ୟ କରାଯାଇଥିବା ଲକ୍ଷ୍ୟ ହାସଲ କରାଯାଇ ପାରିବ ।

### ସ୍ୱଳ୍ପ ସଞ୍ଚୟକାରୀ ବ୍ୟାଙ୍କ

| | |
|---|---|
| ଭାରତରେ ମୋଟ ଡାକଘର ସଞ୍ଚୟ ବ୍ୟାଙ୍କ ସଂଖ୍ୟା .. | ୯୬,୦୦୦ |
| ୧୯୭୧ ମସିହା ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ସଞ୍ଚୟ ଏକାଉଣ୍ଟର ସଂଖ୍ୟା (୧୯୭୦–୭୧ରେ ୨୬.୬୮ ଲକ୍ଷ ନୂଆ.. ଏକାଉଣ୍ଟ ସମେତ) । | ୨,୬୮,୩୨,୦୦୦ |

# ଓଡ଼ିଶାରେ ସଞ୍ଚୟ ଯୋଜନାର ଅଗ୍ରଗତି

୧୯୭୧-୭୨ ମସିହାରେ ଓଡ଼ିଶାରେ ୪୫୩ ଲକ୍ଷ ଟଙ୍କା ସ୍ୱଳ୍ପ ସଞ୍ଚୟ ସୂତ୍ରରେ ସଂଗ୍ରହ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ରାଜ୍ୟର ହେଡ୍ ପୋଷ୍ଟ ଅଫିସ ଓ ଜିଲାପାଳମାନଙ୍କଠାରୁ ମିଳିଥିବା ରିପୋର୍ଟରୁ ଜଣା ପଡ଼ିଛି ଯେ ଚଳିତ ଆର୍ଥିକ ବର୍ଷ ଅଗଷ୍ଟ ମାସ ଶେଷ ସୁଦ୍ଧା ରାଜ୍ୟରେ ନିଟ୍ ମୋଟ ଟ ୧,୮୨,୮୮୨ ଙ୍କା ସଂଗୃହୀତ ହୋଇଛି । ଗତବର୍ଷର ଅଗଷ୍ଟ ମାସ ଶେଷ ସୁଦ୍ଧା ଟ ୧,୫୩,୩୮,୬୬୧ ଙ୍କା ସଂଗୃହୀତ ହୋଇଥିବା ସ୍ଥଳେ ଚଳିତ ବର୍ଷର ଉକ୍ତ ସମୟ ମଧ୍ୟରେ ଟ ୧,୭୦,୯୭,୮୮୨ ଙ୍କା ସଂଗୃହୀତ ହୋଇଥିବା ଉତ୍ସାହଜନକ । ଗଞ୍ଜାମ ଓ ଫୁଲବାଣୀ ଜିଲ୍ଲାରୁ ସଂଗୃହୀତ ପରିମାଣ କେତେ ତାହା ଏପର୍ଯ୍ୟନ୍ତ ଜଣା ପଡ଼ିନାହିଁ, ତା ଛଡ଼ା ଆଉ କେତେକ ଜିଲାରୁ ସଂପୂର୍ଣ୍ଣ ରିପୋର୍ଟ ମିଳି ନାହିଁ । ସବୁ ଜିଲାର ସଂପୂର୍ଣ୍ଣ ରିପୋର୍ଟ ମିଳିଲେ ସଂଗୃହୀତ ପରିମାଣ ଯେ ଟ ୨,୦୦,୦୦,୦୦୦ ରୁ ଊର୍ଦ୍ଧ୍ୱ ହେବ ଏଥିରେ ସନ୍ଦେହ ନାହିଁ ।

ନିମ୍ନରେ ପାଠକମାନଙ୍କ ଗୋଚରାର୍ଥେ ଅଗଷ୍ଟମାସ ଶେଷ ସୁଦ୍ଧା ଗତ ଆର୍ଥିକ ବର୍ଷର ସଂଗୃହୀତ ପରିମାଣ ଓ ଚଳିତ ଆର୍ଥିକ ବର୍ଷର ସଂଗୃହୀତ ପରିମାଣ ଜିଲାଓ୍ୱାରୀ ପ୍ରଦତ୍ତ ହେଲା ।—

| ଜିଲାର ନାମ (୧) | | ୧୯୭୦—୭୧ରେ ଧାର୍ଯ୍ୟ ଲକ୍ଷ୍ୟ (ଲକ୍ଷ ଟଙ୍କା) (୨) | ଅଗଷ୍ଟ ଶେଷ ସୁଦ୍ଧା ଗତ ଆର୍ଥିକବର୍ଷର ସଂଗୃହୀତ ପରିମାଣ (ଟଙ୍କା) (୩) | ୧୯୭୧—୭୨ରେ ଧାର୍ଯ୍ୟ ଲକ୍ଷ୍ୟ (ଲକ୍ଷ ଟଙ୍କା) (୪) | ଅଗଷ୍ଟ ଶେଷସୁଦ୍ଧା ଚଳିତ ଆର୍ଥିକ ବର୍ଷର ସଂଗୃହୀତ ପରିମାଣ (ଟଙ୍କା) (୫) |
|---|---|---|---|---|---|
| କଟକ | .. | ୩୦ | ୨୦,୧୯,୨୨୯ | ୪୮ | ୧୮,୫୬,୨୧୪ ଯାଜପୁର ହେ: ପୋ: ବ୍ୟତୀତ |
| ପୁରୀ | .. | ୧୬ | ୧୩,୫୩,୦୮୬ | ୨୬ | ୧୧,୧୨,୬୮୯ ପୁରୀ ହେ: ପୋ: ବ୍ୟତୀତ |
| ବାଲେଶ୍ୱର | .. | ୧୨ | ୫,୭୩,୪୩୦ | ୧୨ | ୧୩,୯୨,୦୨୬ |
| ମୟୂରଭଞ୍ଜ | .. | ୭ | ୬,୨୫,୯୭୩ | ୭ | ୯,୩୩,୩୪୯ |
| ସମ୍ବଲପୁର | .. | ୬୦ | ୨୧,୫୯,୫୦୪ | ୪୭ | ୧୦,୨୫,୩୦୮ (ଜୁନ ପର୍ଯ୍ୟନ୍ତ) |
| ସୁନ୍ଦରଗଡ଼ | .. | ୧୫୦ | ୨୬,୫୨,୯୬୮ | ୧୮୫ | ୬୦,୮୦,୦୩୩ (ଜୁଲାଇ ପର୍ଯ୍ୟନ୍ତ) |
| ବଲାଙ୍ଗିର | .. | ୨୯ | ୨,୫୫,୦୨୫ | ୧୫ | (–)୩,୨୪,୫୯୧ |
| କେନ୍ଦୁଝର | .. | ୮ | ୬,୭୬,୩୮୪ | ୧୪ | ୭,୭୪,୨୧୮ |
| ଢେଙ୍କାନାଳ | .. | ୧୪ | ୮,୦୪,୦୪୫ | ୧୨ | ୯,୨୧,୧୮୯ |
| ଗଞ୍ଜାମ | .. | ୨୮ | ୧୭,୨୬,୯୦୪ | ୩୦ | (ମିଳିନାହିଁ) |
| ଫୁଲବାଣୀ | .. | ୧୦ | ୩,୯୭,୧୨୪ | ୧୦ | (ମିଳିନାହିଁ) |
| କୋରାପୁଟ | .. | ୨୯ | ୧୦,୪୧,୬୧୬ | ୩୨ | ୧୦,୯୮,୭୩୨ |
| କଳାହାଣ୍ଡି | .. | ୭ | ୯,୫୩,୩୩୩ | ୧୫ | ୧୨,୨୮,୧୪୦ |
| ମୋଟ | .. | ୪,୦୦ | ୧,୫୩,୩୮,୬୬୧ | ୪,୫୩ | ୧,୭୦,୯୭,୮୮୨ |

# ସମ୍ବାଦପତ୍ର ସମ୍ପାଦକୀୟରୁ

ଦେବୀ ସକଳ ହୃଦୟରେ ବାସ କରନ୍ତି। ମଙ୍ଗଳ, ଶୁଭ ଓ ଅଭିଳଷିତ ଫଳ ଦାନ କରନ୍ତି। ସେଥିପାଇଁ ତାଙ୍କୁ ସର୍ବମଙ୍ଗଳା କୁହାଯାଏ। ସେ ଭକ୍ତମାନଙ୍କୁ ଶୋଭନ ଅର୍ଥାତ୍ ଶ୍ରେଷ୍ଠ ଫଳ ଦାନ କରନ୍ତି। ଭକ୍ତମାନଙ୍କର ଦୁଃଖ ନିବାରଣ କରନ୍ତି। ସେଥିପାଇଁ ତାଙ୍କର ନାମ ମଙ୍ଗଳ୍ୟା। ଶିବ ଶବ୍ଦର ଅର୍ଥ ମୁକ୍ତି। ଯେହେତୁ ଦେବୀ ଯୋଗୀମାନଙ୍କର ମୋକ୍ଷଦାୟିକା ଏବଂ ସେହି ମୋକ୍ଷ ପ୍ରାପ୍ତି ପାଇଁ ତାଙ୍କର ଆରାଧନା କରାଯାଏ, ତେଣୁ ସେ ଶିବା।

—ସମାଜ

* * * * *

ଯେ ପର୍ଯ୍ୟନ୍ତ ମାନବ ସମାଜରୁ ହିଂସା, ଦ୍ୱେଷ, କୂଟ କପଟ ଓ ଶଠତା, ସର୍ବୋପରି ଅଧର୍ମର ଦୂରୀକରଣ ନ ହେବ, ସେ ପର୍ଯ୍ୟନ୍ତ କୌଣସି ପ୍ରତିକାର ବୋଧ ହୁଏ ସମ୍ଭବ ନୁହେଁ। କେହି ବିଶ୍ୱାସ କରନ୍ତୁ ବା ନ କରନ୍ତୁ ଯେପରି ମନେ ହୁଏ, ଦେଶ ବିଦେଶ ସବୁଆଡ଼େ ଅଧର୍ମର ପ୍ରସାର ଫଳରେ ଖଣ୍ଡ ପ୍ରଳୟ ସଂଘଟିତ ହେଉଛି ଏବଂ ମନୁଷ୍ୟ ସତର୍କ ନ ହେଲେ ପୂର୍ଣ୍ଣ ପ୍ରଳୟ ସଂଘଟିତ ହେବ।

—ସମାଜ

* * * * *

ବର୍ଷା ଓ ବନ୍ୟା ଏ ଦେଶର ଦରିଦ୍ରତା ପ୍ରସ୍ତୁତିରେ ଏକ ମୁଖ୍ୟ ଅଂଶ ଗ୍ରହଣ କରି ଆସିଛି। ନଦୀ ମାତୃକା ରାଜ୍ୟ ଏହି ଓଡ଼ିଶା ନଦୀଗୁଡ଼ିକର ଜଳ ଯୋଗାଣ ପାଇଁ ଯେତିକି ଉପକୃତ ନଦୀଗୁଡ଼ିକର କୂଳ ଲଂଘନକାରୀ ପ୍ଲାବନ ପାଇଁ ସେତିକି ନିର୍ଯ୍ୟାତିତ।

—କଳିଙ୍ଗ

* * * * *

ମହିଷାମର୍ଦ୍ଦିନୀ ଦୁର୍ଗା ଭାରତୀୟ ପ୍ରତୀକବାଦର ଏକ ଅଭିନବ ପରିକଳ୍ପନା। ଦୁର୍ବିନୀତ ସ୍ୱୈରାଚାରୀ ପଶୁ ଶକ୍ତିର ନିଧନ ପାଇଁ ଜାଗ୍ରତ ଜନଶକ୍ତିର ସେ ହିଁ ଆଦ୍ୟାଶକ୍ତି। ମୌସୁମୀର ପ୍ରବଳ ଘନଘଟା, ଝଡ଼ା ଓ ପ୍ଲାବନ ମଧ୍ୟରୁ ଶାରଦୀୟା ଶସ୍ୟ ଲକ୍ଷ୍ମୀଙ୍କର ଅଭ୍ୟୁଦୟର ଭାବନା କୃଷି-ପ୍ରଧାନ ସଂସ୍କୃତିର ଏହି ପ୍ରତୀକ ମଧ୍ୟରେ ସୂଚିତ ହୋଇ ପାରିଥାଏ।

—କଳିଙ୍ଗ

* * * * *

ଭାରତ ଭଳି ଦେଶର ଯୁବ ଗୋଷ୍ଠୀ ପ୍ରତିକ୍ରିୟାଶୀଳ ସମାଜ ବ୍ୟବସ୍ଥା ତଥା ଦାରିଦ୍ର୍ୟର ପୀଡ଼ନରୁ ମୁକ୍ତ ହେବା ପାଇଁ ବ୍ୟଗ୍ର ହୋଇ ଉଠିଥିଲାବେଳେ ଆଜନ୍ମରୁ ଭୋଗ-ବିଳାସରେ ବଢ଼ି ଆସିଥିବା କୁବେର ପୁରୀ ଆମେରିକାର ଯୁବ-ସମାଜ ଐଶ୍ୱର୍ଯ୍ୟର ଔଦ୍ଧତ୍ୟକୁ ଆଉ ବରଦାସ୍ତ କରିବାକୁ ଚାହାନ୍ତି ନାହିଁ। ମୋଟାମୋଟି କହିବାକୁ ଗଲେ ବିଶ୍ୱ-ବ୍ୟାପୀ ଯୁବ-ମାନସ ମାନବତାର ଭିତ୍ତି ଉପରେ ସାମାଜିକ ସମନ୍ୱୟ ସାଧନା ପ୍ରତି ଆକୃଷ୍ଟ ହେଉଛନ୍ତି। ଏହା ବାସ୍ତବରେ ଏକ ଶୁଭ ସୂଚନା।

—ପ୍ରଜାତନ୍ତ୍ର

## MOST POPULAR PROGRESSIVE NATIONAL DAILY

( in Oriya )

THE KALINGA

Members of the I. & E. N. S., I. L. N. A. AINES
A. B. C. membership being revived
Best medium for advertising
published from
CUTTACK

*By*

# THE KALINGA PUBLICATIONS

Equipped with up-to-date Press Machineries
Famous for fine workmanship

ANAND BHAWAN
TULSIPUR, CUTTACK-8

Gram : KALTIMES

Phone : 401

*Editor :*
SURENDRA MOHANTY, M. P.

*Manager :*
RANGADHAR BISWAL

# ଦ୍ୱିତୀୟ ଅପରାଧ ନିବାରଣ ସପ୍ତାହ-୧୯୭୧

## ରାଜ୍ୟ ସମନ୍ୱୟ ସମିତି

### ସଭାପତି

ଶ୍ରୀ ବ୍ରଜବିହାରୀ ମିଶ୍ର, ଆଇ: ପି:, ଆଇ,-ଜି, ପୋଲିସ, ଓଡ଼ିଶା, କଟକ

### ଉପସଭାପତି

ଶ୍ରୀ କେ: ଧର୍ମରାଜ, ଆଇ: ପି: ଏସ:, ଡି: ଆଇ: ଜି:, ସି: ଆଇ: ଡି: ଓ ରେଳବାଇ ବିଭାଗ, ଓଡ଼ିଶା, କଟକ

### ସମ୍ପାଦକ

ଶ୍ରୀ ଦୁର୍ଗାମାଧବ ମିଶ୍ର, ଆଇ: ପି: ଏସ୍:, ଏସ୍: ପି:, ସି: ଆଇ: ଡି:, କ୍ରାଇମ୍ ବ୍ରାଞ୍ଚ, ଓଡ଼ିଶା, କଟକ

### ସଦସ୍ୟ ମଣ୍ଡଳୀ

(୧) ଶ୍ରୀମତୀ ପ୍ରଭାମୟୀ ଦେବୀ, ସଭାନେତ୍ରୀ, ସାମାଜିକ ନୈତିକ ସ୍ୱାସ୍ଥ୍ୟ ସଂସ୍ଥା, କଟକ ।

(୨) ଶ୍ରୀମତୀ ପଦ୍ମାଳୟା ଦାଶ, ସଂପାଦିକା, ଓଡ଼ିଶା ନାରୀ ସେବା ସଂଘ, କଟକ ।

(୩) ଶ୍ରୀ ବିପିନବିହାରୀ ରଥ, ଆଇ: ଏ: ଏସ୍:, ସେକ୍ରେଟାରୀ, ଘରୋଇ ବିଭାଗ, ଭୁବନେଶ୍ୱର ।

(୪) ଶ୍ରୀ ରମେନ୍ଦ୍ରନାଥ ଦାସ, ଷ୍ଟେସନ ଡାଇରେକ୍ଟର, ଆକାଶବାଣୀ, କଟକ ।

(୫) ଡା: ନଟବର ମହାନ୍ତି, ଆଇ: ଜି: ପ୍ରିଜନ୍ସ୍, ଭୁବନେଶ୍ୱର ।

(୬) ଶ୍ରୀ ଦୟାନିଧି ଚୌଧୁରୀ, ଜଙ୍ଗଲ ବିଭାଗ ଚିଫ୍ କନ୍ସରଭେଟର୍, ଓଡ଼ିଶା, କଟକ ।

(୭) ଶ୍ରୀ ଦେବୀ ପ୍ରସାଦ ଦାସ, ଆଇ: ଏ: ଏସ୍: କମିଶନର, ଅବକାରୀ ବିଭାଗ, ଓଡ଼ିଶା, କଟକ ।

(୮) ଶ୍ରୀ ପୂର୍ଣ୍ଣଚନ୍ଦ୍ର ହୋତା, ଆଇ: ଏ: ଏସ୍:, ଡାଇରେକ୍ଟର, ପବ୍ଲିକ୍ ରିଲେସନ୍ସ, ଭୁବନେଶ୍ୱର ।

(୯) ଶ୍ରୀ ବିଧୁଭୂଷଣ ଦାସ, ଡି: ପି: ଆଇ:, ଭୁବନେଶ୍ୱର ।

(୧୦) ଡା: ମଦନମୋହନ ପ୍ରଧାନ, ସ୍ୱାସ୍ଥ୍ୟ ବିଭାଗ ଡାଇରେକ୍ଟର, ଭୁବନେଶ୍ୱର ।

(୧୧) ଶ୍ରୀ ଏସ୍: ମମ୍ତାଜ୍ ଅଲି, ଚିଫ୍ ଇଞ୍ଜିନିୟର, ପୂର୍ତ୍ତ ବିଭାଗ, ଭୁବନେଶ୍ୱର ।

(୧୨) ଶ୍ରୀ ଗୋପାଳ ଚନ୍ଦ୍ର ସେନଗୁପ୍ତ, ଡାଇରେକ୍ଟର, କୃଷି ବିଭାଗ, ଭୁବନେଶ୍ୱର ।

(୧୩) ଶ୍ରୀ ଏମ୍: କେ: ଦୀନଦୟାଳନ୍, ପି: ଏମ୍: ଜି:, ଭୁବନେଶ୍ୱର

(୧୪) ଶ୍ରୀ ଅମୃତ ଲଲ ନାୟାର, ଆଇ: ଏ: ଏସ୍:, ସଭାପତି, ଓଡ଼ିଶା ଖଣି କରପୋରେସନ, ଭୁବନେଶ୍ୱର ।

(୧୫) ଶ୍ରୀ କେ: ଶ୍ରୀନିବାସନ୍, ଆଇ: ଏ: ଏସ୍:, ଅଧ୍ୟକ୍ଷ, ପାରାଦୀପ ବନ୍ଦର ଟ୍ରଷ୍ଟ, ପାରାଦୀପ

ଯୁଗ ଯୁଗ ଧରି ହିନ୍ଦୁ ଜଗତରେ ଶକ୍ତି ଉପାସନାର ପରମ୍ପରା ଏ ଦେଶରେ ପ୍ରଚଳିତ ହୋଇ ଆସିଛି । ଭାରତୀୟ ସଂସ୍କୃତିରେ ଏହାର ସ୍ଥାନ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ । ଆସୁରୀ ଶକ୍ତି ଉପରେ ଆଧ୍ୟାତ୍ମିକ ଶକ୍ତିର ବିଜୟ ହିଁ ବିଜୟା ଦଶମୀ ବା ଦଶହରା ଉତ୍ସବର ବୈଶିଷ୍ଟ୍ୟ । ଆମ ହୃଦୟର ସମସ୍ତ ଅଶୁଭତା, ଦୁର୍ଗୁଣ ଓ ବିଦ୍ୱେଷର ବିଲୋପ ସାଧନ ନିମିତ୍ତ ଶକ୍ତି ଉପାସନାର ଧାରା ଆବହମାନ କାଳରୁ ଚାଲି ଆସିଛି ।

—ପ୍ରଜାତନ୍ତ୍ର

* * * * *

ମନୁଷ୍ୟର ଅନ୍ତର ଭିତରେ ଯେଉଁ ଦେବାସୁର-ଯୁଦ୍ଧ ଲାଗି ରହିଛି, ସମାଜରେ ମଧ୍ୟ ତାର ପ୍ରତିଫଳନ ଦେଖା ଦେଉଛି । ସମାଜର ଦୁର୍ନୀତି, ଶଠତା, ହିଂସାଚରଣ ମନୁଷ୍ୟର କୁତ୍ସିତ ବାସନାର ସାମାଜିକ ପରିପ୍ରକାଶ ମାତ୍ର, ଯୁଗେ ଯୁଗେ ଏହା ମନୁଷ୍ୟ ସମାଜକୁ ତଳକୁ ଟାଣି ଆଣିଛି । ଏହି କୁତ୍ସିତ ଶକ୍ତିଗୁଡ଼ିକୁ ଲୋପ କରିବାକୁ ହେଲେ ଉନ୍ନତର ଗୁଣଗୁଡ଼ିକର ଏବଂ ସେହି ଗୁଣର ପ୍ରତିନିଧିତ୍ୱ କରିଥିବା ଶକ୍ତିଗୁଡ଼ିକ ଏକତ୍ର ସଂଘବଦ୍ଧ ହେବା ଆବଶ୍ୟକ ।

—ସ୍ୱରାଜ୍ୟ

* * * * *

ମନୁଷ୍ୟର ସମସ୍ତ କର୍ମପ୍ରେରଣା, ଦିଗ୍‌ଦର୍ଶନ, ଚିନ୍ତାର ଧାରାକୁ ଉଚ୍ଚ ନୈତିକତା ଏବଂ ଆଦର୍ଶ ଚରିତ୍ର ସର୍ବାଧିକ ପ୍ରଭାବିତ କରେ । ସେଭଳି ଚରିତ୍ର ଗଠନ ପାଇଁ ଆମ ଦେଶରେ କୌଣସି କାର୍ଯ୍ୟର ଅୟମାରମ୍ଭ ବି ହୋଇ ନାହିଁ । କେବଳ ପ୍ରକୃତିଗତ ଓ ବଂଶାନୁଗତ ଚରିତ୍ରକୁ ପୁଞ୍ଜି କରି ଏ ଜାତିର ଲୋକେ କେତେ ଦିନ ଚଳିବେ ?

—ସ୍ୱରାଜ୍ୟ

* * * * *

ଆଜି ସେଇ ଅତୀତ ଇତିବୃତ୍ତି ସ୍ମରଣ ପାଳନ ମୁହୂର୍ତ୍ତ 'ପର୍ବ ପାର୍ବଣ' ଆସିଛି । ଚତୁର୍ଦ୍ଦିଗରେ ଦେବୀ ଦୁର୍ଗାଙ୍କ ପୂଜା, ଆରାଧନା, × × × କିନ୍ତୁ, ସମାଜ ଜୀବନରେ ଦୁର୍ଗତି, ଦୁର୍ମତି ଓ ଦୁରାଗ୍ରହର ପ୍ରଭୁତ୍ୱ ଚାଲିଛି । ଚାରିଆଡ଼େ ହତାଶା, ନିରାଶା, ହତୋତ୍ସାହ, ଗ୍ଲାନି, ଆଗାମୀ ଜୀବନ ପାଇଁ ନବ ଦିଗନ୍ତ ବାଛି ଦେବାକୁ ଏ ସମାଜର ପୁରୋଭାଗରେ ଆସୀନ ଯୁବ ସମାଜ ଆଜି ପନ୍ଥା ଖୋଜୁଛି ।

—ମାତୃଭୂମି

* * * * *

ଛାତ୍ର ବା ଶିଷ୍ୟ ଏବଂ ଗୁରୁ ବା ଅଧ୍ୟାପକଙ୍କ ମଧ୍ୟରେ ପବିତ୍ର ଓ ସଂଯତ ସମ୍ପର୍କ ନ ରହିଲେ ଗୁରୁ ଗୌରବ ଓ ଛାତ୍ର-ଚରିତ୍ର ମଳୀମସ ହେବା ସ୍ୱାଭାବିକ । ଉଭୟ ଚରିତ୍ର ନିଜ ନିଜ ସୀମା, ସଂଯମ, ଶୃଙ୍ଖଳା, ବିଚାରଣା ଓ ଆଦର୍ଶବୋଧ ଭିତରେ ଗଢ଼ି ନ ଉଠିଲେ ସମାଜ ଜୀବନର ଶୃଙ୍ଖଳା ବିଡ଼ମ୍ବନ-ସର୍ବସ୍ୱ ହେବ ।

—ମାତୃଭୂମି—

## ଉଦ୍‌ଘାଟନ ଉପ-ସମିତି

(୧) ଶ୍ରୀ ଜେ: ଧର୍ମରାଜ: ଆଇ:, ପି: ଏସ୍: ଆବାହକ

(୨) ଶ୍ରୀ ଦୟାନିଧି ଚୌଧୁରୀ, ଆଇ: ଏଫ୍: ଏସ୍:

(୩) ଶ୍ରୀ ଦେବୀ ପ୍ରସାଦ ଦାସ, ଆଇ: ଏ: ଏସ୍:

(୪) ଶ୍ରୀ ପୂର୍ଣ୍ଣଚନ୍ଦ୍ର ହୋତା, ଆଇ: ଏ: ଏସ୍:

(୫) ଡା: ନଟବର ମହାନ୍ତି

(୬) ଶ୍ରୀ ଅମୀୟ ଭୂଷଣ ତ୍ରିପାଠୀ, ଆଇ: ପି: ଏସ୍:
କମାଣ୍ଡାଣ୍ଟ, ଓ: ଏମ୍: ପି:, କଟକ

## ପ୍ରଚାର ଉପ-ସମିତି

(୧) ଶ୍ରୀ ରବିନାରାୟଣ ମହାପାତ୍ର, ଆଇ: ପି: ଏସ୍: ଆବାହକ

(୨) ଶ୍ରୀ ରବିନାରାୟଣ ଦାସ, ଯୁଗ୍ମ ଆବାହକ

(୩) ଶ୍ରୀ ପୂର୍ଣ୍ଣଚନ୍ଦ୍ର ହୋତା, ଆଇ: ଏ: ଏସ୍:

(୪) ଶ୍ରୀ ଧ୍ରୁବ ଚରଣ ମିଶ୍ର, କ୍ଷେତ୍ର ପ୍ରଦର୍ଶନୀ ଅଧିକାରୀ, ଭାରତ ସରକାର

(୫) ଶ୍ରୀ ସଚ୍ଚିଦାନନ୍ଦ ପଟ୍ଟନାୟକ, ଆଞ୍ଚଳିକ ଅଧିକାରୀ, ଭାରତ ସରକାର

(୬) ଶ୍ରୀ ମିହିର କୁମାର ରାଓ, ସୂଚନା ଅଧିକାରୀ, ଭାରତ ସରକାର

(୭) ଶ୍ରୀ ଆର: ଏନ୍: ଦାସ (ଆକାଶବାଣୀ)

(୮) ଶ୍ରୀ ହୃଦାନନ୍ଦ ମହାପାତ୍ର, ଜିଲ୍ଲା ଲୋକସମ୍ପର୍କ ଅଧିକାରୀ, କଟକ

## ପ୍ରଦର୍ଶନୀ ଉପ-ସମିତି

(୧) ଶ୍ରୀ ବ୍ରଜବିହାରୀ ମିଶ୍ର, ଆଇ: ପି:, ଆବାହକ

(୨) ଶ୍ରୀ ଏ: ହଫିଜ୍, ଆଇ: ପି: ଏସ୍: ସହକାରୀ ଆବାହକ

(୩) ଶ୍ରୀ ଭୈରବ ଚନ୍ଦ୍ର ମହାନ୍ତି, ଏମ୍: ଏଲ୍: ଏ:

(୧୬) ଶ୍ରୀ ଏସ୍: କେ: ଘଇ, ଆଇ: ଏ: ଏସ୍:, ଶିକ୍ଷା ବିଭାଗ ଡାଇରେକଟର, କଟକ ।

(୧୭) ଶ୍ରୀ ବେଞ୍ଜାମିନ ମହାନ୍ତି, ଡିଭିଜନାଲ ସୁପରିନ୍‌ଟେଣ୍ଡେଣ୍ଟ, ଦକ୍ଷିଣ-ପୂର୍ବ ରେଳବାଇ, ଖୋର୍ଦ୍ଧା ରୋଡ

(୧୮) ଡ: ମହେନ୍ଦ୍ର କୁମାର ରାଉତ, ପ୍ରିନ୍‌ସିପାଲ, ରେଭେନ୍‌ସା କଲେଜ, କଟକ

(୧୯) ଶ୍ରୀ ଏସ୍: କେ: ଘୋଷ, ପ୍ରିନ୍‌ସିପାଲ, ମଧୁସୂଦନ ଆଇନ କଲେଜ, କଟକ

(୨୦) ଡା: ଶିଶିରାଶଙ୍କର ଦାସ ମହାପାତ୍ର, ପ୍ରିନ୍‌ସିପାଲ, ଶ୍ରୀ ରାମଚନ୍ଦ୍ରଭଞ୍ଜ ମେଡ଼ିକାଲ କଲେଜ, କଟକ

(୨୧) ଶ୍ରୀ କେ: ଡି: ଶର୍ମା, ଆଇ: ପି: ଏସ୍:, ମୁଖ୍ୟ ନିରାପତ୍ତା ଅଫିସର, ଦକ୍ଷିଣ-ପୂର୍ବ ରେଳବାଇ, କଲିକତା ।

(୨୨) ଶ୍ରୀ ବି: କେ: ଶର୍ମା, କମାଣ୍ଡାଣ୍ଟ, କେନ୍ଦ୍ର ରିଜର୍ଭ ପୋଲିସ, ଭୁବନେଶ୍ୱର ।

(୨୩) ଶ୍ରୀ ବି: ପି: ଚାଟାର୍ଜି, ଏଜେଣ୍ଟ, ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ, କଟକ

(୨୪) ଶ୍ରୀ ପ୍ୟାରୀମୋହନ ସାମନ୍ତରାୟ, ଆଇ: ଏ: ଏସ୍: ଜିଲ୍ଲା ମାଜିଷ୍ଟ୍ରେଟ୍, କଟକ

(୨୫) ଶ୍ରୀ ଧ୍ରୁବ ଚରଣ ମିଶ୍ର, କ୍ଷେତ୍ର ପ୍ରଚାର ଅଫିସର, ଭୁବନେଶ୍ୱର

(୨୬) ଶ୍ରୀ ସଚ୍ଚିଦାନନ୍ଦ ପଟ୍ଟନାୟକ, ଆଞ୍ଚଳିକ ଅଫିସର, କ୍ଷେତ୍ର ପ୍ରଚାର ସଂସ୍ଥା, ଭୁବନେଶ୍ୱର ।

(୨୭) ଶ୍ରୀ ମିହିର କୁମାର ରାଓ, ଇନ୍‌ଫରମେସନ ଅଫିସର, କଟକ

(୨୮) ଶ୍ରୀ ନନ୍ଦକୃଷ୍ଣ ଦାସ, ସହକାରୀ ଡି: ପି: ଆଇ:, କଟକ

(୨୯) ଡା: କୁମୁଦକାନ୍ତ ପଟ୍ଟନାୟକ, ଡ଼ାଇରେକ୍‌ଟର, ଅପରାଧ ବିଜ୍ଞାନ ପରୀକ୍ଷାଗାର, ଭୁବନେଶ୍ୱର ।

(୩୦) ଶ୍ରୀ ଜି: ଷଡ଼ଙ୍ଗୀ, ଆସିଷ୍ଟାଣ୍ଟ କଲେକ୍‌ଟର, କେନ୍ଦ୍ର ଅବକାରୀ ବିଭାଗ, କଟକ

(୩୧) ଶ୍ରୀ ଭ୍ରମରବର ଜେନା, ଏକ୍‌ଜିକ୍ୟୁଟିଭ୍ ଅଫିସର, କଟକ ମ୍ୟୁନିସିପାଲିଟି ।

(୩୨) ଶ୍ରୀ ରାମକୃଷ୍ଣ ପାଢ଼ୀ, ଆଇ:ପି:, ଆଇ: ଜି:, ଦୁର୍ନୀତି ନିବାରଣ ବିଭାଗ, କଟକ ।

(୩୩) ଶ୍ରୀ ନାରାୟଣ ସ୍ୱଦ ଆଇ: ପି: ଏସ୍:, ଡାଇରେକ୍‌ଟର ରାଜ୍ୟ ପରିବହନ ସଂସ୍ଥା, କଟକ ।

(୩୪) ଶ୍ରୀ ଏଚ୍: ପି: ସିଂହଦେଓ, ଆଇ: ପି: ଏସ୍:, ଡି: ଆଇ: ଜି: ଦୁର୍ନୀତି ନିବାରଣ ବିଭାଗ, କଟକ ।

(୩୫) ଶ୍ରୀ ଦାମୋଦର ହୋତରାୟ, ଆଇ. ପି. ଏସ: ଡି: ଆଇ: ଜି:, ଗୋଇନ୍ଦା ବିଭାଗ, କଟକ ।

(୩୬) ଶ୍ରୀ ଘନଶ୍ୟାମ ଦାସ ଆଇ:ପି:ଏସ:, ଡି:ଆଇ:ଜି:, କେନ୍ଦ୍ରାଞ୍ଚଳ, କଟକ ।

(୩୭) ଶ୍ରୀ ଏ. ହଫିଜ୍ ଆଇ: ପି: ଏସ୍:, ଡି: ଆଇ: ଜି: ମିଲିଟାରୀ ପୋଲିସ ଓ ଟ୍ରେନିଙ୍ଗ, କଟକ ।

(୩୮) ଶ୍ରୀ ଅନନ୍ତ ପ୍ରସାଦ ମହାନ୍ତି, ଡି: ଆଇ: ଜି:, କାରିଗରୀ ବିଭାଗ, କଟକ ।

(୩୯) ଶ୍ରୀ ବିଜୟ କୁମାର ପାଣିଗ୍ରାହୀ, ଆଇ: ପି: ଏସ:, ଏସ: ପି:, ସେଣ୍ଟ୍ରାଲବ୍ରାଞ୍ଚ, କଟକ ।

(୪୦) ଶ୍ରୀ ପି: କେ: ଯୋଶେଫ୍, ଆଇ: ପି: ଏସ:, ଏ: ଆଇ: ଜି:, କଟକ ।

(୪୧) ଶ୍ରୀ ରାଜେନ୍ଦ୍ର ନାରାୟଣ ଦାସ, ଆଇ: ପି: ଏସ:, ଏ: ଆଇ: ଜି:, କଟକ ।

(୪୨) ଶ୍ରୀ ବନବିହାରୀ ପଣ୍ଡା, ଆଇ: ପି: ଏସ:, ଏ: ଆଇ: ଜି:, କଟକ ।

(୪୩) ଶ୍ରୀ ରବିନାରାୟଣ ମହାପାତ୍ର, ଆଇ: ପି: ଏସ:, ଏସ: ପି:, କଟକ ।

(୪୪) ଶ୍ରୀ ବିନାୟକ ମହାପାତ୍ର, ଆଇ: ପି: ଏସ:, ଏସ: ପି:, ସି: ଆଇ: ଡି:, କ୍ରାଇମ ବ୍ରାଞ୍ଚ, କଟକ ।

(୪୫) ଶ୍ରୀ ମହେନ୍ଦ୍ର ସିଂହ, ଫାୟାର ଅଫିସର, କଟକ

(୪୬) ଡା: ସୁଧାକର ବେଉରିଆ, ପୋଲିସ ହସ୍‌ପିଟାଲ, କଟକ

(୪୭) ଶ୍ରୀ ରବିନାରାୟଣ ଦାସ, ପ୍ରଚାର ଅଧିକାରୀ ପୋଲିସ ବିଭାଗ, ଆଇ: ଜି: ଅଫିସ, କଟକ ।

(୪୮) ଶ୍ରୀ ବିଧୁଭୂଷଣ ପରିଡ଼ା, ପୋଲିସ୍ ୱେଲ୍‌ଫେୟାର ଅଫିସର, କଟକ ।

## ପାଠଚକ୍ର ଉପ-ସମିତି

(୧) ଶ୍ରୀ ଦାମୋଦର ଛୋଟରାୟ, ଆଇ: ପି: ଏସ୍:, ଆବାହକ

(୨) ଶ୍ରୀ ଆର: ଏନ୍: ଦାସ (ଆକାଶବାଣୀ)

(୩) ଶ୍ରୀ ଆର୍: ଏନ: ମହାପାତ୍ର, ଆଇ: ପି: ଏସ୍:

(୪) ଶ୍ରୀ ପି: କେ: ସେନାପତି, ଆଇ: ଡି: ଏସ୍:, ଆଡ଼ିସନାଲ ଏସ୍: ପି:, ଭୁବନେଶ୍ୱର

## ଟ୍ରାଫିକ୍ ଉପ-ସମିତି

(୧) ଶ୍ରୀ ନାରାୟଣ ଷଡ଼଼ଙ୍ଗୀ, ଆଇ: ପି: ଏସ୍:, ଆବାହକ

(୨) ଶ୍ରୀ ଅନନ୍ତ ପ୍ରସାଦ ମହାନ୍ତି

(୩) ଶ୍ରୀ ଭ୍ରମରବର ଜେନା

(୪) ଶ୍ରୀ ଗୋଦାବରୀଶ ମିଶ୍ର, ଡି: ଏସ୍: ପି:, କଟକ

## ସାଂସ୍କୃତିକ ଉପ-ସମିତି

(୧) ଶ୍ରୀ ପୂର୍ଣ୍ଣଚନ୍ଦ୍ର ହୋତା, ଆଇ: ଏ: ଏସ୍:, ଆବାହକ

(୨) ଶ୍ରୀ ଅନନ୍ତ ପ୍ରସାଦ ମହାନ୍ତି

(୩) ଡା: ନଟବର ମହାନ୍ତି

(୪) ଶ୍ରୀମତୀ ପ୍ରଭାମୟୀ ଦେବୀ

(୫) ଶ୍ରୀମତୀ ପଦ୍ମାବତୀ ଦାଶ

## କ୍ରୀଡ଼ା-କୌତୁକ ଉପ-ସମିତି

(୧) ଶ୍ରୀ ଘନଶ୍ୟାମ ଦାସ, ଆଇ: ପି: ଏସ୍:, ଆବାହକ

(୨) ଶ୍ରୀ ନନ୍ଦକୃଷ୍ଣ ଦାସ

(୩) ଶ୍ରୀ ବି: ପରିଡ଼ା

(୪) ଶ୍ରୀ ବି: ସି: ପରିଡ଼ା, ପ୍ରିନ୍‌ସିପାଲ୍, ଶାରୀରିକ ଶିକ୍ଷା କଲେଜ, କଟକ

(୫) ଶ୍ରୀ ଏନ : କେ : ଚକ୍ରବର୍ତ୍ତୀ, ସହକାରୀ କମାଣ୍ଡାଣ୍ଟ, ଓ : ଏମ : ପି :, କଟକ

(୪) ଶ୍ରୀ ନବକୃଷ୍ଣ ଦାସ

(୫) ଡା: ନଟବର ମହାନ୍ତି

(୬) ଶ୍ରୀ ଧ୍ରୁବ ଚରଣ ମିଶ୍ର

(୭) ଶ୍ରୀ ମମ୍ତାଜ ଅଲି

(୮) ଶ୍ରୀ ଅମୀୟ ଭୂଷଣ ତ୍ରିପାଠୀ, ଆଇ: ପି: ଏସ୍:

(୯) ଶ୍ରୀ ଭ୍ରମରବର ଜେନା

(୧୦) ଶ୍ରୀ ପୂର୍ଣ୍ଣଚନ୍ଦ୍ର ହୋତା, ଆଇ: ଏ: ଏସ୍:

(୧୧) ଶ୍ରୀ କେ: ଡି: ଶର୍ମା, ଆଇ: ପି: ଏସ୍:

(୧୨) ଶ୍ରୀ ଦୀନଦୟାଳନ୍

(୧୩) ଡା: କୁମୁଦକାନ୍ତ ପଟ୍ଟନାୟକ

(୧୪) ଶ୍ରୀ ଏସ୍: କେ: ରାଇ, ଆଇ: ଏ: ଏସ୍:

(୧୫) ଶ୍ରୀ ଅମୃତଲାଲ ନାୟାର, ଆଇ: ଏ: ଏସ୍:

(୧୬) ଶ୍ରୀ ଦେବୀପ୍ରସାଦ ଦାସ, ଆଇ: ଏ: ଏସ୍:

(୧୭) ଶ୍ରୀମତୀ ବିଦ୍ୟୁତ୍‌ଲତା ମହାନ୍ତି, ମହିଳା ଓ୍ୱେଲଫେୟାର୍ ଅଫିସର, ଆଇ: ଜି: ଅଫିସ, କଟକ

(୧୮) ଶ୍ରୀ ଜି: ସତଙ୍ଗୀ

(୧୯) ଶ୍ରୀ ସି: ଏମ୍: ମିତ୍ର, ସହକାରୀ ନିରାପତ୍ତା ଅଫିସର, ବୋର୍ଡାରୋଡ଼

(୨୦) ଶ୍ରୀ ଡି: ସାମନ୍ତରାୟ, ସରୋଜ ବିଭାଗ

## ସ୍ମରଣିକା ଉପ-ସମିତି

(୧) ଶ୍ରୀ ବିଜୟ କୁମାର ପାଣିଗ୍ରାହୀ, ଆଇ: ପି: ଏସ୍:, ଆବାହକ

(୨) ଶ୍ରୀ ଭୁବନାନନ୍ଦ ମିଶ୍ର, ଆଇ: ପି: ଏସ୍:, ଏ: ଆଇ:-ଜି:, ଦୁର୍ନୀତି ନିବାରଣ ବିଭାଗ, କଟକ

(୩) ଶ୍ରୀ ଉଦୟନାଥ ମିଶ୍ର, ସୁପରିନ୍‌ଟେଣ୍ଡେଣ୍ଟ, ଗଭର୍ଣ୍ଣମେଣ୍ଟ ପ୍ରେସ, କଟକ


(୪) ଶ୍ରୀ ହୃଦାନନ୍ଦ ମହାପାତ୍ର



ବନ୍ୟାଫଳରେ ବସ୍ତା ନିକଟବର୍ତ୍ତୀ କ୍ଷତିଗ୍ରସ୍ତ ବେଣାପୁର ଗ୍ରାମ

## ଚିତ୍ରେ ସମ୍ବାଦ

ବନ୍ୟା ଫଳରେ କଟକ ଜିଲ୍ଲା ନରସିଂହପୁର ଗ୍ରାମରେ ଭାଙ୍ଗିରୁଜି ଯାଇଥିବା ବିଭିନ୍ନ ଘର ମଧ୍ୟରୁ ଗୋଟିଏ ଘରର ଦୃଶ୍ୟ ।



## ଅର୍ଥ ଉପ-ସମିତି

(୧) ଶ୍ରୀ ରାମକୃଷ୍ଣ ପାଢ଼ୀ, ଆଇ : ପି :, ଆବାହକ

(୨) ଶ୍ରୀ ଆର : ଏନ : ଦାସ, ଆଇ : ପି : ଏସ :

(୩) ଶ୍ରୀ ବିନାୟକ ମହାପାତ୍ର, ଆଇ : ପି : ଏସ୍ :

## ଯାନବାହନ ଉପ-ସମିତି

(୧) ଶ୍ରୀ ବି : ବି : ପଣ୍ଡା, ଆଇ : ପି : ଏସ୍:, ଆବାହକ

(୨) ଶ୍ରୀ ଏ : ବି : ତ୍ରିପାଠୀ, ଆଇ : ପି :, ଏସ

(୩) ଶ୍ରୀ ଆର : ଏ : ହଚିନ୍‌ସ, ଏସ୍ : ପି :, ପୋଲିସ ମୋଟର ବିଭାଗ, କଟକ

## ମହିଳା ଉପ-ସମିତି

(୧) ଶ୍ରୀମତୀ ଅନ୍ନପୂର୍ଣ୍ଣା ମିଶ୍ର, ଆବାହିକା

(୨) ଡାକ୍ତର ଜ୍ୟୋତ୍ସ୍ନା ଦେଇ

(୩) ଡାକ୍ତର ବୀଣା ଦେଇ

(୪) ଶ୍ରୀମତୀ ପ୍ରଭାମୟୀ ଦେବୀ

(୫) ଶ୍ରୀମତୀ ଶୈଳରାଣୀ ମିଶ୍ର

(୬) ଶ୍ରୀମତୀ କସ୍ତୁରୀ ଦାସ

(୭) ଶ୍ରୀମତୀ ବୀଣା ପତି

(୮) ଶ୍ରୀମତୀ ଆଶା ମିତ୍ର

(୯) ଶ୍ରୀମତୀ ସ୍ନେହ ପାତ୍ର

(୧୦) ଶ୍ରୀମତୀ ଯଶୋଧାରା ଦାସ

(୧୧) ଶ୍ରୀମତୀ ସୁଧାଂଶୁମାଳୀ ଦେଇ

(୧୨) ଡାକ୍ତର ନିରୁପମା ରଥ

(୧୩) ଶ୍ରୀମତୀ କୁନ୍ତଳା ଆଚାର୍ଯ୍ୟ

(୧୪) ଶ୍ରୀମତୀ ବିଦ୍ୟୁତଲତା ମହାନ୍ତି

(୧୫) ଶ୍ରୀମତୀ ପଦ୍ମାଳୟା ଦାଶ

(୧୬) ଶ୍ରୀମତୀ ଜଗତମୋହିନୀ ସାହୁ



OGP—MP-II [Home (P. R.) 65—10,000—24-9-1971



ପରିତ୍ୟକ୍ତ ନୋଡ଼ା ଗ୍ରାମ । ବନ୍ୟା ଜଳ ଗ୍ରାମ ଭିତରକୁ ପ୍ରବେଶ କରିବା ଫଳରେ ଗ୍ରାମବାସୀମାନେ ଘରଦ୍ୱାର ଛାଡ଼ି ଅନ୍ୟତ୍ର ଆଶ୍ରୟ ନେଇଛନ୍ତି ।

ଚର୍ଚ୍ଚେ ସମ୍ବାଦ

ବନ୍ୟାରେ କ୍ଷତିଗ୍ରସ୍ତ ବାଲେଶ୍ୱର ଜିଲ୍ଲାର ବେଣାପୁର ଗ୍ରାମ







ଗତ ବନ୍ୟାରେ ବହୁସ୍ଥାନରେ ଧାନ ଫସଲ ପୂରାପୂରି ନଷ୍ଟ ହୋଇ ଯାଇଥିଲା । ବଢ଼ି ପାଣି କମିଯିବା ପରେ କୃଷୀମାନେ ପୁନର୍ବାର ଧାନ ଚଳି ରୋଇବାପାଇଁ ଉଦ୍ୟମ କରୁଛନ୍ତି ।

## ଚିତ୍ର-ସମ୍ବାଦ

ବନ୍ୟା ଜଳରେ ଘରଦ୍ୱାର ବୁଡ଼ି ରହିଥିବାରୁ ଗ୍ରାମବାସୀମାନେ ସେମାନଙ୍କର ଗୋରୁଗାଈ ସହ ନଦୀବନ୍ଧ ଉପରେ ଆଶ୍ରୟ ନେଇଛନ୍ତି ।





୧୯୭୧ ସେପ୍ଟେମ୍ବର ୧୦ ତାରିଖ ଦିନ ଭୁବନେଶ୍ୱରଠାରେ ଅନୁଷ୍ଠିତ କୋଠାବାଡ଼ି ନିର୍ମାଣ ସମ୍ପର୍କୀୟ ଜାତୀୟ ମାନ ନିର୍ଦ୍ଧାରଣ ସମ୍ମିଳନୀରେ ଓଡ଼ିଶା ସରକାରଙ୍କ ମୁଖ୍ୟ ଶାସନ ସଚିବ ଶ୍ରୀ ଗୁରୁଚରଣ ଲାଲ ଯୋନେଜା, ଆଇ. ଏ. ଏସ୍. ଭାଷଣ ଦେଉଛନ୍ତି ।

## ଚିତ୍ରେ ସମ୍ବାଦ

କେନ୍ଦ୍ରୀୟ ଧାନ ଗବେଷଣା କେନ୍ଦ୍ର ରୌପ୍ୟ ଜୁବୁଲି ଗତ ୧୯୭୧ ସେପ୍ଟେମ୍ବର ୧୬ ତାରିଖରେ ପାଳିତ ହୋଇଥିଲା । ଚିତ୍ରରେ ଅତିରିକ୍ତ ଉନ୍ନୟନ କମିଶନର ଶ୍ରୀ ଏସ୍. କେ. ରାଓ, ଆଇ. ଏ. ଏସ୍.; ଲୋକସମ୍ପର୍କ ଓ ପର୍ଯ୍ୟଟନ ନିର୍ଦ୍ଦେଶକ ଶ୍ରୀ ପୂର୍ଣ୍ଣଚନ୍ଦ୍ର ହୋତା, ଆଇ. ଏ. ଏସ୍. ଓ କୃଷି ବିଭାଗର ସ୍ପେଶାଲ ସେକ୍ରେଟାରୀ ଶ୍ରୀ କେ. ରାମମୂର୍ତ୍ତୀ, ଆଇ. ଏ. ଏସ୍. ।





ବନ୍ୟା ପରେ ବାଲେଶ୍ୱର ଜିଲ୍ଲାର ବସ୍ତା–ବାଲିଆପାଳ ରାସ୍ତାର ଦୃଶ୍ୟ

## ଶତ୍ରେ ସମ୍ବାଦ

ବାଲେଶ୍ୱର ଜିଲ୍ଲାର ରମ୍ଭାପୁର ଘାଇ





ପଶ୍ଚିମ ବଙ୍ଗର ଏକ ଆଶ୍ରୟପ୍ରାର୍ଥୀ ଶିବିରରେ ପୂର୍ବ ବଙ୍ଗରୁ ଆସିଥିବା ଆଶ୍ରୟପ୍ରାର୍ଥୀ

## ଝଡ଼ ସମ୍ବାଦ

୧୯୭୧ ସେପ୍ଟେମ୍ବର ୧୦ ତାରିଖ ଦିନ ସଚିବାଳୟରେ ଅନୁଷ୍ଠିତ ଏକ ସମ୍ମିଳନୀରେ ରାଜସ୍ୱ ମନ୍ତ୍ରୀ ଶ୍ରୀ ପ୍ରତାପ ଚନ୍ଦ୍ର ମହାନ୍ତି, ବିଭାଗୀୟ ସେକ୍ରେଟାରୀ ଓ ଉଚ୍ଚ ସରକାରୀ କର୍ମଚାରୀମାନଙ୍କ ସହିତ ଚଳିତ ବର୍ଷର ବନ୍ୟାରେ ଘଟିଥିବା କ୍ଷୟକ୍ଷତି ସମ୍ପର୍କରେ ଆଲୋଚନା କରୁଛନ୍ତି ।





ଓଡ଼ିଶା ଗ୍ରାମସେବକ ସଂଘର ବାର୍ଷିକ ଅଧିବେଶନରେ ତା ୧୨-୯-୧୯୭୧ ରିଖ ଦିନ ଭୁବନେଶ୍ୱର ଠାରେ କୃଷିମନ୍ତ୍ରୀ ଶ୍ରୀ ଅନନ୍ତ ନାରାୟଣ ସିଂହଦେଓ ଭାଷଣ ଦେଉଛନ୍ତି ।

## ଚଳନ୍ତି ସମ୍ବାଦ

ଭୁବନେଶ୍ୱର ଠାରେ ତା ୧୧-୯-୧୯୭୧ ରିଖ ଦିନ ଅର୍ଥ ବିଭାଗ ସାଂସ୍କୃତିକ ପରିଷଦ ତରଫରୁ ଅଭିନୀତ ନାଟକ "ମୁଁ ସଇତାନ କହୁଛି", ଲୋକସମ୍ପର୍କ ବିଭାଗ ମନ୍ତ୍ରୀ ଶ୍ରୀ ରାଜେନ୍ଦ୍ର ନାରାୟଣ ସିଂହଦେଓ ଉଦ୍‌ଘାଟନ କରିଥିଲେ । ମୁଖ୍ୟମନ୍ତ୍ରୀଙ୍କ ସାହାଯ୍ୟ ପାଣ୍ଠି ପାଇଁ ଚାନ୍ଦା ସଂଗ୍ରହ ଉଦ୍ଦେଶ୍ୟରେ ଏହି ନାଟକଟି ଅଭିନୀତ ହୋଇଥିଲା ।





ସମ୍ବଲପୁର ସାମ୍ବାଦିକ ସଂଘ ସଦସ୍ୟମାନଙ୍କ ଗହଣରେ ଲୋକସଂପର୍କ ବିଭାଗର ନିର୍ଦ୍ଦେଶକ ଶ୍ରୀ ପୂର୍ଣ୍ଣ ଚନ୍ଦ୍ର ହୋତା । ଶ୍ରୀ ହୋତା ୧୯୭୧ ଅଗଷ୍ଟ ୨୨ ତାରିଖ ଦିନ ସମ୍ବଲପୁର ଠାରେ ସାମ୍ବାଦିକମାନଙ୍କ ସହିତ ସେମାନଙ୍କର ବିଭିନ୍ନ ସମସ୍ୟା ସଂପର୍କରେ ଆଲୋଚନା କରୁଛନ୍ତି ।

## ଚିତ୍ରେ ସମ୍ବାଦ

ପୁନର୍ଗଠିତ ଉତ୍କଳ ପ୍ରସଙ୍ଗ ଓ ଓଡ଼ିଶା ରିଭ୍ୟୁ ପରାମର୍ଶଦାତା ପରିଷଦର ପ୍ରଥମ ବୈଠକ ସେପ୍ଟେମ୍ବର ୬ ତାରିଖ ଦିନ ଭୁବନେଶ୍ୱର ସଚିବାଳୟରେ ଅନୁଷ୍ଠିତ ହୋଇଥିଲା ।

